# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ମାର୍ଚ୍ଚ 2013ରେ ସମାପ୍ତ ବର୍ଷ ପାଇଁ ପ୍ରତିବେଦନ
# ସାଧାରଣ ଏବଂ ସାମାଜିକ କ୍ଷେତ୍ର

## ଭାଗ 2

## ଓଡ଼ିଶା ସରକାର

***ପ୍ରତିବେଦନ ସଂଖ୍ୟା 5 ବର୍ଷ 2014***

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

ମାର୍ଚ୍ଚ **2013** ରେ ସମାପ୍ତ ବର୍ଷ ପାଇଁ ପ୍ରତିବେଦନ

ସାଧାରଣ ଏବଂ ସାମାଜିକ କ୍ଷେତ୍ର

ଭାଗ **2**

ଓଡ଼ିଶା ସରକାର

*ପ୍ରତିବେଦନ ସଂଖ୍ୟା 5 ବର୍ଷ 2014*

# ସୂଚୀପତ୍ର


| | | *ପ୍ରସଙ୍ଗ ସୂଚନା* | |
|---|---|---|---|
| | | *ଅନୁଚ୍ଛେଦ* | *ପୃଷ୍ଠା* |
| *ମୁଖବନ୍ଧ* | | | *iii* |
| **ଅଧ୍ୟାୟ 1 : ଉପକ୍ରମ** | | | |
| ଉପକ୍ରମ | | 1 | 1-5 |
| **ଅଧ୍ୟାୟ 2 : ସଂପାଦନ ସମୀକ୍ଷା** | | | |
| **ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ** | | | |
| ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା | | 2 | 7-43 |
| **ଅଧ୍ୟାୟ 3 : ଅନୁପାଳନ ସମୀକ୍ଷା** | | | |
| **ଉଚ୍ଚଶିକ୍ଷା ବିଭାଗ** | | | |
| ରାଜ୍ୟରେ ସ୍ୱୟଂ ଆର୍ଥିକ ପୋଷଣ ପାଠ୍ୟକ୍ରମର ପରିଚାଳନା | | 3.1 | 45-68 |
| **ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ** | | | |
| ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ଗର୍ଭ ନିରୂପଣ ପ୍ରଯୁକ୍ତ କୌଶଳ(ଲିଙ୍ଗ ପରୀକ୍ଷା ନିଷେଧ) ଅଧିନିୟମ 1994 ଅନ୍ତର୍ଗତ ବ୍ୟବସ୍ଥାର ଅନୁପାଳନ | | 3.2 | 69-84 |
| **ଉଚ୍ଚ ଶିକ୍ଷା ବିଭାଗ** | | | |
| ରାଜ୍ୟର ତିନୋଟି ବିଶ୍ୱବିଦ୍ୟାଳୟରେ ଇ-ଶାସନ ପ୍ରକଳ୍ପ | | 3.3 | 85-91 |
| **ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ** | | | |
| ଅନୁସୂଚିତ କ୍ଷେତ୍ରରେ ଥିବା ଅନୁସୂଚିତ ଜାତିମାନଙ୍କର ଆୟ ଉପାର୍ଜନ | | 3.4 | 92-98 |
| **ଅର୍ଥ ବିଭାଗ** | | | |
| ଅଡିଟ୍‌କୁ ପ୍ରତିଜବାବ ପ୍ରଦାନରେ ହେଳା | | 3.5 | 99-105 |
| **ପରିଶିଷ୍ଟ** | | | |
| ପରିଶିଷ୍ଟ ସଂଖ୍ୟା | *ବିଷୟ* | *ପ୍ରସଙ୍ଗ ସୂଚନା* | |
| | | *ଅନୁଚ୍ଛେଦ* | *ପୃଷ୍ଠା* |
| 2.1.1 | 2007-2013 ମଧ୍ୟରେ ବୃହତ୍ ବିପର୍ଯ୍ୟୟର ବିଶଦ ବିବରଣ | 2.1.2 | 107 |
| 2.1.2 | ସିଆରଏଫ/ଏସଡିଆରଏଫ୍ ରୁ ବ୍ୟୟ କରାଯାଇଥିବା ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଯାହା ତୁରନ୍ତ ଅନାବଶ୍ୟକ | 2.5.1 | 108 |
| 2.1.3 | ବନ୍ୟା ଦ୍ୱାରା କ୍ଷତି ନ ହୋଇଥିବା କାର୍ଯ୍ୟର ନିଷ୍ପାଦନ | 2.5.2 | 109 |

| | | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| 2.1.4 | ସିଆରଏଫ/ଏସଡିଆରଏଫ୍ ରୁ ବିନାଶ ପ୍ରସ୍ତୁତି ପାଇଁ ହୋଇଥିବା ଅଗ୍ରାହ୍ୟ ଖର୍ଚ୍ଚର ମଞ୍ଜୁରୀ ବିବରଣ | 2.6.1.1 | 110 |
| 3.1.1 | ସହବଦ୍ଧ ମହାବିଦ୍ୟାଳୟମାନଙ୍କରେ ବିଦ୍ୟାର୍ଥୀଙ୍କ ନାମଲେଖା ବିବରଣ | 3.1.2.2 | 111 |
| 3.1.2 | ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଧାର୍ଯ୍ୟ ହୋଇଥିବା କୋର୍ସ ଫି ଠାରୁ ମହାବିଦ୍ୟାଳୟଗୁଡିକ ଆଦାୟ କରୁଥିବା ଅଧିକ ଫି ର ବିବରଣ | 3.1.3.3 | 112 |
| 3.2.1 | 2001 ଏବଂ 2011 ଜନଗଣନା ଅନୁଯାୟୀ ଜିଲ୍ଲାୱାରୀ ଶିଶୁ ଲିଙ୍ଗ ଅନୁପାତ | 3.2.2 | 113 |
| 3.5.1 | ମାର୍ଚ୍ଚ 2013 ସୁଦ୍ଧା ଜାରି କରାଯାଇଥିବା କିନ୍ତୁ ଜୁନ୍ 2013 ସୁଦ୍ଧା ମୀମାଂସା ହୋଇ ନଥିବା ନିରୀକ୍ଷଣ ରିପୋର୍ଟ / ଅନୁଚ୍ଛେଦ ଗୁଡିକର ବର୍ଷୱାରୀ ବିବରଣ | 3.5 | 114 |
| 3.5.2 | ମାର୍ଚ୍ଚ 2013 ସୁଦ୍ଧା ଜାରି କରାଯାଇଥିବା କିନ୍ତୁ ଜୁନ୍ 2013 ସୁଦ୍ଧା ମୀମାଂସା ହୋଇ ନଥିବା ନିରୀକ୍ଷଣ ରିପୋର୍ଟ / ଅନୁଚ୍ଛେଦ ଗୁଡିକର ବିବରଣ | 3.5 | 115 |
| 3.5.3 | ନିରୀକ୍ଷଣ ରିପୋର୍ଟରେ ଦର୍ଶାଯାଇଥିବା ଗୁରୁତର ଅନିୟମିତତାର ବିବରଣ | 3.5 | 116 |
| 3.5.4 | ସମୀକ୍ଷା / କାର୍ଯ୍ୟ ସଂପାଦନ ଅନୁଚ୍ଛେଦ ସହ 30 ସେପ୍ଟେମ୍ବର 2013 ସୁଦ୍ଧା ଅଡିଟ୍ ରିପୋର୍ଟ ଗୁଡିକରେ ସାମିଲ୍ କରାଯାଇଥବା ଅଡିଟ୍ ଅନୁଚ୍ଛେଦର ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଦାନ କରି ନଥିବା ବିଭାଗୱାରୀ ବ୍ୟାଖ୍ୟା | 3.5.1 ଏବଂ 3.5.3.3 | 117-118 |
| 3.5.5 | 30 ସେପ୍ଟେମ୍ବର 2013 ରେ ପି.ଏ.ସି ସୁପାରିଶ (10ତମ ବିଧାନ ସଭା ଠାରୁ 14ତମ ବିଧାନ ସଭା) ଉପରେ କାର୍ଯ୍ୟାନୁଷ୍ଠାନ ବ୍ୟାଖ୍ୟା (ଏଟିଏନ୍)ର ବିଭାଗୱାରୀ ସ୍ଥିତି । | 3.5.2 ଏବଂ 3.5.3.3 | 119-120 |
| 3.5.6 | ଟିସି ବୈଠକରେ ମୀମାଂସା ହୋଇଥିବା ଆଇଆର/ ଅନୁଚ୍ଛେଦର ବିବରଣ | 3.5.3.2 | 121 |
| 3.5.7 | ଟିସି ବୈଠକ ଆୟୋଜନ କରି ନଥିବା ଏବଂ ଆଇଆର/ ଅନୁଚ୍ଛେଦ ଅମୀମାଂସା ହୋଇ ରହିଥିବା ବିଭାଗର ବିବରଣ | 3.5.3.2 | 122 |
| **ସଂକ୍ଷେପଣର ଶବ୍ଦକୋଷ** | | | 123-126 |

# ମୁଖବନ୍ଧ

ମାର୍ଚ୍ଚ 2013 ରେ ସମାପ୍ତ ବର୍ଷ ପାଇଁ ଏହି ରିପୋର୍ଟ ସମ୍ବିଧାନରେ ଧାରା 151 ଅନୁଯାୟୀ ଓଡିଶାର ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଅଛି ।

ଉକ୍ତ ପ୍ରତିବେଦନରେ ସାଧାରଣ ଏବଂ ସାମାଜିକ ସେବା ଅଧିନରେ ଥିବା ଓଡିଶା ସରକାରଙ୍କ ବିଭିନ୍ନ ବିଭାଗଗୁଡିକର ଅନୁପାଳନ ସମୀକ୍ଷା ଏବଂ ସମ୍ପାଦନ ସମୀକ୍ଷାର ତାତ୍ପର୍ଯ୍ୟପୂର୍ଣ୍ଣ ଫଳାଫଳ ଦର୍ଶାଯାଇଛି । ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଥିବା ବିଭିନ୍ନ ବିଭାଗ ଗୁଡିକ ହେଲା- ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ଅନୁନ୍ନତ ବର୍ଗ ମଙ୍ଗଳ ଏବଂ ଅର୍ଥ ବିଭାଗ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଗୃହ ନିର୍ମାଣ ଓ ପୌର ଉନ୍ନୟନ, ବିଦ୍ୟାଳୟ ଓ ଗଣଶିକ୍ଷା, ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ ବିଭାଗ, ଗ୍ରାମ୍ୟ ଉନ୍ନୟନ, କ୍ରୀଡା ଓ ଯୁବସେବା, ସଂସ୍କୃତି, ଗୃହ, ସୂଚନା ଓ ଲୋକ ସଂପର୍କ, ବିଧି, ସଂସଦୀୟ ବ୍ୟାପାର ଏବଂ ବିଜ୍ଞାନ ଓ ବୈଷୟିକ, ସାଧାରଣ ପ୍ରଶାସନ, ସୂଚନା ବୈଷୟିକ, ଶ୍ରମ ଓ ନିୟୋଜନ, ପଞ୍ଚାୟତିରାଜ, ଯୋଜନା ଓ ସମନ୍ୱୟନ ବିଭାଗ, ସରକାରୀ ଉଦ୍ୟୋଗ, ମହିଳା ଓ ଶିଶୁ ବିକାଶ ବିଭାଗକୁ ଉକ୍ତ ସାଧାରଣ ଏବଂ ସାମାଜିକ ସେବା ଅଧିନ ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇନାହିଁ ।

ଏହି ପ୍ରତିବେଦନରେ ବର୍ଣ୍ଣନା କରାଯାଇଥିବା ଦୃଷ୍ଟାନ୍ତଗୁଡିକ ତନ୍ମଧ୍ୟରୁ ଅଣାଯାଇଛି ଯାହାକି ପୂର୍ବ ବର୍ଷମାନଙ୍କରେ ଧ୍ୟାନକୁ ଆସିଥିଲା କିନ୍ତୁ ପୂର୍ବ ପ୍ରତିବେଦନରେ ପ୍ରକାଶ କରାଯାଇପାରି ନଥିଲା ତଥା 2012-13 ବର୍ଷରେ ହିସାବର ସମୀକ୍ଷା ଯାଞ୍ଚ୍ ସମୟରେ ଧ୍ୟାନକୁ ଆସିଥିଲା । 2012-13 ବର୍ଷ ପରବର୍ତ୍ତୀ ସମୟ ସମ୍ବନ୍ଧିତ ବିଷୟକୁ ମଧ୍ୟ ଦରକାର ମୁତାବକ ଉପଯୁକ୍ତ ସ୍ଥାନରେ ଅନ୍ତର୍ଭୁକ୍ତ କରାଯାଇଅଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡକୁ ଆଧାର କରି ଉକ୍ତ ସମୀକ୍ଷା ସଂପାଦନ କରାଯାଇଅଛି ।

ଅନୁବାଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ, ତେବେ ଇଂରାଜୀ ପାଠାନ୍ତରକୁ ପ୍ରାମାଣିକ ଭାବେ ଗ୍ରହଣ କରାଯିବା ବିଧେୟ ।

# ଅଧ୍ୟାୟ 1

# ଉପକ୍ରମ

# ଅଧ୍ୟାୟ 1
# ଉପକ୍ରମ

## 1.1 ଏହି ପ୍ରତିବେଦନ ସମ୍ବନ୍ଧରେ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ଏହି ରିପୋର୍ଟ ଓଡିଶା ସରକାରଙ୍କ ବଛାବଛା କାର୍ଯ୍ୟକ୍ରମ ଓ କ୍ରିୟାକଳାପର ସମ୍ପାଦନ ସମୀକ୍ଷା ଏବଂ ସରକାରୀ ବିଭାଗ ଗୁଡିକର ଅନୁପାଳନ ସମୀକ୍ଷାରୁ ଉଦ୍‌ଭୂତ ବିଷୟ ସମ୍ପର୍କିତ ଅଟେ । 31 ମାର୍ଚ୍ଚ 2013 ରେ ସମାପ୍ତ ବର୍ଷ ପାଇଁ ଓଡିଶା ସରକାରଙ୍କ ସାଧାରଣ ଓ ସାମାଜିକ କ୍ଷେତ୍ର ସମ୍ପର୍କିତ ଏହା ହେଉଛି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ପ୍ରତିବେଦନର ଦ୍ୱିତୀୟ ଭାଗ ।

ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳକୁ ରାଜ୍ୟ ବିଧାନ ସଭାର ଧ୍ୟାନକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ସମୀକ୍ଷା ମାନଦଣ୍ଡ ଅନୁଯାୟୀ ପ୍ରତିବେଦନ ପାଇଁ ବାସ୍ତବତା, କାର୍ଯ୍ୟ ସମ୍ପାଦନର ସ୍ୱଭାବ, ଗୁରୁତ୍ୱ ଏବଂ ମହତ୍ୱ ସହ ଅନୁପାତିକ ହେବା ଉଚିତ୍ । ଏହି ସମୀକ୍ଷା ଉପଲବ୍ଧି ଗୁଡିକ କାର୍ଯ୍ୟନିର୍ବାହକମାନଙ୍କୁ ସଠିକ୍ ପଦକ୍ଷେପ ନେଇ ନୀତି ଏବଂ ନିର୍ଦ୍ଦେଶାବଳୀ ଗଠନ କରିବାରେ ସହାୟକ ହେବା ଆଶା କରାଯାଏ ଯାହାକି ସଂଗଠନର ଆର୍ଥିକ ପରିଚାଳନା ଉନ୍ନତି କରିବ ଏବଂ ଭଲ ଶାସନ ରୀତିରେ ସହାୟକ ହେବ ।

ସମୀକ୍ଷିତ ସଭାର ବ୍ୟୟ, ପ୍ରାପ୍ତି, ଆସ୍ତି ଏବଂ ଦାୟିତ୍ୱ ସମ୍ପର୍କିତ ହିସାବ ପରୀକ୍ଷାରେ, ଭାରତର ସମ୍ବିଧାନରେ ଥିବା ବ୍ୟବସ୍ଥା, ପ୍ରଯୁଜ୍ୟ ନୀତି, ନିୟମାବଳୀ, ନିୟନ୍ତ୍ରଣ ଏବଂ ବିଭିନ୍ନ ଆଦେଶ ଏବଂ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ଅନୁପାଳନ କରାଯାଇଛି କି ନାହିଁ ତାକୁ ନିଶ୍ଚିତ କରିବା ପାଇଁ ଅନୁପାଳନ ସମୀକ୍ଷା କରାଯାଏ ।

ସମ୍ପାଦନ ସମୀକ୍ଷା ପରୀକ୍ଷା କରେ ଯେ ସଦାଚାର ଓ ନିଷ୍ପକ୍ଷଣକୁ ସମ୍ମାନଦେଇ ଆର୍ଥିକ, ଦକ୍ଷ ଏବଂ ପ୍ରଭାବୀ କ୍ଷେତ୍ରରେ ଗୋଟିଏ ପ୍ରତିଷ୍ଠାନ, କାର୍ଯ୍ୟକ୍ରମ କିମ୍ବା ପରିକଳ୍ପନାର ଉଦ୍ଦେଶ୍ୟ କେତେ ମାତ୍ରାରେ ହାସଲ କରାଯାଇଛି ।

ଏହି ଅଧ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ ଏବଂ ସମୀକ୍ଷା ପ୍ରତିବେଦନ ଉପରେ କାର୍ଯ୍ୟାନୁଷ୍ଠାନ ବର୍ଣ୍ଣନା କରାଯାଇଛି । ପ୍ରତିବେଦନର ଦ୍ୱିତୀୟ ଅଧ୍ୟାୟରେ ସମ୍ପାଦନ ସମୀକ୍ଷାର ସିଦ୍ଧାନ୍ତ ବର୍ଣ୍ଣନା କରାଯାଇଛି ଏବଂ ତୃତୀୟ ଅଧ୍ୟାୟରେ ବିଭିନ୍ନ ବିଭାଗ ଉପରେ ଅନୁପାଳନ ସମୀକ୍ଷା ବର୍ଣ୍ଣନା କରାଯାଇଅଛି ।

ଏହି ପ୍ରତିବେଦନରେ ବର୍ଣ୍ଣନା କରାଯାଇଥିବା ମାମଲା ଗୁଡିକ ସେଥି ମଧ୍ୟରୁ ଅଣାଯାଇଅଛି ଯାହାକି 2012-13 ତଥା ପୂର୍ବ ବର୍ଷମାନଙ୍କରେ ଧ୍ୟାନକୁ ଆସିଥିଲା କିନ୍ତୁ ପୂର୍ବ ପ୍ରତିବେଦନରେ ପ୍ରକାଶ କରାଯାଇ ପାରି ନଥିଲା । 2012-13 ବର୍ଷ ସମ୍ବନ୍ଧିତ ବିଷୟକୁ ମଧ୍ୟ ଦରକାର ମୁତାବକ ଉପଯୁକ୍ତ ସ୍ଥାନରେ ଅନ୍ତର୍ଭୁକ୍ତ କରାଯାଇଅଛି ।

## 1.2 ସମ୍ପାଦନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ

ଏହି ପ୍ରତିବେଦନରେ ଗୋଟିଏ ସମ୍ପାଦନ ସମୀକ୍ଷା ଉଲ୍ଲେଖ କରାଯାଇଅଛି । ନିର୍ବାହକମାନେ ସଠିକ୍ ପଦକ୍ଷେପ ନେବା ପାଇଁ ଏବଂ ନାଗରିକମାନଙ୍କୁ ସେବା ଯୋଗାଇ ଦେବାରେ ସାହାଯ୍ୟ ଅଭିଳାଷ ନେଇ, ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ/ ପରିକଳ୍ପନାର ସମୀକ୍ଷା କରି ଉପଯୁକ୍ତ ସୁପାରିଶ ଦିଆଯାଏ । ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟ ଗୁଡିକୁ ନିମ୍ନରେ ବର୍ଣ୍ଣନା କରାଗଲା ।

### *1.2.1 ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା*

ବିପର୍ଯ୍ୟୟ ନିରାକରଣ, ହ୍ରାସ, ପ୍ରସ୍ତୁତି, ସହାୟତା ଏବଂ ପୁନଃନିର୍ମାଣ କାର୍ଯ୍ୟକୁ ତତ୍ତ୍ୱାବଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା ଅଧିନିୟମ 2005 ଅଧିନିୟମିତ ହେବାର ପାଞ୍ଚ ବର୍ଷ ବିଳମ୍ବରେ ରାଜ୍ୟରେ ଅକ୍ଟୋବର 2010ରେ ଗଠିତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କୌଣସି ବୈଠକ ଜୁଲାଇ 2013 ସୁଦ୍ଧା ବସି ନଥିଲା । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ ହୋଇନଥିବା ଯୋଗୁଁ ବିପର୍ଯ୍ୟୟ ପରିଚାଳନା ଅଧିନିୟମ 2005 ମୁତାବକ ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନାକୁ ଜୁଲାଇ 2013 ପର୍ଯ୍ୟନ୍ତ ଉନ୍ନୟନମୂଳକ ଯୋଜନା ପ୍ରଣାଳୀରେ ସାମିଲ୍ କରିବାରେ ବିଫଳ ହୋଇଥିଲେ । ତେବେ, ଅଗଷ୍ଟ 2013 ରେ ରାଜ୍ୟ ବିପର୍ଯ୍ୟୟ ଯୋଜନା ପ୍ରସ୍ତୁତ କରାଯାଇଥିଲା ।

ଯଦିଓ ବିପର୍ଯ୍ୟୟ ପାଇଁ ସମୟୋଚିତ ସତର୍କତା ପଦ୍ଧତି ଏବଂ ସଞ୍ଚାରଣ ବ୍ୟବସ୍ଥା ବ୍ୟବସ୍ଥିତ ଥିଲା, କର୍ମଚାରୀ ଅଭାବ ଏବଂ ଯନ୍ତ୍ରପାତି ଅକାମି ଥିବା ହେତୁ ଏହି ବ୍ୟବସ୍ଥା ଫଳପ୍ରଦ ହୋଇପାରି ନଥିଲା । ବାସ୍ତବରେ ଚାଉଳ ବଣ୍ଟା ନଯାଇ 49.59 ଲକ୍ଷ ଟଙ୍କା ରାଶିର ଅର୍ଥ ପ୍ରଦାନ, ହିତାଧିକାରୀଙ୍କ ସୂଚୀ ନଥାଇ ଏବଂ ନିସ୍ତାରଣ(ଆକ୍ୟୁଟାନ୍ସ) ନାମାବଳୀ ନଥାଇ 10.26 କୋଟି ଟଙ୍କା ରାଶିର ସହାୟତା ସାମଗ୍ରୀ ପ୍ରଦାନ, ସଠିକ୍ ଉପାୟରେ ଗଚ୍ଛିତ ନ କରିବା ଦ୍ୱାରା ଚାଉଳ ନଷ୍ଟ ହେବା ପ୍ରଭୃତି ଭଳି ଅନେକ ବିଚ୍ୟୁତି ବିପର୍ଯ୍ୟୟ ସହାୟତା, ଥଇଥାନ ଏବଂ ପୁନଃ ନିର୍ମାଣ ଉପାୟରେ ପରିଲକ୍ଷିତ ହୋଇଥିଲା । ପ୍ରଭାବିତ ଲୋକମାନଙ୍କୁ ସହାୟତା ଯୋଗାଇଦେବାରେ ଛଅରୁ ନଅ ମାସ ପର୍ଯ୍ୟନ୍ତ ବିଳମ୍ବ ଘଟିଥିଲା ଏବଂ ଡାଲି ଏକ ମୌଳିକ ଖାଦ୍ୟ ହୋଇଥିଲେ ମଧ୍ୟ ସହାୟତା ପ୍ରଦାନ ସମୟରେ ଲୋକମାନଙ୍କୁ ଏହା ବଣ୍ଟା ଯାଇ ନଥିଲା ।

ଯଦିଓ ଫାଇଲିନ୍ (ଅକ୍ଟୋବର 2013ରେ ହୋଇଥିବା ବାତ୍ୟା) ସମୟରେ ରାଜ୍ୟ ସରକାର ପ୍ରାକ୍ ସତର୍କ ସୂଚନା ପ୍ରଣାଳୀ ଏବଂ ପ୍ରଶାସନ ଦ୍ୱାରା ଲୋକମାନଙ୍କୁ ନିରାପଦ ସ୍ଥାନକୁ ନେଇ ଜୀବନ ରକ୍ଷା କଲେ, ତଥାପି ଆହୁରି ମଧ୍ୟ ପଶୁ ସମ୍ପଦକୁ ରକ୍ଷା କରାଯାଇପାରିଥାନ୍ତା ଯାହାକି ପ୍ରଭାବିତ ଲୋକଙ୍କର ମୁଖ୍ୟ ଜିବୀକା ଥିଲା । ପୁନଶ୍ଚ, ସରକାରଙ୍କ ଦ୍ୱାରା ନିଆଯାଇଥିବା ପରବର୍ତ୍ତୀ ବିପର୍ଯ୍ୟୟ ସହାୟତା ଏବଂ ପୁନରୁତ୍ଥାନ / ପୁନଃନିର୍ମାଣ ପଦକ୍ଷେପ ପର୍ଯ୍ୟାପ୍ତ ନଥିଲା । ସହାୟତା ସାମଗ୍ରୀର ଅସମାନ ଏବଂ କମ୍ ବଣ୍ଟନର ଦୃଷ୍ଟାନ୍ତ ମଧ୍ୟ ଥିଲା । ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି, ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା, ରାସ୍ତାଘାଟ, ଜଳସେଚନ, କେନାଲ ଏବଂ ରବି ଫସଲ/ କୃଷିକୁ ପ୍ରଭାବିତ କରୁଥିବା ଫାଇଲିନ୍ ପ୍ରଭାବିତ ଜିଲ୍ଲାଗୁଡିକରେ ଉଠା ଜଳ ସେଚନ ପ୍ରକଳ୍ପ ଗୁଡିକର ପୁନରୁଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିବା ଯୋଗୁଁ ଆବଶ୍ୟକ ମୁତାବକ ପୁନରୁଦ୍ଧାର କାର୍ଯ୍ୟ ହୋଇ ନଥିଲା । ତଥା ପୁନରୁଦ୍ଧାର କାର୍ଯ୍ୟ ଯଥେଷ୍ଟ ନଥିଲା । ତତ୍‌ସହିତ ବାତ୍ୟାରେ ନଷ୍ଟ ହୋଇଥିବା ଫସଲ ପାଇଁ ସରକାରୀ ଅର୍ଥ ସାହାଯ୍ୟ ପ୍ରଦାନ କରାଯାଇ ନଥିଲା ଏବଂ ଜୀବିକା ହରାଇଥିବା ଶ୍ରମଶିଳ୍ପୀମାନଙ୍କୁ ଆବଶ୍ୟକୀୟ ମାତ୍ରାର କ୍ଷତିପୂରଣ ଦିଆଯାଇ ନଥିଲା ।

ପ୍ରତିକ୍ରିୟା ପାଣ୍ଠି (ସିଆର୍‌ଏଫ୍/ ଏସଡିଆରଏଫ୍)ରୁ ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟ ପାଇଁ 29.46 କୋଟି ଟଙ୍କା ଭାରତ ସରକାରଙ୍କ ରୀତିକୁ ଉଲ୍ଲଂଘନ କରି ଅନୁମୋଦନ କରାଯାଇଥିଲା । 2007 ରୁ 2013 ମଧ୍ୟରେ ପ୍ରଦାନ କରାଯାଇଥିବା 3455.80 କୋଟି ଟଙ୍କା ଅର୍ଥ ରାଶି ବିରୁଦ୍ଧରେ ଜିଲ୍ଲାପାଳ ଏବଂ କାର୍ଯ୍ୟ ନିର୍ବାହୀ ଏଜେନ୍ସିମାନଙ୍କ ନିକଟରେ 1456.42 କୋଟି ଟଙ୍କାର ବିନିଯୋଗ ପତ୍ର ପଠାଇବା ବାକି ପଡିଥିଲା । ସୁଧ ଅର୍ଜନ ଧାରକ ପବ୍ଲିକ୍ ଆକାଉଣ୍ଟ ପାଣ୍ଠିରେ 2011-13 ମସିହାରେ ଜମା ରଖାଯାଇଥିବା ସତ୍ତ୍ୱେ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି ଉପରେ ରାଜ୍ୟ ସରକାର କୌଣସି ସୁଧ ରାଶି ପଇଠ କରି ନଥିଲେ ।

ରାଜ୍ୟ ନିର୍ବାହୀ କମିଟି ଦ୍ୱାରା ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି, ଉଦ୍ଧାର ଏବଂ ସହାୟତା କାର୍ଯ୍ୟଗୁଡ଼ିକର ପର୍ଯ୍ୟାଲୋଚନା ବହୁ ମାତ୍ରାରେ ଅଭାବ ଥିଲା କାରଣ ଏହି କମିଟିର ସଭା ଗୁଡ଼ିକର କାର୍ଯ୍ୟ କେବଳ ବିଭିନ୍ନ ବିଭାଗ ପାଇଁ ପ୍ରକଳ୍ପ ଅନୁମୋଦନ କରିବା ଏବଂ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ଅର୍ଥ ରାଶି ଅନୁମୋଦନ କରିବାରେ ସୀମିତ ଥିଲା ।

## 1.3 ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ

### *1.3.1 ରାଜ୍ୟରେ ସ୍ୱୟଂ ଆର୍ଥିକ ପୋଷଣ ପାଠ୍ୟକ୍ରମର ପରିଚାଳନା*

ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ(ଏସଏଫସି)ର ପ୍ରଚଳନ କରାଯିବା ପୂର୍ବରୁ ଆବଶ୍ୟକତାର ନିର୍ଦ୍ଧାରଣ କରାଯାଇଥିଲା । ବିଶ୍ୱବିଦ୍ୟାଳୟମାନଙ୍କ ଦ୍ୱାରା ପାଠ୍ୟକ୍ରମ ଫିସ୍ ନିର୍ଦ୍ଧାରଣ ବିଜ୍ଞାନ ସମ୍ମତ ନଥିଲା ଏବଂ ବହୁ ବଳକା ନିଧି ବିଶ୍ୱବିଦ୍ୟାଳୟ ମାନେ ନିଜ ପାଖରେ ଧରି ରଖିଛନ୍ତି । ମହାବିଦ୍ୟାଳୟଗୁଡ଼ିକ ସ୍ୱୟଂ ଆର୍ଥିକ ପାଠ୍ୟକ୍ରମକୁ ପର୍ଯ୍ୟାପ୍ତ ଅନ୍ତର୍ନିର୍ମାଣ ବିନା ସଂଚାଳନ କରିଥିଲେ । ସହବନ୍ଧିତ ପେଶାଗତ ବିଦ୍ୟାଳୟଗୁଡ଼ିକ ପାଖରେ ଅନ୍ତର୍ନିର୍ମାଣ ପାଇଁ ଜମି, କୋଠାବାଡ଼ି, ଛାତ୍ର ସାଧାରଣ କକ୍ଷ, ଗ୍ରନ୍ଥାଗାର, ପରିଶ୍ରାଗାର ଇତ୍ୟାଦି ଭଳି ଅତି ଆବଶ୍ୟକ ସୁବିଧା ପାଇଁ ସାଧନ ନଥିଲା । ପୂର୍ଣ୍ଣକାଳୀନ ଶିକ୍ଷା କର୍ମଚାରୀଙ୍କ ମୂତୟନ ନହେବା, ଶିକ୍ଷକ ଛାତ୍ରଙ୍କ ଅନୁପାତର ଠିକ୍ ନଥିବା ଏବଂ ବିନା ଶିକ୍ଷାଗତ ଯୋଗ୍ୟତା ଥାଇ ଶିକ୍ଷକ ମୂତୟନ ହେବା ଯୋଗୁଁ ଗୁଣାତ୍ମକ ଶିକ୍ଷା ସହିତ ସାଲିସ ହୋଇଛି । ପାଠ୍ୟକ୍ରମ ପାଠ୍ୟସୂଚୀ ଠିକ୍ ଭାବରେ ଶେଷ ନ ହେବା ଯୋଗୁଁ ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ ଆହୁରି କ୍ଷତିଗ୍ରସ୍ତ ହୋଇଛି । ସ୍ୱୟଂ ଆର୍ଥିକ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ରୋଜଗାର ପାଇଁ କାର୍ଯ୍ୟ କ୍ଷେତ୍ର ଯୋଗାଇଦେବା ଉଦ୍ଦେଶ୍ୟ ବହୁ ମାତ୍ରାରେ ଅସଂପୂର୍ଣ୍ଣ ହୋଇଅଛି । ଲେଖାପରୀକ୍ଷା ଯାଞ୍ଚରେ ଦେଖାଗଲା ଯେ, ତିନୋଟି ବିଶ୍ୱବିଦ୍ୟାଳୟରୁ ଦୁଇଟିରେ ଅବସ୍ଥାପନ ପ୍ରକୋଷ୍ଠ ଗଠନ ବି ହୋଇନାହିଁ । ସରକାରୀ-ଘରୋଇ ସହଭାଗିତା(ପିପିପି) ଢଙ୍ଗରେ ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ(ଏସଏଫସି)ର ପ୍ରଚଳନ କରିବା ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ବିନା ଖୋଲା ବିଜ୍ଞାପନରେ ଘରୋଇ ଭାଗିଦାର ବାଛିଛନ୍ତି ଏବଂ ରାଜସ୍ୱ କର ଭାଗ ବଣ୍ଟାର ନିୟମ ଉଲ୍ଲଂଘନ କରିଛନ୍ତି । ତେଣୁ ଏହି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ(ଏସଏଫସି)ର ପ୍ରଚଳନ ଜରିଆରେ କର୍ମାଭୀମୁଖି ଓ ବଜାର ସମ୍ବନ୍ଧୀ ଗୁଣାତ୍ମକ ଶିକ୍ଷା ଯୋଗାଇଦେବାର ଉଦ୍ଦେଶ୍ୟ ବହୁମାତ୍ରାରେ ଅସମ୍ପୂର୍ଣ୍ଣ ରହିଗଲା ।

***(ଅନୁଚ୍ଛେଦ 3.1)***

### *1.3.2 ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ଗର୍ଭ ନିରୂପଣ ପ୍ରଯୁକ୍ତ କୌଶଳ(ଲିଙ୍ଗ ପରୀକ୍ଷା ନିଷେଧ) ଅଧିନିୟମ 1994 ଅନ୍ତର୍ଗତ ବ୍ୟବସ୍ଥାର ଅନୁପାଳନ*

2001 ଠାରୁ 2011 ବର୍ଷ ମଧ୍ୟରେ ଶିଶୁ ଲିଙ୍ଗର ଅନୁପାତ ରାଜ୍ୟର 30 ଜିଲ୍ଲା ମଧ୍ୟରୁ 21 ଜିଲ୍ଲାରେ ଏକ ରୁ 49 ଅଙ୍କ ପର୍ଯ୍ୟନ୍ତ ଅବନତି ହୋଇଥିବାବେଳେ ନୟାଗଡରେ ସର୍ବୋଚ୍ଚ ଏବଂ ତାହା ପରେ ପରେ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲା ଥିଲା । ଅଲଟ୍ରାସାଉଣ୍ଡ ମେସିନର ପଞ୍ଜିକରଣ ଏବଂ ନବୀକରଣ ଠିକ୍ ସମୟ ସୀମା ମଧ୍ୟରେ ହୋଇ ନ ଥିଲା ଏହାଦ୍ୱାରା ଉପଯୁକ୍ତ ପ୍ରାଧିକାରୀଙ୍କ ବିନା ସମୀକ୍ଷାରେ କ୍ଲିନିକ୍ ଗୁଡ଼ିକ ପଞ୍ଜିକୃତ ବିବେଚିତ ହୋଇ ଚାଲିବାର କ୍ଷେତ୍ର ସୃଷ୍ଟି ହୋଇଥିଲା । ଅଲଟ୍ରାସାଉଣ୍ଡ ମେସିନ୍ ଗୁଡ଼ିକ ଅନଧିକୃତ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ବହନୀୟ ଅଲଟ୍ରାସାଉଣ୍ଡ ମେସିନ୍ ଗୁଡ଼ିକ ବିନା ଅନୁମତିରେ ବ୍ୟବହୃତ ହେଉଥିଲା । ନିରୀକ୍ଷଣ ବ୍ୟବସ୍ଥାର ବ୍ୟାପକ ଅଭାବ ଯୋଗୁଁ ଅବୈଧ କେନ୍ଦ୍ରଗୁଡ଼ିକ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଉପଯୁକ୍ତ ପ୍ରାଧିକାରୀମାନେ ଲିଙ୍ଗ ନିରୂପଣ ସମ୍ବନ୍ଧରେ ଅଭିଯୋଗକୁ ଯାଞ୍ଚ କରି ନଥିଲେ । ଦେଶର ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ଗର୍ଭ ନିରୂପଣ ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମରେ ଥିବା ବ୍ୟବସ୍ଥାକୁ ଦୃଢ଼ତାର ସହ ପ୍ରବର୍ତ୍ତନକରି ଅନୁପାଳନ କରିବା ଅତ୍ୟାବଶ୍ୟକ ହୋଇଅଛି ।

***(ଅନୁଚ୍ଛେଦ 3.2)***

### *1.3.3 ରାଜ୍ୟର ତିନୋଟି ବିଶ୍ୱବିଦ୍ୟାଳୟରେ ଇ-ଶାସନ ପ୍ରକଳ୍ପ*

ନିର୍ଭରତା ସମୟ ମଧ୍ୟରେ ହାର୍ଡୱେୟାର ଓ ସଫ୍ଟୱେୟାର ସେବା ପ୍ରାପ୍ତ ନ ହେବା, ଫାର୍ମଦ୍ୱାରା କଷ୍ଟମାଇଜେସନ ନିମନ୍ତେ ସଫ୍ଟୱେୟାର ପ୍ରୋଟୋଟାଇପ୍ ହସ୍ତାନ୍ତର ନହେବା, ମୂଲ୍ୟ ନିର୍ଦ୍ଧାରଣ ଏବଂ ପରୀକ୍ଷଣ ପ୍ରକ୍ରିୟାରେ ଉପଯୁକ୍ତ ବୈଷୟିକ ଅଧିକାରୀ ସଂପୃକ୍ତ ନହେବା, ଶେଷ ବ୍ୟବହାରକାରୀଙ୍କୁ ଯଥେଷ୍ଟ ଟ୍ରେନିଂ ବିଦିତ ନହେବା, ଆବଶ୍ୟକର ସଠିକ ନିର୍ଦ୍ଧାରଣ ନହେବା ଏବଂ ମାନବ ସମ୍ବଳର ଅଭାବ ଯୋଗୁଁ ଇ-ଶାସନ ପ୍ରକଳ୍ପ ପ୍ରଚଳନ ଉଦ୍ଦେଶ୍ୟ ପୂରଣ ହୋଇପାରି ନଥିଲା । ଏତଦ୍ ବ୍ୟତୀତ ସଫ୍ଟୱେୟାର ଏବଂ ହାର୍ଡୱେୟାରର ନିର୍ଭରତା ସମୟ ଅତିବାହିତ ହୋଇସାରିଥିବାରୁ, 7.53 କୋଟି ଟଙ୍କାରୁ 4.69 କୋଟି ଟଙ୍କା(ୟୁୟୁ:1.80 କୋଟି ଟଙ୍କା,ବିୟୁ: 2.33 କୋଟି ଟଙ୍କା ଏବଂ ଏସୟୁ: 0.56 କୋଟି ଟଙ୍କା) ଅପବ୍ୟୟ ହେଲା ଏବଂ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିଲା ନାହିଁ ।

***(ଅନୁଚ୍ଛେଦ 3.3)***

### *1.3.4 ଅନୁସୂଚିତ କ୍ଷେତ୍ରରେ ଥିବା ଅନୁସୂଚିତ ଜାତିମାନଙ୍କର ଆୟ ଉପାର୍ଜନ*

ରୋଜଗାର ଉପାର୍ଜନ କାର୍ଯ୍ୟକ୍ରମରେ 139.06 କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ନିଷ୍ଫଳ ଓ ନିରର୍ଥକ ଖର୍ଚ୍ଚ 13.06 କୋଟି ଟଙ୍କା ହୋଇଥିବାର ଲକ୍ଷ୍ୟ କରାଯାଇଥିଲା ଏବଂ ଅଣ ବିନିଯୋଗ ହୋଇ 36.31 କୋଟି ଟଙ୍କା ପଡି ରହିଥିଲା । ଏହା ବ୍ୟତୀତ କାର୍ଯ୍ୟକାରିତାରେ ବହୁବିଧ ତ୍ରୁଟି ଯଥା- ବ୍ୟାଙ୍କ୍ ଋଣ, ସ୍ୱୀକୃତ ପ୍ରାପ୍ତ କାର୍ଯ୍ୟକ୍ରମ ପାଇଁ ସରକାରୀ ସାହାଯ୍ୟର ଅଣ ବିନିଯୋଗ, ଉପଭୋକ୍ତାମାନଙ୍କୁ ଅନିୟମିତ ପର୍ଯ୍ୟାଲୋଚନାର ଅଭାବରୁ ଅନୁମୋଦିତ କାର୍ଯ୍ୟପାଇଁ ବ୍ୟାଙ୍କ୍ ଋଣ ଓ ସରକାରୀ ସାହାଯ୍ୟ ଖର୍ଚ୍ଚ ନ ହେବା, ଭାବରେ ଚିହ୍ନଟକରଣ ଏବଂ ଅନୁସୂଚିତ ଜନଜାତିର ଯୁବକମାନଙ୍କର କର୍ମ ନିଯୁକ୍ତି ନିଶ୍ଚିନ୍ତ କରାଇବାରେ ଅସଫଳ କାର୍ଯ୍ୟକ୍ରମ ଇତ୍ୟାଦି ପରିଲକ୍ଷିତ ହୋଇଥିଲା । ଏଣୁ ବିଭିନ୍ନ ଆଇଜି କାର୍ଯ୍ୟକ୍ରମ/ ପରିକଳ୍ପନା ଦ୍ୱାରା ଆଦିବାସୀ ମାନଙ୍କର ସାମାଜିକ ଓ ଆର୍ଥିକ ଅବସ୍ଥାରେ ବିକାଶ ଆଣିବାର ଉଦ୍ଦେଶ୍ୟ ମୋଟାମୋଟି ଭାବେ ଅସଫଳ ରହିଥିଲା ।

***(ଅନୁଚ୍ଛେଦ 3.4)***

### *1.3.5 ଅଡିଟ୍‌କୁ ପ୍ରତିଜବାବ ପ୍ରଦାନରେ ହେଳା*

- ***ସମୀକ୍ଷିତ ସତ୍ତା ଉପରେ ନିରୀକ୍ଷଣ ରିପୋର୍ଟ***

ସମୀକ୍ଷାର ନିରୀକ୍ଷଣ ରିପୋର୍ଟ(ଆଇଆର)ର ପ୍ରତିଜବାବ ଦେବାରେ ଅଭାବ ଥିଲା । ମାର୍ଚ୍ଚ 2013 ସୁଦ୍ଧା ମହାଲେଖାକାର(ସାଧାରଣ ଏବଂ ସାମାଜିକ କ୍ଷେତ୍ର)ଙ୍କ ସମୀକ୍ଷା ଅଧିକାରିତା ଅଧିନରେ ଥିବା 24ଟି ବିଭାଗକୁ ଜାରି ହୋଇଥିବା ଆଇଆର ଗୁଡିକର ସମୀକ୍ଷାରୁ ଦେଖାଗଲା ଯେ 2013 ମସିହା ଜୁନ ମାସ ଶେଷ ସୁଦ୍ଧା 10790ଟି ଆଇଆର ର 45660ଟି ଅଡିଟ୍ ଅନୁଚ୍ଛେଦ ବାକି ରହିଛି । ସେଥିମଧ୍ୟରୁ 3275ଟି ଆଇଆର ର 10484ଟି ଅଡିଟ୍ ଅନୁଚ୍ଛେଦ 10 ବର୍ଷରୁ ଅଧିକ କାଳ ମୀମାଂସା ନ ହୋଇ ପଡିରହିଅଛି । ଏପରିକି ଉପରୋକ୍ତ ବାକି ଥିବା ଆଇଆର ମଧ୍ୟରୁ 1930ଟି ଆଇଆର ର ପ୍ରାଥମିକ ଜବାବ କାର୍ଯାଳୟ ମୁଖ୍ୟଙ୍କ ଠାରୁ ମିଳି ନଥିଲା ଯାହାକି ଚାରି ସପ୍ତାହ ମଧ୍ୟରେ ଉପସ୍ଥାପିତ କରିବାକୁ ଥିଲା ।

- ***ପୂର୍ବ ସମୀକ୍ଷା ରିପୋର୍ଟଗୁଡିକ ଉପରେ ପଦକ୍ଷେପ***

ଏହା ଦେଖାଗଲା ଯେ 24ଟି ବିଭାଗ ରୁ 13ଟି ବିଭାଗ 34ଟି ଅଡିଟ୍ ଅନୁଚ୍ଛେଦର (21ଟି ବ୍ୟକ୍ତିଗତ ଓ 13ଟି ସମ୍ପାଦନ ସମୀକ୍ଷା/ ସମୀକ୍ଷା ଅନୁଚ୍ଛେଦ) ବ୍ୟାଖ୍ୟାତ୍ମକ ଟିପ୍ପଣୀ ଯାହା ସିଏଜିଙ୍କ ଅଡିଟ୍ ରିପୋର୍ଟ ବର୍ଷ 2000-

010ରୁ 2011-12 ବର୍ଷରେ ପ୍ରକାଶ ପାଇଥିଲା ସେପ୍ଟେମ୍ବର ମାସ 2013 ସୁଦ୍ଧା ଉପସ୍ଥାପନ କରି ନଥିଲେ । ବହୁଳ ଭାବରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ଦେଇ ନଥିବା ବିଭାଗ ଗୁଡିକ ହେଲେ ଗୃହ ନିର୍ମାଣ ଓ ପୌର ଉନ୍ନୟନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଯୋଜନା ଓ ସମନ୍ୱୟ ଏବଂ ଉଚ୍ଚଶିକ୍ଷା ବିଭାଗ ।

- ***ଲୋକଲେଖା ସମିତି କରିଥିବା ସୁପାରିଶ ଉପରେ ବିଭାଗ ଗୁଡିକର ଜବାବ***

ଲୋକ ଲେଖା ସମିତି (ପିଏସି) ଦ୍ୱାରା ଦଶମ ବିଧାନ ସଭା (1990-95) ର ପ୍ରଥମ ରିପୋର୍ଟ ଠାରୁ ଚର୍ତୁଦଶ ବିଧାନ ସଭା (2009-14)ର ପଞ୍ଚମ ରିପୋର୍ଟ ପର୍ଯ୍ୟନ୍ତ ପ୍ରଦତ୍ତ 626 ଟି ସୁପାରିଶ ମଧ୍ୟରୁ ସାତୋଟି ବିଭାଗର 51 ଟି[1] ସୁପାରିଶ ଉପରେ ଚୂଡାନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତୀକ୍ଷା ଥିଲା (ସେପ୍ଟେମ୍ବର 2013) । ଯେଉଁ ବିଭାଗ ଗୁଡିକ ମୁଖ୍ୟତଃ କାର୍ଯାନୁଷ୍ଠାନ ଟିପ୍ପଣୀ ନଦେବା ପାଇଁ ଦାୟୀ, ସେଗୁଡିକ ହେଲା ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ୍ ଓ ପଞ୍ଚାୟତି ରାଜ୍ ବିଭାଗ।

***(ଅନୁଚ୍ଛେଦ 3.5)***

## 1.4 ସୁପାରିଶ

ବିହିତ ଆଭ୍ୟନ୍ତରୀଣ ପ୍ରକ୍ରିୟା ଓ ପଦ୍ଧତିର ପାଳନ ନହେବା, ସୁଶାସନ ପ୍ରୋତ୍ସାହନ ସହିତ ଅନୁପାଳନ ଏବଂ ବିଭାଗୀୟ କାର୍ଯ୍ୟକ୍ରମ ଅନୁପାଳନରେ ଅନବଧାନତା ଏବଂ ସର୍ବୋପରି ଉଦ୍ଦେଶ୍ୟ ସମ୍ବନ୍ଧୀୟ ବହୁ ଗୁଡିଏ ବିଷୟ ଉପରେ ସୁପାରିଶ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଅଛି ।

[1] ଉଚ୍ଚଶିକ୍ଷା(1), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (9), ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା(1), ବିଧି(6), ଗୃହ ନିର୍ମାଣ ଓ ପୌର ଉନ୍ନୟନ (1), ଗ୍ରାମ୍ୟ ଉନ୍ନୟନ (29) ଏବଂ ପଞ୍ଚାୟତି ରାଜ(4)

# ଅଧ୍ୟାୟ 2

# ସଂପାଦନ ସମୀକ୍ଷା

| ଅନୁଚ୍ଛେଦ ସଂଖ୍ୟା | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| 2 | ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା | 7-43 |

# ଅଧ୍ୟାୟ 2

# ସମ୍ପାଦନ ସମୀକ୍ଷା

ଏହି ଅଧ୍ୟାୟରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନାର କାର୍ଯ୍ୟ ସଂପାଦନ ସମୀକ୍ଷା ଦ୍ୱାରା ଉପଲବ୍ଧ ଫଳାଫଳ ଉଲ୍ଲେଖ କରାଯାଉଛି ।

## ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ

## ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା

### *କାର୍ଯ୍ୟ ନିର୍ବାହୀ ସାରାଂଶ*

*2007 ରୁ 2013 ମସିହା ପର୍ଯ୍ୟନ୍ତ ଅବଧିକୁ ପରିସରଭୁକ୍ତ କରି ରାଜ୍ୟ ବିପର୍ଯ୍ୟୟ ପରିଚଳନାର କାର୍ଯ୍ୟ ସଂପାଦନ ସମୀକ୍ଷାରେ ରାଜ୍ୟ ସରକାର ରାଷ୍ଟ୍ରୀୟ ବିପର୍ଯ୍ୟୟ ପରିଚାଳନା ଢାଞ୍ଚା ଏବଂ ବିପର୍ଯ୍ୟୟ ପରିଚାଳନା ଅଧିନିୟମର ଉଲ୍ଲେଖ ଅନୁଯାୟୀ ରାଜ୍ୟ ବିପର୍ଯ୍ୟୟ ପରିଚାଳନାରେ ବିପର୍ଯ୍ୟୟ ନିରାକରଣ, ହ୍ରାସ, ସହାୟତା, ପୁନଃ ନିର୍ମାଣ ପରି ବହୁ କ୍ଷେତ୍ରରେ ଯାହା ଉନ୍ନତି ଆଣିବାର ଆବଶ୍ୟକତା ଥିଲା ତାହା ଦର୍ଶାଯାଇଥିଲା । ଏହି ଅଧିନିୟମ ଲାଗୁ ହେବା ପୂର୍ବରୁ ବିପର୍ଯ୍ୟୟ ପ୍ରସ୍ତୁତି, ହ୍ରାସ ଏବଂ ପରିଚାଳନା ପାଇଁ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବଙ୍କୁ ମୁଖ୍ୟ କରି ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଡିଏମ୍ଏ), ଏକ ସ୍ୱୟଂଶାସିତ ନିକାୟ ଡିସେମ୍ବର 1999 ରେ ସ୍ଥାପନା କରିଥିଲେ । ବିପର୍ଯ୍ୟୟ ନିରାକରଣ, ହ୍ରାସ, ପ୍ରସ୍ତୁତି, ସହାୟତା ଏବଂ ପୁନଃନିର୍ମାଣ କାର୍ଯ୍ୟକୁ ତତ୍ତ୍ୱାବଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା ଅଧିନିୟମ 2005 ଅଧିନିୟମିତ ହେବାର ପାଞ୍ଚ ବର୍ଷ ବିଳମ୍ବରେ ରାଜ୍ୟରେ ଅକ୍ଟୋବର 2010ରେ ଗଠିତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏସ୍ଡିଏମ୍ଏ)ଙ୍କ କୌଣସି ବୈଠକ ଜୁଲାଇ 2013 ସୁଦ୍ଧା ବସି ନଥିଲା । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା(ଏସଡିଏମପି) ପ୍ରସ୍ତୁତ ହୋଇନଥିବା ଯୋଗୁଁ ବିପର୍ଯ୍ୟୟ ପରିଚାଳନା ଅଧିନିୟମ 2005 ମୁତାବକ ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନାକୁ ଜୁଲାଇ 2013 ପର୍ଯ୍ୟନ୍ତ ଉନ୍ନୟନମୂଳକ ଯୋଜନା ପ୍ରଣାଳୀରେ ସାମିଲ୍ କରିବାରେ ବିଫଳ ହୋଇଥିଲେ । ତେବେ, ଅଗଷ୍ଟ 2013ରେ ରାଜ୍ୟ ବିପର୍ଯ୍ୟୟ ଯୋଜନା ପ୍ରସ୍ତୁତ କରାଯାଇଥିଲା ।*

*ଯଦିଓ ବିପର୍ଯ୍ୟୟ ପାଇଁ ସମୟୋଚିତ ସତର୍କତା ପଦ୍ଧତି ଏବଂ ସଞ୍ଚାରଣ ବ୍ୟବସ୍ଥା ବ୍ୟବସ୍ଥିତ ଥିଲା, କର୍ମଚାରୀ ଅଭାବ ଏବଂ ଯନ୍ତ୍ରପାତି ଅକାମି ଥିବା ହେତୁ ଏହି ବ୍ୟବସ୍ଥା ଫଳପ୍ରଦ ହୋଇପାରି ନଥିଲା । ବାସ୍ତବରେ ଚାଉଳ ବଣ୍ଟା ନଯାଇ 49.59 ଲକ୍ଷ ଟଙ୍କା ରାଶିର ଅର୍ଥ ପ୍ରଦାନ, ହିତାଧିକାରୀଙ୍କ ସୂଚୀ ନଥାଇ ଏବଂ ନିସ୍ତାରଣ(ଆକ୍ୟୁଟାନ୍ସ) ନାମାବଳୀ ନଥାଇ 10.26 କୋଟି ଟଙ୍କା ରାଶିର ସହାୟତା ସାମଗ୍ରୀ ପ୍ରଦାନ, ସଠିକ୍ ଉପାୟରେ ଗଚ୍ଛିତ ନ କରିବା ଦ୍ୱାରା ଚାଉଳ ନଷ୍ଟ ହେବା ପ୍ରଭୃତି ଭଳି ଅନେକ ବିଚ୍ୟୁତି ବିପର୍ଯ୍ୟୟ ସହାୟତା, ଥଇଥାନ ଏବଂ ପୁନଃ ନିର୍ମାଣ ଉପାୟରେ ପରିଲକ୍ଷିତ ହୋଇଥିଲା । ପ୍ରଭାବିତ ଲୋକମାନଙ୍କୁ ସହାୟତା ଯୋଗାଇଦେବାରେ ଛଅରୁ ନଅ ମାସ ପର୍ଯ୍ୟନ୍ତ ବିଳମ୍ବ ଘଟିଥିଲା ଏବଂ ଡାଲି ଏକ ମୌଳିକ ଖାଦ୍ୟ ହୋଇଥିଲେ ମଧ୍ୟ ସହାୟତା ପ୍ରଦାନ ସମୟରେ ଲୋକମାନଙ୍କୁ ଏହା ବଣ୍ଟା ଯାଇ ନଥିଲା ।*

*ଯଦିଓ ଫାଇଲିନ୍ (ଅକ୍ଟୋବର 2013ରେ ହୋଇଥିବା ବାତ୍ୟା) ସମୟରେ ରାଜ୍ୟ ସରକାର ପ୍ରାକ୍ ସତର୍କ ସୂଚନା ପ୍ରଣାଳୀ ଏବଂ ପ୍ରଶାସନ ଦ୍ୱାରା ଲୋକମାନଙ୍କୁ ନିରାପଦ ସ୍ଥାନକୁ ନେଇ ଜୀବନ ରକ୍ଷା କଲେ, ତଥାପି ଆହୁରି ମଧ୍ୟ ପଶୁ ସମ୍ପଦକୁ ରକ୍ଷା କରାଯାଇପାରିଥାନ୍ତା ଯାହାକି ପ୍ରଭାବିତ ଲୋକଙ୍କର ମୁଖ୍ୟ ଜିବୀକା ଥିଲା । ପୁନଶ୍ଚ, ସରକାରଙ୍କ ଦ୍ୱାରା ନିଆଯାଇଥିବା ପରବର୍ତ୍ତୀ ବିପର୍ଯ୍ୟୟ ସହାୟତା ଏବଂ ପୁନରୁତ୍ଥାନ / ପୁନଃନିର୍ମାଣ ପଦକ୍ଷେପ ପର୍ଯ୍ୟାପ୍ତ ନଥିଲା । ସହାୟତା ସାମଗ୍ରୀର ଅସମାନ ଏବଂ କମ୍ ବଣ୍ଟନର ଦୃଷ୍ଟାନ୍ତ ମଧ୍ୟ ଥିଲା । ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି, ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା, ରାସ୍ତାଘାଟ, ଜଳସେଚନ, କେନାଲ ଏବଂ ରବି ଫସଲ/ କୃଷିକୁ ପ୍ରଭାବିତ କରୁଥିବା ଫାଇଲିନ୍ ପ୍ରଭାବିତ ଜିଲ୍ଲାଗୁଡିକରେ ଉଠା ଜଳ ସେଚନ ପ୍ରକଳ୍ପ ଗୁଡିକର ପୁନରୁଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିବା ଯୋଗୁଁ ଆବଶ୍ୟକ ମୁତାବକ ପୁନରୁଦ୍ଧାର କାର୍ଯ୍ୟ ହୋଇ ନଥିଲା । ତଥା ପୁନରୁଦ୍ଧାର କାର୍ଯ୍ୟ ଯଥେଷ୍ଟ ନଥିଲା । ତତ୍‌ସହିତ ବାତ୍ୟାରେ ନଷ୍ଟ ହୋଇଥିବା ଫସଲ ପାଇଁ ସରକାରୀ ଅର୍ଥ ସାହାଯ୍ୟ ପ୍ରଦାନ କରାଯାଇ ନଥିଲା ଏବଂ ଜୀବିକା ହରାଇଥିବା ଶ୍ରମଶିଳ୍ପୀମାନଙ୍କୁ ଆବଶ୍ୟକୀୟ ମାତ୍ରାର କ୍ଷତିପୂରଣ ଦିଆଯାଇ ନଥିଲା ।*

*ଆର୍ଥିକ ପରିଚାଳନା ସଠିକ୍ ନଥିଲା ଯେହେତୁ ବିପର୍ଯ୍ୟୟ ସହାୟତା ପାଣ୍ଠି (ସିଆରଏଫ)/ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସଡିଆରଏଫ)ରୁ ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟ ପାଇଁ 29.46 କୋଟି ଟଙ୍କା ଭାରତ ସରକାରଙ୍କ ରୀତିକୁ ଉଲ୍ଲଂଘନ କରି ଅନୁମୋଦନ କରାଯାଇଥିଲା । 2007 ରୁ 2013 ମଧ୍ୟରେ ପ୍ରଦାନ କରାଯାଇଥିବା 3455.80 କୋଟି ଟଙ୍କା ଅର୍ଥ ରାଶି ବିରୁଦ୍ଧରେ ଜିଲ୍ଲାପାଳ ଏବଂ କାର୍ଯ୍ୟ ନିର୍ବାହୀ ଏଜେନ୍ସିମାନଙ୍କ ନିକଟରେ 1456.42 କୋଟି ଟଙ୍କାର ବିନିଯୋଗ ପତ୍ର ପଠାଇବା ବାକି ପଡିଥିଲା । ସୁଧ ଅର୍ଜନ ଧାରକ ପବ୍ଲିକ୍ ଆକାଉଣ୍ଟ ପାଣ୍ଠିରେ 2011-13 ମସିହାରେ ଜମା ରଖାଯାଇଥିବା ସତ୍ତ୍ୱେ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି ଉପରେ ରାଜ୍ୟ ସରକାର କୌଣସି ସୁଧ ରାଶି ପଇଠ କରି ନଥିଲେ ।*

*ରାଜ୍ୟ ନିର୍ବାହୀ କମିଟି (ଏସ୍ଇସି) ଦ୍ୱାରା ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି, ଉଦ୍ଧାର ଏବଂ ସହାୟତା କାର୍ଯ୍ୟଗୁଡିକର ପର୍ଯ୍ୟାଲୋଚନା ବହୁ ମାତ୍ରାରେ ଅଭାବ ଥିଲା କାରଣ ଏହି କମିଟିର ସଭା ଗୁଡିକର କାର୍ଯ୍ୟ କେବଳ ବିଭିନ୍ନ ବିଭାଗ ପାଇଁ ପ୍ରକଳ୍ପ ଅନୁମୋଦନ କରିବା ଏବଂ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ଅର୍ଥ ରାଶି ଅନୁମୋଦନ କରିବାରେ ସୀମିତ ଥିଲା ।*

## 2.1 ଉପକ୍ରମ

ଏକ ଅଞ୍ଚଳରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ହେଉଛି ଏକ ଦୁର୍ଭାଗ୍ୟଜନକ ଦୈବୀ ଦୁର୍ଘଟଣା ଯାହାର ପରିଣାମରେ ବହୁଳ ଜୀବନ ନଷ୍ଟ ହୋଇଥାଏ, ଲୋକମାନେ ଦୁଃଖ ଯନ୍ତ୍ରଣା ଭୋଗ କରିଥାନ୍ତି, ଧନସମ୍ପତ୍ତି ବିନାଶ ହୋଇଥାଏ । ଆଉ ପରିବେଶମାନର ଅବନତି ଘଟିଥାଏ ଏବଂ ଏହାର ସ୍ୱଭାବ ଏବଂ ମାତ୍ରାର ପରିମାଣ ଏତେ ହୋଇଥାଏ ଯେ ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କର ଏଥି ସହିତ ଖାପଖୁଆଇବା ଭଳି କ୍ଷମତା ନଥାଏ । ବିପର୍ଯ୍ୟୟ ପରିଚାଳନାକୁ ଫଳପ୍ରଦ କରିବା ପାଇଁ ଭାରତ ସରକାର ଡିସେମ୍ବର 2005 ରେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ପ୍ରଣୀତ କରିଥିଲେ । ବିପର୍ଯ୍ୟୟ ପରିଚାଳନା ହେଉଛି ଏକ ଅବିରତ ଏବଂ ସଂଯୋଜିତ ପ୍ରଣାଳୀ ଯେଉଁଥିରେ କି ନିମ୍ନଲିଖିତ ବିଷୟଗୁଡିକ ପ୍ରତି ଧ୍ୟାନ ରଖାଯାଇଥାଏ ।

- ବିପର୍ଯ୍ୟୟ ଜନିତ ଆଶଙ୍କା ଏବଂ ବିପଦ ନିରାକରଣ ପାଇଁ ଆବଶ୍ୟକୀୟ ଯୋଜନାର ପ୍ରସ୍ତୁତି, ସାଙ୍ଗଠନିକ କାର୍ଯ୍ୟର ବ୍ୟବସ୍ଥାପନା, ସମନ୍ୱୟ ଏବଂ ବିଭିନ୍ନ ଉପାୟଗୁଡିକର ନିର୍ବାହ;
- କୌଣସି ଏକ ବିପର୍ଯ୍ୟୟର ଶଙ୍କା କିମ୍ବା ଏହାର ତୀବ୍ରତା ବା ପରିଣାମକୁ ଲାଘବ କରିବା;
- ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପାଇଁ ମାନବସମ୍ବଳ ପ୍ରସ୍ତୁତି କରିବା;
- କୌଣସି ବିପର୍ଯ୍ୟୟ କିମ୍ବା ବିପର୍ଯ୍ୟୟ ଜନିତ ସ୍ଥିତିର ତ୍ୱରିତ ପ୍ରତିକ୍ରିୟାତ୍ମକ ପଦକ୍ଷେପ ଗ୍ରହଣ କରିବା;
- ବିପର୍ଯ୍ୟୟ ପ୍ରଭାବର ମାତ୍ରା ଏବଂ ପରିମାଣ ଆକଳନ କରିବା;

- ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସୁରକ୍ଷିତ ସ୍ଥାନକୁ ହଟାଇବା, ଉଦ୍ଧାର, ସହାୟତା, ଥଇଥାନ ଏବଂ ପୁନଃ ନିର୍ମାଣ କାର୍ଯ୍ୟ କରିବା ।

### *2.1.1 ବିଭିନ୍ନ ବିପର୍ଯ୍ୟୟରେ ପ୍ରଭାବିତ ହେବାରେ ରାଜ୍ୟର ସମ୍ବେଦନଶୀଳତା*

ପୂର୍ବତଟ ଭାରତର $17^0$ 49' ଠାରୁ $22^0$ 36' ଉତ୍ତର ଅକ୍ଷାଂଶ ଏବଂ $81^0$ 36' ପୂର୍ବ ଠାରୁ $87^0$ 18' ପୂର୍ବ ଦ୍ରାଘିମା ମଧ୍ୟରେ ଓଡିଶା ରାଜ୍ୟର ଭୌଗୋଳିକ ଅବସ୍ଥିତ । ଓଡିଶାର 1.56 ଲକ୍ଷ ବର୍ଗ କିଲୋମିଟର ଅଞ୍ଚଳକୁ 30ଟି ଜିଲ୍ଲା, 58 ସବ୍‌ଡିଭିଜନ, 314ଟି ବ୍ଲକ୍, 103ଟି ପୌର ସଂସ୍ଥାରେ ବିଭକ୍ତ କରାଯାଇଛି ଏବଂ ଏଥିରେ ଥିବା ଗ୍ରାମ ପଞ୍ଚାୟତର ସଂଖ୍ୟା ହେଉଛି 6234 ଏବଂ ସମୁଦାୟ 51349 ଗ୍ରାମ ଅଛି । 2011 ଜନଗଣନା ଅନୁଯାୟୀ ଏହାର ଜନସଂଖ୍ୟା ହେଉଛି 4.19 କୋଟି ।

ଭୌଗୋଳିକ ସ୍ଥିତି ଅନୁଯାୟୀ ରାଜ୍ୟର 482 କିଲୋମିଟର ଅଞ୍ଚଳ ବଙ୍ଗୋପସାଗରର ଉପକୂଳ ଅଞ୍ଚଳ ଅଟେ ଏବଂ ଏହି ଅଞ୍ଚଳରେ ବନ୍ୟା ସମ୍ବେଦନଶୀଳ ନଦୀଗୁଡିକ ଯଥା ବୈତରଣୀ, ବୁଢାବଳଙ୍ଗ, ମହାନଦୀ, ଋଷିକୁଲ୍ୟା, ସୁବର୍ଣ୍ଣରେଖା ଏବଂ ବଂଶଧାରା ସହ ଏଗୁଡିକରୁ ବାହାରିଥିବା 129ଟି ଉପନଦୀ ପ୍ରବାହିତ ହୋଇଛି । ଓଡିଶା ନାନାବିଧ ବିପର୍ଯ୍ୟୟ ସମ୍ବେଦନଶୀଳ ରାଜ୍ୟ । ଓଡିଶାର ଉପକ୍ରାନ୍ତୀୟ ଅବସ୍ଥିତି ଯୋଗୁଁ ଏହା ସର୍ବଦା ବାତ୍ୟା, ଝଡ ଏବଂ ସୁନାମି ପ୍ରବଣ ଅଟେ । ଏହି ଅଞ୍ଚଳର ନଦୀଗୁଡିକ ପ୍ରଚୁର ପଟୁ ଅବକ୍ଷୟ ଯୋଗୁଁ ଅବଧାରଣା କ୍ଷମତା କମ୍ ଥିବାରୁ ବାରମ୍ବାର ବନ୍ୟା ପରିସ୍ଥିତି ସୃଷ୍ଟି କରିଥାଏ । ଏହାଛଡା ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆକଳନ ଅନୁସାରେ ରାଜ୍ୟର ବିଭିନ୍ନ ଜିଲ୍ଲାର 266 ଟି ଗ୍ରାମ ସୁନାମି ସମ୍ବେଦନଶୀଳ, 103 ଟି ସହରାଞ୍ଚଳ ପୌର ନିକାୟ ମଧ୍ୟରୁ 43ଟି ସହରାଞ୍ଚଳ ପୌରାଞ୍ଚଳର 27 ଲକ୍ଷ ଜନସାଧାରଣ ଭୂମିକମ୍ପ ଆପଦ ଜୋନ୍–II ଏବଂ III (ସ୍ୱଳ୍ପ ଏବଂ ମଧ୍ୟମ ଆପଦ ସଂକୁଳ ଜୋନ) ପରିସରଭୁକ୍ତ ଅଟନ୍ତି । ଏହି ସମ୍ବେଦନଶୀଳତା ଅଞ୍ଚଳଗୁଡିକୁ ନିମ୍ନ ମାନଚିତ୍ରରେ ଦର୍ଶାଯାଇଛି ।

**ମାନଚିତ୍ର 1: ବାତ୍ୟା ପ୍ରବଣ ଅଞ୍ଚଳର ପାର୍ଶ୍ୱଚିତ୍ର**




**ମାନଚିତ୍ର 2: ବନ୍ୟା ପ୍ରବଣ ଅଞ୍ଚଳର ପାର୍ଶ୍ୱଚିତ୍ର**



### *2.1.2 ରାଜ୍ୟରେ ବିପର୍ଯ୍ୟୟର ପ୍ରଭାବ*

ବିଗତ ଏକ ଦଶନ୍ଧି ମଧ୍ୟରେ ରାଜ୍ୟ ବନ୍ୟା, ବାତ୍ୟା, ଘୁର୍ଣ୍ଣିଝଡ ଏବଂ ମରୁଡି ଭଳି ବିଭିନ୍ନ ପ୍ରକାରର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ପ୍ରମୁଖ ବିପର୍ଯ୍ୟୟ ଗୁଡିକର ପ୍ରଭାବ ନିମ୍ନରେ ପ୍ରଦତ୍ତ କରାଗଲା ।

- ଅକ୍ଟୋବର 1999 ରେ ରାଜ୍ୟରେ ହୋଇଥିବା ମହାବାତ୍ୟାରେ 12 ଜିଲ୍ଲାର 1.26 କୋଟି ଲୋକ ପ୍ରଭାବିତ ହୋଇଥିଲେ ଯେଉଁଥିରେ କି 8962 ଲୋକଙ୍କର ପ୍ରାଣହାନୀ ଘଟିଥିଲା । 20 ଲକ୍ଷ ବାସଗୃହ ଧ୍ୱଂସ ହୋଇଥିଲା ଏବଂ 18.40 ଲକ୍ଷ ହେକ୍ଟରରୁ ଉର୍ଦ୍ଧ୍ୱ ଜମିର ଫସଲ ନଷ୍ଟ ହୋଇଥିଲା ।
- 2007 ରୁ 2013 ମସିହା ମଧ୍ୟରେ ରାଜ୍ୟ ବନ୍ୟା/ବୃଷ୍ଟି ବହୁଳତା, ମରୁଡି ସହିତ ଫାଇଲିନ୍ ଭଳି 15ଟି ପ୍ରମୁଖ ବିପର୍ଯ୍ୟୟର ସମ୍ମୁଖିନ ହୋଇଥିଲା ଯେଉଁଥିରେ କି 2.97 କୋଟି ଲୋକ ପ୍ରଭାବିତ ହୋଇଥିଲେ । 405 ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ଅନ୍ୟୁନ 16430.71 କୋଟି ଟଙ୍କାର ଧନ ସମ୍ପତ୍ତି ନଷ୍ଟ ହୋଇଥିଲା ଯାହାର ବିବରଣୀ ***ପରିଶିଷ୍ଟ 2.1.1*** ରେ ବର୍ଣ୍ଣନା କରାଯାଇଅଛି ।

### *2.1.3 ସଂଗଠନର ସଂରଚନା*

ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ଅଧିନରେ ବିପର୍ଯ୍ୟୟ ପ୍ରସ୍ତୁତି, ହ୍ରାସ ଏବଂ ପରିଚାଳନା ପାଇଁ ରାଜ୍ୟ ସରକାର ଡିସେମ୍ବର 1999 ରେ ମହାବାତ୍ୟା ପରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ନାମକ ଏକ ସ୍ୱୟଂଶାସିତ ନିକାୟ ଗଠନ କରିଥିଲେ । କିନ୍ତୁ, ଭାରତ ସରକାରଙ୍କର ବିପର୍ଯ୍ୟୟ ପରିଚାଳନା ଅଧିନିୟମ 2005 ଅଧିନିୟମିତ ହେଲା ପରେ ଅକ୍ଟୋବର 2010 ରେ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ନୀତି ଏବଂ ଯୋଜନା ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀଙ୍କର ଅଧକ୍ଷତାରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଥରିଟି ଗଠନ କରିଥିଲେ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ସହାୟତା କରିବା ପାଇଁ ଚାରିଜଣ ସଚିବଙ୍କୁ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଡିସେମ୍ବର 2010 ରେ ରାଜ୍ୟ ନିର୍ବାହୀ କମିଟି ଗଠନ କରାଗଲା ଯାହାଙ୍କର କି ରାଷ୍ଟ୍ରୀୟ ଏବଂ ରାଜ୍ୟ ବିପର୍ଯ୍ୟୟ ଯୋଜନାର କାର୍ଯ୍ୟାନ୍ୱୟନ କରିବା, ଏହାର ସମନ୍ୱୟନ ରକ୍ଷା କରିବା ଏବଂ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାର ଦେଖାରଖା କରିବାର ଦାୟିତ୍ୱ ଥିଲା ।

ଜିଲ୍ଲା ସ୍ତରରେ ଯୋଜନା ପ୍ରସ୍ତୁତ କରିବା, ସମ୍ପନ୍ୱୟତା ରକ୍ଷା କରିବା ଏବଂ ବିପର୍ଯ୍ୟୟ ସପକ୍ଷରେ ଉପଯୁକ୍ତ ଉପାୟମାନ ଅବଲମ୍ବନ କରିବା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ନଭେମ୍ବର 2010ରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଥରିଟି ଗଠନ କରାଯାଇଥିଲା ।

ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍ସି)ଙ୍କ ଅଫିସ୍ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ସଚିବାଳୟର କାର୍ଯ୍ୟ ସଂପାଦନ କରିଥାଏ । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (ଆର୍ଡିଏମ୍) ବିଭାଗର ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ସ୍ୱତନ୍ତ୍ର ସଚିବ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଥରିଟିର ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ହୋଇ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକଳାପଗୁଡିକର ମୁଖ୍ୟ କାର୍ଯ୍ୟ ନିର୍ବାହୀ (ସିଇଓ) ଅଟନ୍ତି ।

### *2.1.4 ସମୀକ୍ଷାର ପରିସର*

2007 ରୁ 2013 ମସିହାର ଅବଧିକୁ ପରିସରଭୁକ୍ତ କରି ମେ ରୁ ଅକ୍ଟୋବର 2012 ଏବଂ ଏପ୍ରିଲ୍ ରୁ ମେ 2013ରେ କାର୍ଯ୍ୟ ସଂପାଦନା ଅଡିଟ୍ କାର୍ଯ୍ୟ କରାଯାଇଥିଲା । ସ୍ଥିରୀକୃତ ଅନିୟତ ନମୁନା ବ୍ୟବସ୍ଥା ଗ୍ରହଣ କରି (ଏସଆରଏସଡବ୍ଲୁ ଓ ଆର) ପଦ୍ଧତି ନ ବଦଳାଇ ଅଡିଟ୍ ଦ୍ୱାରା ଆଠଟି[2] ଜିଲ୍ଲାକୁ ନମୁନା ଭାବେ ବଛା ଯାଇଥିଲା । ଏଥି ସହିତ ଅକ୍ଟୋବର 2013 ରେ ଫାଇଲିନ୍ ଏବଂ ତା ପରବର୍ତ୍ତୀ ବନ୍ୟା ବିପର୍ଯ୍ୟୟରେ ରାଜ୍ୟ ପ୍ରଭାବିତ

---

[2] ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, କେଉଁଝର ଏବଂ ସୁବର୍ଣ୍ଣପୁର ।

ହୋଇଥିବାରୁ ଡିସେମ୍ବର 2013 ରୁ ମେ 2014 ମଧ୍ୟରେ ଛଅ ଗୋଟି[3] ଫାଇଲିନ୍ ପ୍ରଭାବିତ ଜିଲ୍ଲାର(ପୂର୍ବ ଆଠଟି ଜିଲ୍ଲାରୁ ଚାରୋଟି ଜିଲ୍ଲା ସଂପୃକ୍ତ ଅଛି) ଫାଇଲିନ୍ ବିପର୍ଯ୍ୟୟର ପୂର୍ବ ଏବଂ ପରବର୍ତ୍ତୀ ସମୟର ବିପର୍ଯ୍ୟୟ ପରିଚାଳନାର ସମୀକ୍ଷା କରାଯାଇଥିଲା । ଏହିପରି ଅଡିଟରେ 10ଟି ଜିଲ୍ଲାକୁ ଅଡିଟ୍ ପରିସରଭୁକ୍ତ କରାଯାଇଥିଲା ।

### *2.1.5 ସମୀକ୍ଷା ଉଦ୍ଦେଶ୍ୟ*

ନିମ୍ନଲିଖିତ ବିଷୟ ଗୁଡ଼ିକୁ ଆକଳନ କରିବା କାର୍ଯ୍ୟ ସଂପାଦନା ସମୀକ୍ଷାର ଉଦ୍ଦେଶ୍ୟ ଥିଲା:-

- ବିପର୍ଯ୍ୟୟ ସମ୍ବନ୍ଧିତ ସମସ୍ୟା ଗୁଡ଼ିକୁ ସମ୍ବୋଧିତ କଲାଭଳି ଏକ ଦୃଢ଼ ଆନୁଷ୍ଠାନିକ ବ୍ୟବସ୍ଥା ବ୍ୟବସ୍ଥିତ କରାଯାଇଥିଲା କି ନାହିଁ ;
- ବିପର୍ଯ୍ୟୟର ପ୍ରଭାବ ହ୍ରାସ ପାଇଁ ବିପର୍ଯ୍ୟୟ ପ୍ରସ୍ତୁତି, ନିରାକରଣ ଏବଂ ହ୍ରାସ ପାଇଁ ଉଦ୍ଦିଷ୍ଟ ଉପାୟ / ପଦ୍ଧତି ସବୁ ପର୍ଯ୍ୟାପ୍ତ ଦକ୍ଷ ଏବଂ ଫଳପ୍ରଦ ଥିଲା କି ନାହିଁ ;
- ବିପର୍ଯ୍ୟୟ ସମୟରେ ପ୍ରତିକ୍ରିୟାତ୍ମକ ପଦକ୍ଷେପ ଥଇଥାନ ଓ ପୁନଃ ନିର୍ମାଣ କାର୍ଯ୍ୟସବୁ ଫଳପ୍ରଦ ଭାବରେ ଏବଂ ଦକ୍ଷତାର ସହିତ ଗ୍ରହଣ କରାଯାଇଥିଲା କି ନାହିଁ ;
- ପାଣ୍ଠିର ସମୟୋଚିତ ଉପଲବ୍ଧି ହୋଇଥିଲା କି ନାହିଁ ଏବଂ ଏହାର ବିନିଯୋଗ ଦକ୍ଷତାର ସହ ଏବଂ ଫଳପ୍ରଦ ହେବାଭଳି ହୋଇଥିଲା କି ନାହିଁ । ଏହାର ବିନିଯୋଗରେ ମିତବ୍ୟୟିତା ଅବଲମ୍ବନ କରାଯାଇଥିଲା କି ନାହିଁ;
- ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗକୁ ଦକ୍ଷତା ଏବଂ ଫଳପ୍ରଦ ଭାବରେ ପର୍ଯ୍ୟାଲୋଚନା କରାଯାଉଥିଲା କି ନାହିଁ ।

### *2.1.6 ସମୀକ୍ଷାର ମାନଦଣ୍ଡ*

ନିମ୍ନଲିଖିତ ଦସ୍ତାବିଜକୁ ଭିତ୍ତିକରି କାର୍ଯ୍ୟ ସଂପାଦନା ସମୀକ୍ଷାର ମାନଦଣ୍ଡ ସ୍ଥିର କରାଯାଇ ଥିଲା:-

- ବିପର୍ଯ୍ୟୟ ପରିଚାଳନା ଅଧିନିୟମ 2005;
- ବିପର୍ଯ୍ୟୟ ପରିଚାଳନା ଉପରେ ଜାତୀୟ ନୀତି 2009;
- ଜାତୀୟ/ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା, ଭାରତ ସରକାର, ରାଜ୍ୟ ସରକାର ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଗାଇଡ ଲାଇନ (ପଥପ୍ରଦର୍ଶିକା) ଏବଂ ଜାରି କରାଯାଇଥିବା ଅନ୍ୟାନ୍ୟ ଅନୁଦେଶ;
- ଓଡିଶା ରିଲିଫ କୋଡ୍
- ଓଡିଶା ଟ୍ରେଜେରୀ କୋଡ୍, ଓଡିଶା ସାଧାରଣ ଆର୍ଥିକ ନିୟମ (ଓଜିଏଫଆର୍) ।

### *2.1.7 ସମୀକ୍ଷା ପଦ୍ଧତି*

କାର୍ଯ୍ୟ ସଂପାଦନା ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ ପରିସର ଏବଂ ପଦ୍ଧତି ବିଷୟରେ 21 ମେ 2012 ରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ରିଲିଫ କମିଶନର ତଥା ସ୍ୱତନ୍ତ୍ର ସଚିବ ଏବଂ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନାର ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ପ୍ରବେଶ ସମ୍ମିଳନୀରେ ଆଲୋଚନା କରାଗଲା ପରେ ଏବଂ ଏଥିରେ ସେମାନେ ସମ୍ମତି ପ୍ରକାଶ କଲା ପରେ ଅଡିଟ୍ ଆରମ୍ଭ ହୋଇଥିଲା । ସମୀକ୍ଷାରେ ରାଜସ୍ୱ ଓ

---

[3] ଗଞ୍ଜାମ ଏବଂ ପୁରୀ, ପୂର୍ବରୁ ଚାରୋଟି ଜିଲ୍ଲା: ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର ଓ ଯାଜପୁର ।

ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସ୍ୱତନ୍ତ୍ର ରିଲିଫ କମିଶନର, ରାଜ୍ୟ ସରକାରଙ୍କ ଛଅଗୋଟି[4] ବିଭାଗ, ସହର ଯୋଜନା ନିର୍ଦ୍ଦେଶାଳୟ, ମୁଖ୍ୟ ଯନ୍ତ୍ରୀ (ଜଳ ସଂପଦ), ବଛା ଯାଇଥିବା 10ଟି ନମୁନା ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦସ୍ତାବିଜ ଯାଞ୍ଚ କରାଯାଇଥିଲା । ଏହା ସହିତ 95[5] ଟି କାର୍ଯ୍ୟନିର୍ବାହୀ ଏଜେନ୍ସିଙ୍କର ରେକର୍ଡ ଯାଞ୍ଚ କରାଯାଇଥିଲା । ଅଡିଟ୍ ହେଉଥିବା ଅଫିସର ସ୍ୱୀକୃତି ପ୍ରାପ୍ତ ପ୍ରତିନିଧିଙ୍କ ସହ ଯୁଗ୍ମ ଭୌତିକ ପରିଦର୍ଶନ କରାଯାଇଥିଲା ଏବଂ 2011 ମସିହା ବନ୍ୟାରେ ପ୍ରଭାବିତ ହୋଇଥିବା ପାଞ୍ଚଟି ଜିଲ୍ଲାର 112 ଜଣ ଲୋକ ଏବଂ ଫାଇଲିନ୍ ପ୍ରଭାବିତ ଛଅଟି ଜିଲ୍ଲାର 815 ଜଣ ଲୋକଙ୍କ ପ୍ରତିକ୍ରିୟା ରେକର୍ଡ କରାଯାଇଥିଲା । ଆବଶ୍ୟକ ସ୍ଥଳେ ସମୀକ୍ଷାର ପ୍ରମାଣ ସ୍ୱରୂପ ଫଟୋଚିତ୍ର ଉତ୍ତୋଳନ କରାଯାଇଥିଲା । ସମୀକ୍ଷାରୁ ମିଳିଥିବା ସରକାରଙ୍କ ଉତ୍ତର ସବୁ ଉପଯୁକ୍ତ ସ୍ଥାନରେ ସ୍ଥାନିତ କରାଯାଇଥିଲା । ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ପ୍ରସ୍ଥାନ ସମ୍ମିଳନୀ କରାଯାଇପାରିଲା ନାହିଁ (ଜୁନ୍ 2014) ।

## ସମୀକ୍ଷା ସିଦ୍ଧାନ୍ତ

## 2.2 ଆନୁଷ୍ଠାନିକ ଢାଞ୍ଚା ଏବଂ ଯୋଜନା

ବ୍ୟବସ୍ଥାର କାର୍ଯ୍ୟକାରୀ ପାଇଁ ନିୟମ ପ୍ରଣୟନ କରିବା, ସର୍ବାଙ୍ଗୀନ ବିପର୍ଯ୍ୟୟ ପରିଚାଳନା ପାଇଁ ରାଜ୍ୟ ସ୍ତରରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନ କର୍ତ୍ତୃପକ୍ଷ, ଜିଲ୍ଲା ସ୍ତରରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଗଠନ କରିବା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ସହାୟତା ପାଇଁ ରାଜ୍ୟ ନିର୍ବାହୀ କମିଟି ଏବଂ ରାଜ୍ୟ ଉପଦେଷ୍ଟା କମିଟି ଗଠନ କରିବା ଏବଂ ବିପର୍ଯ୍ୟୟ ସମସ୍ୟା ଗୁଡିକର ମୁକାବିଲାର ଉପାୟଗୁଡିକ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ବିଷୟ ଅଧିନିୟମରେ ଉଲ୍ଲେଖ ଅଛି । ବିପର୍ଯ୍ୟୟ ପରିଚାଳନାଗତ ସମସ୍ୟାଗୁଡିକୁ ମୁକାବିଲା କରିବା ପାଇଁ ଥିବା ଆନୁଷ୍ଠାନିକ ଢାଞ୍ଚାରେ ଅନେକ କ୍ଷେତ୍ରରେ ଥିବା ନ୍ୟୁନତା ବିଷୟରେ ନିମ୍ନରେ ଉଲ୍ଲେଖ କରାଗଲା ।

### *2.2.1 ରାଜ୍ୟ ପାଇଁ ନିୟମ ପ୍ରସ୍ତୁତିରେ ବିଳମ୍ବ*

ବିପର୍ଯ୍ୟୟ ପରିଚାଳନା ଅଧିନିୟମ (ଡିଏମ ଆକ୍ଟ) ର ଅନୁଚ୍ଛେଦ 78ରେ ବିପର୍ଯ୍ୟୟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ନିୟମ ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କୁ କ୍ଷମତା ଦିଆଯାଇଅଛି । ରାଜ୍ୟ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କେଉଁମାନଙ୍କୁ ନେଇ ଗଠିତ ହେବ ଏବଂ ଏଥିରେ ସଦସ୍ୟମାନଙ୍କ ସଂଖ୍ୟା, କାର୍ଯ୍ୟକାଳ ସମୟ ଏବଂ ସେବା ସର୍ତ୍ତାବଳୀ, କ୍ଷମତା ପ୍ରୟୋଗର ପରିସୀମା ଓ ଅନ୍ୟାନ୍ୟ ବିଷୟରେ ବ୍ୟବସ୍ଥା ଏହି ନିୟମ ଅନୁସାରେ ସୂଚୀତ କରିବାର ଥିଲା ।

ସମୀକ୍ଷାରୁ ଦେଖାଯାଇଥିଲା କି ଭାରତ ସରକାର ବିପର୍ଯ୍ୟୟ ପରିଚାଳନା ଅଧିନିୟମ 2005 କରିବା ପୂର୍ବରୁ ରାଜ୍ୟ ସରକାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରବର୍ତ୍ତନ କରିଥିଲେ । ମାତ୍ର ଓଡିଶା ବିପର୍ଯ୍ୟୟ ପରିଚାଳନା ନିୟମ ବିପର୍ଯ୍ୟୟ ଅଧିନିୟମ-2005 ଅଧିନିୟମିତ ହେବାର ପାଞ୍ଚ ବର୍ଷ ପରେ ଜୁଲାଇ 2010ରେ ପ୍ରସ୍ତୁତି ହୋଇଥିଲା । ଏହାଦ୍ୱାରା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ରାଜ୍ୟ ନିର୍ବାହି କମିଟି ଗଠନରେ ବିଳମ୍ବ ହୋଇଥିଲା । ଯାହାକି ରାଜ୍ୟ ନିୟମ ତିଆରି ହେବା ପରେ ଅକ୍ଟୋବର ଏବଂ ଡିସେମ୍ବର 2010 ରେ ଗଠନ କରାଯାଇଥିଲା ।

---

4 ଅର୍ଥ, କୃଷି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶ୍ରମ ଓ ନିୟୋଜନ ରାଜ୍ୟ ବୀମା, ଜଳ ସମ୍ପଦ ଏବଂ ଗୃହ ଓ ସହରାଞ୍ଚଳ ଉନ୍ନତି

5 ତହସିଲଦାର: 14, ପୌର ସଂସ୍ଥା : 6, ଗୋଷ୍ଠୀ ଉନ୍ନୟନ ଅଧିକାରୀ: 13, ଉପନିର୍ଦ୍ଦେଶକ, କୃଷି: 6, ନିର୍ବାହୀଯନ୍ତ୍ରୀ : 37, ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ: 5, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ : 5, ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ / ଜିଲ୍ଲା ମୁଖ୍ୟ ଅଧିକାରୀ: 4, ଉପନିର୍ଦ୍ଦେଶକ, ଉଦ୍ୟାନ କୃଷି : 3, ସହାୟକ ନିର୍ଦ୍ଦେଶକ ବୟନ : 1 ପ୍ରବନ୍ଧକ, ଜିଲ୍ଲା ଶିଳ୍ପ କେନ୍ଦ୍ର: 1

ରାଜ୍ୟ ସରକାର ତାଙ୍କ ଉତ୍ତରରେ କହିଥିଲେ (ଅଗଷ୍ଟ 2012) ବିପର୍ଯ୍ୟୟ ଅଧିନିୟମ ସମ୍ବନ୍ଧିତ କିଛି ସମାସ୍ୟା ଥିଲା ଏବଂ ଏହାର ପୁନଃ ନିରୀକ୍ଷଣ ପାଇଁ ଭାରତ ସରକାର ଏକ ଟାସ୍କ ଫୋର୍ସ ଗଠନ କରିବା ହେତୁ ଏହାକୁ ଲାଗୁ କରିବାରେ ବିଳମ୍ବ ହୋଇଥିଲା । ରାଜ୍ୟ ସରକାର ଆହୁରି ମଧ୍ୟ କହିଥିଲେ (ଜୁନ୍ 2014) ଯେ, ରାଜ୍ୟ ବିପର୍ଯ୍ୟୟ ନିୟମ ପ୍ରସ୍ତୁତ ହେବା ପୂର୍ବରୁ  ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧିତ ସମସ୍ୟା ସବୁ ଦୁର୍ବିପାକ ସହାୟତା ରିଲିଫ ପାଣ୍ଠି ଯୋଜନା ଅନୁସାରେ ପରିଚାଳିତ ହେଉଥିଲା ।

କିନ୍ତୁ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟାନ୍ୱୟନ ଏକ ଅବିରତଧାରା ହୋଇଥିବାରୁ ବିପର୍ଯ୍ୟୟ ଅଧିନିୟମର ଆବଶ୍ୟକତା ଅନୁସାରେ ସମୟୋଚିତ ନିୟମ ଏବଂ ପ୍ରଣାଳୀର ପ୍ରସ୍ତୁତ କରିବାର ଆବଶ୍ୟକତା ଅଛି । ଦୁର୍ବିପାକ ସହାୟତା ପାଣ୍ଠି ଯୋଜନାରେ ସହାୟତା ଏବଂ ପାଣ୍ଠିର ବିନିଯୋଗ ମୌଳିକ ଭାବେ ବିପର୍ଯ୍ୟୟ ପରବର୍ତ୍ତୀ କାଳରେ କରାଯାଇଥାଏ ।

### *2.2.2 ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି*

ଅଧିନିୟମର ଅନୁଚ୍ଛେଦ 23 ଅନୁସାରେ ରାଜ୍ୟର ବିଭିନ୍ନ ଅଂଶ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ପ୍ରତି ଥିବା ସମ୍ବେଦନଶୀଳତା, ବିପର୍ଯ୍ୟୟ ନିରାକରଣ ଏବଂ ହ୍ରାସ ପାଇଁ ଉପାୟମାନ ପ୍ରସ୍ତୁତ କରିବାକୁ ହେବ । କେଉଁ ପ୍ରକାରରେ ବିପର୍ଯ୍ୟୟ ହ୍ରାସ କରାଯାଇ ପାରିବ, ତାହାର ଉପାୟ ସବୁକୁ ଉନ୍ନୟନ ଯୋଜନା ସହ ସଂଶ୍ଳିଷ୍ଟ କରାଯାଇପାରିବ, ମାନବ ସମ୍ବଳ ଏବଂ ପ୍ରସ୍ତୁତି ଉପାୟ କିପରି ହେବ, ବିଭିନ୍ନ ବିଭାଗର ବିଭିନ୍ନ ବିପର୍ଯ୍ୟୟ ସମୟରେ କଣ ଭୂମିକା ଏବଂ ଦାୟିତ୍ୱ ରହିବ, ତାହା ଉଲ୍ଲେଖ କରି ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ଥିଲା ।

ରାଜ୍ୟ ଯୋଜନାର ଅଧିନରେ ରାଜ୍ୟ ସରକାର ଅର୍ଥ ଯୋଗାଣ ଉପାୟ କରିବା ନିମନ୍ତେ ସମୁଚିତ ବ୍ୟବସ୍ଥା କରିବାର ଥିଲା । ଏହାଛଡା ଆକ୍ଟର ଧାରା 30 ଓ 31 ଅନୁଯାୟୀ ଉନ୍ନୟନ ଯୋଜନା କ୍ଷେତ୍ରରେ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା, ବିପର୍ଯ୍ୟୟର ରୂପକୁ ସମ୍ବନ୍ଧିତ କରି ରାଜ୍ୟ ସରକାର ଜିଲ୍ଲା ସ୍ତରରେ ଓ ଜିଲ୍ଲାରେ ଥିବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିପର୍ଯ୍ୟୟର ନିବାରଣ ଓ ପ୍ରଶମନ କରିବାର ଉପାୟ ବାହାର କରିବା ଦରକାର ।

ସମୀକ୍ଷାରୁ ଦେଖାଗଲା ଯେ, ଡିଏମ ଆକ୍ଟ ପ୍ରଚଳନ ହେବାର ସାତ ବର୍ଷ ପରେ ମଧ୍ୟ ଏସଡିଏମପି ପ୍ରସ୍ତୁତ ହୋଇ ନଥିଲା । ଫଳସ୍ୱରୂପ ବିଭାଗ ଗୁଡିକ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନାକୁ ନିଜ ନିଜ ଉନ୍ନତିମୂଳକ କାର୍ଯ୍ୟରେ ପ୍ରଚଳନ କରାଇପାରି ନ ଥିଲେ । ପୁନଶ୍ଚ ଅର୍ଥ ପ୍ରଦାନ ପାଇଁ କୌଣସି ବ୍ୟବସ୍ଥା କରିବାରେ ରାଜ୍ୟ ସରକାରଙ୍କର ଉପାୟ ନ ଥିଲା ।

ସରକାର ଦର୍ଶାଇଥିଲେ(ଜୁନ 2014) ଏସଡିଏମପି ଅଗଷ୍ଟ 2013 ରେ ପ୍ରସ୍ତୁତ କରାହୋଇଥିଲା ଏବଂ ବିପର୍ଯ୍ୟୟ ପରିଚାଳନା ଉପାଦାନକୁ ସେମାନଙ୍କ ଯୋଜନା କ୍ଷେତ୍ରରେ ସମ୍ମିଳିତ କରିବା ପାଇଁ ବିଭାଗ ଗୁଡିକୁ ଆଦେଶ ଦିଆଯାଇଥିଲା ।

### *2.2.3 ଏସ୍‌ଡିଏମ୍‌ଏର ଗଠନ*

ଡିଏମ୍ ଆକ୍ଟର ଧାରା 18(1) ଏବଂ (3) ଅନୁଯାୟୀ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ନୀତିକୁ ପ୍ରଣୟନ କରିବାର ଦାୟିତ୍ୱ, ବିଭିନ୍ନ ବିଭାଗକୁ ବିପର୍ଯ୍ୟୟ ଦମନର ଉପାୟ ପ୍ରଦର୍ଶିକା ଏବଂ ଉନ୍ନତିମୂଳକ ଯୋଜନା ଓ ପ୍ରକଳ୍ପର ପ୍ରଶମନ ଏବଂ ଦରକାରୀ ବୈଷୟିକ ସହାୟତାର ବ୍ୟବସ୍ଥା, ରାଜ୍ୟ ଯୋଜନାର କାର୍ଯ୍ୟାନ୍ୱୟନର ସମନ୍ୱୟ ଜାତୀୟ ପ୍ରାଧିକାର ପ୍ରଦର୍ଶିକା ଅନୁଯାୟୀ ପ୍ରସ୍ତୁତ ଏସଡିଏମପି ମଞ୍ଜୁରୀ ଓ ଲଘୁକରଣ ବ୍ୟବସ୍ଥାର ସମୀକ୍ଷା, ସାମର୍ଥ୍ୟ ବୃଦ୍ଧି

ଇତ୍ୟାଦିର ଦାୟିତ୍ୱ ଏସଡିଏମପିର ଅଟେ । ପୁନଶ୍ଚ, ଡିଏମ ଆକ୍ଟର 15(1) ଅନୁଯାୟୀ ଏସଡିଏମଏ ଯେକୌଣସି ସମୟରେ ଏବଂ ଯେକୌଣସି ସ୍ଥାନରେ ବୈଠକ କରିପାରିବେ ।

ସମୀକ୍ଷାରୁ ଜଣାଗଲା ଯେ 2007-10 ମଧ୍ୟରେ ବଡ ବିପର୍ଯ୍ୟୟର ରାଜ୍ୟ ସମ୍ମୁଖୀନ ହୋଇଥିଲେ ମଧ୍ୟ, ଅକ୍ଟୋବର 2010 ରେ ଏସଡିଏମଏ ଗଠନ ହୋଇଥିଲେ ମଧ୍ୟ ଜୁଲାଇ 2013 ସୁଦ୍ଧା ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରିବା ପାଇଁ ବୈଠକ କରିନଥିଲେ । ଫଳତଃ ସବୁ ବିଭାଗ ଓ କ୍ଷେତ୍ର କାର୍ଯ୍ୟକର୍ତ୍ତାମାନେ ଏସଡିଏମଏର ନିର୍ଦ୍ଦେଶ ପାଇବାରୁ ବଞ୍ଚିତ ହୋଇଥିଲେ ।

ରାଜ୍ୟ ସରକାର ଦର୍ଶାଇଥିଲେ (ଜୁନ୍ 2014) ଯେ, 2007-12 ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କର ସଭାପତିତ୍ୱରେ ହୋଇଥିବା ବୈଠକରେ ବିଭିନ୍ନ ବିଭାଗରୁ ଆସିଥିବା ପ୍ରତିନିଧିମାନଙ୍କ ସାଙ୍ଗରେ ବିପର୍ଯ୍ୟୟ ପ୍ରସଙ୍ଗ ଉପରେ ଚର୍ଚ୍ଚା କରାହୋଇଥିଲେ ମଧ୍ୟ ଏସଡିଏମଏର ବୈଧାନିକ ମର୍ଯ୍ୟାଦା ଦିଆଯାଇ ନଥିଲା ।

ଯାହାହେଉ, ଏହି ବୈଠକଗୁଡିକ କେବଳ ପ୍ରୟୋଜନ ଭିତ୍ତିକ କଥୋପକଥନ ଥିଲା ଏବଂ ସାଧାରଣ ବୈଠକରେ ଦୁର୍ବିପାକ ସମ୍ବନ୍ଧୀୟ ସମସ୍ତ ଦିଗକୁ ବିଚାର କରିବା ଏକ ବିଳମ୍ବିତ ପଦ୍ଧତି ଥିଲା ।

### *2.2.4 ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକାରୀ (ଡିଡିଏମ୍‌ଏ) ଅନୁଷ୍ଠାନ*

ସେହିପରି ଡିଏମ ଆକ୍ଟର ଧାରା 25 ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାରେ ଡିଡିଏମଏ ଗଠନ କରାଯିବା କଥା, ଯାହା ଜିଲ୍ଲା ଯୋଜନା, ସମନ୍ୱୟ ଓ କାର୍ଯ୍ୟାନ୍ୱୟନ ନିକାୟ ଭାବରେ କାର୍ଯ୍ୟ କରିବା ଉଚିତ୍ । ପୁନଶ୍ଚ ଆକ୍ଟର ଧାରା 27 ଅନୁଯାୟୀ ଦରକାରବେଳେ ଡିଡିଏମଏ ବୈଠକ କରିବେ ।

ସମୀକ୍ଷାରୁ ଜଣାଗଲା ଯେ ରାଜ୍ୟରେ ପ୍ରତ୍ୟେକ ବର୍ଷ ବଡ ବଡ ବିପର୍ଯ୍ୟୟ ହେବା ସତ୍ତ୍ୱେ ନଭେମ୍ବର 2010 ଶେଷ ସୁଦ୍ଧା ଡିଡିଏମଏ ଗୁଡିକ ଗଠିତ ହୋଇଥିଲେ ମଧ୍ୟ ମାର୍ଚ୍ଚ 2012 ସୁଦ୍ଧା ଏହାର କୌଣସି ବୈଠକ ବସି ନଥିଲା ଏବଂ ବିପର୍ଯ୍ୟୟ କାମଗୁଡିକୁ ତଦାରଖ କରିନଥିଲା ।

### *2.2.5 ଡିଏମ ଆକ୍ଟର ବ୍ୟବସ୍ଥା ରାଜ୍ୟ ଡିଏମ ନୀତିରେ ସମନ୍ୱିତ ହେବା*

ରାଜ୍ୟ ଡିଏମ୍ ନୀତିର ଅନୁଚ୍ଛେଦ 3.2.21ରେ ନୀତି ଗୁଡିକ ଦରକାର ସମୟରେ ବଦଳାଯିବାର ବ୍ୟବସ୍ଥା ଅଛି । ସମୀକ୍ଷାରୁ ଦେଖାଯାଇଥିଲା ଯେ, ଯଦିଓ ଡିସେମ୍ବର 2005ରେ ଜାତୀୟ ଡିଏମ ଆକ୍ଟ ଗଠନ କରାଯାଇଥିଲା ଏବଂ ଅକ୍ଟୋବର 2009ରେ ଜାତୀୟ ଡିଏମ ନୀତି ପ୍ରଚଳନ କରାଯାଇଥିଲା ଯାହା ପୂର୍ବରୁ ରାଜ୍ୟ ଡିଏମ୍ ନୀତି ମାର୍ଚ୍ଚ 2005ରେ ପ୍ରଚଳନ କରାଯାଇଥିଲା, ତଥାପି ଏପର୍ଯ୍ୟନ୍ତ ରାଜ୍ୟ ଡିଏମ୍ ନୀତିରେ କୌଣସି ସଂଶୋଧନ କିମ୍ବା ନବୀକରଣ କରାଯାଇନାହିଁ । ରାଜ୍ୟ ଡିଏମ ନୀତିର ସମୀକ୍ଷା ନ ହେବାରୁ ଏହା ଜାତୀୟ ଡିଏମ ନୀତି/ ଧାରା ସହିତ ଖାପ ଖାଇନଥିବାରୁ (i) ରାସାୟନିକ, ଜୈବିକ ଓ ବିକିରଣ ବିପର୍ଯ୍ୟୟ ପରି ମନୁଷ୍ୟକୃତ ବିପର୍ଯ୍ୟୟର ମିଶ୍ରଣ (ii) ନିର୍ମାଣ ସୁରକ୍ଷା ଗ୍ରହଣ କରିବା, ଜୀବନ ରକ୍ଷାକାରୀ ଗୃହକୁ ସଜାଡି ରଖିବା (iii) ସ୍ୱତ୍ତ୍ୱାଧିକାରମୂଳକ ପୁନର୍ଗଠନ (iv) ପ୍ରଭାବିତ ଗୋଷ୍ଠୀଙ୍କର ଅସ୍ଥାୟୀ ଜୀବନ ରକ୍ଷା ନିମନ୍ତେ ସୁବିଧା ସୃଷ୍ଟି କରିବା ଇତ୍ୟାଦି ସୁବିଧାର ଅଭାବ ଥିଲା ।

ସରକାର କହିଥିଲେ (ଜୁନ୍ 2014) ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରର ଉନ୍ନତିକୁ ଆଗରେ ରଖି ନୂତନ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରସ୍ତୁତ କରିବା ପାଇଁ ପଦକ୍ଷେପ ନିଆଯାଇଛି ।

### *2.2.6 ଉପଦେଷ୍ଟା ମଣ୍ଡଳୀର ଗଠନ*

ଡିଏମ୍ ଆକ୍ଟର ଧାରା 17 (1) ଅନୁଯାୟୀ ରାଜ୍ୟ କର୍ତ୍ତୃପକ୍ଷ ଯେତେବେଳେ ଦରକାର ମନେ କରିବେ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗର ଅନୁମୋଦନ ପାଇଁ ବିପର୍ଯ୍ୟୟ ପରିଚାଳନା ଦିଗରେ ଅଭିଜ୍ଞତା ହାସଲ କରିଥିବା ବିଶାରଦମାନଙ୍କୁ ନେଇ ଉପଦେଷ୍ଟା ମଣ୍ଡଳ ଗଠନ କରିପାରିବେ । ତଥାପି ରାଜ୍ୟ (ଜୁନ୍ 2013) ସେପରି କୌଣସି ମଣ୍ଡଳ ଗଠନ କରିନଥିଲା ।

ବିଭାଗ ଦର୍ଶାଇଲେ (ଜୁନ୍ 2013) ଯେ, ଉପଦେଷ୍ଟା ମଣ୍ଡଳ ନିହାତି ଆବଶ୍ୟକ ନୁହେଁ ଏବଂ ଯେତେବେଳେ ଆବଶ୍ୟକ ଗଠନ କରାଯାଇ ପାରିବ । ଯାହାହେଉ, ବିପର୍ଯ୍ୟୟର ଫଳପ୍ରଦ ପରିଚାଳନା ପାଇଁ ମଣ୍ଡଳ ଗଠନ କରା ନଯିବାରୁ ରାଜ୍ୟ ଅଭିଜ୍ଞା ବିଶାରଦମାନଙ୍କ ମତାମତ ଓ ଅନୁମୋଦନ ପାଇବାରୁ ବଞ୍ଚିତ ହୋଇଥିଲା ।

### *2.2.7 ଏସଇସି ଓ ଡିଡିଏମଏ ଗୁଡିକର ନିୟନ୍ତିତ ଶକ୍ତି ଓ ପ୍ରାଧିକାର*

ଡିଏମ୍ ଆକ୍ଟର ଧାରା 24ର ବ୍ୟବସ୍ଥା ଅନୁସାରେ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରେ ପ୍ରଭାବିତ ଗୋଷ୍ଠୀଙ୍କୁ ରକ୍ଷା କରିବା କିମ୍ବା ସେମାନଙ୍କୁ ସାହାଯ୍ୟ ପ୍ରଦାନ କରିବା କିମ୍ବା କୌଣସି ଆସନ୍ନ ବିପର୍ଯ୍ୟୟକୁ ରୋକିବା କିମ୍ବା ବିପର୍ଯ୍ୟୟ ପରିଚାଳନାରେ ବ୍ୟାଘାତକୁ ରୋକିବା ପାଇଁ ଯାନବାହନର ନିୟନ୍ତ୍ରଣ, ଲୋକମାନଙ୍କର ଆଗମନ, ଚଳପ୍ରଚଳ ଏବଂ ପ୍ରସ୍ଥାନକୁ କଟକଣା ଜାରି କରିବା, ଆବର୍ଜନା ଉଙ୍ଘାଇବା, ତଲାସି ଏବଂ ଉଦ୍ଧାର କାର୍ଯ୍ୟ କରିବା ନିମନ୍ତେ ଏସଇସିକୁ ଆବଶ୍ୟକ କ୍ଷମତା ଦିଆଯିବା ଦରକାର ।

- ସମୀକ୍ଷାରୁ ଜଣାଗଲା ଯେ ଏସଇସିକୁ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସଡିଆରଏଫ) ରୁ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟ ପାଇଁ କେବଳ ପାଣ୍ଠି ଆବଣ୍ଟନ କରିବା ବ୍ୟତୀତ ଅନ୍ୟ କୌଣସି ଦାୟିତ୍ୱ ନ୍ୟସ୍ତ କରାଯାଇନଥିଲା । ସଜାଗ ପାଇଁ ପର୍ଯ୍ୟାଲୋଚନା, ଉଦ୍ଧାର ଓ ରିଲିଫ କାର୍ଯ୍ୟକ୍ରମର ଦାୟିତ୍ୱରେ ଏସଇସି କାର୍ଯ୍ୟକ୍ଷମ ହୋଇ ପାରିନଥିଲା ।

- ସେହିପରି, ଡିଡିଏମଏ ଗୁଡିକୁ ଡିଏମ୍ ଆକ୍ଟର ଧାରା 30 (2), 33 ଏବଂ 34 ଅନ୍ତର୍ଗତ ଦାୟିତ୍ୱ ଏବଂ ପ୍ରାଧିକାର ଦିଆଯାଇଅଛି । ଓଆରସି (ଅନୁଚ୍ଛେଦ 12 ଏବଂ 15) ରାଜ୍ୟ ସ୍ତରରେ ଏସଆରସି/ ବୋର୍ଡ ଅଫ୍ ରେଭେନ୍ୟୁ ଓ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କୁ ରିଲିଫ୍ କାର୍ଯ୍ୟର ତଦାରଖ, ବ୍ୟକ୍ତିମାନଙ୍କୁ ବଦଳି କରାଯିବାର କ୍ଷମତା, ବିଭାଗମାନଙ୍କୁ କୌଣସି ଏକ ଲୋକର ସେବା ପାଇଁ ବରାଦ, ଯାନବାହାନର ବରାଦ ନିମନ୍ତେ ଦାୟିତ୍ୱ ଦିଆଯାଇଥିଲେ ମଧ ଡିଡିଏମଏକୁ ଏହି ପ୍ରକାର କୌଣସି କ୍ଷମତା ଦିଆଯାଇ ନଥିଲା ।

ସରକାର ଦର୍ଶାଇଥିଲେ (ଅଗଷ୍ଟ 2012) ଯେ, ଡିଏମ ଆକ୍ଟର ବ୍ୟବସ୍ଥା ବଳରେ ଧାରାଗୁଡିକ ମଧରେ ଉଲ୍ଲିଖିତ କ୍ଷମତା ସ୍ୱୟଂଚାଳିତ ଭାବରେ ଏସଇସି ଏବଂ ଡିଡିଏମଏ ରେ ପ୍ରବର୍ତ୍ତନ ହେଉଛି, ଯାହାପାଇଁ ପୁଣିଥରେ କ୍ଷମତା ନ୍ୟସ୍ତ କରାଯିବା ଦରକାର ନାହିଁ । କିନ୍ତୁ ସମୀକ୍ଷାରୁ ଜଣାଗଲା ଯେ ଏସଇସି ଓ ଡିଡିଏମଏଗୁଡିକୁ ଡିଏମ ଆକ୍ଟ ଅଧିନରେ ଥିବା ପ୍ରାଧିକାର ପ୍ରୟୋଗର ବ୍ୟବସ୍ଥା ଆବଶ୍ୟକ । ଯେହେତୁ ସରକାର କୌଣସି ଉଲ୍ଲିଖିତ ନିୟମ କିମ୍ବା ନିର୍ଦ୍ଦେଶ କିମ୍ବା ପ୍ରଦର୍ଶିକାକୁ ପ୍ରଣୟନ କରିନାହାନ୍ତି, ଡିଡିଏମ ଗୁଡିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଓଆରସିର ବ୍ୟବସ୍ଥାକୁ ଅନୁକରଣ କରୁଛନ୍ତି ।

## 2.3 ବିପର୍ଯ୍ୟୟ ପାଇଁ ସଜାଗ, ନିବାରଣ ଏବଂ ଲଘୁକରଣ

ବନ୍ୟା, ବାତ୍ୟା ଓ ଭୂମିକମ୍ପ ପରି ପ୍ରାକୃତିକ ବିପର୍ଯ୍ୟୟକୁ ଦୂରେଇ ଦିଆଯାଇପାରିବ ନାହିଁ, ଯେହେତୁ ସେଗୁଡିକ ବାହ୍ୟ ଜିନିଷ ଯେପରିକି ପାଣିପାଗ ଅବସ୍ଥା, ପୃଥିବୀର ଚାପ ଇତ୍ୟାଦି ଉପରେ ନିର୍ଭର କରେ । ତଥାପି, ଏହି ବିପର୍ଯ୍ୟୟର ପ୍ରଭାବକୁ ନିବାରଣ ଓ ଲଘୁକରଣ ଉପାୟରେ କମାଯାଇପାରିବ । ଡିଏମ ଜାତୀୟ ନୀତି 2009 ବିପର୍ଯ୍ୟୟ ପାଇଁ ସଜାଗ, ନିବାରଣ ଓ ଲଘୁକରଣ ଉପରେ ଗୁରିତ୍ୱ ଦିଏ ।

1999 ମହାବାତ୍ୟା ପରେ, ରାଜ୍ୟ ଓ ଜିଲ୍ଲା ସ୍ତରରେ ସରକାର ବିଭିନ୍ନ ପଦକ୍ଷେପ ଯେପରିକି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳର ନିର୍ମାଣ, ଏହି ସ୍ଥଳକୁ ବିଭିନ୍ନ ଯନ୍ତ୍ରରେ ସୁସଜ୍ଜିତ କରିବା ତତ୍କାଳ ଆଶ୍ରୟର ଗଠନ ଏବଂ ବିପର୍ଯ୍ୟୟର ସଜାଗ, ନିବାରଣ ଓ ପ୍ରଶମନ ନିମନ୍ତେ ସଜାଗ ବାହିନୀ ସୃଷ୍ଟି କରିଥିଲା । ସରକାରଙ୍କଦ୍ୱାରା ବିପର୍ଯ୍ୟୟ ଓ ଫାଇଲିନ୍ ପାଇଁ ସଜାଗତା ଓ ଲଘୁକରଣର ବ୍ୟବସ୍ଥାକୁ ଅଡିଟ୍ ପରୀକ୍ଷା କରିଥିଲା । ଅଡିଟର ଅବଲୋକନ ନିମ୍ନରେ ଦିଆଗଲା ।

### *2.3.1 ଏସ୍‌ଡିଏମ୍‌ଏ ଏବଂ ଡିଡିଏମଏ ରେ କର୍ମଚାରୀ ମୁତୟନ*

ଡିଏମ୍ ଆକ୍ଟର ଧାରା 16 ଓ 29 ବ୍ୟବସ୍ଥାରେ ଏସଡିଏମଏ ଓ ଡିଡିଏମଏ ଗୁଡିକରେ କାର୍ଯ୍ୟକ୍ରମର ପରିଚାଳନା ନିମନ୍ତେ ରାଜ୍ୟ ସରକାର ଅଧିକାରୀ ପରାମର୍ଶ ଦାତା ଓ ଅନ୍ୟ କର୍ମଚାରୀଙ୍କ ବ୍ୟବସ୍ଥା କରିବେ ।

ସମୀକ୍ଷାରୁ ଜଣାଗଲା ଯେ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ନଭେମ୍ବର 2010ରେ ପ୍ରତ୍ୟେକ ଜିଲ୍ଲାରେ ଡିଡିଏମଏ ଗୁଡିକ ପ୍ରତିଷ୍ଠା କରାଯାଇଥିଲା କିନ୍ତୁ ସେହି ଅଧିକାରୀମାନଙ୍କୁ କୌଣସି ଉତ୍ସର୍ଗୀକୃତ କର୍ମଚାରୀ ଦିଆଯାଇ ନଥିଲା । ଡିଡିଏମଏ ର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପଦ ଦିଆଯାଇଥିବା ବେଳେ ଜଣେ ଉପଜିଲ୍ଲାପାଳଙ୍କୁ ଜିଲ୍ଲା ଆପାଦକାଳ ଅଧିକାରୀ ଭାବରେ ଅବସ୍ଥାପିତ କରାଯାଇଥିଲା । ଏହି ଅଫିସର ଦ୍ୱୟଙ୍କୁ ନିର୍ବାଚନ, ରାଜସ୍ୱ ଆଦାୟ, ପ୍ରତିଷ୍ଠାନ ଇତ୍ୟାଦି କାର୍ଯ୍ୟର ଦାୟତ୍ୱରେ ରହିଥିବାରୁ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟ ପାଇଁ ସ୍ୱଳ୍ପ ସୁଯୋଗ ଥିଲା ।

ସମୀକ୍ଷାରୁ ଜଣାଗଲା ଯେ ରାଜ୍ୟ ସ୍ତରରେ କାର୍ଯ୍ୟ କରୁଥିବା ରାଜ୍ୟ ଜରୁରୀକାଳିନ ଅପରେସନ ସେଣ୍ଟର (ଏସଇଓସି) ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏସଡିଏମଏ ଅଧିନରେ ଥିବା ରାଜ୍ୟ ସ୍ତରୀୟ ଏସଇଓସି ଏବଂ ଡିଡିଏମଏ ଅଧିନରେ ଥିବା ଜିଲ୍ଲା ଆପାଦକାଳ ଚାଳନା କେନ୍ଦ୍ର (ଡିଇଓସି) ଗୁଡିକରେ ଆବଶ୍ୟକୀୟ କର୍ମଚାରୀ ନଥିଲେ । ମେ 2011 ପର୍ଯ୍ୟନ୍ତ ଏସଆରସି କର୍ମଚାରୀମାନେ ନିଜ କାମ ସାଙ୍ଗରେ ଏସଇଓସି କାର୍ଯ୍ୟର ପରିଚାଳନା କରୁଥିଲେ । ପୁନଶ୍ଚ ଡିଇଓସିର କର୍ମଚାରୀ ଅଭାବରେ କଣ୍ଟ୍ରୋଲ ରୁମର ପରିଚାଳନା ପାଇଁ ଜିଲ୍ଲାର ଅଲଗା ଅଫିସରୁ ଯଥା ଜମି ଅଧିଗ୍ରହଣ କାର୍ଯ୍ୟାଳୟ, ଜିଲ୍ଲା ଯୋଜନା କାର୍ଯ୍ୟାଳୟ, ସବ୍ ରେଜିଷ୍ଟର, ଜିଲ୍ଲା / ସର୍କଲ ସ୍କୁଲ୍ ଇନସ୍ପେକଟର ଇତ୍ୟାଦିରୁ କର୍ମଚାରୀଙ୍କୁ ପର୍ଯ୍ୟାୟ କ୍ରମେ ଦାୟିତ୍ୱ ଦିଆଯାଇଥିଲା ।

ସରକାର ଏସଇଓସି ପାଇଁ ମାର୍ଚ୍ଚ 2011 ବର୍ଷରେ 14 ଟି ପଦବୀର ସୃଷ୍ଟି କରିଥିଲେ । ଯେଉଁମାନେ ଜୁନ୍ ରୁ ସେପ୍ଟେମ୍ବର 2011 ଭିତରେ ମୁତୟନ ହୋଇଥିଲେ କିନ୍ତୁ ଗୋଟିଏ ଡାଟା ଏଣ୍ଟ୍ରି ଅପରେଟର ବ୍ୟତୀତ ଡିଇଓସିରେ କୌଣସି କର୍ମଚାରୀ ପଦବୀର ସୃଷ୍ଟି କରାଯାଇନଥିଲା ।

ସରକାର ଦର୍ଶାଇଲେ (ଜୁନ୍ 2014) ଯେ, ଯଦିଓ ଡେପୁଟି କଲେକ୍ଟରମାନେ ଅନ୍ୟ ଦାୟିତ୍ୱରେ ଥିଲେ ସେମାନେ ବିପର୍ଯ୍ୟୟ ସମୟରେ ଆପଦକାଳିନ ସେବାକୁ ଗୁରୁତ୍ୱ ଦେଉଥିଲେ । କିନ୍ତୁ ଏହିପରି ସାମୟିକ ବ୍ୟବସ୍ଥା ଯୋଗୁଁ କୌଣସି ଉତ୍ସର୍ଗୀକୃତ କର୍ମଚାରୀ ନଥିଲେ, ଯଦିଓ ଡିଏମ ଆକ୍ଟର ଧାରା 16 ଏବଂ 29ରେ ଏସଡିଏମଏ ଓ ଡିଡିଏମ ର ପରିଚାଳନା ପାଇଁ ଅଧିକାରୀ ଓ ଅନ୍ୟ କର୍ମଚାରୀ ନିଯୋଗ କରିବାର ବ୍ୟବସ୍ଥା ରହିଥିଲା ।

### *2.3.2 ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ*

ଡିଏମ 2009 ଜାତୀୟ ନୀତିର ଅନୁଚ୍ଛେଦ 3.4.5ର ବ୍ୟବସ୍ଥା ଅନୁସାରେ ବିପର୍ଯ୍ୟୟର ବିଶେଷିତ ଜବାବ ନିମନ୍ତେ, ରାଜ୍ୟ ପୁଲିସ ବାହିନୀକୁ ଯନ୍ତାଂଶ ଓ ପ୍ରଶିକ୍ଷଣ ଦେଇ ରାଜ୍ୟ ବିପର୍ଯ୍ୟୟ ଜବାବ ବାହିନୀର ସୃଷ୍ଟି କରିବାର ଥିଲା । ଏହା ବ୍ୟତୀତ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ଡିଭିଜନର ନିଷ୍ପତି ଅନୁସାରେ (ଜୁନ 2004) ଗୋଟିଏ ମେଡିକାଲ ସହାୟତା ଦଳ, ଗୋଟିଏ ମୋବାଇଲ ଇଂଜିନିୟରିଂ ୟୁନିଟ ଏବଂ ଉଦ୍ଧାର ଓ ଖୋଜିବାରେ ଦକ୍ଷତା ହାସଲ କରିଥିବା ଷ୍ଟେଟ ଆର୍ମଡ ପୁଲିସର ମିଶ୍ରଣରେ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ଗଠନ କରାହେବ । ମହିଳା ଓ ଶିଶୁମାନଙ୍କ ସହାୟତା ପାଇଁ ବାହିନୀରେ ମହିଳା ସଦସ୍ୟମାନଙ୍କୁ ସାମିଲ କରାଯିବା ଜରୁରୀ । ଅଡିଟ୍ ସମୀକ୍ଷାରୁ ଦେଖାଗଲା ଯେ, ଓଡିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ବାହିନୀ (ଓଡିଆରଏଏଫ) 2001 ରେ ସୃଷ୍ଟି କରାଯାଇଥିଲା ଏବଂ 2009ରେ 10ଟି[6] ୟୁନିଟ୍‌କୁ ବଢ଼ାଇଥିଲେ ମଧ୍ୟ ସେଥିରେ ଇଞ୍ଜିନିୟରିଂ ଓ ମେଡିକାଲ କର୍ମଚାରୀ ଏବଂ ପୁଲିସର ମିଶ୍ରଣରେ ନ ହୋଇ କେବଳ ରାଜ୍ୟ ଆର୍ମଡ୍ ଫୋର୍ସରେ ଗଠନ କରାଯାଇଥିଲା । ପୁନଶ୍ଚ, ଓଡିଆରଏଫ୍ ଦଳରେ ମହିଳା ସଦସ୍ୟାମାନେ ନଥିଲେ ।

ଏହି ତଥ୍ୟକୁ ଗ୍ରହଣ କରି ସରକାର (ଜୁନ 2014) ରେ ଦର୍ଶାଇଥିଲେ ଯେ, ବିପର୍ଯ୍ୟୟ ସମୟରେ ବିଶେଷ କରି ଖୋଜିବା ଓ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରାୟ ସବୁ ଓଡିଆରଏଫର କର୍ମଚାରୀମାନେ ପ୍ରଶିକ୍ଷଣ ନେଇଥିଲେ ।

### *2.3.3 ରାଜ୍ୟ ଓ ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ସୃଷ୍ଟି*

ବିପର୍ଯ୍ୟୟ ପ୍ରଶମନ ଖର୍ଚ୍ଚକୁ ଭରଣା କରିବା ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମଏଫ) ଓ ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଡିଡିଏମଏଫ) କୁ ପ୍ରତିଷ୍ଠା କରିବା ପାଇଁ ଡି.ଏମ ଆକ୍ଟ ଧାରା 48 ରେ ବ୍ୟବସ୍ଥା ଅଛି । ତଥାପି ଅଡିଟ ସମୀକ୍ଷାରୁ ଦେଖାଗଲା ଯେ ସରକାର ରାଜ୍ୟ ସ୍ତରରେ ଏସଡିଏମଏଫ୍ ଏବଂ ଜିଲ୍ଲା ସ୍ତରରେ ଡିଡିଏମଏଫ ର ଗଠନ କରି ନଥିଲେ ।

ସରକାର ଦର୍ଶାଇଲେ ଯେ (ଜୁନ 2014) ଯେହେତୁ ତ୍ରୟୋଦଶ ଅର୍ଥ କମିଶନଙ୍କ ପାଣ୍ଠି ଆବଣ୍ଟନର ବ୍ୟବସ୍ଥା କରି ନଥିଲେ । ଏହାକୁ କାର୍ଯ୍ୟକାରୀ କରାଯାଇ ନଥିଲା । ଏସଡିଆରଏଫ ପାଣ୍ଠିରୁ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ହେଉଥିବା ଖର୍ଚ୍ଚ, ଭାରତ ସରକାରଙ୍କ ପ୍ରଦର୍ଶିକାରେ ଥିବା ବ୍ୟବସ୍ଥାର ବାହାରେ ଥିବାରୁ ଏହି ଉତ୍ତରଟି ଗ୍ରହଣୀୟ ହୋଇ ନଥିଲା ।

### *2.3.4 ଆଗୁଆ ଚେତାବନୀ ସଂକ୍ରିୟା ଓ ଯୋଗାଯୋଗ ପ୍ରଣାଳୀ*

ଡିଏମ୍ ଆକ୍ଟର ଧାରା 22(2) ଏବଂ 30(2) ଅନୁଯାୟୀ ଡିଏମ୍ 2009ର ରାଷ୍ଟ୍ରୀୟ ନୀତି ଏସଇସି ଓ ଡିଡିଏମଏଗୁଡିକ ଜନସାଧାରଣଙ୍କୁ ବିପର୍ଯ୍ୟୟ ସମ୍ପର୍କୀୟ ସୂଚନାର ଆଗୁଆ ପ୍ରଦାନ କରିବା ଓ ଆଗୁଆ ଚେତାବନୀ ପ୍ରଣାଳୀର ବୃଦ୍ଧି, ସ୍ଥାପନ ଓ ଆଧୁନିକୀକରଣ ସୁନିଶ୍ଚିତ କରିବା ଆବଶ୍ୟକ ଥିଲା ।

#### *2.3.4.1 ଭି.ଏଚ୍.ଏଫ୍ ନେଟୱାର୍କର କାର୍ଯ୍ୟକାରିତା*

ରାଜ୍ୟ ସରକାର ଡିଡିଏମଏ, ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ, ବିପର୍ଯ୍ୟୟ ପ୍ରବଣ ତହସିଲ ଓ ଗ୍ରାମ ପଞ୍ଚାୟତ ଗୁଡିକର 414ଟି ସ୍ଥାନରେ ଭିଏଚଏଫ ନେଟ୍‌ୱାର୍କର ବ୍ୟବସ୍ଥା କରିଥିଲା । ଯାହାହେଉ, ସମୀକ୍ଷାର ନମୂନା ଯାଞ୍ଚରୁ ଜଣାପଡିଲା ଯେ ଡିଡିଏମଏ ଗୁଡିକରେ ଥିବା 10 ଗୋଟି ମଧ୍ୟରୁ ଛଅ[7] ଗୋଟି ଭିଏଚଏଫ୍ ସେଟ୍ କାମ

[6] ବାଲେଶ୍ୱର, ବାରିପଦା, ଭୁବନେଶ୍ୱର, ବଲାଙ୍ଗିର, ଛତ୍ରପୁର, କଟକ, ଝାରସୁଗୁଡା, କୋରାପୁଟ, ପାରାଦୀପ ଓ ରାଉରକେଲା

[7] ଅନୁଗୁଳ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, କେଉଁଝର ଓ ସୁବର୍ଣ୍ଣପୁର

କରୁନଥିଲା ଯାହା ଦୂରସଂଚାର ନେଟ ୱାର୍କର ଅନୁପସ୍ଥିତିରେ ଏହା ସନ୍ଦେଶ ସଂଚାରଣ କରିବାରେ ନକାରାତ୍ମକ ପ୍ରଭାବ ପକାଇବ ।

ସରକାର କହିଥଲେ (ଜୁନ୍ 2014) ଯେ, ଭିଏଚଏଫ୍ ସେଟ୍ ଗୁଡ଼ିକ ପୁରୁଣାକାଳିଆ ହୋଇଯାଇଥିଲା ଓ ବିଭାଗ ଏହାକୁ ପରିତ୍ୟାଗ କରି ଉପଗ୍ରହ ଫୋନ୍ ସହିତ ପ୍ରତିବଦଳ କରିବାର ନିଷ୍ପତ୍ତି ନେଇଥିଲା ।

### *2.3.4.2 ହାମ୍ ରେଡିଓ ଓ ଉପଗ୍ରହ(ସାଟେଲାଇଟ୍) ଫୋନର କାର୍ଯ୍ୟକାରିତା*

ପ୍ରାକୃତିକ ଦୁର୍ବିପାକ ସମୟରେ ଜିଲ୍ଲା/ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଓ ସୁଦୂର କ୍ଷେତ୍ର ମଧ୍ୟରେ ସଂଯୋଗ ସ୍ଥାପନ କରିବା ପାଇଁ ବ୍ୟବହାର ହେଉଥିବା ହାମ୍ ରେଡିଓ ଷ୍ଟେସନ୍ ଗୁଡ଼ିକ ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ କାମ କରୁ ନଥିଲା । ଜୁନ୍ 2014 ରେ ସରକାର ଦର୍ଶାଇଥିଲେ ଯେ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆମାଚ୍ୟୁର ରେଡିଓକୁ ହାମ୍ ରେଡଓ ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ରାଜିନାମା ଦସ୍ତଖତ ହେବ । ତଥ୍ୟ ଏହା ରହିଥିଲା ଯେ ହାମ୍ ରେଡିଓ ଗୁଡ଼ିକ ସଜାଡିବା ପାଇଁ ବିଳମ୍ବିତ ପଦକ୍ଷେପ ନିଆଯାଉଅଛି ।

ସେହିପରି, ଡିଇଓସି ଓ ଅନ୍ୟ ଅଫିସ୍ ଗୁଡ଼ିକୁ ଦିଆଯାଇଥିବା 35 ଗୋଟି ଉପଗ୍ରହ ଫୋନ୍ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣା ଚୁକ୍ତି ଅକ୍ଟୋବର 2010 ଓ ଡିସେମ୍ବର 2011 ମଧ୍ୟରେ ଅବସାନ ଘଟିଥିଲା ଓ ଏହା ମାର୍ଚ୍ଚ 2013 ପର୍ଯ୍ୟନ୍ତ ନବୀକୃତ ହୋଇ ନ ଥିଲା । ଉପରୋକ୍ତ ଉପଗ୍ରହ ଫୋନ ମଧ୍ୟରୁ ଦୁଇଟି ଫୋନ୍ ଜଗତସଂପୁର ଓ କଟକ ଡିଇଓସିରେ ଅକ୍ଟୋବର 2011 ପର୍ଯ୍ୟନ୍ତ ଖରାପ ଥିଲା ଏବଂ ଜୁନ 2013 ପର୍ଯ୍ୟନ୍ତ ସଜଡା ଯାଇ ନଥିଲା ।

ସରକାର ଦର୍ଶାଇଲେ (ଜୁନ୍ 2014) ଯେ, ଉପଗ୍ରହ ଫୋନ୍ ଗୁଡ଼ିକ ବନ୍ଦ କରି ତାହାର ଶେଷ ତମ ପ୍ରତିରୂପ ଫୋନ୍ ବ୍ୟବହାର କରିବାର ନିଷ୍ପତ୍ତି ନିଆଯାଇଅଛି । ଯାହାହେଉ ତଥ୍ୟ ଏହା ରହିଥିଲା ଯେ ସବିରାମ କାଳରେ ଉଭୟ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିର ନବୀକୃତ ଓ ଯନ୍ତ୍ରଗୁଡ଼ିକର ପ୍ରତିସ୍ଥାପନ କରିବା ନିମନ୍ତେ କୌଣସି ପଦକ୍ଷେପ ନିଆଯାଇ ନଥିଲା ।

### *2.3.4.3 ବନ୍ୟା / ବାତ୍ୟା ଆଶ୍ରୟସ୍ଥଳୀରେ ସାଜ ସରଞ୍ଜାମ ଗୁଡ଼ିକର ଅବସ୍ଥା*

ଓଏସଡିଏମଏ ର ପ୍ରାପ୍ତ ନଥିପତ୍ର ପରୀକ୍ଷାରୁ ଜଣାଗଲା ଯେ ମାର୍ଚ୍ଚ 2013 ସୁଦ୍ଧା ରାଜ୍ୟରେ ଥିବା 195 ଟି ବନ୍ୟା/ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକ ମଧ୍ୟରୁ ଛଅ ଗୋଟି ଜିଲ୍ଲାରେ ଥିବା 144 ଟି ଆଶ୍ରୟସ୍ଥଳିରେ ଥିବା 27 ଗୋଟି ଜେନେରେଟର ସେଟ୍, 28ଟି ଟାୱାର ଲାଇଟ୍, 39 ଯନ୍ତ୍ର କରତ, 41 ମେଗା ଫୋନ୍, 37 ସର୍ଚ୍ଚ ଲାଇଟ୍, ପାଞ୍ଚଟି ସାଇରେନ୍ ଓ 35 ଟି ସୋଲାର ଲଣ୍ଠନ ଗୁଡ଼ିକରେ ଅକ୍ଟୋବର 2011 ସୁଦ୍ଧା ତ୍ରୁଟିଯୁକ୍ତ ଥିଲା । ଏହା ବ୍ୟତୀତ ବାତ୍ୟାକେନ୍ଦ୍ରରେ ରହିଥିବା ସବୁ ଲାଇଫ୍ ବଏଡ୍, ଲାଇଫ୍ ଜ୍ୟାକେଟ୍ ଓ ତନ୍ତୁ ଦଉଡାଗୁଡ଼ିକ ଜୁନ୍ 2012ରେ ତାହାର ସମାପ୍ତି ତାରିଖ ପାର କରିଯାଇଥିଲା ।

ପୁନଶ୍ଚ, ନଅ ଗୋଟି ବାତ୍ୟା ଆଶ୍ରୟସ୍ଥଳି ଓ ଆଠଟି ଡିଇଓସି ଗୁଡ଼ିକରେ ଜୁନ୍ 2012 ରେ ହୋଇଥିବା ମିଳିତ ବସ୍ତୁଗତ ଯାଞ୍ଚରେ ପ୍ରକଟ ହୋଇଥିଲା ଯେ, ତିନୋଟି ଟାୱାର ଲାଇଟ୍, ଗୋଟିଏ ଯନ୍ତ୍ର କରତ, ଛଅ ଗୋଟି ମେଗା ଫୋନ୍, ପାଞ୍ଚଟି ସର୍ଚ୍ଚ ଲାଇଟ୍, ଗୋଟିଏ ସାଇରେନ୍ ଓ ଦୁଇଟି ସୋଲାର ଲଣ୍ଠନ ତ୍ରୁଟିପୂର୍ଣ୍ଣ ଅବସ୍ଥାରେ ରହିଥିଲା । ରେ ସରକାର ଦର୍ଶାଇଥିଲେ (ଜୁନ୍ 2014) ଯେ, ଯନ୍ତ୍ର ଗୁଡ଼ିକ କାର୍ଯ୍ୟକ୍ଷମ କରାଯାଇ ସାରିଛି ଓ ତାହାର ପରିସ୍ଥିତି ଅଭିବୃଦ୍ଧି କରାଇବା ନିମନ୍ତେ ପଦକ୍ଷେପ ନିଆଯାଉଅଛି ।

### *2.3.4.4 ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକର ମୌଳିକ ଭିତ୍ତି ସଂରଚନା*

ବାତ୍ୟା ଆଶ୍ରୟସ୍ଥଳିର ଭୌତିକ ନିରୀକ୍ଷଣରୁ ଜଣାଗଲା ଯେ 12 ଟିରୁ କୌଣସି ଗୋଟିଏରେ ସ୍ଥାୟୀ ବିଦ୍ୟୁତ୍ ଓ ନିରବଚ୍ଛିନ୍ନ ଜଳ ଯୋଗାଣ ବ୍ୟବସ୍ଥା ନ ଥିଲା । ଏଥି ମଧ୍ୟରୁ ବାଲେଶ୍ୱର ସଦରର ଏକ ଆଶ୍ରୟସ୍ଥଳିରେ ଅସ୍ୱାସ୍ଥ୍ୟକର ପରିବେଶ ଲକ୍ଷ୍ୟ କଲାଯାଇଥିଲା । ଏହାର ଜଳଯୋଗାଣ ବ୍ୟବସ୍ଥା ଭାଙ୍ଗିରୁଜି ଯାଇଥିଲା । ସେହିଭଳି ଯାଜପୁର ବ୍ଲକରେ ଏକ ଆଶ୍ରୟସ୍ଥଳିକୁ ରାସ୍ତା ନଥିଲା ଏବଂ ଏହା ଏକ ତଳିଆ ଅଞ୍ଚଳରେ ତିଆରି ହୋଇଥିଲା । ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ଯେ ବର୍ଷାଦିନେ ଏ ଅଞ୍ଚଳ ଜଳମଗ୍ନ ହୋଇଯାଏ ।

ସରକାର ଜୁନ୍ 2014 ରେ କହିଲେ ଯେ ତିଆରି ସମୟରେ ବାତ୍ୟା ଆଶ୍ରୟସ୍ଥଳିଗୁଡିକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା ଏବଂ ସମସ୍ତ ଆଶ୍ରୟସ୍ଥଳଗୁଡିକୁ ବିଦ୍ୟୁତ୍ ତଥା ରାସ୍ତା ସଂଯୋଗୀକରଣ ପାଇଁ ପର୍ଯ୍ୟାୟ କ୍ରମେ ପଦକ୍ଷେପ ନିଆଯାଉଛି ଯଦ୍ୱାରା କି ଜରୁରୀ ସମୟର ଅସୁବିଧା ଗୁଡିକ ଦୂର କରାଯାଇପାରିବ ।

### *2.3.4.5 ନୌକା ଗୁଡିକର ଲଭ୍ୟତା*

2009 ମସିହା ଠାରୁ 2012 ମସିହା ପର୍ଯ୍ୟନ୍ତ ସମୟକାଳରେ ଏହା ଦେଖାଗଲା ଯେ 2009-10 ବର୍ଷରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବନ୍ୟାପ୍ରବଣ ଅଞ୍ଚଳ ପାଇଁ 14 ଟି ଯନ୍ତ୍ରଚାଳିତ ନୌକାର ବ୍ୟବସ୍ଥା କରାଯାଇଥିଲା । ତନ୍ମଧ୍ୟରୁ ଛଅଟି ନୌକା ଚଳନକ୍ଷମ ନଥିଲା । ସେହିଭଳି ଉପଲବ୍ଧ ଥିବା 17 ଟି ଯନ୍ତ୍ର ଚାଳିତ ନୌକା ମଧ୍ୟରୁ 2010-11 ରେ ଚାରୋଟି ଏବଂ 2011-12 ରେ ତିନୋଟି ନୌକା ଅକାମି ଥିଲା ।

ସରକାର କହିଲେ (ଜୁନ୍ 2013) ଯେ, ଏହି ସମସ୍ତ ନୌକା ଗୁଡିକର ମରାମତି କରାଯାଇଛି ଏବଂ ସବୁଗୁଡିକ ବର୍ତ୍ତମାନ କାର୍ଯ୍ୟକ୍ଷମ ଅବସ୍ଥାରେ ଅଛନ୍ତି ।

### *2.3.5 ସହରାଞ୍ଚଳ ଗୁଡିକୁ ବାତ୍ୟା ପ୍ରତିରୋଧକ କରିବାର ଉପାୟ*

ଜାତୀୟ ବିପର୍ଯ୍ୟୟ ପରିଚାଳନା ନୀତି 2009 ର ପରିଛେଦ 6.1.1 ଅନୁସାରେ ସଂଶୋଧନ ଦରକାର କରୁଥିବା ପ୍ରାସଙ୍ଗିକ ନିୟମାବଳୀ ଗୁଡିକୁ ପ୍ରଥମେ ଚିହ୍ନଟ କରାଯିବା ଦରକାର ଏବଂ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତଥା ସଂପୃକ୍ତ ଅନ୍ୟ ସଂସ୍ଥା ଏଗୁଡିକୁ ପର୍ଯ୍ୟାୟକ୍ରମେ ବିପର୍ଯ୍ୟୟ ପରିଚାଳନା ନିୟମାବଳୀ ସଙ୍ଗତ କରିବା କଥା । ମାତ୍ର ଅଡିଟରେ ଦେଖାଗଲା ଯେ ସହରାଞ୍ଚଳ ଗୁଡିକୁ ବାତ୍ୟା ପ୍ରତିରୋଧକ କରିବା ପାଇଁ ପଦକ୍ଷେପ ନେବାରେ ସରକାର ବିଫଳ ହୋଇଥିଲେ ଯାହାକି ନିମ୍ନରେ ବର୍ଣ୍ଣିତ ହେଲା ।

### *2.3.5.1 ନିର୍ମାଣ ସମ୍ବନ୍ଧୀୟ ଉପବିଧ / ନିୟମାବଳୀର ସଂଶୋଧନ*

ଜାତୀୟ ବିପର୍ଯ୍ୟୟ ପରିଚାଳନା ନୀତି 2009 ର ପରିଚ୍ଛେଦ 6.2.1 ଏବଂ 6.4.1 ଅନୁସାରେ ନିର୍ମାଣ ସମ୍ବନ୍ଧୀୟ ନିୟମାବଳୀ ଓ ଢାଞ୍ଚାଗତ ନିରାପତ୍ତା ବୈଶିଷ୍ଟ୍ୟ ଗୁଡିକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସମୀକ୍ଷା କରାଯିବା କଥା ଯଦ୍ୱାରା ଭୂକମ୍ପ, ଭୂସ୍ଖଳନ, ବନ୍ୟା ଏବଂ ଅନ୍ୟାନ୍ୟ ବିପତ୍ତି ଠାରୁ ନିରାପତ୍ତା ଦୂରତ୍ୱ ଚିହ୍ନଟ କରାଯାଇ ପାରିବ । ଭାରତୀୟମାନକ ବ୍ୟୁରୋର ପରିବର୍ତ୍ତିତ ନିର୍ମାଣ ସଂହିତା ସହିତ ତାଳ ଦେଇ




**ଓଡିଶାର ଭୂମିକମ୍ପ ଅଞ୍ଚଳ**

ଏଗୁଡିକର ଆବଶ୍ୟକୀୟ ପରିବର୍ତ୍ତନ କରାଯିବାର ଥିଲା । ସମସ୍ତ ନିର୍ମାଣ ଉପବିଧିରେ ଜାତୀୟ ନିର୍ମାଣ ସଂହିତାକୁ ବାଧ୍ୟତାମୂଳକ କରିବାର ଥିଲା ।

ମାତ୍ର ଅଡିଟ୍ ସମୟରେ ଟାଉନ୍ ପ୍ଲାନିଙ୍ଗ୍ ନିର୍ଦ୍ଦେଶାଳୟର ନଥିପତ୍ରରୁ ଦେଖାଗଲା ଯେ ଜାତୀୟ ନିର୍ମାଣ ସଂହିତା ଆଧାରିତ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ନିରାପତ୍ତାମାନକ, ନଅଟି ଉନ୍ନୟନ କର୍ତ୍ତୃପକ୍ଷରୁ କେବଳ ଦୁଇଟିରେ (ରାଉରକେଲା ଓ ଭୁବନେଶ୍ୱର) ଯୋଜନା ଏବଂ ନିର୍ମାଣମାନକ ବିନିୟମରେ ସନ୍ନିବେଶିତ ହୋଇଥିଲା । ଯଦିଓ ରାଜ୍ୟର 43 ଟି ପୌରକେନ୍ଦ୍ର ଭୂକମ୍ପ ପ୍ରବଣ ଜୋନ୍ 3 ରେ ଅବସ୍ଥିତ, 103 ଟି ସ୍ୱାୟତ୍ତ ସଂସ୍ଥା ଉପରୋକ୍ତ ନିୟମକୁ ଅଣଦେଖା କରିଥିଲେ ।

ଜୁନ୍ 2014 ରେ ସରକାର କହିଲେ ଯେ ଅନ୍ୟ ଉନ୍ନୟନ କର୍ତ୍ତୃପକ୍ଷ ତଥା ସ୍ୱାୟତ୍ତ ସଂସ୍ଥା ମାନଙ୍କ ପାଇଁ ଯୋଜନା ଏବଂ ନିର୍ମାଣମାନକ ବିନିୟମନ ଶୀଘ୍ର ଚୂଡାନ୍ତ ଓ ପ୍ରଚଳନ କରାଯିବ । ମାତ୍ର ବିନିୟମନ ଚୂଡାନ୍ତ କରିବାରେ ବିଳମ୍ବ ଭୂକମ୍ପ ପ୍ରବଣ ଅଞ୍ଚଳରେ ଥିବା 43 ପୌରସଂସ୍ଥାରେ ଗଢି ଉଠୁଥିବା କୋଠାବାଡି ପାଇଁ ବିପଦକୁ ବୃଦ୍ଧି କରିବ ।

### *2.3.5.2 ସହରୀ ଯୋଜନରେ ପୂନଃବଳୋକନ ଓ ପୁନଃନିର୍ମାଣ ବ୍ୟବସ୍ଥା*

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ନୀତି 2005 ର ପରିଚ୍ଛେଦ 3.2.16 ଅନୁଯାୟୀ ସାର୍ବଜନିନ ଓ କମ୍ୟୁନିଟି କୋଠାଗୁଡିକୁ ବିପର୍ଯ୍ୟୟକୁ ପ୍ରତିରୋଧ କରିପାରିଲା ଭଳି ଦୃଢୀକରଣ କରାଯିବା କଥା ।

ଅଡିଟରୁ ଜଣାଗଲା ଯେ ଓଏସଡିଏମଏ (23 ମାର୍ଚ୍ଚ 2007)ରେ ଗୃହ ଓ ସହରାଞ୍ଚଳ ବିକାଶ ବିଭାଗକୁ ସହରାଞ୍ଚଳ ଯୋଜନାରେ ପୁନଃବଳନ ଓ ପୁନଃନିର୍ମାଣକୁ ସାମିଲ୍ କରିବା ପାଇଁ ଆବଶ୍ୟକୀୟ ଅନୁଦେଶ ଦେଇଥିଲେ । ଆଠଟି ଜିଲ୍ଲାର ନମୁନା ସର୍ବେକ୍ଷଣରୁ ଜଣାଗଲା ଯେ କୌଣସି ଗୋଟିଏ କୋଠାରେ ପୁନଃବଳନ ଓ ପୁନଃନିର୍ମାଣ କାର୍ଯ୍ୟ କରାଯାଇ ନାହିଁ । ଏତଦ୍ ଦ୍ୱାରା ପୁରୁଣା କୋଠାଗୁଡିକର ଢାଞ୍ଚାଗତ ନିରାପତ୍ତାର କଳନା କରାଗଲା ନାହିଁ ।

ସରକାର କହିଲେ(ଜୁନ୍ 2014) ଯେ ଭାରତର କୋଠାଗୁଡିକର ଭୂମିକମ୍ପ ପ୍ରବଣତା ଉପରେ ଏକ ପ୍ରକଳ୍ପ ଅଧିନରେ ଭୁବନେଶ୍ୱର ଓ କଟକରେ ଥିବା କୋଠାଗୁଡିକର ଫିଲଡ ସର୍ଭେ କାର୍ଯ୍ୟ ହାତକୁ ନିଆଯାଇଛି । ଆଇ.ଆଇ.ଟି, ଖଡଗପୁରର ଏକ ପ୍ରକଳ୍ପ ଦଳ ଏହି କାର୍ଯ୍ୟ ଗୁଡିକୁ ନେଇଛନ୍ତି । ସର୍ଭେର ସିଦ୍ଧାନ୍ତ ଅନୁଯାଇ ବ୍ୟବସ୍ଥାଗୁଡିକୁ ସାମିଲ୍ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି । ମାତ୍ର, 2007 ରୁ ଓଏସଡିଏମଏ ର ନିର୍ଦ୍ଦେଶ ସତ୍ତ୍ୱେ, ସହରୀ ଯୋଜନାରେ ପୁନଃନିର୍ମାଣ ଓ ପୁନଃବଳନକୁ ସାମିଲ୍ ନ କରାଯିବା ଉପରେ ବିଭାଗ ନିରୁତ୍ତର ଅଟେ ।

### *2.3.6 କର୍ମଚାରୀମାନଙ୍କ ପାଇଁ ଜରୁରୀକାଳୀନ ପ୍ରଶିକ୍ଷଣ*

ଜାତୀୟ ବିପର୍ଯ୍ୟୟ ପରିଚାଳନା ନୀତି 2009ର ପରିଚ୍ଛେଦ 5.2.10 ଅନୁସାରେ ରାଜ୍ୟ ଏବଂ ଜିଲ୍ଲା କର୍ତ୍ତୃପକ୍ଷ, ବିପର୍ଯ୍ୟୟ ଆଶୁ ମୁକାବିଲା ପାଇଁ ପ୍ରଶିକ୍ଷଣ, ସେମିନାର ଓ କୃତ୍ରିମ ଅଭ୍ୟାସ ମାଧ୍ୟମରେ ସଜାଗ ରହିବା ପାଇଁ ପ୍ରୋତ୍ସାହିତ କରିବା କଥା ।

ବିପର୍ଯ୍ୟୟ ପ୍ରଶମନ ପାଇଁ ରାଜ୍ୟରେ ହୋଇଥିବା ପ୍ରଶିକ୍ଷଣ ଓ ଜରୁରୀ କାଳିନ ଅଭ୍ୟାସ ଗୁଡିକର ଅଡିଟ୍ ନମୁନା ସର୍ବେକ୍ଷଣ କରିବାରୁ ନିମ୍ନଲିଖିତ ତଥ୍ୟ ପରିଲକ୍ଷିତ ହୋଇଥିଲା ।

ନେସ୍‌ନାଲ ପ୍ରୋଗ୍ରାମ ଫର୍ କାପାସିଟି ବିଲଡିଂସ ଅଫ୍ ଇଞ୍ଜିନିୟରର ଇନ ରିସ୍କ ମ୍ୟାନେଜମେଣ୍ଟ(ଏନପିସିବିଇଆରଏମ) ଏବଂ ନେସନାଲ ପ୍ରୋଗ୍ରାମ ଫର କାପାସିଟ ବିଲଡିଂ ଅଫ୍ ଆର୍କିଟେକ୍ଟ ଇନ୍ ଆର୍ଥକ୍ୱେକ ରିସ୍କ ମ୍ୟାନେଜମେଣ୍ଟ(ଏନପିସିବିଏଇଆରଏମ)ରେ ଭାରତ ସରକାର 2004-05 ମସିହାରେ ରାଜ୍ୟରେ ରାଜ୍ୟ ରିସୋର୍ସ ପର୍ଶନ ହିସାବରେ ଏନପିସିବିଏଇଆରଏମ ରେ 17 ଜଣ ଧୂରୀଣ ପ୍ରଶିକ୍ଷକ ଓ ଏନପିସିବିଇଆରଏମ ରେ ଚାରିଜଣ  ଧୂରୀଣ ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ମାତ୍ର ଜାତୀୟ ବିପର୍ଯ୍ୟୟ ପ୍ରଶମନ ଅନୁଷ୍ଠାନ ଦ୍ୱାରା ସ୍ଥିରୀକୃତ 320 ଜଣ ଇଞ୍ଜିନିୟରଙ୍କୁ ପ୍ରଶିକ୍ଷଣ (ସରକାରୀ 192 ଓ ବେସରକାରୀ 128) ଦେବା ବଦଳରେ ମାର୍ଚ୍ଚ 2013 ସୁଦ୍ଧା 80 ଜଣ ସରକାରୀ ଯନ୍ତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

ଅଗଷ୍ଟ 2012 ରେ ସରକାର କହିଲେ ଯେ ବେସରକାରୀ ଅଭ୍ୟାସରତ ଢାଞ୍ଚାଗତ ଯନ୍ତ୍ରୀମାନଙ୍କର ଅଭାବ ହେତୁ କେବଳ ସରକାରୀ ଯନ୍ତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ଭାବେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା । କିନ୍ତୁ ସରକାରୀ ଯନ୍ତ୍ରୀମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ନିର୍ଦ୍ଧାରିତ ସଖ୍ୟାରୁ 112 କମ୍ ଥିଲା ଏବଂ କୌଣସି ଜଣେ ବେସରକାରୀ ଯନ୍ତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ନଥିଲା ।

### *2.3.7 ବିପର୍ଯ୍ୟୟରୁ ମୁକୁଳିବା ପାଇଁ ଗୋଷ୍ଠୀ ସଚେତନତା*

ବିପର୍ଯ୍ୟୟ ପରିଚାଳନା ନୀତିର ଅନୁଚ୍ଛେଦ 22 (2) (i) ଏବଂ 30 (xiii) ଅନୁସାରେ ରାଜ୍ୟ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଗୋଷ୍ଠୀ ପ୍ରଶିକ୍ଷଣ ଓ ଅବଗତାତ୍ମକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକଙ୍କ ପାଖରେ ସହଜଲଭ୍ୟ କରାଇବେ ଯଦ୍ୱାରା କି ଯେକୌଣସି ବିପର୍ଯ୍ୟୟର ମୁକାବିଲା କରାଯାଇପାରିବ । ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମେଡିକାଲ, ହୋମଗାର୍ଡ, ସିଭିଲ୍ ଡିଫେନସରୁ ଲୋକଙ୍କୁ ନେଇ ବିପର୍ଯ୍ୟୟ ର ପ୍ରତିକାର, ସମାଧାନ ଓ ମୁକାବିଲା କରିବା ପାଇଁ ଏକ କୃତ୍ରିମ ଅଭ୍ୟାସ କରାଯିବା କଥା । ମାତ୍ର ଅଡିଟରେ ଦେଖାଗଲା ଯେ

- ଯଦିଓ ଜିଲ୍ଲାସ୍ତରରେ ବାତ୍ୟା ଆଶ୍ରୟସ୍ଥଳି ସ୍ତରରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ତଥା ଓଡ୍ରାଫ୍ ଦଳର ଉପସ୍ଥିତିରେ କୃତ୍ରିମ ଅଭ୍ୟାସ କରାଯାଇଥିଲା,  ମେଡିକାଲ, ହୋମଗାର୍ଡ, ଅଗ୍ନିଶମ ଇତ୍ୟାଦି ବିଭାଗର କୌଣସି ବ୍ୟକ୍ତିଙ୍କୁ ଏହି ଉଦ୍ଧାର ତଥା ରିଲିଫ୍ କାର୍ଯ୍ୟରେ ସାମିଲ୍ କରାଯାଇ ନଥିଲା (ଜୁନ୍ 2012)। ଜୁନ୍ 2014 ରେ ସରକାର କହିଲେ ଯେ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ କାର୍ଯ୍ୟକର୍ତ୍ତା ମେଡିକାଲ ଅଫିସର, ଅଣସରକାରୀ ଅନୁଷ୍ଠାନ(ଏନଜିଓ) ଏବଂ ବିପର୍ଯ୍ୟୟ ପରିଚାଳନାର ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କୁ ନେଇ କୃତ୍ରିମ ଅଭ୍ୟାସ କରାଯାଇଥିଲା । ବାତ୍ୟା, ବନ୍ୟା ପ୍ରବଣ ଅଞ୍ଚଳରେ 234 ଟି ବାତ୍ୟା ବା ବନ୍ୟା ଆଶ୍ରୟସ୍ଥଳିରେ ଏହିପରି କୃତ୍ରିମ ଅଭ୍ୟାସ ଖୁବ୍ ଶୀଘ୍ର କରିବା ପାଇଁ ଯୋଜନା କରାଯାଇଛି ।

- ଯଦିଓ 2008-09 ରେ ଉପକୂଳବର୍ତ୍ତୀ ଛଅଟି ଜିଲ୍ଲାର 111 ଟି ବନ୍ୟା/ ବାତ୍ୟା ଆଶ୍ରୟସ୍ଥଳିରେ 10212[8] ସ୍ଥାନୀୟ ବ୍ୟକ୍ତିଙ୍କୁ ଚାରି ପ୍ରକାରର ପ୍ରଶିକ୍ଷଣ ଦିଆଯାଇଥିଲା, ଜୁନ୍ 2014 ରେ ସରକାର କହିଲେ ଯେ ଓଏସଡିଏମଏ 2013-14 ରେ 128 ଟି ବନ୍ୟା ବା ବାତ୍ୟା ଆଶ୍ରୟସ୍ଥଳିରେ ପ୍ରଶିକ୍ଷଣ ଦେଇଥିଲା ଏବଂ ବନ୍ୟା/ ବାତ୍ୟା ଆଶ୍ରୟସ୍ଥଳ ଗୁଡିକରେ ନିରନ୍ତର ପ୍ରଶିକ୍ଷଣ ଦିଆଯିବ ।

### *2.3.8 ବନ୍ଧବାଡର ସୁରକ୍ଷା ପାଇଁ ଜରୁରୀ କାର୍ଯ୍ୟାନୁଷ୍ଠାନ ଯୋଜନା(ଇଏପି)*

ମେ 2006 ରେ କେନ୍ଦ୍ରୀୟ ଜଳ ଆୟୋଗ ଇଏପିର ଉନ୍ନୟନ ତଥା କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶାବଳୀ  ଜାରି କରିଥିଲେ । ଜରୁରୀ କାଳୀନ ପରିସ୍ଥିତିରେ ଧନ ଜୀବନ ହାନୀ କୁ କମାଇବା ଉଦ୍ଦେଶ୍ୟରେ ସତର୍କ ତଥା ଖାଲି

[8] 4440 : ଆଭିମୁଖ୍ୟକରଣ ତାଲିମ, 2775: ସନ୍ଧାନ ଏବଂ ଉଦ୍ଧାର, 2775: ପ୍ରାଥମିକ ଚିକିତ୍ସା, 222: ଯନ୍ତ୍ରପାତିର ଚାଳନା ଓ ରକ୍ଷଣାବେକ୍ଷଣ।

କରିବା ପାଇଁ (ବନ୍ଧ ଅଧିକାରୀ ଓ ସ୍ଥାନୀୟ ଭାରପ୍ରାପ୍ତ ଅଧିକାରୀ ତଥା ରାଜ୍ୟ ସରକାର କର୍ମଚାରୀଙ୍କ ସମନ୍ୱୟରେ) ସଠିକ ସମୟରେ ଅଧିସୂଚନା ଜାରି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଅଡିଟ୍ ରେ ଦେଖାଗଲା ଯେ ଯଦିଓ ରାଜ୍ୟରେ 205 ଟି ବିଶାଳ ଜଳଭଣ୍ଡାର ଅଛି, ବାଲିମେଳା ଓ ଜଳାପୁଟକୁ ଛାଡି କୌଣସିଠାରେ ଇଏପି କାର୍ଯ୍ୟକାରୀ କରାଯାଇ ନଥିଲା । ଇଏପି ର ଅନୁପସ୍ଥିତିରେ ସ୍ଥାନୀୟ ଲୋକଙ୍କର ଧନ ଜୀବନ ସହ ସାଲିସ କରାଯାଇଥିଲା

### *2.3.9 ବିକଳ୍ପଏସଇଓସି ର ପ୍ରତିଷ୍ଠା*

ବିପର୍ଯ୍ୟୟ ମୁକାବିଲାର ଦକ୍ଷତା ନିର୍ମାଣ ଉପାଦାନରୁ ଏସଇସି ମାର୍ଚ୍ଚ 2011 ରେ, ଏସ ଆର ସି ଅଫିସ କଟକରେ ଏକ ବିକଳ୍ପ ଏସ୍ଇଓସି ପ୍ରତିଷ୍ଠା କରିବା ପାଇଁ 15 ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ମାତ୍ର ତାହା ଜୁନ 2014 ସୁଦ୍ଧା ପ୍ରତିଷ୍ଠା କରାଯାଇନଥିଲା ।

ସରକାର ଦର୍ଶାଇଲେ(ଜୁନ 2014) ଯେ, ଯେଉଁ କୋଠାରେ ଏସ୍ଇଓସି ପ୍ରତିଷ୍ଠା ହୋଇଥାନ୍ତା ତାହା ଏକ ସରକାରୀ କାର୍ଯ୍ୟାଳୟର ସଂପ୍ରସାରଣ ପାଇଁ ଭଙ୍ଗାଗଲା । ମାତ୍ର ସରକାର ଚାହିଁଥିଲେ ଅନ୍ୟ କୌଣସି କୋଠାରେ ଏହା ପ୍ରତିଷ୍ଠା ହୋଇପାରିଥାନ୍ତା ।

### *2.3.10 ବିପର୍ଯ୍ୟୟ ହେବା ଆଗରୁ ଲୋକ ଓ ଗୃହପାଳିତ ପଶୁଙ୍କର ସ୍ଥାନାନ୍ତରଣ*

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ନୀତି *(ଅନୁଚ୍ଛେଦ 3.2.5)* ଅନୁସାରେ ବିପର୍ଯ୍ୟୟ ପୂର୍ବରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ନେବା ପାଇଁ ଏକ ବ୍ୟବସ୍ଥା ରହିବା ଦରକାର ।

ଅଡିଟ୍ ହୋଇଥବା ଜିଲ୍ଲାମାନଙ୍କରେ ଦେଖାଗଲା ଯେ, ଆସନ୍ନ ବିପର୍ଯ୍ୟୟ ପୂର୍ବରୁ ନିଷ୍କ୍ରମିତ ଲୋକମାନଙ୍କୁ ଥଇଥାନ କରିବା ପାଇଁ ବନ୍ୟା /ବାତ୍ୟା ଆଶ୍ରୟ ସ୍ଥଳି, ସ୍କୁଲ/ କଲେଜ ଗୁଡିକୁ ଚିହ୍ନଟ କରଯା୍ଇଥିଲା । ଫାଇଲିନ ସମୟରେ ସରକାର ପ୍ରଭାବିତ 15ଟି ଜିଲ୍ଲାରେ 11.55 ଲକ୍ଷ ଲୋକ ଓ 31,026 ଗାଇଗୋରୁଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିଥିଲେ ।

ନିଷ୍କ୍ରମଣ ସମ୍ବନ୍ଧୀୟ କାଗଜ ପତ୍ର ଯାଞ୍ଚ ସମୟରେ ସ୍ଥାନାନ୍ତରଣ ସମ୍ବନ୍ଧୀୟ ଅସାମଞ୍ଜସ୍ୟ ନିମ୍ନ ପ୍ରକାର ଲକ୍ଷ୍ୟ କରାଯାଇଥିଲା ।

- ଛଅଟି ନମୁନା ଯାଞ୍ଚ ଜିଲ୍ଲାର ନଥି ଅନୁସାରେ 15.17 ଲକ୍ଷ ବ୍ୟକ୍ତି ସ୍ଥାନାନ୍ତରିତ ହୋଇଥିଲେ । ମାତ୍ର ସରକାର 15 ଟି ଫାଇଲିନ ପ୍ରଭାବିତ ଜିଲ୍ଲାରେ କେବଳ 11.55 ଲକ୍ଷ ଲୋକ ସ୍ଥାନାନ୍ତରିତ ହେବା କଥା କହିଥିଲେ ।
- 25 ନଭେମ୍ବର 2013 ରେ ବାଲେଶ୍ୱର ଡିଡିଏମଏ 5.62 ଲକ୍ଷ ଲୋକଙ୍କର ସ୍ଥାନାନ୍ତରଣ କଥା ଏସଆରସିଙ୍କୁ କହିଥିଲେ ମାତ୍ର ପରେ ଅର୍ଥାତ୍ 28 ନଭେମ୍ବର 2013ରେ ମାତ୍ର 3.54 ଲକ୍ଷ ଲୋକଙ୍କର ସ୍ଥାନାନ୍ତରଣ କଥା କହି ନଥିଲେ ।
- 16 ଏବଂ 27 ଅକ୍ଟୋବର 2013 ରେ ପୁରୀ ଡିଡିଏମଏ 2.11 ଲକ୍ଷ ଲୋକଙ୍କର ସ୍ଥାନାନ୍ତରଣ କଥା ଏସଆରସିଙ୍କୁ ଜଣାଇଥିଲେ । ମାତ୍ର 10 ଡିସେମ୍ବର 2013 ରେ ଓଡିଶା ବିଧାନ ସଭାକୁ 1.83 ଲକ୍ଷ ଲୋକ ସ୍ଥାନାନ୍ତରିତ ହେବା କଥା ଜଣାଇଥିଲେ ।
- ଯଦିଓ ବ୍ଲକ ସ୍ତରରୁ ଆସିଥିବା ତଥ୍ୟଗୁଡିକ ଜିଲ୍ଲା ସ୍ତରରେ ସମାହିତ କରାଯାଇଥିଲା, ଅଡିଟରେ ଦେଖାଗଲା ଯେ ଡେଲାଙ୍ଗ ବିଡିଓ 18970 ଲୋକଙ୍କର ନିଷ୍କ୍ରମଣ କଥା (5 ଡିସେମ୍ବର 2013) ପୁରୀ

ଜିଲ୍ଲାପାଳଙ୍କୁ ଜଣାଇଥିବା ସ୍ଥଳେ ଜିଲ୍ଲାପାଳ 10 ଡିସେମ୍ବର 2013 ରେ 3500 ଲୋକଙ୍କର ନିଷକ୍ରମଣ କଥା ଏସଆରସି ଙ୍କୁ ଜଣାଇଥିଲେ ।

- ଅକ୍ଟୋବର 2013ରେ ସରକାର ନିର୍ଦ୍ଦେଶ ଦେଇଥିଲେ ଯେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀମାନେ ଫାଇଲିନ ଆସିବା ପୂର୍ବରୁ ପଶୁମାନଙ୍କୁ ନିକଟତମ ଉଚ୍ଚସ୍ଥାନକୁ ସ୍ଥାନାନ୍ତରିତ କରିବେ । ଅଡିଟରେ ଦେଖାଗଲା ଯେ ଗଞ୍ଜାମ,ପୁରୀ ଓ ବାଲେଶ୍ୱର ଜିଲ୍ଲାର ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ (ସିଡିଭିଓ) ମାନେ ପଶୁମାନଙ୍କୁ ସ୍ଥାନାନ୍ତରିତ କରିବା ପରିବର୍ତ୍ତେ କେବଳ ଲୋକମାନଙ୍କୁ ଏ ବିଷୟରେ ସଚେତନ କରାଇଥିଲେ । ଏହାଦ୍ୱାରା 21305 ଟି ପଶୁ ମୃତ୍ୟୁ ମୁଖରେ ପଡିଥିଲେ କାରଣ ଅନ୍ୟୋନପାୟ ହୋଇ ଲୋକମାନେ ସେମାନଙ୍କ ପଶୁମାନଙ୍କୁ ଗାଁରେ ଛାଡି ବାତ୍ୟା ଆଶ୍ରୟସ୍ଥଳୀକୁ ପଳାଇଆସିଲେ ।

ସରକାର କହିଲେ(ଜୁନ୍ 2014) ଯେ ଯେହେତୁ ଝଡ ବାତ୍ୟାର ପ୍ରଭାବ ସୁଦୂରବିସ୍ତାରୀ ଥିଲା, ବହୁସଂଖ୍ୟକ ଲୋକଙ୍କୁ ସ୍ଥାନାନ୍ତରିତ କରିବା ଜିଲ୍ଲା ପ୍ରଶାସନ ପାଇଁ ଏକ କଷ୍ଟକର କାର୍ଯ୍ୟ ଥିଲା । ତେଣୁ ଏପରି ସ୍ଥଳେ ରିପୋର୍ଟରେ କମ୍ ବେଶୀ ହେବା ବିଚ୍ୟୁତିକୁ ଅଣ ଦେଖା କରାଯାଉ । ଯଦିଓ ସଅଳ ସଜାଗ କରିବା ଦ୍ୱାରା ଓ ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ କରିବା ଦ୍ୱାରା ରାଜ୍ୟ ସରକାର ବହୁ ଲୋକଙ୍କର ଜୀବନ ରକ୍ଷା କରିପାରିଥିଲେ । କିନ୍ତୁ ଗୃହପାଳିତ ପଶୁମାନଙ୍କୁ ରକ୍ଷା କରିବା ପାଇଁ ଆଉ କିଛି କରାଯାଇପାରିଥାନ୍ତା ।

## 2.4 ରିଲିଫ୍ ସାମଗ୍ରୀର ବଣ୍ଟନ

ଓଡିଶା ରିଲିଫ୍ କୋଡର ପରିଚ୍ଛେଦ 66 ଏବଂ 165 (ରେଭେନ୍ୟୁ ଡିଜାଷ୍ଟର ମ୍ୟାନେଜମେଣ୍ଟ) ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ରିଜୋଲ୍ୟୁସନ(ଅକ୍ଟୋବର 2008)ଅନୁସାରେ ଦୁରବସ୍ଥାରେ ଥିବା ଲୋକମାନଙ୍କୁ ଜରୁରୀ ସହାୟତା ଯଥା ଚାଉଳ, ଗହମ, ଚୁଡା[9], ଗୁଡ[10], ବିସ୍କୁଟ୍ ଇତ୍ୟାଦି ସହିତ ତୁରନ୍ତ ରିଲିଫ୍ ଯୋଗାଇବା ଦରକାର ଥିଲା ।

2007 ରୁ 2011 ମସିହା ପର୍ଯ୍ୟନ୍ତ 1.65 କୋଟି ହିତାଧିକାରୀଙ୍କୁ ତୁରନ୍ତ ରିଲିଫ୍ ସାମଗ୍ରୀ ନିମ୍ନ ସାରଣୀ ମତେ ପ୍ରଦାନ କରାଯାଇଥିଲା । (ଚାଉଳ-31357.15 ମେଟ୍ରିକ୍ ଟନ୍, ଚୁଡା-3966.48 ମେଟ୍ରିକ ଟନ୍, ଗୁଡ-323.49 ମେଟ୍ରିକ୍ ଟନ୍) ।

***ସାରଣୀ 2.1: ବର୍ଷ ଭିତ୍ତିକ ରିଲିଫ୍ ସାମଗ୍ରୀର ବଣ୍ଟନ***

| ବର୍ଷ | ଚାଉଳ (ମେଟ୍ରିକ ଟନ୍) | ଚୁଡା (ମେଟ୍ରିକ୍ ଟନ୍) | ଗୁଡ ( ମେଟ୍ରିକ ଟନ୍) | ହିତାଧିକାରୀଙ୍କ ସଂଖ୍ୟା(ଲକ୍ଷରେ) |
|---|---|---|---|---|
| 2007 | 8318.52 | 800.96 | 78.31 | 35.79 |
| 2008 | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | 60.18 |
| 2009 | 170.71 | 77.27 | 10.35 | 6.61 |
| 2010 | 374.72 | 23.64 | 2.26 | 0.90 |
| 2011 | 22493.20 | 3064.61 | 232.57 | 61.24 |
| ମୋଟ | **31357.15** | **3966.48** | **323.49** | **164.72** |

*(ଉତ୍ସ: ଏସଆରସିଙ୍କ ନଥିପତ୍ର)*

ଅଡିଟ୍ ସମୟରେ ଦେଖାଗଲା ଯେ, ରିଲିଫ୍ ଓ ଥଇଥାନ ପଦକ୍ଷେପ/ ଉପାୟଗୁଡିକରେ କେତେଗୁଡିଏ ତ୍ରୁଟି ବିଚ୍ୟୁତି ରହିଯାଇଛି । କେତେକ ସ୍ଥଳେ ରିଲିଫ୍ କାର୍ଯ୍ୟରେ ଚାଉଳ ବଣ୍ଟା ନ ହୋଇ ମଧ୍ୟ ସିଭିଲ୍ ସପ୍ଲାଇ ଅଧିକାରୀଙ୍କୁ ଜିଲ୍ଲାପାଳ ଚାଉଳ ମୂଲ୍ୟ ପୈଠ କରିଥିଲେ । କୌଣସି ନିସ୍ତାରଣ ପତ୍ର ନ ଥାଇ ରିଲିଫ୍ ସାମଗ୍ରୀ ବଣ୍ଟା

[9] ଚୁଡା: ଚୁଡା

[10] ଗୁଡ: ଗୁଡ

ଯାଇଥିଲା । ଚାଉଳ ନଷ୍ଟ ହୋଇଥିଲା ଏବଂ ରିଲିଫ୍ ସାମଗ୍ରୀ ସ୍ୱଳ୍ପ ତଥା ବିଳମ୍ବରେ ବଣ୍ଟା ଯାଇଥିଲା ଯାହାକି ପରବର୍ତ୍ତୀ ପରିଚ୍ଛେଦ ଗୁଡିକରେ ଆଲୋଚିତ ହୋଇଅଛି ।

### 2.4.1 ରିଲିଫ୍ କାର୍ଯ୍ୟରେ ବ୍ୟବହୃତ ନ ହୋଇଥିଲେ ମଧ ଚାଉଳ ପାଇଁ ଟଙ୍କା ପୈଠ କରାଯାଇଥିଲା

ଓଡିଶା ରିଲିଫ୍ କୋଡର 176 ଓ 180 ପରିଚ୍ଛେଦ ଅନୁଯାୟୀ ଫୁଡ୍ ସପ୍ଲାଇଜ ଆଣ୍ଡ କଞ୍ଜ୍ୟୁମର ୱେଲଫେୟାର ବିଭାଗ, ରିଲିଫ୍ କାର୍ଯ୍ୟର ଦୁଇ ମାସ ପାଇଁ ଦରକାର ହେଉଥିବା ଖାଦ୍ୟ ଉପାଦାନ / ସାମଗ୍ରୀ ଯୋଗାଇ ଦେବା କଥା ଯାହାକି ଜିଲ୍ଲାପାଳ ନିର୍ଦ୍ଦେଶିତ ସ୍ଥାନରେ ଗଚ୍ଛିତ ରଖିବେ । ଯଦି ଗଚ୍ଛିତ ଖାଦ୍ୟ ସାମଗ୍ରୀ ରିଲିଫ୍ କାର୍ଯ୍ୟରେ ବ୍ୟବହାର ହେଲା ତେବେ ଯାଇ ଏସଡିଆରଏଫ ରୁ ଉକ୍ତ ଖାଦ୍ୟ ସାମଗ୍ରୀର ମୂଲ୍ୟ ପୈଠ ହେବ ।

ଅଡିଟରେ ଦେଖାଗଲା ଯେ, 2009 ସମ୍ଭାବ୍ୟ ବନ୍ୟାରେ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକଙ୍କ ପାଇଁ 93 ଟି ଗ୍ରାମ ପଞ୍ଚାୟତ ଗୋଦାମରେ 7292 କ୍ୱିଣ୍ଟାଲ୍ ଚାଉଳ ଗଚ୍ଛିତ ରଖିବା ପାଇଁ ଜିଲ୍ଲାପାଳ, ଜଗତସିଂହପୁର ସିଭିଲ୍ ସପ୍ଲାଇ ଅଫିସରଙ୍କୁ(ଜୁନ୍ 2009) 49.59 ଲକ୍ଷ ଟଙ୍କା ଆବଣ୍ଟନ ଦେଇଥିଲେ । ପରେ ପରେ ଜୁଲାଇ 2009 ରେ ଜିଲ୍ଲାପାଳ ଉକ୍ତ ଆଦେଶକୁ ପ୍ରତ୍ୟାହାର କରି ନେଇଥିଲେ । ଉକ୍ତ ଆଦେଶ ପ୍ରତ୍ୟାହାର ସତ୍ତ୍ୱେ ସିଭିଲ୍ ସପ୍ଲାଇ ଅଫିସର, ଜଗତସିଂହପୁର 49.20 ଲକ୍ଷ ଟଙ୍କା ଚାଉଳର ବିନିଯୋଗ ପ୍ରମାଣପତ୍ର ଦାଖଲ କରିଥିଲେ ଯଦିଚ ଏସଆରସିଙ୍କ 2009-10 ବାର୍ଷିକ ରିପୋର୍ଟରେ ଉକ୍ତ ରିଲିଫ୍ ବଣ୍ଟନର ଉଲ୍ଲେଖ ନାହିଁ ।

ଜୁନ୍ 2014 ରେ ସରକାର କହିଲେ ଯେ, ଉକ୍ତ ବିଷୟ ଉପରେ ଏକ ବୈଠକରେ ସମୀକ୍ଷା କରାଯାଇଛି ଏବଂ ବିନିଯୋଗ ପ୍ରମାଣ ପତ୍ର ଗ୍ରହଣ ନ କରିବା ତଥା ସିଭିଲ୍ ସପ୍ଲାଇ ଅଫିସର ଜଗତସିଂହପୁରଙ୍କୁ ଉକ୍ତ ଟଙ୍କା ଫେରସ୍ତ କରିବା ପାଇଁ ଆଦେଶ ଦିଆଯାଇଛି ।

### 2.4.2 ଆକ୍ୟୁଟାନ୍ସ ରୋଲ ତଥା ହିତାଧିକାରୀ ସୂଚୀ ବିନା ରିଲିଫ୍ ସାମଗ୍ରୀ ବଣ୍ଟନ

ଏସଆରସିଙ୍କ ଦ୍ୱାରା (ଏପ୍ରିଲ୍ 2012) ଜାରି କରାଯାଇଥିବା ନିର୍ଦ୍ଦେଶ ମୁତାବକ, ଜରୁରୀକାଳିନ ରିଲିଫ୍ (ରନ୍ଧା ଖାଦ୍ୟ ସମେତ) ବଣ୍ଟାଯିବା ପୂର୍ବରୁ ଏଥିରେ ଉପକୃତ ହେଉଥିବା ବ୍ୟକ୍ତିମାନଙ୍କର ଏକ ତାଲିକା ତିଆରି କରାଯିବ ଯେଉଁଥିରେ କି ସଂପୃକ୍ତ ବ୍ୟକ୍ତିଙ୍କ ଦସ୍ତଖତ କରିବା ପାଇଁ ଏକ ସ୍ତମ୍ଭ ଥିବ । ଏହା ରିଲିଫ୍ ଖାଦ୍ୟ ସାମଗ୍ରୀ ବଣ୍ଟାଯିବାରେ ଆକ୍ୟୁଟାନ୍ସ ରୋଲ ପରି କାମ କରିବ । ରିଲିଫ୍ ବଣ୍ଟା ଯିବାର ତିନି ଦିନ ଭିତରେ, ରିଲିଫ୍ ବଣ୍ଟା ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ଉକ୍ତ ହିତାଧିକାରୀ ତାଲିକା ତଥା ଆକ୍ୟୁଟାନସ ରୋଲ ଗୁଡିକୁ ବିଡିଓଙ୍କୁ ଜମା ଦେବେ । ତତ୍ପରେ ବିଡିଓ ଓ ଜିଲ୍ଲାପାଳ ଏପରି ମିଳିଥିବା ସମସ୍ତ ତାଲିକାକୁ ଏକତ୍ର କରି ଏସଆରସି ଙ୍କ ନିକଟକୁ ପଠାଇବେ ।

ଅଡିଟରେ ଦେଖାଗଲା ଯେ-

- 2007, 2008 ଓ 2011ରେ ହୋଇଥିବା ବନ୍ୟା ପ୍ରଭାବିତ ତିନୋଟି ଜିଲ୍ଲା (ଭଦ୍ରକ, ଜଗତସିଂହପୁର ଓ ଅନୁଗୁଳ)ରେ 14.91 ଲକ୍ଷ ଲୋକଙ୍କୁ 10.08 କୋଟି[11] ଟଙ୍କାର ଜରୁରୀ ରିଲିଫ୍ ସାମଗ୍ରୀ ତଥା 18.06 ଲକ୍ଷ[12] ଟଙ୍କା ବ୍ୟୟରେ 19 ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଥିଲା ଯାହାର କି ଆକ୍ୟୁଟାନସ ରୋଲ ସହିତ ହିତାଧିକାରୀ ତାଲିକା ଜିଲ୍ଲା ସ୍ତରରେ ରଖାଯାଇନଥିଲା । ଉକ୍ତ ଆକ୍ୟୁଟାନ୍ସ ରୋଲ ଗୁଡିକ ନମୁନା ଯାଞ୍ଚ୍ କରାଯାଇଥିବା ତିନୋଟି ବ୍ଲକରେ ମଧ୍ୟ ନଥିଲା । (ଧାମନଗର, ତିର୍ତ୍ତୋଲ

[11] ଭଦ୍ରକ: ଚାଉଳ -5035.66 ଏମଟି, ଚୁଡା - 405.66 ଏମଟି, ଗୁଡ -28.50 ଏମଟି ଦାମ 7.48 କୋଟି ଟଙ୍କା; ଅନୁଗୁଳ: ଚାଉଳ -154.98 ଏମଟି, ଚୁଡା -11.20 ଏମଟି, ଗୁଡ -1.21 ଏମଟି, ଡାଲ - 5.38 ଏମଟି ଦାମ 0.34 କୋଟି ଟଙ୍କା; ଜଗତସିଂହପୁର: ଚାଉଳ -1411.66 ଏମଟି, ଚୁଡା - 463.34 ଏମଟି, ଗୁଡ- 43.96 ଏମଟି ଦାମ୍ 2.26 କୋଟି ଟଙ୍କା

[12] ଭଦ୍ରକ: 12.85 ଲକ୍ଷ ଟଙ୍କା; ଅନୁଗୁଳ: 1.52 ଲକ୍ଷ ଟଙ୍କା ଏବଂ ଜଗତସିଂହପୁର: 3.69 ଲକ୍ଷ ଟଙ୍କା

ଓ ଆଠ ମଲ୍ଲିକ) । ଏହା ସୂଚୀତ କରେ ଯେ ରିଲିଫ୍ ସାମଗ୍ରୀ ବଣ୍ଟନ ପରେ ଆକ୍ୟୁଟାନ୍ସ ରୋଲ ତିଆରି କରାଯାଇ ନଥିଲା । ଏହାଦ୍ୱାରା ପ୍ରକୃତ ଭାବେ କେତେ ରିଲିଫ୍ ବଣ୍ଟା ଯାଇଥିଲା ତାହା କଳନା କରିହେଲା ନାହିଁ ।

- ଫାଇଲିନ୍, 2013 ସମୟରେ ସୁଜାନପୁର ଗ୍ରାମ ପଞ୍ଚାୟତରେ ଥିବା ମହତାବ ହାଇସ୍କୁଲରେ 263 ଲୋକଙ୍କୁ ରନ୍ଧାଖାଦ୍ୟ ଦେବା ପାଇଁ ମାଗଣା ରୋଷେଇ କେନ୍ଦ୍ର ଖୋଲାଯାଇଥିବାର ରିପୋର୍ଟ, ବିଡିଓ ଡେଲାଙ୍ଗ, ପୁରୀ ଜିଲ୍ଲାପାଳଙ୍କୁ ଦେଇଥିଲେ । ଉକ୍ତ ରୋଷେଇ କେନ୍ଦ୍ରରେ ରନ୍ଧାଖାଦ୍ୟ ଦିଆଯାଇଥିବା ସମ୍ବନ୍ଧୀୟ କୌଣସି ଆକ୍ୟୁଟାନ୍ସ ରୋଲ ମିଳି ନଥିଲା । ଉକ୍ତ ଗ୍ରାମର 20 ଜଣ ହିତାଧିକାରୀଙ୍କୁ ପଚାରିବାରେ, ଏପରି କୌଣସି ରନ୍ଧା ଖାଦ୍ୟ ମହତାବ ହାଇସ୍କୁଲର ଅସ୍ଥାୟୀ ରୋଷେଇ କେନ୍ଦ୍ରରେ ଦିଆ ନ ଯିବା କଥା କହିଥିଲେ । ଆକ୍ୟୁଟାନ୍ସ ରୋଲ ନଥିବାରୁ ରନ୍ଧାଖାଦ୍ୟର ବିତରଣ ସଠିକତା ସମ୍ବନ୍ଧରେ କୌଣସି ଯାଞ୍ଚ/ ପରୀକ୍ଷଣ କରାଯାଇ ପାରିଲା ନାହିଁ । ଉତ୍ତରରେ ବିଡିଓ କହିଲେ ଯେ ରନ୍ଧାଖାଦ୍ୟ ବଣ୍ଟନ ବିଷୟକ କୌଣସି ଦେୟ ଏପର୍ଯ୍ୟନ୍ତ ପୈଠ କରାଯାଇନାହିଁ । ଆକ୍ୟୁଟାନ୍ସ ରୋଲ ଦେଲା ପରେ ଯାଇ ଏହା ପୈଠ ହେବ ।

ସରକାର(ଜୁନ୍ 2014) ରେ କହିଲେ ଯେ ସବୁ ବ୍ୟକ୍ତି ବିଶେଷଙ୍କ ଗୋଚରାର୍ଥେ ସବୁ ଗାଁର ହିତାଧିକାରୀ ତାଲିକା ଜିଲ୍ଲା ୱେବସାଇଟ୍‌ରେ ଛାଡିବା ପାଇଁ (ଏଡିଏମ) ଅତିରିକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### *2.4.3 ଅନୁଚିତ୍ ଗଚ୍ଛିତ କରିବା ଦ୍ୱାରା ରିଲିଫ୍ ଚାଉଳ ନଷ୍ଟ*

ଓଆରସି ର ଅନୁଚ୍ଛେଦ 177 ଅନୁସାରେ ଜିଲ୍ଲାପାଳଙ୍କୁ ମାନକ ଗୁଣର ସାହାଯ୍ୟ ଖାଦ୍ୟ ବିତରଣ ଏବଂ ଏହାକୁ ଆର୍ଦ୍ରତା ରୋଧକ ଓ ଗଳନରୋଧୀ ସ୍ଥାନରେ କ୍ଷୟ କ୍ଷତିରୁ ରକ୍ଷା କରିବା ପାଇଁ ଗଚ୍ଛିତ କରିବାର ଦାୟିତ୍ୱ ଦିଆଯାଇଛି ।



**ଧାମନଗର ବ୍ଲକର ଗୋଟିଏ ଗ୍ରା.ପ.ରେ ରହିଥିବା ନଷ୍ଟ ଚାଉଳ**

ସମୀକ୍ଷାରେ ଦେଖାଗଲା ଯେ (ମେ 2011) ଜିଲ୍ଲାପାଳଙ୍କ ଅନୁଦେଶ ଅନୁଯାୟୀ ଭଦ୍ରକ ସିଏସଓ, ଜୁନ୍ 2011 ରେ 2047.59 ମେଟ୍ରିକ୍ ଟନ୍ ଚାଉଳ ଯୋଗାଇ ଥିଲେ ଯାହାକି ବିଭିନ୍ନ ଗ୍ରାମ ପଞ୍ଚାୟତ ଗୋଦାମ ଘରେ ମହଜୁଦ୍ ରଖାଯାଇଥିଲା । ସେଥି ମଧ୍ୟରୁ 115.45 ମେଟ୍ରିକ୍[13] ଟନ୍ ଚାଉଳ ଯାହାର ମୂଲ୍ୟ 23.16 ଲକ୍ଷ ଟଙ୍କା ନଷ୍ଟ ହୋଇଯାଇଥିଲା ଯାହାକି 14ଟି ଗୋଦାମ ଘର ତଳିଆ ଅଞ୍ଚଳରେ ଅବସ୍ଥିତ ଥିବା ଧାମନଗର ଏବଂ ଭଣ୍ଡାରୀପୋଖରୀ ବ୍ଲକରେ ରଖାଯାଇଥିଲା । ଏହି ଗୋଦାମ ଗୃହର ବସ୍ତୁଗତ ସତ୍ୟାପନ ପରେ ପ୍ରକଟ ହେଲା ଯେ ମହଜୁଦ୍ ସାହାଯ୍ୟ ଚାଉଳ ନଷ୍ଟ ଏବଂ ସଢି ଯାଇଥିଲା ।

ତେଣୁ, ପୂର୍ବ ବନ୍ୟା ଘଟଣାକୁ ବିଚାର ନ କରି ଗ୍ରାମ ପଞ୍ଚାୟତର ଗୋଦାମ ଘର ପାଇଁ ଅନୁଚିତ ଗୃହ ନିର୍ମାଣ ଭୂମି ବଛାବଛି କରିବା ଦ୍ୱାରା ସରକାରଙ୍କୁ 23.16 ଲକ୍ଷ୍ୟ ଟଙ୍କା କ୍ଷତି ସହିବାକୁ ପଡିଥିଲା ।

ସରକାର କହିଥିଲେ(ଜୁନ୍ 2014) ଯେ ସମସ୍ତ ଜିଲ୍ଲାପାଳଙ୍କୁ ରିଲିଫ ସାହାଯ୍ୟ ସାମଗ୍ରୀ, ଉଚ୍ଚତର ସ୍ଥାନ ଯେଉଁଠି ବନ୍ୟାର ସନ୍ଦେହ ନାହିଁ, ଗଚ୍ଛିତ ରଖିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା ।

---

[13] ଧାମନଗର: (10 ଟି ଗ୍ରାମ ପଞ୍ଚାୟତ) 103.60 ଏମଟି ଏବଂ ଭଣ୍ଡାରିପୋଖରୀ: (4 ଟି ଗ୍ରାମ ପଞ୍ଚାୟତ) 11.85 ଏମଟି

### *2.4.4 ସାହାଯ୍ୟ ବିତରଣରେ ବିଳମ୍ବ*

ଆରକ୍ଷିତ ଗଚ୍ଛିତ ରିଲିଫ ସାମଗ୍ରୀ ବିପର୍ଯ୍ୟୟ ପ୍ରପୀଡିତଙ୍କୁ ଯଥା ସମୟରେ ବ୍ୟବସ୍ଥା କରାଇବା ପାଇଁ ଅନୁରକ୍ଷଣ କରିବାକୁ ଓଆରସିର ପାରା 57 ରେ ଅଛି ।

2011ର ବନ୍ୟା ବେଳେ, ସରକାର(ଅକ୍ଟୋବର 2011) ଦାରିଦ୍ର୍ୟର ସୀମା ରେଖା ତଳେ ଥିବା ପରିବାରର ବୋଝକୁ କମ୍ କରିବାକୁ 10 ଦିନର ଅତିରିକ୍ତ ସାହାଯ୍ୟ ଦେବାକୁ ନିଷ୍ପତ୍ତି କଲେ । ନିଷ୍ପତ୍ତି ଅନୁସାରେ ମାର୍ଚ୍ଚ 2012 ରେ ଏଫଏସ ଆଣ୍ଡ ସିଡବ୍ଲୁ ବିଭାଗ 22403 ମେଟ୍ରିକ ଟନ୍ ଚାଉଳ 19 ଟି ଜିଲ୍ଲାକୁ ସେପ୍ଟେମ୍ବର 2011 ର ହୋଇଥିବା ବନ୍ୟାର ଛଅମାସ ପରେ(ମାର୍ଚ୍ଚ 2012)ଆବଣ୍ଟନ କରିଲେ ।

ବାଲେଶ୍ୱର ସଦର ବ୍ଲକର ଗୋଟିଏ ଗୋଦାମର ଭୌତିକ ନିରୀକ୍ଷଣରୁ ଜଣାଗଲା ଯେ ପରେ ବିପିଏଲ ପରିବାରକୁ ଆବଣ୍ଟନ କରିବାକୁ ଆସିଥିବା(ଏପ୍ରିଲ୍ 2012) 226.80 ମେଟ୍ରିକ୍ ଟନ୍ ଚାଉଳ ପ୍ରଦାନ କରାଯାଇ ନ ଥିଲା(10 ଜୁଲାଇ 2012) ଏବଂ କୀଟ ଦ୍ୱାରା ଚାଉଳ ଗୁଡିକ ସଂକ୍ରମିତ ହୋଇଯାଇଥିଲା ବୋଲି ଦେଖାଗଲା । ସମୀକ୍ଷକଙ୍କ ଦ୍ୱାରା(10 ଜୁଲାଇ 2012) ରେ ଚିହ୍ନିତ ହେବାରେ, ବିଡିଓ ତୁରନ୍ତ(11 ଓ 12 ଜୁଲାଇ 2012) ଗ୍ରାମ ପଞ୍ଚାୟତକୁ ବିପିଏଲ ପରିବାରକୁ ଚାଉଳ ବିତରଣ କରିବା ପାଇଁ ନିର୍ଦ୍ଦେଶ ଜାରି କରିଲେ । ଏହା ଦ୍ୱାରା ଚାଉଳ ବନ୍ୟା ହେବାର ନଅ ମାସ ପରେ ପ୍ରଭାବିତ ଜନସାଧାରଣଙ୍କୁ ବିତରଣ କରିବା ଏବଂ ମଣିଷ ଉପଭୋଗ ଯୋଗ୍ୟ ନଥିବାର ସଙ୍କେତ ମିଳିଲା । ଯଦି ଏଫଏସ ଆଣ୍ଡ ସିଡବ୍ଲୁ ବିଭାଗ ସରକାରଙ୍କର ନିଷ୍ପତ୍ତିର ପରେ ପରେ୍ ଚାଉଳ ଆବଣ୍ଟନ କରିଥାନ୍ତେ, ତେବେ ଚାଉଳ ବିତରଣରେ ବିଳମ୍ବକୁ ରୋକାଯାଇ ପାରିଥାନ୍ତା ।

ସରକାର କହିଲେ(ଜୁନ୍ 2014) ଯେ ସାହାଯ୍ୟ ଚାଉଳର ଯୋଗାଣରେ ବିଳମ୍ବ ପଞ୍ଚାୟତି ରାଜର ନିର୍ବାଚନର କଟକଣା/ ଆଚରଣ ବିଧି ଯୋଗୁଁ ଘଟିଲା । ସଂକ୍ରମିତ ଚାଉଳର ବାବଦରେ, ବାଲେଶ୍ୱର ଜିଲ୍ଲାପାଳଙ୍କୁ ତଦନ୍ତ କରିବାକୁ ତଥା ଭ୍ରମିତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଆଦେଶ ପ୍ରଦାନ କରାଯାଇଥିଲା ।

### *2.4.5 ବିହିତ ମାନଦଣ୍ଡରୁ କମ୍ ସାହାଯ୍ୟର ବିତରଣ*

ଓଆରସି ର ପାରା 165 ଅନୁଯାୟୀ ରିଲିଫ ରୂପେ ପ୍ରତ୍ୟେକ ବୟସ୍କଙ୍କୁ ଏକ କିଲୋଗ୍ରାମ ଚାଉଳ ଓ ପ୍ରତି ଶିଶୁକୁ ଅଧ କିଲୋଗ୍ରାମ ଚାଉଳ୍ଲୁ ଦେବା କଥା ।

ସୁବର୍ଣ୍ଣପୁର ଜିଲ୍ଲାରେ 4262 ପ୍ରଭାବିତ ବିପିଏଲ ପରିବାରର 21302 ସଦସ୍ୟଙ୍କୁ 10 ଦିନର ସାହାଯ୍ୟ ରୂପେ ଓଆରସି ମାନଦଣ୍ଡରେ 2130 କୁଇଣ୍ଟାଲ ଚାଉଳ ଆବଶ୍ୟକତା ସ୍ଥଳେ 181.57 କୁଇଣ୍ଟାଲ ଚାଉଳ ବିତରଣ କରାଯାଇଥିଲା । ହିସାବ କଲେ ଜଣାଯାଏ ଯେ ଜଣକୁ ଦଶ ଦିନ ପାଇଁ ମାତ୍ର 850 ଗ୍ରାମ ଚାଉଳ ଦିଆଯାଇଥିଲା ଯାହାକି ଏକ ଜଣିଆ ପରିବାର ପାଇଁ ପର୍ଯ୍ୟାପ୍ତ ନୁହେଁ କାରଣ ଏକ ଜଣିଆ ପରିବାର 10 କିଗ୍ରା ଚାଉଳ ପାଇବା ପାଇଁ ହକ୍‌ଦାର ଅଟେ । ଏହା ଦର୍ଶାଉଛି ଯେ ମାନଦଣ୍ଡରୁ କମ୍ ସାହାଯ୍ୟ ଦିଆଯାଇଥିଲା ।

ଜୁନ୍ 2014 ରେ ସରକାର କହିଲେ ଯେ, ସୁବର୍ଣ୍ଣପୁର ଜଲ୍ଲାପାଳଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ତଥା ସମୀକ୍ଷା ପାଇଁ ଆଦେଶ ଦିଆଯାଇଛି ।

### *2.4.6 ଜରୁରୀ କାଳିନ ଖାଦ୍ୟ ସାହାଯ୍ୟରେ ଡାଲି ଦିଆଯାଇ ନଥିଲା।*

ଓଆରସି ର ଅନୁଚ୍ଛେଦ 165 ଅନୁସାରେ ଖାଦ୍ୟ ସାହାଯ୍ୟ ବାବଦରେ ଏକ କିଗ୍ରା ଚାଉଳ ଓ ଦରକାରୀ ମାତ୍ରାରେ ଡାଲି ପ୍ରତି ବୟସ୍କ ଲୋକଙ୍କୁ ସୀମିତ 20 ଟଙ୍କା ହିସାବରେ ତଥା 500 ଗ୍ରାମ ଚାଉଳ ଓ ଡାଲି ପ୍ରତି ଶିଶୁମାନଙ୍କୁ 15 ଟଙ୍କା ହିସାବରେ ବିତରଣ କରିବା ଦରକାର ।

କିନ୍ତୁ 2011 ବାତ୍ୟାରେ ପ୍ରଭାବିତ ଜିଲ୍ଲାଗୁଡିକର (ଜଗତସିଂହପୁର, ଭଦ୍ରକ ଓ ଅନୁଗୁଳ) ନଥି ଗୁଡିକୁ ଅଡିଟ ସମୀକ୍ଷା କରି ଦେଖିଥିଲେ ଯେ ଯଦିଓ 4.39 ଲକ୍ଷ ଟଙ୍କା ବାତ୍ୟା ପ୍ରପୀଡିତ ଲୋକମାନଙ୍କୁ ସାହାଯ୍ୟ ବିତରଣ କରାଯାଇଥିଲା, ସେଥିରେ ଡାଲି ବିତରଣ କରାଯାଇ ନଥିଲା । ହିତାଧିକାରୀ ସର୍ବେକ୍ଷଣ ବେଳେ, 30 ଜଣ ହିତାଧିକାରୀ ଉକ୍ତ ଜିଲ୍ଲା ମାନଙ୍କରେ ଡାଲି ଦିଆ ନଯିବା କଥାକୁ ଦୃଢୀକୃତ କରିଥିଲେ ।

ସରକାର ତଥ୍ୟର ସତ୍ୟତା ଗ୍ରହଣ କରିବା ସହିତ କହିଲେ ଯେ ଯଦିଓ ଡାଲି 2011ର ବାତ୍ୟାରେ ଖାଦ୍ୟ ସାହାଯ୍ୟ ରୂପେ ବିତରଣ କରାଯାଇ ନଥିଲା, ଫାଇଲିନ୍ ବେଳେ ଡାଲି ବ୍ୟବସ୍ଥା ଚାଉଳ ସହିତ ହୋଇଥିଲା । କିନ୍ତୁ ସେମାନେ 2011ର ବାତ୍ୟା ସମୟର ଡାଲି ବିତରଣ ହୋଇ ନଥିବା ବିଷୟରେ ନୀରବ ଥିଲେ ।

### *2.4.7 ଶୁଖିଲା ଖାଦ୍ୟର ସ୍ୱଳ୍ପ ବିତରଣ*

ଓଆରସି ର ମାନାଦର୍ଶ ଅନୁଯାୟୀ ଚୁଡା ପ୍ରତି ବୟସ୍କଙ୍କ ପାଇଁ ଏକ କିଗ୍ରା ତଥା ପ୍ରତି ଶିଶୁ ପାଇଁ 500 ଗ୍ରାମ ବଣ୍ଟାଯିବା ଦରକାର ।

ଫାଇଲିନ୍ ସମୟରେ ବାଲେଶ୍ୱର ସଦର ବ୍ଲକରେ କେବଳ 345.50 କୁଇଣ୍ଟାଲ ଚୁଡା 135735 ପ୍ରଭାବିତ ଲୋକ(ବୟସ୍କ-81441, ଶିଶୁ 54294)ଙ୍କୁ ବିତରଣ ହୋଇଥିଲା ବୋଲି ଅବଲୋକନ ହୋଇଥିଲା । କିନ୍ତୁ ମାନାଦଣ୍ଡ ଅନୁଯାୟୀ 3257.64 କୁଇଣ୍ଟାଲର ଚୁଡା ବିତରଣ ହେବାର ଆବଶ୍ୟକତା ଥିଲା । କିନ୍ତୁ 2912.14 କୁଇଣ୍ଟାଲ ଚୁଡା କମ୍ ବିତରଣ ହୋଇଥିଲା । ହିତାଧିକାରୀମାନଙ୍କର ସାକ୍ଷାତ୍କାରରେ ଉକ୍ତ ବ୍ଲକର ମୋଟ 100 ଜଣ ହିତାଧିକାରୀମାନେ କମ୍ ମାତ୍ରାର ଚୁଡା ବିତରଣ ତଥ୍ୟକୁ ଦୃଢୀଭୁତ କରି ଥିଲେ ।

ସରକାର କହିଲେ(ଜୁନ୍ 2014) ଯେ ବାଲେଶ୍ୱରର ଜିଲ୍ଲାପାଳଙ୍କୁ ତଥ୍ୟ ଗୁଡିକର ପୁନର୍ବିଲୋକନ ଏବଂ ଭ୍ରମିତ କର୍ମଚାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### *2.4.8 ରିଲିଫ୍ ସାମଗ୍ରୀର ଅସାମଞ୍ଜସ୍ୟ ବିତରଣ*

ଓଆରସି ର ଅନୁଚ୍ଛେଦ 165 ଅନୁସାରେ କେତେ ପରିମାଣର ଚାଉଳ ଓ ଡାଲି ଖାଦ୍ୟ ସାହାଯ୍ୟ ରୂପେ ବିତରଣ ହେବ ତାହା ନିର୍ଦ୍ଧାରିତ ହୋଇଛି । ଫାଇଲିନ୍ ସମୟରେ ଦିଆଯାଇଥିବା ରିଲିଫ୍ ସାମଗ୍ରୀର ବିତରଣରେ କେତେଗୁଡିଏ ଅନିୟମିତତା ଲକ୍ଷ୍ୟ କରାଯାଇଥିଲା ଯାହାକି ନିମ୍ନରେ ବର୍ଣ୍ଣିତ ହେଲା ।

- ସରକାର ପ୍ରଭାବିତ ଲୋକମାନଙ୍କର ସାହାଯ୍ୟ ବ୍ୟବସ୍ଥା ପାଇଁ ଓଆରସି ମାନାଦଣ୍ଡ ଅନୁସରଣ ପରିବର୍ତ୍ତେ ଖାଦ୍ୟ ସହାୟତା ରୂପେ 50 କିଲୋଗ୍ରାମ ଚାଉଳ ଏବଂ 500 ଟଙ୍କା 14 ଦିନ ପାଇଁ ସାହାଯ୍ୟ ତଥା 25 କିଲୋଗ୍ରାମ ଏବଂ 300 ଟଙ୍କା 07 ଦିନ ପାଇଁ ସାହାଯ୍ୟ ପ୍ରତ୍ୟେକ ପରିବାରକୁ ଦିଆଯିବ ବୋଲି ଘୋଷଣା କଲେ(15 ଅକ୍ଟୋବର 2013) ।

  ଗଞ୍ଜାମର ସାହାଯ୍ୟ ବିତରଣ ପାଇଁ 1101 ପରିବାରର ପରିଚୟ ନାମାବଳୀକୁ ପରୀକ୍ଷଣ କଲା ପରେ ଏହା ଜଣାଗଲା ଯେ, ଦୁଇ ପ୍ରତିଶତ(20) ପରିବାର ଏକ ସଦସ୍ୟ ଯୁକ୍ତ, ଆଠ ପ୍ରତିଶତ(83) ଦୁଇ ସଦସ୍ୟ ଯୁକ୍ତ, 23 ପ୍ରତିଶତ(249) ତିନି ସଦସ୍ୟ ଯୁକ୍ତ, 37 ପ୍ରତିଶତ (415)ଚାରି ସଦସ୍ୟ ଯୁକ୍ତ ଏବଂ 30 ପ୍ରତିଶତ(334) ରେ ପାଞ୍ଚଜଣ କିମ୍ବା ଉର୍ଦ୍ଧ୍ୱ ସଦସ୍ୟଯୁକ୍ତ ଥିଲା । ଏହା ରିଲିଫ୍ ସାମଗ୍ରୀର ଅସାମଞ୍ଜସ୍ୟ ବିତରଣକୁ ଦର୍ଶାଇଲା ।

ସରକାର କହିଲେ(ଜୁନ୍ 2014) ଯେ, ରିଲିଫର ସହଜ ଓ ଶୀଘ୍ର ବିତରଣକୁ ସୁନିଶ୍ଚିତ କରିବା ପାଇଁ ଏହା କରାଯାଇଥିଲା । କିନ୍ତୁ ସାହାଯ୍ୟର ଅସାମଞ୍ଜସ୍ୟ ବିତରଣ ଦ୍ୱାରା କିଛି ଲୋକେ ସାହାଯ୍ୟରୁ ବଞ୍ଚିତ ହେଲେ ଏବଂ ଅନ୍ୟ କିଛି ଲୋକଙ୍କୁ ଉଚିତ ମାତ୍ରାର ବହୁତ ଅଧିକ ସାହାଯ୍ୟ ମିଳିଲା ।

- ପୁନଶ୍ଚ, ପରିବାର ଅନୁଯାୟୀ ସାହାଯ୍ୟ ବିତରଣ ପାଇଁ ବିଡିଓ, ବାଲେଶ୍ୱର ସଦର ପରିବାରର ସୂଚୀ 2011 ଜନଗଣନା ଅନୁଯାୟୀ ତିଆରି କରିଥିଲେ । କିନ୍ତୁ 2013 ଜନଗଣନାର ଦୁଇ ବର୍ଷ ଉପରାନ୍ତ, ନୂଆ ପରିବାରର ଅସ୍ତିତ୍ୱ ଆସିବା ଯୋଗୁଁ କିଛି ପରିବାର ବିଡିଓଙ୍କ ତିଆରି ସୂଚୀରେ ଆସିଲେ ନାହିଁ । ଏହା ଲୋକଙ୍କ ମନରେ ଅଶାନ୍ତି ସୃଷ୍ଟି କଲା ଏବଂ 772 କୁଇଣ୍ଟାଲ ଚାଉଳ ନଅଟି ଗ୍ରାମ ପଞ୍ଚାୟତର 3088 ପରିବାରରେ ବିତରଣ ହୋଇପାରିଲା ନାହିଁ ।

  ସରକାର କହିଲେ (ଜୁନ୍ 2014) ଯେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏହି ତଥ୍ୟର ପୁନଃଅବଲୋକନ ତଥା ଭ୍ରମିତ କର୍ମଚାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବକୁ ନିର୍ଦ୍ଦେଶ ଦିଆଯାଇଛି ।

### *2.4.9 ପଲିଥିନ୍ ଚାଦରରେ ଅବିତରଣ*

ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ, ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ (22 ଅକ୍ଟୋବର 2013) ଦେଲେ କି ଯେଉଁ ପୀଡିତମାନଙ୍କର ଘର ପୁରାପୁରି ଭାଙ୍ଗି ଯାଇଥିବ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ତଥା ଅନ୍ୟମାନଙ୍କୁ ଉପଲବ୍ଧତା ଅନୁସାରେ ପଲିଥିନ ଚାଦରର ବ୍ୟବସ୍ଥା କରାଯାଉ । କିନ୍ତୁ ବାଲେଶ୍ୱର ସଦରର ତହସିଲଦାରଙ୍କର ବିବୃତି ଅନୁଯାଇ ଆଠଟି ଗ୍ରାମ ପଞ୍ଚାୟତରେ ଫାଇଲିନ୍ ଏବଂ ତାପରେ ଘଟିଥିବା ବନ୍ୟାରେ 2960ଟି ଘର କ୍ଷତିଗ୍ରସ୍ତ ହୋଇଥିଲା, ଯେଉଁ ମଧ୍ୟରୁ 380ଟି ଘର ସଂପୂର୍ଣ୍ଣ କ୍ଷତି ହୋଇଥିଲା ଏବଂ ମାନାଦଣ୍ଡ ଅନୁଯାଇ ଉକ୍ତ ପରିବାରଗୁଡିକ ପଲିଥିନ୍ ଚାଦର ପାଇବାର ଯୋଗ୍ୟ ଥିଲେ । ଉକ୍ତ ତହସିଲଦାରଙ୍କ ଭଣ୍ଡାର ରେଜିଷ୍ଟର ଅନୁଯାଇ 1151ଟି ପଲିଥିନ୍ ଚାଦର ଯଦିଓ ଉପଲବ୍ଧି ଥିଲା କିନ୍ତୁ ସେଗୁଡିକର ଯୋଗାଣ କରାଯାଇ ନଥିଲା ।

ସରକାର କହିଲେ (ଜୁନ୍ 2014) ଯେ ପରେ ପରେ ବାଲେଶ୍ୱର ତହସିଲଦାରଙ୍କ ଦ୍ୱାରା ସବୁ ହିତାଧିକାରୀମାନଙ୍କୁ ପଲିଥିନ୍ ଚାଦର ଦେବାର ବ୍ୟବସ୍ଥା କରାଯାଇଥିଲା । ମାତ୍ର ବାସ୍ତବ କଥା ହେଲା ଦରକାର ସମୟରେ ପଲିଥିନ୍ ଚାଦର ବିତରଣ ହୋଇନଥିଲା ।

## 2.5 ବିପର୍ଯ୍ୟୟ ପରେ ପୁନରୁଦ୍ଧାର ଏବଂ ପୁନଃନିର୍ମାଣ କାର୍ଯ୍ୟ

ଭାରତ ସରକାରଙ୍କର ଜାରି କରାଯାଇଥିବା ଦଫା ଓ ମାନାଦର୍ଶ ଅନୁଯାଇ(ସିଆରଏଫ/ ଏସଡିଆରଏଫ)ର ସହାୟତା ପାଇବା ପାଇଁ ରାସ୍ତା ଓ ବନ୍ଧର କ୍ଷୟ କ୍ଷତି, ପିଇବା ପାଣି ଯୋଗାଣ ପଦ୍ଧତି, ଜଳସେଚନ, ବିଦ୍ୟୁତ୍ ଯୋଗାଣର କ୍ଷୟକ୍ଷତି ଆଦି ଅନ୍ତର୍ନିର୍ମାଣ ରୂପକ କ୍ଷତି ଗୁଡିକୁ ତତ୍କ୍ଷଣାତ୍ ମରାମତି ଓ ପୁନରୁଦ୍ଧାର ପ୍ରକାରର ବୋଲି ଚିହ୍ନଟ କରାଯାଇଛି ।

ଅଡିଟ ଦେଖିଲା ଯେ ସରକାର ଏଭଳି କାର୍ଯ୍ୟର ପୁନର୍ନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଲେ ଯାହା କି ବିପର୍ଯ୍ୟୟ ଦ୍ୱାରା କ୍ଷତି ଗ୍ରସ୍ତ ହୋଇ ନଥିଲା କିମ୍ବା ଜରୁରୀ ନଥିଲା । ଫାଇଲିନ୍ ପରେ ମଧ ସରକାର ମରାମତି ତଥା ପୁନରୁଦ୍ଧାର କାର୍ଯ୍ୟ ଫଳପ୍ରଦ ରୂପେ କରିବାକୁ ସକ୍ଷମ ହୋଇ ନଥିଲେ । ଯଦିଓ 171 ବ୍ଲକରେ 132.35 ଲକ୍ଷ ଲୋକ, 18 ଟି ଜିଲ୍ଲାରେ 44ଟି ସ୍ଥାନୀୟ ପୌର ନିଗମ ପ୍ରଭାବିତ ହୋଇଥିଲା, 44 ଜଣ ଲୋକେ ପ୍ରାଣ ହରାଇ ଥିଲେ ଏବଂ 5.56 ଲକ୍ଷ ହେକ୍ଟରର ଫସଲ ନଷ୍ଟ ହୋଇଥିଲା ବୋଲି ଖବର ମିଳିଥିଲା । ସରକାରଙ୍କ ଦ୍ୱାରା ପୁନରୁଦ୍ଧାର/ ପୁନର୍ନିର୍ମାଣ ନିମନ୍ତେ କାର୍ଯ୍ୟାନୁଷ୍ଠାନର ନଥିଗୁଡିକର ସମୀକ୍ଷା ଦ୍ୱାରା ନିମ୍ନ ତଥ୍ୟମାନ ପ୍ରକଟ ହେଲା ।

### 2.5.1 ତୁରନ୍ତ ମରାମତି ଆବଶ୍ୟକ କରୁ ନଥିବା ତଥା ପୁନରୁଦ୍ଧାର କାର୍ଯ୍ୟର ନିଷ୍ପାଦନ

ଭାରତ ସରକାରଙ୍କର ନିୟମାବଳୀ ର ତୃତୀୟ ପରିଚ୍ଛେଦ ଅନୁଯାୟୀ ସିଆରଏଫ/ ଏସଡିଆରଏଫ ର ପାଣ୍ଠି, ଘୂର୍ଣ୍ଣି ବାତ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ, ନିଆଁ ଇତ୍ୟାଦି ପ୍ରପୀଡିତଙ୍କ ତତ୍କ୍ଷଣାତ୍ ରିଲିଫ୍ ପାଇଁ ଉପଯୋଗ କରାଯିବ । କିନ୍ତୁ ଅଡିଟରେ ଦେଖାଗଲା ଯେ 2007-12 ମଧ୍ୟରେ 3.37 କୋଟି ଟଙ୍କା ଗୃହ ରକ୍ଷୀ ଭବନ ଟାଉନ ହଲ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଭବନ ଆଦିର ମରାମତି, ତଥା ପୋଖରୀ ପୁନରୁଦ୍ଧାର ଆଦି କାର୍ଯ୍ୟ ହୋଇଥିଲା, ଯାହାକି ଜରୁରୀ ଶ୍ରେଣୀଭୁକ୍ତ ନଥିଲା(***ପରିଶିଷ୍ଟ 2.1.2***) ।

### 2.5.2 ବିପର୍ଯ୍ୟୟ ଅସମ୍ବନ୍ଧୀୟ କାର୍ଯ୍ୟ ନିର୍ବାହ

ଅଡିଟରୁ ଜଣାଗଲା ଯେ 2.70 କୋଟି ଟଙ୍କା 148 ଟି ସରକାରୀ କାର୍ଯ୍ୟାଳୟ ତଥା ସରକାରୀ ବାସଭବନର ପୁନରୁଦ୍ଧାର କାର୍ଯ୍ୟରେ ଆଠଟି କାର୍ଯ୍ୟନିର୍ବାହୀ ଏଜେନ୍ସୀଙ୍କ ଦ୍ୱାରା ଉପଯୋଗ ହୋଇଥିଲା ଯାହାର କ୍ଷତି ବାତ୍ୟା କିମ୍ବା ଅନ୍ୟାନ୍ୟ ବିପର୍ଯ୍ୟୟ ଜନିତ ନଥିଲା (***ପରିଶିଷ୍ଟ 2.1.3***) ।



ସୁବର୍ଣ୍ଣପୁର ଟାଉନହଲର ପୁନରୁଦ୍ଧାର

### 2.5.3 ନୂତନ କାର୍ଯ୍ୟ ନିର୍ମାଣ

ନିୟମାବଳୀ ଅନୁଯାୟୀ, ଜରୁରୀ କାଳିନ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ସିଆରଏଫ/ ଏସଡିଆରଏଫ ପାଣ୍ଠିରୁ ବାହାରେ କରିବା କଥା । ସମୀକ୍ଷା ଦେଖିଲେ ପାଞ୍ଚଟି ପରୀକ୍ଷିତ ଜିଲ୍ଲାରୁ ତିନୋଟି ଜିଲ୍ଲା (ସୁବର୍ଣ୍ଣପୁର, ବାଲେଶ୍ୱର ଓ ଯାଜପୁର) କୁ ମତ୍ସ୍ୟ ଏବଂ ପଶୁପାଳନ ସମ୍ବଳ ଉନ୍ନୟନ ବିଭାଗ ତରଫରୁ 3.20 କୋଟି ଟଙ୍କା ନ୍ନିମ୍ନଲିଖିତ ଚାରୋଟି କାର୍ଯ୍ୟ ନିର୍ବାହୀ ଏଜେନ୍ସୀଙ୍କୁ 42ଟି ନୂତନ ପଶୁ ସମ୍ବନ୍ଧୀୟ ସହାୟତା କେନ୍ଦ୍ର (ଏଲ.ଏ.ସି)/ ପଶୁ ଡାକ୍ତରଖାନା ନିର୍ମାଣ କରିବାକୁ ଦିଆ ହୋଇଥିଲା (ଫେବୃଆରୀ ରୁ ଜୁନ୍ 2012) ।

*ସାରଣୀ* ***2.2: ନୂତନ କାର୍ଯ୍ୟ ନିର୍ମାଣ*** *(ଲକ୍ଷ ଟଙ୍କାରେ)*

| କ୍ର.ସଂ | କାର୍ଯ୍ୟନିର୍ବାହୀଙ୍କ ନାମ | ପ୍ରକଳ୍ପର ପ୍ରକାର | କାର୍ଯ୍ୟ ସଂଖ୍ୟା | ନିଷ୍ପାଦିତ ପାଣ୍ଠି |
|---|---|---|---|---|
| 1 | ଆରଡବ୍ଲୁଡି, ସୁବର୍ଣ୍ଣପୁର | ଭିଡି/ଏଲଏସି ର ନିର୍ମାଣ | 7 | 53.00 |
| 2 | ଆରଡବ୍ଲୁଡି-I, ବାଲେଶ୍ୱର | ଭିଡି/ଏଲଏସି ର ନିର୍ମାଣ | 8 | 61.50 |
| 3 | ଆରଡବ୍ଲୁଡି-II, ବାଲେଶ୍ୱର | ଭିଡି/ଏଲଏସି ର ନିର୍ମାଣ | 6 | 45.00 |
| 4 | ଆରଡବ୍ଲୁଡି, ଯାଜପୁର | ଭିଡି/ଏଲଏସି ର ନିର୍ମାଣ | 21 | 160.00 |
| | ମୋଟ | | **42** | **319.50** |

***(ଉତ୍ସ: ପରୀକ୍ଷା କରିଥିବା ଆରଡବ୍ଲୁ ଡିଭିଜନ୍‌ର ନଥି)***

ବିଭାଗର ପ୍ରତିନିଧି ମାନଙ୍କର ଉପସ୍ଥିତିରେ ନଅଟି[14] ଏପରି କାର୍ଯ୍ୟଗୁଡିକ ଉପରେ ଭୌତିକ ନିରୀକ୍ଷଣ କରିବା ଦ୍ୱାରା ସବୁ ମାମଲାରେ ନୂତନ ଭବନ ଗୁଡିକର ନିର୍ମାଣ କାର୍ଯ୍ୟ ପ୍ରଗତିଶୀଳ ଅଛି ବୋଲି ପ୍ରକଟ ହେଲା । ଜବାବରେ ସୁବର୍ଣ୍ଣପୁର, ବାଲେଶ୍ୱର,



ମହାଦେବପାଲିଠାରେ ଥିବା ଏଲଏସି ବିଲ୍ଡିଂ

[14] ସୁବର୍ଣ୍ଣପୁର: ବିନିକା, ମହାଦେବପାଲି, ସିନ୍ଧୋଲ, ସିନ୍ଧପୁରା, ବାଲେଶ୍ୱର: ବସ୍ତା, ଯାଜପୁର: ପ୍ରିତିପୁର, ସୁଜନପୁର, ପରମାନନ୍ଦପୁର ଏବଂ ରାମ୍ପା

ତଥା ଯାଜପୁରର ଗ୍ରାମ୍ୟ କାର୍ଯ୍ୟ ପ୍ରଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀମାନେ ବ୍ୟକ୍ତ କଲେ କି ଉକ୍ତ କାର୍ଯ୍ୟ ଗୁଡିକ ମତ୍ସ୍ୟ ଓ ପଶୁ ସମ୍ପଳ ଉନ୍ନୟନ ବିଭାଗର ଆବଶ୍ୟକତା ଅନୁଯାୟୀ କରାଯାଇଛି । ସରକାର ବ୍ୟକ୍ତ କଲେ (ଜୁନ୍ 2014) ଯେ ପ୍ରକଳ୍ପ ଗୁଡିକ ସିଆରଏଫ/ଏସଇସି ପ୍ରଶାସିତ ରାଜ୍ୟ ସ୍ତର ସମିତି ଯାହାର କି ସିଆରଏଫ/ଏସଡିଆରଏଫ ସାହାଯ୍ୟ ଖର୍ଚ୍ଚ ପାଇଁ ଅର୍ଥ ବ୍ୟବସ୍ଥାର ଜନାଦେଶ ଅଛି, ତାଙ୍କ ଦ୍ୱାରା ମଞ୍ଜୁରୀ ପ୍ରାପ୍ତ ଥିଲା । କିନ୍ତୁ କାର୍ଯ୍ୟ ଗୁଡିକର ମଞ୍ଜୁରୀ ସିଆରଏଫ/ ଏସଡିଆରଏଫ୍ ନିୟମାବଳୀର ବ୍ୟବସ୍ଥା ରୂପରେଖକୁ ଉଲ୍ଲଂଘନ କରେ ।

## *2.5.4 ଫାଇଲିନ୍ ପରେ ପୁନରୁଦ୍ଧାର ଏବଂ ପୁନଃନିର୍ମାଣ*

### *2.5.4.1 ସଡକର ପୁନରୁଦ୍ଧାର*

ଭାରତ ସରକାରର ନିୟମାବଳୀ ଅନୁଯାୟୀ ସମତଳ ଅଞ୍ଚଳରେ ଅତି ବେଶୀରେ 45 ଦିନ ଏବଂ ପର୍ବତାଞ୍ଚଳରେ 60 ଦିନ ମଧ୍ୟରେ ଭିତ୍ତିଭୂମିର ଜରୁରୀକାଳିନ ମରାମତି ତଥା ପୁନରୁଦ୍ଧାର କାର୍ଯ୍ୟ ସମାପ୍ତ ହେବା ଉଚିତ୍ । ସରକାରଙ୍କ ପ୍ରତିବେଦନ ଅନୁଯାୟୀ ପଞ୍ଚାୟତି ରାଜ ବିଭାଗ ଅଧିନରେ ଥିବା 11429 ଗ୍ରାମ୍ୟ ସଡକ ଫାଇଲିନ୍ ତଥା ତାପରେ ଘଟିଥିବା ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା । ତା ମଧ୍ୟରୁ 11321 ସଡକ ଗୁଡିକର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଗଲା ଏବଂ 9926 ସଡକର ପୁନରୁଦ୍ଧାର ସମାପ୍ତ ହୋଇଥିଲା(ମାର୍ଚ୍ଚ 2013) । ଅବଶିଷ୍ଟ 1503 ଟି ସଡକର କାର୍ଯ୍ୟ ସମାପ୍ତ ହୋଇ ନଥିଲା ।



ବିପୁଲିଙ୍ଗିଠାରୁ ଗାଙ୍ଗପୁର ପର୍ଯ୍ୟନ୍ତ ପୁରା ଧୋଇଥିବା ରାସ୍ତା ପୁନଃ ତିଆରି ନହେବା

ଆହୁରି ମଧ୍ୟ ଅଡିଟରୁ ଦେଖାଗଲା ଯେ ନଅଟି ଆରଏଣ୍ଡବି ଓ ରୁରାଲ ୱର୍କସ ଡିଭିଜନ୍ ଅଧୀନରେ ଥିବା 1060 ଟି ରାସ୍ତାର ପୁନରୁଦ୍ଧାର ପାଇଁ 103.20 କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ଏହା ବଦଳରେ କେବଳ 44.41 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଏବଂ 903 ସଡକର (85 ପ୍ରତିଶତ) ପୁନରୁଦ୍ଧାର ହୋଇଥିଲା(ଏପ୍ରିଲ୍ 2014) ।

ଗୋଟିଏ ସଡକର(ଆରଡବ୍ଳୁ ପ୍ରଭାଗ, ଗଞ୍ଜାମ-II ର ବିପୁଲିଙ୍ଗ ଠାରୁ ଗଙ୍ଗାପୁର ପର୍ଯ୍ୟନ୍ତ) ମିଳିତ ଭୌତିକ ନିରୀକ୍ଷଣ ଦ୍ୱାରା ଏହା ପ୍ରକଟ ହେଲା ଯେ ଉକ୍ତ ସଡକ ଯାହାକି ଜଳସେଚନ କେନାଲର ତଟ ବନ୍ଧରେ ଦରକାର ହେଉଥିଲା ତାହା ପୁରାପୁରି ଧ୍ୱଂସ ହୋଇଯାଇଛି ଯାହାର କି ପୁନରୁଦ୍ଧାର ହୋଇନାହିଁ । ଯେଉଁଥିପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ଅସୁବିଧା ହେଉଛି ଏବଂ କେନାଲ ଜଳ ଯୋଗାଣକୁ ମଧ୍ୟ ବ୍ୟାଘାତ କରି ତଳିଆ ସ୍ଥାନର ରବି ଫସଲକୁ ପ୍ରଭାବିତ କରୁଛି । ଉପସ୍ଥିତ ସ୍ଥାନୀୟ ବାସିନ୍ଦା ମାନେ ନିରୀକ୍ଷଣ ପାର୍ଟିକୁ ଏହା ମଧ୍ୟ ବ୍ୟକ୍ତ କଲେ କି ତତ୍କ୍ଷଣାତ୍ ସଡକ ମରାମତି କାର୍ଯ୍ୟ ସହରର ଯାତାୟତ ପାଇଁ ଜରୁରୀ ରୂପେ ଆବଶ୍ୟକ ଏବଂ ସେହି ସ୍ଥାନରେ ପ୍ରଭାବିତ ହୋଇଥିବା 10 ହେକ୍ଟର ରବି ଫସଲର ଜଳସେଚନ ବ୍ୟବସ୍ଥା ପାଇଁ ମଧ୍ୟ ଏହା ଆବଶ୍ୟକ ।

ସରକାର ବ୍ୟକ୍ତ କଲେ (ଜୁନ୍ 2014) ଯେ ସବୁ ସଡକ କାର୍ଯ୍ୟ ଏପ୍ରିଲ୍ 2014 ସୁଦ୍ଧା ସମାପ୍ତ ହୋଇଛି । କିନ୍ତୁ ସମୀକ୍ଷାରେ ଦେଖାଗଲା ଯେ ସ୍ଥାନୀୟ ସଡକ ଗୁଡିକ ମେ 2014 ରେ ମଧ୍ୟ କ୍ଷତିଗ୍ରସ୍ତ ଅବସ୍ଥାରେ ଥିଲା । .

### *2.5.4.2 ଶକ୍ତି ଭିତ୍ତିଭୂମି*



ପୁରୀରେ ପାଣି ଭିତରେ ରହି ଲୋକମାନେ ବିଦ୍ୟୁତ୍ ଯୋଗାଣ କାମ ମରାମତି କରୁଛନ୍ତି

ସର୍ବ ସାଧାରଣ ସମ୍ପତ୍ତି ମଧ୍ୟରୁ ଶକ୍ତି ଭିତ୍ତିଭୂମି ଅଧିକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । 33/ 11 କେଭି ତାର, ଟ୍ରାନ୍ସଫର୍ମର ବିତରଣ ତଥା ନିମ୍ନ ସ୍ତରର ସଂଚାରଣ

ନେଟ୍‌ୱାର୍କ କ୍ଷତିଗ୍ରସ୍ତ ଦ୍ୱାରା ଘରୋଇ ଖାଉଟି, ତଥା ସାଧାରଣ ସୁବିଧା ସଂସ୍ଥାକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଥିଲା ।

ନଥି ସମୀକ୍ଷା ଦ୍ୱାରା ପ୍ରକଟ ହେଲା ଯେ ବିଦ୍ୟୁତ୍ ବିତରଣ କମ୍ପାନୀ ମାନେ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟର ପୁନରୁଦ୍ଧାର କାର୍ଯ୍ୟ ସମାପ୍ତି ଏବଂ ଖାଉଟି ବିଦ୍ୟୁତ୍ ଯୋଗାଣ ପାଇଁ 10 ସପ୍ତାହ ସମୟ ନେଇଥିଲେ ।

ଗଞ୍ଜାମ ଜିଲ୍ଲାରେ ପାଇପ୍ ଜଳ ଯୋଗାଣକୁ ଆବଶ୍ୟକ ବିଦ୍ୟୁତ୍ ଯୋଗାଣର ପୁନରୁଦ୍ଧାର ପାଇଁ ଆଠ ସପ୍ତାହ ସମୟ ନେଇଥିଲେ ।

ପ୍ରଭାବିତ ସ୍ଥାନରେ ଜଳ ଜମି ରହିବା, ପରିସ୍ଥିତିକୁ ସମ୍ଭାଳିବା ପରି ଲୋକଙ୍କର ଅଭାବ, ତଥା ବିଦ୍ୟୁତ ସାମଗ୍ରୀର ବହୁଳ ଅଭାବ ଯୋଗୁଁ ପୁନରୁଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିଲା ବୋଲି ବିଦ୍ୟୁତ ବିତରଣ କମ୍ପାନୀ ମାନେ କହିଥିଲେ ।

### *2.5.4.3 ପାନୀୟ ଜଳ*

ବିଦ୍ୟୁତ୍ ଶକ୍ତି ନ ରହିବା ଯୋଗୁଁ ପାଇପ୍ ଦ୍ୱାରା ଜଳ ଯୋଗାଣ ପଦ୍ଧତି(ପିଡବ୍ଲୁଏସ) କାର୍ଯ୍ୟ ହୋଇପାରି ନଥିଲା । ଘୂର୍ଣ୍ଣି ବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକରେ ପାଣି ଟ୍ୟାଙ୍କର ଓ ପି.ଡବ୍ଲୁ.ଏସ ପଦ୍ଧତିରେ ଜେନେରେଟର ଦ୍ୱାରା ସରକାର ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିଥିଲେ । ଯାହାହେଉ, ଅଡିଟ୍ ଲକ୍ଷ୍ୟ କଲା ଯେ:-

କାର୍ଯ୍ୟ  ନିର୍ବାହୀ ଯନ୍ତ୍ରୀ, ଜନ ସ୍ୱାସ୍ଥ୍ୟ ଡିଭିଜନ, ଗଞ୍ଜାମ, ଫାଇଲିନ୍ ପରେ ସହରାଞ୍ଚଳ ପୌରପାଳିକା ଅଧିନରେ ଥିବା ଅଞ୍ଚଳଗୁଡିକୁ ଆବଶ୍ୟକ ପରିମାଣର ପାନୀୟ ଜଳ ଯୋଗାଇ ପାରି ନଥିଲେ ଯଦିଓ ସେଠାକାର ଅଧିବାସୀମାନଙ୍କ ପାଇଁ ପି.ଡବ୍ଲୁ.ଏସ ଏକମାତ୍ର ବିକଳ୍ପ ଥିଲା । ଦିଗ ପହଣ୍ଡି, ଚିକିଟି ଓ ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କର ବାସିନ୍ଦା ମାନଙ୍କୁ ଆବଶ୍ୟକୀୟ ଜଳର ଯଥାକ୍ରମେ ଛଅ, ଆଠ ଓ 39 ପ୍ରତିଶତ ଜଳ ଯୋଗାଇ ଦିଆଯାଇଥିଲା ।

ସରକାର କହିଲେ(ଜୁନ୍ 2014) ଯେ, ଜଳ ଯୋଗାଣ ପଦ୍ଧତିକୁ ବିଦ୍ୟୁତ୍ ଯୋଗାଣର ପୁନରୁଦ୍ଧାର ପୂର୍ବରୁ ଜେନେରେଟର ସେଟ୍ ଗୁଡିକୁ ଭଡାରେ ଆଣି ଜଳ ଯୋଗାଇ ଦିଆଯାଇଥିଲା । ଯାହାହେଉ, ଆବଶ୍ୟକ ପରିମାଣର ଜଳ ବ୍ୟବସ୍ଥା କରାଯାଇନଥିବା ଅଡିଟରେ ପରିଲକ୍ଷିତ ହୋଇଥିଲା ।

### *2.5.4.4 ସ୍ୱାସ୍ଥ୍ୟ ଓ ସଫେଇ ବ୍ୟବସ୍ଥା*

ବାଲେଶ୍ୱର, ଗଞ୍ଜାମ ଓ ପୁରୀର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏସ.ଆର.ସି ଙ୍କୁ ଜଣାଇଲେ (ନଭେମ୍ବର 2013) ଯେ ସେମାନେ ପ୍ରଭାବିତ ଲୋକମାନଙ୍କୁ 94.95 ଲକ୍ଷ ହାଲୋଜେନ ବଟିକା ଓ 5.92 ଲକ୍ଷ ମୌଳିକ ପୁନର୍ଜଳୀକରଣ ଲବଣ ପ୍ୟାକେଟ ବାଣ୍ଟିଥିଲେ ଏବଂ 5.11 ଲକ୍ଷ ଜଳ ଉତ୍ସକୁ ରୋଗାଣୁନାଶ କରିଥିଲେ । ଅଡିଟ ଲକ୍ଷ୍ୟ କଲା ଯେ  ବାଲେଶ୍ୱର, ଗଞ୍ଜାମ ଓ ପୁରୀରେ ଉପରୋକ୍ତ ମଧ୍ୟକ୍ଷେପ ସତ୍ତ୍ୱେ ସାଧାରଣ ଡାଇରିଆ (13290), ଅତିଶୟ ଡାଇରିଆ (9457) ଏବଂ ଦଣ୍ଡ ଅଣୁଜାତ ଆମାଶୟ (4694) ଭଳି ଜଳ ବାହିତ ରୋଗର ରିପୋର୍ଟ ଆସିଥିଲା ।

ସରକାର କହିଲେ (ଜୁନ 2014) ଯେ ସଂକ୍ରାମକ ରୋଗର କୌଣସି ମାମଲା ନ ଥିଲା ଏବଂ ସ୍ୱାସ୍ଥ୍ୟ ଓ ସଫେଇ ବ୍ୟବସ୍ଥା ସମସ୍ୟା ଯୋଗୁଁ  ଜୀବନ ହାନିର କୌଣସି ରିପୋର୍ଟ ନ ଥିଲା । ଯାହାହେଉ, ବସ୍ତୁତଃ ଜଳଉତ୍ସ ଗୁଡିକର ରୋଗାଣୁ ନାଶ ସତ୍ତ୍ୱେ ଜଳ ବାହିତ ରୋଗଗୁଡିକର ରିପୋର୍ଟ ଆସିଥିଲା ।

### 2.5.4.5 ସେଚନ କେନାଲ/ ଏମ.ଆଇ.ପି/ ଏଲ.ଆଇ.ପି ଗୁଡିକର ପୁନରୁଦ୍ଧାର



ସୁବର୍ଣ୍ଣରେଖା ନଦୀତଟ ବନ୍ଧର ପୁନରୁଦ୍ଧାର ହୋଇନଥିଲା

- ସାତଟି ସେଚ ଡିଭିଜନର ନମୁନା ଯାଞ୍ଚରୁ ପ୍ରକଟ ହେଲା ଯେ 1060 ନଦୀ ତଟ ବନ୍ଧ, ସମୁଦ୍ର ତଟବନ୍ଧ, କେନାଲ ଘାଇ ଇତ୍ୟାଦିର କ୍ଷତିରେ ଜଡିତ 139.08 କୋଟି ଟଙ୍କା ବିପକ୍ଷରେ 442 ଟି ଘାଇର ପୁନରୁଦ୍ଧାର ପାଇଁ ସରକାର ମାତ୍ର 30.85 କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ । ଏହିପରି ବାତ୍ୟା ଏବଂ ବନ୍ୟାର ପାଞ୍ଚ ମାସ ପରେ ସୁଦ୍ଧା 618 ଟି କାର୍ଯ୍ୟର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇପାରି ନ ଥିଲା, ଯାହା କେନାଲରେ ଜଳ ପ୍ରବାହକୁ ପ୍ରଭାବିତ କରିଥିଲା । ଅଧିକନ୍ତୁ, ମୌସୁମୀ କାଳରେ ତଟବନ୍ଧର ଅଧିକତର କ୍ଷତି ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ସୁବର୍ଣ୍ଣରେଖା ନଦୀର ଗୋଟିଏ ନଦୀ ତଟ ବନ୍ଧର ମିଳିତ ବସ୍ତୁଗତ ନିରୀକ୍ଷଣରୁ ପ୍ରକଟ ହେଲା ଯେ ଏହି ତଟବନ୍ଧଟିର ପୁନରୁଦ୍ଧାର କରାଯାଇ ନ ଥିଲା ଏବଂ ସ୍ଥାନୀୟ ଲୋକମାନେ କହିଲେ ଯେ ବର୍ଷାଋତୁ ପୂର୍ବରୁ ତଟବନ୍ଧ ଗୁଡିକର ପୁନରୁଦ୍ଧାର ନ ହେଲେ ସେମାନଙ୍କରଗ୍ରାମଗୁଡିକ ବିପଦରେ ପଡିବେ ।



ଗଞ୍ଜାମ ଏମ ଆଇ-II ଅଧିନରେ ଥିବା ରାଙ୍କି ଘାଇ, ଭଗବାନପୁର ଏମଆଇପିର ପୁନରୁଦ୍ଧାର କାମ ହାତକୁ ନିଆଯାଇ ନାହିଁ

- ତିନୋଟି ଲଘୁ ସେଚ ଡିଭିଜନ (ଗଞ୍ଜାମ-1 ଓ 11 ଏବଂ ପୁରୀ) ର ନମୁନା ଯାଞ୍ଚରୁ ପ୍ରକଟ ହେଲା ଯେ 73180 ହେକ୍ଟରକୁ ପ୍ରଭାବିତ କରୁଥିବା, ନିର୍ଦ୍ଧାରିତ କ୍ଷତି ହୋଇଥିବା 457 ଟି କେନାଲ ଘାଇର ମରାମତି ପାଇଁ ଆବଶ୍ୟକ 23.23 କୋଟି ଟଙ୍କା ବଦଳରେ ସରକାର 436 ଟି ଘାଇର ପୁନରୁଦ୍ଧାର ପାଇଁ ମାତ୍ର 6.80 କୋଟି ଟଙ୍କା ଦେଇଥିଲେ । ଏହିପରି ଘୂର୍ଣ୍ଣିବାତ୍ୟା /ବନ୍ୟାର ପାଞ୍ଚ ମାସ ପରେ ସୁଦ୍ଧା 21 ଟି କାର୍ଯ୍ୟର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇପାରି ନ ଥିଲା, ଯାହାକି କେନାଲରେ ଜଳ ପ୍ରବାହକୁ ପ୍ରଭାବିତ କରିଥିଲା ।



ଛତ୍ରପୁର ବ୍ଲକର ଅଗସ୍ତି ନୂଆଗାଁ –I ଗାଁରେ ଥିବା ଲୋଇପିର ପୁନରୁଦ୍ଧାର ହୋଇନଥିଲା

- ପରିଚାଳନା ନିର୍ଦ୍ଦେଶକ,ଓଡିଶା ଉଠା ଜଳସେଚନ ନିଗମର ଅନୁଦେଶ (ନଭେମ୍ବର 2013) ଅନୁଯାୟୀ ରବି 2013-14ରେ କାର୍ଯ୍ୟ କରିବାକୁ ଉଠା ଜଳସେଚନ ପ୍ରକଳ୍ପ (ଏଲଆଇପି) ଗୁଡିକ ସକ୍ଷମ ହେବା ପାଇଁ ଡିସେମ୍ବର 2013 ସୁଦ୍ଧା ସମସ୍ତ ମରାମତି କାର୍ଯ୍ୟ ସଂପୂର୍ଣ୍ଣ ହେବା କଥା ।

ଦୁଇଟି ଉଠା ଜଳସେଚନ ଡିଭିଜନ(ବାଲେଶ୍ୱର ଓ ଗଞ୍ଜାମ) ର ନମୁନା ଯାଞ୍ଚରୁ ପ୍ରକଟ ହେଲା ଯେ 22911 ହେକ୍ଟରକୁ ଜଳ ଯୋଗାଣ ପ୍ରଭାବିତ କରୁଥିବା 1311 ଏଲଆଇପି (କେବଳ ପୂର୍ଣ୍ଣ କାର୍ଯ୍ୟ)ର ନିର୍ଦ୍ଧାରିତ କ୍ଷତି 15.63 କୋଟି ଟଙ୍କା ବାବଦରେ ସରକାର ମାତ୍ର 8.11 କୋଟି ଟଙ୍କାର ବ୍ୟବସ୍ଥା

କରିଥିଲେ । ଏହିପରି 3୪9ଟି ଏଲଆଇପିର ପୁନରୁଦ୍ଧାର ହୋଇ ପାରି ନଥିଲା ଯାହା ରବି ଋତୁରେ ଜଳ ଯୋଗାଣକୁ ପ୍ରଭାବିତ କରିଥିଲା ।

ସରକାର କହିଲେ (ଜୁନ୍ 2014) ଯେ ଏସଡିଆରଏଫରେ ଉପଲବ୍ଧ ପାଣ୍ଠିକୁ ହିସାବକୁ ନେଇ ପୁନରୁଦ୍ଧାର କାର୍ଯ୍ୟ ପାଇଁ ପ୍ରକଳ୍ପଗୁଡିକର ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ବିଭାଗଗୁଡିକୁ ପରିମାଣ ବଣ୍ଟନ କରାଯାଇଥିଲା ।

### *2.5.4.6 ଜୀବିକା ପୁନରୁଦ୍ଧାର*

ସିଆରଏଫ/ ଏସିଡିଆରଏଫ୍ ରୁ ସହାୟତା ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇ ଥିବା (ଜୁନ୍ 2013) ମାନାଦର୍ଶ ଅନୁସାରେ, ବାସଗୃହ, କୃଷି ସମ୍ବନ୍ଧୀୟ, ଶସ୍ୟ, ବାରମାସୀ ଶସ୍ୟ, ପଶୁପାଳନ, ଡଙ୍ଗା ଓ ଜାଲ, କଞ୍ଚାମାଲ ଏବଂ କାରିଗରମାନଙ୍କର ଯନ୍ତ୍ରପାତିର କ୍ଷତି ସହାୟତା ପାଇଁ ଯୋଗ୍ୟ ।

- ***ଶସ୍ୟ କ୍ଷତି ପାଇଁ ନିବେଶ ସରକାରୀ ସାହାଯ୍ୟ:*** ସରକାରଙ୍କ ବିବୃତି ଅନୁସାରେ 5.56 ଲକ୍ଷ ହେକ୍ଟର ଚାଷ କରାଯାଇଥିବା ଅଞ୍ଚଳ ଫାଇଲିନ୍ ଓ ତତ୍ ପରବର୍ତ୍ତୀ ବନ୍ୟାରେ 50 ରୁ ଅଧିକ ପ୍ରତିଶତ ଶସ୍ୟ କ୍ଷତି ସହିଥିଲା । ଏସଆରସି 15 ଜାନୁୟାରୀ 2014 ସୁଦ୍ଧା ଶସ୍ୟ କ୍ଷତି ନିର୍ଦ୍ଧାରଣ ସଂପୂର୍ଣ୍ଣ କରିବା ପାଇଁ ଓ କୃଷକମାନଙ୍କର ପରିଗଣନା ପାଇଁ ଏବଂ 31 ଜାନୁୟାରୀ 2014 ସୁଦ୍ଧା ସରକାରୀ ସାହାଯ୍ୟ ବଣ୍ଟନ ପାଇଁ, ଜିଲ୍ଲାପାଳମାନଙ୍କୁ ଅନୁଦେଶ ଦେଇଥିଲେ( 13 ଡିସେମ୍ବର 2013) ।

ଅଡିଟ୍ ଲକ୍ଷ୍ୟ କଲା ଯେ ପ୍ରଭାବିତ ଜିଲ୍ଲାଗୁଡିକର ଜିଲ୍ଲାପାଳ ମାନେ ଶସ୍ୟ କ୍ଷତିର ନିର୍ଦ୍ଧାରଣ କରିଥିଲେ ଓ ପାଣ୍ଠି ସ୍ଥାପନ ପାଇଁ ଅନୁରୋଧ କରିଥିଲେ(16 ଜାନୁୟାରୀ 2014) । ଜିଲ୍ଲାରେ ଧାନ ସଂଗ୍ରହଣର ସ୍ଥିତିକୁ ଦୃଷ୍ଟିରେ ରଖି ଅତି ରଞ୍ଜିତ ଜଣାପଡିବାରୁ, ଏସଆରସି ଜିଲ୍ଲାପାଳମାନଙ୍କ ଦ୍ୱାରା ଦିଆଯାଇଥିବା ପରିଗଣନା ରିପୋର୍ଟକୁ ଫେରାଇ ଦେଇଥିଲେ (20 ଜାନୁୟାରୀ 2014) ଏବଂ ପ୍ରସ୍ତାବକୁ ପୁନଃ ପରୀକ୍ଷା / ତଦନ୍ତ ପରେ ପୁନଃ ଉପସ୍ଥାପନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯାହାହେଉ, ଚୂଡାନ୍ତ ପରିଗଣନା ସମ୍ପୂର୍ଣ୍ଣ ହୋଇ ନଥିଲା ( ଏପ୍ରିଲ୍ 2014) । ଏହିପରି ଫାଇଲିନ୍ ଓ ତତ୍ପରବର୍ତ୍ତୀ ଅକ୍ଟୋବର 2013 ରେ ହୋଇଥିବା ବନ୍ୟାର ଛଅ ମାସ ବିତି ଯାଇଥିଲେ ସୁଦ୍ଧା ଏପରି ପରିଗଣନା ଅସମ୍ପୂର୍ଣ୍ଣ ରହିବା ଯୋଗୁଁ 5.56 ଲକ୍ଷ ହେକ୍ଟର ଜମିରେ ଶସ୍ୟ କ୍ଷତି ପାଇଁ ପ୍ରଭାବିତ କୃଷକମାନଙ୍କୁ କୌଣସି ସହାୟତା କରାଯାଇ ପାରି ନଥିଲା ।

ପ୍ରଭାବିତ ହିତାଧିକାରୀ ଓ କୃଷକ ସମିତି ମଧ୍ୟ ସେମାନଙ୍କର ଅର୍ଥନୈତିକ ମେରୁଦଣ୍ଡକୁ ମଜବୁତ୍ କରିବା ପାଇଁ ଶୀଘ୍ର ଓ ଯଥେଷ୍ଟ କ୍ଷତି ପୂରଣ ପ୍ରଦାନ କରିବାକୁ ଜିଲ୍ଲାପାଳମାନଙ୍କୁ ପ୍ରତିବେଦନ କରିଥିଲେ ।

- ***ଉଦ୍ୟାନ କୃଷି ଫସଲ କ୍ଷତି ପାଇଁ କୃଷକମାନଙ୍କୁ ସହାୟତା :*** ଏସଡିଏଫ୍ଆରରୁ ସହାୟତା ପାଇଁ ଥିବା ମାନାଦର୍ଶ ଅନୁସାରେ ଯଦି ବାରମାସୀ ଉଦ୍ୟାନ କୃଷି ଫସଲର କ୍ଷତି 50 ପ୍ରତିଶତରୁ ଅଧିକ ହୁଏ, ହେକ୍ଟର ପ୍ରତି 12000 ଟଙ୍କା ସରକାରୀ ସାହାଯ୍ୟ, ଯାହାକି ନ୍ୟୁନତମ 1500 ଟଙ୍କା ହେବା କଥା ଏବଂ ବିହନ ବୁଣା ଯାଇଥିବା ଅଞ୍ଚଳରେ ସୀମିତ ରହିବା କଥା ।

ଅଡିଟ୍ ଲକ୍ଷ୍ୟ କଲା ଯେ ଗଞ୍ଜାମ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମାନେ 33571 ହେକ୍ଟର ପରିମିତ ଜମିରେ 95976 କୃଷକମାନଙ୍କର ବାରମାସୀ ଶସ୍ୟ(ଆମ୍ବ, କାଜୁବାଦାମ, କିଆ ଓ ଅନ୍ୟାନ୍ୟ) ଗୁଡିକର କ୍ଷତି ନିର୍ଦ୍ଧାରଣ କରି ସରକାରୀ ସାହାଯ୍ୟ ପ୍ରଦାନ ପାଇଁ 64.20 କୋଟି ଟଙ୍କା ଆବଶ୍ୟକ ବୋଲି ଜଣାଇଲେ । ଯାହାହେଉ, ଅଡିଟ୍ ଲକ୍ଷ୍ୟ କଲା ଯେ କେବଳ ପୁରୀ ଜିଲ୍ଲାରେ 21 ଲକ୍ଷ ଟଙ୍କା ସହାୟତା ଦିଆ ଯାଇଥିଲା ଏବଂ ଗଞ୍ଜାମ ଓ ବାଲେଶ୍ୱର ଜିଲ୍ଲାରେ ଘୂର୍ଣ୍ଣି ବାତ୍ୟା/ ବନ୍ୟାର ପାଞ୍ଚ ମାସ

ପରେ ସୁଦ୍ଧା କୌଣସି  ସହାୟତା ଦିଆଯାଇନଥିଲା କାରଣ ସେହି ଉଦ୍ଦେଶ୍ୟରେ କୌଣସି ପାଣ୍ଠି ପ୍ରାପ୍ତ ହୋଇ ନଥିଲା । ପ୍ରଭାବିତ ବ୍ୟକ୍ତିମାନେ ନିବେଶ ସରକାରୀ ସାହାଯ୍ୟର ଅବିଳମ୍ବେ ପ୍ରଦାନ ପାଇଁ ଉଦ୍ୟାନ କୃଷି ଉପନିର୍ଦ୍ଦେଶକମାନଙ୍କୁ ଓ ଜିଲ୍ଲାପାଳମାନଙ୍କୁ ପ୍ରତିବେଦନ କରିଥିଲେ । .

- ***ମାଛ ଧରାଳିମାନଙ୍କୁ ସହାୟତା :*** ଏସଡିଆରଏଫ୍ ରୁ ସହାୟତା ପାଇଁ ଥିବା ମାନାଦର୍ଶ ଅନୁସାରେ ଡଙ୍ଗାଗୁଡିକର କ୍ଷତି ପାଇଁ ମାଛ ଧରାଳିମାନଙ୍କୁ 1500 ଟଙ୍କା ରୁ 7000 ଟଙ୍କା ମଧ୍ୟରେ ଗୋଟିଏ ସମଦରରେ ସହାୟତା ଦିଆଯିବାର ଥିଲା ।

ସରକାରଙ୍କ ରିପୋର୍ଟ ଅନୁସାରେ ବାତ୍ୟା ଯୋଗୁଁ 6209 ଡଙ୍ଗା ଓ 9622 ଜାଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିଲା ଏବଂ 1899 ଡଙ୍ଗା ଓ 21436 ଜାଲ ଆଂଶିକ ନଷ୍ଟ ହୋଇଥିଲା । ଗଞ୍ଜାମ, ବାଲେଶ୍ୱର ଓ ପୁରୀରେ 8907 ମାଛ ଧରାଳିମାନଙ୍କୁ ସେମାନଙ୍କର ଡଙ୍ଗା ଓ ଜାଲ କ୍ଷତି ପାଇଁ 2.60 କୋଟି ଟଙ୍କାର ସହାୟତା ଦିଆଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ସମସ୍ତ ପ୍ରକାର ଡଙ୍ଗା ଯଥା ଦେଶୀ ଡଙ୍ଗା, ଏଫ.ପି.ଆର ଡଙ୍ଗା, ଯନ୍ତ୍ରଚାଳିତ ଡଙ୍ଗା ଇତ୍ୟାଦିର କ୍ଷତି ପାଇଁ ଭାରତ ସରକାର ଗୋଟିଏ ସମଦରରେ ସହାୟତା ପାଇଁ ମାନାଦର୍ଶ ନିର୍ଦ୍ଧାରଣ କରିଥିଲେ । ସମସ୍ତ ପ୍ରକାର ଡଙ୍ଗାର କ୍ଷତି ପାଇଁ ଗୋଟିଏ ସମଦର ସହାୟତା ରାଶି ବଣ୍ଟନ ପ୍ରକୃତ କ୍ଷତି ତୁଳନାରେ ଯଥେଷ୍ଟ ନଥିଲା । ମାଛ ଧରାଳି ସମିତିର ଏକ ପ୍ରତିବେଦନରୁ ସହାୟତାର ସ୍ୱଳ୍ପତା ଦୃଢୀଭୂତ ହୋଇଥିଲା । ଏହି ସମିତି ଡଙ୍ଗାଗୁଡିକର ମରାମତି ଖର୍ଚ୍ଚ ଏକ ଲକ୍ଷ ଟଙ୍କାରୁ 1.50 ଲକ୍ଷ ଟଙ୍କା ମଧ୍ୟରେ ଓ ଜାଲଗୁଡିକର ଖର୍ଚ୍ଚ 80,000 ଟଙ୍କା ବିଚାର କରି ଯଥେଷ୍ଟ କ୍ଷତିପୂରଣ ପ୍ରଦାନ ପାଇଁ ଅନୁରୋଧ କରିଥିଲେ ।

ପୁନଶ୍ଚ, ଦେଖାଗଲା ଯେ ଦୁଇଟି ଜିଲ୍ଲାରେ (ବାଲେଶ୍ୱର ଏବଂ ପୁରୀ) ମାଛ ଜାଆଁଳ ଉତ୍ପାଦିତ ହେଉଥିବା ସରକାରୀ ମାଛ ଫାର୍ମର ପୋଖରୀ, ମହଜୁଦ୍ ଗୋଦାମ, ପାଣି ପମ୍ପ ଗୁଡିକରେ ଓ ପାଚେରୀ କାନ୍ଥରେ 1.96 କୋଟି ଟଙ୍କାର କ୍ଷତି ହୋଇଥିଲା । କିନ୍ତୁ କୌଣସି ପାଣ୍ଠିର ବ୍ୟବସ୍ଥା ନ ଥିବାରୁ ମାଛ ଫାର୍ମଗୁଡିକ ମରାମତି ହୋଇ ନଥିଲା । ଏହି ଫାର୍ମଗୁଡିକର ପୁନରୁଦ୍ଧାର ନ ହେବା ଯୋଗୁଁ ମାଛ ଜାଆଁଳ ଉତ୍ପାଦନ ପ୍ରଭାବିତ ହୋଇ ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ହାର ହ୍ରାସ ହୋଇଥାନ୍ତା ।

- ***ଗ୍ରାମ୍ୟ କାରିଗରମାନଙ୍କୁ ସହାୟତା:*** ଏସ.ଡି.ଆର.ଏଫ୍ ରୁ ସହାୟତା ପାଇଁ ଥିବା ମାନାଦର୍ଶ ଅନୁସାରେ, ଯନ୍ତ୍ରପାତିର ମରାମତି ଓ ପୁନଃସ୍ଥାପନ ଏବଂ କଞ୍ଚାମାଲ ପାଇଁ ଯନ୍ତ୍ରପାତି ପାଇଁ 3000 ଟଙ୍କା ହାରରେ ଏବଂ କଞ୍ଚାମାଲ ଓ ତିଆରି ଦ୍ରବ୍ୟ ପାଇଁ ସମାନ ହାରରେ ସହାୟତା ଦିଆଯିବା କଥା ।



ବାଲିଆପାଳର ଏକ ବୁଣାକାର ସମବାୟ ସମିତିର କ୍ଷତିଗ୍ରସ୍ତ ତନ୍ତୀ

ସରକାର ରିପୋର୍ଟ ଦେଇଥିଲେ ଯେ 19 ଟି ଜିଲ୍ଲାରେ 3455 ପାରମ୍ପରିକ କାରିଗର ଓ 767 ହସ୍ତତନ୍ତ ବୁଣାଳି ପ୍ରଭାବିତ ହୋଇଥିଲେ ।

ଅଡିଟ୍ ଲକ୍ଷ୍ୟ କଲା ଯେ ବାଲେଶ୍ୱର ଓ ପୁରୀ ଜିଲ୍ଲାରେ 701 ଗ୍ରାମ୍ୟ କାରିଗରମାନଙ୍କୁ 28.88 ଲକ୍ଷ ଟଙ୍କାର ସହାୟତା ଦିଆଯାଇଥିଲା । ଯାହାହେଉ, ଯଦିଓ ସେମାନଙ୍କର କ୍ଷତି 70000 ଟଙ୍କା ପର୍ଯ୍ୟନ୍ତ ନିର୍ଦ୍ଧାରଣ ହୋଇଥିଲା । ସେମାନଙ୍କୁ ମାତ୍ର 1500 ଟଙ୍କାରୁ 6000 ଟଙ୍କା ପର୍ଯ୍ୟନ୍ତ ଦିଆଯାଇଥିଲା ।

ପୁନଶ୍ଚ, ଅଡିଟ୍ ଲକ୍ଷ୍ୟ କଲା ଯେ କ୍ଷୁଦ୍ର ବ୍ୟବସାୟୀ ଯଥା ପାନ ଦୋକାନୀ, ବୁଲା ବିକାଳିମାନଙ୍କର ଜୀବିକା ହରାଇବା ଯୋଗୁଁ ସହାୟତା ପାଇଁ କୌଣସି ବ୍ୟବସ୍ଥା ନଥିଲା । ଏହିଭଳି 36 ଜଣ ପ୍ରଭାବିତ ବ୍ୟବସାୟୀ ସହାୟତା ବ୍ୟବସ୍ଥା ପାଇଁ ପୁରୀ ଜିଲ୍ଲାପାଳଙ୍କୁ ପ୍ରତିବେଦନ କରିଥିଲେ ।

ସରକାର ଦର୍ଶାଇଲେ (ଜୁନ୍ 2014) ଯେ, ଯେହେତୁ ଏନ.ଡି.ଆର୍.ଏଫରୁ ସ୍ୱଳ୍ପ ପରିମାଣ ପ୍ରାପ୍ତି ହୋଇଥିଲା, ତେଣୁ, ସରକାରୀ ସାହାଯ୍ୟ ବଣ୍ଟନ, ଉଦ୍ୟାନ କୃଷି କ୍ଷତି ଯୋଗୁଁ ସହାୟତା ଇତ୍ୟାଦି ଭଳି ଜୀବିକା ପୁନରୁଦ୍ଧାରରେ ଅପ୍ରଚୁରତା ରହିଥିଲା । ରାଜ୍ୟ ସରକାର ଜୀବିକା ପୁନରୁଦ୍ଧାର ପାଇଁ ବଜେଟରେ ବ୍ୟବସ୍ଥା କରିଥିଲେ । ଯାହାହେଉ, ବସ୍ତୁତଃ ଫାଇଲିନ୍‌ର ସାତ ମାସ ପରେ(ଜୁନ୍ 2014) ସୁଦ୍ଧା ପ୍ରଭାବିତ ଜନସଂଖ୍ୟାକୁ ସମୁଚିତ ଆର୍ଥିକ ସହାୟତା ଦେବା ବାକି ରହିଥିଲା ।

### *2.5.4.7 ପଶୁ ସମ୍ପଦର ଯତ୍ନ*

ରାଜ୍ୟ ସରକାରଙ୍କ ଭାରତ ସରକାରଙ୍କୁ ରିପୋର୍ଟ ଅନୁଯାୟୀ 31,062 ପଶୁମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା । 283 ପଶୁ ଚିକିତ୍ସା ଦଳ ଘୂର୍ଣ୍ଣିବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ମୁତୟନ ହୋଇଥିଲେ । 89,840 ପଶୁ ସମ୍ପଦକୁ ଡାକ୍ତରୀ ଚିକିତ୍ସା କଲାଯାଇଥିଲା ଏବଂ 2.30 ଲକ୍ଷ ଗାଇ ଗୋରୁଙ୍କୁ ଟୀକାଦାନ କରାଯାଇଥିଲା ।

ଅଡିଟ୍ ନିମ୍ନଲିଖିତ ବିଷୟ ଲକ୍ଷ୍ୟ କଲା:

- **ଗୋଖାଦ୍ୟ ଯୋଗାଣ** : ରାଜ୍ୟ ସରକାରଙ୍କର କମିଶନର ତଥା ସଚିବ, ମତ୍ସ୍ୟ ଓ ପଶୁ ସଂସାଧନ ବିଭାଗର ଅନୁଦେଶ(13 ଅକ୍ଟୋବର 2013) ଅନୁସାରେ ସ୍ଥାନାନ୍ତରିତ ପଶୁମାନଙ୍କ ମଧ୍ୟରୁ ପ୍ରତି ବୃହତ୍ ପଶୁକୁ ଏକ କିଗ୍ରା ଓ ପ୍ରତି କ୍ଷୁଦ୍ର ପଶୁକୁ 200 ଗ୍ରାମ ହିସାବରେ ପରିସ୍ଥିତି ଉପରେ ନିର୍ଭର କରି ଅଧିକତମ ତିନି ଦିନ ପର୍ଯ୍ୟନ୍ତ ଗୋଖାଦ୍ୟ ବ୍ୟବସ୍ଥା ହେବା କଥା । ଅଡିଟ୍ ଲକ୍ଷ୍ୟ କଲା ଯେ ଗଞ୍ଜାମ, ପୁରୀ ଓ ବାଲେଶ୍ୱର ଜିଲ୍ଲାର ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ(ସିଡିଭିଓ) କୌଣସି ପଶୁକୁ ସ୍ଥାନାନ୍ତରଣ କରି ନଥିଲେ କିମ୍ବା କୃଷକମାନଙ୍କ ଦ୍ୱାରା ସ୍ଥାନାନ୍ତରିତ ପଶୁମାନଙ୍କୁ ଗୋଖାଦ୍ୟ ବଣ୍ଟନ କରି ନଥିଲେ । କିନ୍ତୁ ପରେ, ଫାଇଲିନ୍‌ର ଅଧିକତମ 58 ଦିନ ବିଳମ୍ବରେ 14 ଅକ୍ଟୋବର 2013 ରୁ 10 ଡିସେମ୍ବର 2013 ମଧ୍ୟରେ ସି.ଡି.ଭି.ଓ ମାନେ 2696.05 ମେଟ୍ରିକ୍ ଟନ୍ ଗୋଖାଦ୍ୟ ବଣ୍ଟନ କରିଥିଲେ ।
- **ଗୋଖାଦ୍ୟର ସ୍ୱଳ୍ପ ବିତରଣ:** ଭଦ୍ରକ ଓ ପୁରୀରେ ଆବଶ୍ୟକ 1901.5 ମେଟ୍ରିକ୍ ଟନ୍ ଗୋଖାଦ୍ୟ ବଦଳରେ ମାତ୍ର 824 ମେଟ୍ରିକ୍ ଟନ୍ ଗୋଖାଦ୍ୟ ପ୍ରାପ୍ତି ହୋଇଥିଲା ଓ ବଣ୍ଟା ଯାଇଥିଲା ।

### *2.5.4.8 କ୍ଷତି ଗ୍ରସ୍ତ ଗୃହର ନିର୍ମାଣ*

ଭାରତ ସରକାରଙ୍କ ଦ୍ୱାରା ପୁନରୀକ୍ଷିତ(21 ଜୁନ୍ 2013) ଏସ.ଡି.ଆର.ଏଫ ରୁ ସହାୟତାର ମାନାଦର୍ଶ ଅନୁସାରେ, ପ୍ରଭାବିତ ଲୋକମାନଙ୍କୁ ସେମାନଙ୍କର କ୍ଷତି ଗ୍ରସ୍ତ ଗୃହ ପାଇଁ ସହାୟତା ଦେବା କଥା । ପୁନଶ୍ଚ, ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିବା ଘରଗୁଡିକରେ ଥିବା ଲୋକମାନଙ୍କୁ ପରିବାର ପ୍ରତି 1300 ଟଙ୍କା ଲୁଗାପଟା ସହାୟତା ଓ 1400 ଟଙ୍କା ବାସନକୁସନ ସହାୟତା ଦିଆଯିବାର ଥିଲା । ଜିଲ୍ଲାପାଳମାନଙ୍କର ରିପୋର୍ଟ ଅନୁସାରେ,

ଫାଇଲିନ୍ ଓ ତତ୍ ପରବର୍ତ୍ତୀ ବନ୍ୟାରେ ଛଅଟି ନମୁନା ଯାଞ୍ଚ ଜିଲ୍ଲାରେ 4.24 ଲକ୍ଷ ଘର କ୍ଷତି ଗ୍ରସ୍ତ ହୋଇଥିଲା ଯାହାପାଇଁ 117.69 କୋଟି ଟଙ୍କା ମଞ୍ଜୁର ହୋଇଥିଲା ଏବଂ ଫେବୃଆରୀ 2014 ସୁଦ୍ଧା 101.30 କୋଟି ଟଙ୍କା ବଣ୍ଟାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ, ଯଦିଓ ଭାରତ ସରକାର ଏସ.ଡି.ଆର.ଏଫ୍ ରୁ ସହାୟତାର ମାନାଦର୍ଶକୁ 2010-15 ଅବଧି ପାଇଁ 1900 ଟଙ୍କାରୁ 70000 ଟଙ୍କା ପୁନରୀକ୍ଷଣ କରିଥିଲେ, ଯାଜପୁର ଜିଲ୍ଲାପାଳ ପ୍ରାକ୍ ପୁନରୀକ୍ଷିତ ହାର 1500 ଟଙ୍କାରୁ 35000 ଟଙ୍କାରେ ଗୃହ ନିର୍ମାଣ ସହାୟତା ମଞ୍ଜୁର କରିଥିଲେ ଓ ବଣ୍ଟନ କରିଥିଲେ । ଏହିପରି ଦୁଇଟି ନମୁନା ଯାଞ୍ଚ ତହସିଲ (ଦଶରଥପୁର ଓ ଯାଜପୁର) ରେ କମ୍ ହାରରେ ଗୃହ ନିର୍ମାଣ ସହାୟତା ବଣ୍ଟନ ଯୋଗୁଁ 2547 ହିତାଧିକାରୀ 10.24 ଲକ୍ଷ ଟଙ୍କା କମ୍ ପାଇଥିଲେ ।

ପୁନଶ୍ଚ, ପୁରୀରେ 907 ପରିବାରକୁ ଯେଉଁମାନଙ୍କର ଗୃହ ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିଲା, 24.49 ଲକ୍ଷ ଟଙ୍କାର ଲୁଗାପଟା ଓ ବାସନକୁସନ ସହାୟତା ଦିଆଯାଇ ନଥିଲା । ଉତ୍ତରରେ ପୁରୀ ଜିଲ୍ଲାପାଳ କହିଲେ ଯେ ଲୁଗାପଟା ଓ ବାସନକୁସନ ସହାୟତା ପାଇଁ କୌଣସି ପାଣ୍ଠି ପ୍ରାପ୍ତି ହୋଇ ନଥିଲା ।

ସରକାର ଦର୍ଶାଇଲେ (ଜୁନ୍ 2014) ଯେ, ମେ 2014 ସୁଦ୍ଧା ଗୃହ ନିର୍ମାଣ ସହାୟତା ବଣ୍ଟନ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ସବୁ ଜିଲ୍ଲାପାଳଙ୍କୁ ପୁନରୀକ୍ଷିତ ମାନାଦର୍ଶ ଅନୁସାରେ ସହାୟତା ବ୍ୟବସ୍ଥା କରିବାକୁ କଡାକଡି ଅନୁଦେଶ ଦିଆଯାଇଥିଲା ।

### *2.5.4.9 ପୋଷା କୁକୁଡା କ୍ଷତି ପାଇଁ ସହାୟତା*

ମାନାଦର୍ଶ ଅନୁସାରେ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ମୃତ୍ୟୁ କ୍ଷେତ୍ରରେ ମାଲିକମାନଙ୍କୁ ପୋଷା କୁକୁଡା ପ୍ରତି 37 ଟଙ୍କା ହାରରେ ହିତାଧିକାରୀ ପ୍ରତି ସର୍ବୋଚ୍ଚ ସୀମା 400ଟଙ୍କା ହିସାବରେ କ୍ଷତିପୂରଣ ଦିଆଯିବା କଥା । ଅଡିଟ୍ ଲକ୍ଷ୍ୟ କଲା ଯେ ଯଦିଓ ବାଲେଶ୍ୱର, ପୁରୀ ଓ ଗଞ୍ଜାମ ଜିଲ୍ଲାମାନଙ୍କରେ ଅକ୍ଟୋବର 2013 ରେ ଘୂର୍ଣ୍ଣିବାତ୍ୟା / ବନ୍ୟାରେ 6.36 ଲକ୍ଷ ପୋଷା କୁକୁଡା ମରିଥିଲେ, ଗଞ୍ଜାମ ଓ ପୁରୀରେ ଅଭିଯୋଗ ଉପସ୍ଥାପନ ସତ୍ତ୍ୱେ ପୋଷା କୁକୁଡାଙ୍କର ମାଲିକମାନଙ୍କୁ ଏପର୍ଯ୍ୟନ୍ତ କୌଣସି କ୍ଷତି ପୂରଣ ଦିଆଯାଇ ନଥିଲା ।

ସରକାର ଦର୍ଶାଇଲେ (ଜୁନ୍ 2014) ଯେ ଜିଲ୍ଲାପାଳମାନଙ୍କୁ ସମୀକ୍ଷା କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁଦେଶ ଦିଆଯାଇଥିଲା ।

## 2.6 ଆର୍ଥିକ ପରିଚାଳନା

ଦିଗଦର୍ଶିକା ଅନୁସାରେ ଏସଡିଆର୍ଏଫକୁ ଘୂର୍ଣ୍ଣିବ୍ୟାତ୍ୟା, ମରୁଡି, ଭୂମିକମ୍ପ, ଅଗ୍ନି, ବନ୍ୟା, ସୁନାମି, କରକା ଝଡ, ଭୁସ୍ଖଳନ, ହିମସ୍ଖଳନ, ବାଦଲ ଫଟା ଓ ଅନିଷ୍ଟକାରୀ କୀଟ ଆକ୍ରମଣର ଶିକାର ଲୋକମାନଙ୍କୁ ତତ୍କ୍ଷଣାତ୍ ସାହାଯ୍ୟ ଦେବା ଖର୍ଚ୍ଚ ପାଇଁ ବ୍ୟବହାର କରାଯିବା କଥା ।

ଅଡିଟ୍ ଲକ୍ଷ୍ୟ କଲା ଯେ 2007-13 ମଧ୍ୟରେ ଉପଲବ୍ଧ 3640.28 କୋଟି ଟଙ୍କା(ସିଆରଏଫ-1150.30 କୋଟି ଟଙ୍କା ଓ ଏସ.ଡି.ଆର.ଏଫ୍ : 2489.98 କୋଟି ଟଙ୍କା) ମଧ୍ୟରୁ ମାର୍ଚ୍ଚ 2013 ସୁଦ୍ଧା 3455.96 କୋଟି ଟଙ୍କା ଉପଯୋଗ ହୋଇଥିଲା ଓ 184.32 କୋଟି ଟଙ୍କା ଉପଯୋଗ ହୋଇ ପାରି ନଥିଲା । ଏହାଛଡା, ମିଳିତ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ(ୟୁଏନଡିପି) ଓ ବିଶ୍ୱ ବ୍ୟାଙ୍କ୍ ରୁ 2007-12 ମଧ୍ୟରେ ମିଳିଥିବା ବାହ୍ୟ ସହାୟତା

38.98[15] କୋଟି ଟଙ୍କା ମଧ୍ୟରୁ 25.47 କୋଟି[16] ଟଙ୍କା ଏହି ଅବଧି ମଧ୍ୟରେ ବିପର୍ଯ୍ୟୟ ପ୍ରସ୍ତୁତି, ଭିତ୍ତି ସଂରଚନା ବିକାଶ, ପୁନଃନିର୍ମାଣ ଏବଂ କ୍ଷମତା ନିର୍ମାଣ ପାଇଁ ଉପଯୋଗ କରାଯାଇଥିଲା ।

ନିମ୍ନ ଅନୁଚ୍ଛେଦ ମାନଙ୍କରେ ଆଲୋଚିତ ଅଗ୍ରାହ୍ୟ କାର୍ଯ୍ୟ ପାଇଁ ଅନିୟମିତ ଖର୍ଚ୍ଚ, ଉପଯୋଗ ପ୍ରମାଣ ପତ୍ରର ଅଣ ଉପସ୍ଥାପନ, ଏସଡିଆରଏଫ ରେ ସୁଧ ଜମା ନ ହେବା ଇତ୍ୟାଦି ମାମଲା ଅଡିଟ୍ ଲକ୍ଷ୍ୟ କଲା ।

### *2.6.1 ଏସଡିଆର୍ଏଫ୍ ରୁ ଅଗ୍ରାହ୍ୟ ଖର୍ଚ୍ଚ*

ଏସ.ଡି.ଆର୍.ଏଫ୍ ର ଭାରତ ସରକାରଙ୍କ ଦିଗ୍ଦର୍ଶିକାର ଅନୁଚ୍ଛେଦ 3 ଅନୁସାରେ ଯେ କୌଣସି ବିପର୍ଯ୍ୟୟ ଶିକାର ଲୋକମାନଙ୍କୁ ତତ୍କ୍ଷଣାତ୍ ସାହାଯ୍ୟ ଖର୍ଚ୍ଚ ପାଇଁ ଏସଡିଆର୍ଏଫ୍ କୁ ବ୍ୟବହାର କରାଯିବା ଉଚିତ୍ । ଅନୁଚ୍ଛେଦ 17 ଅନୁସାରେ, ବିପର୍ଯ୍ୟୟ ପ୍ରସ୍ତୁତି, ପୁନରୁଦ୍ଧାର, ପୁନଃନିର୍ମାଣ ଓ ପ୍ରଶମନ ଖର୍ଚ୍ଚ ଏସଡିଆର୍ଏଫ୍ ରୁ ନ ହୋଇ ରାଜ୍ୟ ଯୋଜନା ପାଣ୍ଠି ଅଧିନରେ ରାଜ୍ୟ ସରକାରଙ୍କ ଦ୍ୱାରା ହେବାର ଥିଲା । ଯାହାହେଉ, ସରକାର ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରଶମନ, ମରାମତି ଓ ପୁନରୁଦ୍ଧାର ପାଇଁ ଏସଡିଆରଏଫକୁ ଅଂଶଧନ ଦାନ ବ୍ୟତୀତ, ରାଜ୍ୟ ଯୋଜନାରେ ଅନ୍ୟ କୌଣସି ବ୍ୟବସ୍ଥା କରି ନଥିଲେ ଏବଂ ଉପରୋକ୍ତ ସମ୍ବନ୍ଧୀୟ ଖର୍ଚ୍ଚ ସିଆରଏଫ/ ଏସଡିଆରଏଫରୁ କରାଯାଇଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ଆଲୋଚିତ ।

#### *2.6.1.1 ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ପାଣ୍ଠିର ଅଗ୍ରାହ୍ୟ ମଞ୍ଜୁରୀ*

ଅଡିଟ୍ ଲକ୍ଷ୍ୟ କଲା ଯେ, ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ୟୁଏନ୍‌ଡିପି ଓ ବିଶ୍ୱ ବ୍ୟାଙ୍କ୍‌ରୁ 25.47 କୋଟି ଟଙ୍କା ଉପଯୋଗ ସତ୍ତ୍ୱେ, ଉପରୋକ୍ତ ମାନାଦର୍ଶକୁ ଲଙ୍ଘନ କରି ସିଆର୍ଏଫ/ଏସଡିଆର୍ଏଫ୍‌ରୁ 29.46 କୋଟି ଟଙ୍କା ***(ପରିଶିଷ୍ଟ 2.1.4)*** ମଞ୍ଜୁର କରାଯାଇଥିଲା ।

ସରକାର ଦର୍ଶାଇଲେ (ଜୁନ୍ 2014) ଯେ ସମସ୍ତ ପ୍ରକଳ୍ପ ଗୁଡିକ ରାଜ୍ୟ ସ୍ତରୀୟ କମିଟି ଓ ଏସଇସିଙ୍କ ଦ୍ୱାରା ଯଥାବିଧି ମଞ୍ଜୁର କରାଯାଇଥିଲା । କିନ୍ତୁ କାର୍ଯ୍ୟ ପାଇଁ ଏହି ମଞ୍ଜୁରୀ ଗୁଡିକ ସିଆରଏଫ/ଏସଡିଆରଏଫ୍ ଦିଗ୍ଦର୍ଶିକାରେ ରୂପରେଖ ଦିଆଯାଇଥିବା ବ୍ୟବସ୍ଥାକୁ ଉଲ୍ଲଂଘନ କରିଥିଲା ।

#### *2.6.1.2 ବଜ୍ରପାତରେ ଶିକାର ଲୋକମାନଙ୍କୁ ସାନୁଗ୍ରହ*

ଦିଗ୍ଦର୍ଶିକା ଅନୁସାରେ, ଏସଡିଆରଏଫ୍ ପାଣ୍ଠି, ଘୂର୍ଣ୍ଣିବାତ୍ୟା, ମରୁଡି, ଭୂମିକମ୍ପ, ଅଗ୍ନି, ବନ୍ୟା, ସୁନାମି, କରକାଝଡ, ଭୁସ୍ଖଳନ, ହିମସ୍ଖଳନ, ବାଦଲ ଫଟା ଓ ଅନିଷ୍ଟକାରୀ କୀଟ ଆକ୍ରମଣର ଶିକାର ଲୋକମାନଙ୍କୁ ତତ୍କ୍ଷଣାତ୍ ସାହାଯ୍ୟ କରିବା ପାଇଁ ଖର୍ଚ୍ଚରେ ବ୍ୟବହାର ହେବ ।

ଅଡିଟ୍ ଲକ୍ଷ୍ୟ କଲା ଯେ 2007-12 ମଧ୍ୟରେ ଦିଗ୍ଦର୍ଶିକାକୁ ଉଲ୍ଲଂଘନ କରି ଆଠୋଟି ଜିଲ୍ଲାର ଜିଲ୍ଲାପାଳ ମାନେ ବିଜୁଳିର ଶିକାର ଲୋକମାନଙ୍କୁ ସି.ଆର୍.ଏଫ୍ / ଏସ.ଡି.ଆର୍.ଏଫ୍ ରୁ 5.17 କୋଟି ଟଙ୍କାର ସାନୁଗ୍ରହ ପ୍ରଦାନ କରିଥିଲେ । ଏହାଛଡା, ତ୍ରୟୋଦଶ ଅର୍ଥ କମିଶନ ବଜ୍ରପାତ ଏକ ଦୁର୍ବିପାକ/ ବିପର୍ଯ୍ୟୟର ମାନ୍ୟତା ଦେଇ ନଥିଲେ । ଯଦିଓ ରାଜ୍ୟ ସରକାର, ଓଆରସି ଅନୁସାରେ ବଜ୍ରପାତକୁ ଏକ ବିପର୍ଯ୍ୟୟ ଭାବେ ବିଚାର କରିଥଲେ ।

---

[15] ଡିଆରଏମ: 4.34 କୋଟି ଟଙ୍କା, ଡିଆରଆର: 1.08 କୋଟି ଟଙ୍କା, ଏବଂ ଏନସିଆରଏମପି: 32.81 କୋଟି ଟଙ୍କା / ଆଇସିଜେଡ୍‌ଏମ୍‌ପି: 0.75 କୋଟି ଟଙ୍କା

[16] ଡିଆରଏମ:6.28 କୋଟି ଟଙ୍କା, ଡିଆରଆର:1.20 କୋଟି ଟଙ୍କା, ଏନସିଆରଏମପି:17.81 କୋଟି ଟଙ୍କା, ଆଇସିଜେଡ୍‌ଏମପି: 0.18 କୋଟି ଟଙ୍କା

ସରକାର ଦର୍ଶାଇଲେ (ଜୁନ୍ 2014) ଯେ, ବଜ୍ରପାତର ଶିକାର ଲୋକମାନଙ୍କୁ ସାନୁଗ୍ରହ ସହାୟତା ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ଦେବା ପାଇଁ ସ୍ଥିର କରାଯାଇଥିଲା (ଅଗଷ୍ଟ 2012) । ଯାହାହେଉ, ବସ୍ତୁତଃ ଏସଡିଆର୍ଏଫ୍ ରୁ ଅଗ୍ରାହ୍ୟ ଅର୍ଥ ପ୍ରଦାନ କରାଯାଇଥିଲା ।

### *2.6.2 ଉପଯୋଗ ପ୍ରମାଣ ପତ୍ରର ଉପସ୍ଥାପନ*

ଓ.ଜି.ଏଫ୍.ଆର ର ବ୍ୟବସ୍ଥା ଅନୁଯାୟୀ, ପାଣ୍ଠି ଖଲାସ ପରବର୍ଷ ଜୁନ୍ 30 ସୁଦ୍ଧା ୟୁସି ଗୁଡିକ ସରକାରଙ୍କୁ ଉପସ୍ଥାପନ କରିବାର ଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ 2007-13 ଅବଧି ମଧ୍ୟରେ ଏସଆରସି ଙ୍କ ଦ୍ୱାରା ୩୦ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ 33 ବିଭାଗକୁ, ସିଆରଏଫ୍/ ଏସଡିଆରଏଫ୍ ରୁ 3455.80 କୋଟି ଟଙ୍କା ଦିଆଯାଇଥିଲା, ଯାହା ବାବଦରେ 1999.38 କୋଟି ଟଙ୍କାର ୟୁସି ପ୍ରାପ୍ତି ହୋଇଥିଲା । ଅବଶିଷ୍ଟ 1456.42[17] କୋଟି ଟଙ୍କାର ୟୁସି କୁ ପ୍ରତୀକ୍ଷା କରାଯାଇଥିଲା ।

ସରକାର ଦର୍ଶାଇଲେ (ଜୁନ୍ 2014) ଯେ, ୟୁସିଗୁଡିକ ସଂଗ୍ରହ କରିବା ପାଇଁ କିମ୍ବା କ୍ରିୟାନ୍ୱିତ ଏଜେନସି ମାନଙ୍କ ସପକ୍ଷରେ ପରବର୍ତ୍ତୀ ଖଲାସର ଅବଶିଷ୍ଟ ପରିମାଣରୁ କାଟିବା ପାଇଁ ପଦକ୍ଷେପ ନିଆଯିବ ।

### *2.6.3 ଏସ.ଡି.ଆର୍.ଏଫ୍ ରେ ସୁଧ ଜମା ନ ହେବା*

ଏସ.ଡି.ଆର୍.ଏଫ୍ ଦିଗ୍‌ଦର୍ଶିକାର ଅନୁଚ୍ଛେଦ 4 ଅନୁସାରେ, ଏସଡିଆରଏଫ୍, ସୁଧ ଦେଉଥିବା ଆରକ୍ଷିତ ପାଣ୍ଠି ଅଧିନରେ ସରକାରୀ ଲେଖାରେ ରହିବ ଓ କେନ୍ଦ୍ର ସରକାରଙ୍କ ଦିନାଙ୍କ ପ୍ରତିଭୂତି ନିଲାମ ହୋଇଥିବା ଟ୍ରେଜେରୀ ବିଲ୍ ଇତ୍ୟାଦିରେ ପୁଞ୍ଜି ଲଗାଯିବ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ଓଭରଡ୍ରାଫ୍ଟ ବିନିୟମ ଦିଗଦର୍ଶିକା ଅଧିନରେ ଓଭରଡ୍ରାଫ୍ଟ ଗୁଡିକୁ ଦିଆଯାଉଥିବା ସୁଧ ହାରରେ ରାଜ୍ୟ ସରକାର ଏସଡିଆରଏଫ୍ କୁ ସୁଧ ଦେବେ । ଏହି ସୁଧ ଏସଡିଆରଏଫରେ ଅର୍ଦ୍ଧ ବାର୍ଷିକ ଆଧାରରେ ଜମା ହେବ ।

ଯାହାହେଉ, ଅଡିଟ୍ ଲକ୍ଷ୍ୟ କଲା ଯେ ଯଦିଓ ରାଜ୍ୟ ସରକାର ସୁଧ ମିଳୁଥିବା ସରକାରୀ ଲେଖାରେ ଏସଡିଆରଏଫକୁ 2011-12ରେ ରଖିଲେ ଏସଡିଆରଏଫ୍‌ରେ କୌଣସି ସୁଧ ଜମା ହୋଇନଥିଲା(ଅକ୍ଟୋବର 2013) ଏବଂ ଏହାର କାରଣ ଅଡିଟକୁ କୁହାଯାଇନଥିଲା ।

ଉତ୍ତରରେ ସରକାର ଦର୍ଶାଇଲେ (ଜୁନ୍ 2014) ଯେ, 2013-14 ମଧ୍ୟରେ ଟ୍ରେଜେରୀ ବିଲରେ ପୁଞ୍ଜି ଲଗାଣ ଯୋଗୁଁ 9.78 କୋଟି ଟଙ୍କା ସୁଧ ହିସାବରେ ଉପାର୍ଜିତ ହୋଇଥିଲା, ଯାହା ଏସଡିଆରଏଫରେ 2014-15 ରେ ଜମା ହେବ । ଯାହାହେଉ, 2011 ଠାରୁ ସୁଧ ଜମା ନ ହେବା ବିଷୟରେ ଉତ୍ତର ନୀରବ ରହିଥିଲା ।

### *2.6.4 ଅବାସ୍ତବ ନିର୍ଦ୍ଧାରଣ ଯୋଗୁଁ ଅକାମୀ ପାଣ୍ଠି*

ଓଟିସି ଖଣ୍ଡ I ର ନିୟମ 242 ବ୍ୟବସ୍ଥା କଲା ଯେ ତୁରନ୍ତ ବିତରଣର ଆବଶ୍ୟକ ନଥିଲେ କୌଣସି ଟଙ୍କା ଟ୍ରେଜେରୀରୁ ଉଠାଯାଇପାରିବ ନାହିଁ ।

2008-11 ମଧ୍ୟରେ. ଏସଆରସି, ନିବେଶ ସରକାରୀ ସାହାଯ୍ୟ, ସାନୁଗ୍ରହ, ଅଯାଚିତ ସାହାଯ୍ୟ(ଜିଆର) ଗୃହ ନିର୍ମାଣ ପାଇଁ ସାହାଯ୍ୟ ଇତ୍ୟାଦି ଏବଂ ଏହି ସମୟରେ ପ୍ରାକୃତିକ ଦୁର୍ଦ୍ଦଶାରେ ପ୍ରଭାବିତ ଲୋକ ଉପଯୋଗିତା

[17] 2007-08: 36.80 କୋଟି ଟଙ୍କା, 2008-09: 165.41 କୋଟି ଟଙ୍କା, 2009-10: 57.16 କୋଟି ଟଙ୍କା, 2010-11: 140.22 କୋଟି ଟଙ୍କା, 2011-12: 579.34 କୋଟି ଟଙ୍କା, 2012-13: 477.49 କୋଟି ଟଙ୍କା

ଗୁଡିକର ମରାମତି / ପୁନଃ ପ୍ରବର୍ତ୍ତନ ପାଇଁ କେଉଁଝରର ଜିଲ୍ଲାପାଳଙ୍କୁ 33.42 କୋଟି ଟଙ୍କା ଦେଇଥିଲେ । ଅଡିଟ୍ ଲକ୍ଷ୍ୟ କଲା ଯେ, ଯଦିଓ କେଉଁଝରର ଜିଲ୍ଲାପାଳଙ୍କ ବରାଦ ଅନୁସାରେ ଟଙ୍କା ଦିଆଯାଇଥିଲା ସେପ୍ଟେମ୍ବର 2012 ସୁଦ୍ଧା ନିମ୍ନ ସାରଣୀରେ ବିଶଦ ବିବରଣୀ ଅନୁସାରେ ଜିଲ୍ଲାପାଳଙ୍କ ନିକଟରେ 10.11 କୋଟି ଟଙ୍କା ଉପଯୋଗ ନ ହୋଇ ରହିଥିଲା ।

***ସାରଣୀ 2.3: ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିକଟରେ ଉପଯୋଗ ନ ହୋଇ ରହିଥିବା ପାଣ୍ଠି*** ***(ଲକ୍ଷ ଟଙ୍କାରେ)***

| ବର୍ଷ | ବିପର୍ଯ୍ୟୟର ପ୍ରକାର | ସହାୟତାର ଉଦ୍ଦେଶ୍ୟ | ଖଲାସ ପରିମାଣ | ସେପ୍ଟେମ୍ବର 2012 ସୁଦ୍ଧା ଧରି ରଖିଥିବା ପରିମାଣ |
|---|---|---|---|---|
| 2008 | ବନ୍ୟା | ଅଯାଚିତ ସାହାଯ୍ୟ ଓ ଗୃହ ନିର୍ମାଣ ସହାୟତା | 12.20 | 11.70 |
| 2010 | ଅଦିନିଆ ବର୍ଷା | ସରକାରୀ ସାହାଯ୍ୟ, ସାନୁଗ୍ରହ ଓ ଅନ୍ୟାନ୍ୟ | 2297.54 | 551.48 |
| | ମରୁଡି | ସରକାରୀ ସାହାଯ୍ୟ, ସାନୁଗ୍ରହ ଓ ଅନ୍ୟାନ୍ୟ | 423.50 | 179.27 |
| 2011 | ବନ୍ୟା | ସରକାରୀ ସାହାଯ୍ୟ, ସାନୁଗ୍ରହ ଓ ଅନ୍ୟାନ୍ୟ | 608.65 | 268.67 |
| ମୋଟ | | | **3341.89** | **1011.12** |

***(ଉତ୍ସ: ଡିଡିଏମଏ, କେଉଁଝର ନଥିପତ୍ର)***

ଅବଶେଷ ଧାରଣ ସୂଚାଇ ଦିଏ ଯେ, ଆବଶ୍ୟକତାର ଉଚିତ୍ ନିର୍ଦ୍ଧାରଣ କରା ନ ଯାଇ ଜିଲ୍ଲାପାଳଙ୍କ ଦ୍ୱାରା ପାଣ୍ଠି ବରାଦ କରାଯାଇଥିଲା ।

ସରକାର ଦର୍ଶାଇଲେ (ଜୁନ୍ 2014) ଯେ, ଜମିର ଶସ୍ୟ କ୍ଷତିର ନିର୍ଦ୍ଧାରଣ କରି ସେମାନଙ୍କର ଆବଶ୍ୟକତାର ଉପସ୍ଥାପନ କରିବାକୁ ଜିଲ୍ଲାପାଳମାନଙ୍କୁ କଡାକଡି ଅନୁଦେଶ ଦିଆଯାଇଥିଲା ଏବଂ ଆବଶ୍ୟକତା ଅନୁସାରେ ସେମାନଙ୍କୁ ପାଣ୍ଠି ଦିଆଯାଇଥିଲା ।

### 2.6.5 *ନିବେଶ ସରକାରୀ ସାହାଯ୍ୟ ସମର୍ପଣ*

ଓ.ଆର.ସି ର ଅନୁଚ୍ଛେଦ 6 ଅନୁସାରେ, କ୍ଷୟକ୍ଷତିର ଉଦ୍ଧାର ପାଇଁ ଚାଷୀମାନଙ୍କୁ ଅଯାଚିତ ସାହାଯ୍ୟ, ସହାୟତା ଆକାରରେ ଯୋଗାଇ ଦେବାର ଥିଲା । ଅଡିଟ୍ ସମ୍ୟକ୍ ପରୀକ୍ଷାରୁ ଜଣାପଡିଲା ଯେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଏସ.ଆର.ସି ସୁବର୍ଣ୍ଣପୁର ଜିଲ୍ଲା ପ୍ରଭାବିତ କୃଷକମାନଙ୍କ ମଧ୍ୟରେ ନିବେଶ ସରକାରୀ ସାହାଯ୍ୟ (ମରୁଡି 2010) ହିସାବରେ 3.85 କୋଟି ଟଙ୍କା ପ୍ରଦାନ କରିଥିଲେ । ଅଧିକ ନିର୍ଦ୍ଧାରଣ ହୋଇଥିବା ସୂଚାଇ ତହସିଲଦାର 2.62 କୋଟି ଟଙ୍କା ବାଣ୍ଟିଥିଲେ ଓ ବଳକା 1.23 କୋଟି ଟଙ୍କା ଡିଡିଏମଏ କୁ ସମର୍ପଣ କରିଥିଲେ (ନଭେମ୍ବର 2011) ଯାହା ଅଧିକ ନିର୍ଦ୍ଧାରଣ ସୂଚାଉଥିଲା ।

ସରକାର ଦର୍ଶାଇଲେ (ଜୁନ୍ 2014) ଯେ, ଜମିରେ ଶସ୍ୟ କ୍ଷତିର ନିର୍ଦ୍ଧାରଣ କରି ସେମାନଙ୍କର ଆବଶ୍ୟକତାକୁ ଉପସ୍ଥାପନ କରିବାକୁ ଜିଲ୍ଲାପାଳମାନଙ୍କୁ କଡାକଡି ଅନୁଦେଶ ଦିଆଯାଇଥିଲା ଏବଂ ଆବଶ୍ୟକତା ଅନୁସାରେ ସେମାନଙ୍କୁ ପାଣ୍ଠି ଦିଆଯାଇଥିଲା ।

### 2.6.6 *ଫାଇଲିନ୍ ପାଇଁ ମୁଖ୍ୟମନ୍ତ୍ରୀ ସାହାଯ୍ୟ ପାଣ୍ଠି(ସିଏମଆରଏଫ)କୁ ଦିଆଯାଇଥିବା ଦାନ*

ଫାଇଲିନ୍‌ର ପ୍ରଭାବ ପରେ (12 ଅକ୍ଟୋବର 2013), ସାଧାରଣ ନାଗରିକ, କେନ୍ଦ୍ର ଓ ରାଜ୍ୟ ସରକାରୀ ଶିଳ୍ପ ଉଦ୍ୟୋଗ, ନିଗମ, ବ୍ୟବସାୟ ଓ ଶିକ୍ଷ ସଂସ୍ଥା, ବ୍ୟାଙ୍କ୍ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡିକ 11 ମାର୍ଚ୍ଚ 2014 ସୁଦ୍ଧା 238.71 କୋଟି ଟଙ୍କା ସି.ଏମ୍.ଆରଏଫ୍ କୁ ଦାନ କରିଥିଲେ ।

ଅଡିଟ୍ ଲକ୍ଷ୍ୟ କଲା ଯେ ଏଥି ମଧ୍ୟରୁ କୃଷି, ଭିନ୍ନକ୍ଷମ ଓ ବିଧବା ମାନଙ୍କୁ ଅତିରିକ୍ତ ପେନସନ୍ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗକୁ 64.08 କୋଟି ଟଙ୍କା ଏବଂ 13 ଟି ଫାଇଲିନ୍ ପ୍ରଭାବିତ ଜିଲ୍ଲାରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ପ୍ରାଥମିକ ବିଦ୍ୟାଳୟଗୁଡିକର ଓ ପୁନଃନିର୍ମାଣ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ 5.96 କୋଟି ଟଙ୍କା ଦିଆଯାଇଥିଲା । ବଳକା 168.67 କୋଟି ଟଙ୍କା ଉପଯୋଗ ନ ହୋଇ ରହିଥିଲା, ଯଦିଓ ନଦୀବନ୍ଧ ଓ କେନାଲରେ ଅନେକ ଘାଇ ମରାମତି ହେବାକୁ ଥିଲା ଏବଂ ଅନେକ କୃଷକ, ମାଛ ଧରାଳି, କାରିଗରଙ୍କୁ ***ଅନୁଚ୍ଛେଦ 2.5.4.1, 2.5.4.5, 2.5.4.6, 2.5.4.8 ଓ 2.5.4.9*** ରେ ଉଲ୍ଲେଖ ହୋଇଥିବା ଅନୁଯାୟୀ କୌଣସି ସହାୟତା ଦିଆଯାଇନଥିଲା କିମ୍ୱା କମ୍ ସହାୟତା ଦିଆଯାଇଥିଲା । ଏହିପରି ଦୁର୍ବିପାକ ଉଦ୍ଦେଶ୍ୟରେ ପାଣ୍ଠିର ଅଣ-ଉପଯୋଗ, ଏହାର ସଂଗ୍ରହର ମୂଳ ଉଦ୍ଦେଶ୍ୟକୁ ପରାଜିତ କରିଥିଲା ।

ସରକାର ଦର୍ଶାଇଲେ ( ଜୁନ୍ 2014) ଯେ, ଅବଶିଷ୍ଟ ପାଣ୍ଠି ସାହାଯ୍ୟ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ବିନିଯୋଗ କରାଯିବ ।

## 2.7 ରାଜ୍ୟ, ଜିଲ୍ଲା ଶୀର୍ଷ ନିକାୟ ମାନଙ୍କ ଦ୍ୱାରା ର୍ପ୍ୟାଲୋଚନା

ଡି.ଏମ୍.ଅଧିନିୟମର ପରିକଳ୍ପନା ଅନୁସାରେ, ଏସ.ଇ.ସି ଏବଂ ଏସଡିଏମଏ ବିପର୍ଯ୍ୟୟ ସମ୍ବନ୍ଧୀୟ ନୀତି ଓ କାର୍ଯ୍ୟ ପଦ୍ଧତିର ପ୍ରବର୍ତ୍ତନ ଓ ପ୍ରଗତିକୁ ଦେଖାଶୁଣା ଓ ପର୍ଯ୍ୟାଲୋଚନା କରିବା ପାଇଁ ଗଠିତ ହୋଇଛି ।

ଅଡିଟ୍ ପର୍ଯ୍ୟାଲୋଚନାର ପର୍ଯ୍ୟାପ୍ତତା ପରୀକ୍ଷା କରିଥିଲା ଓ ନିମ୍ନଲିଖିତ ଅଭାବ ଗୁଡିକ ଲକ୍ଷ୍ୟ କଲା ।

### *2.7.1 ଏସଇସି ଦ୍ୱାରା ପର୍ଯ୍ୟାଲୋଚନା*

ରାଜ୍ୟରେ ବିପର୍ଯ୍ୟୟର ପରିଚାଳନା ପାଇଁ ଏସଇସି ଏକ ସମନ୍ୱୟ ଓ ପର୍ଯ୍ୟାଲୋଚନା ନିକାୟ ହିସାବରେ କାର୍ଯ୍ୟକରିବା, ଡିଏମ ଅଧିନର ଧାରା 22 (1) ଆବଶ୍ୟକ କରୁଥିଲା ।
ଓଡିଶା ବିପର୍ଯ୍ୟୟ ପରିଚାଳନା ନିୟମାବଳୀ 2010, ଏସଇସି ତିନି ମାସରେ ଅନ୍ତତଃ ଥରେ ବସିବା ପାଇଁ ଦରକାର କରୁଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ଗଠିତ ହେବା ଠାରୁ(ଡିସେମ୍ୱର 2010) ଜୁନ୍ 2013 ପର୍ଯ୍ୟନ୍ତ, ଆବଶ୍ୟକୀୟ 10 ଟି ବୈଠକ ସ୍ଥଳେ, କମିଟି କେବଳ ପାଞ୍ଚ ଥର[18], ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରଶମନ ଇତ୍ୟାଦି ବିଷୟରେ ପର୍ଯ୍ୟାଲୋଚନା ନ କରି କେବଳ ପ୍ରକଳ୍ପଗୁଡିକର ଅନୁମୋଦନ ପାଇଁ ବସିଥିଲା ।

ଉତ୍ତରରେ ସରକାର ଦର୍ଶାଇଲେ(ଜୁନ୍ 2014) ଯେ ଏସଇସି 2013-14 ମଧ୍ୟରେ ଚାରିଥର ବସିଥିଲା ଏବଂ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲା ।

### *2.7.2 ବନ୍ୟାଜନିତ କ୍ଷୟକ୍ଷତିର ମରାମତି କାର୍ଯ୍ୟର ପର୍ଯ୍ୟାଲୋଚନା*

2011 ବନ୍ୟାରେ ନଷ୍ଟ ହୋଇଥିବା ଭିତ୍ତି ସଂରଚନାର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ନିରୀକ୍ଷଣ ପାଇଁ ସରକାର ରାଜ୍ୟ ସ୍ତରୀୟ ଓ ଜିଲ୍ଲାସ୍ତରୀୟ ଦଳଗୁଡିକ ଗଠନ କରିବାକୁ ସ୍ଥିର କଲେ(ଅକ୍ଟୋବର 2011) । ସେମାନେ ଜିଲ୍ଲାପାଳ ଓ ଏସଆରସିଙ୍କୁ ରିପୋର୍ଟ କରିବାର ଥିଲା, ଯେଉଁମାନେ ଦଳଗୁଡିକର ପ୍ରତିକୂଳ ସିଦ୍ଧାନ୍ତ ସହ ସୁପାରିଶକୁ ସଂପୃକ୍ତ କାର୍ଯ୍ୟନିର୍ବାହୀ ଏଜେନ୍ସୀମାନଙ୍କୁ ଶୀଘ୍ର ପରିଶୋଧନ ପାଇଁ ଜଣାଇବାର ଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ:

[18] 11 ମାର୍ଚ୍ଚ 2011, 7 ଅକ୍ଟୋବର 2011, 7 ଜାନୁୟାରୀ 2012, 29 ଅଗଷ୍ଟ 2012 ଏବଂ 23 ମେ 2013

- ଯାଜପୁରରେ ସ୍କ୍ବାର୍ଡ ଛଅଟି କାର୍ଯ୍ୟନିର୍ବାହୀ ଏଜେନସି ଙ୍କ[19] ଦ୍ୱାରା ନିଷ୍ପାଦିତ ହୋଇଥିବା ସାତୋଟି କାର୍ଯ୍ୟକୁ ନିରୀକ୍ଷଣ କଲେ (04 ମେ ଓ 25 ମେ 2012) ଏବଂ ଛଅଟି କାର୍ଯ୍ୟର ଖରାପ ମୃତ୍ତିକା ଗୁଣବତ୍ତା, ଖରାପ ସଂଘନନ ଇତ୍ୟାଦି ବିଷୟରେ ପ୍ରତିକୂଳ ମନ୍ତବ୍ୟ ଦେଲେ ଏବଂ ସଂଶୋଧକ ଉପାୟ ସୁପାରିଶ କଲେ । କିନ୍ତୁ ଯାଜପୁର ଜିଲ୍ଲାପାଳ କାର୍ଯ୍ୟ ନିର୍ବାହୀ ଏଜେନ୍ସୀ ମାନଙ୍କୁ ସଂଶୋଧକ କାର୍ଯ୍ୟାନୁଷ୍ଠାନ ଦେବା ପାଇଁ ଅନୁଦେଶ ଦେଇ ନଥିଲେ କିମ୍ବା ସେଗୁଡିକର ପରିଶୋଧନ ସୁନିଶ୍ଚିତ କରି ନଥିଲେ । କାର୍ଯ୍ୟନିର୍ବାହୀ ଏଜେନସୀମାନେ ମନ୍ତବ୍ୟ ଅନୁପାଳନ ସମ୍ବନ୍ଧରେ କୌଣସି କାର୍ଯ୍ୟାନ୍ୱୟନ ରିପୋର୍ଟ ଉପସ୍ଥାପନ କରି ନଥିଲେ ।

- ଆଠଟି ନମୁନା ଯାଞ୍ଚ ଜିଲ୍ଲା ମଧ୍ୟରୁ ପାଞ୍ଚଟିରେ ଜିଲ୍ଲା ସ୍କ୍ବାର୍ଡ ଗୁଡିକ ଅକ୍ଟୋବର ଓ ନଭେମ୍ବର 2011 ମଧ୍ୟରେ ଗଠିତ ହୋଇଥିଲା, କିନ୍ତୁ ଜିଲ୍ଲାପାଳଙ୍କ ଦ୍ୱାରା କୌଣସି ରିପୋର୍ଟ ପ୍ରାପ୍ତି ହୋଇ ନଥିଲା କିମ୍ବା ଏଭଳି କୌଣସି ରିପୋର୍ଟ ନିଜ ନିଜ ଜିଲ୍ଲା ଡିଏଲଏନସିସ[20] ବୈଠକର ସମୀକ୍ଷାରେ ଆଲୋଚିତ ହୋଇ ନଥିଲା ।

ସରକାର ଦର୍ଶାଇଲେ (ଜୁନ୍ 2014) ଯେ ଜିଲ୍ଲାପାଳ ମାନଙ୍କୁ ବିଷୟଟିକୁ ସମୀକ୍ଷା କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁଦେଶ ଦିଆଯାଇଥିଲା ।

### *2.7.3 ଅଭିଯୋଗ ଆବେଦନ ଓ ଫରିଆଦର ପ୍ରତିକାର*

ଅଡିଟ୍ ଲକ୍ଷ୍ୟ କଲା ଯେ ସମସ୍ତ ନମୁନା ଯାଞ୍ଚ ଆଠଟି ଜିଲ୍ଲାର ଜିଲ୍ଲା ଜରୁରୀକାଳୀନ ଅଧିକାରୀମାନେ 2011 ବନ୍ୟା ପରେ ହିଁ ଅଭିଯୋଗ ପୁସ୍ତିକା ରକ୍ଷଣା ବେକ୍ଷଣା କରିଥିଲେ । 2011-12 ମଧ୍ୟରେ ବାସଗୃହ କ୍ଷତି ସହାୟତା,ରିଲିଫ ସାମଗ୍ରୀ ବଣ୍ଟନ, ସହାୟତା ପାଇଁ ଅଞ୍ଚଳର ମିଥ୍ୟା ଅନ୍ତର୍ଭୁକ୍ତ ସମ୍ବନ୍ଧୀୟ ପକ୍ଷପାତିତା ବିଷୟରେ ଫରିଆଦ କରିଥିବା ବନ୍ୟା ପ୍ରଭାବିତ ଲୋକ,ଏନ.ଜି.ଓ ଇତ୍ୟାଦିଙ୍କ ଠାରୁ ମିଳିଥିବା ଅଭିଯୋଗ ଆବେଦନ ଗୁଡିକ ନିୟମିତ ଭାବରେ ଜିଲ୍ଲାପାଳଙ୍କ ଦ୍ୱାରା ବିଡିଓ, ଡିଆରଡିଏ ଓଅନ୍ୟାନ୍ୟ କାର୍ଯ୍ୟ ନିର୍ବାହୀ ଏଜେନ୍ସିମାନଙ୍କୁ ପଠାଇ ଦିଆଯାଇଥିଲା । କିନ୍ତୁ ଏହି ଅଭିଯୋଗଗୁଡିକର କାର୍ଯ୍ୟନିର୍ବାହୀ ଏଜେନ୍ସୀଙ୍କ ଦ୍ୱାରା ଅନୁପାଳନକୁ ପର୍ଯ୍ୟାଲୋଚନା କରାଯାଇ ନଥିଲା ।

ଯାଜପୁର ଜିଲ୍ଲାରେ, ଚାରୋଟି ଏନଜିଓ ପ୍ରଭାବିତ ଗ୍ରାମ ପଞ୍ଚାୟତ ତାଲିକାରେ ଅଣ ପ୍ରଭାବିତ ଗ୍ରାମ ପଞ୍ଚାୟତଗୁଡିକରେ ଅନ୍ତର୍ଭୁକ୍ତ ସମ୍ବନ୍ଧୀୟ ଦଲିଲ ଯୁକ୍ତ ପ୍ରମାଣ ସହ ଅଭିଯୋଗ ଉପସ୍ଥାପନ କରିଥିଲେ (21 ଅକ୍ଟୋବର 2011)। ଜିଲ୍ଲାପାଳଙ୍କ ଦ୍ୱାରା ଅଭିଯୋଗର ସଠିକତା ଯାଞ୍ଚ କରିବା ପାଇଁ କୋଣସି କାର୍ଯ୍ୟାନୁଷ୍ଠାନ କରାଯାଇ ନ ଥିଲା ।

ସରକାର ଦର୍ଶାଇଲେ (ଜୁନ 2014)ଯେ ଜିଲ୍ଲାପାଳମାନଙ୍କୁ ସମୀକ୍ଷା କରିବା ପାଇଁ ଓ ପ୍ରତିକାର ମୂଳକ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବ ଦେବା ପାଇଁ ଅନୁଦେଶ ଦିଆଯାଇଥିଲା ।

## 2.8 ଉପସଂହାର

ବିପର୍ଯ୍ୟୟ ନିରାକରଣ, ହ୍ରାସ, ପ୍ରସ୍ତୁତି, ସହାୟତା ଏବଂ ପୁନଃନିର୍ମାଣ କାର୍ଯ୍ୟକୁ ତତ୍ତ୍ୱାବଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା ଅଧିନିୟମ 2005 ଅଧିନିୟମିତ ହେବାର ପାଞ୍ଚ ବର୍ଷ ବିଳମ୍ବରେ ରାଜ୍ୟରେ ଅକ୍ଟୋବର 2010ରେ ଗଠିତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କୌଣସି ବୈଠକ ଜୁଲାଇ 2013 ସୁଦ୍ଧା ବସି ନଥିଲା । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ

---

19 ଯାଜପୁର ଜଳସେଚନ ଡିଭିଜନ, ଜାରକା ଜଳସେଚନ ଡିଭିଜନ, ଓଏଲଆଇସି ଡିଭିଜନ, ଯାଜପୁର, କ୍ଷୁଦ୍ର ଜଳ ସେଚନ ଡିଭିଜନ, କଟକ, ଆରଡବ୍ଲୁ ଡିଭିଜନ-II,ଯାଜପୁର, ଆର ଆଣ୍ଡ ବି ଡିଭିଜନ, ପାଣିକୋଇଲି

20 ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ସଭା

ହୋଇନଥିବା ଯୋଗୁଁ ବିପର୍ଯ୍ୟୟ ପରିଚାଳନା ଅଧିନିୟମ 2005 ମୁତାବକ ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନାକୁ ଜୁଲାଇ 2013 ପର୍ଯ୍ୟନ୍ତ ଉନ୍ନୟନମୂଳକ ଯୋଜନା ପ୍ରଣାଳୀରେ ସାମିଲ୍ କରିବାରେ ବିଫଳ ହୋଇଥିଲେ । ତେବେ, ଅଗଷ୍ଟ 2013 ରେ ରାଜ୍ୟ ବିପର୍ଯ୍ୟୟ ଯୋଜନା ପ୍ରସ୍ତୁତ କରାଯାଇଥିଲା ।

ଯଦିଓ ବିପର୍ଯ୍ୟୟ ପାଇଁ ସମୟୋଚିତ ସତର୍କତା ପଦ୍ଧତି ଏବଂ ସଞ୍ଚାରଣ ବ୍ୟବସ୍ଥା ବ୍ୟବସ୍ଥିତ ଥିଲା, କର୍ମଚାରୀ ଅଭାବ ଏବଂ ଯନ୍ତ୍ରପାତି ଅକାମି ଥିବା ହେତୁ ଏହି ବ୍ୟବସ୍ଥା ଫଳପ୍ରଦ ହୋଇପାରି ନଥିଲା । ବାସ୍ତବରେ ଚାଉଳ ବଣ୍ଟା ନଯାଇ 49.59 ଲକ୍ଷ ଟଙ୍କା ରାଶିର ଅର୍ଥ ପ୍ରଦାନ, ହିତାଧିକାରୀଙ୍କ ସୂଚୀ ନଥାଇ ଏବଂ ନିସ୍ତାରଣ ନାମାବଳୀ ନଥାଇ 10.26 କୋଟି ଟଙ୍କା ରାଶିର ସହାୟତା ସାମଗ୍ରୀ ପ୍ରଦାନ, ସଠିକ୍ ଉପାୟରେ ଗଚ୍ଛିତ ନ କରିବା ଦ୍ୱାରା ଚାଉଳ ନଷ୍ଟ ହେବା ପ୍ରଭୃତି ଭଳି ଅନେକ ବିଚ୍ୟୁତି ବିପର୍ଯ୍ୟୟ ସହାୟତା, ଥଇଥାନ ଏବଂ ପୁନଃ ନିର୍ମାଣ ଉପାୟରେ ପରିଲକ୍ଷିତ ହୋଇଥିଲା । ପ୍ରଭାବିତ ଲୋକମାନଙ୍କୁ ସହାୟତା ଯୋଗାଇଦେବାରେ ଛଅରୁ ନଅ ମାସ ପର୍ଯ୍ୟନ୍ତ ବିଳମ୍ବ ଘଟିଥିଲା ଏବଂ ଡାଲି ଏକ ମୌଳିକ ଖାଦ୍ୟ ହୋଇଥିଲେ ମଧ୍ୟ ସହାୟତା ପ୍ରଦାନ ସମୟରେ ଲୋକମାନଙ୍କୁ ଏହା ବଣ୍ଟା ଯାଇ ନଥିଲା ।

ଯଦିଓ ରାଜ୍ୟ ସରକାର ପ୍ରାକ୍ ସତର୍କ ସୂଚନା ପ୍ରଣାଳୀ ଏବଂ ପ୍ରଶାସନ ଦ୍ୱାରା ଲୋକମାନଙ୍କୁ ନିରାପଦ ସ୍ଥାନକୁ ନେଇ ଜୀବନ ରକ୍ଷା କଲେ, ତଥାପି ଆହୁରି ମଧ୍ୟ ପଶୁ ସମ୍ପଦକୁ ରକ୍ଷା କରାଯାଇପାରିଥାନ୍ତା ଯାହାକି ପ୍ରଭାବିତ ଲୋକଙ୍କର ମୁଖ୍ୟ ଜିବୀକା ଥିଲା । ପୁନଶ୍ଚ, ସରକାରଙ୍କ ଦ୍ୱାରା ନିଆଯାଇଥିବା ପରବର୍ତ୍ତୀ ବିପର୍ଯ୍ୟୟ ସହାୟତା ଏବଂ ପୁନରୁତ୍ଥାନ / ପୁନଃନିର୍ମାଣ ପଦକ୍ଷେପ ପର୍ଯ୍ୟାପ୍ତ ନଥିଲା । ସହାୟତା ସାମଗ୍ରୀର ଅସମାନ ଏବଂ କମ୍ ବଣ୍ଟନର ଦୃଷ୍ଟାନ୍ତ ମଧ୍ୟ ଥିଲା । ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି, ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା, ରାସ୍ତାଘାଟ, ଜଳସେଚନ, କେନାଲ ଏବଂ ରବି ଫସଲ/ କୃଷିକୁ ପ୍ରଭାବିତ କରୁଥିବା ଫାଇଲିନ୍ ପ୍ରଭାବିତ ଜିଲ୍ଲାଗୁଡିକରେ ଉଠା ଜଳ ସେଚନ ପ୍ରକଳ୍ପ ଗୁଡିକର ପୁନରୁଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିବା ଯୋଗୁଁ ଆବଶ୍ୟକ ମୁତାବକ ପୁନରୁଦ୍ଧାର କାର୍ଯ୍ୟ ହୋଇ ନଥିଲା । ତଥା ପୁନରୁଦ୍ଧାର କାର୍ଯ୍ୟ ଯଥେଷ୍ଟ ନଥିଲା । ତତ୍‌ସହିତ ବାତ୍ୟାରେ ନଷ୍ଟ ହୋଇଥିବା ଫସଲ ପାଇଁ ସରକାରୀ ଅର୍ଥ ସାହାଯ୍ୟ ପ୍ରଦାନ କରାଯାଇ ନଥିଲା ଏବଂ ଜୀବିକା ହରାଇଥିବା ଶ୍ରମଶିଳ୍ପୀମାନଙ୍କୁ ଆବଶ୍ୟକୀୟ ମାତ୍ରାର କ୍ଷତିପୂରଣ ଦିଆଯାଇ ନଥିଲା ।

ପ୍ରତିକ୍ରିୟା ପାଣ୍ଠି (ସିଆର୍‌ଏଫ/ଏସଡିଆରଏଫ)ରୁ ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟ ପାଇଁ 29.46 କୋଟି ଟଙ୍କା ଭାରତ ସରକାରଙ୍କ ମାନଦର୍ଶକୁ ଉଲ୍ଲଂଘନ କରି ଅନୁମୋଦନ କରାଯାଇଥିଲା । 2007 ରୁ 2013 ମଧ୍ୟରେ ପ୍ରଦାନ କରାଯାଇଥିବା 3455.80 କୋଟି ଟଙ୍କା ଅର୍ଥ ରାଶି ବିରୁଦ୍ଧରେ ଜିଲ୍ଲାପାଳ ଏବଂ କାର୍ଯ୍ୟ ନିର୍ବାହୀ ଏଜେନ୍ସିମାନଙ୍କ ନିକଟରେ 1456.42 କୋଟି ଟଙ୍କାର ବିନିଯୋଗ ପତ୍ର ପଠାଇବା ବାକି ପଡିଥିଲା । ସୁଧ ଅର୍ଜନ ଧାରକ ପବ୍ଲିକ୍ ଆକାଉଣ୍ଟ ପାଣ୍ଠିରେ 2011-13 ମସିହାରେ ଜମା ରଖାଯାଇଥିବା ସତ୍ତ୍ୱେ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି ଉପରେ ରାଜ୍ୟ ସରକାର କୌଣସି ସୁଧ ରାଶି ପଇଠ କରି ନଥିଲେ ।

ରାଜ୍ୟ ନିର୍ବାହୀ କମିଟି ଦ୍ୱାରା ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି, ଉଦ୍ଧାର ଏବଂ ସହାୟତା କାର୍ଯ୍ୟଗୁଡିକର ପର୍ଯ୍ୟାଲୋଚନା ବହୁ ମାତ୍ରାରେ ଅଭାବ ଥିଲା କାରଣ ଏହି କମିଟିର ସଭା ଗୁଡିକର କାର୍ଯ୍ୟ କେବଳ ବିଭିନ୍ନ ବିଭାଗ ପାଇଁ ପ୍ରକଳ୍ପ ଅନୁମୋଦନ କରିବା ଏବଂ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ଅର୍ଥ ରାଶି ଅନୁମୋଦନ କରିବାରେ ସୀମିତ ଥିଲା ।

## 2.9 ସୁପାରିଶ

ସରକାର ନିମ୍ନଲିଖିତ ସୁପାରିଶ ଗୁଡିକୁ ବିଚାର କରିପାରନ୍ତି :

- ରାଜ୍ୟ ବିପର୍ଯ୍ୟୟ ପରିଚାଳନା ନୀତିରେ ଦୁର୍ଦ୍ଦଶା ପରିଚାଳନା ଅଧିନିୟମର ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରିବା ଓ ଉପଦେଷ୍ଟା କମିଟି ଗଠନ କରିବା;

- ଫଳପ୍ରଦ ବିପର୍ଯ୍ୟୟ ପରିଚାଳନା ପାଇଁ ଏସ.ଡି.ଏମ.ଏ ଓ ଡି.ଡି.ଏମ.ଏ ଗୁଡିକୁ ଯଥେଷ୍ଟ କର୍ମଚାରୀଙ୍କ ସହିତ ଆନୁଷ୍ଠାନିକ ସଂକ୍ରିୟାକୁ ସୁଦୃଢ କରିବା;
- ବାତ୍ୟା କେନ୍ଦ୍ରଗୁଡିକରେ ଯନ୍ତ୍ରପାତିର ଅବସ୍ଥା ଉନ୍ନତ କରିବା ଓ ସ୍ଥାୟୀ ବିଦ୍ୟୁତ ଶକ୍ତି, ସଡକ ଭଳି ଭିତ୍ତିଭୂମି ସମ୍ବନ୍ଧୀୟ ସମର୍ଥନର ବ୍ୟବସ୍ଥା କରିବା;
- ରିଲିଫ ସାମଗ୍ରୀର ପର୍ଯ୍ୟାପ୍ତତା ଓ ସମୟୋଚିତ ବଣ୍ଟନକୁ ସୁନିଶ୍ଚିତ କରିବା;
- କ୍ଷତିଗ୍ରସ୍ତ ଭିତ୍ତିଭୂମିର ଶୀଘ୍ର ପୁନରୁଦ୍ଧାର ସୁନିଶ୍ଚିତ କରିବା ଏବଂ ମାନାଦର୍ଶ ଅନୁସାରେ ଜୀବିକା ପୁନରୁଦ୍ଧାର ପାଇଁ ତତ୍‌କ୍ଷଣାତ୍ ଓ ଯଥେଷ୍ଟ ସମର୍ଥନର ବ୍ୟବସ୍ଥା କରିବା;
- ବିପର୍ଯ୍ୟୟ ପରିଚାଳନା ଅଧିନିୟମର ପରିକଳ୍ପନା ଅନୁଯାୟୀ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ସୃଷ୍ଟି କରିବା ଏବଂ ତତ୍‌କ୍ଷଣାତ ରିଲିଫ ଓ ପୁନରୁଦ୍ଧାର ପାଇଁ ଏସଡିଆରଏଫ ର ଉପଯୋଗ ସୁନିଶ୍ଚିତ କରିବା; ଏବଂ
- ରିଲିଫ ଓ ପୁନଃନିର୍ମାଣ ପାଇଁ ପର୍ଯ୍ୟାଲୋଚନା ପଦ୍ଧତି କୁ ସୁଦୃଢ କରିବା ।

# ଅଧ୍ୟାୟ 3

# ଅନୁପାଳନ ସମୀକ୍ଷା


| ଅନୁଚ୍ଛେଦ ସଂଖ୍ୟା | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| 3.1 | ରାଜ୍ୟରେ ସ୍ୱୟଂ ଆର୍ଥିକ ପୋଷଣ ପାଠ୍ୟକ୍ରମର ପରିଚାଳନା | 45-68 |
| 3.2 | ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ଗର୍ଭ ନିରୂପଣ ପ୍ରଯୁକ୍ତ କୌଶଳ(ଲିଙ୍ଗ ପରୀକ୍ଷା ନିଷେଧ) ଅଧିନିୟମ 1994 ଅନ୍ତର୍ଗତ ବ୍ୟବସ୍ଥାର ଅନୁପାଳନ | 69-84 |
| 3.3 | ରାଜ୍ୟର ତିନୋଟି ବିଶ୍ୱବିଦ୍ୟାଳୟରେ ଇ-ଶାସନ ପ୍ରକଳ୍ପ | 85-91 |
| 3.4 | ଅନୁସୂଚିତ କ୍ଷେତ୍ରରେ ଥିବା ଅନୁସୂଚିତ ଜାତିମାନଙ୍କର ଆୟ ଉପାର୍ଜନ | 92-98 |
| 3.5 | ଅଡିଟ୍‌କୁ ପ୍ରତିଜବାବ ପ୍ରଦାନରେ ହେଳା | 99-105 |

# ଅଧ୍ୟାୟ 3
# ଅନୁପାଳନ ସମୀକ୍ଷା

## ଉଚ୍ଚଶିକ୍ଷା ବିଭାଗ

## 3.1 ରାଜ୍ୟରେ ସ୍ୱୟଂ ଆର୍ଥିକ ପୋଷଣ ପାଠ୍ୟକ୍ରମର ପରିଚାଳନା

### *3.1.1 ଉପକ୍ରମ*

ନବମ ପଞ୍ଚବାର୍ଷିକ ଯୋଜନା (1997-2002) ସମୟରେ ସ୍ୱୟଂ ଆର୍ଥିକ ପୋଷଣ ପାଠ୍ୟକ୍ରମ ସଂକଳ୍ପନା (ଏସଏଫସି) ଅଧିକ ଦୃଢୀଭୂତ ହୋଇଥିଲା ଯାହାକି ପ୍ରୟୋଗାତ୍ମକ କ୍ଷେତ୍ରମାନଙ୍କରେ ପ୍ରାସଙ୍ଗିକତା, ଆବଶ୍ୟକ ଅନୁଯାୟୀ ବିଶେଷତା ଏବଂ ବଜାର ଚାଳିତ କୌଶଳ ସୃଷ୍ଟି କଲା ଯାହା ଉଚ୍ଚତର ଶିକ୍ଷାନୁଷ୍ଠାନମାନଙ୍କରେ ପୁନଃଭିମୁଖୀ ଶିକ୍ଷାର ଗୁରୁତ୍ୱ ବହନ କରେ ।

ଗୁଣାତ୍ମକ ଶିକ୍ଷା ଏବଂ ଉଚ୍ଚଶିକ୍ଷା ପାଠ୍ୟକ୍ରମର ବ୍ୟବସାୟିକ ସଫଳତା ଉପରେ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ଗୁରୁତ୍ୱ ଦେଇଥିଲା । ଛାତ୍ରମାନେ ନିଯୁକ୍ତି ସୃଷ୍ଟିକାରୀ ପାଠ୍ୟକ୍ରମ ଯଥା-ପରିଚାଳନା, ସୂଚନା ଏବଂ ପ୍ରଯୁକ୍ତି, ଜୈବ ପ୍ରଯୁକ୍ତି, ଜୈବ ସୂଚନା, ଆର୍ଥିକ ନିୟନ୍ତ୍ରଣ, ସାମାଜିକ କାର୍ଯ୍ୟ ଇତ୍ୟାଦି ଅଧିକ ପସନ୍ଦ କରୁଥିଲେ ।

ତିନୋଟି ବିଶ୍ୱବିଦ୍ୟାଳୟ ଯଥା- ଉତ୍କଳ ବିଶ୍ୱବିଦ୍ୟାଳୟ (ୟୁୟୁ), ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ (ବିୟୁ) ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସୟୁ) ଅଧିନିୟମ ଏବଂ ବିଧାନରେ[21] ନ୍ୟସ୍ତ କ୍ଷମତା ବଳରେ 1994 ମସିହାରୁ ସ୍ୱୟଂ ଆର୍ଥିକ ପୋଷଣ ପାଠ୍ୟକ୍ରମ (ଏସଏଫସି) ପ୍ରଚଳନ କରିଥିଲେ । ପରବର୍ତ୍ତୀ କାଳରେ ବିଶ୍ୱବିଦ୍ୟାଳୟମାନଙ୍କରେ ସମ୍ବଳ ବୃଦ୍ଧି କରିବା ପାଇଁ ବିତ୍ତ ମନ୍ତ୍ରଣାଳୟର ଉପଦେଶରେ ଉଚ୍ଚଶିକ୍ଷା ବିଭାଗ ଜୁନ୍ 2005 ମସିହାରେ ଛଅଟି ବିଶ୍ୱବିଦ୍ୟାଳୟର କୁଳପତି ମାନଙ୍କୁ ସମ୍ପୂର୍ଣ୍ଣ ଦେୟ ସ୍ୱୟଂ ଆର୍ଥିକ ପୋଷଣ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଜଣାଇଥିଲେ । ମାର୍ଚ୍ଚ 2013 ମସିହା ସୁଦ୍ଧା ଛଅଟି ବିଶ୍ୱବିଦ୍ୟାଳୟ ସେମାନଙ୍କର ସ୍ନାତକୋତ୍ତର ବିଭାଗରେ, ତିନୋଟି ବିଶ୍ୱବିଦ୍ୟାଳୟ ପ୍ରଚଳନ କରିଥିବା 49 ଏସଏଫସି ପାଠ୍ୟକ୍ରମକୁ ମିଶାଇ 105 ଟି ଏସଏଫସି ପାଠ୍ୟକ୍ରମ ପ୍ରଚଳନ କରିଥିଲେ । ସେହିପରି ଛଅଟି ବିଶ୍ୱବିଦ୍ୟାଳୟ 159ଟି ପେଷାଗତ/ ବୈଷୟିକ ମହାବିଦ୍ୟାଳୟମାନଙ୍କୁ ସହବନ୍ଧନ କରିଥିଲେ, ଯେଉଁମାନଙ୍କ ମଧ୍ୟରୁ ନମୁନା ଯାଞ୍ଚ କରାଯାଇଥିବା ତିନୋଟି ବିଶ୍ୱବିଦ୍ୟାଳୟର 137 ଟି ପେଷାଗତ / ବୈଷୟିକ ମହାବିଦ୍ୟାଳୟ ନିର୍ଦ୍ଧାରିତ ସହବନ୍ଧନ ଫିସ୍ ପ୍ରଦାନ କରି 232 ଟି ଏସଏଫସି ପାଠ୍ୟକ୍ରମ ପ୍ରଚଳନ କରିଥିଲେ । । ଏହାଛଡା ରାଜ୍ୟର 11 ଟି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟମାନେ ମଧ୍ୟ 31 ଟି ଏସଏଫସି ପାଠ୍ୟକ୍ରମ ପ୍ରଚଳନ କରିଥିଲେ ।

ଏସ୍.ଏଫ୍.ସି ଦୁଇଟି ଉପାୟରେ ଚାଲୁଥିଲା, ଗୋଟିଏ ପ୍ରତ୍ୟକ୍ଷ ଭାବରେ ବିଶ୍ୱବିଦ୍ୟାଳୟମାନଙ୍କ ଦ୍ୱାରା ଚୁକ୍ତିବଦ୍ଧ କର୍ମଚାରୀ/ ଅତିଥି ଫାକଲଟି(ଅନୁଷଦ୍) ମାନଙ୍କୁ ନେଇ ଏବଂ ଅନ୍ୟଟି ସରକାରୀ ଓ ଘରୋଇ ଭାଗିଦାରୀ ମାଧ୍ୟମରେ(ପିପିପି) ରାଜସ୍ୱ ଭାଗିଦାରୀ ଆଧାରରେ ଯେଉଁଠାରେ କି ବିଶ୍ୱବିଦ୍ୟାଳୟ/ ସ୍ୱୟଂଶାସିତ ମହାବିଦ୍ୟାଳୟ ଭିତ୍ତିଭୂମି ସଂରଚନା ଯୋଗାଉଥିବା ବେଳେ ଘରୋଇ ଅଂଶୀଦାର ପାଠ୍ୟକ୍ରମ ଚଳାଉଥିଲେ । ନମୁନା ଯାଞ୍ଚ ତିନୋଟି

[21] ଓଡିଶା ବିଶ୍ୱବିଦ୍ୟାଳୟ ନିୟମ 1989 ର ସେକ୍ସନ 3(5)(ଏ), 12(2)(ଡ଼ି) ଏବଂ ଓଡିଶା ବିଶ୍ୱବିଦ୍ୟାଳୟ ପ୍ରଥମ ବିଧାନ 1990ର ବିଧାନ 252(4)(ଜି) ।

ବିଶ୍ୱବିଦ୍ୟାଳୟ ପ୍ରଚଳନ କରିଥିବା 49 ଟି ଏସଏଫସି ପାଠ୍ୟକ୍ରମ ମଧ୍ୟରୁ ଦୁଇଟି[22] ଏସଏଫସି ପାଠ୍ୟକ୍ରମ ସରକାରୀ-ଘରୋଇ ଭାଗିଦାରୀ ମାଧ୍ୟମରେ ପରିଚାଳିତ ହୋଇଥିଲା ।

### *3.1.1.1 ସମୀକ୍ଷାର ଉଦ୍ଦେଶ୍ୟ*

ନିମ୍ନଲିଖିତ ଉଦ୍ଦେଶ୍ୟ ସାଧିତ ହୋଇଛି କି ନାହିଁ ଜାଣିବା ପାଇଁ ସମୀକ୍ଷା ହୋଇଥିଲା:

- ଆର୍ଥିକ ସ୍ୱୟଂ ପୋଷଣ ପାଠ୍ୟକ୍ରମ(ଏସଏଫସି) ପ୍ରଚଳିତ ହେବା ପୂର୍ବରୁ ଏହାର ଆର୍ଥିକ ଓ କାର୍ଯ୍ୟ ସଂପାଦନା ପ୍ରଭାବ ଉପରେ ବିଶ୍ୱବିଦ୍ୟାଳୟ/ ସ୍ୱୟଂଶାସିତ ମହାବିଦ୍ୟାଳୟମାନଙ୍କ ଦ୍ୱାରା ଯଥେଷ୍ଟ ଭାବରେ ନିର୍ଦ୍ଧାରଣ ହୋଇଥିଲା;
- ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ଥାଇ ଯଥେଷ୍ଟ ଭିତ୍ତିଭୂମି ଓ ଯୋଗ୍ୟ କର୍ମଚାରୀମାନଙ୍କୁ ନେଇ ଉଚ୍ଚମାନର ଶିକ୍ଷା ପ୍ରଦାନ କରାଯାଇଥିଲା; ଏବଂ
- ଏସଏଫସି ପାଠ୍ୟକ୍ରମ ପାଇଁ ଘରୋଇ ଓ ସରକାରୀ ଭାଗିଦାରୀ ମାଧ୍ୟମରେ ଚୟନ କରାଯାଇଥିବା ଘରୋଇ ଭାଗିଦାରୀ ସଂସ୍ଥାକୁ ଏକ ସ୍ୱଚ୍ଛ ଏବଂ ଉଚିତ୍ ଉପାୟରେ ଚୟନ କରାଯାଇଥିଲା ଏବଂ ଉଚିତ୍ ନ୍ୟାୟସଙ୍ଗତ ଓ ସନ୍ତୁଳିତ ଉପାୟରେ ରାଜସ୍ୱ ଭାଗବଣ୍ଟା ମଡେଲ ହୋଇଥିଲା ।

### *3.1.1.2 ସମୀକ୍ଷାର ପରିସର ଓ କାର୍ଯ୍ୟ ପଦ୍ଧତି*

2007 ରୁ 2013 ର ସମୟ ସୀମାକୁ ନେଇ ଜୁଲାଇ 2012 ରୁ ଡିସେମ୍ବର 2013 ମଧ୍ୟରେ ସମୀକ୍ଷା ସଂପାଦନ କରାଯାଇଥିଲା । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସାଧାରଣ ଶିକ୍ଷା ପ୍ରଦାନ କରୁଥିବା ଛଅଟି ବିଶ୍ୱବିଦ୍ୟାଳୟ ମାନଙ୍କ ମଧ୍ୟରୁ ତିନୋଟି ମୁଖ୍ୟ ବିଶ୍ୱବିଦ୍ୟାଳୟକୁ (ୟୁୟୁ,ବିୟୁ,ଏସ୍ୟୁ) ଚୟନ କରାଯାଇଥିଲା, ଯେହେତୁ ସେମାନେ ସେମାନଙ୍କ ପରିସର ଏସଏଫସି କୋର୍ସ ଚାଲୁ କରିଥିଲେ ଏବଂ ସେମାନଙ୍କ ଅନୁବନ୍ଧିତ ମହାବିଦ୍ୟାଳୟ ମାନଙ୍କରେ ପେଷାଗତ/ ବୈଷୟିକ ଏସଏଫସି ପାଇଁ ଅନୁମତି ଦେଇଥିଲେ ।

ଆର୍ଥିକ ସ୍ୱୟଂ ପୋଷଣ ପାଠ୍ୟକ୍ରମ(ଏସଏଫସି) ପାଇଁ ଉଚ୍ଚ ପାଠ୍ୟକ୍ରମ ଫିସକୁ ଆଧାର କରି ତିନୋଟି ବିଶ୍ୱବିଦ୍ୟାଳୟର 49[23] ଏସଏଫସି ମଧ୍ୟରୁ 11[24] ଟିର ଦସ୍ତାବିଜକୁ ନମୁନା ଯାଞ୍ଚ କରାଯାଇଥିଲା ଯାହାମଧ୍ୟରୁ ଦୁଇଟି ଏସଏଫସି ସରକାରୀ-ଘରୋଇ ଭାଗିଦାରୀ(ପିପିପି) ମାଧ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହୋଇଥିଲା । ଉଚ୍ଚଶିକ୍ଷା ବିଭାଗରେ 11 ଟି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ଏସ୍.ଏଫ.ସି ସମ୍ପର୍କିତ ନଥିପତ୍ର ମଧ ଯାଞ୍ଚ କରାଯାଇଥିଲା । ଏହାଛଡା 137 ଟି ସହବନ୍ଧିତ ଘରୋଇ ପେଷାଗତ/ ବୈଷୟିକ ମହାବିଦ୍ୟାଳୟ ମଧ୍ୟରୁ ଏସଏଫସି ପ୍ରଦାନ କରୁଥିବା 48 ଟି ମହାବିଦ୍ୟାଳୟର (35 ପ୍ରତିଶତ) ଅନୁବନ୍ଧିତ ସମ୍ବନ୍ଧୀୟ ଦସ୍ତାବିଜକୁ ମଧ ଅଡିଟ୍ ସମୀକ୍ଷା କରିଥିଲା । ଏସଏଫସି ର ମାନ ଆକଳନ କରିବା ପାଇଁ ସଂରଚିତ ପ୍ରଶ୍ନାବଳୀ ମାଧ୍ୟମରେ ବିଦ୍ୟାର୍ଥୀ ଓ ଶିକ୍ଷକ ମାନଙ୍କ

---

22 ଏମବିଏ କୃଷି ବ୍ୟବସାୟ ଏବଂ ଏମ ଟେକ୍ ଆଇଟି

23 ୟୁୟୁ-19, ବିୟୁ -10, ଏସୟୁ -20

24 **ଉତ୍କଳ ବିଶ୍ୱବିଦ୍ୟାଳୟ(ୟୁୟୁ)**: ସମନ୍ୱିତ ଏମ.ସି.ଏ(ଆଇଏମସିଏ), ସମନ୍ୱିତ ଏମବିଏ(ଆଇଏମବିଏ),ସ୍ନାତକୋତ୍ତର ଭେଷଜାଳୟ(ଏମ ଫାର୍ମା),ଏମବିଏ(କୃଷି ବ୍ୟବସାୟ), ସ୍ନାତକୋତ୍ତର ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ, ଏମଟେକ ଆର୍କିଟ **ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**: କମ୍ପ୍ୟୁଟର ବିଜ୍ଞାନରେ ସ୍ନାତକୋତ୍ତର, ସ୍ନାତକୋତ୍ତର ଭେଷଜାଳୟ, ପ୍ରଯୁକ୍ତି ବିଦ୍ୟା ସ୍ନତକୋତ୍ତର (ଇଲୋକ୍ଟ୍ରୋନିକସ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା) **ସମ୍ବଲପୁର ବିଶ୍ୱବିଦ୍ୟାଳୟ**: ଏମଟେକ୍(କମ୍ପ୍ୟୁଟର ବିଜ୍ଞାନ), କମ୍ପ୍ୟୁଟର ଅନୁପ୍ରୟୋଗ ସ୍ନାତକୋତ୍ତର(ଏମସିଏ), ବିଜ୍ଞାନରେ ସ୍ନାତକୋତ୍ତର(ବାୟୋଟେକ୍ନୋଲୋଜି)

ସହ ଅଡିଟ୍ ପାରସ୍ପରିକ ଆଲୋଚନା କରିଥିଲା । ଏହି ଖସଡା ପ୍ରତିବେଦନ 9 ମେ 2014 ରେ ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଏବଂ ସଂପୃକ୍ତ ବିଶ୍ୱବିଦ୍ୟାଳୟ ମାନଙ୍କ କୁଳପତି/ କୁଳ ସଚିବମାନଙ୍କ ମଧ୍ୟରେ ଏକ ପ୍ରସ୍ଥାନ ସମ୍ମିଳନୀରେ ଆଲୋଚିତ ହୋଇଥିଲା ଏବଂ ଯାଞ୍ଚ କରାଯାଇଥିବା ଅନୁଷ୍ଠାନ / ବିଭାଗ ମାନଙ୍କଠାରୁ ମିଳିଥିବା ଜବାବଗୁଡିକୁ ଯଥାବିଧି ବିଚାର କରାଯାଇ ଏହି ପ୍ରତିବେଦନରେ ଉପଯୁକ୍ତ ଭାବେ ଅନ୍ତର୍ଭୁକ୍ତ କରାଯାଇଥିଲା ।

**ସମୀକ୍ଷା ସିଦ୍ଧାନ୍ତ**

### *3.1.2 ଏସଏଫସି ପରିଚାଳନା ପାଇଁ ଉପଯୋଗିତାର ନିର୍ଦ୍ଧାରଣ*

#### *3.1.2.1 ଏସଏଫସି ର ପରିଚାଳନା ପାଇଁ ଏକ ରୂପ ପଥ ପ୍ରଦର୍ଶକର ଅଭାବ*

ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଚାଳିତ ମହାବିଦ୍ୟାଳୟମାନଙ୍କ ପାଇଁ କୁଳାଧିପତି[25] ଗଠନ କରିଥିବା (ସେପ୍ଟେମ୍ବର 2005) କୁଳପତି[26] କମିଟି ଗୋଟିଏ ମଡେଲ ପଥପ୍ରଦର୍ଶକ ଜୁନ୍ 2006 ମସିହାରେ ପ୍ରସ୍ତୁତ କରିଥିଲେ ଏବଂ ତାହାକୁ ପରୀକ୍ଷା ଏବଂ ଏହା ଉପରେ ମତାମତ ପାଇଁ ଉଚ୍ଚଶିକ୍ଷା ବିଭାଗକୁ(ଜୁଲାଇ 2006)ରେ ପଠାଇଥିଲେ ଯାହାର ଜବାବ ଡିସେମ୍ବର 2013 ସୁଦ୍ଧା ଆସିନଥିଲା । ଗୋଟିଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଏସଏଫସିର ପରିଚାଳନା ପାଇଁ ନଭେମ୍ବର 2006 ରେ ଅନ୍ୟ ଏକ ପଥ ପ୍ରଦର୍ଶକ ପ୍ରସ୍ତୁତ କରିଥିଲେ ଯାହାକୁ ଶିକ୍ଷ ବିଭାଗ ମେ 2008 ମସିହାରେ ସେହି ବିଶ୍ୱ ବିଦ୍ୟାଳୟ ଅଧିନସ୍ଥ ଏବଂ ସହବନ୍ଧିତ ମହାବିଦ୍ୟାଳୟମାନଙ୍କରେ ପ୍ରଚଳନା ପାଇଁ ଅନୁମୋଦନ କରିଥିଲେ । ଉଚ୍ଚଶିକ୍ଷା ବିଭାଗ ମଧ୍ୟ ନଭେମ୍ବର 2008 ମସିହାରେ ସ୍ୱୟଂଶାସିତ ଓ ସରକାର ମହାବିଦ୍ୟାଳୟମାନଙ୍କ ନିମନ୍ତେ ଗୋଟିଏ ଖସଡା ଏସ୍.ଏଫ୍.ସି ପଥପ୍ରଦର୍ଶକ ପ୍ରସ୍ତୁତ କରିଥିଲେ ଯାହାକି ଏବେ ସୁଦ୍ଧା ସରକାରଙ୍କ ଅନୁମୋଦନ ଲାଭ କରିନାହିଁ (ଡିସେମ୍ବର 2013) ।

ଅଡିଟ୍ ସମୀକ୍ଷାରୁ ଜଣାଗଲା ଯେ କୁଳପତିମାନଙ୍କ ସମ୍ମିଳନୀରେ(ଅକ୍ଟୋବର 2006) କୁଳାଧିପତି ନିର୍ଦ୍ଦେଶ ଦେଇଥିଲେ ଯେ କୁଳପତି ବା ବୈଷୟିକ ବିଶ୍ୱ ବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ହୋଇଥିବା ମଡେଲ ପଥ ପ୍ରଦର୍ଶକକୁ ବିଶ୍ୱ ବିଦ୍ୟାଳୟମାନେ ସେମାନଙ୍କ ସୁବିଧା ମତେ ବ୍ୟବହାର କରିପାରିବେ । କିନ୍ତୁ ନମୁନା ଯାଞ୍ଚ ହୋଇଥିବା ବିଶ୍ୱ ବିଦ୍ୟାଳୟମାନଙ୍କରେ ଦେଖାଗଲା ଯେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସେମାନଙ୍କର ନିଜର ପ୍ରଥପ୍ରଦର୍ଶକକୁ ଗ୍ରହଣ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୌଣସି ପଥପ୍ରଦର୍ଶକ ପ୍ରସ୍ତୁତ କରିନଥିଲା ଏବଂ ଏସଏଫସିକୁ ଆଡମିଶନ ପ୍ରକ୍ରିୟା ପାଇଁ ସାଧାରଣ ନିୟମ ମାଧ୍ୟମରେ ପ୍ରଚଳନ କରିଥିଲା ।

ଆହୁରି ମଧ୍ୟ ଏହା ଦେଖାଗଲା ଯେ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପଥ ପ୍ରଦର୍ଶକରେ ପାଠ୍ୟକ୍ରମର ଚୟନ ପ୍ରଣାଳୀ, ଭିତ୍ତି ସଂରଚନାର ଭାଗ ବଣ୍ଟା, ଫାକଲଟି ଚୟନ, ସ୍ଥାନ ଆରକ୍ଷଣ, ପାଠ୍ୟକ୍ରମ ଫିସର ସଂରଚନା, ରାଜସ୍ୱର ଆନୁପାତିକ ଆବଣ୍ଟନ ଏବଂ ବିଦ୍ୟାର୍ଥୀମାନଙ୍କ ନିଯୁକ୍ତି ସୁଯୋଗ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ ନଥିଲା । ଆଦିବାସୀ / ହରିଜନ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ ମାନଙ୍କ ପାଇଁ ସରକାରଙ୍କ ନୀତି ଅନୁଯାୟୀ ସ୍ଥାନ ସଂରକ୍ଷଣ ଏବଂ ଗରିବ ଓ ମେଧାବୀ ଛାତ୍ରମାନଙ୍କୁ ସେମାନଙ୍କର ଫିସରେ କିଛି ପ୍ରତିଶତ ରିହାତି ଆଦିର ବ୍ୟବସ୍ଥା ନମୁନା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ମାନଙ୍କର କୌଣସି ପଥପ୍ରଦର୍ଶକରେ ନଥିଲା ।

---

[25] ରାଜ୍ୟର ରାଜ୍ୟପାଳ

[26] ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ମୁଖ୍ୟ ଥିଲେ

ସରକାର ଆଶ୍ୱାସନା ଦେଲେ (ମେ 2014) ଯେ, ଶିକ୍ଷ ବିଭାଗ, ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଏହାଦ୍ୱାରା ସହବନ୍ଧିତ ମହାବିଦ୍ୟାଳୟମାନଙ୍କ ପାଇଁ ତିଆରି ହୋଇଥିବା ପଥ ପ୍ରଦର୍ଶକ ପରି ବିଶ୍ୱବିଦ୍ୟାଳୟ ଏବଂ ଏହାଦ୍ୱାରା ସହ ବନ୍ଧିତ ମହାବିଦ୍ୟାଳୟ ମାନଙ୍କରେ ଏସଏଫସିର ସୁପରିଚାଳନା ପାଇଁ ଗୋଟିଏ ବିସ୍ତାର ପଥ ପ୍ରଦର୍ଶକ ପ୍ରଚଳନ କରାଯିବ ।

### *3.1.2.2 ଚାହିଦାର ନିର୍ଦ୍ଧାରଣ ବିନା ଏସଏଫସିର ପ୍ରସ୍ତାବନା*

କୁଳପତିମାନଙ୍କ ସମ୍ମିଳନୀ (ଏପ୍ରିଲ 2006)ରେ ଗୁରୁତ୍ୱ ଦିଆଯାଇଥିଲା ଯେ ଏସଏଫସି ପାଠ୍ୟକ୍ରମ ବାଣିଜ୍ୟିକ ସମ୍ଭାବ୍ୟତା, ଉପଯୋଗିତା ଏବଂ ଭୌଗୋଳିକ ଏବଂ ଆଞ୍ଚଳିକ ବିଷୟ ଅନୁଯାୟୀ ବଛାଯିବା ଉଚିତ୍ । ଏତଦ୍ ବ୍ୟତୀତ, ଏସ୍ଏଫ୍ସି ପଥପ୍ରଦର୍ଶକ (ନଭେମ୍ବର 2006) ଅନୁଯାୟୀ ଯାହା ସରକାରଙ୍କ ଶିକ୍ଷ ବିଭାଗ ଦ୍ୱାରା (ମେ 2008) ଅନୁମୋଦିତ, କୌଣସି ପରିସ୍ଥିତିରେ ରାଜ୍ୟ ସରକାର କୌଣସି ଖର୍ଚ୍ଚ ବହନ କରିବେ ନାହିଁ ଏବଂ ପାଠ୍ୟକ୍ରମ ସବୁ ବିଦ୍ୟାର୍ଥୀମାନଙ୍କ ଠାରୁ ସଂଗ୍ରହ କରାଯାଉଥିବା କୋର୍ସ ଫିରେ ପରିଚାଳିତ ଏବଂ ଆତ୍ମ ନିର୍ଭରଶୀଳ ହେବା ଉଚିତ୍ ।

ଅଡିଟ୍ ସମୀକ୍ଷାରୁ ଜଣାଗଲା ଯେ ଉଚ୍ଚ ଶିକ୍ଷା ବିଭାଗ କିମ୍ବା ନମୁନା ଯାଞ୍ଚ୍ କରାଯାଇଥିବା ବିଶ୍ୱବିଦ୍ୟାଳୟ ଗୁଡ଼ିକ ବଜାରର ଆବଶ୍ୟକତା ଓ ଉକ୍ତ ପାଠ୍ୟକ୍ରମରୁ ଉତ୍ତୀର୍ଣ୍ଣ ହେଉଥିବା ବିଦ୍ୟାର୍ଥୀମାନଙ୍କ ନିଯୁକ୍ତି ସୁଯୋଗକୁ ଦୃଷ୍ଟିରେ ରଖି ଏସ୍ଏଫ୍ସି ପାଠ୍ୟକ୍ରମକୁ ଚିହ୍ନିତ କରିବା ପାଇଁ ନିଯୁକ୍ତିର କୌଣସି ମାନଦଣ୍ଡ ନିର୍ଦ୍ଧାରିତ କରି ନଥିଲେ । ନମୁନା ଯାଞ୍ଚ୍ କରାଯାଇଥିବା 11 ଟି ଏସଏଫସି ପିଜି ବିଭାଗ ବା ଏକାଡେମିକ୍ କାଉନସିଲର ଶିକ୍ଷକ ପରିଷଦ ଦ୍ୱାରା ଚାହିଦାର ବିନା ସର୍ବେକ୍ଷଣରେ ଏବଂ ଆବଶ୍ୟକତାକୁ ବିଶ୍ଳେଷଣ ନ କରି ପ୍ରଚଳନ ହୋଇଥିଲା ଯେଉଁଠି ଏସଏଫସି ର ସମ୍ଭାବ୍ୟତା ଏବଂ ଚାହିଦା ପାଇଁ ଆବଶ୍ୟକ ଥିଲା । 11 ଟି ସ୍ୱୟଂଶାସିତ ଏବଂ ସରକାରୀ କଲେଜରେ[27], ଅଡିଟ୍ ଦେଖିବାକୁ ପାଇଲା ଯେ 31 ଟି ଏସଏଫସି ସଂପୃକ୍ତ ଘରୋଇ ସହଯୋଗୀଙ୍କ ଅନୁରୋଧ ଏବଂ ପ୍ରସ୍ତାବ ଅନୁସାରେ ଚାହିଦାର ବିନା ସର୍ବେକ୍ଷଣରେ ଏବଂ ଆବଶ୍ୟକତାକୁ ବିଶ୍ଳେଷଣ ନ କରି ପ୍ରଚଳନ କରାଯାଇ ଥିଲା ଏବଂ ଏହାକୁ ଆରମ୍ଭ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଅନୁମୋଦନ ନିଆଯାଇଥିଲା । ଅଡିଟ୍ ପୁଣି ଜାଣିବାକୁ ପାଇଲା ଯେ:

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଆରମ୍ଭ କରାଯାଇଥିବା 3ଟି ଏସଏଫସି[28]ରେ ଏପରିକି 10 ଜଣ ଛାତ୍ରଙ୍କଠାରୁ ଦରଖାସ୍ତ ପ୍ରାପ୍ତ ହୋଇ ନଥିଲା । ଯଦିଓ ବିବରଣ ପତ୍ରିକା ଅନୁସାରେ ଏହା ସର୍ବନିମ୍ନ ଆବଶ୍ୟକତା ଥିଲା ।

- ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଚଳନ କରାଯାଇଥିବା ଏମ. ଫାର୍ମା ଏସ୍ଏଫ୍ସିରେ ପିଲାମାନଙ୍କର ପଞ୍ଜିକରଣ ସମୁଦାୟ ସିଟ୍ର 87 ଭାଗ (2007-08) ରୁ 23.33 ଭାଗ (2012-13) କୁ ହ୍ରାସ ହେବାରୁ ଆକର୍ଷଣ ହରାଇଥିଲା ।

---

27 ସରକାରୀ ସ୍ୱୟଂଶାସିତ କଲେଜ, ଭବାନୀପାଟଣା; ଏମ.ପିସି ସ୍ୱୟଂଶାସିତ କଲେଜ, ବାରିପଦା; ସରକାରୀ ସ୍ୱୟଂଶାସିତ କଲେଜ, ଅନୁଗୁଳ; ଏନ.ସି ସ୍ୱୟଂଶାସିତ କଲେଜ, ଯାଜପୁର; ବିକ୍ରମ ଦେବ କଲେଜ, ଜୟପୁର; ଡିଡି ସ୍ୱୟଂ ଶାସିତ କଲେଜ, କେଉଁଝର; ଢେଙ୍କାନାଳ ସ୍ୱୟଂଶାସିତ କଲେଜ, ଢେଙ୍କାନାଳ; ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର; ଏସବି ରଥ ସରକାରୀ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର; ଜି.ଏମ୍ ସ୍ୱୟଂଶାସିତ କଲେଜ, ସମ୍ବଲପୁର; ଏବଂ ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ କଲେଜ, ଭୁବନେଶ୍ୱର

28 ମାଷ୍ଟର ଅଫ ସାଇନ୍ସ (ବାୟୋଟେକନୋଲୋଜି): 20 ଟି ସିଟ, ମାଷ୍ଟର ଅଫ ସାଇନସ (ଜିଓ ଫିଜିକ୍ସ): 16 ଟି ସିଟ ଏବଂ ପି.ଜି ଡିପ୍ଲୋମା (ବ୍ୟାଙ୍କିକ୍ ଏବଂ ଇନସୁରାନ୍ସ ମ୍ୟାନେଜମେଣ୍ଟ): 40 ଟି ସିଟ୍

- ସମସ୍ତ ଆଠଟି ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ସଂପର୍କିତ ଏସଏଫସି ଗୁଡ଼ିକୁ ଆଇଟି ଶିକ୍ଷାର ଗୁଣବତ୍ତା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଗୋଟିଏ ସ୍ଥାନ[29]କୁ ଆଣିବା ସତ୍ତ୍ୱେ (2010-11) ସମ୍ବଲପୁର ବିଶ୍ୱବିଦ୍ୟାଳୟରେ 2010-13 ଆଇଟି ପାଠ୍ୟକ୍ରମମାନଙ୍କରେ ବିଦ୍ୟାର୍ଥୀମାନଙ୍କର ପଞ୍ଜିକରଣ ହାରାହାରି 51 ପ୍ରତିଶତରୁ ବି କମ୍ ଥିଲା ।

- ନମୁନା ଯାଞ୍ଚ୍ କରାଯାଇଥିବା 48 ଟି ସହବନ୍ଧ ମହାବିଦ୍ୟାଳୟ ଯେଉଁଠାରେ କି ନିଜ ନିଜ ପରିଚାଳନା କମିଟିର ପ୍ରସ୍ତାବ ଅନୁସାରେ ସରକାର ଓ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତି ସହବନ୍ଧନ ସହିତ 93ଟି ଏସଏଫସି ଚାଲୁଥିଲା, ସେଥିରୁ 10ଟି[30] ମହାବିଦ୍ୟାଳୟରେ 14ଟି ପାଠ୍ୟକ୍ରମ (***ପରିଶିଷ୍ଟ 3.1.1***) ରେ ବିଦ୍ୟାର୍ଥୀମାନଙ୍କର ପଞ୍ଜିକରଣ ଅବିରତ ଭାବରେ (2009-10 ରୁ 2011-12) ତିନି ବର୍ଷ ଧରି ଅନ୍ତଗ୍ରହଣ କ୍ଷମତାର 50 ପ୍ରତିଶତରୁ କମ୍ ଥିଲା । ଉକ୍ତ ପଞ୍ଜିକରଣ କ୍ରମାଗତ ଭାବରେ ତିନି ବର୍ଷ (ଦୁଇଟି ପାଠ୍ୟକ୍ରମ) ଓ ଦୁଇ ବର୍ଷ (ଦୁଇଟି ପାଠ୍ୟକ୍ରମ) ରେ ଆଦୌ ହୋଇ ନଥିଲା ଏବଂ ଛଅଟି ପାଠ୍ୟକ୍ରମରେ (30 ପ୍ରତିଶତ ତଳେ) କମ୍ ଥିଲା ।

  ପ୍ରସ୍ଥାନ ସମ୍ମିଳନୀରେ ଅତିରିକ୍ତ ସଚିବ ଜଣାଇଲେ (ମେ 2014) ଯେ ଏସଏଫସି ଚାହିଦା ଏବଂ ନିଯୁକ୍ତି ଭିତ୍ତିକ ବିଷୟ ହୋଇଥିବାରୁ ଗୋଟିଏ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମରେ ଚାହିଦା ସାତରୁ ଆଠ ବର୍ଷ ପର୍ଯ୍ୟନ୍ତ ଥାଏ ଏବଂ ତା ପରେ ପଞ୍ଜିକରଣ କମ୍ ହୋଇଥାଏ ଏବଂ କେତେକ ପାଠ୍ୟକ୍ରମ ବନ୍ଦ ମଧ୍ୟ ହୋଇଯାଏ ।

ତେଣୁ, ଚାହିଦାର ସର୍ବେକ୍ଷଣ ଠିକ୍ ଭାବରେ ଏବଂ ସୁସଙ୍ଗତ ଭାବରେ ହୋଇ ନଥିଲା ଏବଂ ଏସଏଫସିଗୁଡ଼ିକ ସେମାନଙ୍କର ଆବଶ୍ୟକତାର ନିର୍ଦ୍ଧାରଣ ବିନା ପ୍ରବର୍ତ୍ତନ ହୋଇଥିଲା ।

ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଜଣାଇଲେ (ମେ, 2014) ଯେ ଏସଏଫସିଗୁଡ଼ିକ ନିଯୁକ୍ତିଭିତ୍ତିକ ସମ୍ଭାବ୍ୟତା, ଭିତ୍ତି ସଂରଚନା, ବିଶ୍ୱବିଦ୍ୟାଳୟରେ ଲଭ୍ୟ ଅଧ୍ୟାପକ ଗୋଷ୍ଠୀ ଓ ଅତିଥି ଅଧ୍ୟାପକ ଗୋଷ୍ଠୀର ଲଭ୍ୟକୁ ବିଚାର କରାଯାଇ ପ୍ରଚଳନ କରାଯାଇଥିଲା । ଯାହାହେଉ, ପ୍ରସ୍ଥାନ ସମ୍ମିଳନୀରେ ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିନିଧିମାନେ ଅନୁବନ୍ଧ ମହାବିଦ୍ୟାଳୟଗୁଡ଼ିକରେ ଆବଶ୍ୟକୀୟ ଭିତ୍ତି ସଂରଚନା ଏବଂ ମାନବ ସମ୍ବଳ ନଥିବାରୁ ସେମାନଙ୍କର ଏସ୍ଏଫ୍ସି ପାଠ୍ୟକ୍ରମ ଉପରେ ଅଧିକ ନିୟନ୍ତ୍ରଣ ପାଇଁ ଜୋର୍ ଦେଇଥିଲେ । ଉକ୍ତ ବିଷୟରେ ସମୀକ୍ଷା କରିବା ପାଇଁ ସରକାର ଭରସା ଦେଲେ (ମେ 2014) ।

### *3.1.3 ଆର୍ଥିକ ବିଷୟ*

#### *3.1.3.1 ପାଠ୍ୟକ୍ରମ ଫିସରେ ସମାନତାର ଅଭାବ*

କୁଳପତିଙ୍କ କମିଟି ଦ୍ୱାରା ବିଶ୍ୱବିଦ୍ୟାଳୟ ଗୁଡ଼ିକ ପାଇଁ ପ୍ରସ୍ତୁତି କରାଯାଇଥିବା ଏସ୍ଏଫସି ନୀତି ଅନୁଯାୟୀ ଏସଏଫସିର ଫିସ୍ ସଂରଚନା ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ କଲେଜ ମାନଙ୍କ ଦ୍ୱାରା ପାଠ୍ୟକ୍ରମର ବିଶ୍ଳେଷଣ ଉପରେ ସ୍ଥିର କରାଯିବ । ବୈଷୟିକ ବିଶ୍ୱବିଦ୍ୟାଳୟ ପାଇଁ ଶିକ୍ଷ ବିଭାଗର ଏସ୍ଏଫ୍ସି ନୀତି ଏବଂ ଓଡ଼ିଶା ପେଷାଦାର

[29] ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ (ଏସୟୁଆଇଆଇଟି)

[30] ଉତ୍କଳ ବିଶ୍ୱବିଦ୍ୟାଳୟ:6 ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ:4

ଶିକ୍ଷା ଅନୁଷ୍ଠାନ(ପ୍ରବେଶର ନିୟନ୍ତ୍ରଣ ଏବଂ ଫିସର ସ୍ଥିରୀକରଣ) ଅଧିନିୟମ 2007 ର ଅନୁଚ୍ଛେଦ 6(1) ରେ ବ୍ୟବସ୍ଥା ଅଛି ଯେ ପାଠ୍ୟକ୍ରମ ଫିସ୍ ସରକାରଙ୍କ ଦ୍ୱାରା ଫିସ୍ ସଂରଚନା କମିଟି ସହିତ ପରାମର୍ଶ କରି ସ୍ଥିର କରାଯିବ ।

ଅଡିଟ୍ ସମୀକ୍ଷାରୁ ଜଣାଗଲା ଯେ ଯଦିଓ ଘରୋଇ ପେଷାଦାର କିମ୍ବା ବୈଷୟିକ କଲେଜ ପାଇଁ ଫିସ୍ ସଂରଚନା କମିଟି ଦ୍ୱାରା ସୁପାରିଶ କରାଯାଇ ଥିଲା, ନମୁନା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଗୁଡିକ କମିଟିକୁ ଆବେଦନ କିମ୍ବା ପରାମର୍ଶ କଲେ ନାହିଁ କି ସେମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିବା ବିଭିନ୍ନ ପାଠ୍ୟକ୍ରମ ପାଇଁ ସମାନ ଫିସ୍ ସଂରଚନା ଗଠନ କଲେ ନାହିଁ । ଏହା ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡିକ ଦ୍ୱାରା ସମାନ ପାଠ୍ୟକ୍ରମ ପାଇଁ ଭିନ୍ନ ଭିନ୍ନ ଦର ଦେୟ ପାଇଁ କିମ୍ବା ସରକାରଙ୍କ ଦ୍ୱାରା ସହବନ୍ଧ ଘରୋଇ ପେଷାଦାର କଲେଜ ଗୁଡିକ ପାଇଁ ସ୍ଥିର କରାଯାଇଥିବା ଦର ଅପେକ୍ଷା ଭିନ୍ନ ଦର ନେବା ପାଇଁ ସୁଯୋଗ ଦେଲା, ଯେଉଁଟି ସାରଣୀ 3.1.1 ରେ ପ୍ରଦର୍ଶିତ ହୋଇଛି ।

**ସାରଣୀ 3.1.1: ସମାନ ପାଠ୍ୟକ୍ରମ ପାଇଁ ବିଶ୍ୱବିଦ୍ୟାଳୟଗୁଡିକ ଦ୍ୱାରା ଆଦାୟ କରା ଯାଇଥିବା ଫିସର ବିଭିନ୍ନ ଦର**

*(ଟଙ୍କାରେ)*

| କ୍ର.ସଂ | ପାଠ୍ୟକ୍ରମର ନାମ | ବିଶ୍ୱବିଦ୍ୟାଳୟଗୁଡିକ ଦ୍ୱାରା ସ୍ଥିର କରାଯାଇଥିବା ପାଠ୍ୟକ୍ରମ ଫିସ୍ | ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ପାଠ୍ୟକ୍ରମ ଫିସ୍ | ଅନ୍ୟ ବିଶ୍ୱବିଦ୍ୟାଳୟ ଗୁଡିକ ଦ୍ୱାରା ସ୍ଥିର କରାଯାଇଥିବା ସମାନ ଏସଏଫସି ପାଇଁ ପାଠ୍ୟକ୍ରମ ଫିସ୍ |
|---|---|---|---|---|
| 1 | ବିସିଏ(ୟୁୟୁ) ତିନି ବର୍ଷିଆ | 90,000 | 45,000 | ଉପଲବ୍ଧ ନୁହେଁ |
| 2 | ବିବିଏ(ୟୁୟୁ) | 90,000 | 45,000 | ଉପଲବ୍ଧ ନୁହେଁ |
| 3 | ଏମବିଏ ଏଗ୍ରି-ବିଜିନେସ୍ (ୟୁୟୁ) | 2,53,000 | ଉପଲବ୍ଧ ନୁହେଁ | 1,39,000 (ଓୟୁଏଟି[31]) |
| 4 | ଏମ ଟେକ୍(ଆଇଟି)(ୟୁୟୁ) | 1,50,000 | ଉପଲବ୍ଧ ନୁହେଁ | 70,000 (ଏମ୍‌ଟେକ୍ ସିଏସ୍-ଉତ୍କଳ ବିଶ୍ୱବିଦ୍ୟାଳୟ) |
| 5 | ଏମ୍.ଫାର୍ମା(ୟୁୟୁ) | 2,00,000 | ଉପଲବ୍ଧ ନୁହେଁ | 70,000 (ଏମ୍‌ଫାର୍ମା-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ) |
| 6 | ଏମ୍.ଟେକ(ସିଏସ)(ବିୟୁ) | 1,00,000 | ଉପଲବ୍ଧ ନୁହେଁ | 70,000 (ଏମ୍‌ଟେକ୍ ସିଏସ୍-ଉତ୍କଳ ବିଶ୍ୱବିଦ୍ୟାଳୟ ) |

***(ଉତ୍ସ: ବିଶ୍ୱବିଦ୍ୟାଳୟ ଗୁଡିକ ଦ୍ୱାରା ଦିଆଯାଇଥିବା ସୂଚନା)***

ସରକାର ଭରସା ଦେଲେ(ମେ 2014) ଯେ ଉକ୍ତ ବିଷୟରେ ଅନୁସନ୍ଧାନ କରିବେ ।

### *3.1.3.2 ବୈଜ୍ଞାନିକ ପଦ୍ଧତି ବିନା ପାଠ୍ୟକ୍ରମ ଫିସ ଅନୁସରଣ*

ବୈଷୟିକ ବିଶ୍ୱବିଦ୍ୟାଳୟ ପାଇଁ ଶିକ୍ଷ ବିଭାଗର ଏସ୍‌ଏଫ୍‌ସି ନୀତି ଅନୁଯାୟୀ ଏସଏଫସି ପ୍ରଚଳନର ପ୍ରତିପୋଷଣ ନିଜକୁ ନିଜେ କରିବା ଉଚିତ୍ । ଫିସ୍ ସଂରଚନା କମିଟିର ନୀତି ଅନୁଯାୟୀ ପାଠ୍ୟକ୍ରମ ଫିସର ସ୍ଥିରୀକରଣ ପ୍ରଶାସନିକ ମୂଲ୍ୟ, ସ୍ଥିର ସମ୍ପତ୍ତିର ମୂଲ୍ୟର ହ୍ରାସ ଏବଂ ଋଣ କରାଯାଇଥିବା ପୁଞ୍ଜିର ସୁଧକୁ ବିବେଚନା କରି ସ୍ଥିର କରାଯିବା ଉଚିତ୍ ।

ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ବିଶ୍ୱବିଦ୍ୟାଳୟଗୁଡିକ ପାଠ୍ୟକ୍ରମ ମୂଲ୍ୟରେ ବିଶ୍ଳେଷଣ ନକରି ସଂପୃକ୍ତ ବିଭାଗର ଶିକ୍ଷକ ପରିଷଦର ପ୍ରସ୍ତାବ ଅନୁସାରେ ପାଠ୍ୟକ୍ରମ ଫିସ୍ ଆଦାୟ କରୁଥିଲେ । କୌଣସି ଆଧାର ନଥାଇ ବି

31 ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ସମୟାନୁପାତରେ ଦରର ବୃଦ୍ଧି କରାଯାଇଥିଲା, ଯାହାକି ତଳେ ଦିଆଯାଇଥିବା କେତେକ ମାମଲାରେ ବର୍ଣ୍ଣନା କରାଯାଇଛି ।

- କୌଣସି ନଥିଭୁକ୍ତ ଆଧାର ନଥାଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏମ ଟେକ୍ (ସିଏସ୍) ପାଠ୍ୟକ୍ରମ ଫିସ୍ 2009-10 ପର୍ଯ୍ୟନ୍ତ 64000 ଟଙ୍କା ସ୍ଥିର କରାଯାଇଥିଲା ଏବଂ 2010-11 ରୁ ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଗଲା ।

- କୌଣସି ନଥିଭୁକ୍ତ ଆଧାର ନଥାଇ ଏମ.ଟେକ୍ (ଇଆଇଏସ୍) ପାଠ୍ୟକ୍ରମ ଫିସ୍ 2010-11 ପର୍ଯ୍ୟନ୍ତ 70000 ଟଙ୍କା ସ୍ଥିର କରାଯାଇଥିଲା ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା 2011-12 ରୁ 1.20 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା ।

- ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏମଏସସି (ବିଟି) ପାଠ୍ୟକ୍ରମ ଫିସ୍ 1.20 ଲକ୍ଷ ଟଙ୍କା କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଯେତେବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ମତ ଦେଲେ ଯେ ଅନ୍ୟ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଫିସ୍ 40000 ଟଙ୍କା ଅନୁସାରେ ଉକ୍ତ ଫିସ୍ ଅଧିକ ଥିଲା । ଏହାପରେ ଉକ୍ତ ଫିସ୍ ଏକ ଲକ୍ଷ ଟଙ୍କାକୁ ହ୍ରାସ କରାଯାଇଥିଲା ।

ତେଣୁ, ବିଶ୍ୱବିଦ୍ୟାଳୟ ଗୁଡିକ ଦ୍ୱାରା ସ୍ଥିରୀକୃତ ଉକ୍ତ ପାଠ୍ୟକ୍ରମ ଫିସ୍ ବିଜ୍ଞାନ ସମ୍ମତ ନଥିଲା । ଫଳତଃ ପ୍ରାପ୍ତ ପାଠ୍ୟକ୍ରମ ଫିସ୍ ବଳକା ହୋଇଥିଲା ଯାହା ସାରଣୀ 3.1.2 ରେ ଦର୍ଶାଯାଇଛି ।

**ସାରଣୀ 3.1.2: ବଳକା ଏସଏଫସି ପାଣ୍ଠି ଯାହା ବିଶ୍ୱବିଦ୍ୟାଳୟଗୁଡିକରେ ପଡିରହିଥିଲା**

*(ଲକ୍ଷ ଟଙ୍କାରେ)*

| କ୍ର.ସଂ | ପାଠ୍ୟକ୍ରମ | ଆଦାୟ କରାଯାଇଥିବା ଫିସ୍ | ସଂପୃକ୍ତ ପିଜି ବିଭାଗ ଦ୍ୱାରା କରାଯାଇଥିବା ଖର୍ଚ୍ଚ | ବିଶ୍ୱବିଦ୍ୟାଳୟର ଅଂଶ | ବଳକା[32] ପଡିରହିଥିବା ଏସଏଫସି ପାଣ୍ଠି (ଆଦାୟ ପ୍ରତିଶତ) |
|---|---|---|---|---|---|
| **1** | **2** | **3** | **4** | **5** | **6** |
| **ଉତ୍କଳ ବିଶ୍ୱବିଦ୍ୟାଳୟ** | | | | | |
| 1 | ଆଇଏମସିଏ | 538.86 | 176.16 | 179.62 | 183.08 *(34)* |
| 2 | ଆଇଏମବିଏ | 369.03 | 152.12 | 123.01 | 93.90*(25)* |
| 3 | ଏମ୍ ଫାର୍ମା | 407.66 | 113.41 | 135.88 | 158.37*(39)* |
| **ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ** | | | | | |
| 4 | ଏମ୍.ଟେକ୍(ସିଏସ) | 95.07 | 8.63 | 28.52 | 57.92*(61)* |
| 5 | ଏମ୍.ଟେକ୍(ଇଆଇଏସ) | 64.10 | 19.97 | 19.23 | 24.90*(39)* |
| 6 | ଏମ୍ ଫାର୍ମା | 356.16 | 69.13 | 106.85 | 180.18*(51)* |
| **ସମ୍ବଲପୁର ବିଶ୍ୱବିଦ୍ୟାଳୟ** | | | | | |
| 7 | ଏମ୍.ଟେକ୍(ସିଏସ) | 11.96 | 10.43 | 1.00 | 0.53*(4)* |
| 8 | ଏମ୍ସିଏ | 193.57 | 108.29 | 25.24 | 60.04*(31)* |
| 9 | ଏସୟୁଆଇଆଇଟି | 644.68 | 429.87 | 0 | 214.81*(33)* |
| | ମୋଟ | **2681.09** | **1088.01** | **619.35** | **973.73*(36)*** |

32 ଆଦାୟ କରାଯାଇଥିବା ପାଠ୍ୟକ୍ରମ ଫିସରୁ ପି.ଜି ବିଭାଗ ଏବଂ ବିଶ୍ୱବିଦ୍ୟାଳୟ ଅଂଶର ଖର୍ଚ୍ଚ ପରେ ବଳକା

***(ଉତ୍ସ: ପାଠ୍ୟକ୍ରମର ମୁଖ୍ୟଙ୍କ ଦ୍ୱାରା ଦିଆ ଯାଇଥିବା ସୂଚନା)***

ଅଡିଟ୍ ସମୀକ୍ଷାରୁ ଜଣାଗଲା ଯେ ବିଭାଗ ସ୍ତରରେ ଅସ୍ଥାୟୀ/ ଅତିଥି ଅଧାପନା ଏବଂ ଅଣ ଅଧାପନା କର୍ମଚାରୀଙ୍କର ମଜୁରୀ, ବିଜ୍ଞାନଗାରର ରକ୍ଷଣାବେକ୍ଷଣ, ଦୈନନ୍ଦିନ ଘଟୁଥିବା ଖର୍ଚ୍ଚ ଇତ୍ୟାଦି କପାଇଁ ବହୁଳ ଭାବରେ ଫିସକୁ ଉପଯୋଗ କରାଯାଇଥିଲା । ପାଠ୍ୟକ୍ରମ ସବୁ ସଂପୃକ୍ତ ବିଭାଗମାନଙ୍କରେ ବିଦ୍ୟମାନ ବ୍ୟବସ୍ଥାରେ ଚାଲୁଥିବା ଯୋଗୁଁ ସେଠାରେ ଭିତ୍ତି ସଂରଚନା ପାଇଁ କୌଣସି ଖର୍ଚ୍ଚ କରାଯାଇ ନଥିଲା । ଏସଏଫସି ଗୁଡିକରେ ଅଧାପନା କର୍ମଚାରୀଙ୍କ ଶୂନ୍ୟ ସ୍ଥାନ ଚାରି ରୁ 100 ଭାଗ ପର୍ଯ୍ୟନ୍ତ ଥିବା ସତ୍ତ୍ୱେ ଯାହା ***ଅନୁଚ୍ଛେଦ 3.1.5.1*** ରେ ଆଲୋଚନା କରାଯାଇଛି, ବିଭାଗ ଗୁଡିକ ଗୁଣବତ୍ତା ଶିକ୍ଷାକୁ ବହନ କରିବା ପାଇଁ ପୁରା ସମୟ ଅଧାପନା କର୍ମଚାରୀଙ୍କୁ ରଖିବାରେ କିଛି ଖର୍ଚ୍ଚ କରୁନଥିଲେ ।

ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଜଣାଇଲେ (ସେପ୍ଟେମ୍ବର 2013) ଯେ, ବିଶ୍ୱବିଦ୍ୟାଳୟକୁ ପାଠ୍ୟକ୍ରମର ପ୍ରକାର ଏବଂ ଚାହିଦାକୁ ଅବଲମ୍ବନ କରି ପାଠ୍ୟକ୍ରମ ଫିସ୍ ସ୍ଥିର କରିବା ପାଇଁ କ୍ଷମତା ଦିଆଯାଇଥିଲା କିନ୍ତୁ ଏହା ସ୍ପଷ୍ଟ ଥିଲା ଯେ ବିଶ୍ୱବିଦ୍ୟାଳୟଗୁଡିକ ଏସଏଫସିରୁ ସଂଗ୍ରହ କରୁଥିବା ଅର୍ଥର ବଡ ଭାଗ ଅର୍ଥ ସଂଚୟ କରୁଥିଲେ । ଅତିରିକ୍ତ ସଚିବ କିନ୍ତୁ ଉକ୍ତ ବିଷୟକୁ ଅନୁଧ୍ୟାନ କରିବା ପାଇଁ ଭରସା ଦେଲେ(ମେ 2014)।

### *3.1.3.3 ସହବନ୍ଧିତ ମହାବିଦ୍ୟାଳୟମାନଙ୍କ ଦ୍ୱାରା ବିହିତ ଠାରୁ ଅତ୍ୟଧିକ ପାଠ୍ୟକ୍ରମ ଫି ସଂଗ୍ରହ*

ଓଡିଶା ବିଶ୍ୱବିଦ୍ୟାଳୟ ପ୍ରଥମ ବିଧାନ (ଓ.ୟୁ.ଏଫ.ଏସ) 1990 ର 2(ଘ) ଅନୁଚ୍ଛେଦ ଅନୁସାରେ, ଶିକ୍ଷାଦାନ ଫିସ, ସାଧାରଣ ଶିକ୍ଷାଦାନ ଫିସ ସହ ଅସମାନୁପାତିକ ହେଲେ ବା ଅନ୍ୟ କିଛି ଫିସ ଯାହାକି ବିଶ୍ୱବିଦ୍ୟାଳୟର ସମାନ ପ୍ରକାର ଶିକ୍ଷାନୁଷ୍ଠାନରେ ସ୍ନାତକ ଉପାଧି ବା ସ୍ନାତକୋତ୍ତର ଉପାଧି ବା ଡିପ୍ଲୋମା ପାଠ୍ୟକ୍ରମରେ ପ୍ରବେଶ ଉଦ୍ଦେଶ୍ୟରେ ବା ଅନ୍ୟ କିଛି ଉଦ୍ଦେଶ୍ୟରେ ଛାତ୍ରମାନଙ୍କଠାରୁ ଅବା ଛାତ୍ରମାନଙ୍କ ଅଭିଭାବକମାନଙ୍କଠାରୁ ଦେୟ ତଲବ କରାଯାଏ ତାହାକୁ କ୍ୟାପିଟେସନ ଫି ବୋଲି ବିଚେଚନା କରାଯିବ । ବିଧାନ 172(viii) ଅନୁଯାୟୀ ସହବନ୍ଧିତ ମହାବିଦ୍ୟାଳୟଗୁଡିକୁ କ୍ୟାପିଟେସନ୍ ଫି ବା ଦାନ ସଂଗ୍ରହ କରିବା ମନା । ଓୟୁଏଫଏସର ବିଧାନ 200(iv) ହିସାବରେ ମହାବିଦ୍ୟାଳୟଗୁଡିକ ନିୟମ ଲଂଘନ ମାମଲାରେ ତାଙ୍କ ପୂର୍ଣ୍ଣ ସୁବିଧା (ସହ ବନ୍ଧନ) ରୁ ବଞ୍ଚିତ ହେବାର ଥିଲା ।

ନଥିପତ୍ର ସମ୍ୟକ୍ ପରୀକ୍ଷାରୁ ଜଣାପଡିଲା ଯେ ଯଦିଓ ସରକାର(ଉଚ୍ଚଶିକ୍ଷା ବିଭାଗ) ସହବନ୍ଧ ମହାବିଦ୍ୟାଳୟରେ ଚାଲୁଥିବା ବିସିଏ/ ବିବିଏ ରେ ପ୍ରବେଶ ପାଇଁ ଫିସ୍ ଢାଞ୍ଚା ବିଦ୍ୟାର୍ଥୀ ପିଛା 45000 ଟଙ୍କା ଧାର୍ଯ୍ୟ କରିଥିଲେ । 48 ନମୂନା ଯାଞ୍ଚ୍ ରୁ 14 ଟି ରେ ସହବନ୍ଧ ମହାବିଦ୍ୟାଳୟ ଗୁଡିକ 23 ଗୋଟି ପାଠ୍ୟକ୍ରମ(ବିସିଏ-13, ବିବିଏ-10) ଅଧିନରେ ପ୍ରତି ପାଠ୍ୟକ୍ରମ ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଫିସ୍ ଠାରୁ 6000 ରୁ 90000 ଅଧିକ ଅସୁଲ କରିଥିଲେ । ଏହା ଅତ୍ୟଧିକ କ୍ୟାପିଟେସନ୍ ଫି ସଂଗ୍ରହର ସଙ୍କେତ ଦିଏ ଯାହା ***ପରିଶିଷ୍ଟ 3.1.2*** ରେ ବିବୃତ ।

ବିଧାନ 181(viii) ଅନୁସାରେ ବିଶ୍ୱବିଦ୍ୟାଳୟଗୁଡିକର ସ୍ଥାନୀୟ ତଦନ୍ତ କମିଟିଗୁଡିକ[33](ଏଲଇସି) ସହବନ୍ଧ / ନବୀକରଣ / ପ୍ରଦାନ ସମୟରେ ଏଭଳି ଅତ୍ୟଧିକ ପାଠ୍ୟକ୍ରମ ଫିସ୍ ସଂଗ୍ରହ ସମ୍ବନ୍ଧରେ ଧ୍ୟାନ ଦେଇ ନଥିଲେ ।

---

[33] ଏଲଇସିର ସଦସ୍ୟମାନେ ହେଲେ ମହାବିଦ୍ୟାଳୟ ଉନ୍ନୟନ ପରିଷଦ ଦ୍ୱାରା ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ନିର୍ବାହୀମାନଙ୍କ ମଧ୍ୟରୁ ମନୋନୀତ ସଦସ୍ୟ ଯାହା ସବୁ ସମୟରେ ଏକା ନୁହଁନ୍ତି

ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ କହିଲେ (ସେପ୍ଟେମ୍ବର 2013) ଯେ ସମ୍ପୃକ୍ତ ମହାବିଦ୍ୟାଳୟଗୁଡିକୁ ଅତ୍ୟଧିକ ଫିସ୍ ଫେରାଇ ଦେବାକୁ ଏବଂ ଏଭଳି କୌଣସି ଫିସ୍ ସଂଗ୍ରହ ନକରିବାକୁ ବାରଣ କରାଯାଇଛି । ବ୍ରହ୍ମପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବମାନେ କହିଲେ(ଅକ୍ଟୋବର 2013) ଯେ ଅନୁଷ୍ଠାନଗୁଡିକରୁ ଆବଶ୍ୟକୀୟ ସ୍ପଷ୍ଟିକରଣ ମଗାଯିବ । ଏଲଇସିର କାର୍ଯ୍ୟକଳାପ ସମ୍ବନ୍ଧରେ ସମ୍ବଲପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବମାନେ ଦର୍ଶାଇଲେ ଯେ ଏଲଇସିଗୁଡିକ ଭବିଷ୍ୟତରେ ତାଙ୍କର କାର୍ଯ୍ୟରେ ଅଧିକ ସତର୍କ ହେବା ପାଇଁ ନିର୍ଦ୍ଦେଶ ଦିଆଯିବ । ପ୍ରସ୍ଥାନ ସମ୍ମିଳନୀରେ ନମୁନା ଯାଞ୍ଚ କରାଯାଇଥିବା ସବୁ ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ(ମେ 2014) ଏଗୁଡିକ ମୁଣ୍ଡ ପିଛା ଫିସ୍ ସଂଗ୍ରହର ସ୍ପଷ୍ଟ ମାମଲା ବୋଲି ମତବ୍ୟକ୍ତ କଲେ । ଅତିରିକ୍ତ ସଚିବ ନିଶ୍ଚିତ କଲେ(ମେ 2014) ଯେ ବିଭାଗ ଦ୍ୱାରା ଏ ମାମଲାର ଯାଞ୍ଚ କରାଯିବ ।

ଅତଏବ, ବିଧାନ ଅନୁସାରେ ଡିସେମ୍ବର 2013 ସୁଦ୍ଧା ବିଶ୍ୱବିଦ୍ୟାଳୟ ଗୁଡିକ ବ୍ୟତିକ୍ରମ ଘଟାଇଥିବା ମହାବିଦ୍ୟାଳୟ ବିରୋଧରେ ବିଧାନ ଅନୁଯାୟୀ କିଛି ବି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ କରିନଥିଲେ ।

### *3.1.3.4 ବିଶ୍ୱବିଦ୍ୟାଳୟ ଏବଂ ସଂପୃକ୍ତ ସ୍ନାତକୋତ୍ତର ଅଧ୍ୟାପନା ବିଭାଗ ମଧ୍ୟରେ ରାଜସ୍ୱ ବଣ୍ଟନ*

ବିଶ୍ୱବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ଆଦର୍ଶ ଏସ୍ଏଫସି ମାର୍ଗଦର୍ଶିକାରେ, ବିଶ୍ୱବିଦ୍ୟାଳୟ ଏବଂ ଏସଏଫସି ପାଠ୍ୟକ୍ରମ ଚଳାଉଥିବା ସ୍ନାତକୋତ୍ତର ଅଧାପନା ବିଭାଗ ମଧ୍ୟରେ ରାଜସ୍ୱ ବଣ୍ଟନ ପାଇଁ ବ୍ୟବସ୍ଥା ଥିଲା । ବିଭିନ୍ନ ବିଶ୍ୱବିଦ୍ୟାଳୟ ନିଜସ୍ୱ ସିଣ୍ଡିକେଟ୍ ଦ୍ୱାରା ଅନୁମୋଦିତ ଢାଞ୍ଚା ଅନୁସାରେ ସେମାନଙ୍କର ସଂଗୃହୀତ ଏସ୍ଏଫ୍ସି ରାଜସ୍ୱ ଆବଣ୍ଟନ କରିଥାନ୍ତି । ତେଣୁ, ବିଶ୍ୱବିଦ୍ୟାଳୟମାନଙ୍କରେ ରାଜସ୍ୱ ଆବଣ୍ଟନ ହାରରେ ପାର୍ଥକ୍ୟ ଥିଲା । ପିଜି ବିଭାଗ ନିଜ ଅଂଶ ଭାଗ ପାଣ୍ଠିକୁ ପରୀକ୍ଷା ସମ୍ବନ୍ଧୀୟ ବ୍ୟୟ କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ଆବଶ୍ୟକକତା ଯଥା- ପୁସ୍ତକ, ଉପଭୋଗୀୟ ସାମଗ୍ରୀ, କଣ୍ଟିଜେନସି, ଇତ୍ୟାଦି ବାବଦରେ ଉପଯାଗ କରୁଥିଲେ ।

ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ବିଶ୍ୱବିଦ୍ୟାଳୟଗୁଡିକ ନିଜ ଅନୁମୋଦିତ ରାଜସ୍ୱ ଆବଣ୍ଟନ ଢାଞ୍ଚାକୁ ଅନୁସରଣ କରୁନଥିଲେ । ପରୀଣାମ ସ୍ୱରୁପ ବିଶ୍ୱବିଦ୍ୟାଳୟଗୁଡିକର ସ୍ନାତକୋତ୍ତର ବିଭାଗ 6.64 କୋଟି ଟଙ୍କାର ଅଧିକ ପରିମାଣ ଗଚ୍ଛିତ ରଖିଲେ, ଯାହାକି ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚିତ ହୋଇଅଛି ।

- ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟ ଓ ସ୍ନାତକୋତ୍ତର ବିଭାଗ ମଧ୍ୟରେ ବିତରଣ ଅନୁପାତ 33.33: 66.67 ଥିଲା । 2007-13 ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ତିନୋଟି ଏସ୍ଏଫ୍ସି ପାଠ୍ୟକ୍ରମ ଏସ୍ଏଫ୍ସି(ଆଇଏମସିଏ, ଆଇଏମବିଏ, ଏମ୍.ଫାର୍ମା)ରୁ ଚଳଇବା ବାବଦରେ 13.16 କୋଟି ଟଙ୍କା ଆଦାୟ କରିଥିଲେ । ତନ୍ମଧ୍ୟରୁ ଅନୁମୋଦିତ ଅନୁପାତ ଅନୁଯାୟୀ 8.77 କୋଟି ଟଙ୍କା ପ୍ରଦାନ କରିବାକୁ ଆବଶ୍ୟକ ଥିବା ସମୟରେ ମାତ୍ର 5.93 କୋଟି ଟଙ୍କା (45 ପ୍ରତିଶତ) ପ୍ରଦାନ କରାଯାଇଥିଲା । ପରିଣାମ ସ୍ୱରୁପ ସ୍ନତକୋତ୍ତର ବିଭାଗକୁ ଉକ୍ତ ଅର୍ଥ ପରିବର୍ତ୍ତେ ବିଶ୍ୱବିଦ୍ୟାଳୟ ନିଜସ୍ୱ ବ୍ୟବହାର ପାଇଁ 2.84 କୋଟି ଟଙ୍କାର ଅଧିକ ପରିମାଣ ରଖିଥିଲେ ।

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିତରଣ ଅନୁପାତ 30:70 (ବିଶ୍ୱବିଦ୍ୟାଳୟ ସ୍ନାତୋକଉର ବଭାଗ) ଥିଲା । 2007-13 ମଧ୍ୟରେ ତିନୋଟି ଏସଏଫସି (ଏମ୍.ଟେକ-ସିଏସ୍, ଏମ.ଟେକ୍-ଇଆଇଏସ ଏବଂ ଏମ୍.ଫାର୍ମା) ଚଳାଇବା ବାବଦରେ ସଂଗୃହୀତ ହୋଇଥିବା ମୋଟ ରାଜସ୍ୱ 5.15 କୋଟି ଟଙ୍କା ମଧ୍ୟରୁ

ନିର୍ଦ୍ଧାରିତ ଅନୁପାତ 30 ପ୍ରତିଶତ (1.55 କୋଟି ଟଙ୍କା) ରଖିବା ପରିବର୍ତ୍ତେ ବିଶ୍ୱବିଦ୍ୟାଳୟ ମୋଟ ସଂଗୃହୀତ ରାଜସ୍ୱକୁ ସାଧାରଣ ହିସାବ ଖାତାରେ ରଖିଥିଲେ ।

- ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏସ୍‌ଏଫ୍‌ସି ମାର୍ଗଦର୍ଶିକା ଅନୁଯାୟୀ, ଛାତ୍ରଛାତ୍ରୀମାନଙ୍କ ଠାରୁ ପାଠ୍ୟକ୍ରମ ଫିସ୍ ବାବଦରେ ଅର୍ଥ ସଂଗ୍ରହ କରିଥିବା ସଂପୃକ୍ତ ସ୍ନାତୋକତ୍ତର ବିଭାଗ ଠାରୁ 15 ଦିନ ମଧ୍ୟରେ ବିଶ୍ୱବିଦ୍ୟାଳୟ ପ୍ରଥମ ଦୁଇ ବର୍ଷରେ 11 ପ୍ରତିଶତ ଏବଂ ପରବର୍ତ୍ତୀ ବର୍ଷ ମାନଙ୍କରେ 22 ପ୍ରତିଶତ ଅଂଶ ପାଇବାର ଥିଲା । ଯଦିଓ ତିନୋଟି ସ୍ନାତୋକତ୍ତର ବିଭାଗ ବିଭିନ୍ନ ପାଠ୍ୟକ୍ରମ, ଯଥା-ଏମସିଏ, ଏମ.ଟେକ୍-ସିଏସ ଏବଂ ଏମ.ଏସସି-ବିଟି ର ଫିସ୍ ବାବଦରେ 2.04 କୋଟି ଟଙ୍କା ସଂଗ୍ରହ କରିଥିଲେ, କିନ୍ତୁ ବିଶ୍ୱବିଦ୍ୟାଳୟର ଅଂଶ ବାବଦରେ 43.87 ଲକ୍ଷ ଟଙ୍କା ପରିବର୍ତ୍ତେ ମାତ୍ର 23.89 ଲକ୍ଷ ଟଙ୍କା (54 ପ୍ରତିଶତ) ଜମା କରିଥିଲେ ।

ଏହା ସୂଚାଉଥିଲା ଯେ, ବିଶ୍ୱବିଦ୍ୟାଳୟ କିମ୍ବା ସ୍ନାତୋକତ୍ତର ବିଭାଗ କେହି ମଧ୍ୟ ଅନୁମୋଦିତ ରାଜସ୍ୱ ବିତରଣ ଢାଞ୍ଚାକୁ କାର୍ଯ୍ୟକାରୀ କରୁନଥିଲେ । ପରିଣାମ ସ୍ୱରୂପ 2007-13 ମଧ୍ୟରେ ବିଭିନ୍ନ ପଦାଧିକାରୀମାନେ ଅନୁପାତ ହୀନ ଭାବେ 6.64 କୋଟି ଟଙ୍କାର ରାଜସ୍ୱ ଗଚ୍ଛିତ ରଖିଥିଲେ ।

ପ୍ରସ୍ଥାନ ସମ୍ମିଳନୀରେ ପରୀକ୍ଷଣ ହୋଇଥିବା ବିଶ୍ୱବିଦ୍ୟାଳୟମାନେ ଦର୍ଶାଇଥିଲେ (ମେ 2014) ଯେ ବିଶ୍ୱବିଦ୍ୟାଳୟ ଓ ସଂପୃକ୍ତ ସ୍ନାତୋକତ୍ତର ଅଧ୍ୟାପନା ବିଭାଗ ମଧ୍ୟରେ ରାଜସ୍ୱ ବିତରଣ ଯଥାକ୍ରମେ ଏକ-ତୃତୀୟାଂଶ ଏବଂ ଦୁଇ-ତୃତୀୟାଂଶ ହେବା ଉଚିତ୍ । ଯାହାହେଉ, ଘଟଣା ଏହା ଯେ ଭିତ୍ତିଭୂମି ଅଭାବ ରହିଥିବା ସତ୍ତ୍ୱେ ଏହି ପାଣ୍ଠିକୁ ବ୍ୟବହାର କରା ନଯାଇ ଗଚ୍ଛିତ ରଖାଯାଇଥିଲା ଯାହାଫଳରେ ଏସଏଫସି ପାଠ୍ୟକ୍ରମଗୁଡିକ ପ୍ରଭାବିତ ହୋଇଥିଲା ।

### *3.1.3.5 ବିଶ୍ୱବିଦ୍ୟାଳୟର ନିୟମିତ ଫ୍ୟାକଲଟି ଏସଏଫସିରେ ନିୟୋଜିତ ହେବା*

ଓୟୁଏଫଏସ୍ ବିଧାନ 263 ଅନୁଯାୟୀ ଜଣେ କର୍ମଚାରୀର କାର୍ଯ୍ୟ ସମୟ ସମ୍ପୂର୍ଣ୍ଣ ଭାବେ ବିଶ୍ୱବିଦ୍ୟାଳୟର କର୍ତ୍ତୃତ୍ୱରେ ରହିବ ଯାହାକି ଅତିରିକ୍ତ ପାରିଶ୍ରମିକ ପ୍ରଦାନ ବିନା ଆବଶ୍ୟକ ଅନୁଯାୟୀ ଯେକୌଣସି ଭାବରେ ବ୍ୟବହାର କରାଯାଇପାରିବ । ଉତ୍କଳ ବିଶ୍ୱବିଦ୍ୟାଳୟ ଏସଏଫସି ଗାଇଡ୍‌ଲାଇନ (2005-06) ଖଣ୍ଡ 16 ମଧ୍ୟ ଦରକାର କରେ ଯେ ଏସ୍‌ଏଫ୍‌ସି କାର୍ଯ୍ୟରେ ନିୟୋଜିତ ଥିବା ବିଶ୍ୱବିଦ୍ୟାଳୟର ଶିକ୍ଷକମାନଙ୍କୁ ପାରିଶ୍ରମିକ ପ୍ରଦାନ କରାଯାଇପାରିବ ଯଦି ସେହି କାର୍ଯ୍ୟ ସ୍ୱାଭାବିକ କାର୍ଯ୍ୟାଳୟ ସମୟ (ସକାଳ 10 ଟାରୁ ଅପରାହ୍ନ 5) ଅତିକ୍ରାନ୍ତ ପରେ କରାଯାଇଥାଏ ।

ନଥିପତ୍ର ଯାଞ୍ଚ୍ ବେଳେ ପ୍ରକଟ ହୋଇଥିଲା ଯେ ବିଶ୍ୱବିଦ୍ୟାଳୟ ଗୁଡିକ(ଉତ୍କଳ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ) ସେମାନଙ୍କର ସ୍ନାତକୋତ୍ତର ବିଭାଗର 69[34] ଜଣ ନିୟମିତ ଶିକ୍ଷକଙ୍କୁ ସ୍ୱାଭାବିକ କାର୍ଯ୍ୟାଳୟ ସମୟ ମଧ୍ୟରେ ଏସଏଫସିରେ ଶିକ୍ଷାଦାନ ପାଇଁ ପାରିଶ୍ରମିକ ବାବଦରେ 15.47 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ଯାହାକି ବିଧାନ ଏବଂ ଏସଏଫସି ଗାଇଡଲାଇନର ବିରୁଦ୍ଧାଚରଣ କରୁଛି, ଯାହା ପୁଙ୍ଖାନୁପୁଙ୍ଖ ଭାବରେ ନିମ୍ନ ସାରଣୀ 3.1.3 ରେ ବର୍ଣ୍ଣନା କରାଯାଇଛି ।

[34] ଉତ୍କଳ ବିଶ୍ୱବିଦ୍ୟାଳୟ: 31 ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ: 38

***ସାରଣୀ 3.1.3: ସ୍ୱାଭାବିକ କାର୍ଯ୍ୟ ସମୟ ମଧ୍ୟରେ ଏସଏଫସି କ୍ଲାସ ନେଇଥିବା ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କୁ ପ୍ରଦାନ କରାଯାଇଥିବା ଅର୍ଥ ରାଶି***

| କ୍ର.ସଂ | ପାଠ୍ୟକ୍ରମ | ବିଶ୍ୱବିଦ୍ୟାଳୟରେ ନିୟୋଜିତ ହୋଇଥବା ନିୟମିତ ଶିକ୍ଷକଙ୍କ ସଂଖ୍ୟା | ଅର୍ଥ ପ୍ରଦାନର କାଳବଧି | ପ୍ରଦାନ ରାଶିର ପରିମାଣ (ଟଙ୍କାରେ) |
|---|---|---|---|---|
| 1. | ଆଇଏମସିଏ,ଉତ୍କଳ ବିଶ୍ୱବିଦ୍ୟାଳୟ | 14 | 17 ଫେବୃଆରୀ 2006 to 31 ଜାନୁୟାରୀ 2013 | 4,12,600 |
| 2. | ଆଇଏମବିଏ,ଉତ୍କଳ ବିଶ୍ୱବିଦ୍ୟାଳୟ | 14 | 2007-12 | 3,13,250 |
| 3. | ଏମ୍ ଫାର୍ମା, ଉତ୍କଳ ବିଶ୍ୱବିଦ୍ୟାଳୟ | 2 | 2007-12 | 5,750 |
| 4. | ଏମ୍.ଟେକ୍ ଆଇଟି, ଆଇଏମସିଏ,ଉତ୍କଳ ବିଶ୍ୱବିଦ୍ୟାଳୟ(ପିପିପି) | 1 | 2011-12 | 3,000 |
| 5. | ଏମସିଏ, ସମ୍ବଲପୁର ବିଶ୍ୱବିଦ୍ୟାଳୟ | 2 | 2007-12 | 83,550 |
| 6. | ଏମଏସସି, ବିଟି, ସମ୍ବଲପୁର ବିଶ୍ୱବିଦ୍ୟାଳୟ | 29 | 2007-12 | 4,87,350 |
| 7. | ଏସୟୁଆଇଆଇଟି, ସମ୍ବଲପୁର ବିଶ୍ୱବିଦ୍ୟାଳୟ | 7 | 2010-12 | 2,41,800 |
| | ମୋଟ | **69** | | **15,47,300** |

***(ଉତ୍ସ: ଏସଏଫସିର ନଥିପତ୍ରରୁ ଲେଖାପରୀକ୍ଷା ଦ୍ୱାରା ସଂକଳିତ)***

ସମ୍ବଲପୁର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିମାନେ କହିଥିଲେ (ମେ 2014) ଯେ, ସାଧାରଣତଃ ଏସଏଫସି ପାଠ୍ୟକ୍ରମରେ ନିୟୋଜିତ ନିୟମିତ ଫ୍ୟାକଲଟିମାନେ ନିୟମିତ କ୍ଲାସ ସମୟ ବାହାରେ ଯେପରିକି ସନ୍ଧ୍ୟା ଏବଂ ସକାଳ ସମୟରେ ଶିକ୍ଷାଦାନ ପାଇଁ ନିୟୋଜନ ହୋଇଥିଲେ । ସେମାନେ ମଧ୍ୟ କହିଥିଲେ ଯେ, ଏପରି ନିୟୋଜନ ଫଳରେ ଏସ୍ଏଫ୍ସି ଛାତ୍ରମାନେ ସାଧାରଣତଃ ସେମାନଙ୍କର ପ୍ରବଣତାରୁ ଲାଭବାନ ହୋଇଥାଆନ୍ତି ଏବଂ  ନିୟମିତ ପାଠ୍ୟକ୍ରମ କୌଣସି ପ୍ରକାରେ ପ୍ରଭାବିତ ହୋଇ ନଥିଲା । କିନ୍ତୁ ଉପରୋକ୍ତ ମାମଲାରେ ଲେଖାପରୀକ୍ଷାରେ ଏହା ଦେଖାଯାଇଥିଲା ଯେ ନିୟମିତ ଫ୍ୟାକଲଟିମାନଙ୍କୁ ସ୍ୱାଭାବିକ କାର୍ଯ୍ୟାଳୟ ସମୟ ମଧ୍ୟରେ ଏସଏଫସିରେ ନିୟୋଜନ ପାଇଁ ଅର୍ଥ ପ୍ରଦାନ କରାଯାଇଥିଲା ।

### *3.1.3.6 ସହବନ୍ଧନ ଫି ଅସୁଲ କରିବାରେ ମନମୂଖୀ ଏବଂ ଏକରୂପତାର ଅଭାବ*

2000 ମସିହାରେ ସଂଶୋଧିତ ହୋଇଥିବା ବିଧାନ 172(2)(iv), 174 ଏବଂ 177 ଅନୁସାରେ ସହବନ୍ଧନ ଦେବା ପୂର୍ବରୁ, ବିଶ୍ୱବିଦ୍ୟାଳୟ ଅନୁଷ୍ଠାନ ଗୁଡ଼ିକରୁ ଛଅ ପ୍ରକାରର ଫିସ୍ ଚାର୍ଜ ଏବଂ ଅସୁଲ କରେ (ଚଳବନ୍ଧନ ଅର୍ଥ, ଏକାଡେମିକ୍, ବିଷୟ ସହବନ୍ଧନ, ପ୍ରୋସେସିଙ୍ଗ, ନିରୀକ୍ଷଣ ଏବଂ ବିଳମ୍ବ ଫି) । ଚଳବନ୍ଧନ ଅର୍ଥ ବ୍ୟତୀତ, ଯାହାକି ଅନୁଷ୍ଠାନର ସହବନ୍ଧନର ସମାପ୍ତି ପରେ ଫେରସ୍ତ ଦିଆଯାଇଥାଏ, ଅନ୍ୟ ସମସ୍ତ ଫିସ ବିଶ୍ୱବିଦ୍ୟାଳୟ ରାଜସ୍ୱର ଅଂଶ ବିଶେଷ ଅଟେ । ସହବନ୍ଧନ ଚାର୍ଜ କେବଳ ମାତ୍ର ରାଜସ୍ୱ ଯାହାକି ବିଶ୍ୱବିଦ୍ୟାଳୟ ଦ୍ୱାରା ଏହିସବୁ ମହାବିଦ୍ୟାଳୟଗୁଡ଼ିକରୁ ପ୍ରାପ୍ତି ହୋଇଥାଏ ।

ନଥି ପତ୍ର ଯାଞ୍ଚ୍ ବେଳେ ଏହା ପ୍ରକଟ ହୋଇଥିଲା ଯେ ନମୂନା ଯାଞ୍ଚ୍ କରାଯାଇଥିବା 48 ଟିରୁ 23 ଟି ମହାବିଦ୍ୟାଳୟ ଠାରୁ ବିଶ୍ୱବିଦ୍ୟାଳୟ ଦ୍ୱାରା ଅସୁଲ କରାଯାଇଥିବା ସହବନ୍ଧନ ଫିସର ମାତ୍ରା ବିଧାନ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ହାର ଠାରୁ କମ୍ ଥିଲା: ଯାହାଫଳରେ 54.05 ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହୋଇଥିଲା । ତାହାଛଡା ବିଶ୍ୱବିଦ୍ୟାଳୟ ସହବନ୍ଧିତ ମହାବିଦ୍ୟାଳୟଗୁଡିକଠାରୁ ମାର୍ଚ୍ଚ 2012 ସୁଦ୍ଧା ଚଳବନ୍ଧନ ରାଶି ଭାବରେ ପାଇବାକୁ ଥିବା 55.75 ଲକ୍ଷ ଟଙ୍କା ଆଦାୟ କରିନଥିଲା, ଯାହାକି ସାରଣୀ 3.1.4 ରେ ବର୍ଣ୍ଣିତ ହୋଇଛି ।

***ସାରଣୀ3.1.4: ମାର୍ଚ୍ଚ2012 ସୁଦ୍ଧା ସହବନ୍ଧନ ଫି ସ୍ୱଳ୍ପ ଆଦାୟର ବିବରଣ*** *(ଲକ୍ଷ ଟଙ୍କାରେ)*

| ବିଶ୍ୱବିଦ୍ୟାଳୟ | ସ୍ୱଳ୍ପ ଆଦାୟ ଜମା ରାଶି | | | ମୋଟ |
|---|---|---|---|---|
| | ଚଳବନ୍ଧନ ଅର୍ଥ | ପ୍ରୋସେସିଂ | ଏକାଡେମିକ୍ | |
| ଉତ୍କଳ ବିଶ୍ୱବିଦ୍ୟାଳୟ | 54.25 | 3.60 | 37.20 | 95.05 |
| ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ | 0 | 4.00 | 7.00 | 11.00 |
| ସମ୍ବଲପୁର ବିଶ୍ୱବିଦ୍ୟାଳୟ | 1.50 | 0.25 | 2.00 | 3.75 |
| ମୋଟ | **55.75** | **7.85** | **46.20** | **109.80** |

*(ଉତ୍ସ: ବିଶ୍ୱବିଦ୍ୟାଳୟ ନଥିପତ୍ରରୁ ଲେଖାପରୀକ୍ଷା ଦ୍ୱାରା ସଂକଳିତ)*

ଲେଖା ପରୀକ୍ଷାରେ ଏହା ଦର୍ଶାଯିବା ପରେ, ବିଶ୍ୱବିଦ୍ୟାଳୟଗୁଡିକ ଖିଲାପକାରୀ ମହାବିଦ୍ୟାଳୟଗୁଡିକୁ ଏହା ଜଣାଇଥିଲେ ଏବଂ 4.05 ଲକ୍ଷ ଟଙ୍କା ପାଇଥିଲେ(ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଦୁଇଟି ମହାବିଦ୍ୟାଳୟଠାରୁ ଚଳବନ୍ଧକ ଅର୍ଥ ହିସାବରେ 2.5 ଲକ୍ଷ ଟଙ୍କା, ସମ୍ବଲପୁର ବିଶ୍ୱବିଦ୍ୟାଳୟର ତିନୋଟି ମହାବିଦ୍ୟାଳୟଠାରୁ ଏକାଡେମିକ୍ ଫିସ୍ ହିସାବରେ 1.50 ଲକ୍ଷ ଟଙ୍କା ଏବଂ ପ୍ରୋସେସିଂ ଫିସ ଭାବରେ ଗୋଟିଏ ମହାବିଦ୍ୟାଳୟଠାରୁ 0.05 ଲକ୍ଷ ଟଙ୍କା) ।

ଅତିରିକ୍ତ ସଚିବ କହିଥିଲେ (ମେ 2014) ଯେ, ବିଶ୍ୱବିଦ୍ୟାଳୟଗୁଡିକ ସ୍ୱଳ୍ପ ଆଦାୟ ଭରଣା କରିବା ପାଇଁ ଯଥାଯୋଗ୍ୟ ପଦକ୍ଷେପ ନେବା ପାଇଁ କୁହାଯାଇଛି ।

### *3.1.4 ଭିତ୍ତିଭୂମିର ଲଭ୍ୟତା*

ବିଧାନ 172 (2) ଅନୁଯାୟୀ ବିଶ୍ୱବିଦ୍ୟାଳୟ/ ମହାବିଦ୍ୟାଳୟ ସ୍ତରରେ ପାଠ୍ୟକ୍ରମ ଚଳାଇବା ପାଇଁ ଆବଶ୍ୟକ ମୁତାବକ ଗୃହ, ପର୍ଯ୍ୟାପ୍ତ ଶ୍ରେଣୀଗୃହ ସୁବିଧା, ସସଜ୍ଜିତ ପାଠାଗାର, ବିଜ୍ଞାନଗାର, ଛାତ୍ର ଓ ଛାତ୍ରୀଙ୍କ ପାଇ ଅଲଗା ଅଲଗା କମନ ରୁମ ଓ ଅଧାପକମାନଙ୍କର କମନ ରୁମ ଉପଲବ୍ଧ ହେବା ଆବଶ୍ୟକ । ନଥିପତ୍ର ସଂବୀକ୍ଷାରୁ ଜଣାଗଲା ଯେ ପ୍ରଚଳିତ ପାଠ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଭିତ୍ତି ଭୂମି (ଯାହାକି ପର୍ଯ୍ୟାପ୍ତ ନଥିଲା) ଉପଯୋଗ କରି ବିଶ୍ୱବିଦ୍ୟାଳୟମାନେ ଏସଏଫସି ପାଠ୍ୟକ୍ରମ ଚଳାଉଥିଲେ । ଏବିଷୟରେ ନିମ୍ନରେ ଆଲୋଚନା କରାଗଲା ।

#### *3.1.4.1 ବିଶ୍ୱବିଦ୍ୟାଳୟ*

- ପାଠ୍ୟକ୍ରମ ସଂଯୋଜକ ମତ ମୁତାବକ(ଅଗଷ୍ଟ 2012) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରଚିଳିତ ଏମ୍.ଫାର୍ମା ପାଠ୍ୟକ୍ରମ ପାଇଁ ଶ୍ରେଣୀ ଗୃହ, ବିଜ୍ଞାନଗାର, ଆସବାପତ୍ର ପର୍ଯ୍ୟାପ୍ତ ନଥିଲା । ଦୁଇ ବର୍ଷିଆ ଏମ.ଫାର୍ମର ତିନୋଟି[35] ବିଶେଷ ପାଠ୍ୟକ୍ରମର ପ୍ରତ୍ୟେକ ପାଠ୍ୟକ୍ରମରେ ପ୍ରତିବର୍ଷ 20 ଜଣ ଛାତ୍ରଛାତ୍ରୀ ଭର୍ତ୍ତି ହେଉଥିଲେ । ସମୟ ସାରଣୀ ଅନୁସାରେ ପ୍ରୋକ୍ତ ତିନୋଟି ବିଶେଷ ପାଠ୍ୟକ୍ରମର ପ୍ରଥମ ବର୍ଷର ପାଠ ପଢା

[35] ଫାର୍ମାସ୍ୟୁଟିକାଲ ଟେକନୋଲୋଜି(ପିସିଟି), ଫାର୍ମାସ୍ୟୁଟିକ୍ସ (ପିସିଏସ) ଏବଂ ଫାର୍ମାସ୍ୟୁଟିକାଲ ଆନାଲିସିସ ଓ କ୍ୱାଲିଟି ଆସୁରାନ୍ସ (ଏକ୍ୟୁଏ)

ପାଇଁ ଅତି କମରେ ତିନୋଟି ଶ୍ରେଣୀ ଗୃହ ଆବଶ୍ୟକ ଥିବା ସ୍ଥଳେ, ମାତ୍ର ଦୁଇଟି ଶ୍ରେଣୀ ଗୃହ ଥିଲା । ଶ୍ରେଣୀ ଗୃହ, ବିଜ୍ଞାନଗାର, ଆସବାବପତ୍ର ଏବଂ ଇଣ୍ଟରନେଟ ସୁବିଧା ସବୁର ଅଭାବ ସମ୍ବନ୍ଧରେ ପାଠ୍ୟକ୍ରମ ସଂଯୋଜକ (ଡିସେମ୍ବର 2013) ମାନିଥିଲେ ।

- ଉତ୍କଳ ବିଶ୍ୱବିଦ୍ୟାଳୟର 50 କମ୍ପ୍ୟୁଟର ସୁବିଧା ଥିବା ବିଜ୍ଞାନଗାରରେ ପାଞ୍ଚ ବର୍ଷିଆ ଆଇଏମସିଏ ପାଠ୍ୟକ୍ରମର ସମସ୍ତ ସେମିଷ୍ଟାରରେ 300 ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ । ପ୍ରାୟୋଗିକ ଶିକ୍ଷାଦାନରେ ବିଜ୍ଞାନଗାରର ଅଭାବ ଦର୍ଶାଇ ଦ୍ୱିତୀୟ ବିଜ୍ଞାନଗାର ସ୍ଥାପନ ପାଇଁ ପାଠ୍ୟକ୍ରମ ସଂଯୋଜକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ (ଡିସେମ୍ବର 2006) ରେ ଅବଗତ କରିଥିଲେ । କିନ୍ତୁ ଡିସେମ୍ବର 2013 ପର୍ଯ୍ୟନ୍ତ ଏହା ପୂରଣ ହୋଇପାରି ନଥିଲା । ଅଡିଟ୍ ଦ୍ୱାରା ପ୍ରଦତ୍ତ ପ୍ରଶ୍ନାବଳୀର ଉତ୍ତରରେ 11 ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ପାଞ୍ଚ ଜଣ ବିଜ୍ଞାନଗାରର ଅଭାବ ଥିବା ବିଷୟରେ ଉଲ୍ଲେଖ କରିଥିଲେ(ଅକ୍ଟୋବର 2012) ।

- ଉତ୍କଳ ବିଶ୍ୱବିଦ୍ୟାଳୟର ବିଜିନେସ ଆଡମିନିଷ୍ଟ୍ରେସନ ବିଭାଗ ମୁଖ୍ୟତଃ ଚାରୋଟି ଯଥା- ରେଗୁଲାର ଏମବିଏ, ଏମବିଏ ଆଗ୍ରୀ ବିଜିନେସ, ଏକଜକ୍ୟୁଟିଭ୍ ଏମବିଏ ଏବଂ ଆଇଏମବିଏ ପାଠ୍ୟକ୍ରମ ପ୍ରଚଳନ କରୁଛନ୍ତି । ଆଇଏମବିଏର 300 ବିଦ୍ୟାର୍ଥୀ (ଏକରୁ ପାଞ୍ଚ ସେମିଷ୍ଟାର) ଓ ଅନ୍ୟ ପାଠ୍ୟକ୍ରମର ବିଦ୍ୟାର୍ଥୀ ମାନଙ୍କ ପାଇଁ କେବଳ ମାତ୍ର ଗୋଟିଏ 20 ସିଟ୍ ସମ୍ବଳିତ କମ୍ପ୍ୟୁଟର ଲାବୋରେଟରୀ ଥିଲା । ଆଇଏମବିରେ ସିସି ଏହି ଅଭାବ ବିଷୟ ମାନି ନେଇଥିଲେ(ମାର୍ଚ୍ଚ 2013) ଯେଉଁଥିରେ କି ବିଦ୍ୟାର୍ଥୀମାନେ ମଧ୍ୟ ଏକ ମତ ଥିଲେ ।

- ଚାରି ସେମିଷ୍ଟାର ଯୁକ୍ତ ଦୁଇ ବର୍ଷିଆ ଏମ.ଏସ.ସି (ବି.ଟି) ପାଠ୍ୟକ୍ରମ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଲାଇଫ ସାଇନସ(ଏସ.ଏଲ.ଏସ) ର ଦୁଇଟି ଗୃହ ଯୋଗାଇ ଥିଲେ । ତନ୍ମଧ୍ୟରୁ ଗୋଟିଏ ଶ୍ରେଣୀ ଗୃହ ପାଇଁ ଓ ଅନ୍ୟଟି ବିଜ୍ଞାନଗାର ପାଇଁ ଉଦ୍ଦିଷ୍ଟ ଥିଲା । ଯଦିଓ ଏସଏଲଏସ ର ମୁଖ୍ୟ କୁଳପତିଙ୍କୁ ଉକ୍ତ ସ୍ଥାନାଭାବ ବିଷୟରେ ଅବଗତ କରାଇଥିଲେ(ଫେବୃଆରୀ 2005) ତଥାପି ଡିସେମ୍ବର 2013 ସୁଦ୍ଧା ଉକ୍ତ ପାଠ୍ୟକ୍ରମ ସେହି ଗୋଟିଏ ଶ୍ରେଣୀରେ ସଂପାଦିତ ହେଉଥିଲା ।

ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବମାନେ ଦର୍ଶାଇଥିଲେ(ସେପ୍ଟେମ୍ବର 2013) ଯେ, ପାଠ୍ୟକ୍ରମଗୁଡିକ ପାଇଁ ଆବଶ୍ୟକ ଭିତ୍ତିଭୂମି ଉପଲବ୍ଧ ଥିଲା । ପରନ୍ତୁ ପାଠ୍ୟକ୍ରମ ସଂଯୋଜକ ଓ ବିଦ୍ୟାର୍ଥୀମାନଙ୍କ ଟିପ୍ପଣୀରୁ ଭିତ୍ତିଭୂମିର ସ୍ୱଳ୍ପତା ଏହି ଅଡିଟରେ ପରିଲକ୍ଷିତ ହେଲା ।

### 3.1.4.2 ସହବନ୍ଧ ମହାବିଦ୍ୟାଳୟ

ବିଶ୍ୱବିଦ୍ୟାଳୟ ଅଧିନିୟମ ଓ ବିଧାନ[36] ଅନୁସାରେ ପାଠ୍ୟକ୍ରମ ଚଳାଇବା ପାଇଁ ପ୍ରତ୍ୟେକ ମାନ୍ୟତା ପ୍ରାପ୍ତ ଓ ସହବନ୍ଧ ମହା ବିଦ୍ୟାଳୟମାନଙ୍କରେ ନିଜ ନାମରେ ଜାଗା (ପାଞ୍ଚ ଏକର ଗ୍ରାମାଞ୍ଚଳ ପାଇଁ, ସହରାଞ୍ଚଳ ପାଇଁ ଦୁଇ ଏକର ଓ ମହାନଗର ପାଇଁ 0.5 ଏକର), ନିଜ ଗୃହ. ପର୍ଯ୍ୟାପ୍ତ ଶ୍ରେଣୀ ଗୃହ, ପାଠାଗାର, ଖେଳ ପଡିଆ, ଛାତ୍ରାବାସ ଇତ୍ୟାଦି ରହିବା କଥା । ପ୍ରଚୁର ସୁବିଧା ଯଥା- ପାଠାଗାର, ପରୀକ୍ଷାଗାର, ଶ୍ରେଣୀ ଗୃହ, ଖେଳ ସୁବିଧା ଏବଂ ଛାତ୍ରଛାତ୍ରୀଙ୍କ ଆବାସିକ ସୁବିଧା ଇତ୍ୟାଦି ନଥିଲେ ବିଧାନ 199 (iii) ଅନୁସାରେ ଆଂଶିକ ସହବନ୍ଧ ଉଠାଇ ନେବା କଥା ।

---

[36] ଅଧିନିୟମର ଖଣ୍ଡ 18(1)(ଡି) ଏବଂ ଓ.ୟୁ.ଏଫ.ଏସ 172(2)

ଅଡିଟ ସମୀକ୍ଷାରୁ ଜଣାଗଲା ଯେ, 93 ଏସ.ଏଫ.ସି ଚଳାଉଥିବା 48 ସହବନ୍ଧ ମହାବିଦ୍ୟାଳୟ ମଧ୍ୟରୁ 39 ମହାବିଦ୍ୟାଳୟ କ୍ଷେତ୍ରରେ ନିମ୍ନ ଅନୁଯାୟୀ ନ୍ୟୁନତମ ଦରକାରୀ ଭିତ୍ତିଭୂମି ନ ଥିଲା ।.

**ସାରଣୀ 3.1.5: ସହବନ୍ଧ ପେଶାଗତ ମହାବିଦ୍ୟାଳୟମାନଙ୍କରେ ଭିତ୍ତିଭୂମି ସୁବିଧା**

| କ୍ର.ସଂ | ଅଭାବଗୁଡିକର ପ୍ରକାର | ଅଭାବ ପରିଲକ୍ଷିତ ମହାବିଦ୍ୟାଳୟ ସଂଖ୍ୟା | | | |
|---|---|---|---|---|---|
| | | ୟୁୟୁ (25) | ବିୟୁ (15) | ଏସୟୁ (08) | ମୋଟ (48) |
| 1 | ବିହିତ ଜାଗା/ ଜମି ନଥିବା | 12 | 06 | 05 | 23 |
| 2 | ନିଜସ୍ୱ ଗୃହ ନଥିବା | 06 | 08 | 03 | 17 |
| 3 | ଅପ୍ରଚୁର ଶ୍ରେଣୀ ଗୃହ | 02 | 02 | 02 | 06 |
| 4 | ପାଠାଗାର ନଥିବା | 02 | 10 | 04 | 16 |
| 5 | ଖେଳ ପଡିଆ ଅଭାବ ଥିବା | 12 | 07 | 02 | 21 |
| 6 | ଛାତ୍ରାବାସ ସୁବିଧା ନଥିବା | 00 | 02 | 03 | 05 |
| 7 | ଅପ୍ରଚୁର ବିଜ୍ଞାନଗାର ସୁଯୋଗ | 01 | 01 | 01 | 03 |
| 8 | ଅପ୍ରଚୁର ବିଜ୍ଞାନଗାର ସରଞ୍ଜାମ | 01 | 02 | 00 | 03 |
| 9 | ବିଦ୍ୟାର୍ଥୀ ବୈଠକ ଗୃହ | 09 | 03 | 05 | 17 |
| 10 | ପାଇଖାନା ନଥିବା | 01 | 00 | 02 | 03 |

***(ଉତ୍ସ: ବିଶ୍ୱବିଦ୍ୟାଳୟ ସ୍ତରରେ ଥିବା ସହବନ୍ଧ ଫାଇଲ୍ ଓ ଯୁଗ୍ମ ଅଡିଟ୍ ନିରୀକ୍ଷଣ)***

ଅଧିକ ସମୀକ୍ଷାରୁ ଦେଖାଗଲା ଯେ:-

- ଆବଶ୍ୟକ ଜମି ନ ଥିବା 23ଟି ମହାବିଦ୍ୟାଳୟମାନଙ୍କ ମଧ୍ୟରୁ 13 ଟି କ୍ଷେତ୍ରରେ (ୟୁ.ୟୁ.05., ବି.ୟୁ;04 ଓ ଏସ.ୟୁ; 04) ଆଦୌ ଜମି ନ ଥିଲା । ବିଧାନ ଅନୁସାରେ ଆବଶ୍ୟକୀୟ ଜମି ଅଧିଗ୍ରହଣରେ ସହବନ୍ଧ ହେବା ପ୍ରାବଧାନ ଥିଲେ ମଧ୍ୟ ପ୍ରୋକ୍ତ ମହାବିଦ୍ୟାଳୟ ଗୁଡିକ ଭଡା ଗୃହରେ କାର୍ଯ୍ୟ କରୁଥିଲେ ।

- ବିଧାନ 193 ଅନୁସାରେ, ସହଶିକ୍ଷା ଅନୁଷ୍ଠାନମାନଙ୍କରେ ମହିଳା ବିଦ୍ୟାର୍ଥୀମାନଙ୍କ ପାଇଁ ଅଲଗା ପଢା ଗୃହ, ଜଳଖିଆ ଗୃହ ଓ ଅନ୍ୟ ଦରକାରୀ ସୁବିଧା ଯୋଗାଇ ଦେବା କଥା । 48 ଟି ଯାଞ୍ଚ୍ କରାଯାଇ ଥିବା ମହାବିଦ୍ୟାଳୟମାନଙ୍କ ମଧରୁ 12 ଟିରେ ଛାତ୍ରୀମାନଙ୍କ ପାଇଁ ବୈଠକ ଗୃହ ନଥିଲା ।

- ସେହିପରି, ଦୁଇଟି ମହାବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ପାଇଁ ପାଇଖାନା ନଥିଲା ।

- ଏହା ଦର୍ଶାଉଛି ଯେ, ବିୟୁ, ୟୁୟୁ ଓ ଏସୟୁ ଏବଂ ସହବନ୍ଧ ମହାବିଦ୍ୟାଳୟମାନଙ୍କରେ ଆବଶ୍ୟକ ଭିତ୍ତିଭୂମି ବିନା ଏସ.ଏଫ.ସି ପ୍ରଚଳନ ହେଉଛି । ଏହାସତ୍ତ୍ୱେ, ବିଧାନ 199 ପ୍ରାବଧାନ ମୁତାବକ ଏହି ଅନୁଷ୍ଠାନମାନଙ୍କରେ ଆଂଶିକ ସହବନ୍ଧ ଉଠାଇ ନିଆଯାଇ ନଥିଲା ।

ୟୁଜିସି (ବିଶ୍ୱବିଦ୍ୟାଳୟମାନଙ୍କ ଦ୍ୱାରା ମହାବିଦ୍ୟାଳୟଗୁଡିକୁ ସହବନ୍ଧ) ନିୟମ, 2009 ଖଣ୍ଡ 3 ଅନୁଯାୟୀ ଅସ୍ଥାୟୀ ସହବନ୍ଧ ପାଇଁ ଆବଶ୍ୟକୀୟ ସର୍ତ୍ତଗୁଡିକ ହେଲା- ଜମିର[37] କଳହହୀନ ମାଲିକାନା, ପ୍ରଶାସନ ଓ ଅଧ୍ୟାପନା କାର୍ଯ୍ୟ ପାଇଁ ପ୍ରଚୁର ଗୃହ, ଆବଶ୍ୟକ ପୁସ୍ତକ ଥାଇ ପାଠାଗାର, ସରଞ୍ଜାମ ଥାଇ ବିଜ୍ଞାନଗାର ଏବଂ ପାଣି, ବିଦ୍ୟୁତ୍, ପାଇଖାନା,

37 ସହରାଞ୍ଚଳରେ ଦୁଇ ଏକର ଏବଂ ଗ୍ରାମାଞ୍ଚଳରେ ପାଞ୍ଚ ଏକର

ନାଳ ପ୍ରଭୃତି ଭଳି ନାଗରିକ ସୁବିଧା ସବୁ ରହିବା କଥା । କିନ୍ତୁ ସମସ୍ତ ମହାବିଦ୍ୟାଳୟଗୁଡ଼ିକରେ ଏସବୁ ଭିତ୍ତିଭୂମିର ଅଭାବ ଥାଇ ମଧ୍ୟ ପାଠ୍ୟକ୍ରମ ପ୍ରଚଳନ ପାଇଁ ବିଶ୍ୱବିଦ୍ୟାଳୟମାନେ ଏମାନଙ୍କୁ ପ୍ରତିବର୍ଷ ସାମୟିକ ସହବନ୍ଧ ପ୍ରଦାନ କରିଥିଲେ ।

ଯାଞ୍ଚ କରାଯାଇଥିବା ବିଶ୍ୱବିଦ୍ୟାଳୟମାନଙ୍କର ପ୍ରତିନିଧିମାନେ ସେମାନଙ୍କର ପି.ଜି. ବିଭାଗମାନଙ୍କରେ ଏସ.ଏଫ.ସି ପାଠ୍ୟକ୍ରମ ପାଇଁ ସମସ୍ତ ସୁବିଧା ଉପଲବ୍ଧି କଥା ଦାବି କରୁଥିବା ବେଳେ (ମେ 2014) ସହବନ୍ଧ ମହା ବିଦ୍ୟାଳୟମାନଙ୍କରେ ଏସବୁ ସୁବିଧା ନଥିବା କଥା ସ୍ୱୀକାର କରିଥିଲେ ଏବଂ ଏସଏଫସି ପ୍ରଚଳିତ ଘରୋଇ ମହାବିଦ୍ୟାଳୟମାନଙ୍କୁ ସହବନ୍ଧ ପ୍ରଦାନ ପୂର୍ବରୁ ଉଚ୍ଚ ଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯୁଗ୍ମ ଯାଞ୍ଚ କରିବା ପାଇଁ ଅତିରିକ୍ତ ସଚିବଙ୍କୁ ଜଣାଇଥିଲେ । ଏ ବିଷୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅତିରିକ୍ତ ସଚିବ ନିଶ୍ଚିତ ଭରସା ଦେଇଥିଲେ(ମେ 2014) ।

### 3.1.5 ଶିକ୍ଷାର ଗୁଣବତ୍ତା ଏବଂ ପର୍ଯ୍ୟାପ୍ତତା

#### 3.1.5.1 ଦୁର୍ବଳ ଶିକ୍ଷାର୍ଥୀ –ଶିକ୍ଷକ ଅନୁପାତ

ବୈଷୟିକ ଓ ବୃତ୍ତିଗତ ବିଦ୍ୟାରେ ଗୁଣବତ୍ତା ଶିକ୍ଷାର ସୁନିଶ୍ଚିତ କରିବା ପାଇଁ ୟୁଜିସି / ଏଆଇସିଟିଇ ବିଭିନ୍ନ ପାଠ୍ୟକ୍ରମ ପାଇଁ ଶିକ୍ଷାର୍ଥୀ-ଶିକ୍ଷକ ଅନୁପାତ ବିହିତ କରିଥିଲେ ।

ଅଡିଟ ଅନୁଧ୍ୟାନ କଲା ଯେ ଏସ୍‌ଏଫସି ମାଧ୍ୟମରେ ବୃତ୍ତିଗତ ଓ ବୈଷୟିକ ପାଠ୍ୟକ୍ରମ ସଚାଳିତ କରୁଥିବା ନମୁନା ଯାଞ୍ଚ ବିଶ୍ୱବିଦ୍ୟାଳୟ ଏବଂ ସେମାନଙ୍କ ସହ ସହବନ୍ଧିତ ମହାବିଦ୍ୟାଳୟ ମାନେ ଆବଶ୍ୟକୀୟ ମାନାଦର୍ଶ ଠାରୁ କମ ଶିକ୍ଷକଙ୍କୁ ଶିକ୍ଷା ଦାନରେ ନିୟୋଜିତ କରୁଥିଲେ ।

- ବିଶ୍ୱବିଦ୍ୟାଳୟ ଦ୍ୱାରା ଚାଳିଥିବା ଏଗାରଟି ନମୁନା ଯାଞ୍ଚ ଏସ.ଏଫ.ସି ମଧ୍ୟରୁ ଛଅଟି ପାଠ୍ୟକ୍ରମ ପାଇଁ କୌଣସି ପୂର୍ଣ୍ଣ ସମୟ କିମ୍ବା ଚୁକ୍ତି ବଦ୍ଧ ଶିକ୍ଷକ ନିୟୋଜିତ ହୋଇ ନଥିବା ବେଳେ କେବଳ ଅତିଥି ଅନୁଷଦମାନେ(ଗେଷ୍ଟ ଫାକଲ୍ଟି) ନିୟୋଜିତ ହୋଇଥିଲେ ଏବଂ ପାଞ୍ଚଟି ପାଠ୍ୟକ୍ରମ ଶିକ୍ଷକଙ୍କ ଅଭାବ (31 ରୁ 75 ପ୍ରତିଶତ)ରେ ଚାଲୁଥିଲା, ଯେଉଁଠାରେ କି ଶିକ୍ଷକଙ୍କ ଆବଶ୍ୟକତାର ପରିମାପ ବିଦ୍ୟାର୍ଥୀଙ୍କର 2007 ରୁ 2013 ମଧ୍ୟରେ ସଂଖ୍ୟାକୁ ନେଇ ନିର୍ଦ୍ଧାରିତ ହୋଇଥିଲା, ଯାହା ନିମ୍ନ ସାରଣୀରେ ବର୍ଣ୍ଣିତ ।

**ସାରଣୀ 3.1.6: ବିଶ୍ୱବିଦ୍ୟାଳୟ ମଧ୍ୟରେ ଚାଲୁଥିବା ନମୁନା ଯାଞ୍ଚ ଏସ.ଏଫ.ସିରେ ନିୟମିତ/ଚୁକ୍ତି ବଦ୍ଧ ଶିକ୍ଷକଙ୍କ ଲବ୍ଧତା (ଅତିଥି ଅନୁସଦଙ୍କୁ ବାଦ୍ ଦେଇ)**

| କ୍ର.ସଂ | ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ | ଶିକ୍ଷକ ଛାତ୍ର ଅନୁପାତ | ଆବଶ୍ୟକ | ପ୍ରାପ୍ତ | ଅଭାବ ( ପ୍ରତିଶତ) |
|---|---|---|---|---|---|
| 1 | ଆଇଏମସିଏ, ଉତ୍କଳ ବିଶ୍ୱବିଦ୍ୟାଳୟ | 1:15 | 20 | 6 | 14 (70) |
| 2 | ଆଇଏମବିଏ, ଉତ୍କଳ ବିଶ୍ୱବିଦ୍ୟାଳୟ | 1:15 | 20 | 5 | 15(75) |
| 3 | ଏମ୍ ଫାର୍ମା, ଉତ୍କଳ ବିଶ୍ୱବିଦ୍ୟାଳୟ | 1:12 | 13 | 9 | 4(31) |
| 4 | ଏମ ଟେକ୍ ଆଇଟି, ଉତ୍କଳ | 1:15 | 5 | 0 | 5(100) |

| କ୍ର.ସଂ | ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ | ଶିକ୍ଷକ ଛାତ୍ର ଅନୁପାତ | ଆବଶ୍ୟକ | ପ୍ରାପ୍ତ | ଅଭାବ ( ପ୍ରତିଶତ) |
|---|---|---|---|---|---|
| | ବିଶ୍ୱବିଦ୍ୟାଳୟ | | | | |
| 5 | ଏମ ଟେକ୍ ସିଏସ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ | 1:12 | 4 | 0 | 4(100) |
| 6 | ଏମ ଟେକ୍ ଇଆଇଏସ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ | 1:12 | 3 | 0 | 3(100) |
| 7 | ଏମ ଫାର୍ମା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ | 1:12 | 10 | 4 | 6(70) |
| 8 | ଏମ ଟେକ୍ ସିଏସ, ସମ୍ବଲପୁର ବିଶ୍ୱବିଦ୍ୟାଳୟ | 1:12 | 2 | 0 | 2(100) |
| 9 | ଏମସିଏ, ସମ୍ବଲପୁର ବିଶ୍ୱବିଦ୍ୟାଳୟ | 1:15 | 7 | 0 | 7(100) |
| 10 | ଏମ୍ଏସସି, ବିଟି, ସମ୍ବଲପୁର ବିଶ୍ୱବିଦ୍ୟାଳୟ | 1:15 | 2 | 0 | 2(100) |
| 11 | ଏସୟୁଆଇଆଇଟିର ଆଇଟି | 1:15 | 25 | 8 | 17(68) |

***(ଉତ୍ସ: ବିଶ୍ୱବିଦ୍ୟାଳୟ ନଥିପତ୍ରରୁ ଲେଖାପରୀକ୍ଷା ଦ୍ୱାରା ସଂକଳିତ)***

- ଅନୁବନ୍ଧିତ ମହାବିଦ୍ୟାଳୟ କ୍ଷେତ୍ରରେ ଓୟୁଏଫଏସ ର ବିଧାନ 172 (2) ନିର୍ଦ୍ଧାରଣ କରେ କି ମହା ବିଦ୍ୟାଳୟ ମାନେ ମାନାଦର୍ଶ ଏବଂ ମାପଦଣ୍ଡ ଅନୁସାରେ ଯୋଗ୍ୟ ଶିକ୍ଷକ ନିଯୁକ୍ତି କରିବେ । ଉଚ୍ଚ ଶିକ୍ଷା ବିଭାଗ ବିବିଏ ଓ ବିସିଏ ପାଠ୍ୟକ୍ରମ ପାଇଁ ତିରିଶି ଜଣ ବିଦ୍ୟାର୍ଥୀଙ୍କ ପାଇଁ ତିନୋଟି ଶିକ୍ଷକ ନିଯୁକ୍ତି ପାଇଁ ମାନାଦର୍ଶ ସ୍ଥିର କରିଥିଲେ । ଅଡିଟ ଅନୁଧ୍ୟାନ କଲା ଯେ 48 ଟି ଅନୁମୋଦିତ ମହା ବିଦ୍ୟାଳୟରୁ 13 ଟିରେ ସ୍ଥିରୀକୃତ ମାନଦଣ୍ଡ ଅନୁସାରେ 119 ଜଣ ଶିକ୍ଷକଙ୍କର ଆବଶ୍ୟକତା ଥିବା ବେଳେ ମାତ୍ର 71 ଜଣ ଶିକ୍ଷକ ଉପଲବ୍ଧ ଥିଲେ । ଫଳରେ ମାର୍ଚ୍ଚ 2012 ସୁଦ୍ଧା 48 ଜଣ ଶିକ୍ଷକ (ଚାଳିଶି ପ୍ରତିଶତ ) ଙ୍କର ଅଭାବ ଥିଲା । ଉପରୋକ୍ତ 13 ଟି ମହାବିଦ୍ୟାଳୟ ମଧ୍ୟରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନରେ ଗୋଟିଏ ଅନୁମୋଦିତ ମହା ବିଦ୍ୟାଳୟରେ ଶିକ୍ଷକଙ୍କର ଅଭାବ 67 ପ୍ରତିଶତ ଥିଲା । ଯେଉଁଠିକି 12 ଜଣ ଶିକ୍ଷକଙ୍କର ଆବଶ୍ୟକ ସ୍ଥଳେ ମାତ୍ର ଚାରିଜଣ ଶିକ୍ଷକ ଥିଲେ ।

ବିଶ୍ୱବିଦ୍ୟାଳୟମାନେ ଅବମାନନାକାରୀ ମହା ବିଦ୍ୟାଳୟମାନଙ୍କ ବିପକ୍ଷରେ ଉପରୋକ୍ତ ବୈଧାନିକ ବ୍ୟବସ୍ଥାର ପ୍ରୟୋଗ ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ । ଏତତ୍ ଦ୍ୱାରା ସେହିସବୁ ମହା ବିଦ୍ୟାଳୟରେ ଉଚ୍ଚ କୋଟିର ଶିକ୍ଷା ପ୍ରଦାନ କ୍ଷେତ୍ରରେ ଆବଶ୍ୟକତା ସହିତ ସାଲିସ କରାଯାଇଥିଲା । ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ଅଭାବ ଯୋଗୁଁ ପାଠ୍ୟକ୍ରମ ସଂପୂର୍ଣ୍ଣ ହୋଇ ପାରୁ ନଥିଲା, ବିଭିନ୍ନ ପାଠ୍ୟକ୍ରମର ସଂଯୁକ୍ତ ଶ୍ରେଣୀ ନିଆଯାଉଥିଲା,ଛୁଟି ଦିନରେ ପାଠ ପଢା ଯାଉଥିଲା ଏବଂ ଶିକ୍ଷା ସଂପର୍କିତ କାର୍ଯ୍ୟକଳାପ ଯଥା ଅଧ୍ୟୟନ, ଯାତ୍ରା ପାଠ୍ୟଚକ୍ର ଇତ୍ୟାଦି ଯାହା ବିଦ୍ୟାର୍ଥୀ ମାନଙ୍କୁ ଉଦ୍ଭାସନ ଦେବା ପାଇଁ ବିସ୍ତୃତ ହୋଇ ପାରୁ ନଥିଲା , ଯାହା ପରବର୍ତ୍ତୀ ***ଅନୁଚ୍ଛେଦ 3.1.5.6*** ଏବଂ ***3.1.5.7*** ରେ ବର୍ଣ୍ଣିତ ।

ପ୍ରସ୍ଥାନ ସମ୍ମିଳନୀରେ ନମୁନା ଯାଞ୍ଚ ବିଶ୍ୱବିଦ୍ୟାଳୟ ମାନଙ୍କର ପ୍ରତିନିଧିମାନେ ମତ ଦେଇଥିଲେ କି ଯେହେତୁ ଏସଏଫସି ପାଠ୍ୟକ୍ରମ ପାଇଁ ନିୟମିତ ଅନୁସତ୍ ନିଯୁକ୍ତି ନିମନ୍ତେ କୌଣସି ପ୍ରବନ୍ଧ ନଥିଲା, ତେଣୁ ମୁଖ୍ୟତଃ ସୁନିଶ୍ଚିତ ଚୁକ୍ତିବଦ୍ଧ ଶିକ୍ଷକ ଏବଂ ଅତିଥି ଅନୁଷଦ୍ଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯାଉଥିଲା ।

### 3.1.5.2 ଏନଇଟି ପାସ କରି ନଥିବା ବ୍ୟକ୍ତିଙ୍କୁ ଚୁକ୍ତିବନ୍ଧ ଶିକ୍ଷକ ହିସାବରେ ନିଯୁକ୍ତି ଦିଆଯିବ

ଉତ୍କଳ ବିଶ୍ୱବିଦ୍ୟାଳୟର ଏସଏଫସି ମାର୍ଗଦର୍ଶିକାର ଧାରା 23 ରେ ୟୁଜିସି /ଏଆଇସିଟିଇ ଦ୍ୱାରା ସ୍ଥିରୀକୃତ ଯୋଗ୍ୟତା ସହିତ ଖାପ ଖୁଆଇ ଅନୁଲଗ୍ନ ଅଧ୍ୟାପକ /ପ୍ରାଧ୍ୟାପକ/ ପ୍ରଫେସରମାନଙ୍କର ଚୁକ୍ତି ଭିତ୍ତିରେ[38] ନିଯୁକ୍ତି ଏକ ବର୍ଷ ନିମନ୍ତେ ଅନୁମତି ଦିଆଯାଇଥିଲା । ଏହି ଶିକ୍ଷକ ମାନଙ୍କୁ ମନୋନୟନ କମିଟିର ସୁପାରିଶ ଅନୁସାରେ ଖୋଲା ବିଜ୍ଞାପନ ମାଧ୍ୟମରେ ମନୋନିତ କରାଯିବା କଥା ।

ୟୁଜିସି ମାନାଦର୍ଶ ଅନୁସାରେ ସହାୟକ ପ୍ରଫେସର/ ଅଧ୍ୟାପକ ନିଯୁକ୍ତି ପାଇଁ ଜାତୀୟ ଯୋଗ୍ୟତା ପରୀକ୍ଷା (ଏନଇଟି) ପାସ କରିବା ବାଧ୍ୟତା ମୂଳକ ଅଟେ । କେବଳ ପିଏଚଡି ଯୋଗ୍ୟତା ଥିବା ବ୍ୟକ୍ତି ମାନଙ୍କୁ ରିହାତି ମିଳୁଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟ ଆଇଏମସିଏ ପାଠ୍ୟକ୍ରମ ପାଇଁ 13 ଜଣ ଚୁକ୍ତି ବନ୍ଧ ଅଧ୍ୟାପକ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶ[39] କରିଥିଲା । ଏ କ୍ଷେତ୍ରରେ ଏନଇଟି/ ପିଏଚଡି ଯୋଗ୍ୟତାକୁ କେବଳ ଏକ ପସନ୍ଦ ଯୋଗ୍ୟ ଯୋଗ୍ୟତା କରାଯାଇଥିଲା । ଯଦିଓ ଅଧ୍ୟାପକ ନିଯୁକ୍ତି ପାଇଁ ଏହା ବାଧ୍ୟତା ମୂଳକ ଥିଲା । ବିଜ୍ଞାପନର ଜବାବରେ ଆବେଦନ କରିଥିବା ଏନଇଟି କିମ୍ବା ପିଏଚଡି ଯୋଗ୍ୟତା ନଥିବା ସମସ୍ତ 121 ପ୍ରାର୍ଥୀ ମଧ୍ୟରୁ 13 ପ୍ରାର୍ଥୀଙ୍କୁ ଅଧ୍ୟାପକ ମନୋନିତ କରାଗଲା । ଏହି ଅଧ୍ୟାପକମାନେ 12 ରୁ 61 ମାସ ଧରି ଚାକିରି କରିଥିଲେ(ଫେବୃୟାରୀ 2013) । ଆଇଏମସିଏ ଉପରେ ହୋଇଥିବା ବୈଠକ (15 ଫେବୃଆରୀ 2008)ର ବିବରଣୀ ଅନୁସାରେ ଏମାନଙ୍କ ମଧ୍ୟରୁ କେତେ ଜଣ ଅଧ୍ୟାପକଙ୍କର କାର୍ଯ୍ୟ ସଂପାଦନ ନିମ୍ନ ମାନର ଥିଲା ଏବଂ ସେହି ଶିକ୍ଷକମାନଙ୍କୁ ଉନ୍ନତି କରିବା ପାଇଁ ଅନୁଦେଶ ଜାରୀ କରାଯାଇଥିଲା । ଏହି ଅଧ୍ୟାପକ ମାନଙ୍କର ଦରମା ଭତ୍ତା ବାବଦରେ ଜାନୁୟାରୀ 2013 ସୁଦ୍ଧା ସମୁଦାୟ 52.07 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ଯାହା ସଂପୃକ୍ତ ବିଭାଗ ଏସଏଫ୍‌ସି ପାଣ୍ଠିରୁ କରାଯାଇଥିଲା ।

### 3.1.5.3 ସର୍ବନିମ୍ନ ଯୋଗ୍ୟତା ନ ଥିବା ଅଧ୍ୟାପକଙ୍କର ନିଯୁକ୍ତି

ଏସଏଫ୍‌ସି ରେ ଯଥେଷ୍ଟ ଯୋଗ୍ୟତା ନ ଥାଇ ଶିକ୍ଷକଙ୍କର ନିଯୁକ୍ତିରେ ପରିଲକ୍ଷିତ ହୋଇଥିବା ଅନିୟମିତତା ଗୁଡିକ ନିମ୍ନରେ ବର୍ଣ୍ଣନା କରାଗଲା ।

- ଏଆଇସିଟିଇ ମାନାଦର୍ଶ ଅନୁସାରେ ଫାର୍ମାସିରେ ପ୍ରଫେସର ପଦବୀ ପାଇଁ ସର୍ବନିମ୍ନ ଯୋଗ୍ୟତା ଓ ଅଭିଜ୍ଞତା ହେଲା ଫାର୍ମାସିରେ ସ୍ନାତକୋତ୍ତର ଏବଂ ପିଏଚଡି କିମ୍ବା ଉପରୋକ୍ତ ଶୃଙ୍ଖଳାରେ ସର୍ବନିମ୍ନ 10 ବର୍ଷର ଶିକ୍ଷାଦାନ/ ଗବେଷଣା /ଶିଳ୍ପଗତ ଅଭିଜ୍ଞତା ଥିବା ଆବଶ୍ୟକ ଯାହା ମଧ୍ୟରୁ ଅତି କମରେ ପାଞ୍ଚ ବର୍ଷ ସହଯୋଗୀ ପ୍ରଫେସର ରହିଥିବା ଉଚିତ୍ ।

  ଅଡିଟ ଦେଖିଲା ଯେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜଣେ ଫାର୍ମାସୀ ପ୍ରଫେସରଙ୍କୁ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦେଇଥିଲା (ନଭେମ୍ବର 2008) ଯଦିଓ ସେହି ପ୍ରାର୍ଥୀଙ୍କର କେବଳ ନଅ ବର୍ଷର ଶିକ୍ଷକତା ଅଭିଜ୍ଞତା ଥିଲା ଏବଂ ସହଯୋଗୀ ପ୍ରଫେସରର କୌଣସି ଅଭିଜ୍ଞତା ନ ଥିଲା ।

  ଏ ବିଷୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅତିରିକ୍ତ ସଚିବ, ସଂପୃକ୍ତ ବିଶ୍ୱବିଦ୍ୟାଳୟକୁ ମେ 2014 ରେ ଅନୁଦେଶ ଦେଇଥିଲେ ।

---

38 ମାସିକ ଦରମା: ଅଧ୍ୟାପକମାନଙ୍କ ପାଇଁ 10,000 ଟଙ୍କା, ପ୍ରଧ୍ୟାକମାନଙ୍କ ପାଇଁ 15,000 ଟଙ୍କା ଏବଂ ପ୍ରଫେସରଙ୍କ ପାଇଁ 20,000 ଟଙ୍କା

39 6 ଡିସେମ୍ବର 2005, 14 ନଭେମ୍ବର 2007 ଏବଂ 22 ନଭେମ୍ବର 2010

- ପୁନଶ୍ଚ ୟୁଜିସି / ଏଆଇସିଟିଇ ମାନାଦର୍ଶ ଅନୁସାରେ ସହାୟକ ପ୍ରଫେସର ପଦବି ପାଇଁ ସ୍ନାତକୋତ୍ତର ପରୀକ୍ଷା ରେ ଅତି କମରେ 55 ପ୍ରତିଶତ ରଖିଥିବା ଏବଂ ବିଦ୍ୟାଗତ ସୁନାମ ଥିବା ବ୍ୟକ୍ତି ଯୋଗ୍ୟ ଅଟନ୍ତି ।

  ଅଡିଟ ଦେଖିଲା ଯେ ତିନିଜଣ ବ୍ୟକ୍ତିଙ୍କୁ ସହାୟକ ପ୍ରଫେସର ପଦବିରେ ମନୋନିତ ଏବଂ ନିଯୁକ୍ତି କରାଯାଇଥିଲା (ଜୁଲାଇ 2011) ଯାହା ମଧ୍ୟରୁ ଜଣେ ନିଯୁକ୍ତିର 13 ମାସ ପରେ ସ୍ନାତକୋତ୍ତର ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିଲା (ଅଗଷ୍ଟ 2012) ।

  ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ନିବନ୍ଧକ ବ୍ୟକ୍ତ କଲେ (ସେପ୍ଟେମ୍ବର 2013) ଯେ ଉକ୍ତ ପ୍ରାର୍ଥୀର ଅର୍ଜିତ ଯୋଗ୍ୟତା (ବିଇ) ଏଆଇସିଟିଇ ଆବଶ୍ୟକ କରୁଥିବା ସର୍ବନିମ୍ନ ଯୋଗ୍ୟତା ପୁରଣ କରୁଥିଲା । ଏହି ଉତ୍ତର ଠିକ ନ ଥିଲା । ଯେହେତୁ ଏଆଇସିଟିଇ ସହାୟକ ପ୍ରଫେସର ପଦବୀ ପାଇଁ ଏମଇ/ଏମଟେକ ସହିତ ବିଇ.ବିଟେକ ଅତିରିକ୍ତ ଯୋଗ୍ୟତା ହିସାବରେ ବିଶେଷିତ କରିଥିଲା । ଅତିରିକ୍ତ ସଚିବ ସଂପୃକ୍ତ ବିଶ୍ୱବିଦ୍ୟାଳୟ ମାନଙ୍କୁ ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ (ମେ 2014) ।

### *3.1.5.4 ବିହିତ ଅବଧି ବାହାରେ ଅନୁଷଦ ନିୟୋଜନ*

ଅଗଷ୍ଟ 2005ରେ ଜାରି କରାଯାଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଏସଏଫସି ମାର୍ଗଦର୍ଶିକାର ଅନୁଚ୍ଛେଦ 23 ଅନୁସାରେ ଅଧ୍ୟାପକ/ ପ୍ରଧ୍ୟାପକ/ ପ୍ରଫେସରଙ୍କର ଚୁକ୍ତି ଭିତ୍ତିରେ ନିୟୋଜନ ଏକ ବର୍ଷ ପାଇଁ କରାଯାଇପାରିବ । ଏହି ପ୍ରସଙ୍ଗକୁ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ନିମାସା କରି କହିଥିଲା (ସେପ୍ଟେମ୍ବର 2010) ଯେ ଚୁକ୍ତିବଦ୍ଧ ଶିକ୍ଷକମାନଙ୍କର ଅବଧି ଆଉ ଏକ ବର୍ଷ ସମୟ ସଂପ୍ରସାରଣ କରାଯାଇ ପାରିବ ଏବଂ ଏହି କାର୍ଯ୍ୟକାଳ ସରିବା ପୂର୍ବରୁ ସଦ୍ୟ ମନୋନୟନ ପ୍ରକ୍ରିୟା କରାଯିବା କଥା ।

ଅଡିଟ ଅନୁଧ୍ୟାନ କଲା ଯେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇଏମବିଏ ପାଠ୍ୟକ୍ରମ ପାଇଁ ପାଞ୍ଚ ଜଣ ଅଧ୍ୟାପକଙ୍କୁ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦେଇଥିଲା (ଅକ୍ଟୋବର-2007 ଏବଂ ମେ 2008) ଯେଉଁମାନେ ଆଜି ସୁଦ୍ଧା ଚାରି ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଛନ୍ତି (ସେପ୍ଟେମ୍ବର 2013) ଏବଂ ସଦ୍ୟ ମନୋନୟନ ପ୍ରକ୍ରିୟାକୁ ନ ଯାଇ ପ୍ରତି ବର୍ଷ କାର୍ଯ୍ୟକାଳ ବଢାଇ ଚାଲିଛନ୍ତି ।

ଅତିରିକ୍ତ ସଚିବ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟମାନଙ୍କୁ ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ (ମଇ 2014) ।

### *3.1.5.5 ଆବଶ୍ୟକ ବିଶେଷଜ୍ଞତା ନଥାଇ ଅନୁଷଦ୍‌ମାନଙ୍କୁ ବଛାଯିବା*

2008-09 ଅଧିବେଶନ ଠାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ(ଏଚ୍ ଆଣ୍ଡ ଏଫ୍‌ଡବ୍ଲ୍ୟୁ) ବିଭାଗ (ଅଗଷ୍ଟ 2009) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏମ୍ ଫାର୍ମା ପାଠ୍ୟକ୍ରମ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ 2008-09 ଠାରୁ ଦୁଇଟି ବିଶେଷଜ୍ଞତା ଥିବା ପାଠ୍ୟକ୍ରମ ଯଥା ଭେଷଜ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା(ପିସିଟି) ଏବଂ ଭେଷଜ ବିଜ୍ଞାନ ବିଶ୍ଳେଷଣ ଏବଂ ଗୁଣବତ୍ତା ଭରସା ଦେବା (ଏକ୍ୟୁଏ) ଏବଂ 2009-10 ଠାରୁ ଅନ୍ୟ ବିଶେଷଜ୍ଞତା ଯଥା ଭେଷଜ ବିଜ୍ଞାନ (ପିସିଏସ) ଆରମ୍ଭ କରିଥିଲା ।

ଯାହାହେଉ, ଅଡିଟ୍ ଦ୍ୱାରା ଦେଖାଗଲା ଯେ ପାଠ୍ୟକ୍ରମଗୁଡ଼ିକ ପ୍ରଚଳନ ପାଇଁ ଦରକାର ଥିବା ବିଶେଷଜ୍ଞତା ନଥାଇ ଅନୁଷଦ୍‌ମାନେ ବଛା ଯାଇଥିଲେ ଯେଉଁଟାକୁ ଅନ୍ୟ ବିଶେଷଜ୍ଞତା ଥିବା ଲୋକମାନଙ୍କ ଦ୍ୱାରା ଚଳା ଯାଇଥିଲା ଯାହାର ବର୍ଣ୍ଣନା ନିମ୍ନରେ ଦିଆଗଲା ।

- 2008-09 ବର୍ଷରେ ପିସିଟି ପାଇଁ ଦରକାର ଥିବା ବିଶେଷଜ୍ଞତା ଅନୁଷଦମାନଙ୍କର ବିଜ୍ଞାପନ ପରିବର୍ତ୍ତେ ପିସିଏସ୍ ପାଇଁ(ନଭେମ୍ବର 2008) କରାଗଲା । ସୁତରାଂ ପିସିଟି ବିଶେଷଜ୍ଞତା ଥିବା ଅନୁଷଦଙ୍କୁ(ନଭେମ୍ବର 2008) ନିଯୁକ୍ତ କରାଗଲା ଯେଉଁଥି ପାଇଁ ବିଜ୍ଞାପନ କରାଯାଇ ନଥିଲା ।

- ଔଷଧ ଶିଳ୍ପ ପ୍ରସ୍ତୁତି ବିଶେଷଜ୍ଞତା ଥିବା ଜଣେ ଶିକ୍ଷକଙ୍କୁ(ନଭେମ୍ବର 2008) ନିଯୁକ୍ତି ଦିଆଯାଇଥିଲା ଯେଉଁଥିପାଇଁ କୌଣସି ବିଜ୍ଞାପନ କରାଯାଇ ନଥିଲା କିମ୍ୱା ବିଶ୍ୱବିଦ୍ୟାଳୟ ଦ୍ୱାରା ସେପରି ପାଠ୍ୟକ୍ରମ ପ୍ରଚଳନ କରିନଥିଲା ।

  2009-10 ଠାରୁ ପିସିଏସ୍ ବିଶେଷଜ୍ଞତା ଥିବା ପାଠ୍ୟକ୍ରମ ଖୋଲାଯାଇଥିଲେ ମଧ୍ୟ ଏହା ପରିବର୍ତ୍ତେ ଏକ୍ୟୁଏ ଏବଂ ପିସିଏସ୍ ପାଇଁ (ସେପ୍ଟେମ୍ବର 2010) ବିଜ୍ଞାପନ କରାଯାଇଥିଲା ଯେଉଁଥିରେ ତିନି ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା ।

- ଯଦିଓ 2008-09 ଠାରୁ ବିଶ୍ୱବିଦ୍ୟାଳୟର ଏକ୍ୟୁଏ ପାଠ୍ୟକ୍ରମ ଚାଲୁଥିଲା ଏହିଥିରେ କୌଣସି ପ୍ରାସଙ୍ଗିକ ବିଶେଷଜ୍ଞତା ଥିବା ଅନୁଷଦ ଏଠାରେ ନଥିଲେ ଯେଉଁଥି ପାଇଁ କୌଣସି ଲିଖିତ କାରଣ ଦର୍ଶାଯାଇ ନଥିଲା । ଏଠାରେ ଦେଖାଯାଇଥିଲା ଯେ ଏକ୍ୟୁଏରେ ବିଶେଷଜ୍ଞତା ପାଠ୍ୟ କ୍ରମ ପାଇଁ ଛାତ୍ରଛାତ୍ରୀମାନଙ୍କର ପଞ୍ଜିକରଣ ହ୍ରାସ ପାଇଥିଲା ଯାହା 2008-09 ରେ 20 ଟି ଥିଲା ବେଳେ 2011-12 ରେ ଗୋଟିଏ ମାତ୍ର ଥିଲା ।

ପାଠ୍ୟକ୍ରମ ସଂଯୋଜକ (ସିସି) ଦର୍ଶାଇଥିଲେ (ଜୁନ୍ 2009) ଯେ, ଏଥିରେ ତିନି ଜଣ ନିଯୁକ୍ତି ପାଇଥିଲେ, ଯେଉଁମାନଙ୍କର ବିଶେଷଜ୍ଞତାରେ କାର୍ଯ୍ୟଦକ୍ଷତା ନଥିଲା । ସେଥିପାଇଁ ଶିକ୍ଷାଦାନ ପାଇଁ ଅତିଥି ଅନୁସଦ୍‌ମାନଙ୍କର ବ୍ୟବସ୍ଥା କରାଯାଇଥଲା ।

ଏହି ବିଷୟରେ ସଂପୃକ୍ତ ବିଶ୍ୱବିଦ୍ୟାଳୟ ଗୁଡ଼ିକ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଶାସନ ସଚିବ (ମେ 2014) ରେ ନିର୍ଦ୍ଦେଶ ଦେଇଥିଲେ ।

### *3.1.5.6 ପାଠ୍ୟକ୍ରମର ବିସ୍ତୃତରେ ସ୍ୱଚ୍ଛତା*

ଏସ୍ଏଫ୍ସି ମାର୍ଗଦର୍ଶିକା ଅନୁସାରେ ପ୍ରତି ବିଭାଗର ବିଦ୍ୟାଗତ କମିଟି ଯେଉଁଥିରେ ସିସି କମିଟିର ଆବାହକ ଥାଆନ୍ତି ସେମାନେ ପାଠ୍ୟ ସୂଚୀ, ପାଠ୍ୟକ୍ରମ ସାରଣୀ ଇତ୍ୟାଦି ପ୍ରସ୍ତୁତ କରିଥାଆନ୍ତି । ବିଶ୍ୱବିଦ୍ୟାଳୟର ବିଭିନ୍ନ ପିଜି ବିଭାଗ ଦ୍ୱାରା ପରିଚାଳିତ ଏସଏଫସି ପାଠ୍ୟକ୍ରମର ଶ୍ରେଣୀ ସଂଖ୍ୟା ପିଜି ବିଭାଗ ବିଭିନ୍ନ କୋର୍ସ ପାଇଁ ସ୍ଥିରୀକୃତ କରିଥାଏ । ତଦନୁସାରେ ଏମଏସସି ବିଟି (ଏସୟୁ) ପାଠ୍ୟକ୍ରମକୁ ଛାଡି(ଯାହାପାଇଁ 32 ଟି କ୍ଲାସ ଦରକାର ହୋଇଥାଏ) ବାକି ସମସ୍ତ ପାଠ୍ୟକ୍ରମର ପ୍ରତ୍ୟେକ ପେପର ଲାଗି 40 ଟି କ୍ଲାସ ଦରକାର ହୋଇଥାଏ ।

2007-12 ମଧ୍ୟରେ ଅଡିଟରେ ଯାଞ୍ଚ କରାଯାଇଥିବା 11 ଟି ପାଠ୍ୟକ୍ରମ ମଧ୍ୟରୁ ସାତଟି[40]ର ଅନ୍ତର୍ଭୁକ୍ତ ଥିବା 346 ବିଷୟରେ ଥିଓରି କ୍ଲାସ ଦେବାରେ ହାରାହାରି 24 ପ୍ରତିଶତ କମ୍ ହୋଇଥିଲା । 2007-12 ରୁ ସବୁ ବର୍ଷରେ ବିୟୁରେ ଅନ୍ତର୍ଭୁକ୍ତ ଥିବା ଏମ୍ ଟେକ୍ (ସିଏସ) ର ସବୁ 15 ଟି ବିଷୟରେ ନିଆଯାଇଥିବା କ୍ଲାସ୍ କମ୍ ଥିଲା(23 ପ୍ରତିଶତ) । ବିୟୁର ଏମ୍.ଫାର୍ମାରେ ସେହିଭଳି ଅବସ୍ଥା ରହିଥିଲା ଯେଉଁଥିରେ କି ସବୁ 24 ଟି ବିଷୟରେ ନିଆଯାଇଥିବା କ୍ଲାସ୍ ସଂଖ୍ୟା ଅପ୍ରତୁର ଥିଲା । 2008-12 ମଧ୍ୟରେ ଦରକାର ଥିବା 2880 କ୍ଲାସ ମଧ୍ୟରୁ 2344 କ୍ଲାସ୍ ନିଆଯାଇଥିଲା । ରାଷ୍ଟ୍ରୀୟ ଏବଂ ଅଲଗା ଛୁଟିରେ 981 ଟି କ୍ଲାସ୍ ନିଆଯିବା ସତ୍ତ୍ୱେ ମଧ୍ୟ ଏହା କମ୍ ଥିଲା ।

ଉପରୋକ୍ତ ସାତଟି ପାଠ୍ୟକ୍ରମ ମଧ୍ୟରୁ ଚାରୋଟି ପାଠ୍ୟକ୍ରମରେ ପୂର୍ଣ୍ଣ ସମୟ ଅନୁସଦ ନଥିଲେ ଏବଂ ଏହି ପାଠ୍ୟକ୍ରମଗୁଡିକ ପିଜି ବିଭାଗର ନିୟମିତ ଓ ଅତିଥି ଅନୁଷଦ୍‌ମାନଙ୍କ ଦ୍ୱାରା ପରିଚାଳନ କରାଯାଇଥିଲା । ବାକି ତିନୋଟି ପାଠ୍ୟକ୍ରମରେ ଅନୁସଦମାନଙ୍କର ସଂଖ୍ୟା 31 ପ୍ରତିଶତରୁ 75 ପ୍ରତିଶତ ପର୍ଯ୍ୟନ୍ତ କମ୍ ଥିଲା ଯାହା ପୂର୍ବ ***ଅନୁଚ୍ଛେଦ 3.1.5.1*** ରେ ଆଲୋଚିତ ହୋଇଛି ।

ଯାଞ୍ଚ କରାଯାଇଥିବା ସବୁ ତିନୋଟି ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ ଦର୍ଶାଇଥିଲେ ଯେ ଏହି ସବୁ ମାମଲାରେ କମ୍ ପାଠ୍ୟ ଘଣ୍ଟିକା ଦେଇ ମଧ୍ୟ ସବୁ ପାଠ୍ୟସୂଚୀ ପୂର୍ଣ୍ଣ କରାଯାଇଥିଲା ଏବଂ ଦରକାର ବେଳେ କ୍ଲାସ୍ ଗୁଡିକ ରବିବାର/ ଛୁଟିଦିନ ମାନଙ୍କରେ ଏବଂ ସଧାରଣ ପିରିୟଡ୍ ପରେ ଅତିରିକ୍ତ ସମୟ ବ୍ୟବହାର କରାଯାଇ ସମ୍ପୂର୍ଣ୍ଣ କରାଯାଇଥିଲା । ସେମାନେ ଦର୍ଶାଇଥିଲେ ଯେ ଏବେ ସୁଦ୍ଧା ଛାତ୍ରଛାତ୍ରୀମାନେ ପରୀକ୍ଷାରେ ପାରଦର୍ଶୀ ହେଲେଣି ଏବଂ କେତେକ ଛାତ୍ର ବୃତ୍ତି ପାଇସାରିଲେଣି ଯାହା ପାଠ୍ୟକ୍ରମ ସଂପୂର୍ଣ୍ଣ ବିନା ଅସମ୍ଭବ । ସେ ଯାହାହେଉ, ଅତିରିକ୍ତ କ୍ଲାସ ନେବା ସତ୍ତ୍ୱେ ଆବଶ୍ୟକ କ୍ଲାସ ସଂଖ୍ୟା କମ୍ ଥିଲା ।

### *3.1.5.7 ବିଭିନ୍ନ ପାଠ୍ୟକ୍ରମରେ ଯୁଗ୍ମ କ୍ଲାସ୍ ନିଆଯିବା*

ପୁନଶ୍ଚ, ଏହା ଦେଖାଗଲା ଯେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଗୋଟିଏ ଶ୍ରେଣୀ ଗୃହରେ ବିଭିନ୍ନ ପାଠ୍ୟକ୍ରମର ବିଦ୍ୟାର୍ଥୀମାନଙ୍କର (ଏସ୍‌ଏଫ୍‌ସି ସହିତ ସାଧାରଣ, ପିଜି ସହିତ ୟୁଜି ଏସଏଫସି) ଏକତ୍ର ଭାବରେ କ୍ଲାସ୍ ନିଆଯାଇଥିଲା । 2007-13 ମଧ୍ୟରେ 29 ବିଷୟରେ ପାଠ୍ୟକ୍ରମ ଚଳାଇବା ପାଇଁ 2662 ଯୁଗ୍ମ କ୍ଲାସ୍ ନିଆଯାଇଥିଲା ।

- ସମ୍ବଲପୁର ବିଶ୍ୱବିଦ୍ୟାଳର ଆଇଟିରେ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରମାନଙ୍କ ଲାଗି ଗୋଷ୍ଠୀଗତ କ୍ଲାସ୍ ନିଆଯାଇଥିଲା । 2011-13 ମଧ୍ୟରେ ଏମସିଏ, ଏସଏସସି(ସିଏସ୍) ପିଜି ପାଠ୍ୟକ୍ରମର 13 ଗୋଟି ବିଷୟରେ 432 ଟି ଗୋଷ୍ଠୀଗତ କ୍ଲାସ୍ ବିଟେକ୍(ଇସିଇ ଏବଂ ସିଏସଇ) ଛାତ୍ରମାନଙ୍କ ସହିତ ନିଆଯାଇଥିଲା ।

- ସେହିଭଳି ଭାବରେ ଏସୟୁଆଇଆଇଟି ର 2008-13 ମଧ୍ୟରେ ଏସଏଫସି କମ୍ପ୍ୟୁଟର ବିଜ୍ଞାନ ଏବଂ ଏମ ଟେକ୍ – କମ୍ପ୍ୟୁଟର ବିଜ୍ଞାନ)ର ଆଠଟି ବିଷୟରେ 302 ଟି ଗୋଷ୍ଠୀ ଗତ ଶ୍ରେଣୀ ନିଆଯାଇଥିଲା ।

---

[40] ୟୁୟୁ: ଆଇଏମସିଏ, ଆରଏମ୍‌ବିଏ, ବିୟୁ: ଏମ୍ ଫାର୍ମା, ଏମ୍ ଟେକ୍ ସିଏସ୍, ଏସୟୁ: ଏମସିଏ, ଏମ ଟେକ୍ ସିଏସ୍ ଏବଂ ଏମଏସିସି(ବିଟ)

- ଏସଏଫସିର ଏମଏସସି(ବିଟି) କ୍ଷେତ୍ରରେ 2007-13 ମଧ୍ୟରେ 12 ଟି ବିଷୟରେ 2087 ଟି କ୍ଲାସ୍ ଏସୟୁର ଏସଏଫସି ନଥିବା ନିୟମିତ ଏମଏସସି (ଜୀବ ବିଜ୍ଞାନ) ଛାତ୍ରମାନଙ୍କ ସହିତ ମିଳିତ ଭାବରେ ନିଆଯାଇଥିଲା ।

ଏହିପରି ଭାବେ ଦରକାରୀ ମୁତାବକ ଶିକ୍ଷକମାନଙ୍କୁ ନିଯୁକ୍ତି ନଦେବା, ଅତିଥି ଅନୁଷଦମାନଙ୍କ ଉପରେ ନିର୍ଭରତା, ମିଳିତ ଭାବରେ ଶ୍ରେଣୀ ନେବା ଇତ୍ୟାଦି କାରଣ ଛାତ୍ରଛାତ୍ରୀମାନଙ୍କୁ ଉତ୍କୃଷ୍ଟ ମାନର ଶିକ୍ଷା ନ ମିଳିବା ଦର୍ଶାଇଥାଏ ।

ସମସ୍ତ ତିନୋଟି ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ ସତ୍ୟତାକୁ କାଏମ୍ ରଖି ଜବାବ୍ ଦେଇଥିଲେ(ମେ 2014) ଯେ ପାଠ୍ୟ ସୂଚୀର ସମୟୋପରି ଶେଷ କରିବା ଉଦ୍ଦେଶ୍ୟରେ ଗୋଷ୍ଠୀଗତ ପାଠ୍ୟ ସୂଚୀ ନିଆଯାଇଥିଲା ।

### *3.1.5.8 ଅପ୍ରଚୁର ନିଯୁକ୍ତି ସୁଯୋଗ*

ଏସଏଫସି ଚାଲିବାର ଉଦ୍ଦେଶ୍ୟ ହେଉଛି କୃତକାର୍ଯ୍ୟ ହୋଇଥିବା ଛାତ୍ରମାନଙ୍କୁ ଉଚିତ୍ ନିଯୁକ୍ତି ଦେବା । କୁଳପତିଙ୍କ ସମ୍ମିଳନୀ(ସେପ୍ଟେମ୍ବର 2005) ରେ ଏହା ଗୁରୁତ୍ୱ ଦିଆଯାଇଥିଲା ଯେ ଏସଏଫସି ରେ ପାସ୍ କରିଥିବା ଛାତ୍ରମାନଙ୍କର ସ୍ଥାପନ କେବଳ ନୈତିକ ବାଧ୍ୟତା ନଥିଲା କିନ୍ତୁ ଏହା ମଧ୍ୟ ବଜାର ଶିରୋଧାର୍ଯ୍ୟ ଥିଲା ।

ଅଡିଟ୍ ଦେଖିଲା ଯେ, କେବଳ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ କାମ ପାଇବାରେ ସାହାଯ୍ୟ କରିବା ପାଇଁ ସ୍ଥାପନ ପ୍ରକୋଷ୍ଠ(ପ୍ଲେସମେଣ୍ଟ) ସେଲ ଥିଲା । କିନ୍ତୁ ସ୍ଥାପନର ଭାଗ ବହୁତ କମ୍ ଥିଲା । 2007-13 ମଧ୍ୟରେ ନିଯୁକ୍ତି ସେଲ୍ ମାଧ୍ୟମରେ ଆଇଏମସିଏ, ଏମ୍ ଫାର୍ମା ଏବଂ ଆଇଏମବିଏ ରେ ପାସ୍ କରିଥିବା 780 ଜଣ ଛାତ୍ରଙ୍କ ମଧ୍ୟରୁ ପ୍ରାୟତଃ 26 ପ୍ରତିଶତ(ଆଇଏମସିଏରେ 286 ଜଣଙ୍କ ମଧ୍ୟରୁ 171 ଜଣ, ଏମ ଫାର୍ମାର 265 ଜଣ ମଧ୍ୟରୁ ଶୂନ୍ୟ, ଆଇଏମବିଏର 229 ଜଣ ମଧ୍ୟରୁ 28 ଜଣ) ନିଯୁକ୍ତି ପାଇଥିଲେ । ମାତ୍ର ଅନ୍ୟ ଦୁଇଟି ବିଶ୍ୱବିଦ୍ୟାଳୟ(ବ୍ରହ୍ମପୁର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ)ରେ କୌଣସି ନିଯୁକ୍ତି ସେଲ୍ ସ୍ଥାପନ ହୋଇ ନଥିଲା ।

### *3.1.6 ସରକାର-ଘରୋଇ ଭାଗିଦାରୀ (ପିପିପି) ମାଧ୍ୟମରେ ଏସ୍ଏଫ୍ସି ଚାଳିବା ସମ୍ବନ୍ଧରେ*

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥିର କଲେ (ଜୁଲାଇ 2005) ଯେ, ପିପିପି ଢଙ୍ଗରେ ଘରୋଇ ସହଯୋଗୀଙ୍କ ମାଧ୍ୟମରେ ଏସଏଫସିକୁ ଚଲାଯିବ । ସରକାର, ସ୍ଥିର କଲେ (ମେ 2009)ଯେ, ସ୍ୱାୟତ୍ତ କଲେଜ ମାନଙ୍କରେ ଏସଏଫସି ପାଠ୍ୟକ୍ରମକୁ ପ୍ରବର୍ତ୍ତନ କରିବା ପାଇଁ ସେବା ଯୋଗାଣକାରୀମାନଙ୍କୁ ସେମାନଙ୍କର ଅଭିଜ୍ଞତା, ସାମର୍ଥ୍ୟ ସ୍ଥିତି ଏବଂ ସ୍ଥାପନ ପ୍ରତ୍ୟୟ ପତ୍ରକୁ ଆଧାର କରି ସାର୍ବଜନିକ ବିଜ୍ଞାପନ ମାଧ୍ୟମରେ ବଛାଯିବ ଏବଂ ତଦନୁସାରେ ଓ.ୟୁ.ଏଫ.ସି ର ବିଧାନ 21(24) କୁ ସଂଶୋଧନ (ଅକ୍ଟୋବର 2012) କରି ନୂଆ ଅନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଶିକ୍ଷା ସମ୍ବନ୍ଧୀ ସଜନ/ ଟ୍ରଷ୍ଟ/ ନିଗମ ସଜନ ଏବଂ ଅନ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ଅନୁଷ୍ଠାନ / ସଂଗଠନଗୁଡିକ ସହଯୋଗରେ ପିପିପି ଢଙ୍ଗରେ କେବଳ ଏକାଡେମିକ୍ କ୍ରିୟାକଳାପ ପାଇଁ ବିଶ୍ୱବିଦ୍ୟାଳୟଗୁଡିକୁ ଅନୁମତି ଦିଆଗଲା । ଡିସେମ୍ବର 2013 ସୁଦ୍ଧା, ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ଦୁଇଟି ଏସଏଫସି ଏବଂ 11ଟି ସ୍ୱାୟତ୍ତ କଲେଜ ଅଧିନରେ ଥିବା 31 ଟି ଏସଏଫସି ପାଠ୍ୟକ୍ରମ ପିପିପି ଢଙ୍ଗରେ ଚାଲୁଥିଲା । ଅଗଷ୍ଟ 2006 ଏବଂ ଅଗଷ୍ଟ 2010 ମଧ୍ୟରେ, ଉତ୍କଳ ବିଶ୍ୱବିଦ୍ୟାଳୟ ଦୁଇଟି ପିପିପି ପାଠ୍ୟକ୍ରମ ପାଇଁ ଏମଓୟୁ ରେ ସ୍ୱାକ୍ଷର କରିଥିଲା ।

ଘରୋଇ ଭାଗିଦାରୀ ବାଛିବା ପ୍ରକ୍ରିୟା ଉପରେ ହୋଇଥିବା ଅଡିଟ୍ ସମୀକ୍ଷାରୁ ଉନ୍ମୋଚିତ ତଥ୍ୟଗୁଡିକ ନିମ୍ନମତେ ବର୍ଣ୍ଣନା କରାଗଲା ।

- ୟୁଜିସିର ବିନା ଅନୁମୋଦନରେ ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ଘରୋଇ ଅନୁଷ୍ଠାନକୁ ଫ୍ରାଞ୍ଚାଇଜ୍ ଦେଇ ପାରିବେ ନାହିଁ ବୋଲି ୟୁଜିସି ଉତ୍କଳ ବିଶ୍ୱବିଦ୍ୟାଳୟକୁ ଜଣାଇଥିଲେ (ଅଗଷ୍ଟ 2001) । ଏହା ସତ୍ତ୍ୱେ 2006-07 ରେ ଜଣେ ଘରୋଇ ଭାଗିଦାରୀଙ୍କ ସହିତ ଏମ.ବିଏ (କୃଷି ବ୍ୟବସାୟ) ଏବଂ 2009-10 ରେ ଅନ୍ୟ ଜଣେ ଘରୋଇ ଭାଗିଦାରୀଙ୍କ ସହିତ ଏମ.ଟେକ (ଆଇ.ଟି), ଏହିଭଳି ଦୁଇଟି ଏସଏଫସି ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା ।

- 11 ଟି ସ୍ୱାୟତ୍ତ ମହାବିଦ୍ୟାଳୟରେ ଘରୋଇ ସହଯୋଗ ମାଧ୍ୟମରେ ପିପିପି ଢଙ୍ଗରେ 31ଟି ଏସ୍ଏଫସି ର ପ୍ରଚଳନ କରାଯାଇଥିଲେ ମଧ୍ୟ ପ୍ରସ୍ତାବ ପାଇଁ କୌଣସି ଅନୁରୋଧ (ଆରଏଫପି) କରାଯାଇନଥିଲା କି କୌଣସି ବିଜ୍ଞାପନ ଜାରି କରାଯାଇନଥିଲା । କିନ୍ତୁ ଘରୋଇ ପ୍ରୋତ୍ସାହନକାରୀଙ୍କ ଠାରୁ ନିଜ ଆଡୁ ପ୍ରସ୍ତାବ ଆସିବା ପରେ ଏସଏଫସି କୁ ଚଳାଇବା ପାଇଁ ସେମାନଙ୍କୁ ଅନୁମତି ଦିଆଯାଇଥିଲା ।

ଅତିରିକ୍ତ ସଚିବ ଜଣାଇଲେ (ମେ 2014) ଯେ, ବିଭାଗ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ମଡେଲ୍ ଏମଓୟୁ ଫର୍ମାଟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରହଣ କରିବା ଉଚିତ୍ । ସେ ମଧ୍ୟ କହିଲେ ନିର୍ଦ୍ଦେଶ ଅନୁସାରେ ପ୍ରତିଯୋଗିତାମୂଳକ ନିଲାମରେ ଘରୋଇ ଭାଗିଦାରର ଚୟନ ପ୍ରକ୍ରିୟା ଗୋଟିଏ ମହାବିଦ୍ୟାଳୟରେ ଆରମ୍ଭ ହୋଇଯାଇଛି । ସେ ଆହୁରି ମଧ୍ୟ ଜଣାଇଲେ ଯେ ଯେହେତୁ ସେଠାରେ ସ୍ୱଳ୍ପ ପ୍ରତିଯୋଗୀ ଥିଲେ ତେଣୁ ସେମାନଙ୍କ ଆଡୁ ଆସିଥିବା ପ୍ରସ୍ତାବ ସବୁକୁ ସଂପୃକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ପରିଚାଳନା କମିଟି ସୁପାରିଶକୁ ଭିତ୍ତି କରି ଗ୍ରହଣ କରିଥିଲେ । ମାତ୍ର ଉକ୍ତ ତଥ୍ୟ ବଳବତ୍ତର ରହିଲା ଯେ ପ୍ରତିଯୋଗିତା ମୂଳକ ନିଲାମ ପ୍ରକ୍ରିୟାର ଅନୁପସ୍ଥିତିରେ ଅଧିକତମ ଉପଯୁକ୍ତ ଭାଗିଦାରୀମାନଙ୍କୁ ସୁନିଶ୍ଚିତ କର ହେଲା ନାହିଁ ।

### *3.1.6.1 ଘରୋଇ-ସରକାରୀ ସହଭାଗିତା ଅଧିନରେ ରାଜସ୍ୱ ଭାଗୀଦାରୀ*

ଏସଏଫସି ପାଠ୍ୟକ୍ରମରୁ ଆଦାୟ ହେଉଥିବା ରାଜସ୍ୱକୁ ଘରୋଇ ଭାଗିଦାର ଏବଂ ମହାବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାଗବଣ୍ଟାର ବ୍ୟବସ୍ଥା ଘରୋଇ-ସରକାରୀ ଭାଗିଦାରୀ ମଡେଲ ଏମୟୁରେ ନିର୍ଦ୍ଧାରିତ ଥିଲା (ନଭେମ୍ବର 2008) । ତଦନୁସାରେ, ଘରୋଇ ଭାଗିଦାର ପାଠ୍ୟକ୍ରମର ଭୌତିକ ସଞ୍ଚାଳନ, ନିଜସ୍ୱ ବ୍ୟୟ ଓ ସାଧନାରେ ପ୍ରୟୋଗଶାଳାର ବିକାଶ ରକ୍ଷଣାବେକ୍ଷଣ ନେବା, ତାତ୍ତ୍ୱିକ ଓ ବ୍ୟବହାରିକ ପ୍ରଶିକ୍ଷଣ ପାଇଁ ଆବଶ୍ୟକ ଶିକ୍ଷକମାନଙ୍କ ବ୍ୟବସ୍ଥା କରାଇବା ଏବଂ କ୍ଷେତ୍ର ଅଧ୍ୟୟନ ଓ ଘରୋଇ ଶିଳ୍ପ ସମ୍ବନ୍ଧୀ ତାଲିମ ପାଇଁ ସହାୟତା ଦେବା ପାଇଁ ଦାୟୀ ରହିବ ।

ଲେଖାପରୀକ୍ଷାରେ ଦେଖାଗଲା ଯେ, ଯଦିଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ବ୍ୟବସାୟ ପ୍ରଶାସନ ସ୍ନାତକ(ଏମବିଏ)ଆଗ୍ରି ବିଜିନେସ ପ୍ରଶିକ୍ଷଣ ଫିସ୍ ଏବଂ ପ୍ରଯୁକ୍ତି ବିଦ୍ୟା ସ୍ନାତକ (ଏମ.ଟେକ୍) ଆଇଟି ପ୍ରଶିକ୍ଷଣ ଫିସ୍ ବିଶ୍ୱବିଦ୍ୟାଳୟ ଏବଂ ଘରୋଇ ଭାଗିଦାର ମଧ୍ୟରେ ଯଥାକ୍ରମେ 60:40 ଏବଂ 62:38 ଅନୁପାତରେ ଭାଗ ପାଇଁ ବୁଝାମଣା ସ୍ମାରକ(ଏମଓୟୁ) ସ୍ୱାକ୍ଷର କରିଛନ୍ତି । ତଥାପି ଅନ୍ୟାନ୍ୟ ଫିସ୍ ଯଥା- ବ୍ୟକ୍ତିତ୍ୱ ବିକାଶ ଫିସ୍, ଯୋଗାଯୋଗ କୌଶଳ, କର୍ମଶାଳା/ ପାଠ୍ୟଚକ୍ର ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା (ଆଇଟି) ସେବା, ଅବସ୍ଥାପନ ସହାୟତା ପ୍ରଶିକ୍ଷଣ ଫିସ୍, ଶିଳ୍ପ ସମ୍ବନ୍ଧୀୟ ଯାତ୍ରା ଫିସ୍, କ୍ଷେତ୍ର ରହସ୍ୟର ଉଦଘାଟନ ଫିସ୍, ଗ୍ରନ୍ଥାଗାର ଫିସ୍ ଇତ୍ୟାଦିକୁ ଘରୋଇ ଭାଗିଦାର ଶତ ପ୍ରତିଶତ ଆଦାୟ କରିଛନ୍ତି । ଅନ୍ୟାନ୍ୟ ଫିସର ଶତ ପ୍ରତିଶତ ପ୍ରଦାନ ଯୋଗୁଁ ବାସ୍ତବରେ ଘରୋଇ ସହଭାଗି ଛାତ୍ରମାନଙ୍କଠାରୁ ଆଦାୟ ହୋଇଥିବା ଫିସର 75 ରୁ 76 ପ୍ରତିଶତ ପାଇଲେ ।

ବୁଝାମଣା ସ୍ମାରକ (ଏମଓୟୁ) ର ବିସ୍ତାର ଅବା ଭବିଷ୍ୟତରେ ନୂଆ ବୁଝାମଣା ସ୍ମାରକ (ଏମଓୟୁ) ରେ ହସ୍ତାକ୍ଷର କରିବା ସମୟରେ ବିଭାଗ ଦ୍ୱାରା ନିର୍ଦ୍ଧାରିତ ଗଠନ ସୂତ୍ରର (ଫର୍ମାଟ୍) ଉପଯୋଗ କରିବା ପାଇଁ ବିଶ୍ୱବିଦ୍ୟାଳୟମାନଙ୍କୁ ଅତିରିକ୍ତ ସଚିବ ଉପଦେଶ ଦେଲେ (ମେ 2014) ।

### *3.1.6.2 ବୁଝାମଣା ସ୍ମାରକରେ ନିର୍ଦ୍ଧାରିତ ସର୍ତ୍ତକୁ ନ ମାନିବା*

ଲେଖା ପରୀକ୍ଷା ଆହୁରି ମଧ୍ୟ ଦେଖିଲେ କି ବ୍ୟବସାୟ ପ୍ରଶାସକ ସ୍ନାତକ (ଏମବିଏ) କୃଷି ବାଣିଜ୍ୟ ଆଉ ପ୍ରଯୁକ୍ତି ବିଦ୍ୟା ସ୍ନାତକ (ସୂଚନା-ପ୍ରଯୁକ୍ତି ବିଦ୍ୟା) ପ୍ରଭୃତି ଏସଏଫସି ପାଠ୍ୟକ୍ରମର ବୁଝାମଣା ସ୍ମାରକ (ଏମଓୟୁ) ରେ ଥିବା ସର୍ତ୍ତାବଳୀର ଅସଂଲଗ୍ନତା କିପରି ଦେଖାଯାଇଛି ନିମ୍ନରେ ବର୍ଣ୍ଣନା କରାଯାଇଛି ।

- ବ୍ୟବସାୟ ପ୍ରଶାସକ ସ୍ନାତକ (ଏମବିଏ) କୃଷି ବାଣିଜ୍ୟ ଏବଂ ପ୍ରଯୁକ୍ତି ବିଦ୍ୟା ସ୍ନାତକ(ଏମ ଟେକ୍) ସୂଚନା-ପ୍ରଯୁକ୍ତି ବିଦ୍ୟାର ବୁଝାମଣା ସ୍ମାରକ (ଏମଓୟୁ) ର ଖଣ୍ଡ 2 ଅନୁସାରେ ପ୍ରତି ଦୁଇ ବର୍ଷରେ ବୁଝାମଣାର ସମୀକ୍ଷା କରାଯାଏ କିନ୍ତୁ ସେମିତି କିଛି ସମୀକ୍ଷା ପ୍ରଥମ ଦୁଇ ବର୍ଷ ପରେ ଅକ୍ଟୋବର 2013 ସୁଦ୍ଧା ପ୍ରଶାସକ ପ୍ରଶିକ୍ଷଣରେ କରାଯାଇ ନାହିଁ ।

- ବ୍ୟବସାୟ ପ୍ରଶାସକ ସ୍ନାତକ (ଏମବିଏ) କୃଷି ବ୍ୟବସାୟ ଏବଂ ପ୍ରଯୁକ୍ତି ବିଦ୍ୟା ସ୍ନାତକ (ଏମଟେକ୍) ସୂଚନା-ପ୍ରଯୁକ୍ତି ର ବୁଝାମଣା ସ୍ନାତକ (ଏମଓୟୁ)ର ଖଣ୍ଡ 3 ଅନୁସାରେ, ତୃତୀୟ ବର୍ଷ ଠାରୁ ଘରୋଇ ଭାଗିଦାରମାନେ କାର୍ଯ୍ୟକ୍ରମର ଅନ୍ତ ନିର୍ମାଣ ବିକାଶ ପାଇଁ ସମ୍ପୃକ୍ତ ବିଭାଗ ଦ୍ୱାରା ତାଙ୍କର ପାଠ୍ୟକ୍ରମ ଫିସର 10 ପ୍ରତିଶତ ସମାନ ଅନୁରୂପ ଭାଗ, ଅଂଶଦାନ ଆକାରରେ ଦେବାର ଥାଏ । କିନ୍ତୁ ଅନ୍ତର୍ନିର୍ମାଣର ଆବଶ୍ୟକତା ନିର୍ଦ୍ଧାରଣ ହୋଇ ପାରିନଥିଲା ଏବଂ ପାଠ୍ୟକ୍ରମର ପ୍ରାରମ୍ଭ (ଅଗଷ୍ଟ 2006 ଓ ଅଗଷ୍ଟ 2010) ରୁ ଅକ୍ଟୋବର 2013 ପର୍ଯ୍ୟନ୍ତ ଆବଶ୍ୟକୀୟ ଆୟୋଜନ ମଧ୍ୟ ହୋଇ ନଥିଲା ।

- ବୁଝାମଣା ସ୍ମାରକ ହିସାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ମୁଖ୍ୟଙ୍କ ସଭାପତିତ୍ୱରେ ଥିବା ଉପଦେଷ୍ଟା କମିଟି, ପାଠ୍ୟକ୍ରମର ନୀତିକୁ ରୂପରେଖ ଦେଇଥାନ୍ତେ ଓ ପାଠ୍ୟକ୍ରମ ଚାଲୁ ରଖିବା ପାଇଁ ପ୍ରଶସ୍ତ ପଥ ପ୍ରଦର୍ଶନ କରିଥାନ୍ତେ । କିନ୍ତୁ କିଛି ନୀତି ଓ ପଥ ପ୍ରଦର୍ଶନ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ଦ୍ଧାରଣ ହୋଇନାହିଁ ।

- ଜଣେ ଘରୋଇ ଭାଗିଦାରଙ୍କ ସହିତ ହୋଇଥିବା ବୁଝାମଣା ସ୍ମାରକ ଖଣ୍ଡ 9 ହିସାବରେ ସ୍ନାତକ ପରିଷଦ ଚେୟାରମ୍ୟାନଙ୍କ ଅଧକ୍ଷତାରେ ଗୋଟିଏ ପାଞ୍ଚ ଜଣିଆ ଉପଦେଶ କମିଟି(ବିଶ୍ୱବିଦ୍ୟାଳୟରୁ ତିନି ଜଣ ଓ ଘରୋଇ ଭାଗିଦାରରୁ ଦୁଇ ଜଣ) କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ପ୍ରତି ତିନି ମାସରେ ଥରେ ପାଠ୍ୟକ୍ରମ ମୁଖ୍ୟ ଦ୍ୱାରା ଆୟୋଜନ ହେବା କଥା । ଲେଖା ପରୀକ୍ଷା ଦେଖିଲେ ଯେ ବ୍ୟବସାୟ ପ୍ରଶାସନ ସ୍ନାତକ (ଏମବିଏ) କୃଷିବାଣିଜ୍ୟ ଉପଦେଶ କମିଟି 2006 ରୁ 2013 ମଧ୍ୟରେ 28 ଥର ସ୍ଥାନରେ କେବଳ ପାଞ୍ଚ ଥର (ମେ 2008 ରୁ ସେପ୍ଟେମ୍ବର 2010 ମଧ୍ୟରେ) ମିଳିତ ହୋଇଛି ।

- ସେହିଭଳି ଅନ୍ୟ ଜଣେ ଘରୋଇ ସହଯୋଗୀଙ୍କ ସହିତ ହୋଇଥିବା ବୁଝାମଣା ସ୍ମାରକ ଖଣ୍ଡ 13 ହିସାବରେ ଗୋଟିଏ ଆଠ ଜଣିଆ ଉପଦେଶ କମିଟି (ବିଶ୍ୱବିଦ୍ୟାଳୟରୁ ପାଞ୍ଚ ଜଣ ଓ ଅନ୍ୟ ଭାଗିଦାରରୁ ତିନି ଜଣ) କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ପ୍ରତି ତିନି ମାସରେ ଥରେ ମିଳିତ ହେବାର ଥିଲା । କିନ୍ତୁ ସ୍ନାତକ ପ୍ରଯୁକ୍ତି ବିଦ୍ୟା

(ଆଇଟି)ର ଉପଦେଷ୍ଟା କମିଟି 2009 ରୁ 2013 ମଧ୍ୟରେ 16 ଥର ସ୍ଥାନରେ କେବଳ ତିନି ଥର (ସେପ୍ଟେମ୍ବର 2010, ମେ 2011 ଓ ନଭେମ୍ବର 2012) ମିଳିତ ହୋଇଛି ।

### 3.1.7 ଉପସଂହାର

ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ(ଏସଏଫସି)ର ପ୍ରଚଳନ କରାଯିବା ପୂର୍ବରୁ ଆବଶ୍ୟକତାର ନିର୍ଦ୍ଧାରଣ କରାଯାଇଥିଲା । ବିଶ୍ୱବିଦ୍ୟାଳୟମାନଙ୍କ ଦ୍ୱାରା ପାଠ୍ୟକ୍ରମ ଫିସ୍ ନିର୍ଦ୍ଧାରଣ ବିଜ୍ଞାନ ସମ୍ମତ ନଥିଲା ଏବଂ ବହୁ ବଳକା ନିଧି ବିଶ୍ୱବିଦ୍ୟାଳୟ ମାନେ ନିଜ ପାଖରେ ଧରି ରଖିଛନ୍ତି । ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ ମହାବିଦ୍ୟାଳୟଗୁଡିକ ପର୍ଯ୍ୟାପ୍ତ ଅନ୍ତର୍ନିର୍ମାଣ ବିନା ସଂଚାଳନ ହୋଇଛି । ସହବନ୍ଧିତ ପେଶାଗତ ବିଦ୍ୟାଳୟଗୁଡିକ ପାଖରେ ଅନ୍ତର୍ନିର୍ମାଣ ପାଇଁ ଜମି, କୋଠାବାଡି, ଛାତ୍ର ସାଧାରଣ କକ୍ଷ, ଗ୍ରନ୍ଥାଗାର, ପରିଶ୍ରାଗାର ଇତ୍ୟାଦି ଭଳି ଅତି ଆବଶ୍ୟକ ସୁବିଧା ପାଇଁ ସାଧନ ନଥିଲା । ପୂର୍ଣ୍ଣକାଳୀନ ଶିକ୍ଷା କର୍ମଚାରୀଙ୍କ ମୂତୟନ ନହେବା, ଶିକ୍ଷକ ଛାତ୍ରଙ୍କ ଅନୁପାତର ଠିକ୍ ନଥିବା ଏବଂ ବିନା ଶିକ୍ଷାଗତ ଯୋଗ୍ୟତା ଥାଇ ଶିକ୍ଷକ ମୂତୟନ ହେବା ଯୋଗୁଁ ଗୁଣାତ୍ମକ ଶିକ୍ଷା ସହିତ ସାଲିସ ହୋଇଛି । ପାଠ୍ୟକ୍ରମ ପାଠ୍ୟସୂଚୀ ଠିକ୍ ଭାବରେ ଶେଷ ନ ହେବା ଯୋଗୁଁ ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ ଆହୁରି କ୍ଷତିଗ୍ରସ୍ତ ହୋଇଛି । ସ୍ୱୟଂ ଆର୍ଥିକ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ରୋଜଗାର ପାଇଁ କାର୍ଯ୍ୟ କ୍ଷେତ୍ର ଯୋଗାଇଦେବା ଉଦ୍ଦେଶ୍ୟ ବହୁ ମାତ୍ରାରେ ଅସଂପୂର୍ଣ୍ଣ ହୋଇଅଛି । ଲେଖାପରୀକ୍ଷା ଯାଞ୍ଚରେ ଦେଖାଗଲା ଯେ, ତିନୋଟି ବିଶ୍ୱବିଦ୍ୟାଳୟରୁ ଦୁଇଟିରେ ଅବସ୍ଥାପନ ପ୍ରକୋଷ୍ଠ ଗଠନ ବି ହୋଇନାହିଁ । ସରକାରୀ-ଘରୋଇ ସହଭାଗିତା(ପିପିପି) ଢଙ୍ଗରେ ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ(ଏସଏଫସି)ର ପ୍ରଚଳନ କରିବା ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ବିନା ଖୋଲା ବିଜ୍ଞାପନରେ ଘରୋଇ ଭାଗିଦାର ବାଛିଛନ୍ତି ଏବଂ ରାଜସ୍ୱ କର ଭାଗ ବଣ୍ଟାର ନିୟମ ଉଲ୍ଲଂଘନ କରିଛନ୍ତି । ତେଣୁ ଏହି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକର ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ(ଏସଏଫସି)ର ପ୍ରଚଳନ ଜରିଆରେ କର୍ମାଭିମୁଖି ଓ ବଜାର ସମ୍ବନ୍ଧୀ ଗୁଣାତ୍ମକ ଶିକ୍ଷା ଯୋଗାଇଦେବାର ଉଦ୍ଦେଶ୍ୟ ବହୁମାତ୍ରାରେ ଅସମ୍ପୂର୍ଣ୍ଣ ରହିଗଲା ।

### 3.1.8 ସୁପାରିଶ

ସରକାର ବିଚାର କରି ପାରନ୍ତି

- ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଚାଳିତ ସହବନ୍ଧନ ମହାବିଦ୍ୟାଳୟରେ ପାଠ୍ୟକ୍ରମ ଚାଳନ ଓ ପର୍ଯ୍ୟାଲୋଚନା ପାଇଁ ସମବେଶିତ ପଥ ପ୍ରଦର୍ଶନ ଗଢଣ କରିବା;

- ନିବେଶ ପୁଞ୍ଜି ବିଶ୍ଳେଷଣ ଏବଂ ସୁବ୍ୟବସ୍ଥାକରଣ ପ୍ରଣାଳୀର ଅନୁରୂପତାକୁ ସରକାରୀ ଫିସ୍ ଢାଞ୍ଚା ଜରିଆରେ ପାଠ୍ୟକ୍ରମ ଫିସ୍ ଗଢଣ କରାଯିବା;

- ୟୁଜିସି / ଏଆଇସିଟିଇ ର ବିହିତ ନିୟମ ଅନୁସାରେ ପର୍ଯ୍ୟାପ୍ତ ମାତ୍ରାରେ ଯୋଗ୍ୟତା ପ୍ରାପ୍ତ ଶିକ୍ଷକ ମୂତୟନ ସୁନିଶ୍ଚିତ କରିବା;

- ବିଶ୍ୱବିଦ୍ୟାଳୟର ଅଧିନିୟମ ଏବଂ ବିଧାନ ଅନୁସାରେ ଆବଶ୍ୟକୀୟ ଅନ୍ତର୍ନିର୍ମାଣ ଓ ସୁବିଧା ଜରିଆରେ ପଢିବା ଅନୁକୂଳ ପରିବେଶର ସୃଷ୍ଟି ସୁନିଶ୍ଚିତ ହେବା; ଏବଂ

- ସରକାରୀ-ଘରୋଇ ସହଭାଗିତା ପଦ୍ଧତିରେ ପଥ ପ୍ରଦର୍ଶନ ଜରିଆରେ ଘରୋଇ ଭାଗୀଦାରମାନଙ୍କର ଚୟନରେ ସ୍ୱଚ୍ଛତା ଆଣିବା ।

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

## 3.2 ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ଗର୍ଭ ନିରୂପଣ ପ୍ରଯୁକ୍ତି କୌଶଳ (ଲିଙ୍ଗ ପରୀକ୍ଷା ନିଷେଧ) ଅଧିନିୟମ 1994 ଅନ୍ତର୍ଗତ ବ୍ୟବସ୍ଥାର ଅନୁପାଳନ

### *3.2.1 ଉପକ୍ରମ*

ଭ୍ରୁଣର ଲିଙ୍ଗ ନିରୂପଣରେ ଭେଦଭାବ ସୃଷ୍ଟିକରି କନ୍ୟାଭ୍ରୁଣ ହତ୍ୟାକୁ ପ୍ରୋତ୍ସାହିତ କରୁଥିବା ପ୍ରାକ୍ ଗର୍ଭଧାରଣ ଲିଙ୍ଗ ନିରୂପଣ ଭଳି ବୈଷୟିକ ବ୍ୟବସ୍ଥାର ଅପବ୍ୟବହାରକୁ ରୋକିବା ଏବଂ ନାରୀଜାତିର ଗାରିମା ବଜାୟ ରଖିବା ଉଦ୍ଦେଶ୍ୟରେ ଭାରତ ସରକାର 1994 ମସିହା ସେପ୍ଟେମ୍ବର ମାସରେ 'ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ଗର୍ଭ ନିରୂପଣ ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମ 1994' କୁ ଅଧିନିୟମିତ କରିଥିଲେ ।

ଏହି ନିୟମ ଅନୁସାରେ ସମଗ୍ର ରାଜ୍ୟ କିମ୍ବା ଏହାର ଅଂଶ ବିଶେଷ ପାଇଁ ଉପଯୁକ୍ତ ପ୍ରାଧିକାରୀ ରାଜ୍ୟ ନିରୀକ୍ଷଣ ବୋର୍ଡ ଏବଂ ରାଜ୍ୟ ପରାମର୍ଶଦାତା କମିଟି ଗୁଡ଼ିକୁ ସଂଗଠିତ କରିବା ଏବଂ ସେମାନଙ୍କର ନିର୍ଦ୍ଧାରିତ କାର୍ଯ୍ୟର ସମ୍ପାଦନା କରିବା ବ୍ୟବସ୍ଥା ଥିଲା । ତଦନୁସାରେ ପରିବାର କଲ୍ୟାଣ ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଏକ ବହୁ ସଦସ୍ୟ ବିଶିଷ୍ଟ ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଗଠନ କରାଯାଇଥିଗଲା ।

ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ଜିଲ୍ଲା ସ୍ତରୀୟ ଉପଯୁକ୍ତ ପ୍ରାଧିକାରୀ ଭାବରେ ନିଯୁକ୍ତି ଦିଆଯାଇଥିଲା । ରାଜ୍ୟ ସରକାର (2013 ମସିହା ଅଗଷ୍ଟ ମାସ) ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) (ଏଡିଏମଓ, ଏଫ୍‌ଡବ୍ଲୁ) ମାନଙ୍କୁ ପଞ୍ଜିକରଣ, ନିରୀକ୍ଷଣ ଏବଂ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ଗର୍ଭନିରୂପଣ ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମ 1994 ବ୍ୟବସ୍ଥା ଗୁଡ଼ିକର ଅନୁପାଳନର ପର୍ଯ୍ୟାଲୋଚନା ଉଦ୍ଦେଶ୍ୟରେ ଜିଲ୍ଲା ସଙ୍ଗଠନ ଅଧିକାରୀ (ଡିଷ୍ଟ୍ରିକ୍ଟ ନୋଡାଲ ଅଫିସର) ଭାବେ ଘୋଷଣା କରାଯାଇଥିଲା । 2010 ରୁ 2014 ମଧ୍ୟରେ ରାଜ୍ୟ ଭିତରେ 220 ଟି ଅଲଟ୍ରାସାଉଣ୍ଡ କ୍ଲିନିକ[41]କୁ ପଞ୍ଜୀକରଣ କରଯାଇଥିଲା ଏବଂ 2014 ମସିହା ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟରେ 752 ଟି ଅଲଟ୍ରାସାଉଣ୍ଡ କ୍ଲିନିକ୍ ଥିଲା ।

#### *3.2.1.1 ଲେଖା ପରୀକ୍ଷା ଉଦ୍ଦେଶ୍ୟ (ଅଡିଟ୍‌ର ଉଦ୍ଦେଶ୍ୟ)*

ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତ କୌଶଳ (ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମରେ ବ୍ୟବସ୍ଥା ଏବଂ ଏହା ଅନ୍ତର୍ଗତ ନିୟମଗୁଡ଼ିକର ଅନୁପାଳନରେ ନିମ୍ନଲିଖିତ ଉଦ୍ଦେଶ୍ୟ ଗୁଡ଼ିକର ଆକଳନ ପାଇଁ ଅଡିଟ କରାଯାଇଥିଲା ।

- ଅଲଟ୍ରାସାଉଣ୍ଡ / ଜେନେଟିକ୍ କ୍ଲିନିକ୍ ଗୁଡ଼ିକର ପଞ୍ଜିକରଣ ପାଇଁ କୁଶଳୀ ଏବଂ ପ୍ରଭାବଶାଳୀ ବ୍ୟବସ୍ଥାର ଅସ୍ତିତ୍ୱ;
- ପର୍ଯ୍ୟାପ୍ତ, ନିୟମିତ ଏବଂ ପ୍ରଭାବଶାଳୀ ନିରୀକ୍ଷଣ ବ୍ୟବସ୍ଥାର ଅସ୍ତିତ୍ୱ ଏବଂ
- ଆଇନ୍ ଉଲ୍ଲଂଘନର ସନ୍ଧାନ, ଜୋରିମାନା, ନ୍ୟାୟିକ କାର୍ଯ୍ୟ ବ୍ୟବସ୍ଥାର ପ୍ରବର୍ତ୍ତନ ପାଇଁ ଥିବା ଯଥେଷ୍ଟତା ଏବଂ ପ୍ରଭାବଶାଳୀ ବ୍ୟବସ୍ଥା ।

---

41 2010-11: 68; 2011-12: 28; 2012-13: 62;2013-14: 62

ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମ, ଏହା ଅନ୍ତର୍ଗତ ନିୟମ ଏବଂ ଭାରତ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମାଗୁଡ଼ିକୁ ଉପରୋକ୍ତ ଅଡିଟର ମାପ ଦଣ୍ଡ ହିସାବରେ ନିଆଯାଇଥିଲା ।

### *3.2.1.2 ଅଡିଟର କାର୍ଯ୍ୟପରିସର ଏବଂ କାର୍ଯ୍ୟ ପ୍ରଣାଳୀ*

ଉପରୋକ୍ତ ଅଡିଟ୍‌ର ଉଦ୍ଦେଶ୍ୟ, ମାପଦଣ୍ଡ, କାର୍ଯ୍ୟପରିସର ଏବଂ କାର୍ଯ୍ୟପ୍ରଣାଳୀଗୁଡ଼ିକ ବିଷୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କ ସହିତ ପ୍ରବେଶ ସମ୍ମେଳନ (2013 ମସିହା ସେପ୍ଟେମ୍ବର) ରେ ହୋଇଥିଲା । ସ୍ଥିରିକୃତ ଯାଦୃଚ୍ଛିକ ନମୁନା ଚୟନ ପ୍ରତିସ୍ଥାପନ ବିଧି ବ୍ୟତୀତ ଆଧାରରେ ନିର୍ଦ୍ଧାରିତ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଚାରୋଟି ଜିଲ୍ଲା[42]ର ଉପଯୁକ୍ତ ପ୍ରାଧିକାରୀ (ଭଦ୍ରକ, କଟକ, ଗଞ୍ଜାମ ଏବଂ ନୟାଗଡ) ରେକର୍ଡ ନମୁନା ଯାଞ୍ଚ 2010 ରୁ 2013 ପାଇଁ 2013 ମସିହା ସେପ୍ଟେମ୍ବର ଠାରୁ ଡିସେମ୍ବର ମଧ୍ୟରେ ଲେଖାପରୀକ୍ଷା (ଅଡିଟ୍) ସଞ୍ଚାଳିତ ହୋଇଥିଲା । ଉପରୋକ୍ତ ଚାରୋଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା 23 ଟି ଅଲଟ୍ରାସାଉଣ୍ଡ କ୍ଲିନିକ୍ ମଧ୍ୟରୁ 22 ଟି ଅଲଟ୍ରାସାଉଣ୍ଡ କ୍ଲିନିକକୁ ସଂଯୁକ୍ତ ନିରୀକ୍ଷକଙ୍କ ଦ୍ୱାରା ନମୁନା ଯାଞ୍ଚ୍ କରାଯାଇଥିଲା ଏବଂ ଆବଶ୍ୟକୀୟ ସ୍ଥାନରେ ଫଟୋ ମଧ୍ୟ ନିଆଯାଇଥିଲା । ପ୍ରତିବେଦନର ଡାଞ୍ଚା ବିଶେଷ- ସଚିବ, ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ, ପରିବାର କଲ୍ୟାଣ -ତଥା -ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ / ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ନିଦାନ କୌଶଳ ସହିତ ବିଚାର ବିନିମୟ (2014 ମସିହା ଏପ୍ରିଲ୍ 28) ରେ ହୋଇଥିଲା ଏବଂ ସରକାରଙ୍କ ମତାମତ ବିଚାର କରାଯାଇ ପ୍ରତିବେଦନରେ ସମ୍ମିଳିତ ହୋଇଥିଲା ।

## ଅଡିଟ୍ ସିଦ୍ଧାନ୍ତ

### *3.2.2 ରାଜ୍ୟ ଏବଂ ଜିଲ୍ଲାମାନଙ୍କରେ ଶିଶୁମାନଙ୍କ ଲିଙ୍ଗର ଅନୁପାତ*

ଲିଙ୍ଗ ଅନୁପାତ ପ୍ରତି 1000 ପୁରୁଷରେ ନାରୀମାନଙ୍କର ସଂଖ୍ୟା ସୂଚାଏ । କମ୍ ଲିଙ୍ଗ ଅନୁପାତ ପୁରୁଷ ସଂଖ୍ୟା ତୁଳନାରେ କମ୍ ନାରୀ ସଂଖ୍ୟାର ସଙ୍କେତ ଦିଏ ।

ଅଡିଟର ଟିପ୍ପଣୀ ଅନୁସାରେ ରାଜ୍ୟରେ ନାରୀ ସଂଖ୍ୟା 1.81 କୋଟିରୁ (2001) 2.07 କୋଟିକୁ (2011) ବୃଦ୍ଧି ପାଇଥିବା ଏବଂ ସାମଗ୍ରିକ ଭାବରେ ରାଜ୍ୟରେ ଲିଙ୍ଗର ଅନୁପାତ 972 (2001)ରୁ 979 (2011) କୁ ବୃଦ୍ଧି ହୋଇଥିଲା । ଯାହାହେଉ 0 ରୁ 6 ବୟସ ବର୍ଗ ମଧ୍ୟରେ ଲିଙ୍ଗର ଅନୁପାତଶିଶୁଙ୍କ ଲିଙ୍ଗର ଅନୁପାତ, ସିଏସଆର) 1001 (1961) ଠାରୁ 953 (2001)କୁ ଏବଂ ଏହାପରେ ପୁନଃ 941 (2011) କୁ ଅବନତି ଘଟିଲା । 2011 ଜନଗଣନା ଅନୁସାରେ ସହରରେ ଶିଶୁଙ୍କର ଲିଙ୍ଗର ଅନୁପାତ(913) ମଫସଲ ତୁଳନାରେ (946) ବହୁତ କମ୍ ଥିଲା । ରାଜ୍ୟରେ ଥିବା 30ଟି ଜିଲ୍ଲା ମଧ୍ୟରୁ 21ଟି ଜିଲ୍ଲାରେ ଶିଶୁଙ୍କ ଲିଙ୍ଗ ଅନୁପାତ ଏକ ଠାରୁ 49 ଅଙ୍କର ଅବନତି ଘଟିଥିବା ବେଳେ ନୟାଗଡ ଜିଲ୍ଲାରେ ସର୍ବୋଚ୍ଚ (904 ରୁ 855), ଢେଙ୍କାନାଳରେ (925 ରୁ 877) ଏବଂ ଅନୁଗୁଳରେ (937 ରୁ 889) ଅବନତି ଘଟିଥିଲା । 2001 ଠାରୁ 2011 ମଧ୍ୟରେ ଜିଲ୍ଲାୱାରୀ ଶିଶୁଙ୍କ ଲିଙ୍ଗ ଅନୁପାତ ***ପରିଶିଷ୍ଟ 3.2.1*** ରେ ଦର୍ଶାଗଲା ।

ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ସୂଚାଇଥିଲେ ଯେ, ଆଧୁନିକ ନିଦାନ ଶୈଳି, ଯଥା- ଆମୋନିଓ ସେଣ୍ଟେସିସ୍ ଭଳି ଆକ୍ରାମକ ପଦ୍ଧତି ଓ ଅଲଟ୍ରାସାଉଣ୍ଡ ଭଳି ଅଣ ଆକ୍ରାମକ ପଦ୍ଧତିର ଅପବ୍ୟବହାର ପ୍ରାକ୍

[42] ଭଦ୍ରକ (6), କଟକ(6), ଗଞ୍ଜାମ(6), ନୟାଗଡ(4) ।

ଗର୍ଭଧାରଣ ଓ ପ୍ରାକ୍ ପ୍ରସବରେ ପିଲାଙ୍କ ଲିଙ୍ଗ ନିରୂପଣ ଓ ଅବନତି ପାଇଁ ଦାୟୀ ଥିଲା । ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ବ୍ୟକ୍ତ କରିଥିଲେ ଯେ, ସରକାର ଏହି ଅବନତିକୁ ଗୁରୁତର ସହିତ ନେଇଛନ୍ତି ଏବଂ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମକୁ ଉପଯୁକ୍ତ ଭାବରେ କାର୍ଯ୍ୟାନ୍ୱୟନ କରିବାକୁ ସିଦ୍ଧାନ୍ତ ନେଇଛନ୍ତି । ଅଡିଟ୍ ଦ୍ୱାରା ଦେଖାଯାଇଥିବା ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ(ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମରେ ଥିବା ବ୍ୟବସ୍ଥାକୁ କିପରି ଭାବରେ ଅନୁପାଳନ କରାଯାଇଛି ତାହା ପରବର୍ତ୍ତୀ ଅଧ୍ୟାୟ ଗୁଡିକରେ ବର୍ଣ୍ଣନା କରାଗଲା ।

### 3.2.3 ପଞ୍ଜୀକରଣ ଓ ନବୀକରଣ ହୋଇଥିବା ଅଲଟ୍ରାସାଉଣ୍ଡ କ୍ଲିନିକ୍

ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ(ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମରେ ପରିଚ୍ଛେଦ 18(1) ଅନୁସାରେ ଏହି ଅଧିନିୟମ ପ୍ରାରମ୍ଭ ହେବା ପରେ କୌଣସି ବ୍ୟକ୍ତି ପଞ୍ଜୀକରଣ ନ କରି ଜନ୍ମ ସମ୍ବନ୍ଧୀ ମନ୍ତ୍ରଣାକେନ୍ଦ୍ର, ଜନ୍ମ ସମ୍ବନ୍ଧୀ ପରୀକ୍ଷାଗାର କିମ୍ବା ଜନ୍ମ ସମ୍ବନ୍ଧୀ ଚିକିତ୍ସାଳୟ ଖୋଲିପାରିବେ ନାହିଁ । 2013 ମସିହା ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟରେ ଥିବା ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ପାଖରେ 664 ଅଲଟ୍ରାସାଉଣ୍ଡ /ଜନ୍ମ ସମ୍ବନ୍ଧୀ ଚିକିତ୍ସାଳୟ(କ୍ଲିନିକ) ପଞ୍ଜିକୃତ ହୋଇଥିଲା ଓ ଏମାନଙ୍କ ମଧ୍ୟରୁ 167 ଗୋଟି କେବଳ ଚାରୋଟି ନମୁନା ଜିଲ୍ଲାରେ ହୋଇଥିଲା । ଅଡିଟ୍‌ରେ ଏହି କ୍ଲିନିକଗୁଡିକର ପଞ୍ଜିକୃତ ଏବଂ ନବୀକରଣ ପଦ୍ଧତି ସମ୍ବନ୍ଧରେ ପରୀକ୍ଷିତ ଏବଂ ସିଦ୍ଧାନ୍ତ ସମ୍ବନ୍ଧରେ ପରବର୍ତ୍ତୀ ପରିଚ୍ଛେଦରେ ବର୍ଣ୍ଣନା କରାଗଲା ।

#### 3.2.3.1 ଅନଧିକୃତ ଅଲଟ୍ରାସାଉଣ୍ଡ କ୍ଲିନିକର କାର୍ଯ୍ୟକାରିତା

ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ନିୟମ 1996 ଅନ୍ତର୍ଗତ ନିୟମ 8(1) ଅନୁସାରେ ଅଲଟ୍ରାସୋନୋଗ୍ରାଫି(ୟୁଏସଜି) ଚିକିତ୍ସାଳୟ ଅତିକମରେ ପଞ୍ଜିକୃତ ସାର୍ଟିଫିକେଟ ସମୟ ସୀମା ଅନ୍ତ ହେବାର 30 ଦିନ ପୂର୍ବରୁ ନକଲ ଫର୍ମ ଏ ମାଧ୍ୟମରେ ନବୀକରଣ ପାଇଁ ଉପଯୁକ୍ତ ପ୍ରାଧିକାରୀଙ୍କୁ ଆବେଦନ କରିବେ । ଏହା ବ୍ୟତୀତ ନିୟମ 11(2) ଅନୁସାରେ ଦେଖାଯାଉଥିବା ଅଣପଞ୍ଜିକୃତ କ୍ଲିନିକଗୁଡିକର ଅଲଟ୍ରାସାଉଣ୍ଡ ମେସିନକୁ ମୁଦ(ସିଲ), ଅଭିଗ୍ରହଣ ଏବଂ ଅଧିଗ୍ରହଣ କରିବେ ।

ଅଡିଟ୍ ଦେଖିଲା ଯେ ଚାରୋଟି ନମୁନା ଜିଲ୍ଲା ମଧ୍ୟରୁ ଗୋଟିଏ ଜିଲ୍ଲା(କଟକ)ରେ ଦୁଇଟି ଅଲଟ୍ରାସାଉଣ୍ଡ କ୍ଲିନିକ ଯଥା- ଗୋଟିଏ ସରକାରୀ ସ୍ତରରେ ଏବଂ ଅନ୍ୟ ଏକ ଘରୋଇ ସ୍ତରରେ 2012 ମସିହା ଜାନୁୟାରୀ / ଫେବୃୟାରୀ ଠାରୁ ଅଣ ପଞ୍ଜିକୃତ ହୋଇ ଚାଲୁଥିଲା ଏପରିକି 2013 ମସିହା ଡିସେମ୍ବର ମାସ ସୁଦ୍ଧା ନବୀକରଣ ପାଇଁ ମଧ୍ୟ କେହି ଆବେଦନ କରି ନଥିଲେ ।

ଘରୋଇ କ୍ଷେତ୍ରରେ ଥିବା ଚିକିତ୍ସାଳୟ(କ୍ଲିନିକ୍) ଏହାକୁ 2012 ମସିହା ଡିସେମ୍ବର ମାସଠାରୁ ବନ୍ଦ କରିବା ପାଇଁ ଆବେଦନ କରିଥିଲା(2012 ମସିହା ଜାନୁୟାରୀ) । ଯଦିଓ ଏହାର ପଞ୍ଜିକୃତ ସମୟ ସୀମା 2012 ମସିହା ଜାନୁୟାରୀ ମାସ ଠାରୁ ଅନ୍ତ ହୋଇଯାଇଥିଲା । ପୁନଃ ଅଡିଟ୍ ଲକ୍ଷ୍ୟ କଲା ଯେ, ସଙ୍ଗେ ସଙ୍ଗେ ସାର୍ଟିଫିକେଟକୁ ସମର୍ପଣ କରିବା ଏବଂ ବିନା ଅନୁମତିରେ ମେସିନକୁ ବ୍ୟବହାର ନ କରିବା, ସ୍ଥାନାନ୍ତର ନକରିବା, ବିକ୍ରି ନ କରିବା ପାଇଁ ନିର୍ଦ୍ଦେଶ ଦେବା ପରିବର୍ତ୍ତେ ବିଳମ୍ବରେ 2013 ମସିହା ସେପ୍ଟେମ୍ବର ମାସରେ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ବ୍ୟତୀତ ଉକ୍ତ ସମୟ ସୀମା ମଧ୍ୟରେ ମେସିନର ଅପବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ କୌଣସି ନିରୀକ୍ଷଣ କରାଯାଇ ନଥିଲା ।

ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ କହିଲେ(2014 ମସିହା ମାର୍ଚ୍ଚ ମାସ) ଯେ, ସରକାରୀ ଚିକିତ୍ସାଳୟକୁ 2014 ମସିହା ମାର୍ଚ୍ଚ ମାସ 15 ତାରିଖରେ ପଞ୍ଜିକୃତ ସମୟ ସୀମା ଶେଷ ହୋଇଯାଇଥିବା ସମ୍ବନ୍ଧରେ ସ୍ମରଣ କରାଯାଇଥିଲା । ଯାହାହେଉ, ଅଡିଟ୍ ଲକ୍ଷ୍ୟ କଲା ଯେ, ଉକ୍ତ ଅଣ ପଞ୍ଜିକୃତ ମେସିନଗୁଡିକ ଅଣ ପଞ୍ଜିକୃତ ଘରୋଇ/ ଚିକିତ୍ସାଳୟଗୁଡିକର ତତ୍ତ୍ୱାବଧାନରେ ରହିଅଛି ଯଦିଓ ସେଗୁଡିକର ବ୍ୟବହାର ଆଇନ୍ ଅନୁସାରେ କରାଯାଇପାରିବ ନାହିଁ । ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ-ତଥା-ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଏହାକୁ ଦୃଢୀକୃତ କରିଥିଲେ( ଏପ୍ରିଲ୍ 2014) ଏବଂ ଆଶ୍ୱାସନା ଦେଇଥିଲେ ଯେ ନବୀକରଣ ପାଇଁ ଆବେଦନ କରି ନଥିବା କ୍ଲିନିକକୁ ଅଣପଞ୍ଜିକୃତ ଭାବେ ବିବେଚନା କରାଯିବ  ଏବଂ ସେମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯବ ।

### *3.2.3.2 ନିରୀକ୍ଷଣ ବିନା ପଞ୍ଜିକରଣ ଏବଂ ନବୀକରଣ*

ଏହି ଅଧିନିୟମର ପରିଚ୍ଛେଦ 19(1) ଏବଂ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ ନିୟମାବଳୀ 1996 ଅନ୍ତର୍ଗତ ନିୟମ 6 (1) ଏବଂ (2) ଅନୁସାରେ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ ପଞ୍ଜିକରଣ କିମ୍ବା ନବୀକରଣ ପାଇଁ ଆବେଦନ ପତ୍ର ପାଇବା ପରେ ନିରୀକ୍ଷଣ ପୂର୍ବକ ନିଜେ ଆତ୍ମସନ୍ତୋଷ ଲାଭ କରିବେ ଯେ, ଆବେଦକ ଅଧିନିୟମ ଅନ୍ତର୍ଗତ ସମସ୍ତ ଆବଶ୍ୟକତାକୁ ପୁରଣ କରୁଅଛି । ଏହାପରେ ଉକ୍ତ ଆବେଦନ ପତ୍ରକୁ ଉପଦେଷ୍ଟା କମିଟି ନିକଟକୁ ଉପଯୁକ୍ତ ଉପଦେଶ ଉଦ୍ଦେଶ୍ୟରେ ଦାଖଲ କରିବେ ଏବଂ ତାଙ୍କ ଉପଦେଶ ଅନୁସାରେ ଆବେଦକଙ୍କୁ ଫର୍ମ-ବି ରେ ପଞ୍ଜିକରଣ ପ୍ରମାଣ ପତ୍ର ପ୍ରଦାନ କରିବେ । ଉପରୋକ୍ତ ଯାଞ୍ଚ/ ଅନୁସନ୍ଧାନକୁ ଜିଲ୍ଲା ଉପଯୁକ୍ତ   ପ୍ରାଧିକାରୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଦ୍ୱାରା କରିପାରିବେ । ପଞ୍ଜିକରଣ ସମୟ ସୀମା ଅତିକ୍ରାନ୍ତର 30 ଦିନ ପୂର୍ବରୁ ଆବେଦକ ନବୀକରଣ ପାଇଁ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କୁ ଆବେଦନ କରିବେ । ନିୟମ 4(2) ଅନୁସାରେ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ  ଆବେଦନ ପତ୍ର ପାଇବା ଦିନ କିମ୍ବା ତାହା ପର ଦିନ ପ୍ରାପ୍ତି ସ୍ୱୀକାର କରିବେ । ନିୟମ 9(4) ଅନୁସାରେ ପ୍ରତ୍ୟେକ ଜନ୍ମ ସମ୍ବନ୍ଧୀ କ୍ଲିନିକ୍ ପ୍ରତ୍ୟେକ ପ୍ରାକ୍ ପ୍ରସୂତୀ ପରୀକ୍ଷାଗୁଡିକର ବିଶଦ୍ ବିବରଣୀ ଫର୍ମ-ଏଫରେ ଲିପିବଦ୍ଧ କରିବେ । ପୁନଶ୍ଚ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ନିର୍ଦ୍ଦେଶ (ଜୁନ୍ 2010) ଅନୁସାରେ ପ୍ରତିବର୍ଷ ଜିଲ୍ଲାର ସମସ୍ତ ନୈଦାନିକ(କ୍ଲିନିକାଲ) ପ୍ରତିଷ୍ଠାନଗୁଡିକର 20 ପ୍ରତିଶତ ନିରୀକ୍ଷଣ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦ୍ୱାରା ଏବଂ ଅବଶିଷ୍ଟଗୁଡିକର ନିରୀକ୍ଷଣ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ/ ଉପଖଣ୍ଡ ଚିକିତ୍ସାଧିକାରୀମାନଙ୍କ ଦ୍ୱାରା କରାଯିବ ।

ସମୀକ୍ଷାରେ (ଅଡିଟ୍) ରେ ନିମ୍ନଲିଖିତ ବିଷୟଗୁଡିକ ଅବଲୋକନ କରାଗଲା:

- ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ ଗୋଟିଏ ଅଲଟ୍ରାସାଉଣ୍ଡ କ୍ଲିନିକକୁ ବିନା ଯାଞ୍ଚ/ ନିରୀକ୍ଷଣରେ ପଞ୍ଜିକରଣ ପ୍ରମାଣ ପତ୍ର 2006 ମସିହା ମେ ମାସ 16 ତାରିଖରେ ଦେଇଥିଲେ । ଏହି ମାମଲାରେ ଜିଲ୍ଲା ଉପଦେଷ୍ଟା କମିଟିର ପରାମର୍ଶ ମଧ୍ୟ ନିଆଯାଇ ନଥିଲା । ଅନ୍ୟ ଏକ କ୍ଲିନିକକୁ ଆବେଦକ ତଥା କ୍ଲିନିକର ମାଲିକଙ୍କ ଦସ୍ତଖତ ନଥିବା ସତ୍ୟ ପାଠ ଆଧାରରେ ପଞ୍ଜିକରଣ ପ୍ରମାଣପତ୍ର ଦିଆଯାଇଥିଲା ଏବଂ ଯାଞ୍ଚ୍ ଏବଂ ଅନୁସନ୍ଧାନ ବିନା ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଥଲା ।

- ଯଦିଓ ନିୟମ 13 ଅନୁସାରେ ପ୍ରତ୍ୟେକ କ୍ଲିନିକ୍ କର୍ମଚାରୀ ସ୍ଥାନ, ଠିକଣା, ଯନ୍ତ୍ରପାତିମାନଙ୍କର ପ୍ରତ୍ୟାଶିତ ପରିବର୍ତ୍ତନ ତାରିଖର 30 ଦିନ ପୂର୍ବରୁ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କୁ ଜଣାଇବେ ଏବଂ ଉପରୋକ୍ତ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ ପୂର୍ବକ ନୂତନ ପଞ୍ଜିକରଣ ପ୍ରମାଣପତ୍ରକୁ ସାନି ଜାରି କରାଇବେ, ତଥାପି ଗୋଟିଏ ଘରୋଇ ଚିକିତ୍ସାଳୟକୁ ପୁରାତନ ଖରାପ ମେସିନର ନମ୍ବରକୁ ପଞ୍ଜିକରଣ ପ୍ରମାଣପତ୍ରରେ ପରିବର୍ତ୍ତନ ନ କରି ନୂତନ ଅଲଟ୍ରାସାଉଣ୍ଡ ମେସିନର ସ୍ଥାପନ ପାଇଁ ଉପଯୁକ୍ତ ପ୍ରାଧିକାରୀ 2013 ମସିହା ଏପ୍ରିଲ୍ ମାସରେ ଅନୁମତି ପ୍ରଦାନ କରିଥିଲେ । ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ / ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଅତିରିକ୍ତ ଜିଲ୍ଲା

ଚିକିତ୍ସାଧିକାରୀ/ ଉପଖଣ୍ଡ ଚିକିତ୍ସାଧିକାରୀ କ୍ଲିନିକର କୌଣସି ନିରୀକ୍ଷଣ ନିୟମ 11(1) ଅନୁସାରେ କରି ନଥିଲେ କିମ୍ବା ପୁରାତନ ମେସିନର ଅନଧିକୃତ ବ୍ୟବହାରକୁ ନିବାରଣ କରିବା ପାଇଁ ଏହାକୁ ମୁଦା କରି ନଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ କରିବାର ଆଶ୍ୱାସନା ଦେଇଥିଲେ (ଏପ୍ରିଲ୍ 2014) ।

### *3.2.3.3 ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନବୀକରଣ ଆବେଦନ ଫଏସଲା ନ କରିବା*

ଏହି ଅଧିନିୟମର ପରିଚ୍ଛେଦ 18 ଏବଂ ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସୂତୀ ପ୍ରଯୁକ୍ତି କୌଶଳ(ଲିଙ୍ଗ ନିରୂପଣ ନିଷେଧ) ନିୟମାବଳୀ 1996 ର ନିୟମ 6(5) ଅନୁଯାୟୀ ପଞ୍ଜିକରଣ ପାଇଁ ଆବେଦନ ପତ୍ର ଗ୍ରହଣ କରିବାର 90 ଦିନ ମଧ୍ୟରେ ଆବେଦନକାରୀଙ୍କୁ ପଞ୍ଜିକରଣ ପ୍ରମାଣପତ୍ର ମଞ୍ଜୁରୀ କିମ୍ବା ଏହାର ଅଗ୍ରାହ୍ୟ ବିଷୟରେ ଯଥାକ୍ରମେ ଫର୍ମ-ବି କିମ୍ବା ଫର୍ମ-ସି ରେ ଜଣାଇବେ । ସେହିଭଳି ନିୟମ 8(6) ଅନୁସାରେ ନବୀକରଣ ପାଇଁ ଆବେଦନ ପତ୍ର ପାଇବାର 90 ଦିନ ମଧ୍ୟରେ ନବୀକରଣ ପ୍ରମାଣପତ୍ର ମଞ୍ଜୁରୀ କିମ୍ବା ଏହାର ଅସ୍ୱୀକାର ବିଷୟରେ ଯଥାକ୍ରମେ ଫର୍ମ-ବି କିମ୍ବା ଫର୍ମ-ସି ରେ ଆବେଦକଙ୍କୁ ଜଣାଇବେ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ ଆବେଦକଙ୍କୁ ଜଣା ନଗଲା ତେବେ ଏହା ସ୍ୱତଃ ନବୀକରଣ ହୋଇଥିବା ବିବେଚନା କରାଯିବ ।

କ୍ଲିନିକ୍‌ଗୁଡିକର ପଞ୍ଜିକରଣ/ ନବୀକରଣରେ ବିଳମ୍ବ ହୋଇଥିବା ସମୀକ୍ଷା ଅବଲୋକନ କଲା ଯାହାକି ନିମ୍ନ ସାରଣୀ 3.2.1 ଦର୍ଶାଗଲା ।

**ସାରଣୀ 3.2.1: ପଞ୍ଜିକରଣ/ ନବୀକରଣରେ ବିଳମ୍ବ**

| ନମୁନା ଜିଲ୍ଲା ଗୁଡିକର ନାମ | ଗ୍ରହଣ କରାଯାଇଥିବା ଆବେଦନ ପତ୍ର ଗୁଡିକର ସଂଖ୍ୟା | 90 ଦିନ ଠାରୁ ଅଧିକ ବିଳମ୍ବରେ ଫଏସଲା କରାଯାଇଥିବା ଆବେଦନ ପତ୍ର ସଂଖ୍ୟା | ବିଳମ୍ବର ସୀମା (90 ଦିନ ଠାରୁ ଅଧିକ) |
|---|---|---|---|
| **ପଞ୍ଜିକରଣ** | | | |
| ଗଞ୍ଜାମ | 10 | 7 | 9 ରୁ 281 |
| ଭଦ୍ରକ | 4 | 1 | 23 |
| କଟକ | 29 | 8 | 4 ରୁ 278 |
| ନୟାଗଡ | 3 | 3 | 31 ରୁ 177 |
| **ମୋଟ** | **46** | **19** | |
| **ନବୀକରଣ** | | | |
| ଭଦ୍ରକ | 8 | 1 | 51 |
| ଗଞ୍ଜାମ | 23 | 15 | 12 ରୁ 392 |
| କଟକ | 19 | 14 | 7 ରୁ 558 |
| **ମୋଟ** | **50** | **30** | |

***(ଉତ୍ସ: ଅଡିଟ୍ ଦ୍ୱାରା ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ନଥିରୁ ସଂଗୃହିତ କରାଯାଇଥିବା ସଂକଳନ)***

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ, 46 ଟି ପଞ୍ଜିକରଣ ଆବେଦନ ପତ୍ର ମଧ୍ୟରୁ 19 ଟିକୁ ନିର୍ଦ୍ଧାରିତ ସମୟ 90 ଦିନ ପରେ ଚାରି ଦିନ ଠାରୁ 281 ଦିନ ପର୍ଯ୍ୟନ୍ତ ବିଳମ୍ବରେ ଫଏସଲା କରାଯାଇଥିଲା । ପଞ୍ଜିକରଣର ନବୀକରଣ ଉଦ୍ଦେଶ୍ୟରେ ପାଇଥିବା 50 ଗୋଟି ଆବେଦନ ପତ୍ର ମଧ୍ୟରୁ 30 ଗୋଟିକୁ ସାତ ଦିନ ଠାରୁ 558 ଦିନ ବିଳମ୍ବରେ

ଫଏସଲା କରାଯାଇଥିଲା । ନବୀକରଣ ପାଇଁ କୌଣସି ଆବେଦନ ପତ୍ର ନୟାଗଡ ଜିଲ୍ଲାରେ ଗ୍ରହଣ କରାଯାଇ ନଥିଲା । ଏଣୁ ଏହି କ୍ଲିନିକଗୁଡିକ ଉପରୋକ୍ତ ବିଳମ୍ବିତ ସମୟ ମଧ୍ୟରେ ଉପଯୁକ୍ତ ପ୍ରାଧିକାରୀଙ୍କ ସମୀକ୍ଷା ବିନା ବିବେଚିତ ନବୀକରଣ(ଡିମ୍‌ଡ ରିନୁଆଲ) ଆକାରରେ ଚାଲିଥିଲା ।

ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଉପରୋକ୍ତ ସତ୍ୟତାକୁ ଗ୍ରହଣ କଲେ (ଏପ୍ରିଲ୍ 2014) ଏବଂ ଏହି ବିଳମ୍ବ ପାଇଁ ଜିଲ୍ଲାପାଳ-ତଥା-ଜିଲ୍ଲା ମାଜିଷ୍ଟ୍ରେଟ୍ ଯିଏକି ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ବ୍ୟସ୍ତବହୁଳ କାର୍ଯ୍ୟକ୍ରମକୁ ଦାୟୀ କରିଥିଲେ । ଏହା ସହିତ ଆଶ୍ୱାସନା ଦେଇଥିଲେ ଯେ ଭବିଷ୍ୟତରେ ପଞ୍ଜିକରଣ ଏବଂ ନବୀକରଣ ସାର୍ଟିଫିକେଟଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଜାରୀ କରାଯିବ ।

### *3.2.3.4 ଅନଧିକୃତ ବ୍ୟକ୍ତିଙ୍କ ଦ୍ୱାରା ଅଲଟ୍ରାସାଉଣ୍ଡ ମେସିନ୍ ପରିଚାଳନା*

ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ନିୟମାବଳୀ 1996 ଅନ୍ତର୍ଗତ ନିୟମ 3 (3) (1) ଅନୁଯାୟୀ ପର୍ଯ୍ୟାପ୍ତ ଜାଗା ରଖିଥିବା କୌଣସି ବ୍ୟକ୍ତି, ଯିଏକି ନିଜେ 20 ଟି ପ୍ରକ୍ରିୟାରେ ଅଭିଜ୍ଞତା ଥାଇ ପ୍ରସୂତି ବିଶେଷଜ୍ଞ ହୋଇଥିବେ କିମ୍ବା ଉକ୍ତ ଅଭିଜ୍ଞତା ଥିବା ପ୍ରସୂତି ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଇଥିବେ କିମ୍ବା ସୋନୋଲୋଜିଷ୍ଟ, ଇମେଜିଙ୍ଗ ବିଶେଷଜ୍ଞ, ବିକିରଣ ବିଜ୍ଞାନୀ କିମ୍ବା ସ୍ନାତକୋତ୍ତର ଡିଗ୍ରୀ କିମ୍ବା ଡିପ୍ଲୋମା ଥିବା କିମ୍ବା ଛଅ ମାସ ପ୍ରଶିକ୍ଷଣ କିମ୍ବା ଏକ ବର୍ଷର ସୋନୋଗ୍ରାଫି କିମ୍ବା ଇମେଜିଂ ସ୍କାନିଂର ଅଭିଜ୍ଞତା ଥିବା ଚିକିତ୍ସକ କିମ୍ବା ଚିକିତ୍ସା ଅନୁବଂଶିକବିତ୍ ହୋଇଥିବେ, ତେବେ ସେ ଜେନେଟିକ କ୍ଲିନିକ ଅଲଟ୍ରାସାଉଣ୍ଡ କ୍ଲିନିକ/ଇମେଜିଂ ସେଣ୍ଟର ସ୍ଥାପନା କରିପାରିବେ ।

ଯାହାହେଉ ଅଡିଟ୍ ଏକ ନମୁନା ଜିଲ୍ଲା(ଭଦ୍ରକ)ରେ ଲକ୍ଷ୍ୟ କଲା ଯେ, ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ବିନା ସ୍ୱୀକୃତିରେ ଜଣେ ଚକ୍ଷୁ ଚିକିତ୍ସକ ଅଲଟ୍ରାସାଉଣ୍ଡ /ଇମେଜିଙ୍ଗ ସେଣ୍ଟର ପରିଚାଳନା କରୁଥିଲେ ଏବଂ ଫର୍ମ-ଏଫରେ ଦସ୍ତଖତ କରି ପଠାଉଥିଲେ । ଅଡିଟ୍ ଉକ୍ତ ଆଇନର ଉଲଂଘନ ବିଷୟରେ ଜଣାଇଥିଲେ (ନଭେମ୍ବର 2013) ମଧ୍ୟ ଉକ୍ତ କ୍ଲିନିକ / ଚିକିତ୍ସକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିଲା ।

ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଉପରୋକ୍ତ ବିଷୟରେ ତଦନ୍ତ କଲାପରେ ଦର୍ଶାଇଲେ (ନଭେମ୍ବର 2013) ଯେ, ଉକ୍ତ ଚିକିତ୍ସକ ଅଲଟ୍ରାସାଉଣ୍ଡ କରୁ ନଥିଲେ, କିନ୍ତୁ ଏହା ମାଧ୍ୟମରେ ଉପଯୁକ୍ତ ଚିକିତ୍ସକ ଦେଇଥିବା ରିପୋର୍ଟର ବସ୍ତୁଗତ ସିଦ୍ଧାନ୍ତ କରୁଥିଲେ । କିନ୍ତୁ ଫର୍ମ-ଏଫରୁ ଦେଖାଗଲା ଯେ, ଉକ୍ତ ଚକ୍ଷୁ ଚିକିତ୍ସକ ହିଁ ଅଲଟ୍ରାସାଉଣ୍ଡ ମେସିନ ପରିଚାଳନା କରୁଥିଲେ । ଯାହାହେଉ, ସ୍ୱତନ୍ତ୍ର ସଚିବ ଆଶ୍ୱାସନା ଦେଲେ(ଏପ୍ରିଲ 2014) ଯେ ଏହି ମାମଲାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

### *3.2.3.5 ବହନୀୟ ଅଲଟ୍ରାସାଉଣ୍ଡ ମେସିନ ଏବଂ ତାହାର ବ୍ୟବହାର*

ପ୍ରାକ ଗର୍ଭଧାରଣ ଓ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ନିୟମାବଳୀ 1996 ନିୟମ 13, 2012 ମସିହାରେ ସଂଶୋଧିତ ହୋଇଥିଲା । ଉକ୍ତ ନିୟମ ଅନୁସାରେ ପ୍ରତ୍ୟେକ କ୍ଲିନିକ ଏହାର କର୍ମଚାରୀ, ସ୍ଥାନ, ଠିକଣା, ଯନ୍ତପାତି ମାନଙ୍କର ପ୍ରତ୍ୟାଶିତ ପରିବର୍ତ୍ତନ ତାରିଖର 30ଦିନ ପୂର୍ବରୁ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କୁ ଜଣାଇବେ ଏବଂ ଉପରୋକ୍ତ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ ପୂର୍ବକ ନୂତନ ପଞ୍ଜିକରଣ ପ୍ରମାଣପତ୍ରକୁ ସାନି ଜାରି କରାଇବେ । ଏହା ଛଡା ନିୟମ 3-ବି(1)[43]ରେ ଅନ୍ୟ କଥା ସହିତ ଏକଥା ମଧ୍ୟ କୁହାଯାଇଛି ଯେ ପ୍ରାକ୍ ଗର୍ଭଧାରଣ କିମ୍ବା ପ୍ରାକ୍

43 ଫେବୃଆରୀ 2012ରେ ସଂଶୋଧିତ

ଗର୍ଭଧାରଣ ସମୟରେ ଲିଙ୍ଗ ନିରୂପଣରେ ସାମର୍ଥ୍ୟ ରଖୁଥିବା ବହନୀୟ ଅଲଟ୍ରାସାଉଣ୍ଡ ମେସିନର ବ୍ୟବହାରକୁ କେବଳ ପଞ୍ଜିକୃତ ପରିସରର ଅର୍ନ୍ତବାସୀ ରୋଗୀମାନଙ୍କ ସେବା ପାଇଁ ବ୍ୟବହାରରେ ଅନୁମତି ଦିଆଯାଇ ପାରିବ ।

ଅଡିଟରେ ଦେଖାଗଲା ଯେ, ବହନୀୟ ଅଲଟ୍ରାସାଉଣ୍ଡ ମେସିନ ଉପରେ ନଜର ରଖିବା ପାଇଁ କୌଣସି କ୍ରିୟାବିଧି ନାହିଁ । ଏହାଛଡା ଉପଯୁକ୍ତ ପ୍ରାଧିକାରୀମାନଙ୍କ ଦ୍ୱାରା ଅନୁମତି ପ୍ରାପ୍ତ ବହନୀୟ ଅଲଟ୍ରାସାଉଣ୍ଡ ମେସିନର ସଂଖ୍ୟା ବିଷୟରେ ବିଭାଗ ନିକଟରେ ସୂଚନା ନ ଥିଲା । ଚାରୋଟି ଜିଲ୍ଲାର ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ କହିଥିଲେ ଯେ ସେମାନଙ୍କ ଜିଲ୍ଲାର ବହନୀୟ ଅଲଟ୍ରାସାଉଣ୍ଡ ମେସିନର ବ୍ୟବହାର ପାଇଁ ଅନୁମତି ଦିଆଯାଇ ନ ଥିଲା ।

ଅଡିଟରେ ପୁଣି ଦେଖାଗଲା ଯେ:

- କଟକ ଜିଲ୍ଲାରେ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ପଞ୍ଜୀକରଣ ବିନା ଏବଂ ଅନ୍ତର୍ବାସୀ ରୋଗୀସେବା ବ୍ୟବସ୍ଥା ନ ଥାଇ 10ଟି ଅଲଟ୍ରାସାଉଣ୍ଡ କ୍ଲିନିକରେ ବହନୀୟ ଅଲଟ୍ରାସାଉଣ୍ଡ ମେସିନର ବ୍ୟବହାର ହେଉଥିଲା । ପାଞ୍ଚୋଟି କ୍ଲିନିକରେ ଉପରୋକ୍ତ ମେସିନଗୁଡିକର ବ୍ୟବହାର ନଜରକୁ ଆସିବା ପରେ କଟକ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ ସଂପୃକ୍ତ ତହସିଲଦାରଙ୍କୁ ଧରି ମୁଦା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ (ମାର୍ଚ୍ଚ 2013) । ଅବଶିଷ୍ଟ ପାଞ୍ଚୋଟି ବହନୀୟ ଅଲଟ୍ରାସାଉଣ୍ଡ ମେସିନଗୁଡିକର ସ୍ଥିତି ବିଷୟରେ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ ଅବଗତ ନଥିଲେ (ଏପ୍ରିଲ୍ 2014) ।

  2011 ମସିହା ମେ ମାସରେ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ମେସିନ୍ କ୍ରମିକ ସଂଖ୍ୟା ଥାଇ ପଞ୍ଜିକୃତ ପ୍ରମାଣ ପତ୍ର ଦିଆଯାଇଥିଲେ ମଧ୍ୟ ଏହା ଏକ ବହନୀୟ(ପୋର୍ଟେବ୍ଲ) ଅଲଟ୍ରାସାଉଣ୍ଡ ମେସିନ୍ ବୋଲି 2011 ମସିହା ଅକ୍ଟୋବର ମାସରେ ଜଣା ପଡିଥିଲା । ଏଥିରୁ ସୂଚନା ମିଳେ ଯେ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସୂତି ପ୍ରଯୁକ୍ତ କୌଶଳ(ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମ ଅନ୍ତର୍ଗତ ପରିଚ୍ଛେଦ 19(1)ରେ ବ୍ୟବସ୍ଥା ଥିଲେ ମଧ୍ୟ ଉପରୋକ୍ତ କ୍ଲିନିକକୁ ନିରୀକ୍ଷଣ ବିନା ପଞ୍ଜିକରଣ ପ୍ରମାଣ ପତ୍ର ଦିଆଯାଇଥିଲା ।

- ସେହିଭଳି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ପରିବାର କଲ୍ୟାଣ)ଙ୍କ ସହିତ ମିଳିତ ନିରୀକ୍ଷଣ (ନଭେମ୍ବର 2013) ସମୟରେ ଦେଖାଗଲା ଯେ, ଭଦ୍ରକ ଜିଲ୍ଲାରେ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ବିନା ଅନୁମତିରେ ଗୋଟିଏ ବହନୀୟ ଅଲଟ୍ରାସାଉଣ୍ଡ ମେସିନ୍ ବ୍ୟବହାର ହେଉଥିଲା ।

  ଅଡିଟରେ ପୁନଃ ଦେଖାଗଲା ଯେ, ଉପରୋକ୍ତ ବହନୀୟ ମେସିନ୍‌ଟି 2008 ମସିହା ଅକ୍ଟୋବର ମାସରୁ ବ୍ୟବହୃତ ହେଉଥିଲା । ଉପରୋକ୍ତ ମେସିନର ନମ୍ବରରେ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା (ଜାନୁୟାରୀ 2009) ପଞ୍ଜିକରଣ ପ୍ରମାଣପତ୍ରରେ ମଧ୍ୟ ଥିଲା ଯାହାକି ଆବେଦକଙ୍କ ଆବେଦନ ପତ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିରୀକ୍ଷଣ ରିପୋର୍ଟ(ଅକ୍ଟୋବର 2008) ରେ ମଧ୍ୟ ଥିଲା କିନ୍ତୁ ବହନୀୟ ମେସିନର ସୂଚନା କୌଣସିଠାରେ ନଥିଲା ।




*ମଞ୍ଜୁରୀ ରୋଡ, ଭଦ୍ରକଠାରେ ବ୍ୟବହୃତ ହୋଇଥିବା ବହନୀୟ ଅଲଟ୍ରାସାଉଣ୍ଡ ମେସିନ୍*

ରାଜ୍ୟ ଉପଯୁକ୍ତ ଅଧିକାରୀ ଏହାକୁ ସ୍ୱୀକାର କରିବା ସହିତ ଦର୍ଶାଇଲେ (ଏପ୍ରିଲ୍ 2014) ଯେ, ଅଧିକରୁ ଅଧିକ ଅନୁସନ୍ଧାନ ହିଁ ବହନୀୟ ମେସିନ୍ ଗୁଡିକର ବ୍ୟବହାର ଏବଂ ନିୟମ ଉଲ୍ଲଂଘନକାରୀଙ୍କର ସନ୍ଧାନ କରିବାର ଏକମାତ୍ର ପନ୍ଥା । ଏହାସହିତ, ଦଣ୍ଡାତ୍ମକ କାର୍ଯ୍ୟପନ୍ଥାଗ୍ରହଣ କରିବାକୁ ଆଶ୍ୱାସନା ମଧ୍ୟ ଦେଇଥିଲେ । ଏହି ମାମଲାରେ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀମାନଙ୍କୁ ଉପଯୁକ୍ତ ନିର୍ଦ୍ଦେଶନାମା ଜାରି କରିବା ପାଇଁ ସ୍ୱତନ୍ତ୍ର-ସଚିବ ଆଶ୍ୱାସନା ଦେଇଥିଲେ (ଏପ୍ରିଲ୍ 2014) ।

### *3.2.3.6 ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ(ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମ ଅନ୍ତର୍ଗତ ସାର୍ବଜନିନ ସୂଚନା*

ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ(ଲିଙ୍ଗ ନିରୂପଣ ନିଷେଧ) ନିୟମାବଳୀ 1996 ଅନ୍ତର୍ଗତ ନିୟମ 17 ଅନୁସାରେ ଅନ୍ୟାନ୍ୟ ତଥ୍ୟ ସହିତ ଏକଥା ମଧ୍ୟ କୁହାଯାଇଥିଲା ଯେ, ପ୍ରତ୍ୟେକ ଜେନେଟିକ୍ କ୍ଲିନିକ୍, ଅଲଟ୍ରାସାଉଣ୍ଡ କ୍ଲିନିକ୍ ଏବଂ ଇମେଜିଙ୍ଗ୍ ସେଣ୍ଟର ନିଜ ପରିସର ମଧ୍ୟରେ ଇଂରାଜୀ ଏବଂ ଆଞ୍ଚଳିକ ଭାଷାରେ ସାର୍ବଜନିକ ସୂଚନା ପାଇଁ ଭ୍ରୁଣର ଲିଙ୍ଗ ନିରୂପଣ ଆଇନ୍ ଅନୁଯାୟୀ ନିଷେଧ ବିଜ୍ଞପ୍ତି ପ୍ରଦର୍ଶନ କରିବା ଉଚିତ୍ । ଏହାଛଡା, ପ୍ରତ୍ୟେକ ଅଲଟ୍ରାସାଉଣ୍ଡ କ୍ଲିନିକ୍, ଜେନେଟିକ୍ କ୍ଲିନିକ୍ ଏବଂ ଇମେଜିଙ୍ଗ ସେଣ୍ଟରଗୁଡିକ ନିଜ ପାଖରେ ଅତିକମ୍‌ରେ ଅଧିନିୟମ ଓ ନିୟମାବଳୀର ଗୋଟିଏ କପି ଗ୍ରାହକମାନଙ୍କର ଅବଲୋକନ ନିମନ୍ତେ ରଖିବା ଉଚିତ୍ ।

ଚାରୋଟି ଜିଲ୍ଲାର 22 ଟି ଅଲଟ୍ରାସାଉଣ୍ଡ କ୍ଲିନିକର ମିଳିତ ଅନୁସନ୍ଧାନରୁ ଜଣାଗଲା ଯେ, ପାଞ୍ଚଟି (23 ପ୍ରତିଶତ) ଅଲଟ୍ରାସାଉଣ୍ଡ କ୍ଲିନିକରେ ପ୍ରଦର୍ଶନ ଫଳକରେ *'ଭ୍ରୁଣର ଲିଙ୍ଗ ନିରୂପଣ ଆଇନତଃ ନିଷେଧ'* ପ୍ରଦର୍ଶନ କରାଯାଇ ନଥିଲା ଏବଂ ଆଠଟି (36 ପ୍ରତିଶତ) କ୍ଲିନିକରେ ଅତିକମରେ ଗୋଟିଏ ଗୋଟିଏ ଅଧିନିୟମ ଏବଂ ନିୟମାବଳୀର ନକଲ ମିଳି ନଥିଲା । କ୍ଲିନିକ ଗୁଡିକ ଦ୍ୱାରା ଉପରୋକ୍ତ ବ୍ୟବସ୍ଥାର ଅନୁପାଳନ ସମ୍ବନ୍ଧରେ ଖବର ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ କିମ୍ବା ନୋଡାଲ୍ ଅଧିକାରୀଙ୍କ ପାଖରେ ନଥିଲା ।

### *3.2.3.7 ନିର୍ଦ୍ଧାରିତ ରେକର୍ଡ ରଖା ନଯିବା*

ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତୀ ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ନିୟମାବଳୀ 1996ର ନିୟମ 19(5) ଅନୁଯାୟୀ ପଞ୍ଜୀକରଣ ଓ ନବୀକରଣ ପାଇଁ ପ୍ରାପ୍ତି ଆବେଦନ ପତ୍ର ଗୁଡିକର ତଥ୍ୟ ଫର୍ମ-ଏଚରେ ବିସ୍ତୃତ ରଖାଯିବା ଉଚିତ୍, ଯାହାକି ସ୍ଥାୟୀ ରେକର୍ଡ ଅଟେ । କର୍ମଚାରୀ ସ୍ଥାନ, ଠିକଣା ଏବଂ ଯାନ୍ତ୍ରିକ ଉପକରଣ ସ୍ଥାପନା ଭଳି ପ୍ରତ୍ୟେକ ପରିବର୍ତ୍ତନର ତଥ୍ୟକୁ ସ୍ଥାୟୀ ରେକର୍ଡରେ ରଖାଯିବା ଉଚିତ୍ ।

ଭଦ୍ରକ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ ଉପରୋକ୍ତ ଉଦ୍ଦେଶ୍ୟରେ ଏକ ରେଜିଷ୍ଟର ବ୍ୟବହାର କରୁଥିଲେ ମଧ୍ୟ ଏହାର ଅଧି ପ୍ରମାଣୀ କରାଯାଉ ନଥିଲା, ଯେତେବେଳେ କଟକ ଏବଂ ଗଞ୍ଜାମ ଜିଲ୍ଲାରେ ଏହି ରେଜିଷ୍ଟର ଆଦୌ ବ୍ୟବହାର କରାଯାଇ ନଥିଲା । ଉପରୋକ୍ତ ପଞ୍ଜୀକରଣ ବୈଧତା ବିନା, ପଞ୍ଜିକୃତ କ୍ଲିନିକ ଗୁଡିକର ସ୍ଥାନ ଏବଂ କର୍ମଚାରୀ ପରିବର୍ତ୍ତନ ଉପରେ ନଜର ରଖାଯାଇ ପାରୁ ନଥିଲା, ଯାହାଦ୍ୱାରା ଅନଧିକୃତ ବ୍ୟକ୍ତି ବିଶେଷଜ୍ଞଙ୍କ ଦ୍ୱାରା ଅଲଟ୍ରାସାଉଣ୍ଡ ମେସିନର ପରିଚାଳନା, ବହନୀୟ ଅଲଟ୍ରାସାଉଣ୍ଡ ମେସିନ୍‌ର ବ୍ୟବହାର ଆଦି ଅନିୟମିତତା ନଜର ବାହାରେ ରହୁଥିଲା, ଯାହାକି ***ଅନୁଚ୍ଛେଦ 3.2.3.4*** ଏବଂ ***3.2.3.5*** ରେ ବର୍ଣ୍ଣନା କରାଯାଇଅଛି ।

ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଆଶ୍ୱାସନା ଦେଇଥିଲେ (ଏପ୍ରିଲ୍ 2014) ଯେ, ଜିଲ୍ଲା ସ୍ତରରେ ଫର୍ମ-ଏଚ୍ ରେଜିଷ୍ଟରରେ ଉପଯୁକ୍ତ ପରିଚାଳନା ଏବଂ ଏହାର ପ୍ରମାଣୀକରଣ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ଦ୍ୱାରା କରାଯିବ ।

### ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡିକର ନିରୀକ୍ଷଣ

### *3.2.3.8 ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡିକର ନିୟମିତ ନିରୀକ୍ଷଣର ଅଭାବ*

ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ(ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମର କଡାକଡି ଅନୁପାଳନ ପାଇଁ, ଅଲଟ୍ରାସାଉଣ୍ଡ କ୍ଲିନିକ୍, ଇମେଜିଙ୍ଗ୍ ସେଣ୍ଟର, ନର୍ସିଂହୋମ ଏବଂ ଚିକିତ୍ସାଳୟ, ଯେଉଁଠାରେ କି ଗର୍ଭଧାରଣ ପୂର୍ବ କିମ୍ବା ପରବର୍ତ୍ତୀ ସମୟର ଗର୍ଭସ୍ଥ ଭ୍ରୁଣର ଲିଙ୍ଗ ନିରୂପଣ କରିପାରୁଥିବା ପ୍ରକ୍ରିୟା ବା ଶୈଳି ଥିବା କୌଣସି ମେସିନ୍ / ଉପକରଣ ଗୁଡିକର ବ୍ୟବହାର ହେଉଥାଏ, ସେଗୁଡିକର ନିରୀକ୍ଷଣ ନିୟମ 11(1) ଅନୁସାରେ ହେବା ଦରକାର ଏବଂ ଉପରୋକ୍ତ ଯାଞ୍ଚ ପାଇଁ ଉପଯୁକ୍ତ ଅଧିକାରୀଙ୍କୁ କିମ୍ବା ଅନ୍ୟ କୌଣସି ପ୍ରାଧିକୃତ ବ୍ୟକ୍ତିବିଶେଷଙ୍କୁ ସ୍ଥାନ, ଯାନ୍ତ୍ରିକ ଉପକରଣ ଏବଂ ରେକର୍ଡଗୁଡିକର ଯାଞ୍ଚ ପାଇଁ ଉପଯୁକ୍ତ ସୁବିଧା କ୍ଲିନିକ୍ ଗୁଡିକ ପ୍ରଦାନ କରିବେ । ଉକ୍ତ ଅଧିନିୟମ ଅନୁସାରେ ପଞ୍ଜିକୃତ ହୋଇ ନଥିବା କୌଣସି ସଙ୍ଗଠନ, ଯଦି ଭ୍ରୁଣର ଲିଙ୍ଗ ନିରୂପଣ ସାମର୍ଥ୍ୟ ରଖୁଥିବା କୌଣସି ମେସିନ୍, ସ୍କାନର କିମ୍ବା ଅନ୍ୟ କୌଣସି ଉପକରଣ ବ୍ୟବହାର କରୁଥିବ, ଉପଯୁକ୍ତ ପ୍ରାଧିକାରୀ କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତି ବିଶେଷ ତାହାକୁ ନିଜ ଅକ୍ତିଆରକୁ ଆଣି ମୁଦ କରିପାରିବେ ।

ଏହାଛଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କ ନିର୍ଦ୍ଦେଶ (ଜୁନ୍ 2010) ମୁତାବକ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବର୍ଷରେ ଜିଲ୍ଲା ମଧ୍ୟରେ ଥିବା ସମସ୍ତ କ୍ଲିନିକାଲ ପ୍ରତିଷ୍ଠାନ ଗୁଡିକର 20 ପ୍ରତିଶତ ନିରୀକ୍ଷଣ କରିବେ ଏବଂ ଅବଶିଷ୍ଟ ଗୁଡିକୁ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ/ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ନିରୀକ୍ଷଣ କରିବେ । ପୁନଶ୍ଚ, ସ୍ୱାସ୍ଥ୍ୟ ସଚିବ, ଜିଲ୍ଲା ଉପଯୁକ୍ତ ଅଧିକାରୀମାନଙ୍କୁ ଜିଲ୍ଲା ମଧ୍ୟରେ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡିକର ସାମୟିକ ନିରୀକ୍ଷଣ ପାଇଁ ଗୋଟିଏ ନିରୀକ୍ଷଣ ଦଳ ଗଠନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ (ଜୁଲାଇ 2012) ।

ନମୂନା ଜିଲ୍ଲା ମାନଙ୍କର ରେକର୍ଡର ସମ୍ୟକ ଯାଞ୍ଚ ସମୟରେ, ଅଡିଟ ଅବଲୋକନ କଲା ଯେ:

- ଯଦିଓ ଷ୍ଟେଟ୍ ସେଲ୍ ରାଜ୍ୟ ମଧ୍ୟରେ 2010-11 ରୁ 2013-14 ମଧ୍ୟରେ 1336 ଟି ନିରୀକ୍ଷଣ ହୋଇଥିବାର ତ୍ରୟୋମାସିକ ଅଗ୍ରଗତି ରିପୋର୍ଟରେ ଜଣାଇଥିଲେ (ଡିସେମ୍ବର 2013) ଜିଲ୍ଲାୱାରୀ ସଂଖ୍ୟା ୟୁନିଟ୍‌ଗୁଡିକର ନାମ ଏବଂ ନିରୀକ୍ଷଣର ତାରିଖ ଅଡିଟ୍‌କୁ ଦିଆଯାଇ ନଥିଲା । 39ଟି ଆଇନ୍[44] ଉଲ୍ଲଂଘନର କେସ୍ ଫାଇଲ କରାଯାଇଥିଲା ।

- ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ) ଙ୍କର ଆଦେଶ ମୁତାବକ ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ଅଗଷ୍ଟ 2012 ରୁ ଜାନୁଆରୀ 2013 ମଧ୍ୟରେ ଜିଲ୍ଲାର 42 ଟି ଅଲଟ୍ରାସାଉଣ୍ଡ କ୍ଲିନିକ୍ ମଧ୍ୟରୁ 12 ଟିର ନିରୀକ୍ଷଣ କରିଥିଲେ । ଯଦିଓ ଜିଲ୍ଲା ପ୍ରାଗ୍ରାମ ଅଧିକାରୀ ଉପରୋକ୍ତ ନିରୀକ୍ଷଣ ରିପୋର୍ଟ ଗୁଡିକରେ ପଞ୍ଜିକରଣ ବିନା ବହନୀୟ ଅଲଟ୍ରାସାଉଣ୍ଡ ମେସିନ୍ ଥିବା (ତିନୋଟି), ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କୁ ସୂଚନା ନ ଦେଇ ମେସିନ୍ କିଣିବା (1), ବର୍ଷ ବର୍ଷ ଧରି ଫର୍ମ-ଏଫ୍ ପଠାଉନଥିବା (ତିନୋଟି) ଇତ୍ୟାଦି ଗୁରୁତର ଅଭିଯୋଗ ଆଣିଥିଲେ ମଧ୍ୟ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ ନିଜେ ଆଇନ୍ ଉଲ୍ଲଂଘନକାରୀ କ୍ଲିନିକ୍‌ମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ କିମ୍ବା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀଙ୍କୁ ଏ ବିଷୟରେ ରିପୋର୍ଟ କରି ନଥିଲେ ।

---

44 ଜାତୀୟ ନିରୀକ୍ଷଣ ଓ ମନିଟରିଂ କମିଟି-5, ଷ୍ଟେଟ୍ ଟିମ୍ ଏବଂ ଜିଲ୍ଲା ଟିମ୍-20 କେବଳ ଜିଲ୍ଲା ଟିମ୍-14

ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦର୍ଶାଇଲେ (ନଭେମ୍ବର 2013) ଯେ, ସେ 2013-14 ବର୍ଷରେ 20 ପ୍ରତିଶତ ଅଲଟ୍ରାସାଉଣ୍ଡ କ୍ଲିନିକର ନିରୀକ୍ଷଣ କରିଛନ୍ତି ଏବଂ ବାର୍ଷିକ ନିରୀକ୍ଷଣ ଯଦିଓ କରାଯାଇଛି ତାହାର କାଗଜପତ୍ର ଠିକ୍ ଭାବରେ କରାଯାଇନାହିଁ । ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉପରୋକ୍ତ ତଥ୍ୟକୁ ସ୍ୱୀକାର କରିବା ସହିତ ଦର୍ଶାଇଲେ (ଜାନୁୟାରୀ 2014) ଯେ, କ୍ଲିନିକ୍ ଗୁଡିକୁ ଉପରୋକ୍ତ ଅଭାବଗୁଡିକର ସଂଶୋଧନ ପାଇଁ ମୌଖିକ ଆଦେଶ ସମୟ ସମୟରେ ଦିଆଯାଇଥାଏ । ନିରୀକ୍ଷଣ ପରେ ପରେ ଉପଦେଶାତ୍ମକ ଜ୍ଞାପନ କ୍ଲିନିକ୍ ଗୁଡିକୁ ଦିଆଯାଉ ନଥିବାରୁ, ସମସ୍ତ ଉଦ୍ୟମ ଫଳପ୍ରଦ ହେଉନଥିଲା । ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଦର୍ଶାଇଲେ (ଏପ୍ରିଲ୍ 2014) ଯେ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ(ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମ କିମ୍ବା ନିୟମାବଳୀରେ ବାର୍ଷିକ ନିରୀକ୍ଷଣର ବ୍ୟବସ୍ଥା ନଥିବାରୁ ଜିଲ୍ଲା ସ୍ତରରେ କେବଳ ଅଭିଯୋଗ ଆଧାରରେ ନିରୀକ୍ଷଣ କରାଯାଇଥାଏ । ତଥାପି, ଅଧିନିୟମର ଅଧିକତମ ପ୍ରବର୍ତ୍ତନ ପାଇଁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ଦ୍ୱାରା ଜାରି କରାଯାଇଥିବା କାର୍ଯ୍ୟକାରୀ ଆଦେଶ (ଜୁନ୍ 2010) ଯେଉଁଥିରେ କି ସମସ୍ତ କ୍ଲିନିକ୍ ଗୁଡିକର ବାର୍ଷିକ ନିରୀକ୍ଷଣର ବ୍ୟବସ୍ଥା ଥିଲା, ତାର ପାଳନ କରାଯାଇ ନଥିଲା ।

### *3.2.3.9 ଆକସ୍ମିକ ନିରୀକ୍ଷଣ ଏବଂ ରାଜ୍ୟ / ଜିଲ୍ଲା ସ୍ତରୀୟ କାର୍ଯ୍ୟଦଳ ଦ୍ୱାର ଛାପାମାରି*

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପ୍ରତ୍ୟେକ ଜିଲ୍ଲାରେ, ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ(ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମ 1994 ର ଅନୁପାଳନର ପର୍ଯ୍ୟାଲୋଚନା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ କାର୍ଯ୍ୟ ଦଳ କମିଟି ଗଠନ କରିଥିଲେ (ଜୁଲାଇ 2007) । ଉକ୍ତ କମିଟିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅଧକ୍ଷ, ଜିଲ୍ଲା ପୁଲିସ୍ ଆରକ୍ଷୀ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ସଦସ୍ୟ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସହଯୋଗୀ ସଦସ୍ୟ ଥିଲେ । ଏହି କମିଟି ମାଜିଷ୍ଟ୍ରେଟ୍, ପୁଲିସ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନେଇ ଏକ ସ୍କ୍ୱାଡ୍ ଗଠନ କରିବାର ଥିଲା । ଜିଲ୍ଲା ସ୍ତରୀୟ କାର୍ଯ୍ୟଦଳ କମିଟି ନର୍ସିଂହୋମ୍ ଏବଂ ନିଦାନ ସେଣ୍ଟର ଏବଂ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡିକର ନିରୀକ୍ଷଣର କାର୍ଯ୍ୟପନ୍ଥା ଏବଂ ଅଧିନିୟମ ତଥା ନିୟମାବଳୀର ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଉପଯୁକ୍ତ ଦଣ୍ଡାନୁଷ୍ଠାନ ବିଷୟରେ ନିଷ୍ପତ୍ତି ନେବାର ଥିଲା ।

ଅଡିଟରେ ଦେଖାଗଲା ଯେ:

- ନୟାଗଡ ଜିଲ୍ଲାରେ, ସଂପୃକ୍ତ ଜିଲ୍ଲା ଉପଦେଷ୍ଟା କମିଟିଙ୍କର ବାରମ୍ବାର ଆଦେଶ ସତ୍ତ୍ୱେ ଜିଲ୍ଲା ସ୍ତରୀୟ କାର୍ଯ୍ୟଦଳ କମିଟି(ଡିଏଲଟିଏଫସି)ର ଗୋଟିଏ ମାତ୍ର ନିରୀକ୍ଷଣ(ଅଗଷ୍ଟ 2012) ହୋଇଥିଲା । ଭଦ୍ରକ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ, ଜିଲ୍ଲା ସ୍ତରୀୟ କାର୍ଯ୍ୟଦଳ କମିଟି ଦ୍ୱାରା କୌଣସି ଗୋଟିଏ ବି କ୍ଲିନିକର ନିରୀକ୍ଷଣ କରାଯାଇଥିବାର ପ୍ରମାଣ ଦେଇ ନଥିଲେ(ନଭେମ୍ବର 2013) ।
- ଯଦିଓ ଗଞ୍ଜାମ ଜିଲ୍ଲା ମଧ୍ୟରେ ଅନୁଚିତ୍ ଲିଙ୍ଗ ନିରୂପଣ ଚାଲୁଥିବା ତଥ୍ୟକୁ ଜିଲ୍ଲା ଉପଯୁକ୍ତ ଅଧିକାରୀ ସ୍ୱୀକାର କରିଛନ୍ତି (ଡିସେମ୍ବର 2013), 2010 ରୁ 2013 ମଧ୍ୟରେ ଜିଲ୍ଲା ସ୍ତରୀୟ କାର୍ଯ୍ୟଦଳ କମିଟି ଦ୍ୱାରା ଗୋଟିଏ ବି କ୍ଲିନିକ୍ ନିରୀକ୍ଷଣ କରାଯାଇ ନାହିଁ । ତେଣୁ, ନିୟମିତ ନିରୀକ୍ଷଣ ଅଭାବରେ, ଆଇନ୍ ଉଲ୍ଲଂଘନ ଗୁଡିକ ନଜର ବାହାରେ ରହୁଥିଲା ।

ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଉପରୋକ୍ତ ତଥ୍ୟକୁ ଭବିଷ୍ୟତରେ ମାର୍ଗଦର୍ଶନ ପାଇଁ ଲିପିବଦ୍ଧ କରିଥିଲେ ଏବଂ ଦର୍ଶାଇଲେ (ଏପ୍ରିଲ୍ 2014) ଯେ, ଏହି ଅଧିନିୟମର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କର ପ୍ରଧାନ ଦାୟିତ୍ୱ ଏବଂ ଦରକାର ସମୟରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଉଥିଲା । କିନ୍ତୁ ରାଜ୍ୟ

ଉପଯୁକ୍ତ ପ୍ରାଧିକାରୀ, ବ୍ୟକ୍ତ କରିଥିଲେ ଯେ ଅପରାଧିମାନଙ୍କୁ ଅପରାଧରୁ ଦୁରେଇ ରଖିବା ପାଇଁ ଅଧିକରୁ ଅଧିକ ନିରୀକ୍ଷଣ ଦରକାର, ଯାହାକି, କରାଯାଇ ପାରିଥାନ୍ତା ।

### *3.2.4 ଅଧିନିୟମ ଅନୁଯାୟୀ ବ୍ୟବସ୍ଥା ଅନୁପାଳନର ପର୍ଯ୍ୟାଲୋଚନା*

### *3.2.4.1 ଅଲଟ୍ରାସାଉଣ୍ଡ କ୍ଲିନିକ୍‌ମାନଙ୍କ ଦ୍ୱାରା ଫର୍ମ-ଏଫ୍ ପଠାଇବା ଏବଂ ଗର୍ଭବତି ମା' ମାନଙ୍କ ଉପରେ ନଜର ରଖିବା ସମ୍ବନ୍ଧରେ*

ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସୂତି ପ୍ରଯୁକ୍ତ କୌଶଳ (ଲିଙ୍ଗ ଓ ନିରୂପଣ ନିଷେଧ) ନିୟମାବଳୀ 1996 ର ନିୟମ 9(8) ଅନୁସାରେ, କ୍ଲିନିକ୍ ଗୁଡିକ ପ୍ରସୂତି ପୂର୍ବରୁ ଅଲଟ୍ରାସାଉଣ୍ଡ ସ୍କାନ୍ କରାଉଥିବା ସ୍ତ୍ରୀ ମାନଙ୍କର ନାମ, ସ୍ୱାମୀଙ୍କର ନାମ, ଠିକଣା, ସଂପର୍କ ପାଇଁ ଫୋନ ନମ୍ବର, ଏବଂ ଅନେକ ସବିଶେଷ ତଥ୍ୟ ଫର୍ମ ଏଫରେ ପଠାଇବା ପାଇଁ ବାଧ୍ୟ । ଏହି ଅଧିନିୟମ ଅନ୍ତର୍ଗତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷଣ ବୋର୍ଡ ସୁପାରିଶ କରିଥିଲେ (ମେ 2011) ଯେ, ପ୍ରତ୍ୟେକ ଗର୍ଭବତୀ ମହିଳାମାନଙ୍କୁ ଗର୍ଭଧାରଣଠାରୁ ଆରମ୍ଭ କରି ପ୍ରସୂତି ପର୍ଯ୍ୟନ୍ତ ନଜର ରଖାଯିବ ଏବଂ ପ୍ରସୂତି ପୂର୍ବରୁ ଲୁଚିଯାଉଥିବା ଗର୍ଭଗୁଡିକର ଯାଞ୍ଚ କରାଯିବା ଦରକାର ।

ରାଜ୍ୟ ସରକାର ଗର୍ଭାବସ୍ଥାରେ ଅଲଟ୍ରାସାଉଣ୍ଡ ସ୍କାନ୍ କରାଉ ଥିବା ମହିଳା ମାନଙ୍କର ସବିଶେଷ ବିବରଣୀ ଦୈନିକ ଅପଲୋଡ କରିବା ପାଇଁ ଫର୍ମ ଏଫ୍ ସଫ୍ଟଓ୍ୱାର ଚାଲୁ କରିଥିଲେ (ମେ 2013) । ଉପରୋକ୍ତ ଅନ୍ ଲାଇନ୍ ଫର୍ମ ଏଫ ପଠାଇବା ବ୍ୟବସ୍ଥା, ଉପଯୁକ୍ତ ପ୍ରାଧିକାରୀଙ୍କୁ ତଥ୍ୟ ବିଶ୍ଳେଷଣ ତଥା ବିସଙ୍ଗତି ଓ ଦୋଷୀମାନଙ୍କ ଉପରେ ନଜର ରଖିବାର ସାହାଯ୍ୟ ପାଇଁ ଉଦ୍ଦିଷ୍ଟ ଥିଲା ।

ନମୂନା ଜିଲ୍ଲାମାନଙ୍କରେ ରେକର୍ଡ ସମୀକ୍ଷାରୁ ଦେଖାଗଲା ଯେ:

- ମାର୍ଚ୍ଚ 2014 ସୁଦ୍ଧା ପଞ୍ଜିକୃତ 194 କ୍ଲିନିକ ମଧ୍ୟରୁ ମାତ୍ର 101 ଟି କ୍ଲିନିକ୍ ଅନ୍‌ଲାଇନ୍ ମାଧ୍ୟମରେ ନିୟମାନୁସାରେ ଫର୍ମ-ଏଫ୍ ପଠାଇଥିଲେ । ଅନ୍ୟ କ୍ଲିନିକ୍‌ଗୁଡିକ ଅନ୍‌ଲାଇନ୍ ମାଧ୍ୟମରେ ଫର୍ମ-ଏଫ୍ ପଠାଉନଥିଲେ ।

- ନମୂନା ଯାଞ୍ଚ କରାଯାଇଥିବା ସମସ୍ତ ଚାରୋଟି ଜିଲ୍ଲାରେ କ୍ଲିନିକ୍ ଗୁଡିକ ଫର୍ମ-ଏଫ୍ ନିୟମିତ ଭାବରେ ପଠାଉ ନଥିବାର ଦେଖାଗଲା । ସମୀକ୍ଷାରେ ଦେଖାଯାଇଥିବା 59 ଟି କ୍ଲିନିକ୍ ମଧ୍ୟରୁ 43 ଟି କ୍ଲିନିକ୍ ନିର୍ଦ୍ଧାରିତ ତାରିଖ ଯଥା ପରବର୍ତ୍ତୀ ମାସର ପାଞ୍ଚ ତାରିଖ ଠାରୁ ଏକଦିନ ଠାରୁ ଆରମ୍ଭ କରି 144 ଦିନ ବିଳମ୍ବରେ ଫର୍ମ-ଏଫ୍ ପଠାଉଥିଲେ ।

- ଫର୍ମ-ଏଫ ର ତଦାରଖ କରିବା ପାଇଁ କୌଣସି ସଫ୍ଟଓ୍ୱାର ନଥିବାରୁ ତଥ୍ୟର ବିଶ୍ଳେଷଣ ତଥା ବିସଙ୍ଗତି ଏବଂ ଦୋଷୀମାନଙ୍କ ଉପରେ ନଜର ରଖିବା ସମ୍ପୂର୍ଣ୍ଣ ଅଭାବ ଥିଲା(ମେ 2014) ।

- ବିଭାଗ ଫେବୃଆରୀ 2013 ରୁ ଫର୍ମାଟ୍ ନିର୍ଦ୍ଧାରିତ କରିଥିଲେ ମଧ୍ୟ ଫର୍ମ-ଏଫର ସମୀକ୍ଷା ଏପର୍ଯ୍ୟନ୍ତ ହୋଇନାହିଁ (ମେ 2014) ।

- ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା, ଗର୍ଭବତୀ ମହିଳାମାନଙ୍କ ଉପରେ ନଜର ରଖିବା ପାଇଁ ବ୍ୟବସ୍ଥା ଆରମ୍ଭ କରାଯାଇଥିଲେ ମଧ୍ୟ ଅଲଟ୍ରାସାଉଣ୍ଡ ପରୀକ୍ଷା ଦ୍ୱାରା ମହିଳାମାନଙ୍କର ପ୍ରଥମ ଗର୍ଭଧାରଣ ଠାରୁ ଆରମ୍ଭ କରି

ପ୍ରସୂତି ପର୍ଯ୍ୟନ୍ତ ନଜର ରଖିବା ସମ୍ପୂର୍ଣ୍ଣ ଭାବରେ କରାଯାଇପାରୁ ନଥିଲା । ସ୍ୱତନ୍ତ୍ର ସଚିବ ଉକ୍ତ ତଥ୍ୟକୁ ସ୍ୱୀକାର କରିବା ସହିତ ଦର୍ଶାଇଲେ ଯେ ଏହି ବ୍ୟବସ୍ଥାକୁ ସରଳ କରିବା ପାଇଁ କିଛି ଦିନ ସମୟ ଲାଗିବ (ଏପ୍ରିଲ୍ 2014) ।

ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଦର୍ଶାଇଲେ (ଏପ୍ରିଲ୍ 2014) ଯେ, ଅନଲାଇନରେ ମିଳୁଥିବା ଫର୍ମ-ଏଫ୍ ଗୁଡିକର ମୂଲ୍ୟାଙ୍କନ ଏବଂ ସମୀକ୍ଷା ତୃତୀୟ ପକ୍ଷ ଦ୍ୱାରା କରାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ସେ ମଧ୍ୟ ଏଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶ୍ରୁତି ଦେଇଥିଲେ ।

### 3.2.5 ଜୋରିମାନା ଏବଂ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ସହିତ ପ୍ରବର୍ତ୍ତନ ପ୍ରକ୍ରିୟା

#### 3.2.5.1 ପ୍ରଲୋଭନ ଗ୍ରାହକ ଅପରେସନ କିମ୍ବା ସ୍ଟିଙ୍ଗ୍ ଅପରେସନ

କିଛି ଗର୍ଭବତୀ ମହିଳାଙ୍କୁ ପ୍ରୋତ୍ସାହନ ଯୋଗାଇଦେଇ, ପ୍ରତ୍ୟେକ ଜିଲ୍ଲାରେ ଅନ୍ୟୁନ ଗୋଟିଏ କରି ପ୍ରଲୋଭନ ଗ୍ରାହକ ଅପରେସନ/ ସ୍ଟିଙ୍ଗ୍ ଅପରେସନ କରିବା ପାଇଁ, ରାଜ୍ୟ ପରାମର୍ଶ ଦାତା କମିଟି ଏହାର ଅଗଷ୍ଟ 2012 ସଭାରେ ନିଷ୍ପତ୍ତି ନେଇଥିଲେ । ରାଜ୍ୟ ଉପଦେଷ୍ଟା କମିଟି ଏହାର ଜାନୁୟାରୀ 2013 ସଭାରେ ଏକଥା ଦୋହରାଇ ଏକଥା ନିଷ୍ପତ୍ତି ନେଇଥିଲେ ଯେ ରାଜ୍ୟର ପ୍ରଶିକ୍ଷଣ ଦେବା ପାଇଁ ଅନ୍ୟ ରାଜ୍ୟରୁ ସଂସାଧନ ବ୍ୟକ୍ତିକୁ ଆମନ୍ତ୍ରିତ କରାଯିବ । ଏହି ଉଦ୍ଦେଶ୍ୟରେ 2012-13 ରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ(ଏନ୍ଆର୍ଏଚ୍ଏମ)ର ପରିଯୋଜନା କାର୍ଯ୍ୟାନ୍ୱୟନ ଯୋଜନାରେ 40 ହଜାର ଟଙ୍କା (ପ୍ରତ୍ୟେକ ତିନି ମାସ ପାଇଁ 10 ହଜାର ଟଙ୍କା ଲେଖାଏଁ)ର ବଜେଟ୍ ପ୍ରାବଧାନ କରାଯାଇଥିଲା ।

କିନ୍ତୁ ଅନୁଗୁଳ ଜିଲ୍ଲାରେ ମାତ୍ର ଗୋଟିଏ ପ୍ରଲୋଭନ ଗ୍ରାହକ ଅପରେସନ କରାଯାଇଥିଲା (ସେପ୍ଟେମ୍ବର 2012) । ନମୂନା ଚାରୋଟି ଜିଲ୍ଲାଗୁଡିକରେ ଜାନୁୟାରୀ 2014 ମଧ୍ୟରେ କୌଣସି ଅପରେସନ କରାଯାଇ ନଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସ୍ୱତନ୍ତ୍ର ସଚିବ ଅଧିକ ପ୍ରଲୋଭନ ଗ୍ରାହକ ଅପରେସନ ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଦର୍ଶାଇଲେ (ଏପ୍ରିଲ୍ 2014) ଯେ, ଏହି ଉଦ୍ଦେଶ୍ୟରେ କର୍ମଚାରୀଙ୍କର ପ୍ରଶିକ୍ଷଣ ସରିଅଛି ଏବଂ ଗୁପ୍ତ କ୍ୟାମେରା ପ୍ରଭୃତି କିଣା ଯିବା ପାଇଁ ସରକାରୀ ଅନୁମୋଦନ ମିଳି ସାରିଛି ।

#### 3.2.5.2 ନଜରକୁ ଆସିଥିବା ଆଇନ୍ ଉଲ୍ଲଂଘନର ଅନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନ

ରାଜ୍ୟ ନିରୀକ୍ଷଣ ଟିମ୍ ଜିଲ୍ଲା ଟିମ୍ ସହ ମିଶି କରିଥିବା (ସେପ୍ଟେମ୍ବର 2012 ଏବଂ ସେପ୍ଟେମ୍ବର 2013) ନିରୀକ୍ଷଣ ସମୟରେ ଦୁଇଟି କ୍ଲିନିକ୍ ବିରୁଦ୍ଧରେ ଅନଧିକୃତ ସ୍ୱାସ୍ଥ୍ୟଗତ କାରଣରୁ ଗର୍ଭ ସମାପ୍ତ କରାଇବା, ଫର୍ମ ଏଫ ନ ପଠାଇବା ଇତ୍ୟାଦି ଗୁରୁତର ଅଭିଯୋଗ ଆଣିଥିଲେ ଏବଂ ଏବିଷୟରେ ରାଜ୍ୟ ଉପଯୁକ୍ତ ପ୍ରାଧିକାରୀଙ୍କୁ ରିପୋର୍ଟ କରିଥିଲେ । ରାଜ୍ୟ ଉପଯୁକ୍ତ ପ୍ରାଧିକାରୀଙ୍କଠାରୁ ବାରମ୍ବାର ନିର୍ଦ୍ଦେଶ ଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କ ବିରୁଦ୍ଧରେ କେସ୍ ଫାଇଲ୍ କରାଯାଇନାହିଁ (ଏପ୍ରିଲ୍ 2014)।

ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଡାକ୍ତରମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେଇଥିଲେ(ଏପ୍ରିଲ୍ 2014) । ଦୁଇଟି ଅଲଟ୍ରାସାଉଣ୍ଡ କ୍ଲିନିକ ବିରୁଦ୍ଧରେ କେସ୍ ଫାଇଲ୍ ପାଇଁ ସଂପୃକ୍ତ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ଦ୍ୱାରା ପ୍ରକ୍ରିୟା ଚାଲୁରହିଛି ବୋଲି ମଧ୍ୟ କହିଥିଲେ ।

### 3.2.5.3 ଆଇନ ଉଲଂଘନ ତଥା ଲିଙ୍ଗ ନିରୁପଣ ଭଳି ବିଶିଷ୍ଟ ଅଭିଯୋଗ ଉପରେ ଅନୁସନ୍ଧାନ କରା ନଯିବା

ଅଧିନିୟମର ଅନୁଚ୍ଛେଦ 23 ଅନୁସାରେ, ଲିଙ୍ଗ ନିରୁପଣ ତଥା ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ନିକଟରେ ପଞ୍ଜିକୃତ ନ ହୋଇଥିବା ଅଲଟ୍ରାସାଉଣ୍ଡ ମେସିନର ବ୍ୟବହାର, ଦଣ୍ଡନୀୟ ଅପରାଧ ଅଟେ । ଅନୁଚ୍ଛେଦ 17(4 ସି) ଅନୁଯାୟୀ, ଅଧିନିୟମ ଓ ନିୟମାବଳୀ ବ୍ୟବସ୍ଥାଗୁଡିକର ଉଲଂଘନ ସମ୍ବନ୍ଧୀୟ ଅଭିଯୋଗ ପାଇଲେ, ଅନୁସନ୍ଧାନ କରି ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ । କିନ୍ତୁ ଅଡିଟରେ ଦେଖାଗଲା ଯେ ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ କିମ୍ବା ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ସ୍ତରରେ ଆଇନ ଉଲଂଘନ ଓ ଲିଙ୍ଗ ନିରୁପଣ ଉପରେ ସାଧାରଣରୁ ଆସୁଥିବା ଅଭିଯୋଗ ଉପରେ ଅନୁସନ୍ଧାନ ପାଇଁ କୌଣସି ବ୍ୟବସ୍ଥା ନାହିଁ ।

ଏହା ମଧ୍ୟ ଦେଖାଗଲା ଯେ, ଅଧିନିୟମର ଉଲଂଘନ ମାମଲାରେ ଅନଲାଇନ ଅଭିଯୋଗ ଗ୍ରହଣ କରିବା ପାଇଁ ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ବ୍ୟବସ୍ଥା ରଖିଥିଲେ ମଧ୍ୟ ଅଭିଯୋଗ ପ୍ରାପ୍ତି ଏବଂ ଫଇସଲା ସମ୍ବନ୍ଧୀୟ କୋଣସି ରେକର୍ଡ ରଖି ନଥିଲେ । ଜନସାଧାରଣରୁ ଆସିଥିବା କିଛି ଅଭିଯୋଗ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ଦ୍ୱାରା ପରିଚାଳିତ କ୍ଲିନିକ ଫାଇଲରୁ ମିଳିଥିଲା । ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ କିମ୍ବା ଜିଲ୍ଲା ଉପଯୁକ୍ତ ପ୍ରଧିକାରୀଙ୍କ ସ୍ତରରେ ଅଭିଯୋଗ ଗୁଡିକର ଫଇସଲା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ, ଲିଙ୍ଗ ନିରୁପଣ ତଥା ସରକାରୀ ଡାକ୍ତରଙ୍କ ଦ୍ୱାରା ବହନୀୟ ଅଲଟ୍ରାସାଉଣ୍ଡ ମେସିନର ଅନଧିକୃତ ବ୍ୟବହାର ଭଳି ଗୁରୁତର ଅଭିଯୋଗ ଗୁଡିକର ଯାଞ୍ଚ୍ କରାଯାଇ ନଥିଲା । କେତେକ ବିଷୟରେ ନିମ୍ନରେ ଆଲୋଚନା କରାଗଲା :-

- ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀଙ୍କ ଉଦ୍ଦେଶ୍ୟରେ ବାସୁଦେବପୁର ସିଏଚସିର ଏକ ଡାକ୍ତରଙ୍କ ଦ୍ୱାରା ଲିଙ୍ଗ ନିରୁପଣ ହେଉଥିବା ସମ୍ବନ୍ଧୀୟ ଜନସାଧାରଣଙ୍କଠାରୁ ଆସିଥିବା ଅଭିଯୋଗ(ଅଗଷ୍ଟ 2012)ର ଯାଞ୍ଚ୍ କରାଯାଇ ନଥିଲା (ଡିସେମ୍ବର 2013) ।
- ଜିଲ୍ଲାପାଳ ତଥା ସଭାଧ୍ୟକ୍ଷ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) କମିଟି, ଭଦ୍ରକଙ୍କ ନିକଟକୁ ଧାମନଗର ସାମୁଦାୟିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ ସରକାରୀ ଡାକ୍ତରଙ୍କ ବିରୁଦ୍ଧରେ ଦୁଇଗୋଟି ଅଭିଯୋଗ ଆସିଥିଲେ (ସେପ୍ଟେମ୍ବର ଏବଂ ଅକ୍ଟୋବର 2012) ମଧ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏହାର ଯାଞ୍ଚ୍ କରି ନଥିଲେ ।

  ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଖୁବ୍‌ଶୀଘ୍ର ଏକ ଅନୁସନ୍ଧାନ କମିଟିଙ୍କ ଦ୍ୱାରା ମାମଲାର ଅନୁସନ୍ଧାନ କରାଇବାର ଆଶ୍ୱାସନା ଦେଇଥିଲେ (ନଭେମ୍ବର 2013) ।

ଏହି ମାମଲାଗୁଡିକର ଆକସ୍ମିକ ଅନୁସନ୍ଧାନ ଦ୍ୱାରା ସ୍ପଷ୍ଟ କରାଯିବା ଉଚିତ୍ ବୋଲି ସ୍ୱତନ୍ତ୍ର ସଚିବ ମତ ରଖିଥିଲେ(ଏପ୍ରିଲ୍ 2014) । ପରିଶେଷ ତଥ୍ୟ ଏହା ଥିଲା ଯେ, ଅଭିଯୋଗରେ ଆସିଥିବା ଆଇନ ଉଲଂଘନ ଉପରେ ଜିଲ୍ଲା ଉପଯୁକ୍ତ ପ୍ରାଧିକାରୀ କିମ୍ବା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଦୃଷ୍ଟି ଦେଇ ନଥିଲେ ।

### 3.2.5.4 ରାଜ୍ୟ ପର୍ଯ୍ୟବେକ୍ଷଣ ବୋର୍ଡର ସୁପାରିଶକୁ କାର୍ଯ୍ୟାନ୍ୱୟନ ନ କରିବା

ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୁପଣ ନିଷେଧ) ଅଧିନିୟମର ଅନୁଚ୍ଛେଦ 16(ଏ) ଅନୁସାରେ ରାଜ୍ୟ ସ୍ତରରେ ରାଜ୍ୟ ପର୍ଯ୍ୟବେକ୍ଷଣ ବୋର୍ଡର ସଂଗଠନ ହେବା ଉଚିତ୍ । ଅନ୍ୟାନ୍ୟ ଦାୟିତ୍ୱ ସହିତ ଏହି ବୋର୍ଡର ଦାୟିତ୍ୱ ଗୁଡିକ ହେଲା: ପ୍ରାକ୍ ଗର୍ଭଧାରଣ କିମ୍ବା ପ୍ରାକ୍ ପ୍ରସୂତି ଭ୍ରୁଣର ଲିଙ୍ଗ ନିରୁପଣ ଯାହାକି କନ୍ୟା ଭ୍ରୁଣ ହତ୍ୟାକୁ ପ୍ରୋତ୍ସାହିତ କରେ, ତାହାର ନିରାକରଣ ପାଇଁ ଜନ ଜାଗରଣ ସୃଷ୍ଟି କରିବା, ରାଜ୍ୟ ତଥା ଜିଲ୍ଲା ଉପଯୁକ୍ତ

ପ୍ରାଧିକାରୀଙ୍କର କାର୍ଯ୍ୟକଳାପର ସମୀକ୍ଷା କରିବା, ଅଧିନିୟମ ଏବଂ ନିୟମାବଳୀର ବ୍ୟବସ୍ଥା ଗୁଡ଼ିକର କାର୍ଯ୍ୟାନ୍ୱୟନର ପର୍ଯ୍ୟାଲୋଚନା ଏବଂ କେନ୍ଦ୍ରୀୟ ପର୍ଯ୍ୟବେକ୍ଷଣ ବୋର୍ଡକୁ ଦରକାରୀ ତଥା ଉପଯୁକ୍ତ ସୁପାରିଶ କରିବା ଇତ୍ୟାଦି ।

- ରାଜ୍ୟ ପର୍ଯ୍ୟବେକ୍ଷଣ ବୋର୍ଡ ଅଲଟ୍ରାସାଉଣ୍ଡ କ୍ଲିନିକଗୁଡ଼ିକ ମେମୋରିଚିପ ଥାଇ ଅଲଟ୍ରାଉଣ୍ଡ ମେସିନ କିଣିବା ଏବଂ ପ୍ରସୂତି ସମ୍ବନ୍ଧୀୟ ସ୍କାନକୁ ଅତିକମରେ ଦୁଇମାସ ପାଇଁ ସାଇତି ରଖିବା ପାଇଁ ନିର୍ଦ୍ଦେଶ ଦେବା (ମାର୍ଚ୍ଚ 2010), ଆଇନ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣୁଥିବା ଅଭିଯୋଗକାରୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା, ଆଶାକର୍ମୀ, ଏଏନ୍ଏମ ଏବଂ ଅଙ୍ଗନୱାଡି ୱାର୍କରମାନଙ୍କ ସାହାଯ୍ୟରେ ମା ଏବଂ ପିଲାମାନଙ୍କ ଉପରେ ନଜର ରଖିବା ପାଇଁ ସୁପାରିଶ କରିଥିଲେ (ମାର୍ଚ୍ଚ 2010) । କିନ୍ତୁ ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଗୋଟିଏ ମଧ୍ୟ ସୁପାରିଶକୁ କାର୍ଯ୍ୟାନ୍ୱୟନ କରିନଥିଲେ ।

- ଜୁନ 2011ରେ ରାଜ୍ୟ ପର୍ଯ୍ୟବେକ୍ଷଣ ବୋର୍ଡ ଅଧିନିୟମର ପ୍ରବର୍ତ୍ତନ ପାଇଁ ପୋଲିସର ବ୍ୟବହାର ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷଣ ବୋର୍ଡର ଅନୁମତି ଆଣିବା ପାଇଁ ଏବଂ ଏଥିପାଇଁ ରାଜ୍ୟ ବିଶେଷ ନିୟମ କରିବା ପାଇଁ ସୁପାରିଶ କରିଥିଲେ ମଧ୍ୟ, ରାଜ୍ୟ ଉପଯୁକ୍ତ ପ୍ରାଧିକାରୀଙ୍କ ଦ୍ୱାରା କୌଣସି ସୁପାରିଶ କରାଯାଇ ନଥିଲା (ଫେବୃୟାରୀ 2014) ।

ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଦର୍ଶାଇଲେ (ଏପ୍ରିଲ୍ 2014) ଯେ, ରାଜ୍ୟ ଉପଦେଷ୍ଟା କମିଟିର ନିୟମ ଉଲଂଘନ ଉପରେ ନଜର ରଖିବା ପାଇଁ ସ୍ଥାନୀୟ ପୋଲିସର ବୁଦ୍ଧିମତାକୁ ବ୍ୟବହାର ପାଇଁ ନିଷ୍ପତ୍ତି ନେଇ ସାରିଛନ୍ତି (ମାର୍ଚ୍ଚ 2014) ।

### *3.2.5.5 ପ୍ରଭାବହୀନ ରାଜ୍ୟ ତଥା ଜିଲ୍ଲା ଉପଦେଷ୍ଟା କମିଟି*

ପ୍ରତ୍ୟେକ ଉପଯୁକ୍ତ ପ୍ରାଧିକାରୀ ତାଙ୍କ କାର୍ଯ୍ୟରେ ସହାୟତା ଓ ଉପଦେଶ ଦେବା ପାଇଁ ଗୋଟିଏ ଗୋଟିଏ ଉପଦେଷ୍ଟା କମିଟି ଗଠନ ଏବଂ କମିଟିର ଜଣେ ସଦସ୍ୟଙ୍କୁ ଅଧ୍ୟକ୍ଷ ଭାବରେ ନିଯୁକ୍ତି ଦେବା ପାଇଁ ଅଧିନିୟମର ଅନୁଚ୍ଛେଦ 17 (5) ରେ ପ୍ରାବଧାନ ଥିଲା । ଅନୁଚ୍ଛେଦ 17(8) ଏବଂ ନିୟମ 15 ଅନୁସାରେ ରାଜ୍ୟ ଉପଦେଷ୍ଟା କମିଟି କରୁଥିବା ସଭା ମଧ୍ୟରେ 60 ଦିନରୁ ଅଧିକ ବ୍ୟବଧାନ ରହୁ ନଥିବ ।

ଅଡିଟରେ ଦେଖାଗଲା ଯେ 2010 ରୁ 2013 ମସିହା ମଧ୍ୟରେ ରାଜ୍ୟ ଉପଦେଷ୍ଟା କମିଟି 18 ଟି ସଭା କରିବା ପାଇଁ ନିର୍ଦ୍ଧାରିତ ଥିଲେ ମଧ୍ୟ, ମାତ୍ର ଛଅଗୋଟି[45] ସଭା କରିଥିଲେ । ସେହିପରି ଚାରିଗୋଟି ନମୁନା ଜିଲ୍ଲାରେ ଏହି ସମୟ ମଧ୍ୟରେ ଜିଲ୍ଲା ଉପଦେଷ୍ଟା କମିଟି 72 ଥର ସଭା କରିବାର ଥିଲେ ମଧ୍ୟ ମାତ୍ର 29 ଥର କରିଥିଲେ ଯଥା ଭଦ୍ରକ-7, କଟକ-7, ଗଞ୍ଜାମ -5 ଏବଂ ନୟାଗଡ-10 ।

ରାଜ୍ୟ ଉପଦେଷ୍ଟା କମିଟି ଅନ୍ୟାନ୍ୟ ବିଷୟ ସହିତ ପ୍ରତ୍ୟେକ ଜିଲ୍ଲା ସ୍ତରରେ 2012-13 ରୁ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ (ଗର୍ଭ ନିରୂପଣ ନିଷେଧ) ସେଲର ଗଠନ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଅତି କମରେ ଗୋଟିଏ ପ୍ରୋତ୍ସାହନ ଗ୍ରାହକ ଅପରେଶନ ଏବଂ ଏଥିପାଇଁ ପ୍ରଶିକ୍ଷଣ ଦେବା ଏବଂ ମାର୍ଚ୍ଚ 2013 ରୁ ଅନଲାଇନ୍ ଫର୍ମ-ଏଫ୍ ପଠାଇବାର ପ୍ରଚଳନ ବ୍ୟବସ୍ଥା ପାଇଁ ସୁପାରିଶ କରିଥିଲେ (ଡିସେମ୍ବର 2011, ଅଗଷ୍ଟ

---

[45] 8 ଫେବୃଆରୀ 2010, 29 ଜୁଲାଇ 2010, 24 ମେ 2011, 23 ଡିସେମ୍ବର 2011, 2 ଅଗଷ୍ଟ 2012 ଏବଂ 28 ଜାନୁୟାରୀ 2013 ।

2012, ଜାନୁୟାରୀ 2013) । ରାଜ୍ୟ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ(ଗର୍ଭ ନିରୂପଣ ନିଷେଧ)ସେଲ ସ୍ତରରେ ରେକର୍ଡ ଯାଞ୍ଚରୁ ଜଣାଗଲା ଯେ, ଗୋଟିଏ ନମୁନା ଜିଲ୍ଲା (ଭଦ୍ରକ) ସହିତ ଆଠଟି[46] ଜିଲ୍ଲାରେ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ (ଗର୍ଭ ନିରୂପଣ ନିଷେଧ) ସେଲ ପ୍ରତିଷ୍ଠା କରାଯାଇଥିଲା ଏବଂ ଅନ-ଲାଇନ ଫର୍ମ-ଏଫ ପଠାଇବା ବ୍ୟବସ୍ଥାର ପ୍ରଚଳନ କରାଯାଇଥିଲା(ଏପ୍ରିଲ 2014) ।

ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଆଶ୍ୱାସନା ଦେଇଥିଲେ (ଏପ୍ରିଲ୍ 2014) ଯେ ଅଧିନିୟମ ଅନିବାର୍ଯ୍ୟ ମତେ ରାଜ୍ୟ ତଥା ଜିଲ୍ଲା ଉପଦେଷ୍ଟା କମିଟି ଗୁଡିକର ସଭା କରାଯିବ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଚିକିତ୍ସାଧାରୀମାନଙ୍କର ବହୁବିଧ କାର୍ଯ୍ୟ ରହୁଥିବାରୁ ଅବଶିଷ୍ଟ ଜିଲ୍ଲାମାନଙ୍କରେ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ(ଗର୍ଭ ନିରୂପଣ ନିଷେଧ) ସେଲ ସ୍ଥାପନା କରାଯିବାର ପ୍ରତିଶ୍ରୁତି ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଦେଇଥିଲେ ।

### *3.2.5.6 ଡିଲରମାନେ ତ୍ରୟୋମାସିକ ବିକ୍ରି ଚିଠା ଏବଂ କ୍ରୟକର୍ତ୍ତାମାନେ ଶପଥ ପତ୍ର ଦାଖଲ ନ କରିବା*

ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ନିୟମାବଳୀ 1996 ଅନ୍ତର୍ଗତ ନିୟମ 3 ଏ (2) ଅନୁସାରେ ପ୍ରଦାନକାରୀ/ ବିକ୍ରିକାରୀ ଏହି ଆଇନ୍ ଅନ୍ତର୍ଗତ ପଞ୍ଜିକୃତ କୌଣସି ବ୍ୟକ୍ତି/ ସଂସ୍ଥାକୁ ଅଲଟ୍ରାସାଉଣ୍ଡ ମେସିନ୍/ ଯନ୍ତ୍ରପାତି ବିକ୍ରି କରୁଥିଲେ କାହାକୁ ଉକ୍ତ ମେସିନ୍/ ଯନ୍ତ୍ରପାତି ଦେଇଛନ୍ତି/ ବିକ୍ରି କରିଛନ୍ତି ତାହାର ଚିଠା ପ୍ରତି ତିନି ମାସରେ ଥରେ ରାଜ୍ୟ ଉପଯୁକ୍ତ ପ୍ରାଧିକାରୀଙ୍କୁ ଜଣାଇବେ ।

ଅଡିଟ୍ ଲକ୍ଷ୍ୟ କଲା ଯେ, ପ୍ରସ୍ତୁତକର୍ତ୍ତା / ଯୋଗାଣକର୍ତ୍ତା / ଡିଲରମାନେ ରାଜ୍ୟ ଉପଯୁକ୍ତ ପ୍ରାଧିକାରୀଙ୍କୁ ସେମାନେ 2010-13 ରେ ଯୋଗାଇଥିବା ଅଲଟ୍ରାସାଉଣ୍ଡ ମେସିନ୍ ସମ୍ବନ୍ଧରେ ତ୍ରୟୋମାସିକ ଚିଠା ପ୍ରଦାନ କରି ନଥିଲେ । ଯେତେବେଳେ ରାଜ୍ୟ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ସେଲ୍ ଉକ୍ତ ଚିଠା ମାଗିଲେ(ଜାନୁୟାରୀ 2013) ସେତେବେଳେ 11 ଜଣ ପ୍ରସ୍ତୁତକର୍ତ୍ତାମାନଙ୍କ ମଧ୍ୟରୁ ମାତ୍ର ପାଞ୍ଚ ଜଣ ଉକ୍ତ ଚିଠା ପ୍ରଦାନ କରିଥିଲେ ମଧ୍ୟ କ୍ରେତାମାନଙ୍କଠାରୁ ସଂଗ୍ରହ କରିଥିବା ଶପଥ ପତ୍ର ପ୍ରଦାନ କରି ନଥିଲେ । ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ମଧ୍ୟ ଏଥିପାଇଁ ଜୋର ଦେଇ ନଥିଲେ । ଅଡିଟ୍ ପୁନଶ୍ଚ ଲକ୍ଷ୍ୟ କଲା ଯେ, ଯୋଗାଣକର୍ତ୍ତାମାନେ ପ୍ରଦାନ କରିଥିବା ଚିଠାରେ ସେମାନେ ଯେଉଁ ଚାରୋଟି କ୍ଲିନିକ୍/ ବ୍ୟକ୍ତି/ ସଂସ୍ଥାକୁ ମେସିନ୍ ଯୋଗାଇଥିଲେ, ସେମାନଙ୍କର ପଞ୍ଜିକୃତ ସଂଖ୍ୟା ନଥିଲା । ରାଜ୍ୟ ଉପଯୁକ୍ତ ପ୍ରାଧିକାରୀଙ୍କ ନିକଟରେ ଅଲଟ୍ରାସାଉଣ୍ଡ ମେସିନ୍ ମାଲିକଓ୍ୱାରୀ ବିସ୍ତାର ସୂଚନା ଅଭାବରୁ ଅଣ ପଞ୍ଜିକୃତ କ୍ଲିନିକମାନଙ୍କ ଦ୍ୱାରା ଉକ୍ତ ମେସିନ୍ ସାହାଯ୍ୟରେ ଲିଙ୍ଗ ନିରୂପଣ ଭଳି ଦୁରୁପଯୋଗକୁ ଏଡାଇ ଦିଆଯାଇ ନପାରେ ।

ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଉପଯୁକ୍ତ ପ୍ରାଧିକାରୀ ଏହି ସମ୍ଭାବନାକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ(ଏପ୍ରିଲ୍ 2014) ଭବିଷ୍ୟତରେ ଏଥିପ୍ରତି ଯତ୍ନବାନ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

### *3.2.6 ଉପସଂହାର*

ବର୍ଷ 2001 ଠାରୁ 2011 ମଧ୍ୟରେ ଶିଶୁଙ୍କ ଲିଙ୍ଗର ଅନୁପାତ ରାଜ୍ୟର 30 ଜିଲ୍ଲା ମଧ୍ୟରୁ 21 ଜିଲ୍ଲାରେ ଏକ ଠାରୁ 49 ଅଙ୍କର ଅବନତି ହୋଇଥିବାବେଳେ ନୟାଗଡରେ ସର୍ବୋଚ୍ଚ ଏବଂ ତାହା ପରେ ପରେ ଢେଙ୍କାନାଳ ଓ ଅନୁଗୁଳ

46 ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡା, ନୟାଗଡ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ ।

ଜିଲ୍ଲା ଥିଲା । ଅଲଟ୍ରାସାଉଣ୍ଡ ମେସିନର ପଞ୍ଜିକରଣ ଏବଂ ନବୀକରଣ ଠିକ୍ ସମୟ ସୀମା ମଧ୍ୟରେ ହୋଇ ନ ଥିଲା ଏହାଦ୍ୱାରା ଉପଯୁକ୍ତ ପ୍ରାଧିକାରୀଙ୍କ ବିନା ସମୀକ୍ଷାରେ କ୍ଲିନିକ୍ ଗୁଡିକ ପଞ୍ଜିକୃତ ବିବେଚିତ ହୋଇ ଚାଲିବାର କ୍ଷେତ୍ର ସୃଷ୍ଟି ହୋଇଥିଲା । ଅଲଟ୍ରାସାଉଣ୍ଡ ମେସିନ୍ ଗୁଡିକ ଅନଧିକୃତ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ବହନୀୟ ଅଲଟ୍ରାସାଉଣ୍ଡ ମେସିନ୍ ଗୁଡିକ ବିନା ଅନୁମତିରେ ବ୍ୟବହୃତ ହେଉଥିଲା । ନିରୀକ୍ଷଣ ବ୍ୟବସ୍ଥାର ବ୍ୟାପକ ଅଭାବ ଯୋଗୁଁ ଅବୈଧ କେନ୍ଦ୍ରଗୁଡିକ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଉପଯୁକ୍ତ ପ୍ରାଧିକାରୀମାନେ ଲିଙ୍ଗ ନିରୂପଣ ସମ୍ବନ୍ଧରେ ଅଭିଯୋଗକୁ ଯାଞ୍ଚ କରି ନଥିଲେ । ଦେଶର ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସୂତି ଗର୍ଭ ନିରୂପଣ ପ୍ରଯୁକ୍ତି କୌଶଳ (ଲିଙ୍ଗ ନିରୂପଣ ନିଷେଧ) ଅଧିନିୟମରେ ଥିବା ବ୍ୟବସ୍ଥାକୁ ଦୃଢତାର ସହ ପ୍ରବର୍ତ୍ତନ କରି ଅନୁପାଳନ କରିବା ଅତ୍ୟାବଶ୍ୟକ ହୋଇଅଛି ।

### *3.2.7 ସୁପାରିଶ*

ସରକାର ବିଚାର କରିପାରନ୍ତି:

- ଅଧିନିୟମରେ ଥିବା ବ୍ୟବସ୍ଥାର ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ଅଲଟ୍ରାସାଉଣ୍ଡ/ ଜେନେଟିକ୍ କ୍ଲିନିକଗୁଡିକର ପଞ୍ଜିକରଣ ପ୍ରଣାଳୀ କୁଶଳ ଏବଂ ପ୍ରଭାବଶାଳୀ ହେବା;
- ଅଧିନିୟମ ଏବଂ ନିୟମର ଉଲ୍ଲଂଘନକୁ ନିୟନ୍ତ୍ରଣ କରିବା ପାଇଁ ନିୟମିତ ଏବଂ ପ୍ରଭାବଶାଳୀ ନିରୀକ୍ଷଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା; ଏବଂ
- ଅଧିନିୟମରେ ଥିବା ବ୍ୟବସ୍ଥାଗୁଡିକର ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରବର୍ତ୍ତନ ସଂକ୍ରିୟାକୁ ସୁନିଶ୍ଚିତ କରିବା ଆବଶ୍ୟକ ।

## ଉଚ୍ଚ ଶିକ୍ଷା ବିଭାଗ

### 3.3 ରାଜ୍ୟର ତିନୋଟି ବିଶ୍ୱବିଦ୍ୟାଳୟରେ ଇ-ଶାସନ ପ୍ରକଳ୍ପ

ସରକାରୀ ଏବଂ ନାଗରିକ ଇଣ୍ଟରଫେସର ସବୁ ସ୍ତରରେ ଦକ୍ଷତା, ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧତାର ଉନ୍ନତି କରିବା ନିମନ୍ତେ ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗ(ଜାନୁୟାରୀ 2003) ରାଜ୍ୟ ସରକାରଙ୍କଠାରୁ ଇ-ଶାସନ ପ୍ରଚଳନ ନିମନ୍ତେ ଯୋଜନା ଆହ୍ୱାନ କରିଥିଲେ । ତଦନୁସାରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରମାନଙ୍କୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧତା ଆଣିବା ଲକ୍ଷ୍ୟରେ ଯୋଜନା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ (ନଭେମ୍ବର 2003) । 7.53 କୋଟି[47] ଟଙ୍କା ମୂଲ୍ୟ ବିନିମୟରେ ଏବଂ ମୁକ୍ତ ଟେଣ୍ଡର ପ୍ରକ୍ରିୟାରେ ଚୟନ କରାଯାଇଥିବା ଚାରୋଟି ସେବା ପ୍ରଦାନକାରୀ ସଂସ୍ଥା ଦ୍ୱାରା ଇ-ଶାସନ[48] ପ୍ରଚଳନ (2007-08) କରିଥିବା ରାଜ୍ୟର ତିନୋଟି ବିଶ୍ୱବିଦ୍ୟାଳୟ (ବ୍ରହ୍ମପୁର, ସମ୍ବଲପୁର ଓ ଉତ୍କଳ) ଉପରୋକ୍ତ ଯୋଜନା ଉପସ୍ଥାପନ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ଏହି ବାବଦରେ ସମସ୍ତ ବ୍ୟୟ (1.80 କୋଟି ଟଙ୍କା) ସ୍ୱୟଂ ଆର୍ଥିକ ପୋଷଣ ପାଠ୍ୟକ୍ରମର ବଳକା ପାଣ୍ଠିରୁ ଉପଯୋଗ କରିଥିବା ସମୟରେ ବ୍ରହ୍ମପୁର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ (5.73 କୋଟି ଟଙ୍କା) ଉପରୋକ୍ତ ବ୍ୟୟ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ[49] ଦ୍ୱାଦଶ ଅର୍ଥ କମିଶନ ଅନୁଦାନରୁ କରିଥିଲେ ।

ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ, ଇ-ଶାସନର କୌଶଳ ଅନ୍ୟାନ୍ୟ ବିଷୟ ମଧ୍ୟରେ କାର୍ଯ୍ୟାନ୍ୱୟନ, ସାଙ୍ଗଠନିକ ଦାୟିତ୍ୱ ଏବଂ ପାଣ୍ଠିର ଆବଶ୍ୟକତାର ଉଦ୍ଦେଶ୍ୟ, ପ୍ରଭାବ ଏବଂ ସମୟସୀମା ସୂଚାଇବା ଉଚିତ୍ । ଏତଦ୍ ବ୍ୟତୀତ ଉପରୋକ୍ତ ମାର୍ଗଦର୍ଶିକା କୌଶଳର କାର୍ଯ୍ୟାନ୍ୱୟନ, ଇ-ଶାସନ ପାଇଁ ପ୍ରାକ୍ ଆବଶ୍ୟକତାର ନିର୍ଦ୍ଧାରଣ, ଏହାର ଫଳାଫଳକୁ ମାପିବା ନିମନ୍ତେ ପର୍ଯ୍ୟାଲୋଚନା ଯୋଗ୍ୟ ମାପ ଦଣ୍ଡର ଚିହ୍ନଟ ଓ ସ୍ଥିରୀକରଣ ତଥା ଏହାର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ, କାର୍ଯ୍ୟାନୁଷ୍ଠାନର କ୍ଷେତ୍ର, ପ୍ରାଥମିକତା ଏବଂ ପ୍ରତିକୂଳତାକୁ ନିର୍ଦ୍ଧାରଣ କରି ବାସ୍ତବ କାର୍ଯ୍ୟାନୁଷ୍ଠାନରେ ରୁପାନ୍ତରିତ କରିବାରେ ପ୍ରତିଶ୍ରୁତିବଦ୍ଧତା ଆବଶ୍ୟକ କରୁଥିଲା ।

ନଥିପତ୍ର ସମୀକ୍ଷାରୁ ନିମ୍ନରେ ଦର୍ଶାଯାଇଥିବା ଅବ୍ୟବସ୍ଥା ପରିଲକ୍ଷିତ ହେଲା ।

#### *3.3.1 ଉତ୍କଳ ବିଶ୍ୱବିଦ୍ୟାଳୟ*

ଆଠଟି କ୍ଷେତ୍ର[50]ରେ 1.80 କୋଟି[51]ଟଙ୍କା ମୂଲ୍ୟ ବିନିମୟରେ ପ୍ରକଳ୍ପ ସମ୍ପାଦନା କରିବା ନିମନ୍ତେ ଏକ ସେବା ପ୍ରଦାନକାରୀ ସଂସ୍ଥା ସହିତ ବିଶ୍ୱବିଦ୍ୟାଳୟ ରାଜିନାମା ସମ୍ପାଦିତ କରିଥିଲେ(ଅକ୍ଟୋବର 2004) । ରାଜିନାମାର ସର୍ତ୍ତ

---

47 ଉତ୍କଳ ବିଶ୍ୱବିଦ୍ୟାଳୟ: 1.80 କୋଟି ଟଙ୍କା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: 2.33 କୋଟି ଟଙ୍କା, ସମ୍ବଲପୁର ବିଶ୍ୱବିଦ୍ୟାଳୟ: 3.40 କୋଟି ଟଙ୍କା

48 ଉତ୍କଳ ବିଶ୍ୱବିଦ୍ୟାଳୟ: ଏପ୍ରିଲ 2007, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ମାର୍ଚ୍ଚ 2008 ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ: ଜାନୁୟାରୀ 2008

49 ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ମେ-ଜୁନ୍ 2007, ସମ୍ବଲପୁର ବିଶ୍ୱବିଦ୍ୟାଳୟ: ଏପ୍ରିଲ୍ 2006, ମେ, ଜୁନ୍ ଏବଂ ଡିସେମ୍ବର 2007

50 କାର୍ଯ୍ୟାଳୟ ପ୍ରଶାସନ, ଛାତ୍ର ପାଇଲ୍, ପରୀକ୍ଷା, ଉନ୍ନୟନ ପ୍ରକଳ୍ପ ଏବଂ ଯୋଜନା ପୁସ୍ତକାଗାର, ଦୂର ଏବଂ ନିରବଚ୍ଛିନ ଶିକ୍ଷା ନିର୍ଦ୍ଦେଶାଳୟ, ମହାବିଦ୍ୟାଳୟ ଉନ୍ନୟନ ପରିଷଦ ଏବଂ ବିଭାଗୀୟ ପ୍ରୋଫାଇଲ ।

ଅନୁଯାୟୀ ବିସ୍ତୃତ ପ୍ରକଳ୍ପ ରିପୋର୍ଟର ସ୍ୱୀକୃତି ପ୍ରାପ୍ତିର(22 ଡିସେମ୍ବର 2004) ଛଅ ମାସ ମଧ୍ୟରେ ପ୍ରକଳ୍ପ ସମ୍ପାଦିତ ହେବାର ଥିଲା । ଏତଦ୍ ବ୍ୟତୀତ ସଂପୃକ୍ତ ସଂସ୍ଥା ସମ୍ପୂର୍ଣ୍ଣ ନିମନ୍ତେ ତଥା ସଫଟୱେୟାର, ହାର୍ଡୱେୟାର ଏବଂ ନେଟ୍ ୱାର୍କିଙ୍ଗ ଉପାଦାନର ନିର୍ଭରତା ପତ୍ର[52]ର ସମୟକାଳ ସମାପ୍ତି ପରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସରକାରୀ ଅନୁମୋଦିତ ମୂଲ୍ୟ ଆଧାରରେ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ଥିଲା । ବିସ୍ତୃତ ପ୍ରକଳ୍ପ ରିପୋର୍ଟର (ଡିପିଆର) ସ୍ୱୀକୃତୀ ପ୍ରାପ୍ତିର ଏକ ମାସ ମଧ୍ୟରେ ସେବା ପ୍ରଦାନକାରୀ କଷ୍ଟମାଇଜେସନ ଉଦ୍ଦେଶ୍ୟରେ ସଫଟୱେୟାର ପ୍ରୋଟୋଟାଇପ୍ ଯଥା ସଫ୍ଟୱେୟାର ପ୍ରତିରୂପ ପ୍ରଦାନ କରିବାର ବ୍ୟବସ୍ଥା ଥିଲା ଏବଂ ପ୍ରୋଟୋଟାଇପ୍ ପ୍ରଦାନ କରିବାର ଦୁଇ ମାସ ମଧ୍ୟରେ ଅନ୍ତିମ କଷ୍ଟମାଇଜେସନ ଆବଶ୍ୟକତା ନିମନ୍ତେ ବିଶ୍ୱବିଦ୍ୟାଳୟ ସୂଚନା ପ୍ରଦାନ କରିବାର ଥିଲା । ସେବା ପ୍ରଦାନକାରୀ ଆବଶ୍ୟକ ହାର୍ଡୱେୟାର, ନେଟୱେୟାର ଏବଂ ସଫ୍ଟୱେୟାର ଯୋଗାଇବା ସହିତ ସେଗୁଡିକୁ ସଂସ୍ଥାପନ କରିବାର ଥିଲା ଏବଂ ନେଟୱାର୍କର ସଫଳ କାର୍ଯ୍ୟକାରିତା ଏବଂ ପରିଚାଳନା ପାଇଁ ବିଶ୍ୱବିଦ୍ୟାଳୟର କର୍ମଚାରୀବର୍ଗଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବାର ଥିଲା ।

ସମୀକ୍ଷାରୁ ଜଣାଗଲା ଯେ, 21 ମାର୍ଚ୍ଚ 2006 ରେ ପ୍ରକଳ୍ପଟି ବ୍ୟବହାରକାରୀଙ୍କ ପାଇଁ ଅନଲାଇନ୍‌ରେ ଉତ୍ସର୍ଗ କରାଗଲା ଏବଂ ଏପ୍ରିଲ 2007 ରେ ସମାପ୍ତି ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବା ସମୟରେ ଡିସେମ୍ବର 2004 ରୁ ସେପ୍ଟେମ୍ବର 2009 ମଧ୍ୟରେ ପ୍ରାପ୍ୟ ବାବଦରେ 1.80 କୋଟି ଟଙ୍କା ସେବା ପ୍ରଦାନକାରୀଙ୍କୁ ପ୍ରଦାନ କରାଯାଇଥିଲା । କିନ୍ତୁ ସଂପୃକ୍ତ ସଂସ୍ଥା ଦ୍ୱାରା ସଫ୍ଟୱେୟାର ପ୍ରୋଟୋଟାଇପ୍ ହସ୍ତାନ୍ତର ନ ହେବା ଯୋଗୁଁ ପରବର୍ତ୍ତୀ ଅନୁଚ୍ଛେଦର ଆଲୋଚିତ ବିବିଧ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେବା ଇତ୍ୟାଦି ଯୋଗୁଁ ଦେଖାଗଲା ଯେ ମାର୍ଚ୍ଚ 2006 ରୁ ଅଗଷ୍ଟ 2007 ମଧ୍ୟରେ ଏହା ବ୍ୟବହାରକାରୀଙ୍କ ଦ୍ୱାରା ପୂର୍ଣ୍ଣ ମାତ୍ରାରେ ଉପଯୋଗ ହୋଇନଥିଲା । ଯଦ୍ୱାରା କି ଅଗଷ୍ଟ 2007 ରୁ ଏହି ପ୍ରକଳ୍ପ ଅଚଳ ହୋଇ ପଡି ରହିଥିଲା । ସମୀକ୍ଷାରୁ ପୁନଶ୍ଚ ପରିଲକ୍ଷିତ ହେଲା ଯେ-

- ***ଦ୍ୱିତୀୟ ସର୍ବନିମ୍ନ ନିଲାମ ଡକାଳିଙ୍କୁ କାର୍ଯ୍ୟ ପ୍ରଦାନ ଏବଂ 0.21 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ***

  ଓଡିଶା ସାଧାରଣ ଆର୍ଥିକ ନିୟମ 97 ଏବଂ 18 (vi) ଅନୁଯାୟୀ ଜନସାଧାରଣଙ୍କ ସେବା ନିମନ୍ତେ ମିତବ୍ୟୟିତା ଏବଂ ନିଶ୍ଚିତ ଆବଶ୍ୟକତା ଆଧାରରେ ପ୍ରୟୋଗ କରାଯିବା ଉଚିତ୍ । ମୁକ୍ତ ପ୍ରକ୍ରିୟାରେ ଟେଣ୍ଡର ଆହ୍ୱାନ ହେଲା ପରେ ଚୁକ୍ତି ସମ୍ପାଦିତ ହେବା ଉଚିତ୍ ଏବଂ ସ୍ଥଳ ବିଶେଷରେ ସର୍ବନିମ୍ନ ଟେଣ୍ଡର ଗ୍ରହଣୀୟ ନ ହେଲେ ତାହାର କାରଣ ଲିପିବଦ୍ଧ ହେବା ଉଚିତ୍ ।

  ଆଠଟି ଭିନ୍ନ ଭିନ୍ନ କ୍ଷେତ୍ର/ ମଡ୍ୟୁଲରେ ଇ-ଶାସନ ପ୍ରଣାଳୀର ଉନ୍ନୟନ ପାଇଁ, ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥ ନିୟନ୍ତ୍ରକ (ମେ 2004) ବିନିର୍ଦ୍ଦିଷ୍ଟ ବିବରଣୀ ଯଥା-ଆବଶ୍ୟକ ପରିମାଣ ଉଲ୍ଲେଖ ନଥାଇ ଟର୍ଣ୍ଣକି ଆଧାରରେ କାର୍ଯ୍ୟ ସମ୍ପାଦନ ପାଇଁ ଟେଣ୍ଡର ବିଜ୍ଞପ୍ତି ଜାରି କରିଥିଲେ । 17ଜଣ ନିଲାମ ଡକାଳିଙ୍କ ମଧ୍ୟରୁ ଛଅ ଜଣ ବୈଷୟିକ ନିଲାମରେ ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ସେମାନଙ୍କର ଆର୍ଥିକ ନିଲାମ 2 ଅଗଷ୍ଟ 2004ରେ ଖୋଲା ଯାଇଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋଗ୍ରାମ ଅଧିକାରୀ ଟେଣ୍ଡରର ତୁଳନାତ୍ମକ ବିବରଣୀ ପ୍ରସ୍ତୁତ କରିବା ସମୟରେ ଜଣେ ନିଲାମ ଡକାଳିଙ୍କ କ୍ଷେତ୍ରରେ ଦୁଇଟି ଉପାଦାନର ଲିଖିତ ନିଲାମ ମୂଲ୍ୟ 25.37 ଲକ୍ଷ ଟଙ୍କା ପରିବର୍ତ୍ତେ 5.09 କୋଟି ଟଙ୍କା ଉଲ୍ଲେଖ କରିଥିଲେ । ଏହିପରି ତ୍ରୁଟି ପାଇଁ ସଂପୃକ୍ତ ସଂସ୍ଥାର ପ୍ରକୃତ

---

51 ହାର୍ଡଓୟାର (0.99 କୋଟି ଟଙ୍କା), ସଫ୍ଟଓୟାର (0.57 କୋଟି ଟଙ୍କା), ନେଟ୍ ୱାର୍କିଙ୍ଗ (0.22 କୋଟି ଟଙ୍କା) ଏବଂ ତାଲିମ (0.02 କୋଟି ଟଙ୍କା)

52 ନେଟ୍ ୱାର୍କିଙ୍ଗ: 1 ବର୍ଷ (2 ମାର୍ଚ୍ଚ 2005 – 2 ମାର୍ଚ୍ଚ 2006); ହାର୍ଡଓୟାର: 3 ବର୍ଷ (2 ମାର୍ଚ୍ଚ 2005 – 2 ମାର୍ଚ୍ଚ 2008); ସଫ୍ଟଓୟାର: 2 ବର୍ଷ (3 ଏପ୍ରିଲ 2007 – 3 ଏପ୍ରିଲ୍ 2009)

ଉଦ୍ଧୃତ ମୂଲ୍ୟ ଆଧାରରେ ନିଲାମ ଡକାଳି ପ୍ରଥମ ସର୍ବନିମ୍ନ ଥିଲେ କିନ୍ତୁ ଉପରୋକ୍ତ ତ୍ରୁଟି ଯୋଗୁଁ ପ୍ରକୃତ ଉଦ୍ଧୃତ ମୂଲ୍ୟ 1.38 କୋଟି ଟଙ୍କା ପରିବର୍ତ୍ତେ 6.22 କୋଟି ଟଙ୍କା ବିବେଚନା କରାଯାଇଥିଲା । ତେଣୁ, ଯଦିଓ ଉଦ୍ଧୃତ ମୂଲ୍ୟ ସର୍ବୋଚ୍ଚରେ ପରିଣତ ହେଲା ଏବଂ ନିଲାମ ଅନ୍ୟ ଏକ ପକ୍ଷଙ୍କୁ ପ୍ରଦାନ କରାଗଲା ଯାହାଙ୍କର ଉଦ୍ଧୃତ ମୂଲ୍ୟ 1.59 କୋଟି ଟଙ୍କା ଥିଲା । ଯଦିଓ ସଂପୃକ୍ତ ସଂସ୍ଥା ଏହି ତ୍ରୁଟିକୁ ଉତ୍କଳ ବିଶ୍ୱବିଦ୍ୟାଳୟର ଦୃଷ୍ଟିଗୋଚରକୁ ଆଣିଥିଲେ କିନ୍ତୁ ତାହା ବିଚାରକୁ ନିଆଯାଇ ନଥିଲା । ସୁତରାଂ ତୁଳନାତ୍ମକ ବିବରଣୀର ତ୍ରୁଟିପୂର୍ଣ୍ଣ ପ୍ରସ୍ତୁତି ଯୋଗୁଁ କାର୍ଯ୍ୟଟି ଦ୍ୱିତୀୟ ସର୍ବନିମ୍ନ ନିଲାମ ଡକାଳିଙ୍କୁ ପ୍ରଦାନ କରାଯିବା ସହିତ 0.21 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ କରାଯାଇଥିଲା ।

ଅତିରିକ୍ତ ସଚିବ ଏ ବିଷୟରେ ତଦନ୍ତ କରିବାକୁ ଆଶ୍ୱାସନା ଦେଇଥିଲେ (ମେ 2014) ।

- **ଟେଣ୍ଡର ବିଜ୍ଞପ୍ତିରେ ଆବଶ୍ୟକ ବିନିର୍ଦ୍ଦିଷ୍ଟ ବିବରଣୀ ପ୍ରଦାନ କରାଯାଇ ନଥିଲା**

ଉତ୍କଳ ବିଶ୍ୱବିଦ୍ୟାଳୟର ଟେଣ୍ଡର ବିଜ୍ଞପ୍ତିରେ(15 ମେ 2004) ବିସ୍ତୃତ ବୈଷୟିକ ବିନିର୍ଦ୍ଦିଷ୍ଟ ବିବରଣୀ/ ଆବଶ୍ୟକତା ଏବଂ ସଂପାଦିତ ହେବାକୁ ଥିବା କାର୍ଯ୍ୟ ପରିମାଣ ବାବଦରେ ସୂଚନା ପ୍ରଦାନ କରାଯାଇ ନଥିଲା । ଏହା ପରିବର୍ତ୍ତେ, ଇ-ଶାସନ ଅଧିନସ୍ଥ ସଂପୃକ୍ତ କ୍ଷେତ୍ରମାନଙ୍କରେ ସଂପାଦିତ ହେବାକୁ ଥିବା କାର୍ଯ୍ୟର ପ୍ରକାର ଜାଣିବା ପାଇଁ ଏବଂ ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକ ସାମଗ୍ରୀ ଓ ପ୍ରଣାଳୀ ସ୍ଥାପନ ପାଇଁ ମୂଲ୍ୟ ଉଦ୍ଧୃତ କରିବା ପାଇଁ ବିଭିନ୍ନ କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କୁ ସଂପର୍କ କରିବା ପାଇଁ ସଂସ୍ଥାମାନଙ୍କୁ କୁହାଯାଇଥିଲା । ପୁନଶ୍ଚ, ବୈଷୟିକ ବିନିର୍ଦ୍ଦିଷ୍ଟ ବିବରଣୀକୁ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର କିମ୍ବା ଓଡିଶା କମ୍ପ୍ୟୁଟର ଅନୁପ୍ରୟୋଗ କେନ୍ଦ୍ର, ଇତ୍ୟାଦିର ବୈଷୟିକ ବିଶେଷଜ୍ଞମାନଙ୍କ ଦ୍ୱାରା ନିର୍ଦ୍ଧାରଣ କରିବା ପରିବର୍ତ୍ତେ, ନିଲାମ ଡକାଳିମାନଙ୍କୁ ବୈଷୟିକ ଜ୍ଞାନ ନଥିବା କ୍ଷେତ୍ରୀୟ ମୁଖ୍ୟମାନଙ୍କ (ନିର୍ଦ୍ଦେଶକ, ରେଜିଷ୍ଟ୍ରାର, ପ୍ରଫେସର ଇତ୍ୟାଦି) ସହିତ ବୁଝାମଣା ଆଧାରରେ ଟେଣ୍ଡର ପକାଇବାକୁ ଅନୁମତି ପ୍ରଦାନ କରାଯାଇଥିଲା । କମ୍ପ୍ୟୁଟର କେନ୍ଦ୍ର ଦାୟିତ୍ୱରେ ଥିବା ପ୍ରଫେସର ଦର୍ଶାଇଲେ (ମେ 2012 ) ଯେ ସଂପୃକ୍ତ ସଂସ୍ଥାମାନେ ଗୋଟିଏ ପ୍ରାରମ୍ଭିକ ଅନୁସନ୍ଧାନ ପରେ ଏକ ବ୍ଲୁ ପ୍ରିଣ୍ଟ/ ପ୍ରୋଟୋଟାଇପ ଗ୍ରାହକଙ୍କୁ ଉପସ୍ଥାପନ କରିବାର ଆଶା କରାଯାଉଥିଲା ।

- **କଷ୍ଟମାଇଜେସନ ନିମନ୍ତେ ପ୍ରୋଟୋଟାଇପ ହସ୍ତାନ୍ତର ନ ହେବା:** ରାଜିନାମାର ଧାରା 11(ଟି) ଅନୁଯାୟୀ,ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡି ପି ଆର)ର ସ୍ୱୀକୃତି ପ୍ରାପ୍ତିର ଏକ ମାସ ମଧ୍ୟରେ ସେବା ପ୍ରଦାନକାରୀ ଅନୁପ୍ରୟୋଗ ସଫ୍ଟୱୟାରର ଏକ ପ୍ରୋଟୋଟାଇପ ପ୍ରଦାନ କରିବାର ଥିଲା । ଯାହାହେଉ କଷ୍ଟମାଇଜେସନ ପାଇଁ କୌଣସି ପ୍ରୋଟୋଟାଇପ ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର କରାଯାଇ ନ ଥିଲା । ତତପରେ, ବ୍ୟବହାରକାରୀଙ୍କ ସଂପୃକ୍ତି ସଫ୍ଟୱେୟାରର ବିକାଶ ସମୟ ସୀମା ମଧ୍ୟରେ ନ ଥିଲା ଯଦ୍ୱାରା କି ଏହା କାର୍ଯ୍ୟକ୍ଷମ ହୋଇପାରି ନଥିଲା ।

- **ସଫ୍ଟୱେୟାର ର ପରୀକ୍ଷଣ ଉପଯୁକ୍ତ ବୈଷୟିକ ଅଧିକାରୀଙ୍କ ଦ୍ୱାରା କରା ନ ଯାଇ ସମାପ୍ତି ପ୍ରମାଣ ପତ୍ର ପ୍ରଦାନ:** ସମାପ୍ତି ପ୍ରମାଣ ପତ୍ର ପ୍ରଦାନ ପୂର୍ବରୁ ସଫ୍ଟୱୟାର ର ସମସ୍ତ କାର୍ଯ୍ୟକ୍ଷମତାକୁ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିବା ପାଇଁ କୁଳପତି ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ (ଜାନୁୟାରୀ 2007)ଦେଇଥିଲେ । ହାର୍ଡୱେୟାରର ସନ୍ତୋଷ ଜନକ ସଂସ୍ଥାପନ ଏବଂ ସଫ୍ଟୱେୟାରର କାର୍ଯ୍ୟକ୍ଷମ ବାବଦରେ କ୍ଷେତ୍ରୀୟ ମୁଖ୍ୟମାନଙ୍କ ଦ୍ୱାରା ପୂର୍ବ ମୁଦ୍ରିତ ଫର୍ମରେ ପ୍ରଦତ୍ତ ପ୍ରମାଣ ପତ୍ର (ଜାନୁୟାରୀ ରୁ ମାର୍ଚ୍ଚ 2007)ଉପରେ ନିର୍ଭର କରି ରେଜିଷ୍ଟ୍ରାର ସେବା ପ୍ରଦାନକାରୀଙ୍କୁ ସମାପ୍ତି ପ୍ରମାଣ ପତ୍ର ପ୍ରଦାନ କରିଥିଲେ(ଏପ୍ରିଲ 2007) । ସିଷ୍ଟମ ପରିଚାଳକ ପରବର୍ତ୍ତୀ ସମୟରେ ଯେତେବେଳେ ବିବିଧ ବୈଷୟିକ ଦୋଷତ୍ରୁଟି ଏବଂ ତାର୍କିକ ତ୍ରୁଟି ବିଚ୍ୟୁତି ଲକ୍ଷ୍ୟ କଲେ(ଜୁନ

2007), ସଂପୃକ୍ତ ସଂସ୍ଥାକୁ ଏହି ଉଦ୍ଦେଶ୍ୟରେ ଗଠିତ ବୈଷୟିକ କମିଟି[53] (ଅଗଷ୍ଟ 2008)ନିକଟରେ ସଫ୍ଟୱେୟାରର ବିସ୍ତୃତ ବିବରଣୀ ପ୍ରଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଏହା ରାଜିନାମାର ଅଂଶ ବିଶେଷ ନ ଥିବାରୁ ସଂପୃକ୍ତ ସଂସ୍ଥା ପ୍ରକଳ୍ପ ର ଚତୁର୍ଥ ବର୍ଷର କମିଟି ନିକଟରେ ସଫ୍ଟୱେୟାରର ସବିଶେଷ ତଥ୍ୟ ପ୍ରଦାନ କରିବାକୁ ଅସ୍ୱୀକାର କରିଥିଲେ(ଡିସେମ୍ବର 2008) । ଯେଉଁ ପରୀକ୍ଷଣ ବିବରଣୀ ଆଧାରରେ ସମାପ୍ତି ପ୍ରମାଣ ପତ୍ର ଜାରି କରାଯାଇଥିଲା ତାହା ସମୀକ୍ଷାର ଯାଞ୍ଚ ନିମନ୍ତେ ପ୍ରଦାନ କରିବାକୁ କୁହାଯାଇଥିଲେ ମଧ୍ୟ, କ୍ଷେତ୍ରୀୟ ମୁଖ୍ୟମାନେ ସେହି ବିବରଣୀ ଉପସ୍ଥାପନ କରି ପାରି ନ ଥିଲେ । ସୁତରାଂ କ୍ଷେତ୍ରୀୟ ମୁଖ୍ୟମାନେ ଉପଯୁକ୍ତ ପରୀକ୍ଷଣ ବିନା ସନ୍ତୋଷଜନକ ସଂପାଦନ ପ୍ରମାଣ ପତ୍ର ଜାରି କରିଥିଲେ ଏବଂ ପରବର୍ତ୍ତୀ ସମୟରେ ସିଷ୍ଟମ ତ୍ରୁଟିପୂର୍ଣ୍ଣ ଭାବେ  ଅଭିହିତ ହୋଇଥିଲା ।

- **ସିଷ୍ଟମର ଅନିୟମିତତା:** ପ୍ରଣାଳୀକୁ କମ୍ପ୍ୟୁଟର ସେଣ୍ଟରରେ ସିଷ୍ଟମ ମ୍ୟାନେଜର କିମ୍ବା ପ୍ରଫେସରଙ୍କ ଦ୍ୱାରା ପରୀକ୍ଷଣ କରା ନ ଯାଇ ରେଜିଷ୍ଟ୍ରାରଙ୍କ ଦ୍ୱାରା ସମାପ୍ତି ପ୍ରମାଣ ପତ୍ର ଜାରି କରାଯାଇଥିଲା (ଏପ୍ରିଲ 2007) ଯାହା ଫଳରେ ଯେତେବେଳେ ପ୍ରଣାଳୀ କାର୍ଯ୍ୟକ୍ଷମ ନ ଥିବା / ତୃଟିପୂର୍ଣ୍ଣ ଥିବା ଦେଖାଯାଇଥିଲା (ଜୁନ 2007) ଏବଂ ବିଶ୍ୱବିଦ୍ୟାଳୟ ପରବର୍ତ୍ତୀ ପ୍ରାପ୍ୟ ପ୍ରଦାନକୁ ସ୍ଥଗିତ ରଖି ବିକ୍ରେତାଙ୍କୁ ସଫ୍ଟଓୟାରର ବିଶଦ ବିବରଣୀ ପ୍ରଦର୍ଶୀତ କରିବା ପାଇଁ  କହିଥିଲେ । ଫାର୍ମଟି ସଂପୂର୍ଣ୍ଣ ଦେୟ ପ୍ରଦାନ ପାଇଁ କାନୁନୀ ନୋଟିସ ପଠାଇଥିଲା (ଏପ୍ରିଲ୍ 2008) ଏବଂ ଉକ୍ତ ଦେୟ ପ୍ରଦାନ କରାଯାଇଥିଲା (ସେପ୍ଟେମ୍ବର 2009) । ଚୂଡାନ୍ତ ଦେୟ ପ୍ରଦାନ କରାଯିବା ପୂର୍ବରୁ ଅନ୍ୟାନ୍ୟ ସଭ୍ୟମାନଙ୍କ ସହିତ ଫାର୍ମର ପ୍ରତିନିଧିମାନେ ଅନ୍ତର୍ଭୁକ୍ତ ଥାଇ କୁଳପତିଙ୍କ ଅଧ୍ୟକ୍ଷରେ ଗଠିତ ଏକ କମିଟିରେ ନିଷ୍ପତ୍ତି ନିଆଯାଇଥିଲା (ସେପ୍ଟେମ୍ବର 2009) ଯେ ବିଶ୍ୱବିଦ୍ୟାଳୟ ହାର୍ଡଓୟାର ପୁନଃ ସ୍ଥାପନର ଖର୍ଚ୍ଚ ବହନ କରିବ ଏବଂ ଫାର୍ମ ବାର୍ଷିକ ରକ୍ଷଣାବେକ୍ଷଣା ଚୁକ୍ତି (ଏ.ଏମ.ସି) ସମୟରେ ସିଷ୍ଟମ ସକ୍ରିୟ କରିବ । ଯାହାହେଉ, ବିଶ୍ୱବିଦ୍ୟାଳୟ ଦ୍ୱାରା ହାର୍ଡଓୟାର ପୁନଃ ସ୍ଥାପନ ହୋଇନଥିଲା କିମ୍ବା ସିଷ୍ଟମକୁ ସକ୍ରିୟ କରିବା ପାଇଁ ଫାର୍ମ ସହିତ କୌଣସି ଏ,ଏମ.ସି ସଂପାଦିତ କରାଯାଇ ନଥିଲା (ଡିସେମ୍ବର 2013) । ସମୀକ୍ଷାରେ ଏହା ମଧ୍ୟ ପରିଲକ୍ଷିତ ହୋଇଥିଲା(ଡିସେମ୍ବର 2013) ଯେ ଉଭୟ ଡାଟାବେସ ଏବଂ ଆପ୍ଲିକେସନ ସର୍ଭରଗୁଡିକ ଅଗଷ୍ଟ 2007 ରୁ ଅବ୍ୟବହୃତ ଏବଂ ନିଷ୍କ୍ରିୟ ହୋଇ ପଡି ରହିଥିଲା  । ସୁତରାଂ ବିଶ୍ୱବିଦ୍ୟାଳୟ ୱାରେଣ୍ଟି ସମୟ ସୀମା ମଧ୍ୟରେ ସିଷ୍ଟମ ସଂଚାଳନର ସୁବିଧା ଉପଲବ୍ଧ କରିବାରେ ବିଫଳ ହୋଇଥଲେ(ହାର୍ଡଓୟାର;ମାର୍ଚ୍ଚ 2008 ଏବଂ ସଫ୍ଟଓୟାର ;ଏପ୍ରିଲ 2009) ।

- **କାର୍ଯ୍ୟକ୍ଷମ ହୋଇ ନ ଥିବା ଉପକରଣ/ ଯନ୍ତ୍ରପାତି:** ସମୀକ୍ଷା ଏବଂ ବିଶ୍ୱବିଦ୍ୟାଳୟର ସିଷ୍ଟମ ମ୍ୟାନେଜରଙ୍କ ଦ୍ୱାରା 215 ଟି ଡେସ୍କଟପ, ୟୁପିଏସ ଏବଂ ପ୍ରିଣ୍ଟର ମଧ୍ୟର 50 ଟିର ଯୁଗ୍ମ ପରୀକ୍ଷଣରେ ପରିଲକ୍ଷିତ ହେଲା ଯେ ସେଥି ମଧ୍ଯରୁ 42 ଟି ଅଚଳ ହୋଇ ପଡିରହିଥିଲା ଏବଂ ଆଠୋଟି କମ୍ପ୍ୟୁଟର ନିର୍ଦ୍ଧାରିତ ଉଦ୍ଦେଶ୍ୟ ବ୍ୟତୀତ ଭିନ୍ନ ଉଦ୍ଦେଶ୍ୟ ଯଥା- ୱାର୍ଡ ପ୍ରୋସେସିଙ୍ଗରେ ବ୍ୟବହୃତ ହୋଇଥିଲା । ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସହ ଏହି ଡେସ୍କ ଟପ୍ ଗୁଡିକ ଯୋଗାଣର ନଅ ବର୍ଷ ପରେ ପୁରୁଣାକାଳିକା ହୋଇ ଯାଇଥିଲା । ଉଭୟ ଆପ୍ଲିକେସନ ଓ ଡାଟାବେସ୍ ସର୍ଭର ବନ୍ଦ ଅବସ୍ଥାରେ କାର୍ଯ୍ୟକ୍ଷମ ନ ହୋଇ ପଡିରହିଥିବାରୁ ସଫ୍ଟୱେୟାର ଯାଞ୍ଚ୍ ହୋଇ ନଥିଲା ।

---

53 ଓଡିଶା କମ୍ପ୍ୟୁଟର ଅନୁପ୍ରୟୋଗ କେନ୍ଦ୍ର, ଭାରତୀୟ ସୂଚନା ବୈଷୟିକ ପ୍ରତିଷ୍ଠାନ, ଭୁବନେଶ୍ୱର ଏବଂ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ପ୍ରତିନିଧି ବୃନ୍ଦ ।

ରେଜିଷ୍ଟ୍ରାର ସ୍ୱୀକାର କରିଥିଲେ (ମେ 2014) ଯେ, ସେଠାରେ କୌଣସି ମାଲିକାନାସ୍ୱତ୍ତ୍ୱ ନଥିଲା ଏବଂ ଯୋଗାଯୋଗର ଅଭାବ ଥିଲା । ବିଦ୍ୟମାନ କର୍ମଚାରୀ ପ୍ରୋଗ୍ରାମକୁ ଚଳାଇ ନଥିଲେ, କମ୍ପ୍ୟୁଟର ଜାଣିଥିବା କର୍ମଚାରୀ ଉପଲବ୍ଧ ନଥିଲେ ଏବଂ ବିଦ୍ୟମାନ କର୍ମଚାରୀମାନଙ୍କୁ ତିନି ଚାରି ଦିନର ପ୍ରଶିକ୍ଷଣ ଯଥେଷ୍ଟ ନଥିଲା । ସେ ଏହା ମଧ୍ୟ କହିଥିଲେ ଯେ ପ୍ରକଳ୍ପର ରକ୍ଷଣାବେକ୍ଷଣ କରା ନଯିବା ବିଷୟଟିକୁ ଅଧିକ ଗୁରୁତର କରିଥିଲା ଏବଂ ପ୍ରକଳ୍ପଟି କାର୍ଯ୍ୟକ୍ଷମ ନ ହୋଇ ରହିଥିଲା (ମେ 2014) ।

### *3.3.2 ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାନୁୟାରୀ 2008 ରେ ଏକ ସେବା ପ୍ରଦାନକାରୀ ସଂସ୍ଥା ସହ ଅଫିସ ସ୍ୱୟଂଚାଳନ ପ୍ୟାକେଜ୍ ନିମିତ୍ତ 2.33 କୋଟି ଟଙ୍କା ମୂଲ୍ୟରେ 29 ଟି ମଡ୍ୟୁଲ ଯଥା ଇ-ଲାଇବ୍ରାରୀ, ଇ-କ୍ଲାସରୁମ, ହାର୍ଡଓୟାର, ନେଟଓ୍ୱାର୍କିଙ୍ଗ ଇତ୍ୟାଦି ଯୋଗାଣ ପାଇଁ ବୁଝାମଣାପତ୍ର ଏବଂ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ । ସେବା ପ୍ରଦାନକାରୀ ସଂସ୍ଥା ଆବଶ୍ୟକ ହାର୍ଡଓୟାର ନେଟଓ୍ୱାର୍କିଙ୍ଗ୍ ଏବଂ ସଫ୍ଟଓୟାର ଉପାଦନଗୁଡିକ ପ୍ରଦାନ ଏବଂ ସଂସ୍ଥାପନ କରିବା ଏବଂ ବିଶ୍ୱବିଦ୍ୟାଳୟ କର୍ମଚାରୀମାନଙ୍କୁ ନେଟଓ୍ୱାର୍କର ସଫଳତା ସହ ଚଳାଇବା ଏବଂ ପରିଚାଳନା ପାଇଁ ପର୍ଯ୍ୟାପ୍ତ ପ୍ରଶିକ୍ଷଣ ଦେବାର ଥିଲା । ସମସ୍ତ ଦେୟ ମାର୍ଚ୍ଚ ଏବଂ ଜୁଲାଇ 2008 ମଧ୍ୟରେ ପ୍ରଦାନ କରାଯାଇଥିଲା ।

ସମୀକ୍ଷାରେ ନିମ୍ନଲିଖିତ ତଥ୍ୟ ପରିଲକ୍ଷିତ ହୋଇଥିଲା ।

- **ସଫ୍ଟଓୟାର ମୂଲ୍ୟ ବାବଦରେ ଅଧିକ ଦେୟ ପ୍ରଦାନ:** ବୁଝାମଣା ପତ୍ର ଅନୁସାରେ 42.29 ଲକ୍ଷ ଟଙ୍କା ବ୍ୟୟ ମୂଲ୍ୟରେ 29 ଟି ମଡ୍ୟୁଲ[54] ସହିତ ସମ୍ପୂର୍ଣ୍ଣ ଅଫିସ୍ ସ୍ୱୟଂଚାଳକ ନିମନ୍ତେ ସଫ୍ଟୱେୟାର ଯୋଗାଣ ପ୍ରକଳ୍ପ ପରିସର ଅନ୍ତର୍ଭୁକ୍ତ ଥିଲା । ଏହା ଦେଖାଯାଇଥିଲା ଯେ ଯଦିଓ ଫାର୍ମ ଦ୍ୱାରା ପାଞ୍ଚଟି ମଡ୍ୟୁଲ[55]ର ସଫ୍ଟୱେୟାର ପ୍ରଦାନ କରାଯାଇଥିଲା, ଚୁକ୍ତିପତ୍ରର ଧାରା 10.2 ଅନୁଯାୟୀ 7.29 ଲକ୍ଷ ଟଙ୍କା ଦେୟ ଦେଉଥିବା ବେଳେ, ଫାର୍ମକୁ ବିଶ୍ୱବିଦ୍ୟାଳୟ ଦ୍ୱାରା 64 ଲକ୍ଷ[56] ଟଙ୍କା ପ୍ରଦାନ କରାଯାଇଥିଲା (ମାର୍ଚ୍ଚ 2008) । ଫଳସ୍ୱରୁପ 56.71 ଲକ୍ଷ ଟଙ୍କା ଅଫିସ୍ ସ୍ୱୟଂଚାଳକ ସଫ୍ଟୱେୟାର ବାବଦରେ ଅଧିକ ପ୍ରଦାନ ହୋଇଥିଲା । ଯଦିଓ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଥମ ଚରଣରେ କେବଳ ପାଞ୍ଚଟି ମଡ୍ୟୁଲ କାର୍ଯ୍ୟାନ୍ୱିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ (ଡିସେମ୍ବର 2008), କିନ୍ତୁ ସମସ୍ତ 29 ଟି ମଡ୍ୟୁଲର ମୂଲ୍ୟ ମାର୍ଚ୍ଚ 2008 ରେ ପ୍ରଦାନ କରିବାର କାରଣ ଅଡିଟକୁ ଉପଲବ୍ଧ କରାଯାଇ ନଥିଲା ।

---

54 (1) ପ୍ରବେଶ ପରିଚାଳନା, (2) ଛାତ୍ର ପରିଚାଳନା; (3) ପରୀକ୍ଷା ପରିଚାଳନା ପଦ୍ଧତି; (4) ଆର୍ଥିକ ହିସାବ; (5) ସାଧାରଣ ପ୍ରଶାସନ; (6) ମାନବ ସମ୍ବଳ ଏବଂ ବେତନ ନାମାବଳୀ; (7) ଏକାଡେମିକ୍ ପରିଚାଳନା; (8) ପିଜି ପରିଷଦ ଅଫିସ୍ ପରିଚାଳନା; (9) ଦ୍ରବ୍ୟ ତାଲିକା ପରିଚାଳନା; (10) ସମ୍ପଦ ଏବଂ ମାହାଲ ପରିଚାଳନା; (11) ଡାଏରୀ ଏବଂ ନିର୍ଗମ; (12) ଡିଜିଟାଲ ପାଠାଗାର ପ୍ରଣାଳୀ; (13) ଇ-କ୍ଲାସ୍ ରୁମ ଏବଂ କୋର୍ସ ପରିଚାଳନା; (14) ବାର୍ତ୍ତାକରଣ ପଦ୍ଧତି ଏବଂ ନେଟଓାର୍କ; (15) ବିଶ୍ୱବିଦ୍ୟାଳୟ ୱେବ୍ ପୋର୍ଟାଲ; (16) ହଷ୍ଟେଲ ପରିଚାଳନା; (17) ମହାବିଦ୍ୟାଳୟ ବିକାଶ ପରିଷଦ ସ୍ୱୟଂଚାଳନ; (18) ଦୂର ଶିକ୍ଷା ସେଲ୍ ସ୍ୱୟଂଚାଳନ; (19) ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ; (20) ପରିବହନ ସେବା ପରିଚାଳନା; (21)ଗୃହ ବ୍ୟବସ୍ଥା ପରିଚାଳନା, (22) କ୍ୟାଣ୍ଟିନ୍ ପରିଚାଳନା; (23) ସ୍ୱୀକୃତି ପ୍ରାପ୍ତ ସଂଘ/ ନିକାୟ ପରିଚାଳନା; (24) ବ୍ୟାଙ୍କ ଗୁଡିକ ସହିତ ଇଣ୍ଟରଫେସ; (25) ସରକାରୀ ବିଭାଗ/ଏଜେନ୍ସୀଗୁଡିକ ସହିତ ଇଣ୍ଟରଫେସ୍; (26) ଛାତ୍ରସଂଘ ନିର୍ବାଚନ ପରିଚାଳନା, (27) ଅତିଥି ଭବନ ପରିଚାଳନା (28) ସୂଚନା ଅଧିକାର ପରିଚାଳନା ସେ୍ଲ ଏବଂ (29) ପ୍ରମାଣପତ୍ର ମୁଦ୍ରଣ

55 ହିସାବ ପ୍ରମାଣପତ୍ର ମୁଦ୍ରଣ, ଡକୁମେଣ୍ଟ ପରିଚାଳନା ଆଡମିସନ ଏବଂ ପାଠାଗାର

56 42 ଲକ୍ଷ ଅଫିସ୍ ସ୍ୱୟଂ ଚାଳନା ପାଇଁ, ଅତିରିକ୍ତ ଆଠ ଲକ୍ଷ ଇ-ପାଠାଗାର ପାଇଁ ଏବଂ 14 ଲକ୍ଷ ଇ-କ୍ଲାସ ରୁମ୍ ପାଇଁ । ଯଦିଓ ଏହିସବୁଗୁଡିକ ଅଫିସ୍ ଅଟୋମେସନ ମଡ୍ୟୁଲରେ ଅନ୍ତର୍ଭୁକ୍ତ ଥିଲା

- **ପ୍ରଶିକ୍ଷଣ ପାଇଁ କମ୍ ଉପସ୍ଥିତି :** ଯେହେତୁ ପ୍ରଶିକ୍ଷଣ ପାଇଁ କର୍ମଚାରୀମାନଙ୍କର ଉପସ୍ଥିତି ନଗଣ୍ୟ ଥିଲା, କୁଳପତି ପ୍ରକଳ୍ପର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ଏକ କୋର କାର୍ଯ୍ୟାନ୍ୱୟନ ଗ୍ରୁପ୍ ଗଠନ କରିଥିଲେ(2, ଡିସେମ୍ବର 2008) । ଏହାସତ୍ତ୍ୱେ ଇ-ଶାସନ ପ୍ରକଳ୍ପ ଗୁଡିକରେ ଅନ-ସାଇଟ୍ ପ୍ରଶିକ୍ଷଣ ପାଇଁ ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ ମଧ୍ୟରେ ଆଗ୍ରହର ଅଭାବ ଫାର୍ମ ବାରମ୍ବାର ଅଭିଯୋଗ କରିଥିଲା(ଅକ୍ଟୋବର 2009) ।

- **କଷ୍ଟମାଇଜେସନ୍ ଚୂଡାନ୍ତ କରା ନଯିବା:** ବ୍ୟବହାରକାରୀଙ୍କ ସହିତ ଆଲୋଚନା କରି ପ୍ରଥମ ପାଞ୍ଚୋଟି ମଡ୍ୟୁଲ ପାଇଁ ଆବଶ୍ୟକତା ପ୍ରସ୍ତୁତ କରିବା ନିମନ୍ତେ ଯଦିଓ ବିଶ୍ୱବିଦ୍ୟାଳୟ ପାଞ୍ଚୋଟି କମିଟି ଗଠନ କରିଥିଲା(ନଭେମ୍ବର 2009) କିନ୍ତୁ କଷ୍ଟମାଇଜେସନ ଆବଶ୍ୟକତାକୁ ପରିପ୍ରକାଶ କରିବା ନିମନ୍ତେ ଅନ୍ତିମ ବ୍ୟବହାରକାରୀ ଚିହ୍ନଟ / ଉପଲବ୍ଧ ନ ହେବା ଯୋଗୁଁ ଏହା ଚୂଡାନ୍ତ ହୋଇପାରି ନଥିଲା(ଫେବୃଆରୀ 2010) ।

- **ବୈଷୟିକ ଜନଶକ୍ତିର ଅଭାବ:** ବିଶ୍ୱବିଦ୍ୟାଳୟରେ ବୈଷୟିକ କର୍ମଚାରୀ ଉପଲବ୍ଧ ନଥିବା ଯୋଗୁଁ ଇ-ଶାସନ ପ୍ରଫେସର ଏବଂ ସମନ୍ୱୟ କର୍ତ୍ତାମାନେ ବିଭିନ୍ନ ବିଭାଗରେ ଇ-ଶାସନର କାର୍ଯ୍ୟାନ୍ୱୟନ ପାଇଁ 20 ଜଣ ବୈଷୟିକ ସହାୟକ ନିଯୁକ୍ତି କରିବା ପାଇଁ ସୁପାରିଶ କରିଥିଲେ(ମାର୍ଚ୍ଚ 2010), କିନ୍ତୁ ଏହି ବିଷୟଟିକୁ ସମ୍ବୋଧିତ କରାଯାଇ ନଥିଲା (ଡିସେମ୍ବର 2013) । ଯାହାଫଳରେ ଭିତ୍ତିଭୂମି ଅବ୍ୟବହୃତ ରହିଥିଲା ।

- **କାର୍ଯ୍ୟାକ୍ଷମ ହୋଇ ନଥିବା ଉପକରଣ:** ସର୍ଭର ସହିତ ହାର୍ଡଓୟାରର ସଂଯୁକ୍ତ ନିରୀକ୍ଷଣରେ ଦେଖାଯାଇଥିଲା(ଡିସେମ୍ବର 2013) ଯେ, ଡାଟାବେସ୍ ଏବଂ ଆପ୍ଲିକେସନ ସର୍ଭର ଏବଂ ଡେସ୍କଟପ୍‌ଗୁଡିକ ସହିତ ସମସ୍ତ ଚାରୋଟି ସର୍ଭର ଅବ୍ୟବହୃତ ହୋଇ ପଡିରହିଥିଲା, କେବଳ କିଛି ଡେସ୍କଟପ୍ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥ ନିୟନ୍ତ୍ରକ ଏହି ତଥ୍ୟକୁ ସ୍ୱୀକାର କରି କହିଥିଲେ(ମେ 2014) ଯେ ପ୍ରକଳ୍ପଟି କେବଳ କଷ୍ଟମାଇଜ୍‌ଡ ହେଲା ପରେ ଏବଂ କର୍ମଚାରୀମାନେ ପ୍ରକଳ୍ପ ସହିତ ପରିଚିତ ହେଲା ପରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବ । ପ୍ରକଳ୍ପଟି କାର୍ଯ୍ୟାନ୍ୱୟନ ହେବାର ପ୍ରାୟ ଛଅ ବର୍ଷ ବିତି ଯାଇଥିବାରୁ, ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ଏହି ଉତ୍ତର ସହିତ ଏକମତ ହୋଇନଥିଲେ(ମେ 2014) ।

### *3.3.3 ସମ୍ବଲପୁର ବିଶ୍ୱବିଦ୍ୟାଳୟ*

ପ୍ରଥମ ପର୍ଯ୍ୟାୟରେ 2.29 କୋଟି[57] ଟଙ୍କା ବ୍ୟୟରେ ବିଶ୍ୱବିଦ୍ୟାଳୟରେ ଇ-ଶାସନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ବିଶ୍ୱବିଦ୍ୟାଳୟ ଗୋଟିଏ ସେବା ପ୍ରଦାନକାରୀ ସଂସ୍ଥା ସହିତ ଏକ ଚୁକ୍ତି ପତ୍ର ସଂପାଦନ କରିଥିଲା(ମାର୍ଚ୍ଚ 2007) ଏବଂ ଚୁକ୍ତିପତ୍ର ଅନୁଯାୟୀ ପ୍ରକଳ୍ପଟି ଛଅ ମାସ ମଧ୍ୟରେ ସମାପ୍ତ ହେବାର ଥିଲା । ସେହି ସେବା ପ୍ରଦାନକାରୀ ସଂସ୍ଥା ବିଶ୍ୱବିଦ୍ୟାଳୟ ମ୍ୟାନେଜମେଣ୍ଟ ସୀଷ୍ଟମ ଅନ୍ତର୍ଗତ ଆଠଟି କ୍ଷେତ୍ରର[58] ସଫଳତାର ସହ ପରିଚାଳନା ପାଇଁ ହାର୍ଡଓୟାର, ସଫ୍ଟଓୟାର, ନେଟୱାର୍କିଙ୍ଗ୍ ପ୍ରଦାନ କରିବା ସହିତ ବିଶ୍ୱବିଦ୍ୟାଳୟର କର୍ମଚାରୀ ମାନଙ୍କୁ ଯଥେଷ୍ଟ ପ୍ରଶିକ୍ଷଣ ଦେବାର ଥିଲା । ହାର୍ଡଓୟାର ଏବଂ ସଫ୍ଟଓୟାର ସଂସ୍ଥାପନ କରିବା ତାରିଖ ପର ଠାରୁ ତିନି ବର୍ଷର ୱାରେଣ୍ଟି ପିରିୟଡ ସହ

---

57 ହାର୍ଡୱେୟାର (0.91 କୋଟି ଟଙ୍କା), ସଫ୍ଟୱେୟାର (0.47 କୋଟି ଟଙ୍କା), ନେଟୱାର୍କିଂ (0.72 କୋଟି ଟଙ୍କା) ଏବଂ ଏଏମସି (0.19 କୋଟି ଟଙ୍କା)

58 ଏକାଡେମିକ, ମାନବ ସମ୍ବଳ ପରିଚାଳନା, ପାଠାଗାର, ସ୍ଥାୟୀ ସମ୍ପତ୍ତିଗୁଡିକର ପରିଚାଳନା, ଆର୍ଥିକ ହିସାବ ପଦ୍ଧତି, ବେତନ ନାମାବଳୀ, ଛାତ୍ରାବାସ ଏବଂ ନଥିପତ୍ର ଅନୁସରଣ ପ୍ରଣାଳୀ, ଯାହାକି ବିଶ୍ୱବିଦ୍ୟାଳୟ ପରିଚାଳନା ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ

ହାର୍ଡଓ୍ୱୟାର ଏବ ସଫ୍‌ଟଓ୍ୱେୟାର ସଂସ୍ଥାପନ କରାଯାଇଥିଲା(ଜାନୁୟାରୀ 2008) । ଦ୍ୱିତୀୟ ପର୍ଯ୍ୟାୟରେ ଇ-ଶାସନର ରକ୍ଷଣାବେକ୍ଷଣ ଏବଂ ସଂପ୍ରସାରଣ ପାଇଁ ବିଶ୍ୱବିଦ୍ୟାଳୟ 1.11 କୋଟି ଟଙ୍କାରେ କେବଳ ନେଟଓ୍ୱାର୍କିଙ୍ଗ ପାଇଁ 0.36 କୋଟି ଟଙ୍କା ଏବଂ ହାର୍ଡଓୟାର ଯୋଗାଣ ପାଇଁ 0.75 କୋଟି ଟଙ୍କା ଅନ୍ୟ ଏକ ସଂସ୍ଥାକୁ କାର୍ଯ୍ୟାଦେଶ ଦେଇଥିଲା(ମାର୍ଚ୍ଚ 2009) । ଉଭୟ ସେବା ପ୍ରଦାନକାରୀ ସଂସ୍ଥାକୁ କାର୍ଯ୍ୟ ସଂପାଦନ ପରେ 3.40 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ( ଅକ୍ଟୋବର 2007-ଫେବୃଆରୀ 2012) ।

ସମୀକ୍ଷାରେ ନିମ୍ନଲିଖିତ ବିଷୟ ପରିଲକ୍ଷିତ ହୋଇଥିଲା ।

- **ଆଂଶିକ କାର୍ଯ୍ୟାନ୍ୱୟନ :** ସେବା ପ୍ରଦାନକାରୀ ସଂସ୍ଥା ଦ୍ୱାରା ଆଠଟି କ୍ଷେତ୍ରରେ ବିକାଶ କରାଯାଇଥିବା ବେଳେ କେବଳ ଦୁଇଟି କ୍ଷେତ୍ର/ ମଡ୍ୟୁଲ(ବେତନ ନାମାବଳୀ ଏବଂ ମାନବ ସମ୍ବଳ) କାର୍ଯ୍ୟକ୍ଷମ ହୋଇଥିଲା । ସମୀକ୍ଷାରେ ଏହା ଦର୍ଶାଯିବା ପରେ (ଅକ୍ଟୋବର 2003) କୁଳପତିଙ୍କର ଅଧ୍ୟକ୍ଷତାରେ କରାଯାଇଥିବା ଏକ ବୈଠକରେ (ନଭେମ୍ବର 2013) ପ୍ରତି କ୍ଷେତ୍ରରେ ବିଭିନ୍ନ ବିଭାଗର ଆଡମିଶନ ଇନ ଚାର୍ଜ ଏବଂ ସଂପୃକ୍ତ ସହକାରୀମାନଙ୍କୁ ପ୍ରଶିକ୍ଷଣ ଦେବା ପରେ ଅବଶିଷ୍ଟ ଛଅଟି କ୍ଷେତ୍ରରେ କାର୍ଯ୍ୟାନ୍ୱିତ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଅନ୍ୟ ଚାରୋଟି ମଡ୍ୟୁଲ[59]ର କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ (ମେ 2014) ତାହା ଅସମାପ୍ତ ରହିଥିଲା ।
- **ଚାହିଦା ଆଧାରରେ ଆବଶ୍ୟକତାର ନିର୍ଦ୍ଧାରଣ କରା ନଯିବା :** ସଂଯୁକ୍ତ ନିରୀକ୍ଷଣରେ ପ୍ରକଟ ହୋଇଥିଲା(ଡିସେମ୍ବର 2013, ମେ 2014) 56.43 ଲକ୍ଷ ଟଙ୍କାରେ କ୍ରୟ କରାଯାଇଥିବା ଦୁଇଟି ସର୍ଭର, 140ଟି ଡେସ୍କଟପ୍, 198ଟି ୟୁପିଏସ, 500ଟି ସ୍ମାର୍ଟ କାର୍ଡ, 200ଟି ସ୍ମାର୍ଟ କାର୍ଡ ରିଡର ଏବଂ ନଅଟି ସ୍କାନର ବ୍ୟବହୃତ ନ ହୋଇ ପଡିରହିଥିଲା ଏବଂ କାଳକ୍ରମେ ସମୟ ଅନୁପଯୋଗୀ ହୋଇଯାଇଥିଲା । ଏହା ସୂଚାଉଛି ଯେ ଆବଶ୍ୟକତା ନ ଥାଇ କ୍ରୟ କରାଯାଇଥିଲା ।

ଏକଜିଟ୍ କନଫେରେନ୍ସ(9 ମେ 2014)ରେ ରେଜିଷ୍ଟ୍ରାର ଦର୍ଶାଇଥିଲେ ଯେ ବିକଶିତ କରାଯାଇଥିବା ଆଠଟି ମଡ୍ୟୁଲ ମଧ୍ୟରୁ ଛଅଟି ମଡ୍ୟୁଲରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆରମ୍ଭ କରିଛି ଏବଂ କହିଥିଲେ ଯେ ପ୍ରଶିକ୍ଷିତ ଏବଂ କମ୍ପ୍ୟୁଟର ଜାଣିଥିବା କର୍ମଚାରୀମାନଙ୍କର ଅଭାବ ଯୋଗୁଁ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ବିଳମ୍ବ ହୋଇଥିଲା । ସେ ପୁଣି କହିଥିଲେ ଯେ 26 ଜଣ କମ୍ପ୍ୟୁଟର ଜାଣିଥିବା କର୍ମଚାରୀଙ୍କ ନିଯୁକ୍ତି ପରେ ଇ-ଶାସନ ମଡ୍ୟୁଲର ବ୍ୟବହାର ଗତିଶୀଳ ହୋଇଛି ।

ଯଦିଓ ଉଚ୍ଚ ଶିକ୍ଷା ବିଭାଗ ବିଶ୍ୱବିଦ୍ୟାଳୟକୁ ଦିଆଯାଇଥିବା ପାଣ୍ଠିର ଉପଯୋଗର ସମୀକ୍ଷା କରିଥିଲା ମାତ୍ର ବିଭାଗ ସ୍ତରରେ ଇ-ଶାସନ ପ୍ରକଳ୍ପ କର୍ଯ୍ୟକାରିତା ଉପରେ କୌଣସି ଫଳପ୍ରଦ ପର୍ଯ୍ୟାଲୋଚନା କରାଯାଇନଥିଲା ଯାହାଫଳରେ ପ୍ରକଳ୍ପଟି ସମ୍ପୂର୍ଣ୍ଣ ଦକ୍ଷତା ଅନୁଯାୟୀ ବ୍ୟବହାର ହୋଇପାରି ନଥିଲା ।

ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ସଚିବଙ୍କ ସହିତ ହୋଇଥିବା ଏକଜିଟ୍ କନଫେରେନସ (9 ମେ 2014) ରେ ବିଶ୍ୱବିଦ୍ୟାଳୟର ପ୍ରତିନିଧି ମାନେ କହିଥିଲେ ଯେ କୌଣସି ବିଶ୍ୱବିଦ୍ୟାଳୟ ପ୍ରକଳ୍ପକୁ ହାତକୁ ନେବାକୁ ରାଜି ନଥିଲେ ଯେହେତୁ ପ୍ରକଳ୍ପ ସେମାନଙ୍କ ଉପରେ ଲଦି ଦିଆଯାଇଥିଲା । ମାତ୍ର ଏହା ଧ୍ୟାନ ଦିଆଯାଇପାରେ ଯେ ବିଶ୍ୱବିଦ୍ୟାଳୟ ଗୁଡିକ ନିଜେ ବିଶ୍ୱବିଦ୍ୟାଳୟରେ ଇ-ଶାସନର କାର୍ଯ୍ୟାନ୍ୱୟନ ନିମନ୍ତେ ଯୋଜନା ଉପସ୍ଥାପନ କରିଥିଲେ ।

---

[59] ଏକାଡେମିକ(ଆବେଦନକାରୀମାନଙ୍କର ଡାଟାବେସ୍ ୱେବପୋର୍ଟାଲରୁ ଆମଦାନୀ ଏବଂ ଇ-ଶାସନ ମଡେଲ ସହ ଏକିକୃତ 2013-14 ରେ କରାଯାଇଥିଲା), ଛାତ୍ରାବାସ (ପାଞ୍ଚଟି ହଷ୍ଟେଲ ମଧ୍ୟରୁ ଗୋଟିଏ ଛାତ୍ରାବାସ ନର୍ମଦାରେ ଛାତ୍ରାବାସ ଆଡମିସନ 2013-14 ରେ କରାଯାଇଥିଲା) ସ୍ଥାୟୀ ସମ୍ପତ୍ତିର ପରିଚାଳନା(କ୍ରୟ ଆଦେଶ ଏବଂ ସ୍ଥାୟୀ ସମ୍ପତ୍ତିର ଡାଟାଏଣ୍ଟ୍ରି କାର୍ଯ୍ୟ ଅଗ୍ରଗତିରେ ଥିଲା), ଆର୍ଥିକ ବିବରଣ ପ୍ରଣାଳୀ(ଫର୍ମ ବିକ୍ରିର ଡାଟାଏଣ୍ଟ୍ରି ଆରମ୍ଭ ହୋଇଥିଲା) ।

# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

## 3.4 ଅନୁସୂଚିତ କ୍ଷେତ୍ରରେ ଥିବା ଅନୁସୂଚିତ ଜାତିମାନଙ୍କର ଆୟ ଉପାର୍ଜନ

ଆଦିବାସୀ ଓ ଅନ୍ୟମାନଙ୍କ ମଧ୍ୟରେ ଥିବା ସାମାଜିକ ଓ ଆର୍ଥିକ ଉନ୍ନତିର ତାରତମ୍ୟକୁ କମାଇବା ପାଇଁ ଆଦିବାସୀ ଉପଯୋଜନା (ଟିଏସ୍‌ପି) କୌଶଳ ପଞ୍ଚମ ପଞ୍ଚବାର୍ଷିକ ଯୋଜନା (1974-75) ଆରମ୍ଭରୁ ଅନୁସୂଚିତ କ୍ଷେତ୍ରମାନଙ୍କରେ ଉନ୍ନତିକରଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଅଛି । ପରିବାର ଭିତ୍ତିକ ଆୟ ଉପାର୍ଜନ କରିବାରେ ଥିବା ଆବଶ୍ୟକୀୟ ରିକ୍ତତା ପୂରଣ କରନ୍ତ ନିୟୋଜନ ଓ ଆୟ ଉପାର୍ଜନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରିବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ଆନୁସଙ୍ଗିକ ଭିତ୍ତି ସଂରଚନା କରିବା ଉଦ୍ଦେଶ୍ୟରେ, ଭାରତ ସରକାର ଆଦିବାସୀ ଉପଯୋଜନାକୁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ରାଶି ପ୍ରଦାନ ନିମନ୍ତେ ମାର୍ଗଦର୍ଶିକା ଜାରି କରିଥିଲେ । ଏହା ବ୍ୟତିରେକ ଆଦିବାସୀମାନଙ୍କର ଆର୍ଥିକ ଓ ସାମାଜିକ ଉନ୍ନତି ନିମନ୍ତେ ବିଭିନ୍ନ ଆୟ ଉପାର୍ଜନ (ଆଇଜି) ଯୋଜନା[60] ମାଧ୍ୟମର ଆବଶ୍ୟକତା ଭିତ୍ତିକ ଆୟ ଉପାର୍ଜନ କାର୍ଯ୍ୟକ୍ରମମାନ ପ୍ରଚଳିତ ହୋଇଥିଲା ।

ରାଜ୍ୟ ସ୍ତରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) ଏବଂ ତଳ କ୍ଷେତ୍ରରେ, ସାମୁହିକ ଆଦିବାସୀ ଉନ୍ନୟନ ଏଜେନ୍‌ସି (ଆଇଟିଡିଏ)ର ପ୍ରକଳ୍ପ ପରିଚାଳକମାନେ ଏବଂ କ୍ଷୁଦ୍ର ପ୍ରକଳ୍ପର ସ୍ୱତନ୍ତ୍ର ଅଧିକାରୀମାନେ ଉପାର୍ଜନକ୍ଷମ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଦାୟୀ ଅଟନ୍ତି ।

ଆଦିବାସୀମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଆୟ ଉପାର୍ଜନ ପ୍ରକଳ୍ପଗୁଡିକ ସୁଚାରୁରୂପେ ଓ ସକ୍ଷମ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ, ତାର ସମୀକ୍ଷା ଆକଳନ କରିବା ପାଇଁ ଅଡିଟ୍ ବିଭାଗର ଓ ସାତଟି[61] କାର୍ଯ୍ୟାନ୍ୱିତ ଏଜେନ୍‌ସିର ନଥି ନମୁନା ଯାଞ୍ଚ୍ କଲା ଏବଂ ତାହା ଉପରେ ନିମ୍ନଲିଖିତ ମନ୍ତବ୍ୟମାନ ଅବଲୋକନ କରାଗଲା ।

---

60 ଆଦିବାସୀ ଉପଯୋଜନାକୁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା, ଭାରତ ସମ୍ବିଧାନର ଧାରା 275(I) ଅଧିନରେ ଥିବା ଅନୁଦାନ, ସଂରକ୍ଷଣ ତଥା ଉନ୍ନତିକରଣ(ସିସିଡି) ଯୋଜନା, ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ), ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଆରଏସବିୱାଇ), ଜାତୀୟ ଉଦ୍ୟାନ କୃଷି ମିଶନ (ଏନଏଚଏମ) ଇତ୍ୟାଦି ।

61 (1) ସମନ୍ୱିତ ଆଦିବାସୀ ଉନ୍ନୟନ ଏଜେନସୀ, ଗୁଣୁପୁର, (2) ସମନ୍ୱିତ ଆଦିବାସୀ ଉନ୍ନୟନ ଏଜେନସୀ, କପ୍ତିପଦା (3) ସମନ୍ୱିତ ଆଦିବାସୀ ଉନ୍ନୟନଣ ଏଜେନସୀ, କରଞ୍ଜିଆ(4) ସମନ୍ୱିତ ଆଦିବାସୀ ଉନ୍ନୟନ ଏଜେନସୀ, ରାଇରଙ୍ଗପୁର(5) ହିଲ ଖରିଆ ଏବଂ ମାଙ୍କଡିଆ ଉନ୍ନୟନ ଏଜେନସୀ, ଯଶୀପୁର(6) ଡାଙ୍ଗରିଆ କନ୍ଧ, ଉନ୍ନୟନ ଏଜେନସୀ, ଚାଟିକଣା, ଏବଂ (7) ଉଦ୍ୟାନ ଅଧିକାରୀ, ବାରିପଦା ।

### 3.4.1 ପାଣ୍ଠିର ସ୍ୱଳ୍ପ ବିନିଯୋଗ

2010-13 ମଧ୍ୟରେ, ନମୁନା ଯାଞ୍ଚ୍ ହୋଇଥିବା କାର୍ଯ୍ୟାନ୍ୱିତ ଏଜେନ୍‌ସିମାନେ କେବଳ 175.37 କୋଟି ଟଙ୍କା ମଧ୍ୟରୁ 139.06 କୋଟି ଟଙ୍କା (79 ପ୍ରତିଶତ) ବିନିଯୋଗ କରିପାରିଥିଲେ । ଉପରୋକ୍ତ ସମୟରେ ପାଣ୍ଠି ବିନିଯୋଗ 39 ପ୍ରତିଶତରୁ 95 ପ୍ରତିଶତ ମଧ୍ୟରେ ସୀମିତ ଥିଲା । ପାଣ୍ଠି ଲବ୍ଧ ହୋଇଥିଲେ ମଧ୍ୟ ମାର୍ଚ୍ଚ 2013 ସୁଦ୍ଧା 329ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଥିଲା । ଯଦିଓ ସେଥିରେ 5.06 କୋଟି[62] ଟଙ୍କା ଖର୍ଚ୍ଚ ହୋଇଥିଲା, ତାହା ସ୍ଥାନୀୟ ଲୋକଙ୍କ ରୋଜଗାର ଉପାର୍ଜନର ପରିସରକୁ ବିପରୀତ ଭାବେ ପ୍ରଭାବିତ କରିଥିଲା ।

ପୁନଶ୍ଚ, ଏହା ମଧ୍ୟ ଅବଲୋକିତ ହୋଇଥିଲା ଯେ 2010–13 ମଧ୍ୟରେ ନମୁନା ଯାଞ୍ଚ୍ ହୋଇଥିବା କାର୍ଯ୍ୟାନ୍ୱିତ ଏଜେନ୍‌ସିମାନଙ୍କୁ ଦିଆଯାଇଥିବା ପାଣ୍ଠି ମଧ୍ୟରୁ 56.27 କୋଟି ଟଙ୍କାର ପାଣ୍ଠି ବିନିଯୋଗର ପ୍ରମାଣପତ୍ର ସରକାରଙ୍କୁ ପ୍ରଦାନ କରାଯାଇ ନଥିଲା । ସମୀକ୍ଷାରୁ ଜଣାଗଲା ଯେ ଡିଡିଓ(ଆହରଣ ଓ ବିତରଣ ଅଧିକାରୀ)ମାନେ ବିନିଯୋଗ ପ୍ରମାଣପତ୍ରର ଉପସ୍ଥାପନ ମଞ୍ଜୁରୀ ନିର୍ଦ୍ଦେଶ ଅନୁଯାୟୀ ବିସ୍ତୃତ ଭାବେ ରଖି ନଥିଲେ, ଯେଉଥିପାଇଁ କି ପଡିରହିଥିବା ବିନିଯୋଗ ପ୍ରମାଣପତ୍ରର ସମୟର କ୍ରମାଙ୍କ ବିଶ୍ଳେଷଣ ନିରୂପଣ କରାଯାଇ ପାରି ନଥିଲା ।

ବିଭାଗ ଘଟଣାବଳୀକୁ ସ୍ୱୀକାର କଲାବେଳେ ବ୍ୟକ୍ତ କଲେ (ଏପ୍ରିଲ୍ 2014) ଯେ ଠିକାଦାରଙ୍କ ଅଭାବ ଓ ବାମପନ୍ଥୀ ଉଗ୍ରପନ୍ଥୀ ପାଇଁ ସମସ୍ତ ପାଣ୍ଠି ବିନିଯୋଗ ହୋଇପାରି ନଥିଲା । ଯାହାହେଉ, ବାସ୍ତବ ଅବସ୍ଥାକୁ ନଜରରେ ରଖି କାର୍ଯ୍ୟ ନିର୍ବାହ ଯୋଜନା କରିବାର ଥିଲା । ବିନିଯୋଗ ପ୍ରମାଣପତ୍ର ପାଇଁ ବିଭାଗ କହିଲା ଯେ ଯେହେତୁ ଅଧିକାଂଶ ଅନୁସୂଚିତ ଜନଜାତି ଉପଯୋଜନା କ୍ଷେତ୍ରଗୁଡିକ ବାମପନ୍ଥୀ ଉଗ୍ରପନ୍ଥୀ ପ୍ରଭାବିତ କ୍ଷେତ୍ରରେ ଅବସ୍ଥିତ, ଏହି କ୍ଷେତ୍ରରେ ଅଧିକାଂଶ କାମର ଅଗ୍ରଗତି ମନ୍ଥର ଥିଲା ଓ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ନେଇଛି ଉପଯୋଗ ହୋଇଥିବାରୁ ସମ୍ପୂର୍ଣ୍ଣ ପରିମାଣର ବିନିଯୋଗ ପ୍ରମାଣପତ୍ର ଉପସ୍ଥାପନ ହୋଇପାରି ନଥିଲା ।

### 3.4.2 ରୋଜଗାର ଉପାର୍ଜନ ପରିକଳ୍ପନା(ଆଇଜିଏସ୍) ପାଣ୍ଠିର ଦୂରୁପଯୋଗ

କେନ୍ଦ୍ରୀୟ ସ୍ୱତନ୍ତ୍ର ସହାୟତା ପାଣ୍ଠି ମୂଳତଃ ପରିବାର ଅଭିମୁଖୀ ରୋଜଗାର ଉପାର୍ଜନ ପରିକଳ୍ପନା ପାଇଁ ଉଦ୍ଦିଷ୍ଟ ଏବଂ ରୋଜଗାର ସୃଷ୍ଟି ପରିକଳ୍ପନାର ଆନୁସଙ୍ଗିକ ଭିତ୍ତି ସଂରଚନା ନିମନ୍ତେ, ଏହାର 30 ପ୍ରତିଶତରୁ ଅଧିକ ଅର୍ଥ ବିନିଯୋଗ କରାଯାଇ ପାରିବ ନାହିଁ । ପୁନଶ୍ଚ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ରୋଜଗାର ସୃଷ୍ଟି ଇତ୍ୟାଦି ନିମନ୍ତେ ଆର୍ଥିକ କ୍ଷମତା ବୃଦ୍ଧି ଓ ଅତ୍ୟାବଶ୍ୟକୀୟ ଭିତ୍ତି ସଂରଚନାର ସୃଷ୍ଟି ଓ ଉନ୍ନତି ନିମିତ୍ତ ଆବଶ୍ୟକୀୟ ପାଣ୍ଠି ଭାରତର ସମ୍ବିଧାନର ଧାରା 275(1) ଅଧିନରେ ପ୍ରଦାନ କରାଯାଇଛି । ରାଜ୍ୟ ସରକାର ସ୍ପଷ୍ଟ କରିଥିଲେ(ଡିସେମ୍ବର 2006) ଯେ ମାର୍ଗଦର୍ଶିକା ପୁସ୍ତିକାର ବିରୁଦ୍ଧାଚରଣରେ ହୋଇଥିବା ଖର୍ଚ୍ଚକୁ ପାଣ୍ଠିର ଦୂରୁପଯୋଗ ବୋଲି ଧରାଯିବ ଯଦିଓ ଏହା ପ୍ରକଳ୍ପ ସ୍ତରର କମିଟି ଦ୍ୱାରା ଅନୁମୋଦିତ । ଅଡିଟ୍, ଯାହାହେଉ ନଜର କଲା ଯେ ଏସସିଏ ଅଧିନରେ ଅନୁସୂଚିତ ଜନଜାତି ଉପଯୋଜନାରେ ଦିଆଯାଇଥିବା ରୋଜଗାର ଉପାର୍ଜନ କାର୍ଯ୍ୟକ୍ରମ ଏବଂ ସମ୍ବିଧାନର ଧାରା 275(1) ଅଧିନରେ ପ୍ରଦତ୍ତ ପାଣ୍ଠି ଅନ୍ୟାନ୍ୟ କାର୍ଯ୍ୟରେ ବିନିଯୋଗ ହୋଇଥିଲା ଯାହାକି ନିମ୍ନରେ ପ୍ରଦତ୍ତ ହେଲା ।

---

[62] 2009-10 (5 କାର୍ଯ୍ୟ; 38.71 ଲକ୍ଷ ଟଙ୍କା), 2010-11 (10 କାର୍ଯ୍ୟ; 34.26 ଲକ୍ଷ ଟଙ୍କା), 2011-12 (124 କାର୍ଯ୍ୟ; 2.73 କୋଟି ଟଙ୍କା), 2012-13 (190 କାର୍ଯ୍ୟ; 1.60 କୋଟି ଟଙ୍କା)

କପ୍ତିପଦା, ରାଇରଙ୍ଗପୁର ଓ ଗୁଣୁପୁର ଆଇଟିଡିଏର ପ୍ରକଳ୍ପ ଅଧିକାରୀମାନେ 2010-13 ମଧ୍ୟରେ ଖର୍ଚ୍ଚ କରିଥିବା 112.11 କୋଟି ଟଙ୍କା ମଧ୍ୟରୁ 109.84 ଲକ୍ଷ ଟଙ୍କା (ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା 75.40 ଲକ୍ଷ ଟଙ୍କା ଏବଂ ଧାରା 275(1): 34.44 ଲକ୍ଷ ଟଙ୍କା) ବିଭିନ୍ନ କାର୍ଯ୍ୟକ୍ରମ ତଥା କର୍ମଚାରୀଙ୍କ କ୍ୱାର୍ଟରର ନିର୍ମାଣ ଓ ମରାମତି (57.55 ଲକ୍ଷ ଟଙ୍କା) ବିଦ୍ୟୁତକରଣ ଏବଂ ଜଳ ଯୋଗାଣ କାର୍ଯ୍ୟା (14.22 ଲକ୍ଷ ଟଙ୍କା) ସରକାରୀ କାର୍ଯ୍ୟାଳୟର ନିର୍ମାଣ ଓ ଉନ୍ନତିକରଣ, ସୀମାକାନ୍ଥ ନିର୍ମାଣ (38.07 ଲକ୍ଷ ଟଙ୍କା) ନିମିତ୍ତ ବିନିଯୋଗ କରିଥିଲେ ଯାହାକି ଆଦିବାସୀମାନଙ୍କ ଆର୍ଥିକ ବିକାଶ ପାଇଁ ଉଦ୍ଦିଷ୍ଟ ନଥିଲା ଏବଂ ଏହା ମାର୍ଗଦର୍ଶିକାର ବିରୁଦ୍ଧାଚରଣ କରୁଥିଲା ।

ବିଭାଗ ବ୍ୟକ୍ତ କଲେ (ଏପ୍ରିଲ୍ 2014) ଯେ ସମ୍ବିଧାନର ଧାରା 275(1) ଅଧିନରେ ଥିବା ପ୍ରଶାସନିକ ଖର୍ଚ୍ଚ ୟୁନିଟ୍‌ରେ ଯଥେଷ୍ଟ ପାଣ୍ଠି ଥିଲା ଯାହାକି ନିର୍ମାଣ, ମରାମତି, ପୁନରୁଦ୍ଧାର ଇତ୍ୟାଦିର ଖର୍ଚ୍ଚ ହୋଇଥିଲା ଏବଂ ଏହା ଅନୁମତି ସୀମାବଦ୍ଧ ଥିଲା । କିନ୍ତୁ ଯେଉଁ କାର୍ଯ୍ୟ ପାଇଁ ପାଣ୍ଠି ଖର୍ଚ୍ଚ ହେଲା, ତାହା ମାର୍ଗଦର୍ଶିକାନୁଯାୟୀ ନଥିଲା ।

### *3.4.3 ପାଣ୍ଠିର ବିନିଯୋଗ ନ ହେବା*

ଅନୁସୂଚିତ ଜନଜାତି ଉପଯୋଜନାକୁ କେନ୍ଦ୍ରୀୟ ସ୍ୱତନ୍ତ୍ର ଅନୁଦାନ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ରୋଜଗାର ଉପାର୍ଜନ ପରିକଳ୍ପନା (ମେ 2003) ବଜାର ଆଧାରିତ ହେବା ଦରକାର । ଯେଉଁସବୁ ଜିନିଷ ଓ ସେବା ପାଇଁ ଉପଯୁକ୍ତ ବଜାର ଉପଲବ୍ଧ ରହିଛି, ସେହିସବୁ ସେବା ବା ବିନିର୍ଦ୍ଦିଷ୍ଟ ସମ୍ପର୍କିତ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଯିବା ଉଚିତ୍ ।

2011-12 ବର୍ଷରେ ଆଇଟିଡିଏ, କପ୍ତିପଦା ଅଧିନରେ, ପୁଞ୍ଜିଗତ ସମ୍ପତ୍ତି ସୃଷ୍ଟି ଅନ୍ତର୍ଗତ 1.01 କୋଟି ଟଙ୍କାର ଅଟକଳ ମୂଲ୍ୟରେ ଆଠଟି ଗ୍ରାମୀଣ ହାଟ ନିର୍ମାଣ କରିବା ପାଇଁ ବିଭାଗ ଅନୁମୋଦନ କରିଥିଲା । ଏହି ହାଟଗୁଡ଼ିକର ନିର୍ମାଣ କାର୍ଯ୍ୟ ମାର୍ଚ୍ଚ 2012 ସୁଦ୍ଧା ସରିବାର ଥିଲା । କିନ୍ତୁ ସମନ୍ୱିତ ଆଦିବାସୀ କଲ୍ୟାଣ ଏଜେନସୀ ଏହି ଅର୍ଥର ବିନିଯୋଗ ପାଇଁ ତୁରନ୍ତ ପଦକ୍ଷେପ ନେଲେ ନାହିଁ ଏବଂ ଏହା ଜୁନ୍ 2013 ସୁଦ୍ଧା ବ୍ୟକ୍ତିଗତ ହିସାବ ଖାତାରେ ରଖାଯାଇଥିଲା । ତେଣୁ, ବଜାର ମଞ୍ଚ ନ ଥିବାରୁ ସ୍ଥାନୀୟ ଆଦିବାସୀ ସମୁଦାୟର ଲୋକମାନେ ଉତ୍ପାଦନ କରୁଥିବା ସାମଗ୍ରୀକୁ ସ୍ଥାପିତ ବଜାରରେ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରୁ ବଞ୍ଚିତ ହେଲେ ।

ବିଭାଗ ବ୍ୟକ୍ତ କଲେ (ଏପ୍ରିଲ 2014) ଯେ ଦୁଇଟି ହାଟ ନିର୍ମାଣ ହୋଇସାରିଛି ଏବଂ ତିନୋଟି ହାଟ ନିର୍ମାଣଧୀନ ରହିଛି । ଯାହାହେଉନା କାହିଁକି ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କରାଯାଇ ନଥିଲା ।

### *3.4.4 ଅନିୟମିତ ପାଣ୍ଠି ଉପଯୋଗ*

ଜନଜାତି ଉପଯୋଜନାକୁ ବିଶେଷ କେନ୍ଦ୍ରୀୟ ସହାୟତା ପାଇଁ ସରକାରୀ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ସଂସ୍ଥା ଗୁଡିକ ଆନୁଷ୍ଠାନିକ ପ୍ରକ୍ରିୟା ଦ୍ୱାରା ଯୋଗ୍ୟ ବିବେଚିତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ହିତାଧିକାରୀମାନଙ୍କୁ ସମ୍ଭାବ୍ୟ ଏବଂ ପୋଷଣୀୟ ଆୟ ଉପାର୍ଜନ ପାଇଁ କ୍ରେଡିଟ(କରଜ) ସୁବିଧା ଯୋଗାଇବା ବିଧେୟ ଥିଲା । ଆହୁରି ମଧ୍ୟ ମାର୍ଗଦର୍ଶିକାରେ ବିହିତ ଥିଲା ଯେ ପ୍ରଦତ୍ତ ଆର୍ଥିକ ସହାୟତା[63]ର କରଜ ରାଶିର ଶେଷ କିସ୍ତି ପରିଶୋଧ ବେଳେ ସମାୟୋଜନ ଏବଂ ବିନିଯୋଗ ହେବା ଉଚିତ । ସବୁ କରଜ ରାଶି ଗୁଡିକର ପରିଶୋଧ ସମୟ ସୀମା ଅତିକମରେ

---

63 ପ୍ରତି ତଫସିଲଭୁକ୍ତ ଜନଜାତି ପରିବାରକୁ 10,000 ଟଙ୍କା ସୀମା ମଧ୍ୟରେ ୟୁନିଟ୍ ଦରରେ 50 ପ୍ରତିଶତ ଏବଂ ପୁରା ଗ୍ରୁପ୍ ପାଇଁ 1.25 ଲକ୍ଷ ଟଙ୍କା ସୀମା ମଧ୍ୟରେ, ପ୍ରକଳ୍ପ ଦରର ପଚାଶ ପ୍ରତିଶତ ମଧ୍ୟରୁ ଯେଉଁଟା କମ୍ ।

ପାଞ୍ଚ ବର୍ଷ ହେବା ସହିତ ମଧ୍ୟବର୍ତ୍ତୀ–ମିଆଦ-ଋଣ ପରି ହେବା ଏବଂ ତିନି ବର୍ଷର ଲକ-ଇନ ସମୟ ପୂର୍ବରୁ ଆର୍ଥିକ ସହାୟତାକୁ କରଜ ପରିଶୋଧ  କରିବା ପାଇଁ ଅନୁମତି ପ୍ରଦାନ ନ କରିବା ବିଧେୟ ଥିଲା ।

ରେକର୍ଡ ଗୁଡିକର ନମୁନା ଯାଞ୍ଚରୁ ଜଣା ପଡିଲା ଯେ, ଚିହ୍ନିତ ଆଇ.ଟି.ଡି.ଏ ଏବଂ କ୍ଷୁଦ୍ର ପ୍ରକଳ୍ପ ଗୁଡିକ 5.44 କୋଟି ଟଙ୍କାର ସବସିଡି ବ୍ୟାଙ୍କ ମାନଙ୍କୁ ପ୍ରଦାନ କରିଥିଲେ । 2010-13 ବର୍ଷରେ, 511 ଟି ସ୍ୱୟଁ ସହାୟକ ଗୋଷ୍ଠୀକୁ କରଜ ଦେବା ପାଇଁ ଏହି ରାଶି ପ୍ରଦାନ କରାଯାଇଥିଲା । ଅଡିଟ୍ ଦ୍ୱାରା 87 ଟି ସ୍ୱୟଂ ସହାୟକ ଗୋଷ୍ଠୀର ରେକର୍ଡ ଯାଞ୍ଚ ଦ୍ୱାରା ପରିଲକ୍ଷିତ ହୋଇଥିଲା ଯେ, ଆୟ ଉତ୍ପାଦନ ପାଇଁ 0.89 କୋଟି ଟଙ୍କାର ସରକାରୀ ସହାୟତା ରାଶି ସହିତ 2.34 କୋଟି ଟଙ୍କାର ବ୍ୟାଙ୍କ ଋଣ ଅନୁମୋଦିତ ହୋଇଥିଲା ।ଏହି ଅନୁମୋଦିତ ରାଶିରୁ ବ୍ୟାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ପାଇଁ ଦୁଇ କୋଟି ଟଙ୍କା ଜମା କରିଥିଲା । କିନ୍ତୁ ସେହି ରାଶିରୁ 1.66 କୋଟି ଟଙ୍କାକୁ ଅନୁମୋଦନ ବହିର୍ଭୁତ୍ କାର୍ଯ୍ୟର  ବିନିଯୋଗ କରାଯାଇ ଥିଲା । ସେହିପରି କେତୋଟି ଉଦାହରଣ ନିମ୍ନରେ ଆଲୋଚିତ ହୋଇଛି ।

- ଆୟ ସୃଷ୍ଟିକାରୀ କାର୍ଯ୍ୟ ପାଇଁ 68.40 ଲକ୍ଷ ଟଙ୍କାର ସମୁଦାୟ ଅନୁମୋଦିତ ରାଶିରୁ 25.85 ଲକ୍ଷ ଟଙ୍କାର ସହାୟତା ସହିତ, 24ଟି ସ୍ୱୟଂସହାୟକ ଗୋଷ୍ଠୀର ଆକାଉଣ୍ଟରେ ବ୍ୟାଙ୍କ 29.13 ଲକ୍ଷ ଟଙ୍କା ଜମା କରିଥିଲା । କିନ୍ତୁ ଅବଶେଷ ରାଶିକୁ ବ୍ୟାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ଆକାଉଣ୍ଟରେ ଜମା ଦେଇ ନଥିଲା(ଜୁନ 2013) । ରେକର୍ଡରେ ଏହି ବିଷୟରେ କୌଣସି କାରଣ ଉପଲବଧ ହୋଇ ନଥିଲା । ସବ୍‌ସିଡି/ ସହାୟତା ରାଶି ଅନୁମୋଦନ କରି ଆଇ.ଟି.ଡି.ଏ ଏବଂ ବ୍ଲକ୍ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ସଂପାଦନ କରିଥିଲା ବେଳେ ସଂପୂର୍ଣ୍ଣ ଅନୁମୋଦିତ ରାଶି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରଦାନ କରିବା ପାଇଁ ନିରୀକ୍ଷଣ କରି ନଥିଲେ ।

- 11.90 ଲକ୍ଷ ଟଙ୍କାର ସବ୍‌ସିଡି ସହିତ ସର୍ବମୋଟ 32.25 ଲକ୍ଷ ଟଙ୍କା ଅନୁମୋଦିତ ବ୍ୟାଙ୍କ୍ ଋଣ ରାଶିରୁ ଏଗାରଟି ସ୍ୱୟଂ ସହାୟକ ଗ୍ରୁପ୍ ଦ୍ୱାରା 15.12 ଲକ୍ଷ ଟଙ୍କା ବ୍ୟାଙ୍କରୁ ପ୍ରତ୍ୟାହୃତ ହୋଇଥିବା ସତ୍ତ୍ୱେ କୌଣସି କାର୍ଯ୍ୟକ୍ରମ ଅନୁସରଣ ନ କରାଯାଇ କେବଳ ସଭ୍ୟମାନଙ୍କ ମଧ୍ୟରେ ବିତରଣ କରି ଦିଆଯାଇଥିଲା । ଏହି ରାଶିରୁ ସାତଟି ସ୍ୱୟଂ ସହାୟକ ଗ୍ରୁପ୍ 8.60 ଲକ୍ଷ ଟଙ୍କା ବ୍ୟାଙ୍କରେ ବର୍ଷେରୁ ଆରମ୍ଭ କରି ତିନି ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ଜମା ରଖିଥିଲେ ।

  ଏହି ତଥ୍ୟକୁ ବିଭାଗ ସ୍ୱୀକାର କରି ବ୍ୟକ୍ତ କଲେ (ଏପ୍ରିଲ୍ 2014)ଯେ ଯେଉଁ ଉଦ୍ଦେଶ୍ୟ ପାଇଁ ସହାୟତା ଅନୁମୋଦନ କରାଯାଇଛି, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ସେହି ପାଣ୍ଠିର ସୁବିନିଯୋଗ ନିମିତ୍ତ ପର୍ଯ୍ୟାପ୍ତ ନିରୀକ୍ଷଣ ଏବଂ ପର୍ଯ୍ୟବେକ୍ଷଣ କରିବା ପାଇଁ ସମସ୍ତ ଆଇଟିଡିଏ ଏବଂ କ୍ଷୁଦ୍ର ପ୍ରକଳ୍ପର କର୍ତ୍ତୃପକ୍ଷଙ୍କୁ କୁହାଯିବ ।

### *3.4.5 ଆୟ ଉତ୍ପାଦନ କାର୍ଯ୍ୟ ପ୍ରଣାଳୀରେ ନିଷ୍ଫଳ ଏବଂ ନିରର୍ଥକ ବ୍ୟୟ*

ଆୟ ଉତ୍ପାଦନ କାର୍ଯ୍ୟ ପ୍ରଣାଳୀରେ  42.10 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟର କିଛି ଦୃଷ୍ଟାନ୍ତ ଅଡିଟର ଦୃଷ୍ଟିଗୋଚର ହୋଇଥିଲା । ଅବ୍ୟବହୃତ ମାର୍କେଟ କମ୍ପ୍ଲେକ୍ସ (4.50 ଲକ୍ଷ ଟଙ୍କା), ଅବ୍ୟବହୃତ ଶୀତଳୀକୃତ ଭ୍ୟାନ (24 ଲକ୍ଷ ଟଙ୍କା), ମାଛ ଚାଷ ପାଇଁ ଉଦ୍ଦିଷ୍ଟ ପୋଖରୀରେ ଜଳର ଅଭାବ (3.50 ଲକ୍ଷ ଟଙ୍କା), ଆମ୍ବ ଚାଷରେ ଅସଫଳତା (6.28 ଲକ୍ଷ ଟଙ୍କା), ଅବ୍ୟବହୃତ ଚାଉଳ–କଣ୍ଡାକଳ (2.07 ଲକ୍ଷ ଟଙ୍କା) ସେଚନ କେନାଲ ଅକାମୀ ହେବା (1.75 ଲକ୍ଷ ଟଙ୍କା) ଇତ୍ୟାଦି କାରଣରୁ ସେଥିରେ ହୋଇଥିବା ବ୍ୟୟ ରାଶିକୁ ନିଷ୍ଫଳ ପ୍ରତିପାଦିତ କରିଥିଲା । ସେପରି କେତୋଟି ଉଦାହରଣ ନିମ୍ନରେ ଆଲୋଚିତ ହୋଇଛି ।

- ଜନଜାତି ଉପଯୋଜନାକୁ ବିଶେଷ କେନ୍ଦ୍ରୀୟ ସହାୟତା ଓ ଜାତୀୟ ଉଦ୍ୟାନ କୃଷି ମିଶନ ମିଳିତ ଯୋଜନାରୁ ଏଭି ଭ୍ୟାନଟିକୁ ଜସିପୁର ବ୍ଲକ୍‌ର ଏକ ସମବାୟ ସଂସ୍ଥାକୁ ହସ୍ତାନ୍ତରିତ କରାଯାଇଥିଲା ଯାହାକି ଆଦୌ ବ୍ୟବହୃତ ହୋଇ ନଥିଲା । 24 ଲକ୍ଷ ବ୍ୟୟରେ ଗୋଟିଏ ଶୀତ ତାପ ନିୟନ୍ତ୍ରିତ ୟୁନିଟ୍ ବାହକ ଶୀତଳୀକୃତ ଭ୍ୟାନ୍, ପିଏ, ଆଇ.ଟି.ଡି.ଏ କରଞ୍ଜିଆଙ୍କ ଦ୍ୱାରା (ଜାନୁୟାରୀ 2013) ସଂଗ୍ରହଣ କରାଯାଇଥିଲା । ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ତଫସିଲ ଭୁକ୍ତ ଜନଜାତିର ଚାଷୀମାନଙ୍କ ଦ୍ୱାରା ଫଳ, ପରିବା, ଫୁଲ ଇତ୍ୟାଦିର ଅଭାବୀ ବିକ୍ରି ରୋକିବା ଏବଂ ମାର୍କେଟିଂ ଯୋଗାଣ ପଦ୍ଧତିକୁ ବିକଶିତ କରିବା ଏହି ସଂଗ୍ରହଣର ଉଦ୍ଦେଶ୍ୟ ଥିଲା ।

  ପିଏ, ଆଇ.ଟି.ଡିଏ, କରଞ୍ଜିଆ ବ୍ୟକ୍ତ କଲେ (ମେ 2014) ଯେ, ସେହି ଅଞ୍ଚଳରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଫଳ ଏବଂ ପନିପରିବା ଅମଳ ପରେ, 2014-15 ରୁ ଭ୍ୟାନଟିକୁ ନିୟମିତ ଭାବରେ ବ୍ୟବହାର କରାଯିବ ।


ଜାତୀୟ ଉଦ୍ୟାନ କୃଷି ମିଶନ ଅନ୍ତର୍ଗତ ନଷ୍ଟ କଲମି ଆମ୍ବ ଚାରା ଦର୍ଶାଉଥିବା ଜମିର ଚିତ୍ର

- ଉଦ୍ୟାନ କୃଷିବିତ୍, ବାରିପଦାଙ୍କ ରେକର୍ଡର ନମୂନା ଯାଞ୍ଚରେ ଜଣା ପଡିଲା ଯେ, 6.28 ଲକ୍ଷ ଟଙ୍କା ବ୍ୟୟରେ ନିଜ ଜମିରେ ବୃକ୍ଷ ରୋପଣ ପାଇଁ 50 ଜଣ ତଫସିଲ ଭୁକ୍ତ ଜନଜାତି ର ଚାଷୀମାନଙ୍କୁ 5520 ଟି କଲମୀ ଆମ୍ବ ଚାରା ପ୍ରଦାନ କରାଯାଇଥିଲା (2009-13) । ମାତ୍ର ଜଳ ଅଭାବରୁ ରକ୍ଷଣା ବେକ୍ଷଣା ମାମଲାରେ ହିଁ 3985 (72 ପ୍ରତିଶତ) କଲମୀ ଆମ୍ବ ଚାରା ନଷ୍ଟ ହୋଇଯାଇଥିଲା ।

  ସମ୍ବନ୍ଧିତ ସରକାରୀ ପ୍ରତିନିଧି ଏହାକୁ ସ୍ୱୀକାର କରିଥିଲେ ।

### *3.4.6 ବେକାର ଆଦିବାସୀ ଯୁବକମାନଙ୍କର କର୍ମ କୁଶଳ ଅଭିବୃଦ୍ଧି*

ସରକାର ଆଇଟିଡିଏଗୁଡିକୁ ନିର୍ଦ୍ଦେଶ ଦେଲେ(ଜୁଲାଇ 2011) ଯେ, ନିଜ ନିଜ କ୍ଷେତ୍ରମାନଙ୍କରୁ ବେକାର ଅନୁସୂଚିତ ଜନଜାତିମାନଙ୍କୁ ବାଛିବେ ଏବଂ ନିକଟସ୍ଥ ଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର(ଆଇଟିସି)/ ଶିଳ୍ପ ପ୍ରଶିକ୍ଷଣ ଅନୁଷ୍ଠାନ(ଆଇଟିଆଇ)ରେ ବିଭିନ୍ନ ବିଭାଗରେ କର୍ମକୁଶଳ ଅଭିବୃଦ୍ଧି ପାଇଁ ନାମ ସୁପାରିଶ କରିବେ ।

ଚାରୋଟି ଆଇଟିଡିଏ[64]ର ନଥି ଯାଞ୍ଚ୍ ବେଳେ ଜଣାପଡିଲା ଯେ, 3146 ଜଣ ଯୁବକ ବିଭିନ୍ନ ଶୃଙ୍ଖଳାଗତ କାର୍ଯ୍ୟକ୍ରମ ଯଥା-ମୋବାଇଲ ମରାମତି, ଡାଟା ଏଣ୍ଟ୍ରି, ଗୃହ ବୈଦ୍ୟୁତିକରଣ, ଯାନ୍ତ୍ରିକ ଶିକ୍ଷା ସହିତ ଗାଡି ଚାଳନା, ଦରଜୀ କାମ ଇତ୍ୟାଦି ତାଲିମ ବାବଦରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାଗୁଡିକ 3.76 କୋଟି ଟଙ୍କା 2010-13 ପାଇଁ ଖର୍ଚ୍ଚ କରିଛନ୍ତି । କିନ୍ତୁ, ଆଦିବାସୀ ଉନ୍ନୟନ ସଂସ୍ଥାଗୁଡିକ ତାଲିମ ପ୍ରାପ୍ତ ଯୁବକମାନଙ୍କର ତଥ୍ୟାବଳି ରଖିଲେ ନା ପ୍ରଶିକ୍ଷିତ ଯୁବକମାନଙ୍କର କୌଣସି ରୋଜଗାର/ ଉପାର୍ଜନ କାର୍ଯ୍ୟପନ୍ଥାରେ ନିୟୋଜନର ସମୟାନୁକ୍ରମିକ ସମୀକ୍ଷା କଲେ । ଯାହାହେଉ, ସମୀକ୍ଷା କରି ଦେଖାଗଲା ଯେ, 2010-13 ରେ 194 ଆଦିବାସୀ ଯୁବକଙ୍କୁ ଆଇଟିଡିଏ, କପ୍ତିପଦା

---

64 ଗୁଣ୍ଡୁପୁର, କପ୍ତିପଦା, କରଞ୍ଜିଆ ଏବଂ ରାଇରଙ୍ଗପୁର

ଦ୍ୱାରା ବିବିଧ ତାଲିମ କାର୍ଯ୍ୟ ଦିଆଯାଇ ଥିଲା, ମାତ୍ର 37 ଜଣ ଯୁବକ ନିଯୁକ୍ତି ପାଇଥିଲେ, ଯେଉଁମାନେ ପ୍ଲାଷ୍ଟିକ୍ ପ୍ରସ୍ତୁତି ତାଲିମ ନେଇଥିଲେ ।

ବିଭାଗ ବ୍ୟକ୍ତ କଲେ (ଏପ୍ରିଲ୍ 2014) ଯେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାଗୁଡିକର ରିପୋର୍ଟ ଅନୁଯାୟୀ ତଥ୍ୟାବଳୀ ପ୍ରସ୍ତୁତ ହୋଇଛି ଏବଂ 257 ଜଣ ଯୁବକ ବିଭିନ୍ନ ବ୍ୟାପାରରେ ନିଯୁକ୍ତି ପାଇଛନ୍ତି । କିନ୍ତୁ ଆଇଟିଡିଏ ଗୁଡିକ ଏ ବାବଦରେ କୌଣସି ତଥ୍ୟାବଳୀ, ସମୀକ୍ଷା ବେଳେ ଯୋଗାଇ ଦେଇ ନଥିଲେ ଏବଂ ତାଲିମର ପ୍ରଭାବ ସମ୍ପର୍କରେ ବିଶ୍ଳେଷଣ କରିବାରେ ଅକ୍ଷମ ହୋଇଥିଲେ ।

### *3.4.7 ଅତ୍ୟଧିକ/ ସରକାରୀ ସାହାଯ୍ୟ ଅର୍ଥ ପ୍ରଦାନ ଅଗ୍ରାହ୍ୟ*

ସମୀକ୍ଷା ବେଳେ 4.75 ଲକ୍ଷ ଟଙ୍କାର ଅତ୍ୟଧିକ / ଅଗ୍ରାହ୍ୟ ସରକାରୀ ସାହାଯ୍ୟ / ଋଣ ଜଣାପଡିଥିଲା ଯାହାକି ଆଇଟିଡିଏ, ଗୁଣୁପୁର(0.65 ଲକ୍ଷ ଟଙ୍କା), ଡିକେଡିଏ, ଚାଟିକଣା ଅଧିନରେ ତିନୋଟି ସ୍ୱୟଂ ସହାୟକ ଗୋଷ୍ଠୀ (1.20 ଲକ୍ଷ ଟଙ୍କା) ଦ୍ୱାରା ଓ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ 2.90 ଲକ୍ଷ ଟଙ୍କା ବ୍ୟାଙ୍କରୁ ଉଠାଇ ନେଇ 16 ଜଣ ସଭ୍ୟମାନଙ୍କ ମଧ୍ୟରେ ବାଣ୍ଟି ନେଇଥିଲେ, ଯେଉଁମାନଙ୍କ ମଧ୍ୟରୁ ଛଅ ଜଣ ଅନୁସୂଚିତ ଜନଜାତି ବର୍ଗର ନଥିଲେ ।

ବିଭାଗ ଦର୍ଶାଇଲା (ଏପ୍ରିଲ୍ 2014) ଯେ, ଅଣ-ଆଦିବାସୀ ସଭ୍ୟ ସାହାଯ୍ୟ ପାଇ ନଥିଲେ । କିନ୍ତୁ ଅନୁସୂଚିତ ଜନଜାତି ସହିତ ଅନ୍ୟ ସଭ୍ୟମାନେ ମଧ୍ୟ ସାହାଯ୍ୟ ପାଇଥିଲେ ।

### *3.4.8 ଅନୁସୂଚିତ ଜନଜାତି (ଏସଟି) ଲୋକଙ୍କ ରୋଜଗାର ଉପାର୍ଜନ ଉପରେ ମୂଲ୍ୟାଙ୍କନର ପ୍ରଭାବ*

ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗପ୍ରଦର୍ଶିକା (ଅଗଷ୍ଟ 2001) ଅନୁସାରେ, ଆଇଟିଡିଏ ଗୁଡିକ ରୋଜଗାର ସୃଷ୍ଟି ପରିକଳ୍ପନା ଅଧିନରେ ଉପଭୋକ୍ତାଙ୍କୁ ଦିଆଯାଉଥିବା ରାଶିର ବଣ୍ଟନ ପରବର୍ତ୍ତୀ ପର୍ଯ୍ୟାଲୋଚନା କରିବାର ଥିଲା । ସେହିପରି ଯୋଜନା ଏବଂ ସମନ୍ୱୟ ବିଭାଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଧାରଣ (ସେପ୍ଟେମ୍ବର 2006) ଅନୁଯାୟୀ ରାଜ୍ୟ ପାହ୍ୟା ପର୍ଯ୍ୟାଲୋଚନା କମିଟି କାର୍ଯ୍ୟକ୍ରମର ପରିକଳ୍ପନା ଓ କାର୍ଯ୍ୟକ୍ରମର ପ୍ରଣାଳୀର ଉନ୍ନତି ଆଣିବା ପାଇଁ, ଉପଯୁକ୍ତ ମତାମତ ନିମନ୍ତେ ଆଇଜି କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ପାଇଁ ନିର୍ଦ୍ଦେଶ ଦେଇ ପାରିବେ ।

ସମୀକ୍ଷାରୁ ଜଣାଗଲା ଯେ, ଆଇଟିଡିଏ ଗୁଡିକ ବଣ୍ଟନ ପରବର୍ତ୍ତୀ ନିରୀକ୍ଷଣ ଓ ରୋଜଗାର ଉପାର୍ଜନର ପରିକଳ୍ପନାର ମୂଲ୍ୟାଙ୍କନ କରୁନାହାଁନ୍ତି । ବିଭାଗ ଦର୍ଶାଇଲା(ଏପ୍ରିଲ୍ 2014) ଯେ, ଯଥେଷ୍ଟ ଏବଂ ସମୟ ଉପଯୋଗୀ ପର୍ଯ୍ୟାଲୋଚନା କରିବା ଏବଂ କୌଣସି ଏକ ସ୍ୱାଧୀନ ଏଜେନସୀ ଦ୍ୱାରା ପ୍ରକଳ୍ପଗୁଡିକର ପ୍ରଭାବ ଆକଳନ ନିମିତ୍ତ ବାର୍ଷିକ ମୂଲ୍ୟାଙ୍କନ କରିବା ପାଇଁ ଆଇଟିଡିଏଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ।

ବିଭିନ୍ନ ରୋଜଗାର ଉପାର୍ଜନ କାର୍ଯ୍ୟକ୍ରମଗୁଡିକର ମଧ୍ୟକ୍ଷେପ ପରେ ଅନୁସୂଚିତ ଜନଜାତିମାନଙ୍ଗର ରୋଜଗାର ଉପାର୍ଜନକୁ ଆକଳନ କରିବା ପାଇଁ କୌଣସି ପ୍ରଚଳିତ ପଦ୍ଧତି ବା କାର୍ଯ୍ୟ ସମ୍ପାଦନ ପାଇଁ ସୂଚିତ ନଥିଲା । ଯାହାହେଉ, ବିଭାଗ ଏକ ଏଜେନସି ମାଧ୍ୟମରେ ମୂଲ୍ୟାଙ୍କନ ଅଧ୍ୟୟନ କଲେ ଏବଂ ଏଜେନସି ଜାନୁୟାରୀ 2014 ରେ ପ୍ରଦତ୍ତ ରିପୋର୍ଟ ଅନୁସାରେ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ବିପିଏଲ ପରିବାରଗୁଡିକର ରୋଜଗାରରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ଫରକ୍ ନଥିଲା ଓ କାର୍ଯ୍ୟାନ୍ୱୟନରେ ବିଭିନ୍ନ ପ୍ରକାରର କମି ରହିଥିଲା ।

### *3.4.9 ଉପସଂହାର*

ରୋଜଗାର ଉପାର୍ଜନ କାର୍ଯ୍ୟକ୍ରମରେ 139.06 କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ 13.06 କୋଟି ଟଙ୍କାର ନିଷ୍ଫଳ ଓ ନିରର୍ଥକ ଖର୍ଚ୍ଚ ହୋଇଥିବାର ଲକ୍ଷ୍ୟ କରାଯାଇଥିଲା ଏବଂ 36.31କୋଟି ଟଙ୍କା ଅଣବିନିଯୋଗ ହୋଇ ପଡି ରହିଥିଲା । ଏହା ବ୍ୟତୀତ କାର୍ଯ୍ୟକାରିତାରେ ବହୁବିଧ ତ୍ରୁଟି ଯଥା-ପର୍ଯ୍ୟାଲୋଚନାର ଅଭାବରୁ ଅନୁମୋଦିତ କାର୍ଯ୍ୟ ପାଇଁ ବ୍ୟାଙ୍କ୍ ଋଣ ଓ ସରକାରୀ ସାହାଯ୍ୟ ଖର୍ଚ୍ଚ ନହେବା, ଉପଭୋକ୍ତାମାନଙ୍କୁ ଅନିୟମିତ ଭାବରେ ଚିହ୍ନଟ କରଣ ଏବଂ ଅନୁସୂଚିତ ଜନଜାତିର ଯୁବକମାନଙ୍କର କର୍ମ ନିଯୁକ୍ତି ନିଶ୍ଚିନ୍ତ କରାଇବାରେ ଅସଫଳ କାର୍ଯ୍ୟକ୍ରମ ଇତ୍ୟାଦି ପରିଲକ୍ଷିତ ହୋଇଥିଲା । ଏଣୁ ବିଭିନ୍ନ ଆଇଜି କାର୍ଯ୍ୟକ୍ରମ/ ପରିକଳ୍ପନା ଦ୍ୱାରା ଆଦିବାସୀମାନଙ୍କର ସାମାଜିକ ଓ ଆର୍ଥିକ ଅବସ୍ଥାରେ ବିକାଶ ଆଣିବାର ଉଦ୍ଦେଶ୍ୟ ମୋଟାମୋଟି ଭାବେ ଅସଫଳ ରହିଥିଲା ।

# ଅର୍ଥ ବିଭାଗ

## 3.5 ଅଡିଟ୍‌କୁ ପ୍ରତିଜବାବ ପ୍ରଦାନରେ ହେଳା

ଅଡିଟ୍ ସିଦ୍ଧାନ୍ତ ଉପରେ ସମୟୋଚିତ ଜବାବ ଏକ ଉତ୍ତମ ଶାସନରୀତିର ଲକ୍ଷଣ ଅଟେ ଯାହା ପ୍ରକୃତପକ୍ଷେ ସରକାରଙ୍କ ତତ୍ତ୍ୱାବଧାନର ଭୂମିକା ଠିକ୍ ଭାବେ ତୁଲାଇବାର ଭରସା ଦିଏ ।

ମହାଲେଖାନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଓ ସେବା ସର୍ତ୍ତାବଳୀ) ଅଧିନିୟମ 1971ର ଧାରା 13 କ୍ଷମତା ଅନୁସାରେ ରାଜ୍ୟ ସରକାରଙ୍କ ସମସ୍ତ ଖର୍ଚ୍ଚକୁ ମହାଲେଖାନିୟନ୍ତ୍ରକ ତଥା ମହାସମୀକ୍ଷକ ଅଡିଟ୍ କରନ୍ତି । ଉକ୍ତ ଅଧିନିୟମର ଧାରା 18 କ୍ଷମତା ବଳରେ ରାଜ୍ୟ ସରକାରଙ୍କ ପ୍ରାଥମିକ ଏବଂ ସହାୟକ ହିସାବ ଦାୟିତ୍ୱରେ ଥିବା କାର୍ଯ୍ୟାଳୟଗୁଡ଼ିକୁ ପରିଦର୍ଶନ କରି ଅଡିଟ୍ କରନ୍ତି । ଅଧିନିୟମର ଧାରା 23 ଅନୁସାରେ ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ଲେଖା ଓ ସମୀକ୍ଷା ନିୟମ 2007 ଅଧିନିୟମରେ ଥିବା ଅଡିଟ୍‌ର ପରିସୀମା, ବିସ୍ତାର ଏବଂ ପ୍ରକ୍ରିୟା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଏ । ଲେଖା ଓ ସମୀକ୍ଷା ନିୟମ 2007 (ଅଧ୍ୟାୟ 13 ଓ 14 ) ଅନୁଯାଇ ସରକାରୀ ବିଭାଗ ଏବଂ ଏହାର କ୍ଷେତ୍ର କାର୍ଯ୍ୟାଳୟ ଗୁଡ଼ିକରେ ହେଉଥିବା କେତେକ ଦେଣନେଣ ନମୁନା ଦ୍ୱାରା ଚୟନ କରି ନିରୀକ୍ଷଣ କରାଯାଏ । ଏହି ନିରୀକ୍ଷଣ ସମୟରେ ନିର୍ଦ୍ଧାରୀତ ନିୟମ ଏବଂ କାର୍ଯ୍ୟବିଧି ଅନୁଯାଇ ପ୍ରସ୍ତୁତି ହୋଇଥିବା ପ୍ରମୁଖ ହିସାବ ଏବଂ ଅନ୍ୟ ନଥିପତ୍ରର ସମୟାନୁବର୍ତ୍ତୀତା ଏବଂ ଗୁଣବତ୍ତା ଯାଞ୍ଚ କରାଯାଏ ଓ ଅଡିଟ୍ ମନ୍ତବ୍ୟ ଦେବାସହ ଦେଣନେଣର ମିତବ୍ୟୟତା, କର୍ମକୁଶଳତା ଓ ଫଳୋତ୍ପାଦକତା ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରିବା ସହ ସତ୍ୟତା ଏବଂ ଔଚିତ୍ୟ ଉପରେ ମଧ୍ୟ ମନ୍ତବ୍ୟ ପ୍ରଦାନ କରାଯାଏ । ଏହି ମତାମତ ଓ ମନ୍ତବ୍ୟ ଗୁଡ଼ିକ ନିରୀକ୍ଷଣ ରିପୋର୍ଟ (ଆଇ.ଆର୍) ମାଧ୍ୟମରେ ଏକତ୍ରିତ କରାଯାଇ କାର୍ଯ୍ୟାଳୟର ମୁଖ୍ୟ ଓ ପରବର୍ତ୍ତୀ ଉଚ୍ଚତର କର୍ତ୍ତୃପକ୍ଷମାନଙ୍କ ନିକଟକୁ ପଠାଯାଏ ।

ଲେଖା ଓ ସମୀକ୍ଷା ନିୟମ 2007 ଅନୁସାରେ ପ୍ରତ୍ୟେକ ସମୀକ୍ଷିତ କାର୍ଯ୍ୟାଳୟ ଆଇ.ଆର୍ ଗୁଡ଼ିକର ପ୍ରାପ୍ତି ଓ ତାର ମୀମାଂସାର ଅଗ୍ରଗତି ପାଇଁ ଏକ ସଠିକ୍ ନଥି ପରିଚାଳନା କରିବେ ଏବଂ ସମୀକ୍ଷା ଅଧିକାରୀଙ୍କଠାରୁ ନିରୀକ୍ଷଣ ରିପୋର୍ଟର ଔପଚାରିକ ପ୍ରାପ୍ତିକୁ ଅପେକ୍ଷା ନକରି ନିରୀକ୍ଷଣ ସମୟରେ ଜାରି କରାଯାଇଥିବା ସ୍ମାରକକୁ ଆଧାର କରି ଅନୁଚ୍ଛେଦଗୁଡ଼ିକର ତ୍ୱରିତ ମୀମାଂସା କରିବା ପାଇଁ ପଦକ୍ଷେପ ନେଇପାରିବେ । ଉକ୍ତ ନିୟମର ଧାରା 197 ଅନୁସାରେ ସମୀକ୍ଷା କରାଯାଇଥିବା କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ନିରୀକ୍ଷଣ ରିପୋର୍ଟ ଅନୁଚ୍ଛେଦ ପ୍ରାପ୍ତିର ଚାରି ସପ୍ତାହ ମଧ୍ୟରେ ଉତ୍ତର ଦେବେ । ଯଦି ଉକ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ କେତେକ ଅଡିଟ୍ ସିଦ୍ଧାନ୍ତ କିମ୍ବା ଆଇ.ଆର ଉପରେ ଚୁଡାନ୍ତ ଜବାବ ଦେବା ସମ୍ଭବ ନ ହୁଏ ଏଥିପାଇଁ ପ୍ରାଥମିକ ଜବାବ ଦେବାରେ ବିଳମ୍ବ କରିବା ଅନୁଚିତ ଏବଂ ଚୁଡାନ୍ତ ଉତ୍ତର ଦେବାର ସମ୍ଭାବ୍ୟ ତାରିଖ ଉଲ୍ଲେଖ କରି ଏକ ମଧ୍ୟବର୍ତ୍ତୀକାଳୀନ ଉତ୍ତର ଦେବେ । ସୁତରାଂ ସମସ୍ତ ତୃଟି ବିଚ୍ୟୁତି ଗୁଡ଼ିକର ଯଥାଶୀଘ୍ର ସଂଶୋଧନ ଆଶାକରାଯାଏ ଏବଂ ସେହି ତୃଟି ବିଚ୍ୟୁତିର ସଂଶୋଧନ ପାଇଁ କାର୍ଯ୍ୟପାଳନା/ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର ଅଡିଟ) କୁ ବିବୃତି ପ୍ରଦାନ କରାଯାଏ ।

ମାର୍ଚ୍ଚ 2013 ସୁଦ୍ଧା 24ଟି ବିଭାଗକୁ ଜାରି ହୋଇଥିବା ଆଇ.ଆର ଗୁଡ଼ିକର ସମୀକ୍ଷାରୁ ଦେଖାଗଲା ଯେ 2013 ମସିହା ଜୁନ ମାସ ଶେଷ ସୁଦ୍ଧା 10790ଟି ଆଇ.ଆର ର 45660 ଟି ଅଡିଟ୍ ଅନୁଚ୍ଛେଦ ବାକି ରହିଛି । ବାକି ଥିବା ଆଇ.ଆର ଏବଂ ଅଡିଟ୍ ଅନୁଚ୍ଛେଦର ବର୍ଷ ୱାରି ସମ୍ପୂର୍ଣ୍ଣ ବିବରଣୀ ***ପରିଶିଷ୍ଟ 3.5.1*** ରେ ପ୍ରଦାନ କରାଯାଇଛି ।

ସେଥିମଧ୍ୟରୁ 3275ଟି ଆଇଆର ର 10484 ଟି ଅଡିଟ୍ ଅନୁଚ୍ଛେଦ 10 ବର୍ଷରୁ ଅଧିକ କାଳ ମୀମାଂସା ନ ହୋଇ ପଡି ରହିଅଛି ***(ପରିଶିଷ୍ଟ 3.5.2)***। ଏପରିକି ଉପରୋକ୍ତ ବାକି ଥିବା ଆଇ.ଆର ମଧ୍ୟରୁ 1930ଟି ଆଇଆର ର ପ୍ରାଥମିକ ଜବାବ କାର୍ଯାଳୟ ମୁଖ୍ୟଙ୍କ ଠାରୁ ମିଳି ନଥିଲା । ମହିଳା ଓ ଶିଶୁ ବିକାଶ, ଗୃହ ନିର୍ମାଣ ଓ ପୌର ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପଞ୍ଚାୟତିରାଜ ହେଲେ ପ୍ରମୁଖ ବିଭାଗ ଯାହାଠାରୁ ବହୁତ ଗୁଡ଼ିଏ ଜବାବର ପ୍ରତୀକ୍ଷା ରହିଛି ।

ଏହି ଆଇଆର ଗୁଡିକରେ ଦର୍ଶାଯାଇଥିବା ବିଭିନ୍ନ ଗୁରୁତର ଅନିୟମିତତା ଯଥା- ନିୟମାବଳୀ ଓ ନିୟନ୍ତ୍ରଣର ସଠିକ୍ ଅନୁପାଳନ ନକରିବା, ଅନୁଚିତ୍ ତଥା ଅଯଥା ଖର୍ଚ୍ଚ, କ୍ରମବର୍ଦ୍ଧିଷ୍ଣୁ/ ବ୍ୟାପକ ଅନିୟମିତତା ଓ ତତ୍ତ୍ୱାବଧାନରେ ବିଫଳତା ଭଳି ସମୀକ୍ଷା ଅନୁଚ୍ଛେଦଗୁଡିକ ଜୁନ୍ ମାସ 2013 ସୁଦ୍ଧା ମୀମାଂସା ହୋଇ ନଥିଲା । ସମ୍ପୂର୍ଣ୍ଣ ବିବରଣୀ ***ପରିଶିଷ୍ଟ 3.5.3*** ରେ ଦର୍ଶାଯାଇଛି ।

### *3.5.1 ପୂର୍ବ ସମୀକ୍ଷା ରିପୋର୍ଟଗୁଡିକ ଉପରେ ପଦକ୍ଷେପ*

ସମୀକ୍ଷା ବେଳେ ନଜରକୁ ଆସିଥିବା ଗୁରୁତର ଅନିୟମିତତାମାନ ସିଏଜିଙ୍କ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯାଏ । ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁଯାୟୀ (ଡିସେମ୍ବର 1993), ଅଡିଟ୍ ରିପୋର୍ଟ ବିଧାନ ସଭାରେ ଉପସ୍ଥାପନ ହେବାର ତିନି ମାସ ମଧ୍ୟରେ ଏହି ରିପୋର୍ଟରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ/ ସମ୍ପାଦନ ସମୀକ୍ଷା ଇତ୍ୟାଦି ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଶାସନିକ ବିଭାଗଗୁଡିକ ପ୍ରଦାନ କରିବା କଥା । ବିଭାଗଗୁଡିକ କିପରି ଭାବରେ ଲୋକ ଲେଖା ସମିତିକୁ ଉତ୍ତର ଦେବା ଉଚିତ୍ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ଲେଖା ଓ ସମୀକ୍ଷା ନିୟମ 2007 (ଧାରା 212) ସୂଚୀତ କରେ । ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ରିପୋର୍ଟ ଅନୁଚ୍ଛେଦ/ ସଂପାଦନ ସମୀକ୍ଷା ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ଗୁଡିକୁ ସଚିବମାନେ ଅନୁମୋଦନ ସହ ଦର୍ଶାଇବେ:

- ଚିଠା ସମୀକ୍ଷା ଅନୁଚ୍ଛେଦ ଉପରେ ଲିଖିତ ଉତ୍ତର ମହାଲେଖାକାରଙ୍କୁ ପଠାହେଲା କି? ଯଦି ନାଁ, ନପଠାଇବାର କାରଣ;
- ଅଡିଟ୍ ରିପୋର୍ଟରେ ଦର୍ଶାଯାଇଥିବା ତଥ୍ୟ ଏବଂ ସଂଖ୍ୟା ଗ୍ରହଣୀୟ କି ? ଯଦି ନାଁ, ତେବେ ସଚିବ ଅଡିଟ୍ ଅନୁଚ୍ଛେଦ ଗ୍ରହଣ କରିବା ପରେ ଏହା ନଦର୍ଶାଇବା କାରଣ କଣ ;
- ସମୀକ୍ଷା ଅନୁଚ୍ଛେଦରେ ଦର୍ଶାଯାଇଥିବା ସରକାରୀ ଦେୟ ଓ ଅସୁଲର ବର୍ତ୍ତମାନ ସ୍ଥିତି ;
- ସମୀକ୍ଷା ଅନୁଚ୍ଛେଦରେ ଦର୍ଶାଯାଇଥିବା ପ୍ରସ୍ତାବ ଓ ସୁପାରିଶ ଉପରେ ନିଆଯାଇଥିବା ପଦକ୍ଷେପ କିମ୍ବା ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ;
- ସମସଦୃଶ ଅନ୍ୟ ମାମଲା ଗୁଡିକର ପର୍ଯ୍ୟାଲୋଚନାର ଫଳାଫଳ ଏବଂ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ; ଏବଂ
- ନିରୀକ୍ଷଣ ଅନୁଚ୍ଛେଦଗୁଡିକରେ ପରିଲକ୍ଷିତ ସମସଦୃଶ ଗୁରୁତର ତ୍ରୁଟି ବିଚ୍ୟୁତି ଗୁଡିକ ଭବିଷ୍ୟତରେ ପରିହାର କରିବା, ପଦ୍ଧତିକୁ ସୁବ୍ୟବସ୍ଥିତ କରିବା ଓ ସେଥିରେ ଯଦି କୌଣସି ତ୍ରୁଟି ଥାଏ ତାହାକୁ ଅପସାରଣ କରିବା ପାଇଁ ନିଆଯାଇଥିବା ପ୍ରତିକାରାତ୍ମକ ପଦକ୍ଷେପ କିମ୍ବା ପଦକ୍ଷେପ ନେବାକୁ ପ୍ରସ୍ତାବ ।

ସପ୍ତମ ସର୍ବୋଚ୍ଚ କମିଟି ବୈଠକରେ (11 ଏପ୍ରିଲ୍ 2012) ବାକି ଥିବା ପି.ଏ.ସି.ର ସୁପାରିଶ ଏବଂ ସିଏଜି ଙ୍କର ଅଡିଟ୍ ରିପୋର୍ଟରେ ଦର୍ଶାଯାଇଥିବା ଅନୁଚ୍ଛେଦ ଗୁଡିକର ଅନୁପାଳନ ବିବୃତ୍ତି ଉପସ୍ଥାପନ କରିବା ପାଇଁ ଏକ କାର୍ଯ୍ୟକାରୀ

ଯୋଜନା ପ୍ରସ୍ତୁତ କରିବା ପାଇଁ ବିହିତ କରାଗଲା । ପିଏସି-2012-13 ଏହାର 24ତମ ବୈଠକରେ (20 ନଭେମ୍ବର 2012) କେତେକ ବିଭାଗର ସ୍ୱଳ୍ପ ପ୍ରତିଜବାବ ପାଇଁ ଗଭୀର ଉଦ୍‌ବେଗ ପ୍ରକାଶ କଲେ । ସିଏଜିଙ୍କ ରିପୋର୍ଟର ବାକିଥିବା ଅନୁପାଳନ ବିବୃତ୍ତି ଏବଂ ପି.ଏ.ସି ସୁପାରିଶ ଗୁଡ଼ିକର କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ (ଏଟିଏନ)ମାର୍ଚ୍ଚ ମାସ 2013 ସୁଦ୍ଧା ଉପସ୍ଥାପନ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ (ଜାନୁୟାରୀ 2013) । ପୁନଶ୍ଚ ସେ ନିର୍ଦ୍ଦେଶ ଦେଇଥିଲେ ଯେ:

- ବିଭାଗଗୁଡ଼ିକ ପି.ଏ.ସି. ବୈଠକ ଦିନ କିମ୍ବା ବୈଠକର ଦିନକ ପୂର୍ବରୁ ଅନୁପାଳନ ବିବୃତ୍ତି ପ୍ରଦାନ କରିବେ ନାହିଁ କାରଣ ଶେଷ ମୁହୂର୍ତ୍ତରେ ଅନୁପାଳନ ପ୍ରାପ୍ତି ଯୋଗୁଁ ମହାଲେଖାକାରଙ୍କ ଠାରେ ପିଏସିକୁ ସଂକ୍ଷିପ୍ତ ଲେଖନ ଦେବାକୁ ପର୍ଯ୍ୟାପ୍ତ ସମୟ ରହୁନାହିଁ ।
- ଅଧସ୍ତନ ଅଧିକାରୀମାନଙ୍କ ଉତ୍ତରକୁ ମହାଲେଖାକାର/ ପିଏସିକୁ ନିତ୍ୟ ନୈମିତ୍ତିକ ଭାବରେ ନ ପଠାଇ ବିଭାଗୀୟ ସଚିବମାନେ ବିଭାଗ ଦ୍ୱାରା ପ୍ରଦତ୍ତ ଅନୁପାଳନଗୁଡ଼ିକ ପ୍ରତି ଯଥେଷ୍ଟ ଧ୍ୟାନ ଦେବେ।
- ଚିଠା ପ୍ରସ୍ତାବ ସ୍ତରରେ ମହାଲେଖାକାରଙ୍କ ଦ୍ୱାରା ଉଠାଯାଇଥିବା ବିଷୟଗୁଡ଼ିକ ଉପରେ ସଚିବମାନେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବେ, ଯାହାଫଳରେ କି ଧାର୍ଯ୍ୟ ସମୟର ବହୁ ପୂର୍ବରୁ ଅନୁପାଳନ ବିବରଣୀ ପ୍ରଦାନ କରାଯାଇପାରିବ ।

ସର୍ବୋଚ୍ଚ କମିଟି ଏହାର ଅଷ୍ଟମ ବୈଠକରେ (9 ଏପ୍ରିଲ 2013) ଉପରୋକ୍ତ ଉପାୟ ଗୁଡ଼ିକ ଦୋହରାଇଲେ। ଏହି କମିଟି ନିଷ୍ପତ୍ତି ନେଲାଯେ ବିଭାଗ ଗୁଡ଼ିକ ଦ୍ୱାରା ଏଜି, ଓଡ଼ିଶା ଏବଂ ଓଡ଼ିଶା ବିଧାନ ସଭା(ଓଏଲଏ) ସଚିବାଳୟକୁ ଅନୁପାଳନ ବିବୃତ୍ତି ଉପସ୍ଥାପନର ସ୍ଥିତିକୁ ଅର୍ଥ ବିଭାଗ ପର୍ଯ୍ୟାଲୋଚନା କରିବ।

ତେବେ ବି ଏହା ଦେଖାଗଲା ଯେ 24ଟି ବିଭାଗ ରୁ 13ଟି ବିଭାଗ 34 ଟି ଅଡିଟ୍ ଅନୁଚ୍ଛେଦର (21ଟି ବ୍ୟକ୍ତିଗତ ଓ 13ଟି ସମ୍ପାଦନ ସମୀକ୍ଷା/ ସମୀକ୍ଷା ଅନୁଚ୍ଛେଦ) ବ୍ୟଖ୍ୟାତ୍ମକ ଟିପ୍ପଣୀ ଯାହା ସିଏଜିଙ୍କ ଅଡିଟ୍ ରିପୋର୍ଟ ବର୍ଷ 2000-01 ଠାରୁ 2011-12 ବର୍ଷ***(ପରିଶିଷ୍ଟ 3.5.4)*** ରେ ପ୍ରକାଶ ପାଇଥିଲା, ସେପ୍ଟମ୍ବର ମାସ 2013 ସୁଦ୍ଧା ଉପସ୍ଥାପନ କରି ନଥିଲେ । ଏହି 21ଟି ଅନୁପାଳନ ଅନୁଚ୍ଛେଦ ଯାହାର ଅନୁପାଳନା ବିବୃତ୍ତି 13ଟି ବିଭାଗ ଉପସ୍ଥାପନ କରିନାହାନ୍ତି ନିମ୍ନ ପ୍ରକାରେ ବିଭକ୍ତିକରଣ କରାଯାଇପାରେ (i) ନିୟମ ତଥା ବିଧି ବ୍ୟବସ୍ଥାକୁ ଅନୁପାଳନ ନ କରିବା (10) (ii) ଔଚିତ୍ୟ/ଖର୍ଚ୍ଚର ସମୀକ୍ଷା (7) (iii) ଚିରା ଚରିତ ତଥା ବ୍ୟାପକ ଅନିୟମିତତା (1) (iv) ଅନବଧାନତା/ ଶାସନ ରୀତିର ଅସଫଳତା (3) । ବ୍ୟାଖ୍ୟାତ୍ମକ ଟିପ୍ପଣୀ ଦେଇ ନଥିବା ବିଭାଗ ଗୁଡ଼ିକ ହେଲେ ଗୃହ ନିର୍ମାଣ ଓ ପୌର ଉନ୍ନୟନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଯୋଜନା ଓ ସମନ୍ୱୟ ଏବଂ ଉଚ୍ଚଶିକ୍ଷା ବିଭାଗ ।

ଉପରୋକ୍ତ ବିଚାରାଧିନତା ସ୍ଥିତି ସମ୍ପର୍କରେ ଏଜି(ସାଧାରଣ ଓ ସାମାଜିକ କ୍ଷେତ୍ର ଲେଖା ପରୀକ୍ଷା), ଓଡ଼ିଶାଙ୍କ ଦ୍ୱାରା ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ଅର୍ଦ୍ଧ ସରକାରୀ ପତ୍ର ଦ୍ୱାରା ଅବଗତ କରାଯାଇଥିଲା (ନଭେମ୍ବର 2013) । ନଭେମ୍ବର 2013ରେ ଅର୍ଥ ବିଭାଗ, ବିଭାଗୀୟ ସଚିବ ମାନଙ୍କୁ ସିଏଜିଙ୍କ ଅଡିଟ ରିପୋର୍ଟର ବାକିଥିବା ଅଡିଟ୍ ଅନୁଚ୍ଛେଦ ଗୁଡ଼ିକର ଅନୁପାଳନ ବିବୃତି ଅବିଳମ୍ବେ ଉପସ୍ଥାପନ ଏବଂ ପ୍ରତି ମାସରେ ଏହାର ସ୍ଥିତି ଅର୍ଥ ବିଭାଗକୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦେଲେ । ବିଭାଗୀୟ ସଚିବ ମାନଙ୍କୁ ଘଟଣାର ସ୍ୱୟଂ ତଦାରଖ କରି ଯଥାଶୀଘ୍ର ପରବର୍ତ୍ତୀ ସର୍ବୋଚ୍ଚ କମିଟି ବୈଠକ ପୂର୍ବରୁ ଅନୁପାଳନ ବିବୃତି ଉପସ୍ଥାପନା କରିବା ପାଇଁ ଅନୁରୋଧ କରାଯାଇଥିଲା। ଏହା ସତ୍ତ୍ୱେ ଉପରୋକ୍ତ ବିଚାରାଧିନତା ସ୍ଥିତି ଡିସେମ୍ବର 2013 ସୁଦ୍ଧା ଜାରି ରହିଥିଲା ।

### 3.5.2 ଲୋକଲେଖା ସମିତି (ପିଏସି ) କରିଥିବା ସୁପାରିଶ ଉପରେ ବିଭାଗ ଗୁଡିକର ଜବାବ

ସିଏଜିଙ୍କ ରିପୋର୍ଟ ନିରୀକ୍ଷଣ କରିବା ଏବଂ ଏହି ନିରୀକ୍ଷଣର ରିପୋର୍ଟ ବିଧାନ ସଭାରେ ଉପସ୍ଥାପନ କରିବା ପାଇଁ ଓଡିଶା ବିଧାନ ସଭା ପ୍ରତିବର୍ଷ ଏକ ଲୋକ ଲେଖା ସମିତି(ପିଏସି) ଗଠନ କରନ୍ତି । ପି.ଏ.ସି ରିପୋର୍ଟ/ ସୁପାରିଶ ଗୁଡିକ ହେଲା ପ୍ରଧାନ ମାଧ୍ୟମ ଯାହା ଦ୍ୱାରା କାର୍ଯ୍ୟ ନିର୍ବାହୀ ମାନେ ବିଧାନ ମଣ୍ଡଳ ପ୍ରତି ଆର୍ଥିକ ଉତ୍ତରଦାୟୀ ରହିବା ପାଇଁ ବିଧାନ ମଣ୍ଡଳ ବାଧ୍ୟ କରାଏ ଏବଂ ଏଥିପାଇଁ ସେମାନେ ବିଭାଗ ମାନଙ୍କ ଠାରୁ କାର୍ଯାନୁଷ୍ଠାନ ଟିପ୍ପଣୀ ଆକାରରେ ସମୟୋଚିତ ଉତ୍ତର ମାଗିବା ଯଥାର୍ଥ । ଅର୍ଥ ବିଭାଗର ନିର୍ଦ୍ଦେଶ (ଡିସେମ୍ବର 1993) ଅନୁସାରେ ପି.ଏ.ସି/ ସି.ଓ.ପି.ୟୁ ରିପୋର୍ଟ ବିଧାନ ମଣ୍ଡଳରେ ଉପସ୍ଥାପନାର ଛଅ ମାସ ମଧ୍ୟରେ ପି.ଏ.ସି/ ସି.ଓ.ପି.ୟୁ ସୁପାରିଶର କାର୍ଯାନୁଷ୍ଠାନ ଟିପ୍ପଣୀ ଉପସ୍ଥାପନ କରିବା କଥା । ପରବର୍ତ୍ତୀ ସମୟରେ ଏ.ଟି.ଏନ୍. ଉପସ୍ଥାପନ କରିବାର ସମୟସୀମା ଓ.ଏଲ୍.ଏ ଦ୍ୱାରା ଚାରି ମାସ କୁ କମାଇଦିଆଗଲା (ଏପ୍ରିଲ୍ 2005)[65] । ସର୍ବୋଚ୍ଚ କମିଟିର ସପ୍ତମ ବୈଠକର (ଏପ୍ରିଲ୍ 2012) କାର୍ଯ୍ୟକାରୀ ଯୋଜନା ଅନୁସାରେ ସମସ୍ତ ବିଭାଗ ବାକିଥିବା ପି.ଏ.ସି ସୁପାରିଶ ଏବଂ ସିଏଜିଙ୍କ ଅଡିଟ୍ ଅନୁଚ୍ଛେଦ ଉପରେ କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ ଜୁଲାଇ 2012 ରୁ ସେପ୍ଟେମ୍ବର 2012 ମଧ୍ୟରେ ଫଇସଲା ସୁନିଶ୍ଚିତ କରିବେ । ଓଡିଶାର ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗ ଗୁଡିକୁ ପି.ଏ.ସି ସୁପାରିଶ ଉପରେ କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ 31ମାର୍ଚ୍ଚ 2013 ସୁଦ୍ଧା ଅସଫଳ ନ ହୋଇ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ (ଜାନୁୟାରୀ 2013) ।

ଏହା ଦେଖାଗଲା ଯେ ପି.ଏ.ସି ଦ୍ୱାରା ଦଶମ ବିଧାନ ସଭା (1990-95) ର ପ୍ରଥମ ରିପୋର୍ଟ ଠାରୁ ଚତୁର୍ଦ୍ଦଶ ବିଧାନ ସଭା (2009-14)ର ପଞ୍ଚମ ରିପୋର୍ଟ ପର୍ଯ୍ୟନ୍ତ ପ୍ରଦତ୍ତ 626 ଟି ସୁପାରିଶ ମଧ୍ୟରୁ ***(ପରିଶିଷ୍ଟ 3.5.5***) ସାତୋଟି ବିଭାଗର 51 ଟି[66] ସୁପାରିଶ ଉପରେ ଚୂଡାନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତୀକ୍ଷା ଥିଲା (ସେପ୍ଟେମ୍ବର 2013) । ଯେଉଁ ବିଭାଗ ଗୁଡିକ ମୁଖ୍ୟତଃ ଏଟିଏନ୍ ନଦେବା ପାଇଁ ଦାୟୀ, ସେଗୁଡିକ ହେଲା ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ୍ ଓ ପଞ୍ଚାୟତି ରାଜ୍ ବିଭାଗ ।

### 3.5.3 ପର୍ଯ୍ୟାଲୋଚନା

ସିଏଜିଙ୍କ ଅଡିଟ୍ ରିପୋର୍ଟ ଓ ପିଏସି ସୁପାରିଶ ଗୁଡିକ ଉପରେ ଗୃହୀତ ଅନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନର ପର୍ଯ୍ୟାଲୋଚନା କରିବା ନିମନ୍ତେ ସରକାରୀ ସ୍ତରରେ ନିମ୍ନଲିଖିତ କମିଟି ମାନ ଗଠନ କରାଯାଇଛି ।

### 3.5.3.1 ବିଭାଗୀୟ ପର୍ଯ୍ୟାଲୋଚନା କମିଟି

ଏଜିଙ୍କ ନିରୀକ୍ଷଣ ରିପୋର୍ଟ (ଆଇଆର), ସମୀକ୍ଷା ବିବୃତିର ଚିଠା/ ସମୀକ୍ଷା ଅନୁଚ୍ଛେଦର ଚିଠା, ସିଏଜିଙ୍କ ଅଡିଟ୍ ରିପୋର୍ଟ ଏବଂ ପିଏସି. ସୁପାରିଶ ଗୁଡିକ ଉପରେ ଅନୁପାଳନ ବିବୃତି/ ପ୍ରତ୍ୟୁତ୍ତର ଉପସ୍ଥାପନାର ଅନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନର ପର୍ଯ୍ୟାଲୋଚନା ନିମନ୍ତେ ସରକାରଙ୍କ ସମସ୍ତ ବିଭାଗ ଦ୍ୱାରା ବିଭାଗୀୟ ପାର୍ଯ୍ୟାଲୋଚନା କମିଟି (ଡିଏମ୍ସି) ମାନ ଗଠନ କରାଯାଇଥିଲା (ମେ 2000 ରୁ ଫେବୃୟାରୀ 2002 ମଧ୍ୟରେ) । ବିଭାଗୀୟ ସଚିବ ଏହି କମିଟିର ଅଧ୍ୟକ୍ଷ ଏବଂ ଅର୍ଥ ଉପଦେଷ୍ଟା ଆବାହକ ଥିଲେ । ସର୍ବୋଚ୍ଚ କମିଟିର ସପ୍ତମ ବୈଠକ (ଏପ୍ରିଲ 2012) ରେ

---

65 ଓଡିଶା ବିଧାନ ସଭା କ୍ରିୟାବିଧି ତଥା କାର୍ଯ୍ୟ ନିୟମାବଳୀର ନିୟମ 213(ବି)(1)

66 ଉଚ୍ଚଶିକ୍ଷା (1), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (9), ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (1), ଆଇନ୍ (6), ଗୃହ ନିର୍ମାଣ ଓ ପୌର ଉନ୍ନୟନ (1), ଗ୍ରାମ୍ୟ ଉନ୍ନୟନ (29) ଏବଂ ପଞ୍ଚାୟତି ରାଜ (4)

ନିଷ୍ପତ୍ତି ନିଆଗଲା ଯେ ଡିଏମ୍‌ସି ବୈଠକ ପ୍ରତିମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ଡକାଯିବ ଏବଂ ଏହାର ବିବରଣୀ ଏଜି, ଓଡିଶାଙ୍କୁ ପଠାଯିବ।

ଏହା ଦେଖାଗଲା ଯେ ଓଡିଶା ବିଧାନ ସଭା ସଚିବାଳୟ ସହିତ 25ଟି ବିଭାଗ ମଧ୍ୟରୁ ଆଠଟି[67] ବିଭାଗ 2012-13 ବର୍ଷ ପାଇଁ କୌଣସି କାର୍ଯ୍ୟ ବିବରଣୀ ସେପ୍ଟେମ୍ବର 2013 ସୁଦ୍ଧା ପ୍ରଦାନ କରି ନଥିଲେ । ଅବଶିଷ୍ଟ ବିଭାଗ ଗୁଡିକର ମଧ୍ୟ ବିବରଣୀ ପ୍ରଦାନରେ କମ୍‌ତି ରହିଲା ଯାହା ପାଞ୍ଚରୁ 11 ଥିଲା ।

### 3.5.3.2 ପୁନର୍ବିଲୋକନ କମିଟି

ସିଏଜି ରିପୋର୍ଟ ଏବଂ ପିଏସି ରିପୋର୍ଟ ଗୁଡିକ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ଅଗ୍ରଗତିର ପର୍ଯାଲୋଚନା କରିବା ଏବଂ ରିପୋର୍ଟ ଗୁଡିକ ରାଜ୍ୟ ପି.ଏ.ସି. ଦ୍ୱାରା ନିରୀକ୍ଷଣରେ ସାହାଯ୍ୟ ପାଇଁ ଅର୍ଥ ବିଭାଗର ପ୍ରଧାନ ସଚିବ, ପୂର୍ବତନ ମହାଲେଖାକାର (ଅଡିଟ୍-I), ମହାଲେଖାକାର (ଅଡିଟ୍-II) ଏବଂ ସଂପୃକ୍ତ ବିଭାଗର ପ୍ରଶାସନିକ ସଚିବ ମାନଙ୍କୁ ନେଇ ଏକ ସମୀକ୍ଷା କମିଟି ଗଠିତ ହୋଇଥିଲା (ଡିସେମ୍ବର 1992) ।

ବହୁଳ ପରିମାଣରେ ଥିବା ଆଇ.ଆର ଏବଂ ଅଡିଟ୍ ଅନୁଚ୍ଛେଦ ଯାହାର ଅନୁପାଳନ ବିବୃତି ଆଗରୁ ଦିଆଯାଇଛି ସେଗୁଡିକ ଅପସାରଣ କରିବା ପାଇଁ ପିଏସିର 20 ନଭେମ୍ବର 2012 ବୈଠକରେ ଅଧିକ ତ୍ରିକୋଣୀୟ କମିଟି (ଟିସି) ବୈଠକ କରିବା ପାଇଁ ମୁଖ୍ୟ ଶାସନ ସଚିବ ପ୍ରସ୍ତାବ ଦେଲେ । ଏହି ସମୀକ୍ଷା କମିଟି ଅର୍ଥ ବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବଙ୍କ ଅଧ୍ୟକ୍ଷତାରେ 24 ଜାନୁୟାରୀ 2013 ରେ ଏକ ସଭା କରିଥିଲା ଯେଉଁଥିରେ ପାଞ୍ଚଟି ବିଭାଗ ଯାହାର ବହୁଳ ପରିମାଣରେ ଅଡିଟ୍ ଅନୁଚ୍ଛେଦ ବାକି ଥିଲା ଟିସି ବୈଠକରେ ଏକ ଅଗ୍ରୀମ ବାର୍ଷିକ କ୍ୟାଲଣ୍ଡର ପ୍ରସ୍ତୁତ କରି ଟିସି ବୈଠକ କରିବା ପାଇଁ ରାଜି ହୋଇଥିଲେ । ଏହି ବୈଠକରେ ସ୍ଥିର ହେଲା ଯେ:

(i) ଏହି କ୍ୟାଲେଣ୍ଡର ଫେବୃୟାରୀ ମାସ 2013 ଠାରୁ ଲାଗୁ ହେବ;

(ii) ଅନୁପାଳନ ବିବୃତ୍ତି ଲଭ୍ୟତାକୁ ଅଗ୍ରାଧିକାର ଦେଇ ବିଭାଗ ଟି.ସି. ବୈଠକର କ୍ଷେତ୍ର ବାଛିବେ;

(iii) ସରକାରଙ୍କ ବିଭାଗ ଗୁଡିକ ପ୍ରତି ମାସରେ ଡି.ଏମ୍.ସି ବୈଠକ କାର୍ଯ୍ୟସୂଚୀରେ ଟି.ସି.ବୈଠକ ଆୟୋଜନର ପର୍ଯ୍ୟାଲୋଚନା କରିବେ

(iv) ପ୍ରତିଜବାବର ଗୁଣବତ୍ତା ଉପରେ ସନ୍ଦେହ ହେଲେ ଏଜି, ଓଡିଶା ସହ ଭିଡିଓ /ଅନ୍ ଲାଇନ୍ ସମ୍ମିଳନୀର ସହାୟତାରେ ଅଡିଟ୍ ଅନୁଚ୍ଛେଦ ମୀମାଂସା ର ସମାଧାନ କରାଯିବ ଏବଂ

(v) ବାକି ଥିବା ପିଏସି ସୁପାରିଶ/ ସିଏଜି ଅଡିଟ୍ ଅନୁଚ୍ଛେଦ ଏବଂ ସମୀକ୍ଷା ବିବୃତ୍ତିର ଚିଠା/ ଅଡିଟ୍ ଅନୁଚ୍ଛେଦର ଚିଠା ଉପରେ କାର୍ଯ୍ୟାନୁଷ୍ଠାନର ବିବୃତ୍ତି ପ୍ରତି ମାସ ଡିଏମସି ବୈଠକରେ ଆଲୋଚନା କରାଯିବ।

ବର୍ଷ 2012-13 ରେ 6 ଟି ବିଭାଗ ଦ୍ୱାରା କେବଳ 22ଟି ଟି.ସି. ବୈଠକ ହୋଇଥିଲା ଏବଂ ବୈଠକ ବିବରଣୀର ସମୀକ୍ଷାରୁ ଦେଖାଗଲା ଯେ କେବଳ 805ଟି ଅଡିଟ୍ ଅନୁଚ୍ଛେଦ ଏବଂ 149ଟି ଅଡିଟ୍ ରିପୋର୍ଟର ମୀମାଂସା ହୋଇଥିଲା ଯାହାର ବ୍ୟଖ୍ୟା ***ପରିଶିଷ୍ଟ 3.5.6*** ରେ ଦିଆଗଲା । ତେବେ ବି 18 ଟି ବିଭାଗ କୋଣସି ଟି.ସି.ବୈଠକ ସଞ୍ଚାଳନ କଲେ ନାହିଁ ଯଦିଓ 15209ଟି ଅଡିଟ୍ ଅନୁଚ୍ଛେଦ ଥିବା 3880 ଟି ଆଇ. ଆର ତାଙ୍କଠାରେ ବାକି ରହିଥିଲା ***(ପରିଶିଷ୍ଟ-3.5.7)*** ।

---

[67] ସଂସ୍କୃତି, ଉଚ୍ଚଶିକ୍ଷା, ସୂଚନା ଓ ପ୍ରଯୁକ୍ତି, ସଂସଦୀୟ ବ୍ୟାପାର, ଯୋଜନା ଓ ସମନ୍ୱୟ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ପ୍ରଶାସନ, ବିଜ୍ଞାନ ଓ ପ୍ରଯୁକ୍ତି ଏବଂ କ୍ରୀଡା ଓ ଯୁବ ସେବା ।

### *3.5.3.3 ସର୍ବୋଚ୍ଚ କମିଟି*

ଆଠଜଣ ସଦସ୍ୟଙ୍କୁ ନେଇ ରାଜ୍ୟ ସ୍ତରରେ ଏକ ସର୍ବୋଚ୍ଚ କମିଟି ଗଠନ କରାଯାଇଥିଲା(ଡିସେମ୍ବର 2000)। ମୁଖ୍ୟ ସଚିବ ଏହି କମିଟିର ଅଧ୍ୟକ୍ଷ ଥିଲେ । ଅର୍ଥ ବିଭାଗର ସଚିବ ସ୍ଥାୟୀ ସଦସ୍ୟ ଏବଂ ପାଞ୍ଚୋଟି ଅନ୍ୟ ବିଭାଗ (ଜଳ ସମ୍ପଦ, ଗୃହ, ପଞ୍ଚାୟତି ରାଜ, କୃଷି ଓ ରାଜସ୍ୱ) ର ସଚିବ ସଦସ୍ୟ ଏବଂ ଅର୍ଥ ବିଭାଗର ଅତିରିକ୍ତ ସଚିବ (ଲେଖା ଓ ଲେଖାଦାରୀ) ଏହି କମିଟିର ଆବାହକ ସଦସ୍ୟ ଥିଲେ । ଏହି କମିଟିର କାର୍ଯ୍ୟ ହେଲା (i) ବିଭାଗୀୟ ପର୍ଯ୍ୟାଲୋଚନା କମିଟିର କାର୍ଯ୍ୟଧାରାର ସମୀକ୍ଷା କରିବା ଏବଂ ମହାଲେଖାକାର, ଓଡିଶା ଓ ସାଧାରଣ ହିସାବ କମିଟିକୁ ସମୟୋଚିତ ଅନୁପାଳନ ବିବୃତ୍ତି ପ୍ରଦାନ ସୁନିଶ୍ଚିତ କରିବା (ii) ସରକାରଙ୍କ ବିଭାଗ ମାନଙ୍କ ଦ୍ୱାରା ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ ରିପୋର୍ଟ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ନିର୍ଦ୍ଦିଷ୍ଟକାଳୀନ ସମୀକ୍ଷା କରିବା ଏବଂ (iii) ସମୀକ୍ଷା ଅନୁଚ୍ଛେଦ ଉପରେ ସରକାରଙ୍କ ସମସ୍ତ ବିଭାଗ ଦେବାକୁ ଥିବା ତ୍ୱରିତ କାର୍ଯ୍ୟାନୁଷ୍ଠାନରେ ସୃଷ୍ଟି କରୁଥିବା ପ୍ରତିବନ୍ଧକ ଦୂର କରିବା । ଏହି କମିଟି ପ୍ରତି ଛଅ ମାସରେ ଥରେ ବସିବ ।

ଅଷ୍ଟମ ବୈଠକରେ (ଏପ୍ରିଲ 2013) ବାକି ଥିବା ଏ.ଟି.ଏନ୍, ସିଏଜି ଅନୁଚ୍ଛେଦ, ଏ.ଜି ଆଇ. ଆର. ଏବଂ ଅଡିଟ୍ ଅନୁଚ୍ଛେଦ ଗୁଡିକର ମୀମାଂସା ନିମନ୍ତେ ପ୍ରସ୍ତୁତ କାର୍ଯ୍ୟକାରୀ ଯୋଜନାର ସମୀକ୍ଷା କରି ବିଭାଗ ଗୁଡିକର ସ୍ୱଚ୍ଛ ଜବାବ ପାଇଁ କମିଟି ନିଜର ଅପ୍ରସନ୍ନତା ପ୍ରକାଶ କଲା । ଏତଦ୍ ବ୍ୟତୀତ ଉପରୋକ୍ତ ବୈଠକରେ ନମ୍ନଲିଖିତ ନିଷ୍ପତ୍ତି ନିଆଗଲା:

- ପ୍ରତିମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ବିଭାଗୀୟ ପର୍ଯ୍ୟାଲୋଚନା କମିଟି (ଡି.ଏମ୍.ସି) ବୈଠକର ଆୟୋଜନ ହେବ ଏବଂ ଏହି ବୈଠକର ବିବରଣୀ ଏଜି, ଓଡିଶାକୁ ପଠାହେବ ଯାହାର ଏକ ନକଲ ଅର୍ଥବିଭାଗକୁ ପଠାଇବାରେ ବ୍ୟତିକ୍ରମ ନ ହୁଏ;
- ଏ.ଜି ଆଇ.ଆର ଗୁଡିକର ପ୍ରାଥମିକ ଜବାବ ଏଜି, ଓଡିଶାକୁ ଏକ ମାସ ମଧ୍ୟରେ ପଠାଯିବ ଓ ଏହା ଡି.ଏମ୍. ସି ବୈଠକରେ ପର୍ଯ୍ୟାଲୋଚନା କରାଯିବ;
- ପାଞ୍ଚଟି[68] ବିଭାଗ ଦ୍ୱାରା ବର୍ଷ 2013 ପାଇଁ ତ୍ରିକୋଣୀୟ କମିଟି ବୈଠକର ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି । ଏତଦ୍ ବ୍ୟତୀତ ଅନ୍ୟ ବିଭାଗ ଗୁଡିକ ମଧ୍ୟ ବାକି ଥିବା ଏ.ଜି ଆଇ.ଆର. ଏବଂ ଅଡିଟ୍ ଅନୁଚ୍ଛେଦ ଗୁଡିକର ମୀମାଂସା ପାଇଁ ଟି.ସି.ବୈଠକ ଆୟୋଜନ ବିଷୟ ଏଜି, ଓଡିଶା ସହ ଆଲୋଚନା କରିବେ;
- ବିଭାଗ ଗୁଡିକ ମଧ୍ୟ ଆଉ ବିଳମ୍ବ ନ କରି ବାକି ଥିବା ସିଏଜିଙ୍କ ଅଡିଟ୍ ରିପୋର୍ଟର ଅଡିଟ୍ ଅନୁଚ୍ଛେଦ ଏବଂ ପିଏସିର ସୁପାରିଶ ଉପରେ ଅନୁପାଳନ ବିବୃତ୍ତି ଦେବାପାଇଁ ଯତ୍ନ ନେବେ ଏବଂ ଏହାର ବିବୃତ୍ତି ପ୍ରତିମାସରେ ଅର୍ଥ ବିଭାଗକୁ ପ୍ରଦାନ କରିବେ;
- ଅଦ୍ୟାବଧି ବିଚାରାଧିନ ସ୍ଥିତି ବିଷୟରେ ନିୟମିତ ଭାବରେ ଏଜି ଙ୍କୁ ଆଲୋଚନା ସହ ଏକକୀକରଣ କରିବେ; ଏବଂ
- ଅର୍ଥ ବିଭାଗ, ବିଭାଗ ମାନଙ୍କ ଦ୍ୱାରା ଏଜି, ଓଡିଶା ଏବଂ ରାଜ୍ୟ ବିଧାନ ସଭା ସଚିବାଳୟକୁ ଅନୁପାଳନ ବିବୃତ୍ତି ପ୍ରଦାନର ପର୍ଯ୍ୟାଲୋଚନା କରିବେ ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ଲେଖା ଓ ସମୀକ୍ଷା ନିୟମ (ନିୟମ 197) ରେ ବ୍ୟବସ୍ଥା କରାଯାଇଛି ଯେ ଅଡିଟ୍ ଯୋଗ୍ୟ ସଂସ୍ଥା ଅଡିଟ୍ ଟିପ୍ପଣୀ କିମ୍ବା ଆଇଆର ର ଜବାବ ଏହା ପାଇବାର ଚାରି ସପ୍ତାହ ମଧ୍ୟରେ ପ୍ରଦାନ କରିବେ । ଯଦି ଉକ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ କେତେକ ଅଡିଟ୍ ସିଦ୍ଧାନ୍ତ

---

[68] ପଞ୍ଚାୟତି ରାଜ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଜଳ ସମ୍ପଦ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ।

କିମ୍ବା ଆଇଆର ଉପରେ ଚୁଡାନ୍ତ ଜବାବ ଦେବା ସମ୍ଭବ ନ ହୁଏ, ଏଥିପାଇଁ ପ୍ରାଥମିକ ଜବାବ ଦେବାରେ ବିଳମ୍ବ ନ କରି ଚୁଡାନ୍ତ ଉତ୍ତର ଦେବାର ସମ୍ଭାବ୍ୟ ତାରିଖ ଉଲ୍ଲେଖ କରି ଏକ ମଧ୍ୟବର୍ତ୍ତୀକାଳୀନ ଉତ୍ତର ଦେବେ ।

ଏହା ଦେଖାଗଲା ଯେ ବର୍ଷ 2000-01 ଠାରୁ ବର୍ଷ 2011-12 ପର୍ଯ୍ୟନ୍ତ ସିଏଜିଙ୍କ ଅଡିଟ୍ ରିପୋର୍ଟର 13ଟି ସମୀକ୍ଷା / ସମ୍ପାଦନ ସମୀକ୍ଷା ସହ 34ଟି ଅଡିଟ୍ ଅନୁଚ୍ଛେଦର ବ୍ୟାଖ୍ୟାତ୍ମକ ବିବରଣୀ ଏବଂ 51ଟି ପିଏସି ସୁପାରିଶର (ଦଶମ ଠାରୁ ଚତୁର୍ଦ୍ଦଶ ବିଧାନସଭା) କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ ବିଭାଗ ମାନଙ୍କ ଠାରେ ବାକି ରହିଛି ଯାହା ***ପରିଶିଷ୍ଟ 3.5.4*** ଏବଂ ***ପରିଶିଷ୍ଟ 3.5.5*** ରେ ଦର୍ଶାଯାଇଛି (ସେପ୍ଟେମ୍ବର ମାସ 2013) ।

ପୁନଶ୍ଚ, ନଥିପତ୍ର ପେଶ୍ ନ କଲେ ଉଚ୍ଚତମ କମିଟି କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଥିଲେ ମଧ୍ୟ 31 ଡିସେମ୍ବର 2013 ସୁଦ୍ଧା 14ଟି ବିଭାଗ ଦ୍ୱାରା 101ଟି ନଥିପତ୍ର ଏବଂ 297ଟି ପ୍ରାଥମିକ ମନ୍ତବ୍ୟ ସ୍ମାରକର ଅନୁପାଳନ ବିବୃତ୍ତି ପ୍ରଦାନ କରାଯାଇନଥିଲା ଯାହା ମୁଖ୍ୟ ଶାସନ ସଚିବଙ୍କୁ ଅର୍ଦ୍ଧ ସରକାରୀ ପତ୍ର ଦ୍ୱାରା ଅବଗତ କରାଯାଇଥିଲା(ଜାନୁୟାରୀ 2014) । ତଥାପି 31 ମାର୍ଚ୍ଚ 2014 ସୁଦ୍ଧା ସ୍ଥିତିରେ କୌଣସି ଉନ୍ନତି ହେଲା ନାହିଁ ଯେହେତୁ 117ଟି ନଥିପତ୍ର ଏବଂ 488ଟି ପ୍ରାଥମିକ ମନ୍ତବ୍ୟ ସ୍ମାରକର ଅନୁପାଳନ ବିବୃତ୍ତି 11ଟି ବିଭାଗ ପ୍ରଦାନ କରିବା ବର୍ତ୍ତମାନ ସୁଦ୍ଧା ବାକି ରହିଛି ।

ଭୁବନେଶ୍ୱର **(ଅମର ପଟ୍ଟନାୟକ)**

ତାରିଖ **ମହାଲେଖାକାର (ସାଧାରଣ ଏବଂ ସାମାଜିକ କ୍ଷେତ୍ର)**

**ଓଡିଶା**

ପ୍ରତିସ୍ୱାକ୍ଷରିତ

ନୂଆ ଦିଲ୍ଲୀ **(ଶଶୀକାନ୍ତ ଶର୍ମା)**

ତାରିଖ **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

**ପରିଶିଷ୍ଟ 2.1.1**

***(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.1.2 ପୃଷ୍ଠା 10)***

**2007-2013 ମଧ୍ୟରେ ବୃହତ୍ ବିପର୍ଯ୍ୟୟର ବିଶଦ ବିବରଣ**

| ବର୍ଷ | ମାସ | ଦୁର୍ବିପାକର ନାମ | ସଂଖ୍ୟା | ବନ୍ୟାଦ୍ୱାରା ପ୍ରଭାବିତ ଜନସଂଖ୍ୟା (ଲକ୍ଷରେ) | ଜୀବନ ହାନୀ (ସଂଖ୍ୟାରେ) | କ୍ଷତିର ଅଟକଳ (କୋଟି ଟଙ୍କାରେ) |
|---|---|---|---|---|---|---|
| 2007 | ଜୁନ-ଜୁଲାଇ | ବନ୍ୟା / ବହୁଳ ବର୍ଷା | 1 | 13.32 | 32 | 306.70 |
| 2007 | ଅଗଷ୍ଟ-ସପ୍ଟେମ୍ବର | ବନ୍ୟା | 3 | 22.47 | 59 | 1093.53 |
| 2008 | ଜୁଲାଇ-ସପ୍ଟେମ୍ବର | ବନ୍ୟା | 2 | 60.18 | 110 | 2687.83 |
| 2009 | ଅଗଷ୍ଟ-ସପ୍ଟେମ୍ବର | ବନ୍ୟା | 1 | 6.61 | 59 | 2257.03 |
| 2009 | ଅଗଷ୍ଟ-ସପ୍ଟେମ୍ବର | ମରୁଡ଼ି | 1 | - | 0 | |
| 2010 | ଅଗଷ୍ଟ | ବନ୍ୟା / ବହୁଳ ବର୍ଷା | 1 | 0.90 | 14 | 34.09 |
| 2010 | ଅକ୍ଟୋବର | ମରୁଡ଼ି | 1 | - | 0 | 1516.74 |
| 2010 | ଡିସେମ୍ବର | ବହୁଳ ବର୍ଷା | 1 | - | 0 | 1027.00 |
| 2011 | ଜୁନ-ସେପ୍ଟେମ୍ବର | ବନ୍ୟା / ବହୁଳ ବର୍ଷା | 2 | 61.24 | 87 | 3265.38 |
| 2012 | ବାର୍ଷିକ ବିବୃତି ପ୍ରସ୍ତୁତ ହୋଇନାହିଁ | - | - | - | - | |
| 2013 | ଅକ୍ଟୋବର | ବାତ୍ୟା ଓ ବନ୍ୟା | 2 | 132.25 | 44 | 4242.41 |
| **ମୋଟ** | | | **15** | **296.97** | **405** | **16430.71** |

***(ଉତ୍ସ-ସ୍ୱତନ୍ତ୍ର ଉପଶମ କମିଶନର,ଓଡିଶାଙ୍କ ବାର୍ଷିକ ରିପୋର୍ଟ)***

## ପରିଶିଷ୍ଟ 2.1.2

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.5.1 ପୃଷ୍ଠା 29 )

### ସିଆରଏଫ/ଏସଡିଆରଏଫ୍ ରୁ ବ୍ୟୟ କରାଯାଇଥିବା ମରାମତି ଓ ପୁନରୁଦ୍ଧାର ଖର୍ଚ୍ଚ କାର୍ଯ୍ୟ ଯାହା ତୁରନ୍ତ ଅନାବଶ୍ୟକ

| କ୍ର.ସଂ. | କାର୍ଯ୍ୟର ନାମ | ବିଭାଗ | ତାରିଖ/ ମଞ୍ଜୁରୀ ବର୍ଷ | କାର୍ଯ୍ୟ ସଂଖ୍ୟା | ପରିମାଣ (ଲକ୍ଷ ଟଙ୍କାରେ) |
|---|---|---|---|---|---|
| 1 | ବ୍ୟାସକବି ଫକିର ମୋହନଙ୍କ କୋଠାର ମରାମତି | ପର୍ଯ୍ୟଟନ ବିଭାଗ | 5.2.2008 | 1 | 7.50 |
| 2 | ହୋମଗାର୍ଡ ସଂଗଠନକୁ ଆବଣ୍ଟିତ ହୋଇଥିବା ବାସଗୃହର ମରାମତି | ଗୃହ ବିଭାଗ | 5.2.2008 | 1 | 32.22 |
| 3 | କଟକଠାରେ ଆରଟିଓ ଅଫିସ୍ କୋଠାର ମରାମତି | ଜିଲ୍ଲାପାଳ, କଟକ | 5.2.2008 | 1 | 20.00 |
| 4 | ପର୍ଶୁରାମପୁର ମହାଦେବ କୁଣ୍ଡର ପୁନରୁଦ୍ଧାର, ପଞ୍ଚାୟତ କଳାପଥର ଜି.କଟକ | ଜିଲ୍ଲାପାଳ, କଟକ | 5.2.2008 | 1 | 10.00 |
| 5 | ସୋରୋ ଏନଏସି ଅଧିନରେ ଥିବା ରାମ ପୃଷ୍ଟି କୁଣ୍ଡର ପୁନରୁଦ୍ଧାର | ଜିଲ୍ଲାପାଳ, ବାଲେଶ୍ୱର | 5.2.2008 | 1 | 10.00 |
| 6 | ମହାପୋଖରୀ ପୁନରୁଦ୍ଧାର ଗ୍ରାମ-ନନ୍ଦିଗୋଡ, ବ୍ଲକ୍-କଣାସ, ଜିଲ୍ଲା-ପୁରୀ | ଜିଲ୍ଲାପାଳ, ପୁରୀ | 5.2.2008 | 1 | 10.00 |
| 7 | ଅଫିସ ଗୃହ ଓ କର୍ମଚାରୀ ବାସଗୃହର ମରାମତି | ଇଓ, ଅନୁଗୁଳ ମ୍ୟୁନିସିପାଲିଟି ଅନୁଗୁଳ | 2009-10 | 1 | 31.67 |
| 8 | ଅଫିସ ଗୃହ ଓ କର୍ମଚାରୀ ବାସଗୃହର ମରାମତି | ନିର୍ବାହୀ ଯନ୍ତ୍ରୀ, ଆର.ଡବ୍ଲୁ.ଡି-1, ଭଦ୍ରକ | 2008-09 | 04 | 7.55 |
| 9 | ଅଫିସ ଗୃହ ଓ କର୍ମଚାରୀ ବାସଗୃହର ମରାମତି | ନିର୍ବାହୀ ଯନ୍ତ୍ରୀ, ଆର.ଡବ୍ଲୁ.ଡି-1I, ଭଦ୍ରକ | 2008-09 | 10 | 43.77 |
| 10 | ଅଫିସ ଗୃହ ଓ କର୍ମଚାରୀ ବାସଗୃହର ମରାମତି | ନିର୍ବାହୀ ଯନ୍ତ୍ରୀ, ଆର.ଡବ୍ଲୁ.ଡି, ଢେଙ୍କାନାଳ | 2007-08 | 16 | 36.50 |
| 11 | ଅଫିସ ଗୃହ ଓ କର୍ମଚାରୀ ବାସଗୃହର ମରାମତି | ନିର୍ବାହୀ ଯନ୍ତ୍ରୀ, ଜଳସେଚନ, ଜଗତସିଂହପୁର | 2010-11 | 10 | 7.45 |
| 12 | ଅଫିସ ଗୃହ ଓ କର୍ମଚାରୀ ବାସଗୃହର ମରାମତି | ନିର୍ବାହୀଯନ୍ତ୍ରୀ, ଜଳସେଚନ ବିଭାଗ, ଯାଜପୁର | 2009-10 | 46 | 77.45 |
| 13 | ଅଫିସ ଗୃହ ଓ କର୍ମଚାରୀ ବାସଗୃହର ମରାମତି | ନିର୍ବାହୀ ଯନ୍ତ୍ରୀ, ଆର.ଡବ୍ଲୁ.ଡି, କେନ୍ଦୁଝର | 2009-10 | 7 | 43.22 |
| | ମୋଟ | | | **100** | **337.33** |

*(ଉତ୍ସ: ନମୁନା ଯାଞ୍ଚ ୟୁନିଟ୍ ଏବଂ ଏସଆରସିଙ୍କ ନଥିପତ୍ରରୁ ଅଡିଟ୍ ଦ୍ୱାରା ସଂକଳିତ)*

**ପରିଶିଷ୍ଟ -2.1.3**

**(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.5.2 at page 29)**

**ବନ୍ୟା ଦ୍ୱାରା କ୍ଷତି ନ ହୋଇଥିବା କାର୍ଯ୍ୟର ନିଷ୍ପାଦନ**

*(ଲକ୍ଷ ଟଙ୍କାରେ)*

| କ୍ର.ସଂ. | ୟୁନିଟ୍‌ର ନାମ | ପ୍ରକଳ୍ପର ନାମ | କାର୍ଯ୍ୟ ସଂଖ୍ୟା | ଅଟକଳ ମୂଲ୍ୟ | ଖର୍ଚ୍ଚ ପରିମାଣ |
|---|---|---|---|---|---|
| 1 | ନିର୍ବାହୀ ଯନ୍ତ୍ରୀ ଆରଡବ୍ଲୁଡି, ଅନୁଗୁଳ | ଅଫିସ୍‌ଗୃହ ଏବଂ ଏଲଏ କେନ୍ଦ୍ରର ମରାମତି | 35 | 43.10 | 43.10 |
| 2 | ବିଡିଓ, ଆଠମଲ୍ଲିକ | ନୂଆ ସିସି ରାସ୍ତା | 10 | 50.00 | 44.40 |
| 3 | ଇଓ, ଏନଏସି, ଆଠମଲ୍ଲିକ | ବିଜ୍ଞାପିତ ଅଞ୍ଚଳ ପରିଷଦ କୋଠା, ସିସି ରାସ୍ତା ଏବଂ ନଳା | 27 | 106.00 | 33.92 |
| 4 | ନିର୍ବାହୀ ଯନ୍ତ୍ରୀ, ଆରଡବ୍ଲୁଡି-1, ଭଦ୍ରକ | ଆର୍‌ଆଇ, ଅଫିସ ଗୃହ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ କୋଠା | 26 | 33.00 | 33.00 |
| 5 | ନିର୍ବାହୀ ଯନ୍ତ୍ରୀ, ଆରଡବ୍ଲୁଡ-1I, ଭଦ୍ରକ | ଅଫିସ ଗୃହ ବିଦ୍ୟାଳୟ କୋଠା, ହତା ଇତ୍ୟାଦି | 28 | 51.00 | 51.00 |
| 6 | ନିର୍ବାହୀ ଯନ୍ତ୍ରୀ, ଆରଡବ୍ଲୁଡ-1, ଢେଙ୍କାନାଳ | ଡାକ୍ତରଖାନାଗୃହ, ଆରଡବ୍ଲୁଡି ସବ୍‌ଡିଭିଜନ ଅଫିସ ଏବଂ ତହସିଲ ଅଫିସ୍ | 3 | 2.85 | 2.85 |
| 7 | ନିର୍ବାହୀ ଯନ୍ତ୍ରୀ, ଆରଡବ୍ଲୁଡ, ଜଗତସିଂହପୁର | କର୍ମଚାରୀ ବାସଗୃହ, ଡାକ୍ତରଖାନା, ବିଦ୍ୟାଳୟ ଗୃହ ଇତ୍ୟାଦି | 12 | 71.06 | 40.00 |
| 8 | ନିର୍ବାହୀ ଯନ୍ତ୍ରୀ, ଆରଡବ୍ଲୁଡ, ସୋନପୁର | ସରକାରୀ ଅଫିସ୍ ଏବଂ କୋଠା | 6 | 15.20 | 15.20 |
| 9 | ଇଓ, ସୋନପୁର ମହାନଗର | ଟାଉନ ହଲର ପୁନରୁଦ୍ଧାର | 1 | 9.00 | 6.99 |
| | ମୋଟ | | **148** | **381.21** | **270.46** |

*(ଉତ୍ସ: ନମୁନା ପରୀକ୍ଷଣ ୟୁନିଟ୍‌ଙ୍କ ନଥିରୁ ଅଡିଟ୍ ଦ୍ୱାରା ସଂକଳିତ)*

## *ପରିଶିଷ୍ଟ 2.1.4*

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.6.1.1 ପୃଷ୍ଠା 37)*

## ସିଆରଏଫ/ଏସଡିଆରଏଫ୍ ରୁ ବିନାଶ ପ୍ରସ୍ତୁତି ପାଇଁ ହୋଇଥିବା ଅଗ୍ରାହ୍ୟ ଖର୍ଚ୍ଚର ମଞ୍ଜୁରୀ ବିବରଣ

| କ୍ର.ସଂ. | ଉଦ୍ଦେଶ୍ୟ | ବିଭାଗ | ଏସଇସି ଦ୍ୱାରା ମଞ୍ଜୁରୀ ତାରିଖ | ପରିମାଣ (ଲକ୍ଷ ଟଙ୍କାରେ) |
|---|---|---|---|---|
| 1 | ଜୟଦେବ ପୀଠର ବର୍ଷା ସୁରକ୍ଷା କାନ୍ଥର ସମାପ୍ତି | ଜଳ ସଂପଦ ବିଭାଗ | 7.1.2012 | 24.93 |
| 2 | ପୁରୁଣା ଏବଂ କ୍ଷତିଗ୍ରସ୍ତ ରାଜନଗର ଗୋପାଳପୁର ଲବଣୀୟ ତଟ ବନ୍ଧର ପୁନରୁଦ୍ଧାର | ଜଳ ସଂପଦ ବିଭାଗ | 7.1.2012 | 227.81 |
| 3 | କଣ୍ଟିଶାଳଠାରେ ଦକ୍ଷିଣଦେବୀର କୂଳ ସୁରକ୍ଷା କାର୍ଯ୍ୟ | ଜଳ ସଂପଦ ବିଭାଗ | 11.6.2009 | 256.41 |
| 4 | କ୍ଷତିଗ୍ରସ୍ତ ରାଜନଗର ଗୋପାଳପୁର ଲବଣୀୟ ତଟବନ୍ଧର ରଚନା | ଜଳ ସଂପଦ ବିଭାଗ | 11.6.2009 | 184.49 |
| 5 | ବୈତରଣୀ ନଦୀ ପାଇଁ ବନ୍ୟା ରୋଧକ ଉପାୟ | ଜଳ ସଂପଦ ବିଭାଗ | 21.11.08 | 122.00 |
| 6 | ଦେବୀର ବାମ ତଟବନ୍ଧର ମାଜିବା କୂଳର ସୁରକ୍ଷା | ଜଳ ସଂପଦ ବିଭାଗ | 21.11.08 | 362.75 |
| 7 | ବେତରଣୀ ଡାହାଣର ବନ୍ୟା ସୁରକ୍ଷା ତଟବନ୍ଧ | ଜଳ ସଂପଦ ବିଭାଗ | 21.11.08 | 70.00 |
| 8 | ଝାରଲିଙ୍ଗ-ବେଲାଙ୍ଗ ଲବଣୀୟ ତଟବନ୍ଧର ଦୁଇଟି ନାସୀର ରଚନା | ଜଳ ସଂପଦ ବିଭାଗ | 7.3.2008 | 493.22 |
| 9 | ରସୁଲପୁରଠାରେ କୂଳ ସୁରକ୍ଷା କାର୍ଯ୍ୟ | ଜଳ ସଂପଦ ବିଭାଗ | 30.4.2007 | 201.60 |
| 10 | ଦେବୀର ବାମ ତଟବନ୍ଧର ମାଜିବା କୂଳର ସୁରକ୍ଷା | ଜଳ ସଂପଦ ବିଭାଗ | 30.4.2007 | 332.84 |
| 11 | ଦେବୀର ଡାହାଣ ତଟବନ୍ଧରେ ତିନୋଟି ଉଚ୍ଚ ସ୍ତରୀୟ ମାଜଣାର ରଚନା | ଜଳ ସଂପଦ ବିଭାଗ | 30.4.2007 | 670.13 |
| | ମୋଟ | | | **2946.18** |

***(ଉତ୍ସ: ସ୍ୱତନ୍ତ୍ର ଉପଶମ କମିଶନର, ଓଡିଶା)***

## ପରିଶିଷ୍ଟ 3.1.1

### (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.1.2.2 ପୃଷ୍ଠା 49)

**ସହବଦ୍ଧ ମହାବିଦ୍ୟାଳୟମାନଙ୍କରେ ବିଦ୍ୟାର୍ଥୀଙ୍କ ନାମଲେଖା ବିବରଣ**

| କ୍ର.ସଂ. | ମହାବିଦ୍ୟାଳୟର ନାମ | ବିଷୟ (ଅନୁମୋଦିତ ଅନ୍ତଃଗ୍ରହଣ ସାମର୍ଥ୍ୟ) | ନାମଲେଖା(ପ୍ରତିଶତ) | | |
|---|---|---|---|---|---|
| | | | 09-10 | 10-11 | 11-12 |
| 1 | ପେଣ୍ଟାଗନ କମ୍ପ୍ୟୁଟର ଏକାଡେମୀ ଭୁବନେଶ୍ୱର | ବିସିଏ (60) | 16 (27) | 11 (18) | 11 (18) |
| | | ବିବିଏ (60) | 25 (42) | 5 (8) | 10 (17) |
| 2 | ପି.ଜେ.କଲେଜ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକନୋଲୋଜି, ଭୁବନେଶ୍ୱର | ବିସିଏ (60) | 16 (27) | 13 (22) | 11 (18) |
| 3 | ଗଣେଶ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକନୋଲୋଜି, ଖୋର୍ଦ୍ଧା | ବିସିଏ (60) | 30 (50) | ନାହିଁ | ନାହିଁ |
| 4 | ରିଜିଓନାଲ କଲେଜ ଅଫ୍ ଇଞ୍ଜିନିୟରଂ ଆଣ୍ଡ ମ୍ୟାନେଜମେଣ୍ଟ, ଭୁବନେଶ୍ୱର | ବିସିଏ (60) | ନାହିଁ | ନାହିଁ | ନାହିଁ |
| 5 | ସତ୍ୟାନନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଆଇଟି, ଭୁବନେଶ୍ୱର | ବିସିଏ (60) | ନାହିଁ | 12 (20) | ନାହିଁ |
| 6 | ଇଷ୍ଟର ସାଇନ୍ସ ଡିଗ୍ରୀ କଲେଜ, କଣ୍ଟାପଡା, ଯାଆଁଳା, ଖୋର୍ଦ୍ଧା | ବିସିଏ (30) | 7 (23) | ନାହିଁ | ନାହିଁ |
| 7 | କଲେଜ ଅଫ୍ ଆଡଭାନ୍ସ କମ୍ପ୍ୟୁଟିଙ୍ଗ, ବ୍ରହ୍ମପୁର | ପିଜିଡିସିଏ (40) | 10 (25) | 3 (7) | 6 (15) |
| | | ଏମଏଫସି (30) | ନାହିଁ | 6 (20) | 7 (23) |
| 8 | ଗ୍ରେଟ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି, ବ୍ରହ୍ମପୁର | ବିବିଏ (30) | 8 (27) | 9 (30) | ନାହିଁ |
| | | ବିସିଏ (30) | 8 (27) | 14 (47) | ନାହିଁ |
| 9 | ଏସଭିଆଇଆଇଟିଏମ୍, ବ୍ରହ୍ମପୁର | ବିସିଏ (40) | 17 (43) | 16 (40) | ନାହିଁ |
| 10 | ଗାୟତ୍ରୀ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକନୋଲୋଜି, ବ୍ରହ୍ମପୁର | ବିଏସସି-ବାୟୋଟେକ୍ (30) | 14 (47) | 14 (47) | 11(37) |
| | | ବିଏସସି-ବାୟୋ ଇନଫର୍ମାଟିକ୍ସ (30) | ନାହିଁ | ନାହିଁ | ନାହିଁ |

***(ଉତ୍ସ : ସହବଦ୍ଧ ମହାବିଦ୍ୟାଳୟଙ୍କଠାରୁ ସୂଚନା ଏବଂ ବିଶ୍ୱବିଦ୍ୟାଳୟ ନଥିରୁ ସଂଗୃହୀତ ତଥ୍ୟ)***

## ପରିଶିଷ୍ଟ 3.1.2

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.1.3.3 ପୃଷ୍ଠା 52)

## ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଧାର୍ଯ୍ୟ ହୋଇଥିବା କୋର୍ସ ଫି ଠାରୁ ମହାବିଦ୍ୟାଳୟଗୁଡିକ ଆଦାୟ କରୁଥିବା ଅଧିକ ଫି ର ବିବରଣ

*(ପରିମାଣ ଟଙ୍କାରେ)*

| କ୍ର.ସଂ. | ମହାବିଦ୍ୟାଳୟଗୁଡିକର ନାମ | ବିଷୟ | ଆଦାୟ ହୋଇଥିବା କୋର୍ସ ଫି | ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା କୋର୍ସ ଫି | ଆଦାୟ ହୋଇଥିବା ଅଧିକ କୋର୍ସ ଫି |
|---|---|---|---|---|---|
| 1 | ପେଣ୍ଟାଗନ କମ୍ପ୍ୟୁଟର ଏକାଡେମୀ, ଭୁବନେଶ୍ୱର | ବିସିଏ | 65000 | 45000 | 20000 |
| | | ବିବିଏ | 65000 | 45000 | 20000 |
| 2 | ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁସନ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ, ଭୁବନେଶ୍ୱର | ବିସିଏ | 75000 | 45000 | 30000 |
| | | ବିବିଏ | 75000 | 45000 | 30000 |
| 3 | ଏମଆଇଟିଏସ ସ୍କୁଲ୍ ଅଫ୍ ବାଇୟୋ-ଟେକନଲୋଜି, ଭୁବନେଶ୍ୱର | ବିସିଏ | 60000 | 45000 | 15000 |
| 4 | କ୍ୟାପିଟାଲ ଏକାଡେମୀ ଅଫ୍ ପ୍ରଫେସନାଲ ଷ୍ଟଡିଜ୍, ଭୁବନେଶ୍ୱର | ବିସିଏ | 55500 | 45000 | 10500 |
| | | ବିବିଏ | 55500 | 45000 | 10500 |
| 5 | ଆଫିନିଟି ବିଜିନେସ ସ୍କୁଲ, ଜଟଣୀ, ଖୋର୍ଦ୍ଧା | ବିବିଏ | 135000 | 45000 | 90000 |
| | | ବିସିଏ | 135000 | 45000 | 90000 |
| 6 | ଆର୍ଯ୍ୟ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଆଇଟି, ଭୁବନେଶ୍ୱର | ବିବିଏ | 75000 | 45000 | 30000 |
| | | ବିସିଏ | 75000 | 45000 | 30000 |
| 7 | ଗଣେଶ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ଭୁବନେଶ୍ୱର | ବିସିଏ | 60110 | 45000 | 15110 |
| 8 | ଡିଏଭି ସ୍କୁଲ ଅଫ୍ ବିଜିନେସ, ଭୁବନେଶ୍ୱର | ବିବିଏ | 130000 | 45000 | 85000 |
| 9 | ଇଣ୍ଟର ସାଇନ୍‌ସ ଡିଗ୍ରୀ କଲେଜ, କଣ୍ଟାପଡା, ଭୁବନେଶ୍ୱର | ବିବିଏ | 75000 | 45000 | 30000 |
| | | ବିସିଏ | 75000 | 45000 | 30000 |
| 10 | କଲେଜ ଅଫ୍ ଆଡଭାନସଡ କମ୍ପ୍ୟୁଟିଂ, ବ୍ରହ୍ମପୁର | ବିସିଏ | 60000 | 45000 | 15000 |
| | | ବିବିଏ | 60000 | 45000 | 15000 |
| 11 | ଆଡଭାନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ, ବ୍ରହ୍ମପୁର | ବିବିଏ | 65000 | 45000 | 20000 |
| | | ବିସିଏ | 65000 | 45000 | 20000 |
| 12 | ଦିଶା କଲେଜ, ମ୍ୟାନେଜମେଣ୍ଟଅଫ୍ ଟେକନୋଲୋଜି, ବ୍ରହ୍ମପୁର | ବିସିଏ | 51000 | 45000 | 6000 |
| | | ବିବିଏ | 51000 | 45000 | 6000 |
| 13 | ପ୍ରେସିଡେଣ୍ଟ କଲେଜ, (ବିଜିନେସ ଆଡମିନିଷ୍ଟ୍ରେସନ), ବ୍ରହ୍ମପୁର | ବିସିଏ | 60000 | 45000 | 15000 |
| 14 | ଚାର୍ଲସ ବାବାଜେ କଲେଜ, ସମ୍ବଲପୁର | ବିସିଏ | 60000 | 45000 | 15000 |

*(ଉତ୍ସ: ମହାବିଦ୍ୟାଳୟମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ତଥ୍ୟ)*

*ପରିଶିଷ୍ଟ 3.2.1*

*( ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.2.2 ପୃଷ୍ଠା 70)*

**2001 ଏବଂ 2011 ଜନଗଣନା ଅନୁଯାୟୀ ଜିଲ୍ଲାୱାରୀ ଶିଶୁ ଲିଙ୍ଗ ଅନୁପାତ**

| କ୍ରମିକ ନମ୍ବର | ଜିଲ୍ଲାର ନାମ | ଶିଶୁ ଲିଙ୍ଗ ଅନୁପାତ | | |
|---|---|---|---|---|
| | | 2001 | 2011 | (ବୃଦ୍ଧି/କମ୍) |
| 1 | ନୟାଗଡ | 904 | 855 | -49 |
| 2 | ଢେଙ୍କାନାଳ | 925 | 877 | -48 |
| 3 | ଅନୁଗୁଳ | 937 | 889 | -48 |
| 4 | ଗଞ୍ଜାମ | 939 | 908 | -31 |
| 5 | ଦେଓଗଡ | 956 | 927 | -29 |
| 6 | କଳାହାଣ୍ଡି | 984 | 957 | -27 |
| 7 | କଟକ | 939 | 914 | -25 |
| 8 | ସୁନ୍ଦରଗଡ | 970 | 946 | -24 |
| 9 | ସମ୍ବଲପୁର | 959 | 940 | -19 |
| 10 | ରାୟଗଡା | 981 | 965 | -16 |
| 11 | ସୋନପୁର | 967 | 952 | -15 |
| 12 | କେନ୍ଦ୍ରାପଡା | 940 | 926 | -14 |
| 13 | ବଲାଙ୍ଗିର | 967 | 955 | -12 |
| 14 | ଜୟପୁର | 937 | 926 | -11 |
| 15 | ଖୋର୍ଦ୍ଧା | 926 | 916 | -10 |
| 16 | କନ୍ଧମାଳ | 970 | 962 | -08 |
| 17 | ଝାରସୁଗୁଡା | 949 | 943 | -06 |
| 18 | କୋରାପୁଟ | 983 | 979 | -04 |
| 19 | ଭଦ୍ରକ | 943 | 942 | -01 |
| 20 | ବାଲେଶ୍ୱର | 944 | 943 | -01 |
| 21 | ନବରଙ୍ଗପୁର | 999 | 998 | -01 |
| 22 | ବରଗଡ | 957 | 957 | 00 |
| 23 | ପୁରୀ | 931 | 932 | 1 |
| 24 | ଗଜପତି | 964 | 967 | 3 |
| 25 | ଜଗତସିଂପୁର | 926 | 929 | 3 |
| 26 | ମୟୁରଭଞ୍ଜ | 956 | 960 | 4 |
| 27 | କେଉଁଝର | 962 | 967 | 5 |
| 28 | ମାଲକାନାଗିରି | 982 | 992 | 10 |
| 29 | ନୂଆପଡା | 969 | 981 | 12 |
| 30 | ବୌଦ୍ଧ | 966 | 978 | 12 |

*(ଉତ୍ସ-ରାଜ୍ୟ ଉପଯୁକ୍ତ ପ୍ରାଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ସୂଚନା)*

## *ପରିଶିଷ୍ଟ 3.5.1*

## *(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.5 ପୃଷ୍ଠା 99)*

### ମାର୍ଚ୍ଚ 2013 ସୁଦ୍ଧା ଜାରି କରାଯାଇଥିବା କିନ୍ତୁ ଜୁନ୍ 2013 ସୁଦ୍ଧା ମୀମାଂସା ହୋଇ ନଥିବା ନିରୀକ୍ଷଣ ରିପୋର୍ଟ / ଅନୁଚ୍ଛେଦ ଗୁଡିକର ବର୍ଷଓ୍ୱାରୀ ବିବରଣ

| ବର୍ଷ | ନିରୀକ୍ଷଣ ରିପୋର୍ଟ | ଅନୁଚ୍ଛେଦ ସଂଖ୍ୟା |
|---|---|---|
| | ମୋଟ | ମୋଟ |
| 1980-81 | 4 | 7 |
| 1981-82 | 3 | 11 |
| 1982-83 | 4 | 7 |
| 1983-84 | 6 | 18 |
| 1984-85 | 6 | 25 |
| 1985-86 | 10 | 28 |
| 1986-87 | 24 | 74 |
| 1987-88 | 25 | 60 |
| 1988-89 | 35 | 59 |
| 1989-90 | 35 | 85 |
| 1990-91 | 58 | 132 |
| 1991-92 | 111 | 273 |
| 1992-93 | 114 | 300 |
| 1993-94 | 109 | 311 |
| 1994-95 | 177 | 552 |
| 1995-96 | 221 | 642 |
| 1996-97 | 232 | 715 |
| 1997-98 | 267 | 844 |
| 1998-99 | 339 | 1055 |
| 1999-00 | 359 | 1223 |
| 2000-01 | 357 | 1230 |
| 2001-02 | 375 | 1309 |
| 2002-03 | 405 | 1525 |
| 2003-04 | 552 | 2176 |
| 2004-05 | 514 | 2113 |
| 2005-06 | 494 | 1676 |
| 2006-07 | 726 | 2949 |
| 2007-08 | 1014 | 4202 |
| 2008-09 | 1116 | 4939 |
| 2009-10 | 1212 | 5998 |
| 2010-11 | 1350 | 7873 |
| 2011-12 | 464 | 2509 |
| 2012-13 | 72 | 740 |
| ମୋଟ | **10790** | **45660** |

## *ପରିଶିଷ୍ଟ 3.5.2*
### *(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.5 ପୃଷ୍ଠା 100)*

### ମାର୍ଚ୍ଚ 2013 ସୁଦ୍ଧା ଜାରି କରାଯାଇଥିବା କିନ୍ତୁ ଜୁନ୍ 2013 ସୁଦ୍ଧା ମୀମାଂସା ହୋଇ ନଥିବା ନିରୀକ୍ଷଣ ରିପୋର୍ଟ / ଅନୁଚ୍ଛେଦ ଗୁଡିକର ବିବରଣ

| କ୍ର.ସଂ | ବିଭାଗର ନାମ | ଜୁନ୍ 2013 ସୁଦ୍ଧା ମୀମାଂସା ହୋଇନଥିବା ରିପୋର୍ଟ | | 10 ବର୍ଷରୁ ଅଧିକ କାଳ ମୀମାଂସା ହୋଇନଥିବା ରିପୋର୍ଟ | | ପ୍ରଥମ ଜବାବ ମିଳି ନଥିବା |
|---|---|---|---|---|---|---|
| | | ରିପୋର୍ଟ ସଂଖ୍ୟା | ପାରା ସଂଖ୍ୟା | ରିପୋର୍ଟ ସଂଖ୍ୟା | ପାରା ସଂଖ୍ୟା | ରିପୋର୍ଟ ସଂଖ୍ୟା |
| 1 | ସଂସ୍କୃତି | 29 | 98 | 9 | 24 | 0 |
| 2 | ଅର୍ଥ | 22 | 51 | 4 | 4 | 2 |
| 3 | ଖାଦ୍ୟ ଯୋଗାଣ ଓ ଖାଉଟି ସୁରକ୍ଷା | 154 | 423 | 6 | 6 | 47 |
| 4 | ସାଧାରଣ ପ୍ରଶାସନ | 11 | 29 | 3 | 11 | 0 |
| 5 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 1372 | 4251 | 538 | 1527 | 413 |
| 6 | ଉଚ୍ଚ ଶିକ୍ଷା | 291 | 1171 | 68 | 147 | 99 |
| 7 | ଗୃହ | 122 | 305 | 18 | 31 | 7 |
| 8 | ଗୃହ ଓ ନଗର ଉନ୍ନୟନ | 323 | 3883 | 38 | 470 | 190 |
| 9 | ସୂଚନା ଓ ଲୋକ ସଂପର୍କ | 69 | 206 | 18 | 34 | 20 |
| 10 | ସୂଚନା ପ୍ରଯୁକ୍ତି ବିଦ୍ୟା | 10 | 84 | 2 | 9 | 1 |
| 11 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | 33 | 132 | 0 | 0 | 0 |
| 12 | ଆଇନ୍ | 108 | 289 | 23 | 72 | 39 |
| 13 | ପଞ୍ଚାୟତି ରାଜ | 3758 | 20179 | 1080 | 4542 | 48 |
| 14 | ସଂସଦୀୟ ବ୍ୟାପାର | 15 | 40 | 4 | 8 | 1 |
| 15 | ଯୋଜନା ଓ ସମନ୍ୱୟ | 62 | 225 | 6 | 25 | 26 |
| 16 | ସରକାରୀ ଉଦ୍ୟୋଗ | 2 | 6 | 0 | 0 | 0 |
| 17 | ସାଧାରଣ ଅଭିଯୋଗ ଓ ପେନସନ୍ | 2 | 3 | 0 | 0 | 2 |
| 18 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 1821 | 4681 | 553 | 1196 | 355 |
| 19 | ଗ୍ରାମ୍ୟ ଉନ୍ନୟନ | 432 | 1572 | 94 | 134 | 62 |
| 20 | ବିଦ୍ୟାଳୟ ଓ ଗଣଶିକ୍ଷା | 935 | 2973 | 262 | 652 | 249 |
| 21 | ବିଜ୍ଞାନ ଓ ବୈଷୟିକ | 14 | 85 | 6 | 19 | 6 |
| 22 | ଆଦିବାସୀ ଓ ହରିଜନ ଉନ୍ନୟନ | 372 | 1756 | 106 | 203 | 54 |
| 23 | କ୍ରୀଡା ଓ ଯୁବ ସେବା | 36 | 119 | 16 | 50 | 36 |
| 24 | ମହିଳା ଓ ଶିଶୁ କଲ୍ୟାଣ ବିଭାଗ | 797 | 3099 | 421 | 1320 | 273 |
| | **ମୋଟ** | **10790** | **45660** | **3275** | **10484** | **1930** |

## ପରିଶିଷ୍ଟ 3.5.3

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.5 ପୃଷ୍ଠା 100)

## ନିରୀକ୍ଷଣ ରିପୋର୍ଟରେ ଦର୍ଶାଯାଇଥିବା ଗୁରୁତର ଅନିୟମିତତାର ବିବରଣ

| କ୍ର.ସଂ. | ଆପତ୍ତି ଗୁଡିକର ନାମ | ଅନୁଚ୍ଛେଦ ସଂଖ୍ୟା | ପରିମାଣ ( କୋଟି ଟଙ୍କାରେ) |
|---|---|---|---|
| | (କ) ନିୟମ କାନୁନ୍ ଅନୁପାଳନ ନ କରିବା | | |
| 1. | ନିଷ୍ଫଳ/ ଅଫଳଦାୟୀ/ ଏଡାଯାଇ ପାରୁଥିବା ବ୍ୟୟ/ ଅତିରିକ୍ତ ଦାୟିତ୍ୱ ଅଧିକ ଖର୍ଚ୍ଚ | 658 | 621.13 |
| 2. | ଅଗ୍ରାହ୍ୟ/ଅନିୟମିତ ଅର୍ଥ ପ୍ରଦାନ | 191 | 163.40 |
| 3. | ଅଗ୍ରୀମ ପ୍ରଦାନ/ଅଗ୍ରୀମର କମ ଅସୁଲ ହେବା | 185 | 1908.96 |
| | **ମୋଟ (କ)** | **1034** | **2693.49** |
| | (ଖ) ଔଚିତ୍ୟ / ଅଯଥା ଖର୍ଚ୍ଚର ସମୀକ୍ଷା | | |
| 4. | ଫାର୍ମ ଓ ଠିକାଦାରମାନଙ୍କୁ ଅଧିକ ଦେୟ ପ୍ରଦାନ | 71 | 33.24 |
| 5. | କ୍ଷତି/ଆତ୍ମସ ଓ ଭଣ୍ଡାର ଦ୍ରବ୍ୟର କମତି | 127 | 138.07 |
| 6. | ଅନଧିକାର ବ୍ୟୟ/ ଖର୍ଚ୍ଚ | 75 | 160.76 |
| 7. | ଠିକାଦାର/ ଫାର୍ମମାନଙ୍କୁ ଅନୁଚିତ୍ ଆର୍ଥିକ ସହାୟତା | 67 | 95.71 |
| | **ମୋଟ (ଖ)** | **340** | **427.78** |
| | (ଗ) ଲଗାତାର ଭାବେ ବ୍ୟାପକ ଅନିୟମିତତା | | |
| 8. | ନିରର୍ଥକ ଭଣ୍ଡାର/ଉଦବୃତ୍ତ/କାର୍ଯ୍ୟକ୍ଷମ ହୋଇପାରୁନଥିବା ଭଣ୍ଡାର/ସରକାରୀ ପାଣ୍ଠି ଅବରୁଦ୍ଧ ହେବା | 181 | 209.63 |
| 9. | ବିନିଯୋଗ ପର୍ମାଣପତ୍ର ଉପସ୍ଥାପନ ନ ହେବା | 19 | 272.20 |
| 10. | ସିଭିଲ ଡିପୋଜିଟରେ ଥିବା ଅର୍ଥ | 14 | 5.40 |
| 11. | ବିତରଣ ହୋଇପାରିନଥିବା ପାଣ୍ଠିକୁ ପାଖରେ ରଖିବା | 186 | 67.01 |
| 12. | ଗୋଦାମ ଭଡା /ଜୋରିମାନା | 29 | 16.06 |
| 13. | ମିଶ୍ରିତ ସନ୍ଦେହଜନକ ଖର୍ଚ୍ଚ/ଭାଉଚର ପ୍ରଦାନ ନ କରିବା/ଅଧିକ ଅର୍ଥ ଉଠାଣ ଇତ୍ୟାଦି | 70 | 330.75 |
| 14. | ଟିକଟ ଲଗା ଭାଉଚର/ ସ୍ୱୀକୃତି ପତ୍ର ନ ଥିବା | 2 | 0.05 |
| 15. | ଋଣ/ ଅଗ୍ରୀମ ଆଦାୟ ନ ହେବା | 20 | 105.84 |
| 16. | ସରକାରୀ ଦେୟ କମ ଆଦାୟ/ ମୋଟ ଆଦାୟ ନ ହେବା | 450 | 734.59 |
| | **ମୋଟ (ଗ)** | **971** | **1741.53** |
| | (ଘ) ଅନବଧାନତା ଓ ଶାସନ କ୍ଷମତାର ଅସଫଳତା | | |
| 17. | ଅନିୟମିତ କ୍ରୟ/ ଷ୍ଟକ ଖାତାକୁ ନ ନେବା/ ବିଭିନ୍ନ ଦ୍ରବ୍ୟର ମୂଲ୍ୟକୁ ସମାୟୋଜନ ନ କରିବା | 27 | 1.56 |
| 18. | ଫାର୍ମ ଓ ଠିକାଦାରମାନଙ୍କ ଠାରୁ ଦେୟ ଭରଣା ଅସୁଲ ନ କରିବା | 63 | 362.67 |
| 19. | ବିଭାଗୀୟ ଯନ୍ତ୍ରପାତିର ପୂର୍ଣ୍ଣ ଉପଯୋଗ ନ କରିବା | 151 | 11.40 |
| | **ମୋଟ (ଘ)** | **241** | **375.63** |
| | **ସର୍ବମୋଟ(କ)+(ଖ)+(ଗ)+(ଘ)** | **2586** | **5238.43** |

## *ପରିଶିଷ୍ଟ 3.5.4*

### *(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.5.1 ଏବଂ 3.5.3.3 ପୃଷ୍ଠା 101 ଏବଂ 105)*

**ସମୀକ୍ଷା / କାର୍ଯ୍ୟ ସଂପାଦନ ଅନୁଚ୍ଛେଦ ସହ 30 ସେପ୍ଟେମ୍ବର 2013 ସୁଦ୍ଧା ଅଡିଟ୍ ରିପୋର୍ଟ ଗୁଡିକରେ ସାମିଲ୍ କରାଯାଇଥିବା ଅଡିଟ୍ ଅନୁଚ୍ଛେଦର ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଦାନ କରି ନଥିବା ବିଭାଗଓ୍ୱାରୀ ବ୍ୟାଖ୍ୟା**

| କ୍ର.ସଂ. | ବିଭାଗର ନାମ | 2000-01 | 2001-02 | 2002-03 | 2003-04 | 2004-05 | 2005-06 | 2006-07 | 2007-08 | 2008-09 | 2009-10 | 2010-11 | 2011-12 | ମୋଟ ସଂଖ୍ୟାରେ |
|---|---|---|---|---|---|---|---|---|---|---|---|---|---|---|
| 1 | ଉଚ୍ଚ ଶିକ୍ଷା | 3.16 | 3.8 | - | - | - | - | - | - | - | 3.4.2.1<br>2.4<br>(ଆର) | - | - | 03<br>ଆର -01 |
| 2 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | - | - | | *3.3*<br>*(ଆର)* | - | - | - | - | - | - | - | 3.2<br>3.3 | 02 |
| 3 | ଗୃହ ଓ ନଗର ଉନ୍ନୟନ | - | - | - | - | - | - | - | 3.3<br>(ଆର) | 3.1.3<br>3.2.2<br>8.8<br>ଆରଆର | 3.2.2<br>3.2.4 | 2.3<br>(ଆର)<br>3.8 | - | 06<br>ଆର -02 |
| 4 | ଆଦିବାସୀ ଓ ହରିଜନ ଉନ୍ନୟନ | - | - | - | - | - | - | - | - | - | - | 3.11 | 3.4 | 02 |
| 5 | ଯୋଜନା ଓ ସମନ୍ୱୟ ବିଭାଗ | - | - | - | 3.3<br>(ଆର) | - | - | କେବିକେ<br>(ଆର)<br>(ଏସଏ) | - | - | - | - | 2.2 (ଆର)<br>ବୌଦ୍ଧ (ଏସଏ) | ଆର -04 |
| 6 | ଗ୍ରାମ୍ୟ ଉନ୍ନୟନ | - | - | - | *3.3*<br>*(ଆର)* | - | - | - | - | - | - | 3.2 | - | 01 |
| 7 | ସଂସ୍କୃତି | - | - | - | - | - | - | - | - | | - | 3.13 | - | 01 |
| 8 | ଅର୍ଥ | - | - | - | - | - | - | | - | - | - | 8.2<br>(ଆର)<br>ଆର<br>ଆର | | ଆର -01 |
| 9 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | - | - | - | - | 3.1<br>(ଆର) | - | - | .- | - | - | - | 3.5 | 01<br>ଆର -01 |

| କ୍ର.ସଂ. | ବିଭାଗର ନାମ | 2000-01 | 2001-02 | 2002-03 | 2003-04 | 2004-05 | 2005-06 | 2006-07 | 2007-08 | 2008-09 | 2009-10 | 2010-11 | 2011-12 | ମୋଟ ସଂଖ୍ୟାରେ |
|---|---|---|---|---|---|---|---|---|---|---|---|---|---|---|
| 10 | ସାଧାରଣ ପ୍ରଶାସନ | - | - | - | - | - | | - | - | - | - | - | 2.1(ଆର) | ଆର -01 |
| 11 | ପଞ୍ଚାୟତି ରାଜ | - | - | - | *3.3 (ଆର)* | - | - | - | - | - | - | - | 2.2(ଆର)<br>2.3(ଆର)<br>2.4(ଆର) | R-03 |
| 12 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | - | - | - | - | - | - | - | - | - | - | | 4.3.1.1 (ଆରଆର)<br>4.3.1.2 (ଆରଆର)<br>4.3.2(ଆରଆର)<br>4.3.3(ଆରଆର)<br>4.3.4(ଆରଆର) | 05 |
| 13 | ବିଦ୍ୟାଳୟ ଓ ଗଣଶିକ୍ଷା | - | - | - | *3.3 (ଆର)* | - | - | - | - | - | - | - | - | - |
| | **ମୋଟ** | **01** | **01** | | ***ଆର - 01*** | ***ଆର- 01*** | | ***ଆର - 01*** | ***ଆର - 01*** | **03** | **03 *ଆର -* 01** | **04 *ଆର -* 02** | **09 *ଆର -06*** | **21 *ଆର -13*** |

ଆର –ସମ୍ପାଦନ ସମୀକ୍ଷା; ଆରଆର –ରାଜସ୍ୱ ପ୍ରାପ୍ତି; ସିଓଏମଏଲ.- ବିଣିଜ୍ୟିକ; ଏସଏ-ଷ୍ଟାଣ୍ଡ ଏଲୋନ

**2003-04 ବର୍ଷ ସିଏଜି ରିପୋର୍ଟ(ସିଭିଲ)ର ଅନୁଚ୍ଛେଦ 3.3 ଯାହା ପାଞ୍ଚଟି ବିଭାଗ ଯଥା- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଯୋଜନା ଓ ସମନ୍ୱୟ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ ସମ୍ପର୍କ ଅଛି କିନ୍ତୁ ପ୍ରଧାନ ବିଭାଗ ଭାବରେ ଅନୁପାଳନ ବିବୃତ୍ତି ପ୍ରଦାନ ପାଇଁ ଯୋଜନା ଏବଂ ସମନ୍ୱୟ ବିଭାଗ ଦାୟୀ ରହିବେ ।**

## *ପରିଶିଷ୍ଟ 3.5.5*

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.5.2 ଏବଂ 3.5.3.3 ପୃଷ୍ଠା 102 ଏବଂ 105)*

**30 ସେପ୍ଟେମ୍ବର 2013 ରେ ପିଏସି ସୁପାରିଶ (10ତମ ବିଧାନ ସଭା ଠାରୁ 14ତମ ବିଧାନ ସଭା) ଉପରେ କାର୍ଯ୍ୟାନୁଷ୍ଠାନ ବିବୃତ୍ତି (ଏଟିଏନ) ର ବିଭାଗୱାରୀ ସ୍ଥିତି**

(ସୁପାରିଶ ଏବଂ ଏଟିଏନ୍ ସଂଖ୍ୟାରେ)

| କ୍ର.ସଂ | ବିଭାଗର ନାମ | 10ତମ ବିଧାନସଭା (1990-1995) | | 11ତମ ବିଧାନସଭା (1995-2000) | | 12ତମ ବିଧାନସଭା (2000-2004) | | 13ତମ ବିଧାନସଭା (2004-2009) | | 14ତମ ବିଧାନସଭା (2009-2014) | | ମୋଟ | | |
|---|---|---|---|---|---|---|---|---|---|---|---|---|---|---|
| | | ମୋଟ ସୁପାରିଶ | ଏଟିଏନ୍ ପ୍ରାପ୍ତ ହୋଇଥିବା | ମୋଟ ସୁପାରିଶ | ଏଟିଏନ୍ ପ୍ରାପ୍ତ ହୋଇଥିବା | ମୋଟ ସୁପାରିଶ | ଏଟିଏନ୍ ପ୍ରାପ୍ତ ହୋଇଥିବା | ମୋଟ ସୁପାରିଶ | ଏଟିଏନ୍ ପ୍ରାପ୍ତ ହୋଇଥିବା | ମୋଟ ସୁପାରିଶ | ଏଟିଏନ୍ ପ୍ରାପ୍ତ ହୋଇଥିବା | ମୋଟ ସୁପାରିଶ | ଏଟିଏନ୍ ପ୍ରାପ୍ତ ହୋଇଥିବା | ଏଟିଏନ୍ ପ୍ରାପ୍ତ ହୋଇନଥିବା ସୁପାରିଶ |
| 1 | ଅର୍ଥ | ନାହିଁ | ନାହିଁ | 4 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 4 | ନାହିଁ | 4 |
| 2 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ନାହିଁ | ନାହିଁ | ନାହିଁ | ନାହିଁ | 23 | ନାହିଁ | 17 | ନାହିଁ | ନାହିଁ | ନାହିଁ | 40 | ନାହିଁ | 40 |
| 3 | ସାଧାରଣ ପ୍ରଶାସନ | 13 | ନାହିଁ | 5 | ନାହିଁ | ନାହିଁ | ନାହିଁ | 7 | ନାହିଁ | ନାହିଁ | ନାହିଁ | 25 | ନାହିଁ | 25 |
| 4 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 23 | ନାହିଁ | 35 | 9 | 11 | ନାହିଁ | 17 | ନାହିଁ | ନାହିଁ | ନାହିଁ | 86 | 9 | 77 |
| 5 | ଉଚ୍ଚ ଶିକ୍ଷା | 20 | 1 | 5 | ନାହିଁ | 11 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 36 | 1 | 35 |
| 6 | ଗୃହ | 8 | ନାହିଁ | 23 | ନାହିଁ | 13 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 44 | ନାହିଁ | 44 |
| 7 | ଗୃହ ନିର୍ମାଣ ଓ ପୌର ଉନ୍ନୟନ | 30 | 1 | 28 | ନାହିଁ | 5 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 81 | 1 | 80 |
| 8 | ସୂଚନା ଓ ଲୋକ ସଂପର୍କ | 2 | ନାହିଁ | 7 | ନାହିଁ | Nil | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 9 | ନାହିଁ | 9 |
| 9 | ଶ୍ରମ ଓ ନିଯୁକ୍ତି | ନାହିଁ | ନାହିଁ | ନାହିଁ | ନାହିଁ | 15 | ନାହିଁ | 1 | ନାହିଁ | ନାହିଁ | ନାହିଁ | 16 | ନାହିଁ | 16 |
| 10 | ଆଇନ୍ | 5 | ନାହିଁ | 6 | 1 | ନାହିଁ | ନାହିଁ | 18 | 5 | ନାହିଁ | ନାହିଁ | 29 | 6 | 23 |
| 11 | ପଞ୍ଚାୟତି ରାଜ | 4 | ନାହିଁ | 1 | ନାହିଁ | 2 | ନାହିଁ | 2 | ନାହିଁ | 4 | 4 | 13 | 4 | 9 |
| 12 | ଯୋଜନା ଓ ସମନ୍ୱୟ | 9 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 9 | ନାହିଁ | 9 |

| କ୍ର.ସଂ | ବିଭାଗର ନାମ | 10ତମ ବିଧାନସଭା (1990-1995) | | 11ତମ ବିଧାନସଭା (1995-2000) | | 12ତମ ବିଧାନସଭା (2000-2004) | | 13ତମ ବିଧାନସଭା (2004-2009) | | 14ତମ ବିଧାନସଭା (2009-2014) | | ମୋଟ | | |
|---|---|---|---|---|---|---|---|---|---|---|---|---|---|---|
| | | ମୋଟ ଅନୁଚ୍ଛେଦ | ଆଲୋଚିତ ହୋଇଥିବା ଅନୁଚ୍ଛେଦ | ମୋଟ ଅନୁଚ୍ଛେଦ | ଆଲୋଚିତ ହୋଇଥିବା ଅନୁଚ୍ଛେଦ | ମୋଟ ଅନୁଚ୍ଛେଦ | ଆଲୋଚିତ ହୋଇଥିବା ଅନୁଚ୍ଛେଦ | ମୋଟ ଅନୁଚ୍ଛେଦ | ଆଲୋଚିତ ହୋଇଥିବା ଅନୁଚ୍ଛେଦ | ମୋଟ ଅନୁଚ୍ଛେଦ | ଆଲୋଚିତ ହୋଇଥିବା ଅନୁଚ୍ଛେଦ | ମୋଟ ଅନୁଚ୍ଛେଦ | ଆଲୋଚିତ ହୋଇଥିବା ଅନୁଚ୍ଛେଦ | ଆଲୋଚିତ ହୋଇ ନ ଥିବା ଅନୁଚ୍ଛେଦ |
| 13 | ସରକାରୀ ଉଦ୍ୟୋଗ | ନାହିଁ | ନାହିଁ | ନାହିଁ | ନାହିଁ | 3 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 3 | ନାହିଁ | 3 |
| 14 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 10 | ନାହିଁ | 18 | 1 | ନାହିଁ | ନାହିଁ | 11 | ନାହିଁ | ନାହିଁ | ନାହିଁ | 39 | 1 | 38 |
| 15 | ଗ୍ରାମ୍ୟ ଉନ୍ନୟନ | 58 | 17 | 19 | 5 | ନାହିଁ | ନାହିଁ | 16 | 7 | ନାହିଁ | ନାହିଁ | 93 | 29 | 64 |
| 16 | ଅ.ଜ. ଓ ଅ.ଜା. ଉନ୍ନୟନ ଏବଂ ସଂ.ସ. କଲ୍ୟାଣ | ନାହିଁ | ନାହିଁ | 8 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 8 | ନାହିଁ | 8 |
| 17 | ବିଦ୍ୟାଳୟ ଓ ଗଣଶିକ୍ଷା | 25 | ନାହିଁ | 4 | ନାହିଁ | 16 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 45 | ନାହିଁ | 45 |
| 18 | ବିଜ୍ଞାନ ଓ ପ୍ରଯୁକ୍ତି | ନାହିଁ | ନାହିଁ | 7 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 7 | ନାହିଁ | 7 |
| 19 | କ୍ରୀଡା ଓ ସଂସ୍କୃତି | ନାହିଁ | ନାହିଁ | 5 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 5 | ନାହିଁ | 5 |
| 20 | ମହିଳା ଓ ଶିଶୁ ବିକାଶ | 33 | ନାହିଁ | 1 | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ | 34 | ନାହିଁ | 34 |
| ମୋଟ | | **240** | **19** | **176** | **16** | **99** | **0** | **107** | **12** | **4** | **4** | **626** | **51** | **575** |

*(ଉତ୍ସ: ମହାଲେଖାକାର(ସାଧାରଣ ଓ ସାମାଜିକ କ୍ଷେତ୍ର), ଓଡିଶାଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ତଥ୍ୟ)*

## *ପରିଶିଷ୍ଟ 3.5.6*
*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.5.3.2 ପୃଷ୍ଠା 103)*

### ଟିସି ବୈଠକରେ ମୀମାଂସା ହୋଇଥିବା ଆଇ ଆର/ ଅନୁଚ୍ଛେଦର ବିବରଣ

| କ୍ର.ସଂ. | ବିଭାଗର ନାମ | 2012-13 ବର୍ଷରେ ହୋଇଥିବା ଟିସି ବୈଠକ ସଂଖ୍ୟା | ଟିସି ବୈଠକରେ ମୀମାଂସା ହୋଇଥିବା ଆଇଆର ସଂଖ୍ୟା | ଟିସି ବୈଠକରେ ମୀମାଂସା ହୋଇଥିବା ଅନୁଚ୍ଛେଦ ସଂଖ୍ୟା |
|---|---|---|---|---|
| 1 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 2 | 51 | 178 |
| 2 | ଉଚ୍ଚ ଶିକ୍ଷା | 3 | 3 | 14 |
| 3 | ଗୃହ | 10 | 50 | 172 |
| 4 | ପଞ୍ଚାୟତି ରାଜ | 3 | 32 | 354 |
| 5 | ଗ୍ରାମ୍ୟ ଉନ୍ନୟନ | 2 | 1 | 4 |
| 6 | ବିଦ୍ୟାଳୟ ଓ ଗଣଶିକ୍ଷା | 2 | 12 | 83 |
| ମୋଟ | | **22** | **149** | **805** |

## ପରିଶିଷ୍ଟ 3.5.7

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.5.3.2 ପୃଷ୍ଠା 103)

### ଟିସି ବୈଠକ ଆୟୋଜନ କରି ନଥିବା ଏବଂ ଆଇଆର/ ଅନୁଚ୍ଛେଦ ଅମୀମାଂସା ହୋଇ ରହିଥିବା ବିଭାଗର ବିବରଣ

| କ୍ର.ସଂ. | ବିଭାଗର ନାମ | ମୀମାଂସାର ପ୍ରତୀକ୍ଷାରେ ଥିବା ରିପୋର୍ଟ (ଜୁନ୍ 2013 ପର୍ଯ୍ୟନ୍ତ) | |
|---|---|---|---|
| | | ରିପୋର୍ଟ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା |
| 1 | ସଂସ୍କୃତି | 29 | 98 |
| 2 | ଅର୍ଥ | 22 | 51 |
| 3 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | 154 | 423 |
| 4 | ସାଧାରଣ ପ୍ରଶାସନ | 11 | 29 |
| 5 | ଗୃହ ନିର୍ମାଣ ଓ ପୌର ଉନ୍ନୟନ | 323 | 3883 |
| 6 | ସୂଚନା ଓ ଲୋକ ସଂପର୍କ | 69 | 206 |
| 7 | ସୂଚନା ଓ ପ୍ରଯୁକ୍ତି | 10 | 84 |
| 8 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | 33 | 132 |
| 9 | ଆଇନ୍ | 108 | 289 |
| 10 | ସଂସଦୀୟ ବ୍ୟାପାର | 15 | 40 |
| 11 | ଯୋଜନା ଓ ସମନ୍ୱୟ ବିଭାଗ | 62 | 225 |
| 12 | ସରକାରୀ ଉଦ୍ୟୋଗ | 2 | 6 |
| 13 | ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ | 2 | 3 |
| 14 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 1821 | 4681 |
| 15 | ବିଜ୍ଞାନ ଓ ପ୍ରଯୁକ୍ତି | 14 | 85 |
| 16 | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ | 372 | 1756 |
| 17 | କ୍ରୀଡା ଓ ଯୁବ ସେବା | 36 | 119 |
| 18 | ମହିଳା ଓ ଶିଶୁ କଲ୍ୟାଣ ବିଭାଗ | 797 | 3099 |
| | **ମୋଟ** | **3880** | **15209** |

## ସଂକ୍ଷେପଣର ଶବ୍ଦକୋଷ

| | |
|---|---|
| ଏଏ | ଆପ୍ରୋପ୍ରିଏଟ ଅଥରିଟୀ |
| ଏଡିଏମଓ-ଏଫ୍‌ଡବ୍ଲୁ | ଆଡସିନାଲ ଡିଷ୍ଟ୍ରିକ୍ଟ ମେଡିକାଲ ଅଫିସର(ଫ୍ୟାମିଲି ୱେଲଫେୟାର) |
| ଏଏମ୍‌ସି | ଆନୁଆଲ ମେଣ୍ଟେନାନ୍ସ କଣ୍ଟ୍ରାକ୍ଟ |
| ଏଆଇସିଟିଇ | ଅଲ ଇଣ୍ଡିଆ କାଉନସିଲ୍ ଫର୍ ଟେକନିକାଲ୍ ଏଜୁକେସନ୍ |
| ଏଏସ୍‌ଏଚଏ | ଆକ୍ରିଡିଟେଡ୍ ସୋସିଆଲ ହେଲ୍‌ଥ ଆକ୍ଟିଭିଷ୍ଟ |
| ଏଟିଏନସ୍ | ଆକ୍ସନ ଟେକନ୍ ନୋଟ୍‌ସ |
| ଏଡବ୍ଲୁଡବ୍ଲୁ | ଅଙ୍ଗନୱାଡି ୱାର୍କର୍ସ |
| ଏକ୍ୟୁଏ | ଆନାଲିସିସ୍ ଆଣ୍ଡ କ୍ୱାଲିଟୀ ଆସୁରାନ୍ସ |
| ବିଡିଓ | ବ୍ଲକ୍ ଡେଭ୍‌ଲପମେଣ୍ଟ ଅଫିସର୍ସ |
| ବିଇଏମସି | ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନ |
| ବିପିଏଲ୍ | ବିଲୋ ପୋଭର୍ଟି ଲାଇନ୍ |
| ବିୟୁ | ବ୍ରହ୍ମପୁର ୟୁନିଭରସିଟି |
| ସିସି | କୋର୍ସ କୋର୍ଡିନେଟର |
| ସିସିଡି | କନ୍‌ଜରଭେସନ-କମ୍-ଡେଭ୍‌ଲପମେଣ୍ଟ ପ୍ଲାନ୍ |
| ସିଡିଏମଓ | ଚିଫ୍ ଡିଷ୍ଟ୍ରିକ୍ଟ ମେଡିକାଲ ଅଫିସର |
| ସିଡିଭିଓସ୍ | ଚିଫ୍ ଡିଷ୍ଟ୍ରିକ୍ଟ ଭେଟେରିନାରି ଅଫିସର୍ସ |
| ସିଇଓ | ଚିଫ୍ ଏକଜିକ୍ୟୁଟିଭ୍ ଅଫିସର |
| ସିଏମଆରଏଫ୍ | ଚିଫ୍ ମିନିଷ୍ଟରସ୍ ରିଲିଫ୍ ଫଣ୍ଡ |
| ସିଓପିୟୁ | କମିଟି ଅନ୍ ପବ୍ଲିକ୍ ଅଣ୍ଡରଟେକିଙ୍ଗସ |
| ସିଆରଏଫ୍ | କାଲାମିଟି ରିଲିଫ୍ ଫଣ୍ଡ |
| ସିଏସବି | ସେଣ୍ଟ୍ରାଲ୍ ସୁପରଭାଇଜରି ବୋର୍ଡ |
| ସିଏସଓ | ସିଭିଲ୍ ସପ୍ଲାଏ ଅଫିସର |
| ଡିଏଏସ୍ | ଡିଷ୍ଟ୍ରିକ୍ଟ ଆପ୍ରୋପ୍ରିଏଟ୍ ଅଥରିଟୀଜ୍ |
| ଡିଏସିସ୍ | ଡିଷ୍ଟ୍ରିକ୍ଟ ଆଡଭାଇଜରି କମିଟିଜ୍ |
| ଡିଡିଏମଏସ୍ | ଡିଷ୍ଟ୍ରିକ୍ଟ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟୀଜ୍ |
| ଡିଡିଏମଏଫ୍ | ଡିଷ୍ଟ୍ରିକ୍ଟ ଡିଜାଷ୍ଟର ମିଟିଗେସନ୍ ଫଣ୍ଡ |
| ଡିଇଓସି | ଡିଷ୍ଟ୍ରିକ୍ଟ ଏମର୍ଜେନସି ଅପରେସନ ସେଣ୍ଟର |
| ଡିକେଡିଏ | ଡାଙ୍ଗରିଆ କନ୍ଧ ଡେଭ୍‌ଲପ୍‌ମେଣ୍ଟ ଏଜେନ୍‌ସୀ |
| ଡିଏଲଟିଏଫସି | ଡିଷ୍ଟ୍ରିକ୍ଟ ଲେଭଲ ଟ୍ୟାକ୍ସ ଫୋର୍ସ କମିଟୀ |
| ଡିଏମ୍ | ଡିଜାଷ୍ଟର ମ୍ୟାନେଜମେଣ୍ଟ |
| ଡିଏମ୍‌ସିସ୍ | ଡିପାର୍ଟମେଣ୍ଟ ମନିଟରିଂ କମିଟିସ |
| ଡିପିଆର୍ | ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ |
| ଡକ୍ଟର. ଏଏଚ ଆଣ୍ଡ ଭିଏସ୍ | ଡାଇରେକ୍ଟର, ଆନିମଲ ହଜବାଣ୍ଡରି ଆଣ୍ଡ ଭେଟେରିନାରି ସର୍ଭିସ୍ |
| ଇଏପି | ଏମର୍ଜେନସି ଆକ୍ସନ ପ୍ଲାନ୍ |

| | |
|---|---|
| ଇଇ | ଏକଜିକ୍ୟୁଟିଭ୍ ଇଞ୍ଜିନିୟର |
| ଏଫ୍ଏସସି | ଫି ଷ୍ଟ୍ରକ୍ଚର୍ କମିଟୀ |
| ଏଫଏସ ଆଣ୍ଡ ସିଡବ୍ଲୁ | ଫୁଡ୍ ସପ୍ଲାଇଜ୍ ଆଣ୍ଡ କନଜୁମର୍ ଓ୍ୱେଲ୍ଫେୟାର |
| ଜିବି | ଗଭର୍ଣ୍ଣିଙ୍ଗ୍ ବଡି |
| ଜିଓଆଇ | ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ |
| ଜିଓଓ | ଗଭର୍ଣ୍ଣମେଣ୍ଟ ଅଫ୍ ଓଡିଶା |
| ଜିପିସ୍ | ଗ୍ରାମ ପଞ୍ଚାୟତସ |
| ଜିଆର୍ | ଗ୍ରାଚୁଇଟସ୍ ରିଲିଫ୍ |
| ଏଚ୍ ଆଣ୍ଡ ଏଫ୍ଡବ୍ଲୁ | ହେଲ୍ଥ ଆଣ୍ଡ ଫ୍ୟାମିଲି ଓ୍ୱେଲଫେୟାର |
| ଏଚବିଏ | ହାଉସ୍ ବିଲ୍ଡିଙ୍ଗ୍ ଆସିଷ୍ଟାନ୍ସ |
| ଏଚଇ | ହାଇହର ଏଜୁକେସନ୍ |
| ଏଚଏଚ | ହାଉସହୋଲ୍ଡସ |
| ଆଇସିଟି | ଇନଫର୍ମେସନ୍ ଆଣ୍ଡ କମ୍ୟୁନିକେସନ୍ ଟେକ୍ନୋଲୋଜିସ୍ |
| ଆଇଜି | ଇନକମ୍ ଜେନେରେସନ |
| ଆଇଏମ୍ଡି | ଇଣ୍ଡିଆନ୍ ମେଟିଓରୋଲୋଜିକାଲ ଡିପାର୍ଟମେଣ୍ଟ |
| ଆଇଆରସ୍ | ଇନସ୍ପେକ୍ସନ ରିପୋର୍ଟସ୍ |
| ଆଇଟିସି | ଇଣ୍ଡଷ୍ଟ୍ରିଆଲ ଟ୍ରେନିଙ୍ଗ୍ ସେଣ୍ଟର୍ |
| ଆଇଟିଡିଏ | ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ୍ ଡେଭ୍ଲପ୍ମେଣ୍ଟ ଏଜେନ୍ସୀ |
| ଆଇଟିଆଇ | ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ |
| ଏଲଏସି | ଲିଭ୍ ଷ୍ଟକ୍ ଏଡ୍ ସେଣ୍ଟର |
| ଏଲଇସି | ଲୋକାଲ୍ ଇନକ୍ୱାରି କମିଟୀ |
| ଏଲଆଇପିସ୍ | ଲିଫ୍ଟ ଇରିଗେସନ ପ୍ରୋଜେକ୍ଟ |
| ଏମଏଫ୍ପି | ମାଇନର୍ ଫରେଷ୍ଟ ପ୍ରଡ୍ୟୁସ୍ |
| ଏମଆଇସି | ମ୍ୟାନେଜମେଣ୍ଟ ଇନଫର୍ମେନ ସିଷ୍ଟମ |
| ଏମଓଟିଏ | ମିନିଷ୍ଟ୍ରି ଅଫ୍ ଟ୍ରାଇବାଲ୍ ଆଫେୟାର୍ସ |
| ଏମଓୟୁ | ମେମୋରାଣ୍ଡମ ଅଫ୍ ଅଣ୍ଡରଷ୍ଟାଣ୍ଡିଂ |
| ଏନଏସି | ନୋଟିଫାୟାଡ୍ ଏରିଆ କାଉନସିଲ୍ |
| ଏନପିଡିଏମ | ନେସନାଲ ପଲିସି ଅନ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ |
| ଏନଇଟି | ନେସନାଲ ଏଲିଜିବିଲିଟି ଟେଷ୍ଟ |
| ଏନଜିଓ | ନନ୍ ଗଭର୍ଣ୍ଣମେଣ୍ଟ ଅର୍ଗାନାଇଜେସନ |
| ଏନ୍ଏଚ୍ଏମ୍ | ନେସନାଲ ହର୍ଟିକଲଚର ମିଶନ |
| ଏନଆଇସି | ନେସନାଲ ଇନଫରମାଟିକ୍ସ ସେଣ୍ଟର |
| ଏନପିସିବିଏଇଆରଏମ | ନେସନାଲ୍ ପ୍ରୋଗ୍ରାମ୍ ଫର୍ କାପାସିଟି ବିଲଡିଙ୍ଗ ଅଫ୍ ଆର୍କିଟେକ୍ଟସ ଇନ୍ ଆର୍ଥକ୍ୱେକ୍ ରିସ୍କ ମ୍ୟାନେଜମେଣ୍ଟ |
| ଏନପିସିବିଇଇଆରଏମ | ନେସନାଲ୍ ପ୍ରୋଗ୍ରାମ ଫର୍ କାପାସିଟି ବିଲଡିଙ୍ଗ୍ ଅଫ୍ ଇଞ୍ଜିନିୟରସ ଇନ୍ ଆର୍ଥକ୍ୱେକ୍ ରିସ୍କ ମ୍ୟାନେଜମେଣ୍ଟ |
| ଓଡିଏମ୍ | ଓଡିଶା ଡିଜାଷ୍ଟର ମ୍ୟାନେଜମେଣ୍ଟ |

| | |
|---|---|
| ଓଡିଆରଏଏଫ୍ | ଓଡିଶା ଡିଜାଷ୍ଟର ର୍ୟାପିଡ୍ ଆକ୍ସନ ଫୋର୍ସ |
| ଓଜିଏଫଆର | ଓଡିଶା ଜେନେରାଲ ଫାଇନାନ୍ସିଆଲ ରୁଲସ |
| ଓଏଲଏ | ଓଡିଶା ଲେଜିସଲେଟିଭ୍ ଆସେମ୍ବଲି |
| ଓଆରସି | ଓଡିଶା ରିଲିଫ୍ କୋଡ |
| ଓଏସଡିଏମଏ | ଓଡିଶା ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟୀ |
| ଓଟିସି | ଓଡିଶା ଟ୍ରେଜେରୀ କୋଡ |
| ଓୟୁଏଫ୍ଏସ୍ | ଓଡିଶା ୟୁନିଭରସିଟି ଫାଷ୍ଟ ଷ୍ଟାଚ୍ୟୁ |
| ପିଏସି | ପବ୍ଲିକ ଆକାଉଣ୍ଟସ କମିଟି |
| ପିଏ | ପ୍ରୋଜେକ୍ଟ ଆଡମିନିଷ୍ଟ୍ରେଟର |
| ପିବିଏସଆର | ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ ରେଗୁଲେସନ |
| ପିଏନଡିଟି | ପ୍ରି-କନସେପସନ ଆଣ୍ଡ ପ୍ରି-ନାଟାଲ ଡାଇଗୋଷ୍ଟିକ୍ ଟେକନିକ୍ସ |
| ପିଜି | ପୋଷ୍ଟ ଗ୍ରାଜୁଏଟ୍ |
| ପିଆଇପି | ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେସନ ପ୍ଲାନ୍ |
| ପିଏଲସି | ପ୍ରୋଜେକ୍ଟ ଲେଭଲ କମିଟୀ |
| ପିଓଏସ୍ଏସ୍ | ପ୍ରୋହିବିସନ ଅଫ୍ ସେକ୍ସ ସିଲେକ୍ସନ |
| ପିପିପି | ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍ |
| ପିଆରଆଇ | ପଞ୍ଚାୟତିରାଜ ଇନଷ୍ଟିଚ୍ୟୁସନ |
| ପିଟିଜିସ୍ | ପ୍ରିମିଟିଭ୍ ଟ୍ରାଇବାଲ ଗ୍ରୁପ୍ସ |
| ପିଡବ୍ଲୁଏସ୍ | ପାଇପ୍ଡ ୱାଟର ସପ୍ଲାଏ |
| ଆରଡିଏମ୍ | ରେଭେନ୍ୟୁ ଆଣ୍ଡ ଡିଜାଷ୍ଟର ମ୍ୟାନେଜମେଣ୍ଟ |
| ଆର୍ଏଫ୍ପି | ରିକ୍ୟୁଏଷ୍ଟ ଫର୍ ପ୍ରୋପୋଜାଲ୍ |
| ଆର୍ଏଫ୍ପି | ରେଫରେନ୍ସ ଫର୍ ପ୍ରୋପୋଜାଲ |
| ଆର୍ଏସବିୱାଇ | ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା |
| ଆର୍ଡବ୍ଲୁଡି | ରୁରାଲ୍ ୱାର୍କସ୍ ଡିଭିଜନ |
| ଏସ୍ଏଏ | ଷ୍ଟେଟ୍ ଆପ୍ରୋପ୍ରିଏଟ୍ ଅଥରିଟୀ |
| ଏସ୍ଏସି | ଷ୍ଟେଟ୍ ଆଡଭାଇଜରି କମିଟୀ |
| ଏସ୍ସିଏ ଟୁ ଟିଏସ୍ପି | ସ୍ପେସାଲ୍ ସେଣ୍ଟ୍ରାଲ ଆସିଷ୍ଟାନ୍ସ ଟୁ ଟ୍ରାଇବାଲ୍ ସବ୍-ପ୍ଲାନ୍ |
| ଏସ୍ଡି | ସିକ୍ୟୁରିଟି ଡିପୋଜିଟ୍ |
| ଏସ୍ଡିଏମ୍ଏ | ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟୀ |
| ଏସ୍ଡିଏମପି | ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ୍ |
| ଏସ୍ଡିଆର୍ଏଫ୍ | ଷ୍ଟେଟ୍ ଡିଜାଷ୍ଟର ରେସ୍ପନସ୍ ଫଣ୍ଡ |
| ଏସ୍ଡିଏମ୍ଏଫ୍ | ଷ୍ଟେଟ୍ ଡିଜାଷ୍ଟର ମିଟିଗେସନ ଫଣ୍ଡ |
| ଏସ୍ଇସି | ଷ୍ଟେଟ୍ ଏକଜିକ୍ୟୁଟିଭ୍ କମିଟୀ |
| ଏସ୍ଇଓସି | ଷ୍ଟେଟ୍ ଏମର୍ଜେନ୍ସି ଅପରେସନ୍ ସେଣ୍ଟର |
| ଏସ୍ଇଟି | ଷ୍ଟେଟ୍ ଏଲିଜିବିଲିଟି ଟେଷ୍ଟ |
| ଏସ୍ଏଫ୍ସିସ | ସେଲ୍ଫ ଫାଇନାନ୍ସିଙ୍ଗ୍ କୋର୍ସ |
| ଏସ୍ଜିଏସୱାଇ | ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା |

| | |
|---|---|
| ଏସ୍ଏଚଜିସ୍ | ସେଲ୍ଫ ହେଲ୍ପ ଗ୍ରୁପସ୍ |
| ଏସ୍ଆଇଓବି | ସାଇଲେଣ୍ଟ ଅବଜରଭର |
| ଏସ୍ଏଲଏମସି | ଷ୍ଟେଟ୍ ଲେଭଲ ମନିଟରିଂ କମିଟୀ |
| ଏସ୍ଏଲ୍ଏସ୍ | ସ୍କୁଲ୍ ଅଫ୍ ଲାଇଫ୍ ସାଇନ୍ସ |
| ଏସ୍ଆରସି | ସ୍ପେସାଲ୍ ରିଲିଫ୍ କମିଶନର |
| ଏସ୍ଏସବି | ଷ୍ଟେଟ୍ ସୁପରିଭାଇଜରି ବୋର୍ଡ |
| ଏସ୍ୟୁ | ସମ୍ବଲପୁର ୟୁନିଭରସିଟି |
| ଟିସିଏମ୍ | ଟ୍ରିଆଙ୍ଗୁଲାର କମିଟୀ ମିଟିଂ |
| ଟିଏନ୍ | ଟେଣ୍ଡର ନୋଟିସ୍ |
| ଟିଓଆର୍ | ଟର୍ମସ ଅଫ୍ ରେଫରେନ୍ସ |
| ଟିଏସପି | ଟ୍ରାଇବାଲ୍ ସବ୍ ପ୍ଲାନ୍ |
| ୟୁସି | ୟୁଟିଲାଇଜେସନ୍ ସାର୍ଟିଫିକେଟ୍ |
| ୟୁଜିସି | ୟୁନିଭରସିଟି ଗ୍ରାଣ୍ଟ୍ସ କମିଶନ |
| ୟୁଏଲବିସ | ଅର୍ବାନ୍ ଲୋକାଲ ବଡିଜ୍ |
| ୟୁଏମ୍ଏସ୍ | ୟୁନିଭରସିଟି ମ୍ୟାନେଜମେଣ୍ଟ ସୀଷ୍ଟମ |
| ୟୁଏନ୍ଡିପି | ୟୁନିଇଟେଡ୍ ନେସନସ ଡେଭ୍ଲପମେଣ୍ଟ ଫଣ୍ଡ |
| ୟୁଏସ୍ | ଅଲଟ୍ରାସାଉଣ୍ଡ |
| ୟୁଏସ୍ଜି | ଅଲଟ୍ରାସୋନୋଗ୍ରାଫି |
| ୟୁୟୁ | ଉତ୍କଳ ୟୁନିଭରସିଟି |
| ଭିସିସ୍ | ଭାଇସ୍ ଚାନସେଲର୍ସ |
| ଭିଡି | ଭେଟେରିନାରି ଡିସପେନସାରି |

© COMPTROLLER AND
AUDITOR GENERAL OF INDIA
www.cag.gov.in

**www.agodisha.gov.in**